ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୩/୨୦୨୨ (୧୬ ପୃଷ୍ଠା) | Bhubaneswar, Thursday, November 3/2022 | Page 16 | ₹ 7.00 | ★★★★★★
୪୮ଶ ଭାଗ ୩୩୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 337 | ମୂଲ୍ୟ ₹୭/-



**ଜନ୍ମଦିନରେ 'ପଠାନ୍' ଟିଜର ଦେଖାଇଲେ କିଙ୍ଗ୍ ଖାନ୍**
୫୭ତମ ଜନ୍ମଦିନ ଅବସରରେ ବଲିଉଡ୍ ଅଭିନେତା ଶାହରୁଖ ଖାନ୍ ନିଜ ଅପ୍‌କମିଂ ଫିଲ୍ମ 'ପଠାନ୍'ର ଟିଜର ଭିଡିଓ ଶେୟାର୍ କରିଛନ୍ତି।
୦୭

୧୬
**ବିରାଟ କୋହଲିଙ୍କ ରେକର୍ଡ**
ଟି୨୦ କ୍ରିକେଟ ବିଶ୍ୱକପ ଇତିହାସରେ ସର୍ବାଧିକ ରନ୍ ସଂଗ୍ରହ ରେକର୍ଡର ଅଧିକାରୀ ହୋଇଛନ୍ତି ଭାରତର ବିରାଟ କୋହଲି।



# ଭୁବନେଶ୍ୱରରେ ବୁଲିଲା ଦନ୍ତା

**ଭୁବନେଶ୍ୱର,(ବ୍ୟୁରୋ)/ ଖୋର୍ଦ୍ଧା ଅଫିସ/ ରଣପୁର, ୨।୧୧(ସ୍ୱ.ପ୍ର.)**

ଖୋର୍ଦ୍ଧା ରଣପୁର ଜଙ୍ଗଲରୁ ବାଟହୁଡ଼ି ରାଜଧାନୀ ଭୁବନେଶ୍ୱରକୁ ଚାଲି ଆସିଥିବା ଏକ ଦନ୍ତାହାତୀକୁ ନେଇ ସହରରେ ଆତଙ୍କ ଖେଳିଯାଇଛି। ଏପରିକି ମଙ୍ଗଳବାର ରାତିରୁ ବୁଧବାର ଦିନତମାମ ବନ ବିଭାଗକୁ ନାକେଦମ୍ ହେବାକୁ ପଡ଼ିଛି। ହାତୀକୁ ଦୁଇଥର ଟ୍ରାଙ୍କୁଲାଇଜ୍ କରାଯାଇ ରଣପୁର ଜଙ୍ଗଲରେ ଛଡ଼ାଯିବାକୁ ନିଆଯାଇଥିଲେ ମଧ୍ୟ ବିଭିନ୍ନ ସ୍ଥାନରେ ଲୋକଙ୍କ ବିରୋଧ ଯୋଗୁ ହଟହଟା ହେବାକୁ ପଡ଼ିଛି। ଫଳରେ ହାତୀକୁ ହାଇୱାରେ ଶହେ କି.ମି. ବୁଲାଇବା ପରେ ଶେଷରେ ଚନ୍ଦକା ଜଙ୍ଗଲରେ ଛଡ଼ାଯାଇଛି। ହାତିଟିକୁ ମଙ୍ଗଳବାର ଦିନରେ ପିପିଲି ଅଞ୍ଚଳରେ ଦେଖିବାକୁ ମିଳିଥିଲା। ପରେ ରାତି ପ୍ରାୟ ୧୨ଟାରେ ଧଉଳିରେ ପହଞ୍ଚିଥିଲା। ପରେ ଗ୍ୟାରେଜ ଛକଦେଇ ହାତୀଟି ଲିଙ୍ଗରାଜ ମନ୍ଦିର ସମ୍ମୁଖରେ ବୁଲାବୁଲି କରିଥିଲା। ସହର ଭିତରେ ହାତୀ ପଶିଥିବା ଜଣାପଡ଼ିବା ପରେ





ଲିଙ୍ଗରାଜ ମନ୍ଦିର ନିକଟରେ ବୁଲୁଥିବା ଦନ୍ତାହାତୀ ଏବଂ ଟ୍ରାଙ୍କୁଲାଇଜ୍ ପରେ କ୍ରେନ୍ ଯୋଗେ ହାଇୱାରେ ରଖାଯାଉଛି।

## ଟ୍ରାଙ୍କୁଲାଇଜ୍‌ଡ ହାତୀକୁ ହାଇୱାରେ ୧୦୦ କି.ମି. ନିଆଗଲା

- ବନ ବିଭାଗ ୧୨ଘଣ୍ଟା ନାକେଦମ
- ଦୁଇ ସ୍ଥାନରେ ଜଙ୍ଗଲରେ ଛାଡ଼ିବାକୁ ଦେଲେନି ଗ୍ରାମବାସୀ

ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ଖବର ପାଇ ବନ ବିଭାଗର ଅଧିକାରୀ ଓ କର୍ମଚାରୀ ପହଞ୍ଚି ଲୋକଙ୍କ ସତର୍କ କରିବା ସହ ହାତୀକୁ ସୁରକ୍ଷିତ ଭାବେ ସହର ବାହାରକୁ ନେବାକୁ ଉଦ୍ୟମ କରିଥିଲେ। ହାତୀଟି ସୁନ୍ଦରପଦା ଅଞ୍ଚଳ ଦେଇ ଆଗକୁ ବଢ଼ିଥିଲା। ବୁଧବାର ସକାଳ ପ୍ରାୟ ୬ଟାରେ ପାତ୍ରପଡ଼ାସ୍ଥିତ ଶନି ମନ୍ଦିର ପଛପାର୍ଶ୍ୱ ଜଙ୍ଗଲରେ ହାତୀଟି ଥିବାବେଳେ ବନ ବିଭାଗ ପକ୍ଷରୁ ଟ୍ରାଙ୍କୁଲାଇଜ୍ କରି ଆୟତ୍ତ କରାଯାଇଥିଲା। ସକାଳ ପ୍ରାୟ ୧୦ଟାରେ ରଣପୁର ଜଙ୍ଗଲ ନେବା ପାଇଁ ସ୍ଥିର କରାଯାଇଥିଲା। ତେଣୁ ହାତୀକୁ ପୁଣିଥରେ ଟ୍ରାଙ୍କୁଲାଇଜ୍ ☞ପୃଷ୍ଠା-୪

## ବାଂଲାଦେଶକୁ ହରାଇଲା ଭାରତ

**ଟି୨୦ ବିଶ୍ୱକପ୍**

**ଆଡିଲେଡ, ୨।୧୧**

ଟି୨୦ କ୍ରିକେଟ ବିଶ୍ୱକପର ବୁଧବାର ଅନୁଷ୍ଠିତ ଏକ ବର୍ଷା ବାଧାପ୍ରାପ୍ତ ଗ୍ରୁପ୍-୨ ସୁପର୧୨ ମ୍ୟାଚରେ ଭାରତ ଡକ୍‌ୱର୍ଥ ଲୁଇସ ନିୟମ ଅନୁସାରେ ୫ ରନରେ ବାଂଲାଦେଶକୁ ପରାସ୍ତ କରିଛି। ଏଥିସହ ଭାରତ ସେମିଫାଇନାଲର ନିକଟତର ହୋଇଛି।
(ସମ୍ପୂର୍ଣ୍ଣ ରିପୋର୍ଟ ଖେଳ ପୃଷ୍ଠା)

**ଆଜିର ସମ୍ପାଦକୀୟ**

ବିଗତ ଯୁଗର ବିଶ୍ୱ ଦୃଶ୍ୟପଟ




# ସ୍କୁଲ କ୍ରୀଡ଼ାରେ ଭିତ୍ତିଭୂମି ବାଧକ

**କ୍ରୀଡ଼ା ଜରିଆରେ ଓଡ଼ିଶାର ଛାତ୍ରୀଛାତ୍ରମାନଙ୍କ ବ୍ୟକ୍ତିତ୍ୱ ବିକାଶ କରିବା ରାଜ୍ୟ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ। ସରକାର ସବୁବେଳେ ଶିକ୍ଷା ଓ କ୍ରୀଡ଼ା କ୍ଷେତ୍ରର ଉତ୍କର୍ଷ ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି। ସେଥିପାଇଁ ଭାରତରେ ଓଡ଼ିଶା ଏକ ବୃହତ୍ କ୍ରୀଡ଼ା ହବ୍ ଭାବେ ଉଭା ହୋଇଛି। ଏହି ସଫଳତାକୁ ଆଗକୁ ବଢ଼ାଇବା ପାଇଁ ରାଜ୍ୟ ସରକାର ଗତ ମେ ୨୪ ତାରିଖରେ 'ଅଲିମ୍ପିକ୍ସ ମୂଲ୍ୟବୋଧ ଶିକ୍ଷା ଯୋଜନା' ଆରମ୍ଭ କରିଥିଲେ। ଏହାଦ୍ୱାରା ପାଠଶାଳାରୁ ଅଲିମ୍ପିକ୍ସ ପ୍ରସ୍ତୁତି ହେବ। ଛାତ୍ରୀଛାତ୍ର ସ୍କୁଲ ସମୟରୁ ଅଲିମ୍ପିକ୍ସର ମୂଲ୍ୟ ବୁଝିବେ। ସ୍କୁଲରେ ଅଲିମ୍ପିକ୍ସ ମୂଲ୍ୟବୋଧ ଶିକ୍ଷା ଦିଆଯିବ। ପ୍ରଥମ ପର୍ଯ୍ୟାୟରେ ପାଇଲଟ ପ୍ରକଳ୍ପ ଭାବେ ଭୁବନେଶ୍ୱର ଓ ରାଉରକେଲାର ୯୦ ସ୍କୁଲରେ ଏହି ଯୋଜନା ଆରମ୍ଭ କରାଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଏହା ରାଜ୍ୟର ଅନ୍ୟ ସ୍କୁଲରେ କାର୍ଯ୍ୟକାରୀ କରାଯିବ। କିନ୍ତୁ ସରକାରଙ୍କ ଏହି ମହତ୍ ଉଦ୍ଦେଶ୍ୟ ଆଗରେ ଭିତ୍ତିଭୂମି ଅଭାବ ବାଧକ ସାଜିଛି। ସରକାର ସ୍କୁଲରେ ଖେଳକୁଦ ପାଇଁ ଅନୁଦାନ ଯୋଗାଇ ଦେଉଛନ୍ତି ସତ, ହେଲେ ଖେଳପଡ଼ିଆ ଉପଲବ୍ଧ କରାଇବା ଏବଂ କ୍ରୀଡ଼ା ଶିକ୍ଷକ ପଦବୀ ପୂରଣ କରିବାରେ ସଫଳ ହୋଇପାରି ନାହାନ୍ତି। ଏଥିପାଇଁ ରାଜ୍ୟର ବହୁ ସ୍କୁଲରେ ପିଲାମାନେ ଖେଳକୁଦରୁ ବଞ୍ଚିତ ହେଉଛନ୍ତି।**

**ପ୍ରମୋଦ କୁମାର ନାୟକ, ଅସମାପିକା ସାହୁ, ସଦାଶିବ ପ୍ରହରାଜ, ହର୍ଷବର୍ଦ୍ଧନ ବେହେରା, ଜୟନାରାୟଣ ମେଣ୍ଡୁଲି, ଲୋକନାଥ ମିଶ୍ର**
**ଜଗତ୍‌ସିଂହପୁର/ ଭୁବନେଶ୍ୱର/ନବରଙ୍ଗପୁର/ଯାଜପୁର/ ସୁନ୍ଦରଗଡ଼/ନୟାଗଡ଼, ୨।୧୧**

- ବହୁ ବିଦ୍ୟାଳୟରେ ପଡ଼ିଆ ନାହିଁ
- ଫାଙ୍କା ପଡ଼ିଛି କ୍ରୀଡ଼ା ଶିକ୍ଷକ ପଦବୀ
- ଅନୁଦାନ ଯୋଗାଇଦେଇ ସରକାର ଚୁପ୍
- ସାମଗ୍ରୀ କିଣାରେ ଅନିୟମିତତାର ଗନ୍ଧ

ରାଜ୍ୟରେ ମୋଟ ୨୭,୬୩୯ ସରକାରୀ ପ୍ରାଥମିକ, ୧୬,୫୩୮ ଉଚ୍ଚ ପ୍ରାଥମିକ ଏବଂ ୫,୭୮୩ ହାଇସ୍କୁଲ ରହିଛି। ୨୦୨୨-୨୩ରେ ଏହି ସବୁ ସରକାରୀ ସ୍କୁଲକୁ ମୋଟ ୪୪ କୋଟି ୮୧ ଲକ୍ଷ ୫୦ ହଜାର ଟଙ୍କା ଯୋଗାଇ ଦିଆଯାଇଛି। ୨୦୨୧-୨୨ରେ ଏହି ଅନୁଦାନ ପରିମାଣ ଥିଲା ୪୬ କୋଟି ୩୪ ଲକ୍ଷ ୬୦ ହଜାର ଟଙ୍କା। ୨୦୨୧ ଡିସେମ୍ବର ୧ ସୁଦ୍ଧା ରାଜ୍ୟର କେବଳ ସରକାରୀ ହାଇସ୍କୁଲଗୁଡ଼ିକରେ ୧,୨୧୮ କ୍ରୀଡ଼ା ଶିକ୍ଷକ ପଦବୀ ଖାଲିପଡ଼ିଥିଲା। ଏ ପର୍ଯ୍ୟନ୍ତ ସ୍କୁଲଗୁଡ଼ିକର ଖେଳପଡ଼ିଆ ଅଭାବ ଦୂର କରାଯାଇ ପାରିନାହିଁ। ରାଜ୍ୟ ସାରା ଏଭଳି ସ୍ଥିତି ଥିବାବେଳେ ଜଗତ୍‌ସିଂହପୁର, ସୁନ୍ଦରଗଡ଼, ନବରଙ୍ଗପୁର, ନୟାଗଡ଼ ଏବଂ ଯାଜପୁର ଜିଲାକୁ ଉଦାହରଣ ଭାବେ ନିଆଯାଇପାରେ। ଜଗତ୍‌ସିଂହପୁର ଜିଲାରେ ମୋଟ ୯୬୪ ସରକାରୀ ବିଦ୍ୟାଳୟ (ପ୍ରାଥମିକରୁ ଉଚ୍ଚ)ର ଛାତ୍ରୀଛାତ୍ରଙ୍କ ପାଇଁ ☞ପୃଷ୍ଠା-୪




## ୧୨ ବିଲିୟନ ଡଲାର ରହସ୍ୟ

**ଭାରତ-ଚାଇନା ବାଣିଜ୍ୟ**

**ନୂଆଦିଲ୍ଲୀ/ ବେଜିଂ, ୨।୧୧**

ଦୁଇ ବଡ଼ ଅର୍ଥନୀତି ଚାଇନା ଓ ଭାରତ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ମତଭେଦରୁ ସମ୍ପର୍କରେ ତିକ୍ତତା ରହିଥିଲେ ହେଁ ବାଣିଜ୍ୟିକ କାରବାର ଚାଲିଛି। ଏହି କାରବାର ଭିତରେ ଏକ ବଡ଼ ବ୍ୟତିକ୍ରମ ସାମ୍ନାକୁ ଆସିଛି। ଚାଇନାର କହିବା ହେଲା, ୨୦୨୨ର ପ୍ରଥମ ୯ ମାସରେ ଭାରତ ସହ ଏହାର ବାଣିଜ୍ୟିକ କାରବାର ୧୦୩ ବିଲିୟନ୍ ଡଲାରକୁ ଛୁଇଁଛି। କିନ୍ତୁ ଭାରତର ତଥ୍ୟ କହୁଛି, ୯୧ ବିଲିୟନ ଡଲାରର ଦ୍ୱିପାକ୍ଷିକ ଟ୍ରେଡ୍ ହୋଇଛି। ଦୁଇ ଦେଶର ଦାବିରେ ତାଳମେଳ ନ ଥିବାରୁ ଅବଶିଷ୍ଟ ୧୨ ବିଲିୟନ ଡଲାର (ପ୍ରାୟ ୯୯,୧୯୭.୪୬ କୋଟି ଟଙ୍କା)କୁ ନେଇ ରହସ୍ୟ ଲାଗିରହିଛି।

ଗତ ୫ ବର୍ଷରେ ଭାରତ ଓ ଚାଇନା ମଧ୍ୟରେ ବାଣିଜ୍ୟିକ କାରବାରରେ ୨୯% ବୃଦ୍ଧି ଘଟିଛି। ଭାରତ ପଡ଼ୋଶୀ ଦେଶରୁ ମୁଖ୍ୟତଃ ଇଲେକ୍ଟ୍ରିକାଲ ଓ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଆମଦାନୀ କରିଥାଏ। ଟେଲିକମ୍ୟୁନିକେଶନ ଉପକରଣ, ଯାନବାହନ ଯନ୍ତ୍ରାଂଶ, ନ୍ୟୁକ୍ଲିୟର ମେଶିନାରି, ଡାକ୍ତରୀ ଉପକରଣ, ସାର, ଆଇରନ୍ ଓ ଇସ୍ପାତ, ପ୍ଲାଷ୍ଟିକ୍ ଟୟ, ଡେଏରି ପ୍ରଡକ୍ଟ ମଧ୍ୟ ଚାଇନାରୁ ଆମଦାନୀ କରାଯାଇଥାଏ। ଅନ୍ୟପକ୍ଷେ ଭାରତ ଜୈବିକ ସାରାୟନିକ ପଦାର୍ଥ, ତୁଳା, କପର୍, ଆଲୁମିନିୟମ୍, ଲୁଣ, ରବର ଓ ସିମେଣ୍ଟ ଆଦି ସାମଗ୍ରୀ ଚାଇନାକୁ ରପ୍ତାନି କରିଥାଏ। ଭାରତର ବଡ଼ ବଡ଼ ଶିଳ୍ପ ସଂସ୍ଥା ଓ କମ୍ପାନୀଗୁଡ଼ିକ ଏହି କାରବାର କରିଥାଆନ୍ତି। ବାଣିଜ୍ୟିକ କାରବାର ସମୟରେ ☞ପୃଷ୍ଠା-୪

## ରାଜଧାନୀରେ ମହିଳାଙ୍କୁ ଗଣବଳାତ୍କାର

### ବ୍ୟାଙ୍କ ସିକ୍ୟୁରିଟି ଗାର୍ଡ ରୁମ୍‌ରେ ଘଟିଛି କାଣ୍ଡ, ୨ ଗିରଫ

**ଭୁବନେଶ୍ୱର,୨।୧୧(ବ୍ୟୁରୋ)**

ଭୁବନେଶ୍ୱର ରାମ ମନ୍ଦିର ନିକଟରେ ଜଣେ ମହିଳାଙ୍କୁ ଆଶ୍ରୟ ଦେବା ଆଳରେ ଗଣବଳାତ୍କାର କରାଯାଇଛି। ଏକ ଘରୋଇ ବ୍ୟାଙ୍କରେ ସିକ୍ୟୁରିଟି ଗାର୍ଡ ଭାବେ କାମ କରୁଥିବା ଦୁଇ ଯୁବକ ଉକ୍ତ ବ୍ୟାଙ୍କର ବେସ୍‌ମେଣ୍ଟରେ ଥିବା ସିକ୍ୟୁରିଟି ରୁମ୍‌ରେ ବଳାତ୍କାର କରିଥିବା ଜଣାପଡ଼ିଛି। ଅଭିଯୋଗ ପରେ ଖାରବେଳ ନଗର ଥାନା ପୋଲିସ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅଞ୍ଚଳର କାଳିଆ ଓରଫ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ (୪୮) ଓ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଝାରପଡ଼ାରେ ରହୁଥିବା ଅନୁଗୋଳ ଜିଲା ବନ୍ତଳା ଥାନା ଅନ୍ତର୍ଗତ ତଳବେହେରାସାହିର ବସନ୍ତ କୁମାର ସାହୁ (୪୦)। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଦ୍ୱୟଙ୍କୁ ଝାରପଡ଼ା ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଅଧିକ ତଦନ୍ତ କରାଯାଉଥିବା ପୋଲିସ ପକ୍ଷରୁ କୁହାଯାଇଛି।

ଅଭିଯୋଗ ଅନୁଯାୟୀ, କଟକ ଅଞ୍ଚଳର ଜଣେ ମହିଳା ଏକ ମାମଲା ସମ୍ପର୍କରେ ବୁଝାବୁଝି କରିବାକୁ ରବିବାର ଭୁବନେଶ୍ୱର ଆସିଥିଲେ। ତାଙ୍କର କାମ ସରିବା ବେଳକୁ ସନ୍ଧ୍ୟା ହୋଇଯିବାରୁ ସେ ଘରକୁ ଫେରି ପାରି ନ ଥିଲେ। ତେଣୁ ମହିଳା ଜଣକ ରାମ ମନ୍ଦିର ପରିସରରେ ଆଶ୍ରୟ ନେଇଥିଲେ। ଆଶ୍ରୟ ନେଉଥିବାବେଳେ ମୁଖ୍ୟଅଭିଯୁକ୍ତ କାଳିଆ ମହିଳାଙ୍କ ପାଖକୁ ଆସିଥିଲେ। ମନ୍ଦିର ଅପରପାର୍ଶ୍ୱରେ ଥିବା ଏକ ବ୍ୟାଙ୍କରେ ଶୋଇବା ପାଇଁ ସୋଫା ଏବଂ ପାଣି ଆଦି ବ୍ୟବସ୍ଥା ଅଛି। ତେଣୁ ସେଠାରେ ☞ପୃଷ୍ଠା-୪

## ଦିନକୁ ୪୩ କେଜିର ମାଇକ୍ରୋପ୍ଲାଷ୍ଟିକ ଗିଳୁଛନ୍ତି ବ୍ଲୁ ହ୍ୱେଲ୍

**ୱାଶିଂଟନ୍, ୨।୧୧**



ସମୁଦ୍ର ଜଳରେ ମାଇକ୍ରୋପ୍ଲାଷ୍ଟିକର ଉପସ୍ଥିତି କାରଣରୁ ସେଠାରେ ବାସ କରୁଥିବା ପ୍ରାଣୀଙ୍କ ଜୀବନ ଏବେ ବିପଦରେ ପଡ଼ିଯାଇଛି। ତେବେ ପୃଥିବୀର ସବୁଠାରୁ ବିଶାଳ ପ୍ରାଣୀ କୁହାଯାଉଥିବା ତିମିଙ୍କ ଜୀବନ ମଧ୍ୟ ଏହାଦ୍ୱାରା ପ୍ରଭାବିତ ହେବାର ଆଶଙ୍କା ଉପୁଜିଛି ବୋଲି କାଲିଫର୍ନିଆ ଷ୍ଟେଟ୍ ୟୁନିଭର୍ସିଟି ପକ୍ଷରୁ କରାଯାଇଥିବା ଷ୍ଟଡି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଦୈନିକ ଏକାଧିକ ଟନ୍ ପରିମାଣର ଖାଦ୍ୟ ଗ୍ରହଣ କରୁଥିବା ବ୍ଲୁ ହ୍ୱେଲ୍ ପ୍ରତ୍ୟେକ ଦିନ ୧୦ ନିୟୁତ ଓଜନର ମାଇକ୍ରୋପ୍ଲାଷ୍ଟିକ୍ ଖାଦ୍ୟ ସହ ଗିଳୁଛି, ଯାହାର ଆନୁମାନିକ ଓଜନ ୪୩.୫ କେଜି ବୋଲି ଆକଳନ କରାଯାଇଛି। ବ୍ଲୁ ହ୍ୱେଲ୍‌କୁ ବାଦ୍ ଦେଲେ ସମୁଦ୍ରରେ ଫିନ୍ ଓ ହମ୍ପବର୍ଗ ଭଳି ଆଉ ଦୁଇ ବାଲିନ୍ ପ୍ରଜାତିର ତିମି ମଧ୍ୟ ବାସ କରୁଛନ୍ତି।

ବାଲିନ ତିମିମାନଙ୍କୁ ଫିଲ୍‌ଟର ଫିଡର ବୋଲି କୁହାଯାଏ। କାରଣ ଏହି ବିଶେଷ ପ୍ରଜାତିର ହ୍ୱେଲ୍ ସମୁଦ୍ର ଜଳରୁ ଖାଦ୍ୟକୁ ଛାଣିକରି ଖାଇଥାନ୍ତି। ସେମାନଙ୍କ ପାଟିରେ ଥିବା ବାଲିନ ପ୍ଲେଟ୍ ଖାଦ୍ୟକୁ ☞ପୃଷ୍ଠା-୪

## ଆଜି ଧାମନଗର ଉପନିର୍ବାଚନ

**ଧାମନଗର,୨।୧୧(ଡି.ଏନ.ଏ)**

ଧାମନଗର ବିଧାନସଭା ଉପନିର୍ବାଚନ ଗୁରୁବାର ଅନୁଷ୍ଠିତ ହେବ। ୨ ଲକ୍ଷ ୩୮ ହଜାର ୪୧୪ ମତଦାତା ବିଜେଡି ପ୍ରାର୍ଥୀ ଅବନ୍ତୀ ଦାସ, ଭାଜପା ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜ, କଂଗ୍ରେସ ପ୍ରାର୍ଥୀ ବାବା ହରେକୃଷ୍ଣ ସେଠୀ, ସ୍ୱାଧୀନ ପ୍ରାର୍ଥୀ ତଥା ପୂର୍ବତନ ବିଜେଡି ବିଧାୟକ ରାଜେନ୍ଦ୍ର ଦାସଙ୍କ ସମେତ ୫ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଭୋଟ ଗ୍ରହଣ ଲାଗି ୨୫୨ଟି ମତଦାନ କେନ୍ଦ୍ର ଖୋଲାଯାଇଛି। ପ୍ରଚାର ମଙ୍ଗଳବାର ସନ୍ଧ୍ୟାରୁ ଶେଷ ହୋଇଥିବା ବେଳେ ଗୁରୁବାର ଭୋଟ ଗ୍ରହଣ ହେବ। ମତଦାତାଙ୍କ ମତ କାହା ସମ୍ମାନ ରଖିବ ତାହା ଆଗାମୀ ୬ ତାରିଖ ଭୋଟ ଗଣତି ପରେ ଜଣାପଡ଼ିବ।



## ସଂକ୍ଷେପରେ

### ୪ ଆତଙ୍କବାଦୀ ନିହତ

**ଶ୍ରୀନଗର, ୨।୧୧:** ଜମ୍ମୁ-କଶ୍ମୀରରେ ଆତଙ୍କବାଦୀଙ୍କ ଆଉ ଏକ ବଡ଼ ଯୋଜନାକୁ ପଣ୍ଡ କରିଛି ଭାରତୀୟ ସେନା। ପ୍ରଦେଶର ଦୁଇଟି ସ୍ଥାନରେ ଏନ୍‌କାଉଣ୍ଟରରେ ୪ ଆତଙ୍କବାଦୀ ପ୍ରାଣ ହରାଇଛନ୍ତି। ମୃତ ଆତଙ୍କବାଦୀଙ୍କୁ ଚିହ୍ନଟ କରାଯାଇ ନାହିଁ। ଅନନ୍ତନାଗ ଜିଲା ବିଜବେହରାର ସେମଥାନଗ୍ରାମ ଏବଂ ପୁଲ୍‌ୱାମା ଜିଲା ଖାଣ୍ଡିପୋରା ଗ୍ରାମରେ ଆତଙ୍କବାଦୀ ଲୁଚିଥିବା ନେଇ ମଙ୍ଗଳବା ରାତିରେ ପୋଲିସକୁ ଗୋଇନ୍ଦା ସୂଚନା ମିଳିଥିଲା। ଏହାପରେ ସ୍ଥାନୀୟ ପୋଲିସ, ସିଆର୍‌ପିଏଫ୍ ମିଳିତ ଭାବେ ଏକ ସର୍ଚ୍ଚ ଅପରେଶନ୍ ଆରମ୍ଭ କରିଥିଲେ। କଶ୍ମୀର ଏଡିଜିପି ବିଜୟ କୁମାର ଟୁଇଟର ଯୋଗେ ଏହାର ସୂଚନା ଦେଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ପାକିସ୍ତାନ ଆତଙ୍କବାଦୀ ହୋଇଥିବାବେଳେ ଅନ୍ୟ ୩ଜଣ ସ୍ଥାନୀୟ ବାସିନ୍ଦା ବୋଲି ପୋଲିସ ସନ୍ଦେହ କରୁଛି। ଆତଙ୍କବାଦୀମାନେ ସିକ୍ୟୁରିଟି ଫୋର୍ସ କ୍ୟାମ୍ପରେ ସୁଇସାଇଡ୍ ଆଟାକ୍ କରିବା ପାଇଁ ଯୋଜନା କରିଥିବା ଜଣାପଡ଼ିଛି। ସେମାନଙ୍କ ନିକଟରୁ ଏକେ-୪୭ ରାଇଫଲ, ଏକେ-୫୬ ରାଇଫଲ୍ ଏବଂ ପିସ୍ତଲ ପୋଲିସର ହସ୍ତଗତ ହୋଇଛି।

### ସିଆର୍‌ପିଏଫ୍, ଆର୍‌ଏଏଫ୍‌ରେ ମହିଳାଙ୍କୁ ଗୁରୁଦାୟିତ୍ୱ



**ନୂଆଦିଲ୍ଲୀ, ୨।୧୧:** ପ୍ରଥମ ଥର ପାଇଁ ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ (ସିଆର୍‌ପିଏଫ୍) ର ଦୁଇ ମହିଳା ଅଫିସର ସୀମା ଧୁଣ୍ଡିଆ ଏବଂ ଆନି ଆବ୍ରାହମଙ୍କୁ ଇନ୍‌ସ୍ପେକ୍ଟର ଜେନେରାଏ (ଆଇଜି) ପଦ ମିଳିଛି। ଦୁହେଁ ୧୯୮୭ରେ ପ୍ରଥମ ଥର ପାଇଁ ଫୋର୍ସରେ ସାମିଲ ହୋଇଥିଲେ। ସୀମା ବିହାର ସେକ୍ଟର ସିଆର୍‌ପିଏଫ୍‌ର ମୁଖ୍ୟ ଭାବେ କାର୍ଯ୍ୟ ନିର୍ବାହ କରିବାକୁ ଥିବାବେଳେ ଆନି ସିଆର୍‌ପିଏଫ୍‌ର ରାପିଡ୍ ଆକ୍ସନ୍ ଫୋର୍ସ (ଆର୍‌ଏଏଫ୍)ର ପ୍ରମୁଖ ଭାବେ ଦାୟିତ୍ୱ ନିର୍ବାହ କରିବେ। ଦୁଇଜଣଯାକ ସିଆର୍‌ପିଏଫ୍‌ର ପ୍ରଥମ ମହିଳା ବ୍ୟାଚ୍ ହୋଇଥିବାବେଳେ ଚାକିରିକାଳ ନୁହେଁ, ବହୁ ଗୁରୁତ୍ୱପୂର୍ଣ୍ଣ ଅପରେଶନ୍‌ର ଅଂଶ ପାଲଟିଥିବା ଜଣାପଡ଼ିଛି। ପୂର୍ବରୁ ସୀମା ଲାଇବେରିଆରେ ଜାତିସଂଘର ଏକ ମିଶନରେ ଆର୍‌ଏଏଫ୍‌ର ଡିଆଇଜି ଦାୟିତ୍ୱରେ ରହିଥିଲେ। ନିଜର କାର୍ଯ୍ୟଦକ୍ଷତା ପାଇଁ ଦୁହେଁ ରାଷ୍ଟ୍ରପତିଙ୍କ ଦ୍ୱାରା ପୋଲିସ ମେଡାଲରେ ସମ୍ମାନିତ ହୋଇଛନ୍ତି। ଆସନ୍ତା ବର୍ଷ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଉଭୟଙ୍କୁ ବିଧିବଦ୍ଧଭାବେ ଦାୟିତ୍ୱ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି।

### ପରଲୋକରେ ଇଲା ଭଟ୍ଟ

**ନୂଆଦିଲ୍ଲୀ, ୨।୧୧:** ବୁଧବାର ସାମାଜିକ କର୍ମୀ ଇଲା ଭଟ୍ଟଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୯ ବର୍ଷ ବୟସ ହୋଇଥିଲା। ବିହୁବିଧ ରୋଗରେ ଆକ୍ରାନ୍ତ ଥିବା ଇଲା ଗୁଜରାଟ ଅହମ୍ମଦାବାଦର ଏକ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଗାନ୍ଧୀବାଦୀ ତଥା ସେଲ୍ଫ ଏମ୍ପ୍ଲଏଡ୍ ଓମେନ୍ ଆସୋସିଏସନ୍ (ସେବା)ର ସଂସ୍ଥାପକ ଥିଲେ ଇଲା। ପଦ୍ମ ଭୂଷଣ ପୁରସ୍କାରରେ ସମ୍ମାନିତ ଇଲାଙ୍କ ବିୟୋଗ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ବ୍ୟକ୍ତ କରିଛନ୍ତି। ଦେଶରେ ନାରୀ ସଶକ୍ତିକରଣ ଦିଗରେ ଇଲାଙ୍କ ବହୁତ ଅବଦାନ ରହିଛି।





# ୨% ପିଉଛନ୍ତି ଟ୍ୟାପ୍ ପାଣି

**ନୂଆଦିଲ୍ଲୀ, ୨।୧୧:** ଦେଶର ମୋଟ ଜନସଂଖ୍ୟାର ମାତ୍ର ୨ ପ୍ରତିଶତ ଲୋକଙ୍କ ଘରେ ଟ୍ୟାପ୍‌ଯୋଗେ ପାନୀୟ ଜଳ ସୁବିଧା ଉପଲବ୍ଧ ରହିଛି। ସୋସିଆଲ ମିଡିଆ ପ୍ଲାଟଫର୍ମର ଏକ ସଂଗଠନ ଲୋକାଲସର୍କଲ ପକ୍ଷରୁ କରାଯାଇଥିବା ସର୍ଭେ ଅନୁସାରେ ଏବେ ବି ଅନେକଙ୍କ ଘରେ ପାଣି ଟ୍ୟାପ୍ ସୁବିଧା ପହଞ୍ଚିପାରି ନାହିଁ। ପାଖାପାଖି ୬୫% ଲୋକ ପାନୀୟ ଜଳ ପାଇଁ ମର୍ଡନ୍ ଫିଲ୍ଟରେଶନ୍ ମେଶିନ୍ ଉପରେ ନିର୍ଭରଶୀଳ। ଅନ୍ୟପକ୍ଷେ ଯେଉଁମାନଙ୍କ ଘରକୁ ପାନୀୟ ଜଳ ପାଇଁ ପାଇପ୍ ସଂଯୋଗ ହୋଇଛି ସେମାନଙ୍କ ମଧ୍ୟରୁ ୫% ଲୋକ ପାଣି ନିମ୍ନମାନର ଥିବା କହିଛନ୍ତି।

**୩୭.୭ ନିୟୁତ ଭାରତୀୟ ଜଳବାହିତ ରୋଗରେ ଆକ୍ରାନ୍ତ**



ଜାତିସଂଘ ଷ୍ଟାବିଲାଇଜେଶନ ମିଶନର ଏକ ଯାନକୁ କଙ୍ଗୋର କାନ୍ୟାରୁଚିନ୍ୟାରେ ଉତ୍ତ୍ୟକ୍ତ ଲୋକେ ଜାଳିଦେଇଛନ୍ତି।

# କ୍ଷମତାକୁ ଫେରୁଛନ୍ତି ନେତନ୍ୟାହୁ

- ଇସ୍ରାଏଲ୍‌ରେ ୪ ବର୍ଷରେ ପଞ୍ଚମ ନିର୍ବାଚନ
- ବିରୋଧୀ ମେଣ୍ଟ ସପକ୍ଷରେ ଜନାଦେଶ

ଜେରୁଜେଲମ୍, ୨।୧୧

ଇସ୍ରାଏଲ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତ୍‌ନ୍ୟାହୁ ପୁନର୍ବାର କ୍ଷମତାସୀନ ହେବାକୁ ଯାଉଛନ୍ତି। ସଦ୍ୟ ଅନୁଷ୍ଠିତ ନିର୍ବାଚନର ଫଳାଫଳ ତାଙ୍କ ସପକ୍ଷରେ ଯିବ ବୋଲି ଆକଳନ କରାଯାଉଛି। ତେବେ ରାଜନୈତିକ ଅଚଳାବସ୍ଥା ମଧ୍ୟରେ ଏହି ୭୩ ବର୍ଷୀୟ ଦକ୍ଷିଣପନ୍ଥୀ ନେତାଙ୍କ ପାଇଁ ସହଯୋଗୀ ଦଳଗୁଡ଼ିକୁ ନେଇ ଶାସନ କରିବା ବଡ଼ ଚ୍ୟାଲେଞ୍ଜ ହେବ ବୋଲି କୁହାଯାଉଛି।

ମଧ୍ୟପ୍ରାଚ୍ୟର ପ୍ରଭାବଶାଳୀ ରାଷ୍ଟ୍ର ଇସ୍ରାଏଲ୍‌ରେ ମଙ୍ଗଳବାର ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାୟ ୮୫% ମତଦାନ ହୋଇଥିଲା। ବୁଧବାର ରାତି ୧୦ ସୁଦ୍ଧା ହୋଇଥିବା ଗଣତିରେ ନେତ୍‌ନ୍ୟାହୁଙ୍କ ଲିକୁଡ୍ ପାର୍ଟିକୁ ବିପୁଳ ସଫଳତା ମିଳିବା କୁହାଯାଉଛି। ଲିକୁଡ୍ ପାର୍ଟି ୩୨ ଆସନ ଦଖଲ କରିବାକୁ ଅଗ୍ରସର ହେଉଥିବାବେଳେ ଏହି ଦଳ ନେତୃତ୍ୱାଧୀନ ମେଣ୍ଟ ପାର୍ଲାମେଣ୍ଟର ୧୨୦ ଆସନରୁ ୬୫ ଆସନରେ ସଫଳତା ପାଇବା ଏକପ୍ରକାର ନିଶ୍ଚିତ ହୋଇଛି। ଏହି ମେଣ୍ଟରେ ଦକ୍ଷିଣପନ୍ଥୀ ଧର୍ମୀୟ ଜିଓନିଜମ୍, ଅତି ରକ୍ଷଣଶୀଳ ଶାସ୍ ଏବଂ ୟୁନାଇଟେଡ୍ ତୋରାହ ଜୁଡାଇଜମ୍ ଅନ୍ତର୍ଭୁକ୍ତ। ନେତ୍‌ନ୍ୟାହୁ ପୁଣିଥରେ ପ୍ରଧାନମନ୍ତ୍ରୀ ହେବେ ବୋଲି ଏକ୍‌ଜିଟ୍ ପୋଲ୍‌ରେ ଭବିଷ୍ୟବାଣୀ କରାଯାଇଛି। ଇସ୍ରାଏଲ୍‌କୁ ସର୍ବାଧିକ ୧୫ ବର୍ଷ (୧୯୯୬-୯୯ ଏବଂ ୨୦୦୯-୨୦୨୧) ଶାସନ କରିଥିବା ନେତ୍‌ନ୍ୟାହୁଙ୍କ ବିରୋଧରେ ୨୦୧୯ରେ ଦୁର୍ନୀତି ଓ ଠକେଇ ଅଭିଯୋଗ ଆସିଥିଲା। ବିରୋଧୀ ମେଣ୍ଟର ବଳ ବୃଦ୍ଧି ଘଟିବାରୁ ତାଙ୍କ ପ୍ରଧାନମନ୍ତ୍ରିତ୍ୱ ୨୦୨୧ ମାର୍ଚ୍ଚରେ ଶେଷ ହୋଇଥିଲା। ରାଜନୈତିକ ଅଚଳାବସ୍ଥା ମଧ୍ୟରେ ଦେଶରେ ୪ ବର୍ଷ ଭିତରେ ଅନୁଷ୍ଠିତ ପଞ୍ଚମ ନିର୍ବାଚନର ଫଳ ଅସ୍ଥିରତା ଦୂର କରିବ ବୋଲି ଇସ୍ରାଏଲ୍ ଭୋଟର ଆଶାବାଦୀ। ବିଦାୟୀ ପ୍ରଧାନମନ୍ତ୍ରୀ ୟେର ଲାପିଡ୍ ଓ ତାଙ୍କ ପୂର୍ବସୁରୀ ନଫ୍‌ଟାଲି ବେନେଟ୍‌ଙ୍କ ନେତୃତ୍ୱକୁ ଦେଶବାସୀ ପ୍ରତ୍ୟାଖ୍ୟାନ କରିଥିବା ଏହି ଜନାଦେଶରୁ ସ୍ପଷ୍ଟ ହୋଇଛି।



ଜେରୁଜେଲମସ୍ଥିତ ଲିକୁଡ ପାର୍ଟି ମୁଖ୍ୟାଳୟରେ ନିଜ ସମର୍ଥକଙ୍କ ସହ ପୂର୍ବତନ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତ୍‌ନ୍ୟାହୁ।

# ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ବିରୋଧରେ ପିଟିଶନ ଖାରଜ

ନୂଆଦିଲ୍ଲୀ, ୨।୧୧

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ୟୁ.ୟୁ. ଲଳିତ ଆସନ୍ତା ୮ରେ ଅବସର ନେବେ। ସୁପ୍ରିମକୋର୍ଟର ବରିଷ୍ଠତମ ବିଚାରପତି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ୯ ତାରିଖରେ ସିଜେଆଇ ରୂପେ ଶପଥ ଗ୍ରହଣ କରିବେ। ତେବେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କୁ ପରବର୍ତ୍ତୀ ସିଜେଆଇ କରାଇ ନ ଦେବା ପାଇଁ ଏକ ପିଟିଶନ ଦାଖଲ ହୋଇଥିଲା, ଯାହାକୁ ସର୍ବୋଚ୍ଚ ଅଦାଲତ ବୁଧବାର ଖାରଜ କରିଦେଇଛନ୍ତି। ଆବେଦନକାରୀ ମୁରସଲିନ୍ ଅସିଜିତ୍ ଶୈଖ୍‌ଙ୍କ ପକ୍ଷରୁ ଦାଖଲ ଉକ୍ତ ପିଟିଶନର ଶୁଣାଣି ବୁଧବାର ପୂର୍ବାହ୍ନରେ କରାଯାଉ ବୋଲି ତାଙ୍କ ଓକିଲ ଅନୁରୋଧ କରିଥିଲେ। ଓକିଲ ଯୁକ୍ତି ବାଢ଼ିଥିଲେ ଯେ, ଶପଥ ଗ୍ରହଣ ଉତ୍ସବ ନଭେମ୍ବର ୯ରେ ହେବ। ତେଣୁ ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କୁ ଶପଥ ନେବାକୁ ଅନୁମତି ନ ଦେବା ନିମନ୍ତେ ଏହାର ତ୍ୱରିତ ବିଚାର କରାଯାଉ। ତାଙ୍କ ଅନୁରୋଧ କ୍ରମେ ସିଜେଆଇ ଲଳିତଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ରବୀନ୍ଦ୍ର ଭଟ୍ଟ ଏବଂ ବେଲା ଏମ୍. ତ୍ରିବେଦୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଅପରାହ୍ନ ୧୨ଟା ୪୫ରେ ପିଟିଶନର ଶୁଣାଣି କରିବାକୁ ରାଜି ହୋଇଥିଲେ। କିନ୍ତୁ ପରେ ସିଜେଆଇ ଉକ୍ତ ଆବେଦନକୁ ଭୁଲ୍ ଦର୍ଶାଇ ଖାରଜ କରିଦେଇଥିଲେ।

ରାଷ୍ଟ୍ରପତିଙ୍କ ନିକଟରେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ବିରୋଧରେ ରଶିଦ ଖାନ୍ ପଠାନ ଏକ ଅଭିଯୋଗପତ୍ର ଦାଖଲ କରିଛନ୍ତି। ସେ ଉକ୍ତ ଅଭିଯୋଗପତ୍ରକୁ ସୋସିଆଲ ମିଡିଆ ଓ ହ୍ୱାଟ୍ସଆପ୍ ଗ୍ରୁପ୍‌ଗୁଡ଼ିକରେ ଭାଇରାଲ କରିଦେଇଛନ୍ତି। ମାମଲାର ଶୁଣାଣି ଆରମ୍ଭ ହେବା ପରେ ସମ୍ପୃକ୍ତ ଓକିଲ ସିଜେଆଇ ଲଳିତଙ୍କୁ ନେଇ ଆପତ୍ତି ଉଠାଇଥିଲେ, ଯିଏକି ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ନାମ ନିଜ ଉତ୍ତରାଧିକାରୀ ଭାବେ କେନ୍ଦ୍ର ସରକାରଙ୍କ ଆଇନ ମନ୍ତ୍ରଣାଳୟକୁ ସୁପାରିସ କରିଛନ୍ତି। ଆଇନଜୀବୀ କହିଥିଲେ, କୋଭିଡ୍-୧୯ ଟିକାକରଣ ସମ୍ପର୍କିତ ଏକ ମାମଲାରେ ଜଣେ ବରିଷ୍ଠ ଆଇନଜୀବୀ ହାଜର ହୋଇଥିବାବେଳେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ ଟ୍ୟାଗିଂ ପାଇଁ ଅନୁମତି ଦେଇଥିଲେ। କିନ୍ତୁ ଜଣେ ଜୁନିୟର ଓକିଲ ହାଜର ହେବାରୁ ଚନ୍ଦ୍ରଚୂଡ଼ ଟ୍ୟାଗିଂ ଅନୁମତି ଦେବାକୁ ମନା କରିଥିଲେ। ସେହିପରି ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ ବମ୍ବେ ହାଇକୋର୍ଟଙ୍କ ଏକ ରାୟରୁ ସୃଷ୍ଟ ସ୍ପେଶାଲ ଲିଭ୍ ପିଟିଶନ (ଏସ୍‌ଏଲ୍‌ପି)ର ଶୁଣାଣି କରିଥିଲେ, ଯହିଁରେ ତାଙ୍କ ପୁଅ ଓକିଲାତି କରିଥିଲେ। ଏହାର ଜବାବରେ ସିଜେଆଇ ଲଳିତଙ୍କ ଖଣ୍ଡପୀଠ କୌଣସି ନ୍ୟାୟିକ ରାୟ ସମ୍ପର୍କିତ ଅଭିଯୋଗ ଆଣନ୍ତୁ ନାହିଁ କହି ଉକ୍ତ ପିଟିଶନକୁ ଖାରଜ କରିଦେଇଛନ୍ତି। ଏହା ପୂର୍ବରୁ ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ (ବିସିଆଇ) ଏବଂ ଅନ୍ୟ କେତେକ ସଙ୍ଗଠନ ମଧ୍ୟ ଅଭିଯୋଗକୁ ଭିତ୍ତିହୀନ କହି ନିନ୍ଦା କରିଛନ୍ତି।



# ୨ ଯୁବକଙ୍କୁ ଉଲଗ୍ନ କରି ବୁଲାଇଲେ

ଭୋପାଳ, ୨।୧୧

ଛତିଶଗଡ ବିଳାସପୁରରେ ବ୍ୟକ୍ତି ଗୋରୁ ମାଂସ ବିକ୍ରି ଅଭିଯୋଗରେ ଦୁଇ ଜଣ ବ୍ୟକ୍ତିଙ୍କୁ କଙ୍ଗାରୁ କୋର୍ଟର ନିର୍ଦ୍ଦେଶକ୍ରମେ ଅକଥନୀୟ ଅତ୍ୟାଚାର କରାଯାଇଛି। ଏହି ଘଟଣାକ୍ରମର ଏକ ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାର ହେବାରେ ଲାଗିଛି। ଜାରି ଭିଡିଓ ଅନୁସାରେ, ଗ୍ରାମବାସୀ ସମ୍ପୃକ୍ତ ଦୁଇ ଯୁବକଙ୍କୁ ଉଲଗ୍ନ କରି ରାଜରାସ୍ତାରେ ଚଲାଇ ଚଲାଇ ନେଉଥିବାବେଳେ ଗହଳି ଭିତରୁ ଜଣେ ବ୍ୟକ୍ତି ବେଲ୍ଟରେ ଯୁବକଙ୍କୁ ମାଡ଼ ମାରୁଥିବାବେଳେ କେତେଜଣ ଏହାକୁ ନିଜ ଫୋନ୍‌ରେ କଏଦ କରୁଥିବା ଦେଖିବାକୁ ମିଳିଛି। ସେମାନଙ୍କୁ ଅଣ୍ଡାମାଡ଼ କରିବା ପାଇଁ କେତେଜଣ ବ୍ୟକ୍ତି କହୁଥିବା ଭାଇରାଲ ଭିଡିଓରେ ଶୁଣିବାକୁ ମିଳିଛି। ଗୋରୁ ମାଂସ ବିକ୍ରି କରିବା ଅଭିଯୋଗରେ ସ୍ଥାନୀୟ ପୋଲିସ ଦୁଇ ଯୁବକଙ୍କୁ ଗିରଫ କରି ନେଇଛି। ନରସିଂହ ଦାସ (୫୦) ଏବଂ ରାମନିବାସ ମେହେର (୫୨) ଏକ ଧଳାବସ୍ତାରେ କିଛି ଜିନିଷ ନେଇ ବାଇକ୍‌ରେ ଯାଉଥିଲେ। ବସ୍ତାରେ କ'ଣ ଅଛି ବୋଲି ଥିବା ସ୍ଥାନୀୟ ଲୋକେ ସେମାନଙ୍କୁ ପଚାରିବାରୁ ବସ୍ତାରେ ଗୋରୁମାଂସ ବିକ୍ରି ପାଇଁ ନେଇ ଯାଉଥିବା ସେମାନେ କହିଥିଲେ। ତେବେ ପୋଲିସ ଏହାର ସୂଚନା ପାଇ ତୁରନ୍ତ ଦୁଇ ବ୍ୟକ୍ତିଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ୩୩.୫ କେ.ଜି ଓଜନର ଗୋରୁ ମାଂସ ଜବତ ହୋଇଥିବାବେଳେ ମାଂସକୁ ପରୀକ୍ଷା ପାଇଁ ପ୍ରାଣୀ ଚିକିତ୍ସକଙ୍କ ନିକଟକୁ ପଠାଯାଇଛି।





ନୂଆଦିଲ୍ଲୀରେ ଭାରତର ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର 'ରୋଲ୍, ଫ୍ରେମ୍‌ୱାର୍କ, ଆଣ୍ଡ କାପାସିଟି ମ୍ୟାନେଜମେଣ୍ଟ ବଡିଜ୍' ବିଷୟବସ୍ତୁକୁ ନେଇ 'କୋହର୍ଟ ଅନ୍ ଇଲେକ୍ସନ୍ ଇଣ୍ଟେଗ୍ରିଟି' ଶୀର୍ଷକ ଏକ ଦ୍ୱିଦିବସୀୟ ଅନ୍ତର୍ଜାତୀୟ ସମ୍ମିଳନୀର ଉଦ୍‌ଘାଟନ କରିଛନ୍ତି। ଏଥିରେ ଆର୍ମେନିଆ, ମରିସସ୍, ନେପାଳ, ଅଷ୍ଟ୍ରେଲିଆ, ଗ୍ରୀସ୍, ଫିଲିପାଇନ୍ସ ଓ ଆମେରିକା ସମେତ ବିଭିନ୍ନ ଦେଶର ପ୍ରାୟ ୫୦ ନିର୍ବାଚନ ପରିଚାଳନା ସଂସ୍ଥାର ପ୍ରତିନିଧି ଯୋଗଦେଇଛନ୍ତି। ନିର୍ବାଚନ ପରିଚାଳନା ବେଳେ ସୃଷ୍ଟି ହେଉଥିବା ଆହ୍ୱାନଗୁଡ଼ିକର ମୁକାବିଲା ସମ୍ପର୍କରେ ଏହି ସମ୍ମିଳନୀରେ ଆଲୋଚନା ହୋଇଛି। ୨୦୨୧ ଡିସେମ୍ବରରେ ଏହି ଧରଣର ପ୍ରଥମ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା, ଯାହାର ଶୀର୍ଷକ ରହିଥିଲା 'ସମିଟ୍ ଫର୍ ଡେମୋକ୍ରାସି'।



ଆସାମର କାଜିରଙ୍ଗା ଜାତୀୟ ଉଦ୍ୟାନରେ ହାତୀ ଉପରେ ବସି ଭ୍ରମଣ କରୁଛନ୍ତି ପର୍ଯ୍ୟଟକ।
କୋଭିଡ୍ କଟକଣା ପାଇଁ ୨ ବର୍ଷ ଧରି ବନ୍ଦ ଥିବା ଏହି ନ୍ୟାଶନାଲ ପାର୍କ ବୁଧବାର ଖୋଲିଛି।

# ହେମନ୍ତ ସୋରେନଙ୍କୁ ଇଡି ଡାକରା

**ଝାଡ଼ଖଣ୍ଡ ସରକାର ଭାଙ୍ଗିବାକୁ ଷଡ଼ଯନ୍ତ୍ର: ମୁଖ୍ୟମନ୍ତ୍ରୀ**

ରାଞ୍ଚି, ୨।୧୧



ବେଆଇନ ଖଣି ଖନନ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ବୁଧବାର ସମନ କରିଛି। ତାଙ୍କୁ ଗୁରୁବାର ଇଡି କାର୍ଯ୍ୟାଳୟରେ ହାଜର ହେବାକୁ କୁହାଯାଇଛି। ଏନେଇ ସୋରେନ କହିଛନ୍ତି, ସେ ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀ। ବିରୋଧୀ ତାଙ୍କୁ ରାଜନୀତିରେ ଟକ୍କର ଦେଇପାରୁ ନ ଥିବାରୁ ରାଜ୍ୟରେ କ୍ଷମତାସୀନ ସରକାରକୁ ଭାଙ୍ଗିବା ପାଇଁ ଷଡ଼ଯନ୍ତ୍ର ରଚିଛି। ଏହାର ଜବାବ ଝାଡ଼ଖଣ୍ଡର ଜନସାଧାରଣ ଦେବେ।

ସାହେବଗଞ୍ଜରେ 'ଆପ୍‌କି ଯୋଜନା, ଆପ୍‌କି ସରକାର, ଆପ୍‌କେ ଦ୍ୱାର' ଶୀର୍ଷକ ଏକ ସରକାରୀ କାର୍ଯ୍ୟକ୍ରମରେ ସମ୍ବୋଧିତ କରି ସୋରେନ କହିଛନ୍ତି, ମୋତେ ଇଡିରୁ ଡକରା ଆସିଛି। ମୁଁ ଭୟଭୀତ। ଇଡି କେତେ ଶକ୍ତିଶାଳୀ ତାହା ଦେଖାଇବା ପାଇଁ ସେମାନେ ଉଦ୍ୟମ କରୁଛନ୍ତି। ସେମାନେ ଯଦି କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ତାଙ୍କ ପୁଅ ରାହୁଲ ଗାନ୍ଧୀଙ୍କୁ ସମନ କରିପାରୁଛନ୍ତି ତେବେ ଜଣେ ମୁଖ୍ୟମନ୍ତ୍ରୀଙ୍କୁ କାହିଁକି ନୋଟିସ କରିପାରିବେ ନାହିଁ। ଯଦି ଏପରି କରି ଆମ ଛବି ମଳିନ କରିବାକୁ ଚାହୁଁଛନ୍ତି ତେବେ ସେମାନେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। କିନ୍ତୁ ଲୋକେ ମୋ ସହ ଥିବା ପର୍ଯ୍ୟନ୍ତ ମୁଁ ବିଚଳିତ ହେବିନାହିଁ। ଝାଡ଼ଖଣ୍ଡର ଯୁବତୀ ଯୁବକମାନେ ଏହି ଷଡ଼ଯନ୍ତ୍ରର ଜବାବ ଦେବେ। ପେନ୍‌ସନ ପାଉଥିବା ବରିଷ୍ଠ ନାଗରିକ, ବିଧବା ଓ ଦିବ୍ୟାଙ୍ଗ ବ୍ୟକ୍ତିମାନେ ଏହାର ମୁକାବିଲା କରିବେ ବୋଲି ସୋରେନ କହିଛନ୍ତି। ପ୍ରକାଶ ଯେ, ଝାଡ଼ଖଣ୍ଡର ଖଣି ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ନିଜ ନାମରେ ଷ୍ଟୋନ୍ ଚିପ୍ସ ମାଇନିଂ ଲିଜ୍ ନେଇଥିବା ଗତ ଫେବୃୟାରୀରେ ଭାଜପା ପକ୍ଷରୁ ଅଭିଯୋଗ ଅଣାଯାଇଥିଲା। ଜନ ପ୍ରତିନିଧି ଆଇନ, ୧୯୫୨ର ଧାରା ୯ଏ ଅନୁସାରେ ବିଧାନସଭାରୁ ହେମନ୍ତଙ୍କ ସଦସ୍ୟତା ରଦ୍ଦ କରିବା ସହ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଯାଉ ବୋଲି ଭାଜପା ଦାବି କରିଥିଲା। ଲାଭଜନକ ପଦବୀ ନେଇ ଭାଜପାର ଅଭିଯୋଗ ଉପରେ ଗତ ଅଗଷ୍ଟରେ ରାଜ୍ୟପାଳ ରମେଶ ବୈଶ ଏହି ମାମଲା ନିର୍ବାଚନ କମିଶନ(ଇସି)ଙ୍କ ନିକଟକୁ ପଠାଇଥିଲେ। ସେତେବେଳେ ସୋରେନ ଇସ୍ତଫା ଦେଇପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଥିଲା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୩,୬୧,୪୭,୭୬୫ | ୬୫,୯୭,୧୦୦ | ୬୧,୫୬,୧୮,୫୬୭ |
| ଭାରତ | ୪,୪୬,୫୫,୮୨୮ | ୫,୨୯,୦୭୭ | ୪,୪୧,୦୯,୧୩୩ |
| ଓଡ଼ିଶା | ୧୩,୩୬,୧୯୫ | ୯୨୦୩(+୫୩) | ୧୩,୨୬,୬୯୫ |

ବୁଧବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# '୮୫ ସହରକୁ ୧୦୦% ପାନୀୟ ଜଳ ଯୋଗାଯାଇଛି'



ଲୋକସେବା ଭବନ କନ୍‌ଭେନଶନ ସେଣ୍ଟରରେ ଆୟୋଜିତ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଜଳସାଥୀ।

**ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା**

- ଜଳସାଥୀଙ୍କୁ ମିଳିବ ସାଇକେଲ
- ମିଶନ ଶକ୍ତି ଗୋଷ୍ଠୀଙ୍କୁ ମିଳିବ ସମ୍ପତ୍ତି କର ଆଦାୟ ଦାୟିତ୍ୱ

**ଭୁବନେଶ୍ୱର,୨।୧୧(ବ୍ୟୁରୋ)**

ଜଳ ଯୋଗାଣ କାର୍ଯ୍ୟକ୍ରମରେ ସାମିଲ ଥିବା ଜଳସାଥୀଙ୍କୁ ସାଇକେଲ ପ୍ରଦାନ କରାଯିବ। ସେମାନଙ୍କ ଯାତାୟାତର ସୁବିଧା ପାଇଁ ଏହି ସାଇକେଲ ଦିଆଯିବ। ବୁଧବାର ଲୋକସେବା ଭବନ କନ୍‌ଭେନଶନ ସେଣ୍ଟରରେ ଜଳସାଥୀଙ୍କ ପାଇଁ ଆୟୋଜିତ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି। ଜଳସାଥୀମାନେ ସରକାରଙ୍କ ଜଳ ଯୋଗାଣ ବିଭାଗ ଏବଂ ଉପଭୋକ୍ତାମାନଙ୍କ ମଧ୍ୟରେ ସେତୁ ସାଜି ଉଭୟଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି କରିବାରେ ସହାୟକ ହୋଇଛନ୍ତି। ସେମାନଙ୍କ କାର୍ଯ୍ୟଦକ୍ଷତା ଦ୍ୱାରା ଜଳ ଯୋଗାଣର ଗୁଣବତ୍ତା ଓ ନିର୍ଭରଶୀଳତା ପ୍ରତିପାଦିତ ହୋଇପାରିଛି ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ହେଉଛି ଦେଶର ଏକମାତ୍ର ରାଜ୍ୟ, ଯେଉଁଠାରେ ୧୧୪ଟି ସହରରୁ ୮୫ଟି ସହରରେ ଶତପ୍ରତିଶତ ପାଇପ ଜଳ ଯୋଗାଣର ବ୍ୟବସ୍ଥା କରାଯାଇପାରିଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୭୪୦ ଜଣ ଜଳସାଥୀ ୮.୪୦ ଲକ୍ଷ ଉପଭୋକ୍ତାଙ୍କ ଜଳ ଯୋଗାଣ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ଏ ବାବଦରେ ୬୭ କୋଟି ଟଙ୍କା ଜଳ କର ଆଦାୟ କରିପାରିଛନ୍ତି। ସେମାନଙ୍କ ଦ୍ୱାରା ମିଟର ରିଡ଼ିଂ, ଜଳ କର ଆଦାୟ ଓ ବେନିୟମ ପାଇପ ସଂଯୋଗ ବନ୍ଦ କରିବା କାର୍ଯ୍ୟରେ ବହୁତ ଉନ୍ନତି ଆସିଛି। ଜଳସାଥୀ କାର୍ଯ୍ୟକ୍ରମ ସଫଳତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମିଶନ ଶକ୍ତି ଗୋଷ୍ଠୀଙ୍କୁ ସମ୍ପତ୍ତି କର ଆଦାୟ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

ରାଜ୍ୟ ସରକାରଙ୍କ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ କାର୍ଯ୍ୟକ୍ରମରେ ଆନ୍ତର୍ଜାତିକ ମାନର ପାନୀୟ ଜଳ ଦିନରାତି ୨୪ ଘଣ୍ଟା ଯୋଗାଇ ଦିଆଯାଉଛି। ଏହି କାର୍ଯ୍ୟକ୍ରମ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ଓ ଅନୁକରଣୀୟ ହୋଇପାରିଛି। ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଓ ଜଳସାଥୀ କାର୍ଯ୍ୟକ୍ରମକୁ ଜାତୀୟ ସ୍ତରରେ ପ୍ରାଥମିକତା ଦିଆଯାଇ ଅମୃତ ୨.୦ କାର୍ଯ୍ୟକ୍ରମରେ ସବୁ ରାଜ୍ୟରେ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଉଷା ଦେବୀ କହିଲେ, ମା'ମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ସଫଳତାର ସହ କାର୍ଯ୍ୟକାରୀ ହୋଇଛି। ମହିଳା ସଶକ୍ତୀକରଣ ଦିଗରେ ଏହା ଏକ ଅନନ୍ୟ ଉଦାହରଣ। ଏହି କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସଚିବ ଜି. ମାଥିଭାଥନନ ସ୍ୱାଗତ ଭାଷଣ ଦେଇ କହିଛନ୍ତି, ରାଜ୍ୟର ସହରାଞ୍ଚଳର ୯୭ ଭାଗ ଲୋକ ଏବେ ପାଇପ ଜଳ ପାଇପାରୁଛନ୍ତି। ରାଜ୍ୟର ୮୫ଟି ସହରରେ ଶତପ୍ରତିଶତ ପାଇପ ଜଳ ଯୋଗାଣ ହୋଇଥିବା ବେଳେ ଆଉ ୨୦ଟି ସହରରେ ଡିସେମ୍ବର ୨୦୨୩ ସୁଦ୍ଧା ପାଇପ ଜଳର ବ୍ୟବସ୍ଥା ସମ୍ପୂର୍ଣ୍ଣ ହେବ। ବିଭାଗୀୟ ସ୍ୱତନ୍ତ୍ର ସଚିବ ସାଗରିକା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

ମୁଖ୍ୟମନ୍ତ୍ରୀଙ୍କ ଯୋଗୁ ଆମେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛୁ ବୋଲି ମିଶନ ଶକ୍ତିର ଜଳସାଥୀମାନେ କହିଥିଲେ। କଟକ ଓ ଭୁବନେଶ୍ୱରରେ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଓ ସିପେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପରିଚାଳନା କରୁଥିବା ତୃତୀୟ ଲିଙ୍ଗର ସଦସ୍ୟା ତନୁଶ୍ରୀ ବେହେରା ଓ ମେଘନା ପ୍ରମୁଖ କହିଥିଲେ, ଆମ ପରିବାରରେ ବି ଆମର ସମ୍ମାନ ନ ଥିଲା। ଥିଲା କେବଳ ତିରସ୍କାର। ସମାଜ ଆମକୁ ଗ୍ରହଣ କରୁ ନ ଥିଲା। ମୁଖ୍ୟମନ୍ତ୍ରୀଙ୍କ ଯୋଗୁ ଆମର ମୂଲ୍ୟ ଅଛି ବୋଲି ଅନୁଭବ କରୁଛୁ।

ସୂଚନାଯୋଗ୍ୟ, ସହରାଞ୍ଚଳ ପାନୀୟ ଜଳ ଯୋଗାଣ ଓ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ କାର୍ଯ୍ୟକ୍ରମରେ ମିଶନ ଶକ୍ତିର ସଦସ୍ୟ ଏବଂ କିନ୍ନରମାନଙ୍କୁ ଦାୟିତ୍ୱ ଦିଆଯାଇଛି। ସେମାନେ ମିଟର ରିଡ଼ିଂ, ଜଳର ମାନ ପରୀକ୍ଷା, ନୂତନ ସଂଯୋଗ ଓ ବେନିୟମ ସଂଯୋଗ ବନ୍ଦ କରିବା କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ଏଥିପାଇଁ ସେମାନଙ୍କୁ ତାଲିମ ଦିଆଯାଇଛି।

# ୧୦ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶା ଗସ୍ତ

**ଭୁବନେଶ୍ୱର,୨।୧୧(ବ୍ୟୁରୋ)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୧୦ ତାରିଖରେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିବେ। ରାଷ୍ଟ୍ରପତି ହେବା ପରେ ନିଜ ରାଜ୍ୟକୁ ମୁର୍ମୁଙ୍କ ଏହା ପ୍ରଥମ ଗସ୍ତ। ରାଜଭବନ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ରାଷ୍ଟ୍ରପତି ଆସନ୍ତା ୧୦ତାରିଖ ଅପରାହ୍ଣରେ ଭୁବନେଶ୍ୱରରେ ପହଞ୍ଚିବେ। ବିମାନ ବନ୍ଦରରେ ତାଙ୍କୁ ଗାର୍ଡ ଅଫ ଅନର ପ୍ରଦାନ କରାଯିବା ପରେ ସେ ସେଠାରୁ ସିଧାସଳଖ ରାଜଭବନ ଯିବେ। ରାଜଭବନରେ ରାତ୍ରି ଯାପନ କରି ରାଷ୍ଟ୍ରପତି ମୁର୍ମୁ ୧୧ତାରିଖ ସକାଳେ ପୁରୀ ଗସ୍ତରେ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିବେ। ଏହାପରେ ସେ ଦିଲ୍ଲୀ ଫେରିଯିବେ। ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ରାଷ୍ଟ୍ରପତି ଭବନ ପକ୍ଷରୁ ଓଡ଼ିଶା ରାଜ୍ୟପାଳଙ୍କୁ ଅବଗତ କରାଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଦେଶର ପ୍ରଥମ ଆଦିବାସୀ ଏବଂ ଓଡ଼ିଆ ମହିଳା ଭାବେ ମୁର୍ମୁ ୨୦୨୨ ଜୁଲାଇ ୨୫ରେ ରାଷ୍ଟ୍ରପତି ପଦର ଶପଥ ନେଇଥିଲେ।

# ବିଦ୍ୟୁତ୍ ତାର ଲାଗି ଯୁକ୍ତ ୨ ବିଜ୍ଞାନ ଛାତ୍ର ଜୀବନ୍ତ ଦଗ୍ଧ

**କେନ୍ଦ୍ରାପଡ଼ା ଅଫିସ/ମାର୍ଶାଘାଇ,୨।୧୧(ଡି.ଏନ.ଏ.)**



ମୃତ ଦେବୀପ୍ରସାଦ ଦାସ

- ଉଦ୍ଧାର କରିବାକୁ ଆସିଥିବା ୫ ଛାତ୍ର ଗୁରୁତର
- କୋଚିଂ ସେଣ୍ଟର ପରିଚାଳକ ଗିରଫ

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଜୁଣ ଛକରେ ଥିବା ଦ ରୟାଲ ଗାଇଡ୍ ରେସିଡେନ୍ସ କୋଚିଂ ସେଣ୍ଟରରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଦୁଃଖଦ ଘଟଣା ଘଟିଛି। ଉକ୍ତ କୋଚିଂ ସେଣ୍ଟରର ଯୁକ୍ତ ୨ ବିଜ୍ଞାନ ଛାତ୍ର ତଥା ଗୋପୀନାଥପୁର ଗ୍ରାମର ଦେବୀପ୍ରସାଦ ଦାସ (୧୭) ବିଦ୍ୟୁତ୍ ଆଘାତରେ ଜୀବନ୍ତ ଦଗ୍ଧ ହୋଇଛନ୍ତି। ତାଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରି ୫ ଅନ୍ତେବାସୀ ବି ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ମାର୍ଶାଘାଇ ସିଏଚ୍‌ସିରେ ଭର୍ତ୍ତି କରାଯାଇଛି। ଏହି ଘଟଣା ପରେ ୬୦ରୁ ଊର୍ଦ୍ଧ୍ୱ ଅନ୍ତେବାସୀଙ୍କୁ କୋଚିଂ ସେଣ୍ଟରରୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

ପ୍ରାଥମିକ ସୂଚନା ଅନୁଯାୟୀ, ଏହି କୋଚିଂ ସେଣ୍ଟର ନିକଟରେ ୧୧ କେଭି. ବିଦ୍ୟୁତ୍ ତାର ଯାଇଛି। କୌଣସି କାରଣରୁ ଦେବୀପ୍ରସାଦ ରାତି ପ୍ରାୟ ସାଢ଼େ ୧୧ଟାରେ ବାହାରକୁ ଆସିଥିବା ବେଳେ ଏପରି ଦୁର୍ଘଟଣାର ଶିକାର ହୋଇଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ମୁତାବକ ଛାତ୍ରଜଣକ ନିଆଁ ଲାଗି ନଡ଼ା ଗଦା ପରି ଜଳିଯାଇଥିଲେ। ତାଙ୍କୁ ଉଦ୍ଧାର କରିବା ସମ୍ଭବ ହୋଇପାରି ନ ଥିଲା। ମାର୍ଶାଘାଇ ପୋଲିସ ପକ୍ଷରୁ ପ୍ରାଥମିକ ତଦନ୍ତ ଆରମ୍ଭ ହୋଇଛି। କୋଚିଂ ସେଣ୍ଟରର ପରିଚାଳକ ଚିତ୍ତରଞ୍ଜନ ରଥଙ୍କୁ ପୋଲିସ ଗିରଫ କରିଛି। ଏକ ମାମଲା(ନଂ.୪୨୩/୨୨) ରୁଜୁ କରାଯାଇଛି। କୋଚିଂ ସେଣ୍ଟରରେ ପୋଲିସ ମୁତୟନ ହୋଇଛନ୍ତି।







# ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ

**ପୁରୁଷ ହକି ବିଶ୍ୱକପ୍ ପାଇଁ ୪ ଜଣଙ୍କୁ ପର୍ଯ୍ୟଟନ ବିଭାଗକୁ ବଦଳି**

**ଭୁବନେଶ୍ୱର,୨।୧୧(ବ୍ୟୁରୋ)**

ରାଜ୍ୟ ସରକାର ୯ ଜଣ ବରିଷ୍ଠ ଓଏଏସ୍ ଅଧିକାରୀଙ୍କୁ ଅଦଳବଦଳ କରିଛନ୍ତି। ୫ଜଣଙ୍କୁ ବିଭିନ୍ନ ସ୍ଥାନକୁ ବଦଳି କରାଯାଇଥିବା ବେଳେ ପୁରୁଷ ହକି ବିଶ୍ୱକପ୍ ପାଇଁ ରାଜ୍ୟ ସରକାର ୪ ଜଣ ବରିଷ୍ଠ ଓଏଏସ୍ ଅଧିକାରୀଙ୍କୁ ପର୍ଯ୍ୟଟନ ବିଭାଗକୁ ଡେପୁଟେଶନରେ ପଠାଇଛନ୍ତି। ସେମାନେ ୨୦୨୩ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ରହି ଦାୟିତ୍ୱ ତୁଲାଇବେ। ଏ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଗଞ୍ଜାମ ଜିଲା ଛତ୍ରପୁର ଆସିଷ୍ଟାଣ୍ଟ କଲେକ୍ଟର ବିକ୍ରମ କୁମାର ଦୋରା ଏବଂ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ତହସିଲର ଅତିରିକ୍ତ ତହସିଲଦାର ଓମକାର ମହାନ୍ତି, ମୟୂରଭଞ୍ଜ ଜିଲା କରଞ୍ଜିଆ ଉପଜିଲାପାଳ ପ୍ରଜ୍ଞାନନ୍ଦ ଗିରି ଏବଂ କେନ୍ଦ୍ରାପଡ଼ା ରାଜନଗର ଅତିରିକ୍ତ ତହସିଲଦାର ସାଓ୍ୱନ କୁମାର ଭୋଇଙ୍କୁ ପର୍ଯ୍ୟଟନ ବିଭାଗ ରାଉରକେଲା କାର୍ଯ୍ୟାଳୟକୁ ଡେପୁଟେଶନରେ ପଠାଯାଇଛି।

ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଗେଲ (ଇଣ୍ଡିଆ) ଲିମିଡର ଓଏସଡି ତଥା ଆସିଷ୍ଟାଣ୍ଟ କଲେକ୍ଟର ଶ୍ରୀକାନ୍ତ ପରିଜାଙ୍କୁ କେନ୍ଦ୍ରାପଡା ଡେପୁଟି କଲେକ୍ଟର ଭାବେ ବଦଳି କରାଯାଇଥିବା ବେଳେ ଗେଲ (ଇଣ୍ଡିଆ) ଲିମିଡର ଓଏସଡି ତଥା ଆସିଷ୍ଟାଣ୍ଟ କଲେକ୍ଟର କେଶବ ଚନ୍ଦ୍ର ବିଶ୍ୱାଳଙ୍କୁ ନୟାଗଡ ଡେପୁଟି କଲେକ୍ଟର, ଆରଓଟିଆଇ ଆସିଷ୍ଟାଣ୍ଟ ଡାଇରେକ୍ଟର ମାନସ ସ୍ୱାଇଁଙ୍କୁ ଏସଏସି/ଏସଟି ଉନ୍ନୟନ ବିଭାଗ ଅନୁସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଉପଦେଷ୍ଟାଙ୍କ ଓଏସଡି ଥିବା ସମରେନ୍ଦ୍ର ଭୁଟିଆଙ୍କୁ ଭୁବନେଶ୍ୱର ସ୍ଥିତ ଏସସିଏଟିଆରଟିଆଇ ଓଏସଡି ଏବଂ ଆନନ୍ଦପୁର ମ୍ୟୁନିସିପାଲିଟି ଏକଜିକ୍ୟୁଟିଭ ଅଫିସର ଲଳିତ କୁମାର ନାୟକଙ୍କୁ ଦେବଗଡ ଆସିଷ୍ଟାଣ୍ଟ କଲେକ୍ଟର ଭାବେ ବଦଳି କରାଯାଇଛି।




# ୯୦ ବର୍ଷୀୟ ବ୍ୟକ୍ତିଙ୍କୁ ୩ ବର୍ଷ ଜେଲ

**ଅସଦାଚରଣ ମାମଲା**

**ପାଟକୁରା, ୨।୧୧(ଡି.ଏନ.ଏ.)**

ଜଣେ ଶିଶୁଙ୍କୁ ଖାଇବାକୁ ଦେବା ଆଳରେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ବାଟିପଡ଼ା ଗ୍ରାମର ୯୦ବର୍ଷ ବୟସ୍କ ବିଷ୍ଣୁ ଦାସ ଅସଦାଚରଣ କରିଥିଲେ। ୨୦୧୮ର ଏହି ମାମଲା (ପିଏସ୍ କେସ୍ ନଂ- ୧୫୯/୧୮) କେନ୍ଦ୍ରାପଡ଼ା ଜିଲା ଆଡହକ ଆଡିଶନାଲ ସେସନ୍ସ କୋର୍ଟ ତଥା ଫାଷ୍ଟଟ୍ରାକ୍ କୋର୍ଟରେ ଗତ ଅକ୍ଟୋବର ୧୯ରେ ଶେଷ ହୋଇଛି। ଜଜ୍ ତ୍ରିବିକ୍ରମ କେଶରୀ ଚିନାରା ମାମଲାର ଶୁଣାଣି କରି ବିଷ୍ଣୁ ଦାସଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୩ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୧୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅର୍ଥ ଅନାଦାୟେ ଅଭିଯୁକ୍ତ ଅଧିକ ୬ ମାସ ଜେଲରେ ରହିବେ ବୋଲି କୋର୍ଟ କହିଛନ୍ତି।

ଏସମ୍ପର୍କରେ ସ୍ପେଶାଲ ପିପି ମନୋଜ କୁମାର ସାହୁ ବୁଧବାର କହିଛନ୍ତି, ଯାଯାବର ସମ୍ପ୍ରଦାୟର ପୀଡ଼ିତା ଓ ତାଙ୍କ ମା' ଏହି ଥାନା ଅଞ୍ଚଳରେ ରହି ଭିକ୍ଷାବୃତ୍ତି କରିଥାନ୍ତି। ୨୦୧୮ ମେ ୨୦ରେ ପୀଡ଼ିତାଙ୍କ ମା' ରାଜନଗର ବ୍ଲକ ଅଞ୍ଚଳକୁ ଭିକ୍ଷାବୃତ୍ତି କରିବାକୁ ଯାଇଥିଲେ। ସେଦିନ ଅପରାହ୍ଣରେ ଶିଶୁ କନ୍ୟା ବିଷ୍ଣୁଙ୍କ ଘରକୁ ଯାଇ ଖାଇବାକୁ ମାଗିଥିଲେ। ବିଷ୍ଣୁ ଖାଇବାକୁ ଦେବାକୁ କହି ତାଙ୍କୁ ଘର ଭିତରକୁ ନେଇ ଅସଦାଚରଣ କରିଥିଲେ। ପୀଡ଼ିତା କାନ୍ଦିବାରୁ ଗ୍ରାମବାସୀ ଜମାହୋଇ ତାଙ୍କୁ ଉଦ୍ଧାର କରିଥିଲେ। ୬ ଦିନ ପରେ ପୀଡ଼ିତାଙ୍କ ମା' ଘରକୁ ଫେରିବା ପରେ ଥାନାରେ ଅଭିଯୋଗ କରିଥିଲେ।

## ସ୍ତ୍ରୀଙ୍କୁ ଠେଙ୍ଗାରେ ପିଟି ହତ୍ୟା

**ଦେବଗଡ଼/ରିଆମାଳ, ୨।୧୧(ଡି.ଏନ୍.ଏ.)**

ଦେବଗଡ଼ ଜିଲା କୁଣ୍ଢେଇଗୋଳା ଥାନା ତୋଟାବାରି ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ସ୍ତ୍ରୀଙ୍କ ପରକୀୟା ପ୍ରୀତିକୁ ସନ୍ଦେହକରି ଏକ ଠେଙ୍ଗାରେ ପିଟିବା ସହିତ ପଥରରେ ଛେଚିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ତୋଟାବାରି ଗ୍ରାମର ବାଳକୃଷ୍ଣ ନାଏକଙ୍କ ସ୍ତ୍ରୀ ମିନତି। ବାଳକୃଷ୍ଣ ୬ବର୍ଷ ତଳେ ଛେଣ୍ଡିପଦା ଥାନା ଖଇରବେରେଣି ଗ୍ରାମର ମିନତିଙ୍କୁ ବିବାହ କରିଥିଲେ। ବାଳକୃଷ୍ଣ ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ଘରେ ଝଗଡ଼ା କରୁଥିଲେ। ମଙ୍ଗଳବାର ଅପରାହ୍ଣରେ ତାଙ୍କୁ ଗ୍ରାମ ନିକଟ ଏକ ନିଛାଟିଆ ସ୍ଥାନକୁ ନେଇ ବାଳକୃଷ୍ଣ ଏକ ଠେଙ୍ଗାରେ ମାରିବା ସହ ପଥରରେ ଛେଚି ମିନତିଙ୍କୁ ହତ୍ୟା କରିଥିଲେ।

# ଧର୍ମୀୟ ବିବାଦ: ୬ଘଣ୍ଟା ପଡ଼ିରହିଲା ମୃତଦେହ

- ଅନ୍ଧବିଶ୍ୱାସରେ ଚିକିତ୍ସା, ଚାଲିଗଲା ଜୀବନ
- ହିନ୍ଦୁ ରୀତିନୀତିରେ ହେଲା ସତ୍କାର



କୁଟରାଜୁରୀ ଗ୍ରାମରେ ଅନୁଷ୍ଠିତ ବୈଠକ।

**ସମ୍ବଲପୁର,୨।୧୧(ବ୍ୟୁରୋ)**

ହିନ୍ଦୁଧର୍ମରୁ ଖ୍ରୀଷ୍ଟଧର୍ମକୁ ପରିବର୍ତ୍ତନ କରିଥିବାରୁ କେଉଁ ଧର୍ମରେ ମୃତଦେହ ସତ୍କାର କରାଯିବ ତାହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଫଳରେ ୬ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ମୃତଦେହ ପଡିରହିଥିଲା। ଏଭଳି ଏକ ଅଭାବନୀୟ ଘଟଣା ବୁଧବାର ସମ୍ବଲପୁର ଜିଲା ସଦର ଥାନା କୁଟରାଜୁରୀ ଗ୍ରାମ ନୂଆପଡାରେ ଦେଖିବାକୁ ମିଳିଥିଲା। ଖ୍ରୀଷ୍ଟଧର୍ମ ଆପଣେଇଥିବା ଗ୍ରାମର ରାମପ୍ରସାଦ ଖଡିଆ(୬୦)ଙ୍କ ମୃତଦେହ ସତ୍କାର ନେଇ ପରିବାର, ସମାଜ ଓ ଦୁଇଧର୍ମ ଭିତରେ ଲାଗିରହିଥିଲା ବିବାଦ। ପରିସ୍ଥିତି ଏପରି ହୋଇଥିଲା ବିଶ୍ୱ ହିନ୍ଦୁ ପରିଷଦ ସଦସ୍ୟ ରାଜାରାମ ଷଡଙ୍ଗୀ, ଅନନ୍ତ ମହାନ୍ତି, ବିପିନ ଗଡନାୟକ ପ୍ରମୁଖ ଗ୍ରାମରେ ପହଞ୍ଚି ଯାଇଥିଲେ। ସଦର ଥାନା ପୋଲିସ ମଧ୍ୟ ଏଥିରେ ହସ୍ତକ୍ଷେପ କରିଥିଲା। ପରେ ଗ୍ରାମର ଖଡିଆ ସମାଜର ଏକ ବୈଠକ ହୋଇଥିଲା। ମୃତ ରାମପ୍ରସାଦଙ୍କ ପୁଅ ଅନିଲ ଲିଖିତ ଚୁକ୍ତିନାମା ଦେବା ପରେ ସମାଜରେ ସାମିଲ ହୋଇଥିଲେ ଓ ହିନ୍ଦୁ ରୀତିନୀତି ଅନୁସାରେ ମୃତଦେହ ସତ୍କାର କରାଯାଇଥିଲା। ପରେ ସେଠାରେ ଉପସ୍ଥିତ ଥିବା ଖ୍ରୀଷ୍ଟ ଧର୍ମାବଲମ୍ବୀ ଫେରି ଆସିଥିଲେ।

ପରିବାରବର୍ଗଙ୍କ ସୂଚନା ମୁତାବକ ରାମପ୍ରସାଦ ବିଭିନ୍ନ ରୋଗରେ ପୀଡିତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ପ୍ରାୟ ୨ବର୍ଷ ହେବ ସେ ଖ୍ରୀଷ୍ଟଧର୍ମ ଆପଣେଇବା ପରେ ଡାକ୍ତରୀ ଚିକିତ୍ସା ଛାଡି ଖ୍ରୀଷ୍ଟ ଧର୍ମାବଲମ୍ବୀ ପ୍ରାର୍ଥନା କରୁଥିବା କେନ୍ଦ୍ରକୁ ଯାଇ ପ୍ରାର୍ଥନା କରୁଥିଲେ। ଏପରିସ୍ଥଳେ ଗତ ମଙ୍ଗଳବାର ରାମପ୍ରସାଦ ହଠାତ୍ ଅସୁସ୍ଥ ହୋଇପଡିବାରୁ ପରିବାର ବର୍ଗ ତାଙ୍କୁ ବୁର୍ଲା ଭିମ୍‌ସାର ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ଫେରାଇ ଦେଇଥିଲେ। ଘରକୁ ଫେରିବା ପରେ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ବର୍ଗ ବୁଧବାର ମୃତଦେହ ଧରି ଗ୍ରାମରେ ପହଞ୍ଚିଥିଲେ। ଶେଷ ଦର୍ଶନ କରିବା ପାଇଁ ବନ୍ଧୁବାନ୍ଧବ, ଜାତି ସମାଜ ଏକାଠି ହୋଇଥିଲେ। ଏହି ସମୟରେ ଖ୍ରୀଷ୍ଟଧର୍ମର କେତେଜଣ ବ୍ୟକ୍ତି ମଧ୍ୟ ପହଞ୍ଚିଥିଲେ। ରାମପ୍ରସାଦ ଖ୍ରୀଷ୍ଟଧର୍ମ ନେଇଥିବାରୁ ଖ୍ରୀଷ୍ଟଧର୍ମ ଅନୁସାରେ ମୃତଦେହ ସତ୍କାର କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଥିଲେ। ହେଲେ ରାମପ୍ରସାଦଙ୍କ ଜ୍ୱାଇଁ ଓ ଝିଅ ବିରୋଧ କରି ହିନ୍ଦୁ ରୀତି ଅନୁସାରେ ସତ୍କାର କରିବାକୁ କହିଥିଲେ। ଏହାକୁ ନେଇ ଜାତି ସମାଜ ମଧ୍ୟ ଅଡୁଆରେ ପଡି ଯାଇଥିଲେ। ପୁଣି ହିନ୍ଦୁ ଧର୍ମକୁ ଫେରି ଜାତିରେ ମିଶିବାକୁ ସେମାନେ ପରାମର୍ଶ ଦେଇଥିଲେ। ପରେ ଗ୍ରାମରେ ଖଡିଆ ସମାଜର ଏକ ବୈଠକ ବସିଥିଲା। ରାମପ୍ରସାଦଙ୍କ ପୁଅ ଚୁକ୍ତିନାମା ଲେଖି ଆଗକୁ ପରିବାରର କୌଣସି ସଦସ୍ୟ ଧର୍ମ ପରିବର୍ତ୍ତନ କରିବେ ନାହିଁ। ହିନ୍ଦୁଧର୍ମ ପାଳନ କରି ଜାତି ସମାଜ ସହ ରହିବେ ବୋଲି ଉଲ୍ଲେଖ କରିଥିଲେ। ପରେ ସମାଜ ଓ ପରିଜନ ଗ୍ରାମ ନିକଟ ଶ୍ମଶାନରେ ମୃତଦେହ ସତ୍କାର କରି ଫେରିଥିଲେ। ଏ ସମ୍ପର୍କରେ ବିଶ୍ୱ ହିନ୍ଦୁ ପରିଷଦ ପ୍ରାନ୍ତ ସହସମ୍ପାଦକ ରାଜୀବ କୁମାର ଶତପଥୀ କହିଛନ୍ତି, ଡାକ୍ତରୀ ଚିକିତ୍ସା ବଦଳରେ ପ୍ରାର୍ଥନା କରି ପାଣି ପିଆଇବା ଯୋଗୁ ରାମପ୍ରସାଦଙ୍କ ମୃତ୍ୟୁ ଘଟିଛି। ତାଙ୍କୁ ବ୍ରେନ ଟ୍ୟୁମର ହୋଇଥିଲା। ବୁର୍ଲାରେ ଡାକ୍ତର ଅପରେଶନ କରିବାକୁ କହିଥିଲେ। ହେଲେ ପ୍ରାୟ ୧ବର୍ଷ ହେବ ସେ ଧର୍ମ ପରିବର୍ତ୍ତନ କରି ଆଉ ଚିକିତ୍ସା ପାଇଁ ଗଲେ ନାହିଁ। ତେଣୁ ତାଙ୍କର ମୃତ୍ୟୁ ଘଟିଲା। ମୃତଦେହ ସତ୍କାର କରିବାକୁ ଖ୍ରୀଷ୍ଟଧର୍ମର ସଦସ୍ୟମାନେ ତାଙ୍କ ଘରକୁ ଯାଇଥିଲେ। ହେଲେ ପରିବାର ବର୍ଗ ବିରୋଧ କରିଥିଲେ। ଆମେ ପହଞ୍ଚି ପରିବାର ବର୍ଗଙ୍କୁ ସମର୍ଥନ ଦେଇଥିଲୁ ବୋଲି କହିଥିଲେ। ଏ ସମ୍ପର୍କରେ ଡଣ୍ଡେଇପାଲିସ୍ଥିତ ଦି ପାୱାର ଅଫ୍ ଟ୍ରୁଥ୍ ମଣ୍ଡଳୀ (ଖ୍ରୀଷ୍ଟ ଧର୍ମାବଲମ୍ବୀ ପ୍ରାର୍ଥନା କରୁଥିବା କେନ୍ଦ୍ର) ସମ୍ପାଦକ ମାନସ ବୋଷ କହିଛନ୍ତି, ମୃତଦେହ ସତ୍କାର କରିବା ପାଇଁ ଆମ ସଦସ୍ୟମାନେ ତାଙ୍କ ଘରକୁ ଯାଇଥିଲେ। ହେଲେ ପରିବାର ଓ ଜାତି ସମାଜ ନିଜେ ସତ୍କାର କରିଥିଲେ, ଯାହା ଖୁସିର ବିଷୟ। ପୂର୍ବରୁ ପ୍ରାର୍ଥନା ପାଇଁ ରାମପ୍ରସାଦ କେନ୍ଦ୍ରକୁ ଆସିଥିଲେ ବୋଲି ସେ କହିଥିଲେ।



**ଆଜିର ମନ୍ତବ୍ୟ**
“ପାକିସ୍ତାନରେ ସିପିଇସି ପ୍ରକଳ୍ପଗୁଡ଼ିକରେ ଚାଇନା ନାଗରିକମାନଙ୍କ ସୁରକ୍ଷାକୁ ନେଇ ଚିନ୍ତିତ। ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ସେମାନଙ୍କ ପାଇଁ ନିର୍ଭରଯୋଗ୍ୟ ବାତାବରଣ ସୃଷ୍ଟି କରନ୍ତୁ। **-ଶି ଜିନ୍‌ପିଙ୍ଗ୍, ଚାଇନା ରାଷ୍ଟ୍ରପତି**



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................


ଲୁଇଶା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛୋଟ ଲୋକ ବଡ଼ ପଦ ପାଏ,**
**ହଗି ଗଲେ ଗୀତ ଗାଏ।**

ସାଧାରଣତଃ ନୀଚ ସ୍ତରର ଲୋକ ଉଚ୍ଚ ପଦବୀରେ ଅଧିଷ୍ଠିତ ହେଲେ ଗର୍ବରେ ଫାଟି ପଡନ୍ତି। ସ୍ଥାନ, କାଳ ଓ ପାତ୍ରକୁ ସେମାନେ ଆଦୌ ଖାତିର କରନ୍ତି ନାହିଁ ବୋଲି ଏଠାରେ ଦର୍ଶାଯାଇଛି।

**ଛୋଟ ତାଳ ଗଛ ଲମ୍ବା ବରଡ଼ା,**
**ଜିକି ଜିକି ପଡ଼େ ଖରା;**
**ଅବୁଝା ନାରୀକି କିସ ବୁଝେଇବି,**
**ମାଗୁଛି ସରଗ ତରା।**

ଅସମ୍ଭବ ଅପ୍ରାପ୍ୟ ନିଶ୍ଚୟ। ଦୁର୍ଲଭ ଦ୍ରବ୍ୟ ପ୍ରତି ଆଗ୍ରହ ଯେ ବୃଥା ଏ କଥା ଅନେକେ ସ୍ୱୀକାର କରି ନ ଥାନ୍ତି। ଆକାଶରୁ ତାରା ତୋଳି ଆଣିବାକୁ ଅଡ଼ିବସିବା ଭଳି ଅବୁଝା ନାରୀଙ୍କୁ ବୁଝାଇବା କଷ୍ଟକର ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

## ରାଜଧାନୀରେ ମହିଳାଙ୍କୁ ...

ଆଶ୍ରୟ ନେବାକୁ କହିଥିଲେ। ମହିଳା ଜଣକ ଏଥିରେ ବିଶ୍ୱାସ କରି ଉକ୍ତ ବ୍ୟାଙ୍କକୁ ଯାଇଥିଲେ। ସେଠାରେ ଶୋଇଥିବା ସମୟରେ ବିଳମ୍ବିତ ରାତିରେ କାଳିଆ ତାଙ୍କ ସହ ବଳପୂର୍ବକ ବଳାତ୍କାର କରିଥିଲେ। ଏପରି କି ସହଯୋଗୀ ବସନ୍ତ ମଧ ବଳାତ୍କାର କରିଥିଲେ। ପରେ ମହିଳା ଜଣକ ସେଠାରୁ ଚାଲି ଆସି ପୁନର୍ବାର ରାମ ମନ୍ଦିର ପରିସରରେ ଆଶ୍ରୟ ନେଇଥିଲେ। ସୋମବାର ସକାଳେ ରାତିର ଘଟଣା ସମ୍ପର୍କରେ ପୋଲିସକୁ ଜଣାଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଆଇପିସି ଦଫା ୩୭୬(ଡି)ରେ ଏକ ମାମଲା (ନଂ.୩୭୭/୨୦୨୨) ରୁଜୁ କରି ଘଟଣାର ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଥିଲା। ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧାନ କରିବା ସହ ଅଭିଯୁକ୍ତଙ୍କ ସମ୍ପର୍କରେ ଜାଣିବାକୁ ପାଇଥିଲା। ଘଟଣା ପରେ ଅଭିଯୁକ୍ତ ବସନ୍ତ ଘରକୁ ଚାଲିଯାଇଥିବାରୁ ମଙ୍ଗଳବାର ରାତିରେ ଅନୁଗୋଳରୁ ବସନ୍ତଙ୍କୁ ଏବଂ ଭୁବନେଶ୍ୱରରୁ କାଳିଆଙ୍କୁ କାବୁ କରିଥିଲା। ବୁଧବାର ଉଭୟ ଅଭିଯୁକ୍ତ ଏବଂ ପୀଡ଼ିତାଙ୍କ ଡାକ୍ତରୀମାଇନା କରାଯାଇଥିଲା। ଏଥିସହ ମାଜିଷ୍ଟ୍ରେଟଙ୍କ ନିକଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଥିବା ପୋଲିସ କହିଛି।

**classifieds** Everyday 0674-2580101, 2549302



**SALE**

ଘରବାରୀ ପାଚେରି ରୋଡ୍, ଇଲେକ୍ଟ୍ରିସିଟି ଥାଇ ନଖରା **East College mainroad 200mtr.** ଦୂରତାରେ **SC/ General** ପ୍ଲଟ୍ **gated society** ଥାଇ ବିକ୍ରିହେବ। **8093419724, 9776602067.** D-74127

**2/3 BHK residential flats available for sale within gated community and facilities like children's play area, Community Centre, land scape Garden, Volleyball and Badminton Court etc. near Haribhaina Chhak, Jatni Town. Contact: 9337333685.** D-1805

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ **Grandbazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି ବାସୋପଯୋଗୀ **plot** ଶସ୍ତାରେ କିଣନ୍ତୁ। **8249422604.** D-74141

**Gharabari plot sale. Jhintisasan, Balakati, 8700 sqft., road side. 6372755567.** D-1912

ଭୁବନେଶ୍ୱର ପିତାପଲ୍ଲୀ ଛକରୁ **200 mtr.** ଦୂରତାରେ **BDA yellow zone** ପ୍ଲଟ୍ **Boundary** ସହ ମିଳୁଛି। **7848882166.** D-74142

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



**Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-74140



Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473.
D-73994

**Relax, Refresh your body, Mind at Saikrupa Spa with best therapies. 8984068077.** D-1863

Newly open full body massage ladies and gents. 8327740003, 8093860513. D-73992

Newly open health benefits SPA Diwali Offer @999/- Jaidevbihar, 9439676695. D-73656



ଘରେ ବାସ୍ତୁଦୋଷ ଯୋଗୁ ଅଶାନ୍ତି, ଧନହାନି ଏବଂ ସ୍ୱାସ୍ଥ୍ୟଗତ ସମସ୍ୟା ଲାଗି ରହୁଛି କି? 7978736177.
D-74302

## ପ୍ରଥମ ପୃଷ୍ଠାରୁ...

### ସ୍କୁଲ କ୍ରୀଡ଼ାରେ ...

କ୍ରୀଡ଼ା ଅନୁଦାନ ବାବଦରେ ବାର୍ଷିକ ୯୩,୭୫,୦୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। କିନ୍ତୁ ବାସ୍ତବରେ ୯୦୦ରୁ ଅଧିକ ବିଦ୍ୟାଳୟର ନିଜସ୍ୱ ଖେଳପଡ଼ିଆ ନାହିଁ। କେତେକ ସ୍କୁଲର ଛାତ୍ରଛାତ୍ରୀ ନିକଟସ୍ଥ ସରକାରୀ ଜମିକୁ ଖେଳପଡ଼ିଆ ଭାବେ ବ୍ୟବହାର କରୁଛନ୍ତି। ଏତିକି ନୁହେଁ, ଜିଲାରେ ୧୯ କ୍ରୀଡ଼ା ଶିକ୍ଷକ (ପିଇଟି) ପଦବୀ ଖାଲିପଡ଼ିଛି। ଏଭଳିସ୍ଥିତିରେ ଅନୁଦାନ ରାଶି କିପରି ବିନିଯୋଗ ହେଉଥିବ ତାହା ସହଜେ ଅନୁମେୟ। ଏହି ପ୍ରସଙ୍ଗକୁ ନେଇ ଅନିୟମିତତାର ଗନ୍ଧ ବାରି ହୋଇଛି। ଜିଲା ଶିକ୍ଷା ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଜିଲାରେ ପ୍ରାଥମିକ ୫୧୨, ଉଚ୍ଚ ପ୍ରାଥମିକ ୨୯୯ ଓ ହାଇସ୍କୁଲ ସଂଖ୍ୟା ୧୫୩ ରହିଛି। ସରକାରୀ ନିଷ୍ପତ୍ତି ମୁତାବକ ସରକାରୀ ପ୍ରାଥମିକ ବିଦ୍ୟାଳୟ ପିଛା ବାର୍ଷିକ ୫,୦୦୦, ଉଚ୍ଚ ପ୍ରାଥମିକ ୧୦,୦୦୦ ଓ ଉଚ୍ଚ ବିଦ୍ୟାଳୟ ପିଛା ୨୫,୦୦୦ ଟଙ୍କା ଲେଖାଏ ଅନୁଦାନ ଯୋଗାଇ ଦିଆଯାଉଛି। ଏହାବାଦ୍ ଅନ୍ୟ ଯୋଜନାରେ ମଧ ବିଦ୍ୟାଳୟ ଖେଳପଡ଼ିଆର ଉନ୍ନତୀକରଣ ଓ ଉପକରଣ କିଣା ଆଦି ପାଇଁ ଅର୍ଥ ବିନିଯୋଗ ହେଉଛି। କ୍ରୀଡ଼ା ଅନୁଦାନରେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକ ୨୦, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟଗୁଡ଼ିକ ୨୨ ପ୍ରକାର ଲେଖାଏ କ୍ରୀଡ଼ା ଉପକରଣ କିଣିବା ସୁଯୋଗ ରହିଛି। ବାସ୍ତବରେ ଏସବୁ କିଣାଯାଉଛି କି ନାହିଁ ତାହା ଅନୁଧାନସାପେକ୍ଷ। ଜଗତ୍‌ସିଂହପୁର ସହର ନିକଟ ବଡ଼ବାଗ ଗାଁରେ ଥିବା ୧୦୦ ବର୍ଗ ମିଟର ପଡ଼ିଆକୁ ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ ଭାବେ ବ୍ୟବହାର କରାଯାଉଛି। ଉକ୍ତ ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ରୀ ଶୁଭଲକ୍ଷ୍ମୀ ପାତ୍ର ଓ ଛାତ୍ର ଅଂଶୁମାନ୍ ସାହୁ କହିଛନ୍ତି, ଖେଳପଡ଼ିଆ ନ ଥିବାରୁ ବିଦ୍ୟାଳୟ ପରିସର ଫାଙ୍କା ସଂକୀର୍ଣ୍ଣ ସ୍ଥାନରେ ସେମାନେ ଖେଳୁଛନ୍ତି। ତେଣୁ ସ୍ଥାୟୀ ଖେଳପଡ଼ିଆ ଆବଶ୍ୟକ। ଏନେଇ ପ୍ରଧାନଶିକ୍ଷକ ସୁଭାଷ ଚନ୍ଦ୍ର ରାଉତ କହିଛନ୍ତି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଓ ଜିଲାପାଳଙ୍କ ପକ୍ଷରୁ ୩।୧୧।୨୧ରେ ଖେଳ ପଡ଼ିଆ ସମ୍ପର୍କିତ ଚିଠି ହସ୍ତଗତ ହୋଇଛି। ଚିଠି ପାଇ ସେ ବିଦ୍ୟାଳୟଠାରୁ ପାଖାପାଖି ୧ କିଲୋମିଟର ଦୂର ୧ ଏକର ଜମି ବିଦ୍ୟାଳୟ ନାମରେ କରିବା ପାଇଁ ସ୍ଥାନୀୟ ତହସିଲଦାରଙ୍କୁ ୧୧।୨।୨୨ରେ ଚିଠି କରିଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ରେକର୍ଡ ହୋଇନାହିଁ ବୋଲି ରାଉତ କହିଛନ୍ତି। ଏନେଇ ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରାଙ୍କୁ ପଚାରିବାରୁ ଦେଖାଦେଇଥିବା ସମସ୍ୟାଗୁଡ଼ିକର ସମାଧାନ ପାଇଁ ଚେଷ୍ଟା ଚାଲିଥିବା କହିଛନ୍ତି।

ନବରଙ୍ଗପୁର ଜିଲାରେ ୨୦୨୧ ସୁଦ୍ଧା ୧୮୮ ସରକାରୀ ହାଇସ୍କୁଲ, ୟୁଜି ହାଇସ୍କୁଲ, ଗ୍ରାଣ୍ଟ ଓ ନୂତନ ଗ୍ରାଣ୍ଟ ହାଇସ୍କୁଲ ରହିଛି। ସେଥିମଧ୍ୟରୁ ୧୦୯ ହାଇସ୍କୁଲର ନିଜସ୍ୱ ଖେଳପଡ଼ିଆ ରହିଛି। ଗୋଟିଏ ହାଇସ୍କୁଲର ଖେଳପଡ଼ିଆ ଗୋଚର ଜମିରେ ରହିଛି। ୭୯ ହାଇସ୍କୁଲର ନିଜସ୍ୱ ଖେଳପଡ଼ିଆ ନ ଥିବାରୁ ଜମି ପାଇଁ ସମ୍ପୃକ୍ତ ବ୍ଲକର ତହସିଲଗୁଡ଼ିକରେ ଆବେଦନ କରାଯାଇଛି। ସେଥିମଧ୍ୟରୁ ଗୋଟିଏ ପ୍ରୋସେସ୍‌ରେ ରହିଥିବାବେଳେ ଅନ୍ୟଗୁଡ଼ିକ ଆବେଦନରେ ସୀମିତ ଅଛି। ୨୦୨୧ ସୁଦ୍ଧା ଜିଲାର ୧୮୫ ହାଇସ୍କୁଲ ମଧ୍ୟରୁ ୧୬୩ଟିରେ କ୍ରୀଡ଼ା ଶିକ୍ଷକ ପଦବୀ ପାଇଁ ଅନୁମୋଦନ ମିଳିଛି। ସେଥିମଧ୍ୟରୁ ୩୮ ହାଇସ୍କୁଲରେ କ୍ରୀଡ଼ା ଶିକ୍ଷକ ପଦବୀ ଖାଲି ପଡ଼ିଛି। ଗ୍ରାଣ୍ଟ, ନୂତନ ଗ୍ରାଣ୍ଟ ବିଦ୍ୟାଳୟଗୁଡ଼ିକରେ ଖେଳ ଶିକ୍ଷକ ଅଛନ୍ତି। ଜିଲାରେ ୨୦୨୧-୨୨ ଓ ୨୦୨୨-୨୩ ବର୍ଷ ପାଇଁ ସମଗ୍ର ଶିକ୍ଷା ଅଭିଯାନ ଜିଲା କାର୍ଯ୍ୟାଳୟରୁ ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ଖେଳ ଉପକରଣ ପାଇଁ ଅନୁଦାନ ଦିଆଯାଇଥିଲେ ମଧ ଏଯାଏ ୟୁସି ବ୍ଲକସ୍ତରରୁ ଜିଲାସ୍ତରକୁ ଆସି ପହଞ୍ଚି ନାହିଁ। ୨୦୨୨-୨୩ ବର୍ଷରେ ୧୬୧୮ ପ୍ରାଥମିକ ବିଦ୍ୟାଳୟକୁ ୫ହଜାର, ୫୩୩ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ୧୦ ହଜାର ଏବଂ ୧୮୨ ହାଇସ୍କୁଲକୁ ୨୫ ହଜାର ଟଙ୍କା ଲେଖାଏ ମୋଟ ୧୮ଶହ ବିଦ୍ୟାଳୟକୁ ୧ କୋଟି ୫୩ ଲକ୍ଷ ୫ ହଜାର ଟଙ୍କା ଦିଆଯାଇଛି।

ଯାଜପୁର ଜିଲାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୫୨୭ ସ୍କୁଲ ରହିଛି। ହେଲେ ସେଥିରୁ ୧୦୬୨ ସ୍କୁଲରେ ଖେଳପଡ଼ିଆ ନାହିଁ। ସେହିପରି ୪୨୨ ହାଇସ୍କୁଲ ମଧ୍ୟରୁ ୨୬୫ଟିର ଛାତ୍ରଛାତ୍ର ପଡ଼ିଆ ଅଭାବରୁ ଖେଳରୁ ବଞ୍ଚିତ ରହିଛନ୍ତି। ଶିକ୍ଷାକ୍ଷେତ୍ରରେ ପିଲାଙ୍କ ଶାରୀରିକ ବିକାଶ କରି କ୍ରୀଡ଼ାକୁ ଗୁରୁତ୍ୱ ଦିଆଯାଉଥିଲେ ହେଁ ଖେଳପଡ଼ିଆ ନ ଥିବା ଦୁର୍ଭାଗ୍ୟଜନକ। ଏନେଇ ୨୦୧୯ରେ ଆଶିଷ ଖଇତାନ ନାମକ ଜଣେ ବ୍ୟକ୍ତି ଜାତୀୟ ମାନବାଧିକାର ଆୟୋଗ (ଏନ୍‌ଏଚ୍‌ଆର୍‌ସି)ରେ ଏକ ମାମଲା ରୁଜୁ କରିଥିଲେ। ଏହା ଉପରେ ସ୍କୁଲ ଓ ଗଣଶିକ୍ଷା ବିଭାଗର ତତ୍କାଳୀନ ଯୁଗ୍ମ ସଚିବ ନିବେଦିତା ମିଶ୍ର ଉପଯୁକ୍ତ ତଦନ୍ତ କରି ବିହିତ ପଦକ୍ଷେପ ନେବାକୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଏବଂ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏଯାଏ ଉପରୋକ୍ତ ସମସ୍ୟାର ସମାଧାନ ହୋଇ ପାରିନାହିଁ ବରଂ କେତେକ ସ୍କୁଲରେ ଥିବା ଖେଳ ପଡ଼ିଆ ଜବରଦଖଲକାରୀଙ୍କ କବଜାକୁ ଚାଲି ଯାଉଥିବା ଦେଖିବାକୁ ମିଳିଛି। ଏଠାରେ ଯାଜପୁର ଜିଲା ବ୍ୟାସନଗର ନରସିଂହ ଚୌଧୁରୀ(ଏନ୍‌ସି) ହାଇସ୍କୁଲକୁ ଉଦାହରଣ ଭାବେ ନିଆଯାଇପାରେ। ୧୯୪୫ରେ ପ୍ରତିଷ୍ଠିତ ଏହି ହାଇସ୍କୁଲର ୧୭.୪୬ ଏକର ଜମି ରହିଛି। ହେଲେ ଏହାର କିଛି ଜମିକୁ କେତେଜଣ ଜବରଦଖଲକାରୀଙ୍କୁ ଟେକି ଦେଇ ରାଜନୈତିକ ଦଳ ଭୋଟବ୍ୟାଙ୍କ କରିଛନ୍ତି। ଫଳରେ ଏହି ହାଇସ୍କୁଲ ଖେଳପଡ଼ିଆର ବିକାଶ ତ ଦୂରର କଥା, ଏବେ ତାହା ଖୋଲା ପାଇଖାନା ପାଲଟିଛି। ସୁନ୍ଦରଗଡ ଜିଲାରେ ୨୫୬ ସରକାରୀ ଏବଂ ୧୨୮ ସରକାରୀ ଅନୁଦାନପ୍ରାପ୍ତ ହାଇସ୍କୁଲ ରହିଛି। ମୋଟି ୩୮୪ ହାଇସ୍କୁଲ ମଧ୍ୟରେ ୨୭୫ ସ୍କୁଲର ଖେଳପଡ଼ିଆ ରହିଛି। ସେହିପରି ମୋଟ ୧୮୩ ମଞ୍ଜୁରୀପ୍ରାପ୍ତ କ୍ରୀଡ଼ା ଶିକ୍ଷକଙ୍କ ମଧ୍ୟରୁ ୮ଟି ପଦବୀ ଖାଲି ରହିଛି।

ଖେଳ ଉପକରଣ କିଣିବା ପାଇଁ ସରକାର ଦେଉଥିବା ଅନୁଦାନ ନୟାଗଡ଼ ଜିଲାରେ ଠିକ୍ ବିନିଯୋଗ ହେଉନାହିଁ ବୋଲି ଜିଲା ପରିଷଦ ବୈଠକରେ କ୍ଷୋଭ ପ୍ରକାଶ ପାଇଆସିଛି। ଖେଳ ଅନୁଦାନରେ ଦୁର୍ନୀତି ଚାଲିଥିବାବେଳେ ଏହା କେତେଜଣଙ୍କ ପାଇଁ ଲାଭବାନ ହୋଇଛି ବୋଲି କୁହାଯାଉଛି। ଗୋଟିଏ ଗୋଟିଏ ଖେଳ ଉପକରଣକୁ ୩ଥର ଲେଖାଏ ବିଲ୍ କରାଯାଉଛି। ନୟାଗଡ଼ ଜିଲାରେ ୧୧୦୦ ପ୍ରାଥମିକ ଏବଂ ୬୦୭ ଉଚ୍ଚ ପ୍ରାଥମିକ ସ୍କୁଲ ରହିଛି। ସେହିପରି ୧୪୦ ସରକାରୀ ଏବଂ ୭୩ ସରକାରୀ ଅନୁଦାନପ୍ରାପ୍ତ ହାଇସ୍କୁଲ ରହିଛି। ଏଥିମଧ୍ୟରୁ ୧୩୦ ହାଇସ୍କୁଲର ଖେଳପଡ଼ିଆ ନ ଥିବାବେଳେ ୩୪ ସ୍କୁଲରେ ଖେଳ ଶିକ୍ଷକ ନାହାନ୍ତି। ପ୍ରାଥମିକ ସ୍କୁଲରେ ଅବସ୍ଥା ଆହୁରି ଖରାପ। ଏନେଇ ଜିଲା ପରିଷଦର ଶିକ୍ଷା ଷ୍ଟାଣ୍ଡିଂ କମିଟି ନଂ. ୭ର ଅଧ୍ୟକ୍ଷ ରାମେଶ୍ୱର ଶତପଥୀ କୁହନ୍ତି, ସ୍କୁଲରେ ଖେଳ ଶିକ୍ଷକ ଅଭାବ ସାଙ୍ଗକୁ ଖେଳିବାକୁ ପଡିଆ ନାହିଁ। କେତେକ ସ୍କୁଲରେ ପଡ଼ିଆ ଥିଲେ ମଧ ଖେଳକୁଦ ପାଇଁ ଛାତ୍ରଛାତ୍ରଙ୍କୁ ସୁଯୋଗ ଦିଆଯାଉନାହିଁ। ତେଣୁ ସ୍କୁଲକୁ ଖେଳ ଅନୁଦାନ ଆସୁଥିଲେ ମଧ ଛାତ୍ରଛାତ୍ର ଉପକୃତ ହେଉ ନଥିବା ନେଇ ଜିଲା ପରିଷଦ ବୈଠକ ଓ ଶିକ୍ଷାର ଷ୍ଟାଣ୍ଡି କମିଟି ବୈଠକରେ ଆଲୋଚନା ହୋଇଛି। ଏପରିକି ଖେଳ ଅନୁଦାନରେ ଅନିୟମିତତା ହୋଇଥିବା ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଜିଲା ଶିକ୍ଷା ଅଧିକାରୀ ଏନେଇ ଉତ୍ତର ଦେଇ ନ ପାରି ଅପଦସ୍ଥ ହୋଇଛନ୍ତି। ବିଶିଷ୍ଟ କ୍ରୀଡ଼ାବିତ୍ ଗୋଡିପଡାର ପୁରୁଷୋତ୍ତମ ମହାରଣା କୁହନ୍ତି, ପ୍ରାଥମିକ ସ୍କୁଲରେ ଖେଳକୁଦ କରାଯାଉ ନାହିଁ। ପଚାରିଲେ ଉତ୍ତର ମିଳୁଛି ସରକାର ଅନୁଦାନ ଦେଉନାହାନ୍ତି। କିଛି ହାଇସ୍କୁଲରେ ବର୍ଷକୁ କେବଳ ଫୁଟବଲଟିଏ ଧରାଇ କାମ ଶେଷ କରାଇ ଦେଉଛନ୍ତି। ଏଣୁ ଖେଳକୁଦ ଅନୁଦାନ କାମରେ ଲାଗି ପାରୁନି ବୋଲି ମହାରଣା କହିଛନ୍ତି।

### କ୍ରୀଡ଼ା ଶିକ୍ଷକଙ୍କ ନିର୍ଦ୍ଦିଷ୍ଟ ଯୋଗ୍ୟତା ରହୁ: ସଂଘ

ଉଚ୍ଚ ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ(ବିପିଏଡ୍) ସଂଘ ସଭାପତି ଅମରେନ୍ଦ୍ର ସ୍ୱାଇଁ କୁହନ୍ତି, କ୍ରୀଡ଼ାର ବିକାଶ କରିବା ପାଇଁ କୁହାଯାଉଛି, କିନ୍ତୁ ଭିତ୍ତିଭୂମି ସଜାଡ଼ିବାକୁ ସରକାର ଗୁରୁତ୍ୱ ଦେଉନାହାନ୍ତି। ସମସ୍ତ ବିଦ୍ୟାଳୟରେ ଖେଳପଡ଼ିଆ ଓ ଶିକ୍ଷକ ପଦବୀ ପୂରଣ କରିବା ଆବଶ୍ୟକ। ରାଜ୍ୟରେ ୫,୭୮୩ ସରକାରୀ ହାଇସ୍କୁଲ ସମେତ ମୋଟ ୮,୩୧୭ ହାଇସ୍କୁଲ ରହିଛି। ସେଥିରୁ ୨,୩୦୯ ସ୍କୁଲରେ କ୍ରୀଡ଼ା ଶିକ୍ଷକ ପଦବୀ ଖାଲି ପଡ଼ିଛି। ସେହିଭଳି ଅର୍ଦ୍ଧାଧିକ ସ୍କୁଲରେ ଖେଳପଡ଼ିଆ ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, କ୍ରୀଡ଼ା ଶିକ୍ଷକଙ୍କ ନିର୍ଦ୍ଦିଷ୍ଟ ଯୋଗ୍ୟତା ଧାର୍ଯ୍ୟ କରାଯାଉ ନାହିଁ। ନ୍ୟାଶନାଲ କାଉନସିଲ ଫର୍ ଟିଚର ଏଜୁକେଶନ(ଏନ୍‌ସିଟିଇ) ନିୟମାନୁସାରେ ହାଇସ୍କୁଲରେ ବିପିଏଡ୍ ଯୋଗ୍ୟତାଧାରୀମାନେ କ୍ରୀଡ଼ା ଶିକ୍ଷକ ରହିବେ। ଏହା ଅନ୍ୟ ରାଜ୍ୟରେ ପାଳନ କରାଯାଉଥିଲେ ମଧ ଓଡ଼ିଶାରେ ତାହା ହେଉନାହିଁ। ଓଡ଼ିଶାରେ ଅନ୍ୟ ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ଏନ୍‌ସିଟିଇ ନିୟମ ପାଳନ କରାଯାଉଛି। କିନ୍ତୁ କ୍ରୀଡ଼ା ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ତାହା ଲାଗୁ କରାଯାଇ ନାହିଁ। ଯେତିକି ବି କ୍ରୀଡ଼ା ଶିକ୍ଷକ ନିଯୁକ୍ତି ହୋଇଛନ୍ତି, ସେଥିରେ ବିପିଏଡ୍ ଓ ସିପିଏଡ୍ ଯୋଗ୍ୟତାଧାରୀ ରହିଛନ୍ତି। ତେଣୁ ଯେଉଁ ସିପିଏଡ୍ ଯୋଗ୍ୟତାଧାରୀ କ୍ରୀଡ଼ା ଶିକ୍ଷକ ଅଛନ୍ତି, ସେମାନଙ୍କୁ ଗ୍ରୀଷ୍ମଛୁଟି ସମୟରେ ପ୍ରଶିକ୍ଷଣ ଦିଆଯାଇ ବିପିଏଡ୍‌ରେ ସାମିଲ କରାଯାଉ। ସମସ୍ତ ଶିକ୍ଷକଙ୍କୁ ବିପିଏଡ୍‌ଧାରୀ କରାଗଲେ କ୍ରୀଡ଼ାର ମାନ ବୃଦ୍ଧି ପାଇପାରିବ। ଅନ୍ୟପକ୍ଷରେ ବିଦ୍ୟାଳୟଗୁଡିକରେ କ୍ରୀଡ଼ା ପାଠ୍ୟପୁସ୍ତକ ରଖାଯିବା ଉଚିତ। ସ୍କୁଲ ପାଠ୍ୟକ୍ରମରେ କ୍ରୀଡ଼ା ପାଠ୍ୟପୁସ୍ତକ ଲାଗୁ କରିବା ପାଇଁ ତତ୍କାଳୀନ ଗଣଶିକ୍ଷା ସଚିବ ଉଷା ପାଢ଼ୀଙ୍କ ଅଧକ୍ଷତାରେ ଏକ ବୈଠକ ହୋଇଥିଲା। ୨୦୧୪ ମେ’ ୧୩ରେ ଏ ନେଇ ବିଭାଗ ପକ୍ଷରୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଚିଠି କରାଯାଇଥିଲା। କିନ୍ତୁ ଏଯାବତ ତାହା ଲାଗୁ ହୋଇପାରିଲା ନାହିଁ ବୋଲି ଅମରେନ୍ଦ୍ର କହିଛନ୍ତି। ଏ ନେଇ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ୫-ଟି ଆଧାରରେ ସ୍କୁଲରେ ଖେଳପଡ଼ିଆ ରହିବା ପାଇଁ ଗୁରୁତ୍ୱ ଦିଆଯାଇଛି। ତେଣୁ କିଛି ସ୍କୁଲରେ ଖେଳପଡ଼ିଆ ଥିବା ବେଳେ ଆଉ କିଛି ସ୍କୁଲରେ ଖେଳପଡ଼ିଆ କରିବା ପାଇଁ ପ୍ରକ୍ରିୟା ଜାରି ରହିଛି। ସେହିଭଳି ରାଜ୍ୟରେ ଏବେ ଶିକ୍ଷକ ପଦବୀ ପୂରଣକୁ ପ୍ରାଧାନ୍ୟ ଦିଆଯାଉଛି। ଖୁବ୍‌ଶୀଘ୍ର ବିଭିନ୍ନ ବିଷୟରେ ଶିକ୍ଷକ ପଦବୀ ପୂରଣ ହେବ। ଏହାପରେ ଖାଲି ପଡ଼ିଥିବା କ୍ରୀଡ଼ା ଶିକ୍ଷକ ପଦବୀ ପୂରଣ ପାଇଁ ସରକାର ନିଶ୍ଚିତ ଭାବେ ଆବଶ୍ୟକ ନିଷ୍ପତ୍ତି ନେବେ।

### ୧୨ ବିଲିୟନ ଡଲାର ...

ଟିକସ ଫାଙ୍କିବା ପାଇଁ ଭାରତୀୟ ବ୍ୟବସାୟୀମାନେ ଅସାଧୁ ଉପାୟ ଅବଲମ୍ବନ କରୁଥିବା କେତେକ ରିପୋର୍ଟରୁ ଜଣାପଡ଼ିଛି।ଚାଇନା ସୀମାଶୁଳ୍କ ବିଭାଗର ସାଧାରଣ ପ୍ରଶାସନ ପକ୍ଷରୁ ଉପଲବ୍ଧ ତଥ୍ୟାନୁସାରେ, ସେପ୍ଟେମ୍ବର ସୁଦ୍ଧା ଭାରତକୁ ପଡ଼ୋଶୀ ଦେଶ ୮୯.୯୯ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ରପ୍ତାନି କରିଥିଲା। କିନ୍ତୁ ଭାରତର ହିସାବକିତାବ ଅନୁସାରେ ଏହି ଅବଧି ମଧ୍ୟରେ ୭୯.୧୬ ବିଲିୟନ ଡଲାରର ଆମଦାନୀ ହୋଇଛି। ଏଠି ୧୦ ବିଲିୟନ ଡଲାର ବ୍ୟବଧାନ ରହିଛି। ସେହିପରି ଭାରତରୁ ରପ୍ତାନି ହୋଇଥିବା ସାମଗ୍ରୀର ମୂଲ୍ୟ ବାବଦକୁ ଆଉ ୨ ବିଲିୟନ ଡଲାର ଏପଟସେପଟ ହୋଇଛି। ଭାରତର ଡେଟା ଅନୁସାରେ ଚାଇନାକୁ ୧୨ ବିଲିୟନ ଡଲାର ସାମଗ୍ରୀ ରପ୍ତାନି ହୋଇଥିବାବେଳେ ବେଜିଂର ଜେନେରାଲ ଆଡମିନିଷ୍ଟ୍ରେଶନ୍ ଏହାକୁ ୧୩.୯୭ ବିଲିୟନ ଡଲାର ବୋଲି କହିଛି। ଦୁଇ ଦେଶର କାରବାରରେ ଏତେବଡ଼ ପାର୍ଥକ୍ୟକୁ ନେଇ ପ୍ରଶ୍ନ କରାଯିବାରୁ ଭାରତର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ କହିଛି, ଭାରତ ଏକ ସାର୍ବଭୌମ ରାଷ୍ଟ୍ର ଏବଂ ଆମଦାନୀ ରପ୍ତାନି ସମ୍ପର୍କିତ ଆମ ସଂଖ୍ୟା ପୂରା ଠିକ୍। ବନ୍ଦରଗୁଡ଼ିକ ସମେତ ବିଭିନ୍ନ ସୂତ୍ରରୁ ସଂଗୃହୀତ ତଥ୍ୟ ଭିତ୍ତିରେ ହିସାବ କରାଯାଇଛି। ଅନ୍ୟଦେଶ ସେମାନଙ୍କ ଡେଟା କିଭଳି ଭାବେ ସଂଗ୍ରହ କରୁଛନ୍ତି ତା’ ଉପରେ ନୂଆଦିଲ୍ଲୀ ମନ୍ତବ୍ୟ ଦେବାକୁ ଚାହୁଁନାହିଁ। ଭାରତ ଅନ୍ତର୍ଜାତୀୟ ନିୟମ ଓ ଜାତିସଂଘର ସର୍ତ୍ତାବଳୀ ଅନୁସରଣ କରି ନିର୍ଭୁଲ୍ ତଥ୍ୟ ପ୍ରସ୍ତୁତ କରିଥାଏ। ବାଣିଜ୍ୟ ବିଶେଷଜ୍ଞଙ୍କ ମତରେ ଭାରତୀୟ ଇମ୍ପୋର୍ଟର୍ସ ଆମଦାନୀ ଶୁଳ୍କ ଫାଙ୍କିବା ପାଇଁ ୧୨ ବିଲିୟନ ଡଲାର ସାମଗ୍ରୀର କାଗଜପତ୍ର କରାଇ ନାହାନ୍ତି। ଆମଦାନୀବେଳେ ଶିପ୍‌ମେଣ୍ଟର ଇନ୍‌ଭଏସିଂକୁ ପ୍ରକୃତ ପରିମାଣରୁ କମ୍ କରି ଦେଖାଇଲେ ଆମଦାନୀ ଶୁଳ୍କ ହ୍ରାସ ହୋଇଥାଏ। ଭାରତର ଟିକସ ବିଭାଗ ଅନେକ ସମୟରେ ଅଣ୍ଡର୍-ଇନ୍‌ଭଏସିଂ ମାମଲା ଉପରୁ ପରଦା ହଟାଇଛି। କିନ୍ତୁ ଭାରତ-ଚାଇନା ବାଣିଜ୍ୟିକ କାରବାରରେ ଅର୍ଥର ପରିମାଣକୁ ନେଇ ଏତେବଡ଼ ବ୍ୟବଧାନ ଆମଦାନୀ ଶୁଳ୍କ ଠକେଇ ବହୁଳଭାବେ ଚାଲିଥିବା ଦର୍ଶାଉଛି। ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ୟୁନିଭର୍ସିଟି (ଜେଏନ୍‌ୟୁ) ପ୍ରଫେସର ବିଶ୍ୱଜିତ ଧର କହିଛନ୍ତି, ସର୍ବାଧିକ ଲାଭ ଉଠାଇବା ପାଇଁ ଟ୍ରେଡର୍ସ ପରିବହନ ସାମଗ୍ରୀ ବିଲ୍‌ରେ ହେର୍‌ଫେର୍ କରୁଛନ୍ତି। ଦୁଇ ଦେଶ ମଧ୍ୟରେ ଯେଉଁ ସମୟରେ ଟାରିଫ୍ ଉଚ୍ଚ ରହିଥାଏ ବିଜ୍‌ନେସ୍ ଫାର୍ମଗୁଡ଼ିକ ଆମଦାନୀ ସମ୍ପର୍କିତ ବିଲ୍‌କୁ କମ୍ କରି ଦେଖାଇଥାନ୍ତି।

### ଦିନକୁ ୪୩ କେଜିର ...

ଛାଣିବାରେ ସାହାଯ୍ୟ କରିଥାଏ। ସେହିପରି ଚିଙ୍ଗୁଡ଼ି ଖାଇବାକୁ ପସନ୍ଦ କରୁଥିବା ହମ୍ପବ୍ୟାକ୍ ହ୍ୱେଲ୍ ପ୍ରତିଦିନ ୪ ନିୟୁତ ଓଜନର ମାଇକ୍ରୋପ୍ଲାଷ୍ଟିକ୍ ଗିଳୁଥିବା ରିପୋର୍ଟରେ କୁହାଯାଇଛି। ଆମେରିକାର ପଶ୍ଚିମ ତଟରେ ଜଳ ପ୍ରଦୂଷଣର ମାତ୍ରା ବଢ଼ିବା କାରଣରୁ ବାଲିନ ତିମି ଖାଦ୍ୟ ସହିତ ମାଇକ୍ରୋପ୍ଲାଷ୍ଟିକ୍ ଗିଳୁଥିବା ଷ୍ଟାଣ୍ଡଫୋର୍ଡ ୟୁନିଭର୍ସିଟିର ମେରାଇନ୍ ବାୟୋଲୋଜିଷ୍ଟ ମାଥେଉ ସାଭୋକା ସୂଚନା ଦେଇଛନ୍ତି। ଷ୍ଟଡି ମୁତାବକ ତିମି ଗିଳୁଥିବା ମାଇକ୍ରୋପ୍ଲାଷ୍ଟିକ୍‌ର ୯୯ ଭାଗ ସେମାନଙ୍କ ଶିକାର ଜରିଆରୁ ଆସୁଛି। ସାଧାରଣ ଭାବେ ନୀଳ ତିମିର ଶରୀର ୧୦୦ ଫୁଟ୍ ଲମ୍ବା ହୋଇଥିବାବେଳେ ଫିନ୍ ହ୍ୱେଲ ୮୦ ଫୁଟ ଏବଂ ହମ୍ପବ୍ୟାକ୍‌ର ଶରୀର ୫୦ ଫୁଟ ପର୍ଯ୍ୟନ୍ତ ଲମ୍ବା ହୋଇଥାଏ। ୟୁନିଭର୍ସିଟି ପକ୍ଷରୁ କରାଯାଇଥିବା ରିସର୍ଚ୍ଚରେ ୧୨୬ ବ୍ଲୁ ହ୍ୱେଲ୍, ୬୫ ହମ୍ପବ୍ୟାକ୍ ଏବଂ ୨୯ଟି ଫିନ୍ ତିମିଙ୍କୁ ସାମିଲ କରାଯାଇଥିଲା। ତଥ୍ୟ ସଂଗ୍ରହ ପାଇଁ ସେମାନଙ୍କ ଦେହରେ ଏକ ଇଲେକ୍ଟ୍ରିକ୍ ଟ୍ୟାଗ୍ ଡିଭାଇସ୍ ଖଞ୍ଜା ଯାଇଥିଲା, ଯେଉଁଥିରେ କ୍ୟାମେରା, ମାଇକ୍ରୋଫୋନ୍, ଜିପିଏସ୍‌ଲୋକେଶନ୍ ସାଙ୍ଗକୁ ସେମାନଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ଏକ ଉପକରଣ ରହିଛି। ୧୬୫-୮୨୦ଫୁଟ ତଳୁ ତିମି ନିଜ ଖାଦ୍ୟ ସଂଗ୍ରହ କରୁଥିବବେଳେ ସମୁଦ୍ର ପତନରେ ହିଁ ଅଧିକମାତ୍ରାରେ ମାଇକ୍ରୋପ୍ଲାଷ୍ଟିକ୍ ରହିଥାଏ। ୫ ଏମ୍.ଏମ୍ ଆକାରର ମାଇକ୍ରୋପ୍ଲାଷ୍ଟିକ୍ ଭକ୍ଷଣ ଦ୍ୱାରା ତିମିର ପାଚନ କ୍ରିୟାରେ କେଉଁ ପ୍ରକାର ପରିବର୍ତ୍ତନ ଆସୁଛି, ସେ ନେଇ ବିଶେଷଜ୍ଞଙ୍କ ଅଧ୍ୟୟନ ଜାରି ରହିଛି। ଖାଦ୍ୟ ସହ ଗିଳୁଥିବା ପ୍ଲାଷ୍ଟିକ୍ କଣିକାରୁ ବିଭିନ୍ନ ପ୍ରକାର ରାସାୟନିକ ପଦାର୍ଥ ବାହାରିବା କାରଣରୁ ତିମିଙ୍କ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି କାଲିଫର୍ଣ୍ଣିଆ ଷ୍ଟେଟ୍ ୟୁନିଭର୍ସିଟି ମେରାଇନ୍ ବାୟୋଲୋଜିଷ୍ଟ ଶିରେଲ କାହାନେ କହିଛନ୍ତି।

### ଭୁବନେଶ୍ୱରରେ ବୁଲିଲା ...

କରି ଏକ ହାଇୱାରେ ରଖାଯାଇ ରଣପୁର ଜଙ୍ଗଲକୁ ନିଆଯାଉଥିଲା। ବନ ବିଭାଗର ଏକ୍ସକର୍ଟ ଟିମ୍ ସହାୟତାରେ ସୁରକ୍ଷା ମଧ୍ୟରେ ହାତୀକୁ ୧୬ ନମ୍ବର ଜାତୀୟ ରାଜପଥ ଦେଇ ରଣପୁର ଜଙ୍ଗଲକୁ ନିଆଯାଉଥିବାବେଳେ ଅର୍ଜୁନପୁରଠାରେ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିଥିଲେ। ରାସ୍ତା ଉପରେ କାଠ ପକାଇ ଅବରୋଧ କରି ଧାରଣା ଦେଇଥିଲେ। ଅନ୍ୟ ଅଞ୍ଚଳର ହାତୀକୁ ଏଠାରେ ନ ଛାଡ଼ିବାକୁ ଜିଦ୍ ଧରିଥିଲେ। ଦୀର୍ଘ ସମୟ ଧରି ବନ ବିଭାଗ ଓ ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲେ ମଧ କିଛି ସୁଫଳ ମିଳି ନ ଥିଲା। ଗ୍ରାମବାସୀ ନିଜ ଜିଦ୍‌ରେ ଅଟଳ ରହିବାରୁ ବନ ବିଭାଗ ବାଧହୋଇ ହାତୀକୁ ସେଠାରୁ ପୁଣି ଟାଙ୍ଗୀ ବନାଞ୍ଚଳକୁ ନେଇଥିଲେ। କିନ୍ତୁ ସେଠାରେ ମଧ ବନ ବିଭାଗକୁ ବିରୋଧର ସମ୍ମୁଖୀନ ହେବାକୁ ପଡିଥିଲା। ପରେ ହାତୀଟିକୁ ଖୋର୍ଦ୍ଧା ରେଞ୍ଜ ଅଧୀନ କେତକୀଝର ନର୍ସରିକୁ ନିଆଯାଇଥିଲା। ବାଟସାରା ବାରମ୍ବାର ହାତୀକୁ ପାଣି ସିଞ୍ଚନ କରାଯାଉଥିଲା। ଟାଙ୍କୁଲାଇଜ୍ ଓ ଦିନତମାମ ଖରାରେ ବୁଲିବା ଯୋଗୁ ହାତୀଟି ଦୁର୍ବଳ ହୋଇପଡିଥିଲା। ତେଣୁ ସେଠାରେ ଖାଦ୍ୟ ଦିଆଯିବା ସହ ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପରେ ସନ୍ଧ୍ୟାରେ ତାକୁ ଚନ୍ଦକା ଜଙ୍ଗଲରେ ଛଡ଼ାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ଲୋକଙ୍କ ବିରୋଧ ପାଇଁ ଏପରି ଘଟିଲା

ସହର ଭିତରେ ହାତୀ ପଶିବା ପରେ ତାକୁ ଘଉଡ଼ାଇବା ପାଇଁ ଖୋର୍ଦ୍ଧା ବନଖଣ୍ଡ ଓ ନଗର ବନଖଣ୍ଡର ପ୍ରାୟ ୬୦ଜଣ ବନ ଓ ପୋଲିସ କର୍ମଚାରୀ ସାମିଲ ଥିଲେ। ଦନ୍ତା ହାତୀଟି ସହର ମଧ୍ୟଦେଇ ଯିବାବେଳେ ଲୋକେ ଯେମିତି ବାହାରକୁ ନ ବାହାରିବେ ସେଥିପାଇଁ ଡାକବାଜି ଯନ୍ତ୍ର ମାଧମରେ ସତର୍କ କରାଯାଇଥିଲା। ହାତୀଙ୍କୁ ଟ୍ରାଙ୍କୁଲାଇଜ୍ କରିବା ସମୟରେ ଅନେକ ଲୋକ ଉପସ୍ଥିତ ଥିଲେ। ପରେ ହାତୀ ପଛେ ମଧ ବହୁ ଲୋକ ଆସିଥିଲେ। ସେଠାରୁ ହାତୀକୁ ସୁରକ୍ଷିତ ଭାବେ ଜଙ୍ଗଲରେ ଛଡ଼ାଯିବାକୁ ନିଆଯାଉଥିଲା। ବାଟରେ ଦୁଇଟି ସ୍ଥାନରେ ଗ୍ରାମବାସୀଙ୍କ ବିରୋଧ ଯୋଗୁ ରଣପୁର ଓ ଟାଙ୍ଗୀ ବନାଞ୍ଚଳରେ ହାତୀକୁ ଛଡ଼ାଯାଇପାରି ନ ଥିଲା। ହାତୀଟିକୁ ମଧ ଏତେବାଟ ବୁଲାଇବାକୁ ପଡ଼ିଲା ବୋଲି ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ପୂର୍ଣ୍ଣିମା ପାଣ୍ଡୀୟନ କହିଛନ୍ତି।

### ଅପାରଗତାକୁ ଦାୟୀ କଲେ ବନ୍ୟପ୍ରାଣୀ ବିଶେଷଜ୍ଞ

ହାତୀ ସହର ଭିତରେ ପଶିବା ଓ ଟ୍ରାଙ୍କୁଲାଇଜ୍ ପରେ ହାତୀକୁ ଦିନତମାମ ଖରାରେ ବୁଲାଇ ଶେଷରେ ବନ ବିଭାଗ ଚନ୍ଦକାରେ ଛାଡ଼ିବା କାର୍ଯ୍ୟକୁ ନେଇ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନଙ୍କ କହିବାନୁସାରେ, ପ୍ରଥମତଃ ହାତୀକୁ ସହର ଭିତରେ ପଶିବାକୁ ଦେବା ହିଁ ସବୁଠାରୁ ବଡ଼ ଭୁଲ୍ ଥିଲା। ପିପିଲିରେ ବୁଲୁଥିବାବେଳେ ବନ ବିଭାଗ ଖବର ପାଇଥିଲା। ଧଉଳି ବାଟେ ଭୁବନେଶ୍ୱର ସହର ଭିତରକୁ ପଶିବା ବାଟରେ ଦୟା ନଦୀ ପାରହୋଇଥିବା ସେହି ସମୟରେ ହିଁ ବନ ବିଭାଗ ହାତୀକୁ ଅନ୍ୟ ଦିଗରେ ରାସ୍ତା କଢ଼ାଇବାର ଥିଲା। କିନ୍ତୁ ବନ ବିଭାଗ ତାହା କଲା ନାହିଁ। ଖଣ୍ଡଗିରି, ଉଦୟ ଗିରି ବା ଭରତପୁର ପଟୁ ସହରକୁ ହାତୀ ପଶିବା ଘଟଣା ପୂର୍ବରୁ ଦେଖିବାକୁ ମିଳିଛି। ହେଲେ ଗ୍ୟାରେଜ ଛକ ଦେଇ ସହରକୁ ହାତୀ ପଶିବା କେଉଁଠି ନା କେଉଁଠି ହାତୀ ଟ୍ରାକିଂ କରିବାରେ ବନ ବିଭାଗର ବିଫଳତା ପଦାକୁ ଆସୁଛି। ପୁରୁଣା ଭୁବନେଶ୍ୱରରେ ଲୋକେ ଆଜିପର୍ଯ୍ୟନ୍ତ ଜଙ୍ଗଲୀ ହାତୀ ଘର ଆଗରେ ଯିବା ଦେଖି ନ ଥିଲେ। ବିଳମ୍ବିତ ରାତି ହୋଇଥିବାରୁ ବଡ଼ କ୍ଷୟକ୍ଷତିରୁ ଲୋକେ ବର୍ତ୍ତିଗଲେ। ସେହିପରି ହାତୀକୁ ଚନ୍ଦକା ନ ନେଇ ନିଜ ଡିଭିଜନକୁ ନେବା ନିଷ୍ପତ୍ତି ମଧ ବଡ଼ ଭୁଲ୍ ଥିଲା। ଚନ୍ଦକା ଜଙ୍ଗଲ ପାଖ ହୋଇଥିଲେ ମଧ ତାକୁ ରଣପୁର ଜଙ୍ଗଲ ନିଆଗଲା। ହାତୀକୁ ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଦିନସାରା ଶହେ କିମି ପର୍ଯ୍ୟନ୍ତ ପ୍ରଚଣ୍ଡ ଖରାରେ ଖୋଲା ଆକାଶରେ ଏପଟ ସେପଟେ କରାଯାଇ ଖେଳଖେଳାଗଲା ଥିଲା।

### ‘ବନ୍ୟଜନ୍ତୁଙ୍କ ପ୍ରତି ଲୋକଙ୍କ ସହୃଦୟତା ରହିବା ଉଚିତ’

ଚନ୍ଦକା ହେଉଛି ହାତୀଙ୍କ ଚଳପ୍ରଚଳ ଅଞ୍ଚଳ। ସେଠାରୁ ଏକ ହାତୀପଲ ଖୋର୍ଦ୍ଧା, ନୟାଗଡ଼ ଆଡ଼କୁ ଚାଲି ଯାଇଥିଲେ। ହାତୀର ନିର୍ଦ୍ଦିଷ୍ଟ କେଉଁଠି ଭୌଗୋଳିକ ସ୍ଥାନ ନାହିଁ। ହାତୀ ଚାରିଆଡ଼େ ଚଳପ୍ରଚଳ କରିପାରିବେ। ହାତୀକୁ ଗ୍ରାମବାସୀ ବିରୋଧ ହେବା ଏକ ରୁଗ୍ଣ ମାନସିକତା। ବନ୍ୟଜନ୍ତୁଙ୍କ ପ୍ରତି ଲୋକଙ୍କ ମଧ୍ୟରେ ସହୃଦୟତା ରହିବା ଉଚିତ ବୋଲି ପୂର୍ବତନ ପିସିସିଏଫ ବିଜୟ କେତନ ପଟ୍ଟନାୟକ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ଅଶ୍ୱିନୀ ନକ୍ଷତ୍ରର କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ମଉଜିଆ କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇବାରେ ସମର୍ଥ ହେବେ। ବାଟରେ ଯିବା ସମୟରେ ବନ୍ଧୁଙ୍କୁ ଭେଟିପାରନ୍ତି। ବିଭିନ୍ନ କ୍ଷେତ୍ରରେ ମତାନ୍ତରଜନିତ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ।

**ବୃଷ**

କୃତ୍ତିକା ନକ୍ଷତ୍ରର ସ୍ୱାସ୍ଥ୍ୟହାନିଜନିତ ପୀଡ଼ା ସଙ୍ଗେ ସଙ୍ଗେ ଆତ୍ମୀୟଙ୍କ ପାଇଁ ଚିନ୍ତା ବଢ଼ିପାରେ। ଆନୁଷ୍ଠାନିକ କ୍ଷେତ୍ରରେ ଆଳସ୍ୟ ଓ ଅବହେଳା ପ୍ରଦର୍ଶନ କରି ସମାଲୋଚିତ ହେବେ। ବାଣିଜ୍ୟ ଓ ପରିବହନାଦି ବିଭିନ୍ନ ଦିଗରୁ ଲାଭବାନ ହେବାର ସୂଚନା ରହିଛି। ଦୀର୍ଘଦିନର ଆଶା ମଉଳି ଯାଇପାରେ ଯାହାକି ଦୁଶ୍ଚିନ୍ତାର କାରଣ ପାଲଟିଯିବ।

**ମିଥୁନ**

ସଚେତନତା ଅଭାବରୁ ସ୍ୱାସ୍ଥ୍ୟସମସ୍ୟା ଉଦ୍‌ବେଗଜନକ ହୋଇପାରେ। ଗୁରୁତ୍ୱପୂର୍ଣ୍ଣ କାମଗୁଡ଼ିକ ବନ୍ଧୁମାନଙ୍କ ସହାୟତାରେ ସମାଧାନ କରିପାରନ୍ତି। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ। ଆରଦ୍ରା ନକ୍ଷତ୍ର ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

**କର୍କଟ**

କର୍ମକ୍ଷେତ୍ରରେ ଖଳପ୍ରକୃତିର ଲୋକମାନେ ବିରୁଦ୍ଧାଚରଣ କରିପାରନ୍ତି। ତଥାପି ଅନୁକୂଳ ପରିବେଶ ସୃଷ୍ଟି ହେବାରୁ ପରିସ୍ଥିତିର ମୁକାବିଲା କରିବାରେ ସମର୍ଥ ହେବେ। ପୁଷ୍ୟା ନକ୍ଷତ୍ର ବନ୍ଧୁଙ୍କ ପ୍ରହେଳିକାପୂର୍ଣ୍ଣ କଥା ଶୁଣି ମରୀଚିକା ପଛରେ ଦୌଡିପାରନ୍ତି। ନିଜ ପରିସରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ସିଂହ**

କୌଣସି ନୂତନ କାର୍ଯ୍ୟରେ ସହକର୍ମୀଙ୍କ ସାହାଯ୍ୟ ନେଇ ସଫଳତା ହାସଲ କରିବେ। ଈର୍ଷାପରାୟଣବଶତଃ ନିଜଲୋକ କେହି ହଇରାଣ କରିବାକୁ ଚେଷ୍ଟା କରିବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ଉତ୍ତରାଫାଲଗୁନୀର ବ୍ୟୟ ବୃଦ୍ଧି କିମ୍ବା ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବ।

**କନ୍ୟା**

ସବୁକିଛି ଠିକ୍‌ଠାକ୍ ରହିଥିଲେ ମଧ ଆଜିର ଯାତ୍ରା କୌଣସି କାରଣରୁ ସ୍ଥଗିତ ରହିଯାଇପାରେ। ଚିତ୍ରା ନକ୍ଷତ୍ର ହଠାତ୍ ପୁରାତନ ରୋଗର ପୀଡ଼ା ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ସାହିତ୍ୟ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହେବାର ସମ୍ଭାବନା ରହିଛି।

**ତୁଳା**

ବନ୍ଧୁଙ୍କ ସହ ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ଠିକ୍‌ଠାକ୍ ହୋଇଯିବ। ତଥାପି କେତେକ କ୍ଷେତ୍ରରେ ଇଚ୍ଛା ବିରୋଧରେ କାମ କରିବାକୁ ପଡ଼ିପାରେ। ଈର୍ଷାପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି କଟୁ ମନ୍ତବ୍ୟ ଦେଇପାରନ୍ତି। ସ୍ୱାତୀ ନକ୍ଷତ୍ର ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭକରି ବିଶେଷ ଆନନ୍ଦ ଅନୁଭବ କରିବେ।

**ବିଛା**

ପାରସ୍ପରିକ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ଅନୁରାଧା ନକ୍ଷତ୍ର ଶୀଘ୍ର ଶେଷ କରିବା ସକାଶେ ଭାବୁଥିବା କାମଟିକୁ ଶେଷ କରିପାରିବେନି। ପରିବହନ ଓ ନିର୍ମାଣ, ଆଲୋଚନା, ସଭାସମିତି ଓ ଚୁକ୍ତିପତ୍ର ପାଇଁ ଦିନଟି ଭଲ। କଳା ସାହିତ୍ୟ ଓ ସାମ୍ବାଦିକତାରେ ସମସ୍ୟା ଅମୀମାଂସିତ ରହିପାରେ।

**ଧନୁ**

ଆକସ୍ମିକ ଭାବରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ମୁଳା ନକ୍ଷତ୍ର ପଡ଼ୋଶୀଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ସ୍ୱତନ୍ତ୍ର ନିମନ୍ତ୍ରଣ କ୍ରମେ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରଶଂସିତ ହେବାର ସୌଭାଗ୍ୟ ଅର୍ଜନ କରିପାରନ୍ତି।

**ମକର**

ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ନୂତନ କର୍ମାରମ୍ଭ, ଯାନବାହନ, ଲୋକସମ୍ପର୍କ ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ। ଶ୍ରବଣା ନକ୍ଷତ୍ର ବନ୍ଧୁଙ୍କ ନିକଟରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ବ୍ୟବସାୟରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ**

ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। କୌଶଳ ଖଟାଇ କାର୍ଯ୍ୟ ହାସଲ ପାଇଁ ଚେଷ୍ଟିତ ହେବେ। ବାଦବିବାଦ କ୍ରମେ ଜଟିଳ ହେବ କିନ୍ତୁ ଆପଣ ସଫଳତା ହାସଲ କରିବେ। ପୂର୍ବଭାଦ୍ରପଦ ନକ୍ଷତ୍ରର ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ମୀନ**

ପ୍ରତ୍ୟେକ କ୍ଷେତ୍ରରେ ଘଟଣାଗୁଡିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବେ। ଅଫିସରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। ଅପୂରଣୀୟ ଅଭିଳାଷ ନେଇ ନୈରାଶ୍ୟଜନିତ ଦୁଃଖ ଅନୁଭବ କରିବେ। ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

ଆଜି ନଭେମ୍ବର ୩ ତାରିଖ, କାର୍ତ୍ତିକ ଶୁକ୍ଳ ଦଶମୀ ଗୁରୁବାର, ଶ୍ରୀଜୀଉଙ୍କର ରାଧାଦାମୋଦର ବେଶ ସମାପ୍ତ, ସୁଦଶାବ୍ରତ, ଶରତରାସ ଅଧିବାସ, ଚାତୁର୍ମାସ୍ୟା ଗୁରୁବାରବ୍ରତ, ତପୋବନ ମେଳା, ରାଶିନକ୍ଷତ୍ର -ଶତଭିଷା/କୁମ୍ଭ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୫୨ମି. ଗତେ ଘ.୦୭।୨୨ମି.ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୨।୫୪ମି. ଗତେ ଘ. ୦୨।୧୮ମି. ମଧ୍ୟେ ରାହୁକାଳ।

**୬ ରାଜ୍ୟର ୭ ଆସନରେ ଉପନିର୍ବାଚନ ଆଜି**

ନୂଆଦିଲ୍ଲୀ,୨।୧୧: ୬ ରାଜ୍ୟର ୭ ନିର୍ବାଚନ ମଣ୍ଡଳୀରେ ଗୁରୁବାର ଉପନିର୍ବାଚନ ହେବ। ଏହି ବିଧାନସଭା ଆସନଗୁଡ଼ିକ ହେଲା, ବିହାରର ମୋକମା ଓ ଭୋପାଳଗଞ୍ଜ, ହରିୟାଣାର ଆଦମପୁର, ତେଲଙ୍ଗାନାର ମୁନୁଗୋଡ୍, ଉତ୍ତର ପ୍ରଦେଶର ଗୋଲା ଏବଂ ଓଡ଼ିଶାର ଧାମନଗର। ଏଥିପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ନିର୍ବାଚନରେ ଶାସକଦଳକୁ ବିଜୟୀ କରାଇବା ପାଇଁ ବୁଧବାର ସମ୍ପୃକ୍ତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନେ ଭୋଟରଙ୍କୁ ଶେଷ ଅନୁରୋଧ କରିଥିଲେ। ଆସନ୍ତା ୬ରେ ଏହି ଆସନଗୁଡ଼ିକରେ ଭୋଟ ଗଣତି ହେବ।

# ଭାରତ ଯୋଡ଼ୋ ଯାତ୍ରାରେ ପୂଜା ଭଟ୍ଟ

**ହାଇଦ୍ରାବାଦ,୨।୧୧**

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ଯାତ୍ରାରେ ବୁଧବାର ବୁଲିଉଡ୍ ଅଭିନେତ୍ରୀ ପୂଜା ଭଟ୍ଟ ସାମିଲ ହୋଇଛନ୍ତି। ହାଇଦ୍ରାବାଦରେ ରାହୁଲ ପଦଯାତ୍ରା କରୁଥିବାବେଳେ ପୂଜା ତାଙ୍କ ସହ ଚାଲି ଚାଲି ଆଲୋଚନା କରୁଥିବା ଦେଖିବାକୁ ମିଳିଛି। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇଛି। ନିର୍ଦ୍ଦେଶିକା ତଥା ପ୍ରଯୋଜିକା ପୂଜା ଭଟ୍ଟ ସୋସିଆଲ ମିଡିଆରେ ବିଭିନ୍ନ ପ୍ରସଙ୍ଗକୁ ନେଇ ମତ ରଖିଥାଆନ୍ତି। ୧୯୮୯ରେ 'ଡାଡି' ଚଳଚ୍ଚିତ୍ରରୁ କ୍ୟାରିୟର ଆରମ୍ଭ କରିଥିବା ପୂଜା ହେଉଛନ୍ତି ଭେଟେରାନ୍ ଫିଲ୍ମ ମେକର ମହେଶ ଭଟ୍ଟଙ୍କ ଝିଅ। ପ୍ରଯୋଜନା ପୂର୍ବରୁ ସେ 'ଦିଲ୍ ହୈ କି ମାନ୍‌ତା ନେହିଁ', 'ସଡ଼କ', 'ଫିର୍ ତେରି କାହାନି ୟାଦ୍ ଆୟି' ଭଳି ଫିଲ୍ମରେ ଅଭିନୟ କରିଥିଲେ।

ହାଇଦ୍ରାବାଦସ୍ଥିତ ବାଲାନଗର ମେନ୍ ରୋଡ୍‌ର ଏମ୍‌ଜିବି ବାଜାଜ ଶୋ'ରୁମ୍‌ରୁ ଆରମ୍ଭ ହୋଇଥିବା ପଦଯାତ୍ରାକୁ ସଫଳ କରିବା ପାଇଁ ତେଲଙ୍ଗାନା କଂଗ୍ରେସ ପକ୍ଷରୁ ୧୦ଟି ସ୍ୱତନ୍ତ୍ର କମିଟି ଗଢ଼ାଯାଇଛି। ଏହା ପୂର୍ବରୁ ରାହୁଲ ତାମିଲନାଡୁ, କେରଳ, କର୍ନାଟକ ଓ ଆନ୍ଧ୍ରପ୍ରଦେଶରେ ପଦଯାତ୍ରା କରିଥିଲେ। କନ୍ୟାକୁମାରୀରୁ ସେପ୍ଟେମ୍ବର ୭ରେ ଆରମ୍ଭ ହୋଇଥିବା ଏହି ମାରାଥନ୍ ୱାକ୍ ବୁଧବାର ୫୬ ଦିନରେ ପହଞ୍ଚିଛି।



ହାଇଦ୍ରବାଦରେ ଭାରତ ଯୋଡୋ ଯାତ୍ରା ବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସହ ବଲିଉଡ୍ ଅଭିନେତ୍ରୀ ପୂଜା ଭଟ୍ଟ।

## ସାମାଜିକ ଗଣମାଧ୍ୟମରେ ଭୋଟରଙ୍କୁ ଭ୍ରମିତ କରୁଛି ବିଜେଡି: ଭାଜପା

**ଭୁବନେଶ୍ୱର, ୨।୧୧(ବ୍ୟୁରୋ)**

ଧାମନଗର ଉପନିର୍ବାଚନ ଜିତିବା ଲାଗି ବିଜେଡି ଏବେ ସାମାଜିକ ଗଣମାଧ୍ୟମରେ ଭୋଟରଙ୍କୁ ଭ୍ରମିତ କରୁଛି। ପୂର୍ବରୁ ଶାସକ ଦଳ ପ୍ରଶାସନିକ ଅଧିକାରୀ, ଏସ୍‌ଏଚ୍‌ଜି, ଏମ୍‌ବିକେ, ସିଆର୍‌ପି ମାଧ୍ୟମରେ ଟଙ୍କା ବଣ୍ଟନ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ନାଁରେ ମିଥ୍ୟା ଅଡିଓର ଚକ୍ରାନ୍ତ କରି ଭୋଟରଙ୍କୁ ବିଚଳିତ କରିବାର ସମସ୍ତ ଅପଚେଷ୍ଟା କରିଥିଲା। ଏନେଇ ଭାଜପା ସମସ୍ତ ତଥ୍ୟ ଓ ପ୍ରମାଣ ସହ ସିଇଓଙ୍କ ନିକଟରେ ଫେରାଦ ହୋଇଥିଲା। ସିଇଓ ମଧ୍ୟ ଘଟଣାର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। କିନ୍ତୁ ଶାସକ ଦଳ ନ ସୁଧୁରି ପୁଣି ଏକ ମିଥ୍ୟା ଅଡିଓ ପ୍ରସ୍ତୁତ କରି ସାଧାରଣ ଭୋଟରଙ୍କୁ ଜୋର ଜବରଦସ୍ତ ପ୍ରଭାବିତ କରି ଭୋଟ ହାତେଇବାର ଅପଚେଷ୍ଟା କରିଛି। ବିଜେଡିର ଫେକ୍ ଅଡିଓରେ କୁହାଯାଇଛି ଯେ, ସ୍ୱାଧୀନ ପ୍ରାର୍ଥୀ ରାଜେନ୍ଦ୍ର ଦାସ(ରାଜୁ)ଙ୍କ ସମର୍ଥକମାନେ ଜଣେ ମୁସଲମାନ ଯୁବକଙ୍କୁ ଛୁରାମାଡ଼ କରିଛନ୍ତି। ତିହିଡି ବ୍ଲକରେ ପୋଲିସ ବର୍ତ୍ତମାନ ୧୪୪ ଧାରା ଜାରି କରିଛି। କିନ୍ତୁ ବାସ୍ତବରେ ଏହି ଅଡିଓ ପଛରେ ବିଜେଡି ନେତା, ବିଧାୟକ ଓ ମନ୍ତ୍ରୀଙ୍କ ହାତ ରହିଛି। ଏନେଇ ଭାଜପାର ଏକ ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଭେଟି ଏକ ଅଭିଯୋଗ ପତ୍ର ଦେଇଛି। ଯେଉଁମାନେ ଏହି ମିଥ୍ୟା ଅଡିଓ କରିଛନ୍ତି ସେମାନଙ୍କ ବିରୋଧରେ ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଅପରାଧୀଙ୍କୁ ଗିରଫ କରିବାକୁ ଭାଜପା ଦାବି କରିଛି।

## ମଧ୍ୟପ୍ରଦେଶରୁ ମିଥ୍ୟା ଭିଡିଓ ଭାଇରାଲ କରାଯାଉଛି

### ସିଇଓଙ୍କୁ ଫେରାଦ ହେଲା ବିଜେଡି

**ଭୁବନେଶ୍ୱର,୨।୧୧(ବ୍ୟୁରୋ)**

ଭାଜପା ଭଳି ବିଜେଡି ମଧ୍ୟ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଭେଟି ସମାନ ଅଭିଯୋଗ ଆଣିଛି। ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ବୁଧବାର ସିଇଓଙ୍କୁ ଭେଟି ଅଭିଯୋଗ କରିଛନ୍ତି, ଭାଜପା ଆଇଟି ସେଲ୍ ଫେକ୍ ଭିଡିଓ ଏବଂ ଅଡିଓ ପ୍ରସ୍ତୁତ କରି ତାହା ଭାଇରାଲ କରିଚାଲିଛି। ଯେବେଠାରୁ ସେମାନେ ଧାମନଗର ଉପନିର୍ବାଚନରେ ହାରୁଛନ୍ତି ବୋଲି ଜାଣିବାକୁ ପାଇଲେଣି ସେବେଠାରୁ ଏହିଭଳି କାର୍ଯ୍ୟକ୍ରମ ଆରମ୍ଭ କରିଦେଇଛନ୍ତି। କିଛିଦିନ ପୂର୍ବରୁ ଏହିଭଳି ଏକ ମିଛ ଅଡିଓ ପ୍ରସ୍ତୁତ କରି ବିଜେଡିକୁ ଚରିତ୍ର ଖରାପ ବୋଲି ଦର୍ଶାଇବାକୁ ଚେଷ୍ଟା କରିଥିଲେ। ଏବେ ଭାଜପା ଆଇଟି ସେଲ୍ ମାଧ୍ୟମରେ ଜାତିଆଣ ବିଦ୍ରୋହ ସୃଷ୍ଟି ଲାଗି ପ୍ରୟାସ ହୋଇଛି। ଜଣାପଡ଼ିଛି, ଏକ ମଧ୍ୟପ୍ରଦେଶ ଅଞ୍ଚଳର ମୋବାଇଲ ନମ୍ବର ଏହି ଭାଇରାଲ ଭିଡିଓ କ୍ଲିପ୍ ବୁଲାଉଛି। ଏହା ପଛରେ କିଏ ରହିଛି ସେକଥା ଜାଣିପାରୁଥିବେ। ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଲାଗି ବିଜେଡି ଦାବି କରିଛି।

## ଧାମନଗର ଉପନିର୍ବାଚନ
# ୧୦୦ ମିଟର ଭିତରେ କଥାବାର୍ତ୍ତା ହେଲେ ଗିରଫ ହେବେ

**ଭୁବନେଶ୍ୱର,୨।୧୧(ବ୍ୟୁରୋ)**

ଧାମନଗର ଉପନିର୍ବାଚନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ସକାଳ ୭ଟାରୁ ସନ୍ଧ୍ୟା ୬ଯାଏ ଭୋଟଗ୍ରହଣ କରାଯିବ। ଗୁରୁବାର ସକାଳ ସାଢ଼େ ୫ଟାରେ ମକପୋଲ ହେବ। ଏହା ପରେ ଭୋଟ ଗ୍ରହଣ ହେବ। ସକାଳ ୭ଟାରୁ ସନ୍ଧ୍ୟା ସାଢ଼େ ୬ ଯାଏ ଏକ୍‌ଜିଟ ପୋଲ୍ ଉପରେ କଟକଣା ଲଗାଯାଇଛି। ବୁଥ୍‌ର ୧୦୦ ମିଟର ମଧ୍ୟରେ କେହି ବି କଥାବାର୍ତ୍ତା ହୋଇପାରିବେ ନାହିଁ। ଯଦି କେହି ନିୟମ ଉଲ୍ଲଂଘନ କରିବେ ତେବେ ତାଙ୍କୁ ଗିରଫ କରାଯିବ। ବୁଧବାର ଏଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁଶୀଲ କୁମାର ଲୋହାନୀ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ନିର୍ବାଚନ ପରିଚାଳନା ପାଇଁ ବୁଥ୍‌ରେ ୧୦୦୮ ପୋଲିଂ ଅଧିକାରୀ ନିୟୋଜିତ ହୋଇଛନ୍ତି। ବର୍ତ୍ତମାନ ସାଇଲେଣ୍ଟ ପିରିୟଡ୍ ଚାଲିଛି। ଏହି ସମୟରେ ଚେକିଂ କଡ଼ାକଡ଼ି କରାଯାଉଛି। ଭୋଟର ପରିଚୟ ପତ୍ର ଛଡ଼ା ୧୨ଟି ଅନ୍ୟ ଡକ୍ୟୁମେଣ୍ଟ ଦେଖାଇ ମତଦାତା ଭୋଟ ଦେଇ ପାରିବେ। ନିର୍ବାଚନ ପାଇଁ ମୋଟ ୨୫୨ ବୁଥ୍ ରହିଛି। ସେଥିମଧ୍ୟରୁ ୧୧୦ ସମ୍ବେଦନଶୀଳ ବୁଥ୍ ରହିଛି। ୧୨୬ଟି ବୁଥ୍‌ରେ ୱେବ୍‌କାଷ୍ଟିଂ ହେବ। ୨୫ ଜଣ ମାଇକ୍ରୋ ଅବଜରଭର ରହିଛନ୍ତି। ୧୫ଟି ମଡେଲ ବୁଥ୍ ଓ ୫ଟି ପିଙ୍କ୍ ବୁଥ୍ କରାଯାଇଛି। ସାଇଲେଣ୍ଟ ପିରିୟଡଠୁ ମତଦାନ ପର୍ଯ୍ୟନ୍ତ ମଦ ବିକ୍ରିକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ୪ଟି କେନ୍ଦ୍ରୀୟ ସୁରକ୍ଷାବଳ ଟିମ୍ ଓ ୯୯୭ ଜଣ ପୋଲିସ ଅଧିକାରୀ ନିୟୋଜିତ ହୋଇଛନ୍ତି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ବୁଥ୍ ବାହାରେ ସାନିଟାଇଜର ବ୍ୟବସ୍ଥା ହୋଇଛି। ମାସ୍କ ପିନ୍ଧି ଆସିବାକୁ ଭୋଟରଙ୍କୁ ନିବେଦନ କରାଯାଇଛି। ଭିନ୍ନକ୍ଷମଙ୍କ ପାଇଁ ୯୮ଟି ଅଟୋରିକ୍ସାର ବ୍ୟବସ୍ଥା ହୋଇଛି। ସେହିପରି ମତଦାନ ଦିବସକୁ ଛୁଟି ଘୋଷଣା କରାଯାଇଛି। ସବୁ ବୁଥ୍‌ରେ ହେଲ୍‌ପ ଡେସ୍କ ରହିବ। ଇଭିଏମ୍‌ରେ ତ୍ରୁଟି ହେଲେ ଅଧୈର୍ଯ୍ୟ ନ ହୋଇ ଅପେକ୍ଷା କରିବାକୁ ସିଇଓ ନିବେଦନ କରିଛନ୍ତି। ତୁରନ୍ତ ରିଜର୍ଭ ଇଭିଏମ୍ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି। ୩ଟି ରାଜନୈତିକ ଦଳ ପ୍ରଚାର ସମୟରେ କିଛି ଅଭିଯୋଗ ଆଣିଥିଲେ। ସାଧାରଣ ଅଭିଯୋଗ ପାଇଁ ଜିଲା ପ୍ରଶାସନକୁ ମାର୍ଗଦର୍ଶିକା ଦିଆଯାଇଛି। ୫ଟି ମାମଲାରେ ପୋଲିସ କେସ୍ ହୋଇଛି। ଆଉ ଗୋଟିଏ କେସ୍‌ରେ ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଯାହାକୁ ଭାରତର ନିର୍ବାଚନ ଆୟୋଗଙ୍କ ନିକଟକୁ ପଠାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି।

### ମାସ୍କ ପିନ୍ଧି ଆସିବାକୁ ଭୋଟରଙ୍କୁ ନିବେଦନ



ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ

## ୨୦୬ ନଂ. ବୁଥ୍‌ରେ ସର୍ବାଧିକ ଭୋଟର

**ଭଦ୍ରକ ଅଫିସ,୨।୧୧**

ଭଦ୍ରକ ଜିଲା ୪୬-ଧାମନଗର ବିଧାନସଭା ଉପନିର୍ବାଚନ ମତଦାନ ପାଇଁ ଜିଲା ପ୍ରଶାସନ ଦ୍ୱାରା ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଗୁରୁବାର ସକାଳ ୭ଟାରୁ ମତଦାନ ସଂଗ୍ରହ ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ଶେଷ ହେବ। ଏ ନେଇ ମଙ୍ଗଳବାର ୨୧୮ ବୁଥ୍‌କୁ ପୋଲିଂ ଦଳ ଯାଇଥିବା ବେଳେ ଅବଶିଷ୍ଟ ୩୪ଟି ବୁଥ୍‌କୁ ବୁଧବାର ସକାଳେ ପୋଲିଂ ଦଳ ପଠାଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସାଧାରଣ ପର୍ଯ୍ୟବେକ୍ଷକ ନିରଞ୍ଜନ କୁମାର, ଦୁଇ ଅତିରିକ୍ତ ଜିଲାପାଳ ରାମଦାସ ଚୁଡୁ ଓ ଶାନ୍ତନୁ ମହାନ୍ତି, ଉପଜିଲାପାଳ ମନୋଜ ପାତ୍ର, ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଉପଜିଲାପାଳ ଡ. ଲକ୍ଷ୍ମୀ ପ୍ରସାଦ ସାହୁ ପ୍ରମୁଖଙ୍କ ଉପସ୍ଥିତିରେ ଡିସବରସାଲ ସେଣ୍ଟରରୁ ୫ଟି ପିଙ୍କ୍ ବୁଥ୍ ସହ ବାକିଥିବା ସମସ୍ତ ବୁଥ୍‌କୁ ପୋଲିଂ ଦଳ ପ୍ରେରଣ କରାଯାଇଛି। ସମୁଦାୟ ୨୫୨ ବୁଥ୍ ମଧ୍ୟରେ ତିହିଡ଼ି ବ୍ଲକ୍‌ର ୩୦ ନଂ. ବାରିକ୍‌ପୁର ପ୍ରୋଜେକ୍ଟ ୟୁ.ପି. ସ୍କୁଲ ବୁଥ୍‌ର ଭୋଟର ସଂଖ୍ୟା ସର୍ବନିମ୍ନ ୨୯୨ଜଣ ଭୋଟର ଥିବା ବେଳେ ଧାମନଗର ବ୍ଲକ୍‌ର ୨୦୬ ନମ୍ବର ଧୃଷୁରୀ ହାଇସ୍କୁଲ (ଏନ୍) ବୁଥ୍‌ର ଭୋଟର ସଂଖ୍ୟା ସର୍ବାଧିକ ୧୫୩୨ ରହିଛି।

## ସ୍ୱତନ୍ତ୍ର ପିଙ୍କ୍ ରିସିଭିଂ ସେଣ୍ଟର

**ଭଦ୍ରକ ଅଫିସ,୨।୧୧:** ଧାମନଗର ଉପନିର୍ବାଚନ ପାଇଁ ୩ ତାରିଖରେ ମତଦାନ ସଂଗ୍ରହ ପରେ ବୁଥ୍‌ଗୁଡ଼ିକରୁ ପୋଲିଂ ଦଳ ଜିଲା କାର୍ଯ୍ୟାଳୟ ପରିସରରେ ଆୟୋଜିତ ଡିସ୍‌ବରସାଲ ଓ ରିସିଭିଂ ସେଣ୍ଟରକୁ ଫେରି ଇଭିଏମ୍ ଓ ଭିଭିପାଟ୍ ଏବଂ ଅନ୍ୟାନ୍ୟ ସରଞ୍ଜାମ ପୈଠ କରିବେ। ୫ଟି ପିଙ୍କ୍ ବୁଥର ପୋଲିଂ ଦଳଙ୍କଠାରୁ ଇଭିଏମ୍ ଓ ଅନ୍ୟାନ୍ୟ ସରଞ୍ଜାମ ଗ୍ରହଣ ପାଇଁ ସ୍ୱତନ୍ତ୍ର ଭାବେ ଏକ ପିଙ୍କ୍ ରିସିଭିଂ ସେଣ୍ଟର ପ୍ରସ୍ତୁତ କରାଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ନିର୍ଦ୍ଦେଶ ମତେ ଦୁଇ ଅତିରିକ୍ତ ଜିଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପିଙ୍କ୍ ରିସିଭିଙ୍ଗ୍ ସେଣ୍ଟରର ବ୍ୟବସ୍ଥା କରାଯାଇଛି। ପିଙ୍କ୍ ବୁଥ୍ କରାଯାଇଥିବା ଧାମନଗର ଏନ୍‌ଏସିର ବୁଥ୍ ନଂ. ୧୧୧, ୧୧୩, ୧୧୭, ୧୩୦ ଏବଂ ୧୩୧ ପାଇଁ ନିୟୋଜିତ ଥିବା ମହିଳା ପୋଲିଂ ଦଳମାନଙ୍କଠାରୁ ଏହି ପିଙ୍କ୍ ରିସିଭିଙ୍ଗ୍ ସେଣ୍ଟରରେ ଇଭିଏମ୍, ଭିଭିପାଟ ଓ ଅନ୍ୟାନ୍ୟ ସରଞ୍ଜାମ ଗ୍ରହଣ କରାଯିବ।


**P.G. CENTRAL OFFICE**
**FAKIR MOHAN UNIVERSITY**
VYASA VIHAR, NUAPADHI, BALASORE,ODISHA-756089

**ADMISSION NOTICE 2022-2023**

**No: FMU/PGC-I -01/2022/2051** **Date: 31.10.2022**

Fakir Mohan University, Balasore is inviting CPET-2022 appeared students interested for admission in following Post Graduate Programmes for the session 2022-23 against the vacant seats in the subject mentioned below, following the guidelines of Department of Higher Education, Govt. of Odisha vide its letter no. 45064/HE, dated 29.10.2022.

**A. New Campus (Nuapadhi)**
**Biotechnology/Botany/Chemistry/ Environmental Science/Geography/Geology/ Zoology/ Applied Microbiology/ Anthropology/English/ History & Archaeology/ Political Science/Economics/ Sociology/ Population Studies/ Odia/ Urdu/ Sanskrit/ Applied Psychology/ MSW/ Journalism & Mass Communication/ Master of Library & Information Sci.**
**B. Old Campus (Januganj)**
**Physics/ Mathematics/ M.Com/ Education/LLM/ PMIR.**

The CPET- 2022 appeared students are required to report to the Head of the concerned P.G. Departments with following documents for admission on 05.11.2022 from 10.00 A.M. to 2.00 P.M.

1. Print out of the Common Application Form (CAF)
2. All originals & Xerox copy of Certificates from H.S.C to qualifying Examination.
3. All originals & Xerox copy of Marksheets from H.S.C to qualifying Examination
4. College Leaving Certificate in Original.
5. Original Certificate relating to Reserve Category.
6. Eight copies of recent passport size Photograph.
7. Aadhaar Card & Blood Group Report (Xerox copy)
8. Migration Certificate in Original.
9. Course Fee as uploaded on the F.M. University website: www.fmuniversity.nic.in in the form of Bank Draft/ Bank Challan/through Online to be deposited on the same day of report i.e. 05.11.2022 on Selection. Further, applications are invited from students to take admission into 5 years Integrated BA-LLB & BBA-LLB Programme under F.M. University by 15.11.2022.

**By the Order of Vice Chancellor**
**Chairman, P.G. Council**
**Fakir Mohan University, Balasore-756089, Odisha**



**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ମଧୁପାଟଣା, କଟକ, ଓଡ଼ିଶା-୭୫୩୦୧୦

**ଦଖଲ ନୋଟିସ୍**
[ରୁଲ- ୮(୧)] ସ୍ଥାବର ସମ୍ପତ୍ତି ନିମନ୍ତେ

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ନୋଟିସ୍ ପ୍ରକାଶନ**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା। ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ ତାଙ୍କର ଋଣ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩ (୪) ସହିତ ରୁଲ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ଆକାଉଣ୍ଟର ସମ୍ପତ୍ତିକୁ ନିମ୍ନରେ ଦର୍ଶାଯାଇଥିବା ତାରିଖରେ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ପାଇଁ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ।

**ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଆକାଉଣ୍ଟ ନଂ / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ /ଦଖଲ ତାରିଖ |
|---|---|---|---|
| ଆକାଉଣ୍ଟ ନଂ.: ୩୯୨୧୦୬୮୦୩୬୩ ଋଣଗ୍ରହୀତା: ମେସର୍ସ ପାତ୍ର ଫୁଏଲ୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ଗୌତମ ପାତ୍ର, ପିତା: ୰ ମୋହନ ସୁନ୍ଦର ପାତ୍ର, ସା: ଝାଟିଆ, ପୋ.: ଗଣ୍ଡିବେଢ଼, ଥାନା: ଖଇରା, ଜିଲ୍ଲା: ବାଲେଶ୍ୱର - ୭୫୬୦୪୭/ ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଗୌତମ ପାତ୍ର, ୨) ଲିନାଚାନ୍ଦ ପାତ୍ର, ୩) ନନ୍ଦିତା ନାୟକ, ୪) ଗିତାଞ୍ଜଳୀ ପାତ୍ର (ଏମାନେ ସମସ୍ତେ ୰ ମୋହନ ସୁନ୍ଦର ପାତ୍ରଙ୍କ ଆଇନ୍‌ଗତ ଉତ୍ତରାଧିକାରୀ), ସମସ୍ତଙ୍କ ଠିକଣା ସା: ଝାଟିଆ, ପୋ.: ଗଣ୍ଡିବେଢ଼, ଥାନା: ଖଇରା, ଜିଲ୍ଲା: ବାଲେଶ୍ୱର - ୭୫୬୦୪୭ | ୰ ମୋହନ ସୁନ୍ଦର ପାତ୍ରଙ୍କ ନାମରେ ଥିବା (ଜମି ଏବଂ ଗୃହ) ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଝାଟିଆ, ଥାନା: ଖଇରା, ଜିଲ୍ଲା: ବାଲେଶ୍ୱର, ଖାତା ନଂ.: ୧୨୮, ପ୍ଲଟ୍ ନଂ.: ୩୦୧, କ୍ଷେତ୍ର: ଏକର୦.୨୮ ଡିସିମିଲି, ପ୍ଲଟ୍ ନଂ.: ୩୦୨, କ୍ଷେତ୍ର: ଏକର୦.୩୦ ଡିସିମିଲି, କିସମ: ଘରବାରୀ ଏବଂ ଖାତା ନଂ.: ୧୮୬/୭୯, ପ୍ଲଟ୍ ନଂ.: ୩୦୦, କ୍ଷେତ୍ର: ଏକର୦.୦୭ ଡିସିମିଲି, ପ୍ଲଟ୍ ନଂ.: ୩୦୪, କ୍ଷେତ୍ର: ଏକର୦.୦୫ ଡିସିମିଲି, କିସମ: ଘରବାରୀ | ୦୯.୦୩.୨୦୨୨ସୁଦ୍ଧା ଟ.୩୦,୨୨,୨୧୫/- ଏବଂ ସେବାବଦ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଦେୟ ଓ ଖର୍ଚ୍ଚ | ୨୮.୦୩.୨୦୨୨ / ୦୧.୧୧.୨୦୨୨ |

ସ୍ଥାନ: କଟକ, ତାରିଖ: ୦୨.୧୧.୨୦୨୨ ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



No. CAD-2355

**UTKAL UNIVERSITY OF CULTURE**
Sanskruti Vihar, Madanpur, Bhubaneswar-752 054
Visit us at uuc.ac.in
No. 445/UUC Dt.31-10-2022

**ADMISSION NOTIFICATION-2022-23**

Utkal University of Culture invites application on ONLINE MODE ONLY for admission in to the following innovative, inter-disciplinary and career oriented courses:

| Courses | Duration | No. of seats |
|---|---|---|
| **Faculty of Culture Studies (M.A. Programme)** | | |
| Culture Studies | 2 Years | 32 |
| **Faculty of Architecture and Archaeology (M.A. Programme)** | | |
| History and Archaeology | 2 Years | 32 |
| **Faculty of Language and Literature (M.A. Programme)** | | |
| Linguistics | 2 Years | 32 |
| Odia Langauge and Literature | 2 Years | 32 |
| **Faculty of Visual Art (MVA Programme)** | | |
| Painting | 2 Years | 24 |
| Print Making | 2 Years | 16 |
| Applied Art & Design | 2 Years | 24 |
| Sculpture | 2 Years | 16 |
| Art History | 2 Years | 16 |
| **Faculty of Performing Art (M.Mus. Programme)** | | |
| Odissi Vocal | 2 Years | 24 |
| Hindustani Vocal | 2 Years | 24 |
| Odissi Dance | 2 Years | 24 |
| Chhow Dance | 2 Years | 16 |
| Tabla | 2 Years | 16 |
| Mardal | 2 Years | 16 |
| Violin | 2 Years | 16 |
| Flute | 2 Years | 16 |
| Sitar | 2 Years | 16 |
| Drama(Acting, Design and Direction) | 2 Years | 16 |
| **M.Phil Programmes** | | |
| Odissi Dance | 1 year | 10 |
| Odissi Vocal | 1 year | 10 |
| Hindustani Vocal | 1 year | 08 |
| Drama | 1 year | 05 |
| Instrumental Music (Flute/Violin/Sitar/Tabla/Mardal) | 1 year | 10 |
| Painting | 1 year | 08 |
| Applied Art and Design | 1 year | 08 |

**Eligibility** : Any person who has passed the qualifying degree with atleast 45% of marks in aggregate (40% for SC/ST students) of Utkal University of Culture, or any other examination conducted by other Universities/Institutions which is recognized as equivalent thereto by Utkal University of Culture fulfilling other eligibility criteria shall be eligible for admission to all the above mentioned courses except for M.Phil Programmes. For M.Phil programmes, the eligibility criteria is MPA/M.Mus or MVA/MFA in the concerned subject. The qualifying degree and other details can be seen from the prospectus available for download from **uuc.ac.in-Prospectus 2022-23**.

**Candiates who are appearing/appeared the final examination of qualifying degree and awaits thier results are also eligible to apply with the downloaded results, subject to production of final degree mark sheet before the selection process.**

**Application Procedure**: Candidates are required to login to **uuc.ac.in (Admissions-2022)** to registered themselves for ON-LINE application on payment of **Rs.300/-** towards application fee payable on online mode.

**Commencement of of On-line Application form for admission into P.G. and M.Phil Programmes** 09-11-2022 to 16-11-2022
**Last date for submission of hard copy of application along with required documents** 19-11-2022
**Other details are available in the E-Prospectus.**

By order of Vice-Chancellor
Sd/-HEAD, P.G.TEACHING DEPARTMENTS

OIPR-03005/11/0012/2223

"ଗଣତନ୍ତ୍ରର ସୁଫଳ ହେଲା– ଜଣେ ଯଥେଚ୍ଛାଚାରୀ ଅଥବା କେତେଜଣ ସ୍ୱାର୍ଥପରଙ୍କ ଖିଆଲ କବଳରୁ ବ୍ୟକ୍ତିର ଜୀବନ, ସ୍ୱାଧୀନତା ଓ ଧନସମ୍ପତ୍ତି ରକ୍ଷାପାଏ। ଗଣତନ୍ତ୍ରର କୁଫଳ ହେଲା– ମାନବଜାତି ମଧ୍ୟରେ ବ୍ୟକ୍ତିତ୍ୱର ମହତ୍ତ୍ୱ ହ୍ରାସ ପାଏ। –ଶ୍ରୀଅରବିନ୍ଦ



# ବିଗତ ଯୁଗର ବିଶ୍ୱ ଦୃଶ୍ୟପଟ



କ୍ରିସ୍ ବ୍ରାଡ୍‌ଲେ

ଅନେକ ଦଶନ୍ଧି ଥାଏ ଯେଉଁଥିରେ ବର୍ଷଟିଏର ପରିବର୍ତ୍ତନ ଅନୁଭୂତ ହୁଏ ଏବଂ ଏମିତି ଅନେକ ବର୍ଷ ଥାଏ ଯେଉଁଠି ଗୋଟିଏ ବର୍ଷରେ ଦଶନ୍ଧି ଦଶନ୍ଧିର ପରିବର୍ତ୍ତନ ଅନୁଭୂତ ହୋଇଥାଏ। ବିଗତ ତିନି ବର୍ଷ ହେଉଛି କୋଭିଡ୍-୧୯, ରୁଷିଆର ୟୁକ୍ରେନ ଆକ୍ରମଣ ଏବଂ ଏକ ପରିଦୃଶ୍ୟ ସଙ୍କଟମୟ ଜୀବିକାର ବର୍ଷ। ଏସବୁ ଏକ ଭୂରାଜନୈତିକ ଉତ୍ତେଜନା ପରିପ୍ରେକ୍ଷୀରେ ଘଟିଆସୁଛି ଯାହା ପୂର୍ବ ଘଟଣା ଲାଗୁଛି। ୧୯୭୦ ଦଶନ୍ଧି ଆଖପାଖ ବର୍ଷଗୁଡ଼ିକରେ ତୈଳ ଝଟକା (ଦର ବୃଦ୍ଧି ସହ ଅଭାବର ସ୍ଥିତି ) ଭଳି ଏବେ ଠିକ୍ ସେମିତି ଘଟୁଥିବା ଅନୁଭବ କରିହେଉଛି। ସେତେବେଳେ ଏଥିରେ ସ୍ଥିରତା ଆସିବା ପାଇଁ ପ୍ରାୟ ୨୦ ବର୍ଷ ଲାଗିଯାଇଥିଲା। ତେବେ ଆମେ ଏବେ ତ୍ୱରିତ ପ୍ରଗତିଶୀଳର ଏକ ନୂଆ ଇତିହାସ ଲେଖିପାରିବା କି। ଦେଖିବାକୁ ଗଲେ ପୂର୍ବରୁ ଆମେ ବହୁ ଆହ୍ୱାନପୂର୍ଣ୍ଣ ଘଟଣା ମଧ୍ୟ ଦେଇ ଆସିଛୁ। ଦ୍ୱିତୀୟ ବିଶ୍ୱଯୁଦ୍ଧ(୧୯୪୪-୪୬), ୧୯୭୧-୭୩ ତୈଳ ସଙ୍କଟ ଏବଂ ସୋଭିଏଟ ସାମ୍ରାଜ୍ୟର ବିଭାଜନ(୧୯୮୯-୯୨) ଆମ ସମ୍ମୁଖରେ ଉଭା ହୋଇଥିଲା। ଏକ ଭୂମିକମ୍ପ ଭଳି ଏହା ପ୍ରତ୍ୟେକଟି ବୈଶ୍ୱିକ ଦୃଶ୍ୟପଟକୁ ପରିବର୍ତ୍ତନ କରିଦେଇଥିଲା। ଏହି ସବୁ ଘଟଣା ବିଶ୍ୱର ପ୍ରମୁଖ ପ୍ରସଙ୍ଗଗୁଡ଼ିକୁ ସଞ୍ଚାଳନ କରୁଥିବା ନିୟମଗୁଡ଼ିକୁ ପରିବର୍ତ୍ତନ କରି ଏକ ନୂଆ ଯୁଗକୁ ପଥପ୍ରଦର୍ଶନ କରୁଛି। ତେବେ ଏସବୁ ମଧ୍ୟରେ ପ୍ରଗତି ଜାରି ରହିଛି। ଏଣୁ ଆମେ ଏବେ ଏକ ନୂଆ ଯୁଗର ଶୀର୍ଷରେ ରହିଛୁ କି ନାହିଁ ତାହାର ଠିକ୍ ଉତ୍ତର ଖୋଜିବାକୁ ପଡ଼ିବ । ଏଥିପାଇଁ ଏବକାର ବିଶ୍ୱର ୫ଟି ଦିଗ ବା କ୍ଷେତ୍ର ଉପରେ ବିଚାର କରିଥିବା ଏକ ନୂଆ ମ୍ୟାକକିନ୍‌ସେ ଗ୍ଲୋବାଲ ପେପରକୁ ଦେଖିବାକୁ ହେବ। ସେଗୁଡ଼ିକ ହେଉଛି ବୈଶ୍ୱିକ ବ୍ୟବସ୍ଥା, ପ୍ରଯୁକ୍ତି ,ଜନସାଂଖ୍ୟିକ, ସଂସାଧନ ଏବଂ ଶକ୍ତି, ପୁଞ୍ଜିକରଣ।

ଏହିସବୁ କ୍ଷେତ୍ର ଅତୀତର ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନର ଇତିହାସ ସହ ଜଡ଼ିତ। ଦ୍ୱିତୀୟ ବିଶ୍ୱଯୁଦ୍ଧର ଧ୍ୱଂସଲୀଳା ପରେ ଆର୍ଥିକ କ୍ଷେତ୍ରରେ ଅତ୍ୟଧିକ ବିକାଶ ଘଟି ୧୯୭୧ ପର୍ଯ୍ୟନ୍ତ ଜାରି ରହିଥିଲା। ଜାତିସଂଘ ଏବଂ ବ୍ରିଟନ୍ ଉଡ୍ ଇନ୍‌ଷ୍ଟିଚ୍ୟୁଶନ ଗଠିତ ହୋଇଥିଲା। ଆମେରିକୀୟ ଡଲାର ବାସ୍ତବରେ ବୈଶ୍ୱିକ ରିଜର୍ଭ କରେନ୍ସି ହୋଇପାରିଥିଲା ଏବଂ ଡଲାର ମୁଦ୍ରାମାନକ ସୁନା ସହ ବିନିମୟତା ହାସଲ କରିଥିଲା। ଅର୍ଥ ବ୍ୟବସ୍ଥା ଓ ସମାଜଗୁଡ଼ିକ ଯୁଦ୍ଧ ବଦଳରେ ଶାନ୍ତି ପ୍ରତିଷ୍ଠା କରିବାକୁ ଗତିଶୀଳ ହୋଇଥିଲେ। ୧୯୪୫ର ପୋଷ୍ଟଡାମ ସମ୍ମିଳନୀରେ ଆମେରିକା ଏହାର ପୃଥକତାବାଦୀ ନୀତିକୁ ସରକାରୀ ସ୍ତରରେ ଶେଷକରି ପ୍ରଭୁତ୍ୱବାଦୀ ରୂପ ଗ୍ରହଣ କରିଥିଲା। ଜୋଶେଫ ଷ୍ଟାଲିନ୍ ଆଲୋଚନା ମାଧ୍ୟମରେ ୟୁରୋପ ବିଭାଜନର ବୁଝାମଣା କରିଥିଲେ ଓ ସୋଭିଏଟ ସଂଘର ଆଣବିକ କ୍ଷମତା ବିକାଶକୁ ଜୋର୍‌ଦାର କରିଥିଲେ। ଯୁଦ୍ଧ ପରେ ପ୍ରଥମ ଯୁଗ ପାଇଁ ବିକାଶର ନିଅଁ ପଡ଼ିଥିଲା।



ଏହା ପରେ ଆସିଲା ବିବାଦର ଯୁଗ। ଏହା ୧୯୭୧ରୁ ୧୯୮୯ ଯାଏ ରହିଲା। ଭିଏଟ୍‌ନାମରେ ଅତ୍ୟନ୍ତ ବ୍ୟୟବହୁଳ ଓ ଜଟିଳ ଯୁଦ୍ଧ ଆମେରିକାକୁ ବିଭାଜିତ କଲା ଓ ଏହାର ସୀମିତ ଶକ୍ତିକୁ ସାମ୍ନାକୁ ଆଣିଲା। ୧୯୭୩ରେ ପେଟ୍ରୋଲିୟମ ରପ୍ତାନିକାରୀ ଦେଶର ସଂଗଠନ (ଓପିଇସି)ର ସଦସ୍ୟମାନେ ସେମାନଙ୍କ ଜିନିଷର ଲାଭ ଉଠାଇବାକୁ ଚାହିଁବାରୁ ତୈଳ ଦର ବୃଦ୍ଧି ଓ ରପ୍ତାନିରେ ଝଟକା ଲାଗିଲା। ଫଳରେ ଅର୍ଥ ବ୍ୟବସ୍ଥା ପୂରା ମାନ୍ଦା ପଡ଼ିଗଲା ଏବଂ ୧୫ ବର୍ଷ ଧରି ଶକ୍ତି ଦର ଉଚ୍ଚ ରହିଲା। ଉକ୍ତ ଧାରା ପୂର୍ବକୁ ଗତିକଲା ଓ ଜାପାନର ମୁଣ୍ଡପିଛା ଉତ୍ପାଦ ଜର୍ମାନୀକୁ ଟପିଯାଇଥିଲା। ଏହି ସମୟରେ ଦୁଇ ଦେଶ ମଧ୍ୟରେ ୨୫ ବର୍ଷର କୂଟନୈତିକ ନୀରବତା ଭଙ୍ଗ କରି ନିକ୍ସନ ଚାଇନା ଗସ୍ତରେ ଯାଇଥିଲେ।

୧୯୮୦ ଦଶକର ପ୍ରାରମ୍ଭରେ ଆଉ ଏକ ନୂଆ ଯୁଗର ଭିତ୍ତି ପଡ଼ିଲା। ଏହି ସମୟରେ ବର୍ଲିନ ପାଚେରି ଭାଙ୍ଗିଲା, ସୋଭିଏଟ୍ ସଂଘର ପତନ ଘଟିଲା ଏବଂ ୟୁରୋପର ଭୂରାଜନୈତିକ ଆଧାର ବଦଳିଯାଇଥିଲା। ଗଣତନ୍ତ୍ର ସପକ୍ଷବାଦୀ ଆନ୍ଦୋଳନ ୟୁରୋପ, ଏସିଆ ଓ ଆଫ୍ରିକାର ସବୁଆଡେ ବ୍ୟାପିବା ଥିଲା ଗୁରୁତ୍ୱପୂର୍ଣ୍ଣ। ୧୯୯୨ରେ ସ୍ୱାକ୍ଷରିତ ମାଷ୍ଟ୍ରିଚ୍‌ଟ୍ ଚୁକ୍ତି ୟୁରୋପର ଆର୍ଥିକ ଓ ରାଜନୈତିକ ଏକତାକୁ ଆଗକୁ ବଢ଼ାଇଲା। ଡେଙ୍ଗ ଜିଆଓପିନ୍‌ଙ୍କ ବିକଶିତ ଦେଶଗୁଡ଼ିକୁ ଗସ୍ତ ପରେ ମାନ୍ଦା ରହିଥିବା ଚାଇନାର ପ୍ରଗତି ସକ୍ରିୟ ହୋଇ ମାର୍କେଟ ସୁଧାର କ୍ଷେତ୍ରରେ ସମ୍ପୂର୍ଣ୍ଣ ପ୍ରତିବଦ୍ଧତା ପ୍ରକାଶ କରିଥିଲା। ଏହି ସମୟରେ ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଆମେରିକା ମିଲିଟାରି ଶକ୍ତି ପ୍ରଦର୍ଶନ କଲା। ପରେ ୧୯୮୯ରେ ସାରା ବିଶ୍ୱରେ ଜନ୍ମଲାଭ କରିଥିବା ୱେବ୍ ଡିଜିଟାଲ ବିପ୍ଲବର ପ୍ଲାଟ୍‌ଫର୍ମ ସୃଷ୍ଟିକଲା। ଚାଇନା ଏବଂ ଭାରତ ବୈଶ୍ୱିକ ଅର୍ଥ ବ୍ୟବସ୍ଥାରେ ଯୋଗଦେଲେ ଓ ଏହା ଦ୍ୱାରା ସେମାନେ ଦାରିଦ୍ର୍ୟ ହ୍ରାସ କରିପାରିଲେ। ଏହି ସମୟକୁ ଆମେ ମାର୍କେଟର ଯୁଗ ବୋଲି କହୁ; ଯାହା ଆମ ଲାଗି ଆଣିଥିଲା ଆଖିଦୃଶିଆ ପ୍ରଗତି। ତିନି ଦଶନ୍ଧି ପୂର୍ବେ ବିଶ୍ୱରେ ପାଖାପାଖି ୩୫% ଲୋକ ଉତ୍କଟ ଦାରିଦ୍ର୍ୟରେ ରହିଥିଲେ ଓ ଏବେ ତାହା ହ୍ରାସ ପାଇ ୯ ପ୍ରତିଶତ ଅଛି। ସେହି ଆଶ୍ଚର୍ଯ୍ୟଜନକ ପ୍ରଗତିଶୀଳ ପ୍ରଭାବ ରହିଆସିଛି ଏବଂ ଏହାକୁ ସଞ୍ଚାଳନକରିବାରନିୟମଗୁଡ଼ିକମଧ୍ୟଏଯାବତଅପରିବର୍ତ୍ତିତରହିଛି।

ଆମେ ଜାଣୁନା ନୂତନ ବିବାଦରୁ କ'ଣ ପ୍ରକାଶ ପାଇବ। ଆମେ ଏହାର ଉଦ୍ଦେଶ୍ୟ ବୁଝିପାରୁଥିଲେ ମଧ୍ୟ ୫ଟି କ୍ଷେତ୍ରର ପ୍ରତ୍ୟେକଟିରେ ଥିବା ଜଟିଳ ପ୍ରଶ୍ନଗୁଡ଼ିକ ଅସମାହିତ ରହିଛି। ବୈଶ୍ୱିକ ବ୍ୟବସ୍ଥାକୁ ଦେଖିଲେ, ଏହା ବହୁଧ୍ରୁବୀୟତା ପ୍ରତି ଢଳିଥିବା ମନେହେଉଛି। କିନ୍ତୁ ଏହା କିଭଳି କାର୍ଯ୍ୟ କରିବ ତାହା ଜାଣୁନା। ଅର୍ଥ ବ୍ୟବସ୍ଥାରେ ବୈଶ୍ୱିକ ସ୍ୱଭାବ ଜାରି ରହିବ ନା ଅଣ-ଆର୍ଥିକ ସହଯୋଗ ଲାଗି ଆଉ ଏକ ନୂଆ କାର୍ଯ୍ୟକ୍ଷମ ପ୍ରକ୍ରିୟା ଦେଖିବାକୁ ପାଇବା? ଅନ୍ତର୍ଜାତୀୟ ରାଜନୀତିରେ ଥିବା ଦୀର୍ଘ ବର୍ଷର ସମଭାବ ଅଧିକ ଧ୍ରୁବୀକରଣ ମୁହାଁ ହେବ କି? ଟେକ୍‌ନୋଲୋଜିକୁ ଦେଖାଯାଉ। ଡିଜିଟାଇଜେଶନ ଏବଂ ଯୋଗାଯୋଗ ପରିପୂର୍ଣ୍ଣତା ଲାଭ କରିବାକୁ ଯାଉଥିବାବେଳେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ବାୟୋଟେକ ଭଳି ଟେକ୍‌ନୋଲାଜିର ନୂତନ ସ୍ରୋତ ଆଉ ଏକ ନୂତନତ୍ୱ ଆରମ୍ଭ କରିପାରନ୍ତି। ତେବେ ଏହାର କାର୍ଯ୍ୟ ଓ ସାମାଜିକ ବ୍ୟବସ୍ଥା ଏବଂ ଟେକ୍‌ନୋଲୋଜି, ସଂସ୍ଥା ଓ ଭୂରାଜନୀତିକ ସମ୍ପର୍କକୁ କିଭଳି ପ୍ରଭାବିତ କରିବ? ଜନସଂଖ୍ୟା ପ୍ରସଙ୍ଗରେ ଯୁବବିଶ୍ୱ ଧୀରେ ଧୀରେ ବୟସ୍କ ହେବାରେ ଲାଗିଛି। ଦେଶଗୁଡ଼ିକରେ ଅସମାନତା ସାମାଜିକ ସମ୍ପର୍କ ଓ ଯୋଗାଯୋଗ କ୍ଷେତ୍ରରେ ଆହ୍ୱାନ ବଢାଇବା ସମ୍ଭାବନା ଦେଖାଯାଇଛି।। ଆମେ ବୟସ୍କ ଭାବେ କିମ୍ବା ଆମ ସରକାର ଓ ବ୍ୟବସ୍ଥା ଏହି ଅସମାନତାକୁ ପ୍ରତିହତ କରିବାରେ ବିଫଳ ହେବା କି?

ସଂସାଧନ ଓ ଶକ୍ତି କ୍ଷେତ୍ରରେ କମ୍ କାର୍ବନ ଉତ୍ସ ପ୍ରତି ନିବେଶକୁ ମୁହାଁଇବାକୁ ଦୃଢ଼ ଇଚ୍ଛା ରହିଛି। ହେଲେ ସବୁପ୍ରକାର ଶକ୍ତିରେ ଆବଶ୍ୟକ ଅନୁଯାୟୀ ସମସ୍ତ ନିବେଶକୁ ଗତିଶୀଳ କରିବା ଲାଗି ସଂଗ୍ରାମ କରୁଛୁ। ତେବେ ଜଳବାୟୁ ସ୍ଥିରତା ଲାଗି ବିଶ୍ୱ ଏକ ସୁବିଧାଜନକ, ଲାଭପ୍ରଦ ତଥା ବ୍ୟବହାର୍ଯ୍ୟ ପଥ ପାଇପାରିବା ତ? ଶେଷରେ ଆର୍ଥିକ ଅଭିବୃଦ୍ଧି ହାର ସାମାନ୍ୟ ରହିବା ଜଣାପଡୁଛି। ଆମେ ବାସ୍ତବରେ ଏକ ନାଟକୀୟ ପରିବର୍ତ୍ତନର ଯନ୍ତ୍ରଣାଦାୟକ ସ୍ଥିତିରେ ରହିବା ଜଣାପଡୁଛି। ଏଣୁ ନେତାମାନେ ଏକ ସମ୍ଭାବ୍ୟ ନୂଆ ଯୁଗ ପାଇଁ ପ୍ରସ୍ତୁତ ହେବା ସହ ଏହାକୁ ରୂପରେଖ ଦେବା ପାଇଁ ସଜାଗ ହେବା ଉଚିତ। ଏବକାର ସ୍ଥିତି ନିରାଶବାଦକୁ ଆମନ୍ତ୍ରଣ କରିପାରେ। ତଥାପି ଅତୀତର ସବୁ ଉତ୍‌ଥାନ ଓ ପତନ ମଧ୍ୟରେ ପ୍ରଗତି ଆଗକୁ ବଢ଼ିଛି। ଆମ ସମୟ ପଦକ୍ଷେପ ଦାବି କରୁଥିବାବେଳେ ଇତିହାସ ହିଁ ବଡ଼ ଆଶା ଭରିଦେଇଛି।

**ଡାଇରେକ୍ଟର, ମ୍ୟାକିନ୍‌ସେ ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟ, ସିଡ୍‌ନୀ**

# ଗରିବଙ୍କ କାଳ ଉତ୍ତାପ ବୃଦ୍ଧି



ଅଭିମନ୍ୟୁ ଧଳ

କଥାରେ ଅଛି, "ଖରା ସହେ ତରୁ, ଖରା ସହେ ମେରୁ, ଖରା ସହେ ଚାଷୀ ଭାଇ, ଖରା ସହେ ଗୋରୁ।" ଏହି ଚାରି ମଧ୍ୟରୁ ମେରୁ ନିର୍ଜୀବ, ଗୋରୁ ଓ ତରୁ ସଜୀବ ହେଲେ ମଧ୍ୟ ସେମାନେ ଗ୍ରୀଷ୍ମ କଷ୍ଟ ପ୍ରକାଶ କରିବାକୁ ଅକ୍ଷମ। ପରନ୍ତୁ ଚାଷୀଭାଇ ଯେଉଁମାନେ ଶହଶହ ବର୍ଷ ହେବ ଗ୍ରୀଷ୍ମରେ ସନ୍ତୁଳିତ ହୋଇଥାନ୍ତି, ସେହିମାନେ ହିଁ ଗରିବ ଶ୍ରେଣୀଭୁକ୍ତ।

ଆଦିମ କାଳରେ ଗଛର ଫଳ ଓ ପଶୁ ଶିକାର କରି ପେଟ ନ ପୂରିବାରୁ ମଣିଷ କୃଷି ଉପରେ ନିର୍ଭର କଲା। କାଳକ୍ରମେ କୃଷକର ଆୟ ଉପରେ ରାଜା, ରାଜୁଡ଼ା ଆଖି ପକାଇଲେ। ଚତୁର ଲୋକମାନେ ସରକାରୀ ଜମିକୁ ହଡ଼ପ କରିନେଲେ। ସର୍ବଦା ଚିର ସହଚର ଦୈବୀଦୁର୍ବିପାକ ଯୋଗୁ ଗାଁ ମହାଜନଙ୍କ ପାଖରୁ କୃଷକମାନେ ସୁଧରେ ଟଙ୍କା ଆଣି ଜମି ବନ୍ଧକ ଦିଅନ୍ତି। ମୂଳ ଶୁଝି ନ ପାରି ସେହି ସମ୍ପତ୍ତିକୁ ବିକ୍ରି କରି ମହାଜନି ଶୁଝନ୍ତି ଅବା ମହାଜନର କଣ୍ଟ ପୂରିଗଲେ ସମ୍ପତ୍ତି ତାଙ୍କର ହୋଇଯାଏ। ଯେଉଁମାନେ କ୍ଷୁଦ୍ର ଚାଷୀ ସେମାନେ ନାମମାତ୍ର। ନାମମାତ୍ର ଚାଷୀ କୃଷି ଶ୍ରମିକ ହୋଇଗଲେ। କେତେକ କୃଷି ଶ୍ରମିକ ଦାଦନ ଖଟିବା ପାଇଁ ରାଜ୍ୟ ବାହାରକୁ ଓ ଯେଉଁମାନେ ରାଜ୍ୟ ଭିତରେ ରହିଲେ ସେମାନେ ନିର୍ମାଣ ଶ୍ରମିକ ଅଥବା କଳକାରଖାନାଗୁଡ଼ିକର ସାଧାରଣ ଶ୍ରମିକ ଭାବେ କାମ କଲେ। ଏହିମାନେ ଗରିବ ଶ୍ରେଣୀଭୁକ୍ତ ହୋଇଥିବାରୁ ଖରା, ବର୍ଷା, ଶୀତ, କାକର ସହ୍ୟ କରି ମାଲିକ ଅବା କୃଷିକ୍ଷେତ୍ରରେ ଦିନ ତମାମ ଖଟିଥାନ୍ତି।

ଉତ୍ତାପ ଆଗକୁ ଆହୁରି ବଢ଼ିବ ବୋଲି ପରିବେଶବିତ୍‌ମାନେ ସତର୍କବାଣୀ ଦେଲେଣି। ପରିବେଶ ସୁରକ୍ଷା ପାଇଁ ବିଶ୍ୱସ୍ତରରେ ନାନା ବୈଠକ ବସି ଏହାର ସୁଧାର ପାଇଁ ବିଭିନ୍ନ ନିୟମ ଲାଗୁ ହେଲେ ମଧ୍ୟ ବିକଶିତ ତଥା ବିକାଶଶୀଳ ଦେଶଗୁଡ଼ିକ ଏହାକୁ ନ ମାନିବାରୁ ପୃଥିବୀର ତାପମାତ୍ରା ଆଶାତୀତ ଭାବେ ବୃଦ୍ଧି ପାଇଚାଲିଛି। ଅନ୍ୟ ପକ୍ଷରେ ଦାରିଦ୍ର୍ୟ ମଧ୍ୟରେ ବାସ କରୁଥିବା ଲୋକମାନେ ଶରୀରକୁ ଥଣ୍ଡା ରଖିବା ପାଇଁ ଆବଶ୍ୟକ ଉପକରଣ କିମ୍ବା ନିରନ୍ତର ବିଜୁଳି ଯୋଗାଣର ସୁବିଧା ପାଉନାହାନ୍ତି। ବିଶ୍ୱର ୭୭ଟି ଦେଶରେ କୁଲିଂ ସୁବିଧା ପାଇବା ପାଇଁ ଅସୁବିଧା ରହିଛି। ବିଶ୍ୱର ୧୨୦ କୋଟି ଲୋକଙ୍କ ପାଖରେ କୁଲିଂ ସୁବିଧା ଉପଲବ୍ଧ ହେଉ ନ ଥିବାରୁ ଗରିବମାନେ ଅସହ୍ୟ ଯନ୍ତ୍ରଣା ଭୋଗୁଛନ୍ତି। ଏହାର ମୁଖ୍ୟ କାରଣ ଦାରିଦ୍ର୍ୟ ତାଙ୍କ ପିଛା ଛାଡୁନାହିଁ। ବର୍ତ୍ତମାନର ଧାରା ଜାରି ରହିଲେ ଚଳିତ ଦଶନ୍ଧି ଶେଷ ବେଳକୁ ଆହୁରି ଅଧିକ ଲୋକ ଅସୁବିଧାରେ ରହିଥିବେ। ବିଜ୍ଞାନୀମାନେ ୧୦ ବର୍ଷରେ ଯେତିକି ଉତ୍ତାପ ବଢ଼ିବ ବୋଲି ଆକଳନ କରୁଛନ୍ତି, ତାହା ୫ ବର୍ଷ ପୂର୍ବରୁ ଘଟିଯାଇଛି। କୋଇଲା ସଙ୍କଟକୁ ବିଜୁଳି କାଟ ଆହୁରି ସମସ୍ୟା ସୃଷ୍ଟି କରିବ। ପରନ୍ତୁ ସମସ୍ତଙ୍କୁ ବିଜୁଳି ସୁବିଧା ଯୋଗାଇ ଦେବା ଓ ଦାରିଦ୍ର୍ୟ ହ୍ରାସ ପାଇଲେ ଜୀବନ ପ୍ରତି ବିପଦ ଥିବା ଲୋକଙ୍କ ସଂଖ୍ୟା ୩୬% ବା ୪୫ କୋଟି ଅଧିକ ହ୍ରାସ ପାଇବ।

ଗ୍ରାମାଞ୍ଚଳରେ ରହିଥିବା କୃଷକ ଭାଇମାନେ ଅଧିକରୁ ଅଧିକ ଗରିବ ହେବାରେ ଲାଗିଛନ୍ତି। ଭାରତର ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକେ ସମୁଦାୟ ଲୋକସଂଖ୍ୟାର ୩୬% ଗରିବ ଶ୍ରେଣୀର। ଯଦିଓ ଏମାନଙ୍କ ନିକଟରେ ୧୦୦ ପ୍ରତିଶତ ବିଜୁଳି ଉପଲବ୍ଧ ଅଛି। ଏମାନେ ତାହା ବିନିଯୋଗ କରିପାରୁ ନାହାନ୍ତି ଏବଂ ଏମାନଙ୍କ ନିକଟରେ ଶୀତଳ ଉତ୍ପାଦନକାରୀ ଉପକରଣ ନାହିଁ। ଭାରତର ୧୪୦ କୋଟି ଲୋକଙ୍କର ମାତ୍ର ୧୬.୨ କୋଟିର ରେଫ୍ରିଜରେଟର ରହିଛି। ସମଗ୍ର ବିଶ୍ୱରେ ୨୦୨୧ ସୁଦ୍ଧା ୧୬ କୋଟି ଏ.ସି. ରହିଥିଲା। ଭାରତରେ କେବଳ ମଧ୍ୟବିତ୍ତ ଓ ଧନୀକ ଶ୍ରେଣୀର ଲୋକେ ଏ.ସି. ବ୍ୟବହାର କରିଥା'ନ୍ତି। ଭାରତରେ ଅତ୍ୟଧିକ ଉତ୍ତାପ ବର୍ଷରେ ଛଅ ସାତ ମାସ ଗରମର ପ୍ରାଦୁର୍ଭାବ ପରିଲକ୍ଷିତ ହେଉଥିବାରୁ ଏହି ଗରିବ, କୃଷକ, ଶ୍ରମିକଙ୍କର କାର୍ଯ୍ୟଦକ୍ଷତା ହ୍ରାସ ପାଉଛି। ଯାହା ପ୍ରାକୃତିକ ବିପର୍ଯ୍ୟୟ ଗରିବମାନଙ୍କୁ ବହୁ ପରିମାଣରେ କ୍ଷତିଗ୍ରସ୍ତ କରାଏ। ଏମାନଙ୍କ ଦୁଃଖର ଅନ୍ତ ନାହିଁ। କାରଣ କିଛି ପରିବର୍ତ୍ତନ କରିବାକୁ ହେଲେ ଗରିବଙ୍କର ସାହସ ନାହିଁ, ମଧ୍ୟବିତ୍ତଙ୍କ ସମୟ ନାହିଁ, ବଡ଼ ଲୋକଙ୍କର ଆଗ୍ରହ ନାହିଁ, ତେବେ ପ୍ରାକୃତିକ ବିପର୍ଯ୍ୟୟରୁ ଗରିବମାନେ ବଞ୍ଚିବେ କିପରି ? ଅତ୍ୟଧିକ ଗାଡ଼ି ମୋଟର ଉତ୍ତାପ ବୃଦ୍ଧିର ପ୍ରଧାନ କାରଣ। ଏହି ଗରିବ ଶ୍ରେଣୀ ଯେଉଁମାନଙ୍କ ସଂଖ୍ୟା ସର୍ବାଧିକ, ଯେଉଁମାନେ ଦିନରାତି ଏକକରି ଦେଶର ଉନ୍ନତିରେ ମୁଖ୍ୟ ଭାଗୀଦାର ସାଜିଥାନ୍ତି ସେମାନେ ଅକାଳରେ ଝଡ଼ିପଡୁଛନ୍ତି।

**ଓସଂଗରା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା**
**ମୋ: ୯୮୬୧୦୪୮୦୫୨**

## ଏଇ ଭାରତରେ

ଶିକ୍ଷା କହିଲେ ଦଶମ ପାସ୍, କିନ୍ତୁ ନୂତନତ୍ୱର ନିଶା ଏକ ନୂଆ ପରିଚୟ ଦେଇଛି ଗୋଆର ବିପିନ କଦମଙ୍କୁ। ବିପିନଙ୍କ ବୟସ ଏବେ ୪୪। ସେ ଗୋଆର ଏକ ମାନୁଫାକଚରିଂ କମ୍ପାନୀରେ କାମ କରନ୍ତି। ସେ ତାଙ୍କ ଦିବ୍ୟାଙ୍ଗ କନ୍ୟାଙ୍କ ପାଇଁ ଏକ ରୋବୋ ନିର୍ମାଣ କରିଛନ୍ତି। ଏହାର ନାମ ରଖିଛନ୍ତି 'ମା' ରୋବୋ'। ଏହାକୁ ନିର୍ମାଣ କରିବା ଲାଗି ତାଙ୍କୁ ୩ ବର୍ଷ ଲାଗିଯାଇଛି। ଏଥିରେ ସେ ମୋଟ୍ ୧୨ ହଜାର ଟଙ୍କା ଖର୍ଚ୍ଚ କରିଛନ୍ତି । ଏହି ରୋବୋକୁ ସଙ୍କେତ ପ୍ରଦାନ କଲେ ତାହା ତାଙ୍କ ଦିବ୍ୟାଙ୍ଗ କନ୍ୟାକୁ ଖୁଆଇ ଦେଉଛି। ସେ ଇଣ୍ଟରନେଟ୍‌ରୁ ଜ୍ଞାନକୌଶଳ ହାସଲ କରି ଉକ୍ତ ରୋବୋ ନିର୍ମାଣ କାର୍ଯ୍ୟ ୨୦୧୯ରେ ଆରମ୍ଭ କରିଥିଲେ ଓ ତାହା ସମ୍ପୂର୍ଣ୍ଣ କରିବାକୁ ତାଙ୍କୁ ତିନି ବର୍ଷ ଲାଗିଯାଇଛି। ସେ କମ୍ପାନୀରେ ୧୨ ଘଣ୍ଟା ଡ୍ୟୁଟି କରିବା ପରେ ଘରେ ଆସି ଏହାକୁ ନିର୍ମାଣ କରନ୍ତି। ତେବେ ଏହି ସଫଳତା ପରେ ବିପିନ ଆଗକୁ ଦିବ୍ୟାଙ୍ଗମାନଙ୍କ ଲାଗି ଏ ପ୍ରକାରର ରୋବୋ ନିର୍ମାଣ କରିବାକୁ ଯୋଜନା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୩ ନଭେମ୍ବର ୧୯୯୭**

- ଶ୍ରୀଲଙ୍କାର ପୂର୍ବ ଉପକୂଳରେ ତାମିଲ ଗେରିଲାଙ୍କ ପାଇଁ ଯୁଦ୍ଧାସ୍ତ୍ର ଆଦି ଖଲାସ କରୁଥିବା ବେଳେ ନୌବାହିନୀ ଓ ବିମାନ ବାହିନୀର ସୈନ୍ୟଙ୍କ ସହ ସଂଘର୍ଷ ଘଟି ୪୨ ଗେରିଲା ନିହତ।
- ରାଜସ୍ଥାନର ପୂର୍ବତନ ମନ୍ତ୍ରୀ ତଥା ପ୍ରମୁଖ କଂଗ୍ରେସ ନେତ୍ରୀ ଭଗବତୀ ଦେବୀଙ୍କ ୭୧ ବର୍ଷ ବୟସରେ ପରଲୋକ।
- ଉତ୍ତର ପ୍ରଦେଶର କଲ୍ୟାଣ ସିଂ ସରକାରକୁ ଆସ୍ଥାଭୋଟ ବେଳେ ସମର୍ଥନ ଯୋଗାଇଥିବା ରାଜ୍ୟ କଂଗ୍ରେସର ୨୨ ଜଣ ବିଦ୍ରୋହୀ ବିଧାୟକ କଂଗ୍ରେସ ବହିଷ୍କୃତ।

## sudoku – ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 8 | | | | | | |
| | | | 4 | | 5 | 1 | | |
| | | | | | 1 | 7 | 6 | |
| | | 7 | | | | | | |
| | | | 5 | 1 | 7 | | | |
| | | | 3 | 2 | | 6 | | |
| 1 | | 4 | | 7 | | 8 | | |
| 7 | | | | 9 | | | | 2 |
| | 2 | 9 | | | 8 | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 9 | 1 | 4 | 7 | 2 | 5 | 8 |
| 4 | 2 | 7 | 8 | 6 | 5 | 1 | 9 | 3 |
| 5 | 1 | 8 | 2 | 9 | 3 | 7 | 4 | 6 |
| 8 | 4 | 5 | 3 | 1 | 6 | 9 | 7 | 2 |
| 9 | 6 | 2 | 7 | 8 | 4 | 5 | 3 | 1 |
| 3 | 7 | 1 | 5 | 2 | 9 | 6 | 8 | 4 |
| 1 | 9 | 3 | 4 | 5 | 2 | 8 | 6 | 7 |
| 7 | 8 | 6 | 9 | 3 | 1 | 4 | 2 | 5 |
| 2 | 5 | 4 | 6 | 7 | 8 | 3 | 1 | 9 |

ଗତକାଲିର ଉତ୍ତର

# ଛାତିରେ ହାତରଖି କହିପାରିବା ତ



ଉପେନ୍ଦ୍ର ବିଶ୍ୱାଳ

"ମୋ ରାଜ୍ୟରେ ଏମିତି କେତେଜଣ ଓଏଏସ୍ ଅଫିସର ଅଛନ୍ତି, ଯେଉଁମାନେ ଛାତିରେ ହାତରଖି କହିପାରିବେ ସଚ୍ଚୋଟ ବୋଲି" – ବିଜୁ ପଟ୍ଟନାୟକ। ଘଟଣାଟି ଥିଲା ୧୯୯୦-୯୧ରେ। ବାଲେଶ୍ୱରରେ ଅନୁଷ୍ଠିତ ହେଉଥିଲା ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀଙ୍କର ବାର୍ଷିକ ଅଧିବେଶନ। ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଏମିତି ଏକ ଆତ୍ମିକ ଆବେଦନ ବାଢ଼ିଥିଲେ ସେଦିନ। ଗଣତନ୍ତ୍ରର ଚାରିସ୍ତମ୍ଭ ଭିତରୁ କାର୍ଯ୍ୟପାଳିକା ହେଉଛି ବଳିଷ୍ଠ ସ୍ତମ୍ଭ। ପୁଣି ସେହି କାର୍ଯ୍ୟପାଳିକାର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛନ୍ତି ରାଜ୍ୟ ପ୍ରଶାସନିକ ସେବା ଅଧିକାରୀମାନେ। ଏମାନଙ୍କ ଉପରେ ନ୍ୟସ୍ତ ଗୁରୁଦାୟିତ୍ୱ ଗାଁରୁ ଗୁରୁଗାଁ ପର୍ଯ୍ୟନ୍ତ ଅର୍ଥାତ୍ ବ୍ଲକ, ତହସିଲ,ଏନ୍‌ଏସି, ମ୍ୟୁନିସିପାଲିଟି, ଟ୍ରେଜେରି, ରେଜିଷ୍ଟ୍ରି ଅଫିସ ଆଦି କୁହାଯାଏ, 'ଗାଁ ହସିଲେ ଦେଶ ହସିବ'। ଆମ ଗାଆଁଗୁଡ଼ିକ ହସିବେ ସେତେବେଳେ, ଯେତେବେଳେ ସ୍ଥାନୀୟ ପ୍ରଶାସନ ଗାଁମୁହାଁ ହେବେ ଓ ଲୋକକଲ୍ୟାଣରେ ବ୍ରତୀ ରହିବେ। ଆହୁରି ବି ଦେଶର ଆତ୍ମା ଗାଁରେ ନିହିତ। ପୁଣି ଗାଁର ଅତି ସାଧାରଣ ମଣିଷଟିଏ ଅଭାବ, ଅସୁବିଧା, ଅଭିଯୋଗ ନେଇ ପହଞ୍ଚିବ ନାହିଁ ଜିଲା ପ୍ରଶାସନ ନିକଟରେ, ଯାହାକି ଅନେକଙ୍କ ପାଇଁ ଅପହଞ୍ଚ। ଏମାନଙ୍କ ପାଇଁ ଆଶାର ଆକାଶ, ଆଶ୍ୱାସନାର ଆଡ଼ପମଣ୍ଡପ ହେଉଛି ବ୍ଲକ, ତହସିଲ, ଥାନା। କିନ୍ତୁ ଏହି ସେବାକେନ୍ଦ୍ରଗୁଡ଼ିକ ଖୁବ୍ ଅପଖ୍ୟାତ ଆଜି ଦୁର୍ନୀତିର ଗନ୍ତାଘର ଭାବେ। ଏହି କେନ୍ଦ୍ରଗୁଡ଼ିକ ଜନତାଙ୍କ ପ୍ରତି ଯେତେ ଯତ୍ନଶୀଳ ହେବେ, ଲୋକଙ୍କ ସେତେ ମଙ୍ଗଳ ହେବ। ଏଣୁ ଦାୟିତ୍ୱରେ ରହୁଥିବା ଅଧିକାରୀମାନଙ୍କ ନିଷ୍ଠା, ଅଙ୍ଗୀକାରବଦ୍ଧତା, କର୍ତ୍ତବ୍ୟବୋଧ, ସାଧୁପଣ ଉପରେ ନିର୍ଭରକରେ ସମ୍ପୃକ୍ତ ଅଞ୍ଚଳର ବିକାଶ। ଏଥିସହିତ ଗାଁ ଓ ବସ୍ତିଲୋକଙ୍କ ଓଠର ହସ ବି ନିର୍ଭର କରେ ଏହି ଅଧିକାରୀମାନଙ୍କ ଉପରେ। ଏଣୁ ଦେଶର ବିକାଶରେ ଏମାନଙ୍କ ଭୂମିକା ବହୁତ ବେଶି। ଏମାନେ ଯଦି ଜଣେ ଜଣେ ଚୌକିଦାର ସାଜି ନିଷ୍ଠାର ସହିତ ଦାୟିତ୍ୱ ନିର୍ବାହ କରିବେ, ଦେଶର ଦ୍ରୁତ ବିକାଶ ସହିତ ଭ୍ରଷ୍ଟାଚାରର ବିଭିନ୍ନ ବାଟ ବି ବନ୍ଦ ହୋଇଯିବ। ଦେଶରୁ ପ୍ରାୟ ୭୦-୭୫ ଭାଗ ଦୁର୍ନୀତି ଆପଣାଛାଏଁ ହଟିଯିବ। ଦୁର୍ନୀତିକୁ ଦୂରେଇ ଦେଇପାରିଲେ ତ ବର୍ଷ କେଇଟାରେ ଭାରତ ବନିଯିବ ବିଶ୍ୱର ଶୀର୍ଷ ସମୃଦ୍ଧ ଦେଶ। ସେଇଥିପାଇଁ ତ ବିଜୁବାବୁ ସେଦିନ 'ଓଏଏସ୍' ଅଫିସରଙ୍କୁ ଆହ୍ୱାନ ଦେଇଥିଲେ ସଚ୍ଚୋଟ ହୋଇ ଜନସେବାରେ ବ୍ରତୀ ହେବାକୁ।

ସଦ୍ୟତମ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାର ଫଳାଫଳ ପ୍ରକାଶ ପାଇଛି ଅକ୍ଟୋବର ୨୦୨୨ରେ। ଏହାସହିତ ବି ଗଣମାଧ୍ୟମରେ ପ୍ରକାଶ ପାଇଲା କୃତୀ ପରୀକ୍ଷାର୍ଥୀମାନଙ୍କର ସଫଳତାର ରହସ୍ୟ ଏବଂ ରାଜ୍ୟପାଇଁ ଦେଖିଥିବା ସ୍ୱପ୍ନସବୁ। ମନୋନୀତ ହୋଇଥିବା ଆଗାମୀକାଲିର ସମସ୍ତ ବିଡିଓ, ତହସିଲଦାରମାନଙ୍କର ମହତ୍ ପ୍ରତିକ୍ରିୟା ବି ଥିଲା ପ୍ରାୟ ଏକପ୍ରକାର– "ନିଷ୍ଠା ଓ ସଚ୍ଚୋଟତାର ସହିତ ଲୋକଙ୍କ ସେବା କରିବା।" ଆସନ୍ତାକାଲି କାର୍ଯ୍ୟରେ ଯେବେ ଯୋଗଦେବେ, ସେତେବେଳେ ପ୍ରଦତ୍ତ ସଂକଳ୍ପପତ୍ରରେ ବି ସେଇକଥା ଦୋହରାଇବେ, "ରାଜ୍ୟବାସୀଙ୍କ ସେବାପାଇଁ ଅତ୍ୟନ୍ତ ନିଷ୍ଠାର ସହିତ ମୁଁ ମୋର କର୍ତ୍ତବ୍ୟ ସମ୍ପାଦନ କରିବି ଏବଂ ନିଜ ଦାୟିତ୍ୱକୁ ସୁଚାରୁ ରୂପେ ନିର୍ବାହ କରିବି। ନିଜେ ସ୍ୱଚ୍ଛ ରହି ମୋ ଚତୁଃପାର୍ଶ୍ୱକୁ ବି ସ୍ୱଚ୍ଛ ରଖିବାକୁ ସାଧ୍ୟମତେ ଚେଷ୍ଟାକରିବି...।" ଏମିତି ପ୍ରଚଳିତ ସେହି ଧାରାଟିଏ, ଯାହା ଆଜି ବି ବଳବତ୍ତର ଚିରାଚରିତ ଢଙ୍ଗରେ। କିନ୍ତୁ ପରିଣତିରେ? ପ୍ରତିମାସରେ ଗଣ୍ଡାଗଣ୍ଡା ବିଡିଓ, ତହସିଲଦାର ଓ ସେମାନଙ୍କ ଅଧସ୍ତନ କର୍ମଚାରୀମାନେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଜେଲ ଯାଉଥିବା ଦୃଶ୍ୟ ଦେଖିବାକୁ ମିଳେ। ପ୍ରଶ୍ନ ଉଠେ, କୁଆଡ଼େ ଯାଏ ସେଦିନର ସେ ସଂକଳ୍ପ, ଅଙ୍ଗୀକାରବଦ୍ଧତା? କେଇଟା ଅର୍ଥ ଓ ସାମାନ୍ୟ ସ୍ୱାର୍ଥ ପାଇଁ ତହସିଲଦାର ରାମଚନ୍ଦ୍ରମାନେ କ'ଣ ଏତେ ତଳକୁ ଖସିଯାଇପାରନ୍ତି? ପଇସା-ପଦବୀ ପାଇଲା ପରେ ବ୍ୟକ୍ତି ଭୁଲିଯାଏ ଅତୀତକୁ। ଚାକିରିଟିଏ ପାଇଁ ଦିନେ କି ସଂଘର୍ଷ କରୁନଥିଲା! ସଂଘର୍ଷ ପରେ ପରେ ସଭିଏଁ ସାଉଁଟନ୍ତି ସଫଳତା ଏବଂ ସାଉଁଟି ବସନ୍ତି ପୁଳାପୁଳା ପ୍ରଶସ୍ତି। ସମାଜ ବି ଅଜାଡ଼ିଦିଏ ସ୍ନେହ-ସଦିଚ୍ଛା-ଶୁଭାଶିଷ। ଆଜି ମନୋନୀତ ହୋଇଥିବା ୩୧୨ ଜଣ ଓଏଏସ୍, ଭବିଷ୍ୟତରେ ତାଙ୍କର ସେଇ 'ପଣ'କୁ ପାଳନ କରିବେ ତ? ଆଜି ଦେଇଥିବା 'ପ୍ରତିଶ୍ରୁତି' ପୂରଣ କରିବେ ତ? ଚାକିରିରୁ ଅବସର ନେଲାବେଳେ ଗର୍ବର ସହିତ ଛାତିରେ ହାତରଖି କହିପାରିବେ କି "ମୁଁ ନୁହେଁ ଲାଞ୍ଚୁଆ। ମୁଁ ସଚ୍ଚୋଟ, ମୁଁ ସତ୍ୟନିଷ୍ଠ", ଠିକ୍ ଶରତ କୁମାର ମହାପାତ୍ରଙ୍କ ପରି।" ନୀଳଗିରିରେ ପ୍ରଥମେ ତହସିଲଦାର ଓ ପରେ ଉପଜିଲାପାଳ ଥିଲେ ଅତ୍ୟନ୍ତ ସରଳ, ସଚ୍ଚୋଟ ଓ ନମ୍ର ମଣିଷ ଶରତ ମହାପାତ୍ର। ଏହି ଅଧିକାରୀଙ୍କୁ ଅତିନିକଟରୁ ମୁଁ ଦେଖିଛି। ବ୍ୟକ୍ତିଗତ କାମରେ କଦାପି ସରକାରୀ ଗାଡ଼ି ବ୍ୟବହାର କରନ୍ତି ନାହିଁ। ଖବରକାଗଜରେ ପ୍ରକାଶିତ ବିଜୁବାବୁଙ୍କ ସେହି ବାଞ୍ଛିତ ବାକ୍ୟଟି ଟେବୁଲର କାଚତଳୁ ତାଙ୍କ ସାଧୁତାକୁ ସର୍ବଦା ଉଜାଗର କରି ରଖୁଥିଲା। ଏତେ ନୀତିନିଷ୍ଠ ଓ ନୈତିକପ୍ରାଣ ଥିଲେ ଯେ, ଏକମାତ୍ର ପୁଅକୁ ମଧ୍ୟ କ୍ଷମା କରିନଥିଲେ। ଅନିଚ୍ଛାକୃତ ଏକ ଆକସ୍ମିକ ଅଘଟଣ ପାଇଁ ପୁଅ ବିରୋଧରେ ନିଜେ ଏତଲା ଦେଇ ଗିରଫ କରାଇଥିଲେ ଏବଂ ପୁଅର ଜାମିନ ପାଇଁ କେବେବି ପ୍ରୟାସ କରିନାହାନ୍ତି। ଯାହାଫଳରେ ୧୭ ବର୍ଷରୁ ଊର୍ଦ୍ଧ୍ୱକାଳ ହେଲାଣି ପୁଅଟି ଅଦ୍ୟାବଧି ଜେଲରେ ଥିବାର ଜଣାଯାଏ। ଆଜିର କଳୁଷିତ ବାତାବରଣରେ ଭ୍ରଷ୍ଟ ନେତା ମନ୍ତ୍ରୀ ଓ ଉପରିସ୍ଥ ଅଧିକାରୀଙ୍କ ଗହଣରେ ସଚ୍ଚୋଟ ରହି କାମ କରିବା ଯେ କେତେ ଯନ୍ତ୍ରଣାଦାୟକ, ତାହା କେବଳ ଭୁକ୍ତଭୋଗି ହିଁ ଜାଣେ। ତଥାପି ସତ୍ୟକୁ ସାଥୀ କରି କଣ୍ଟାରେ ଚାଲିବାରେ ମଧ୍ୟ ନିଆରା ଆନନ୍ଦ ଅଛି, ଗୌରବବୋଧ ବି ଅଛି। ରୁଗ୍ଣ ମାନସିକତାର କେତେଜଣ ଲାଞ୍ଚୁଆଙ୍କ ପାଇଁ 'ଓଏଏସ୍' ବର୍ଗ ଆଜି ଅପଖ୍ୟାତ ହୋଇଥିଲେ ବି ଅନ୍ଧାର ରାତିର ଚନ୍ଦ୍ର ସମ ଏମିତି ଅନେକ କାର୍ଯ୍ୟରତ ସତ୍ୟନିଷ୍ଠ ଓଏଏସ୍ ଅଧିକାରୀ ଅଛନ୍ତି, ଯେଉଁମାନେ ଆମ ସମସ୍ତଙ୍କ ପାଇଁ ଆଲୋକବର୍ତ୍ତିକା ସଦୃଶ। ସୀମିତ ପରିସରରେ ସଭିଙ୍କ ନାମ ଏଠାରେ ଉଲ୍ଲେଖ କରିବା ସମ୍ଭବ ନୁହେଁ। ଜ୍ୟେଷ୍ଠର ଯନ୍ତ୍ରଣା ବଦଳରେ କଅଁଳ ଖରାର ମୁରୁଜ ପାଲଟିଗଲେ, ପ୍ରଶସ୍ତିରେ ପରିବ୍ୟାପ୍ତ ହେବ 'ଓଏଏସ୍'ବର୍ଗଙ୍କ ପୃଥିବୀ। ଅତଏବ ହେ ସେବକବର୍ଗ, ଆସନ୍ତୁ ଲେଖିବା ସତ୍ୟର ସରଳାର୍ଥ, ପଢ଼ିବା 'ପଣ ଓ ପ୍ରତିଶ୍ରୁତି'ର ପଦ୍ୟାବଳୀ। ଗାଇବା ମଙ୍ଗଳର ମନ୍ତ୍ର ଏବଂ ରଚିବା କୀର୍ତ୍ତିର କୋଣାର୍କ।



**ମୋ: ୯୪୩୭୪୩୬୦୭୩**
**unbiswal05@gmail.com**

## ପାଠକ ଶ୍ରେଷ୍ଠ ବିଚାରକ

### ଗ୍ରାମ୍ୟ ଜୀବନର ଦୁଃଖଦ ଚିତ୍ର

ମହାଶୟ,

ସମୟର ଗତିପଥରେ ଆଜିର ଗ୍ରାମ୍ୟ ଜୀବନ ଏକ ନିଃସଙ୍ଗ ଉପତ୍ୟକାରେ ରୂପାନ୍ତରିତ। ଆଧାତ୍ମିକ କ୍ଷେତ୍ରରୁ ଆରମ୍ଭ କରି ସାମାଜିକ, ଅର୍ଥନୈତିକ, ରାଜନୈତିକ ସର୍ବୋପରି ନୈତିକ ସ୍ଖଳନ ସର୍ବତ୍ର ଆପଣାର କାୟାବିସ୍ତାର କରିଛି। ଗ୍ରାମର ଉତ୍ସବମୁଖର ପରିବେଶ ନାହିଁ; ନାହିଁ ମଧ୍ୟ ସରଳ ମାନବର ନିରଳସ ଇସ୍ତାହାର। ରାଜନୀତି ଆଜି ସ୍ୱାର୍ଥାନ୍ୱେଷୀ ମୁଷ୍ଟିମେୟ ଲୋକଙ୍କ ହାତରେ ବନ୍ଧାପଡ଼ିଛି। ଯୁବଶ୍ରେଣୀକୁ ଏହା ଦିଗଭ୍ରଷ୍ଟ କରିଛି। ଯେନତେନ ପ୍ରକାରେଣ ଉଚ୍ଚଶିକ୍ଷା ଲାଭ କରିଥିବା ଏପରି କିଛି ଯୁବଗୋଷ୍ଠୀଙ୍କ ପକ୍ଷେ ବିଲରେ ଲଙ୍ଗଳ କଣ୍ଟି ଧରିବା ଆଉ ସମ୍ଭବ ହେଉନାହିଁ। ଅନ୍ୟପଟରେ ଅର୍ଥ ରୋଜଗାରର ସମସ୍ତ ରାସ୍ତା ବନ୍ଦ । ଏହାହିଁ ସରଳ ଗ୍ରାମ୍ୟ ଜୀବନର ଦୁଃଖଦ ପରିଣତି। ଆଜି ଗ୍ରାମ୍ୟ ରାଜନୀତିରେ ଯେଉଁ ବିଷମଞ୍ଜି ବୁଣା ହୋଇଛି; ତାହା ଭାଇକୁ ଭାଇ ସାମ୍ନାରେ ଶତ୍ରୁ କରି ଠିଆକରାଇଛି। ଯୋଜନା ନାଁରେ ଖର୍ଚ୍ଚ ହେଉଥିବା ଅର୍ଥ ବ୍ୟକ୍ତିଗତ ଲକ୍ଷ୍ୟସିଦ୍ଧି ନିମନ୍ତେ ବିନିଯୋଗ ହେଉଛି। ଏପରିକି କଣ୍ଟ୍ରୋଲ ଦୋକାନରେ ମଧ୍ୟ ଜିନିଷ ପାଇବା ସାଧାରଣ ଲୋକଙ୍କ ପାଇଁ ମୁସ୍କିଲ । ପରିଶେଷରେ କେବଳ ଏତିକି କହିବି ପ୍ରତିଷ୍ଠା ଓ ସ୍ୱୀକୃତି କାଙ୍ଗାଳ ମଣିଷ ବସ୍ତୁବାଦୀ ଦୃଷ୍ଟିକୋଣର ମୋହରେ ଯେତେ ଆତ୍ମମଗ୍ନ ହେଉନା କାହିଁକି; ଯେଉଁ ମୁହୂର୍ତ୍ତକ ପାଇଁ ସେ ସମ୍ପର୍କର ପୃଥିବୀ କଥା ଚିନ୍ତା କରେ; ସେତିକିବେଳେ ସେ ବିଷଣ୍ଣ ହେବା ସ୍ୱାଭାବିକ। ଆପଣା ମାଟି, ପାଣି, ପବନ, ଆକାଶ ଯେଉଁ ନିବିଡ଼ ଆଲିଙ୍ଗନରେ ମଣିଷକୁ ବଞ୍ଚିବାର ମନ୍ତ୍ର ଶିଖାଇଥାଏ; ସେଥିରୁ ମୁକ୍ତ ହେବା ଅସମ୍ଭବ କହିଲେ ଅତ୍ୟୁକ୍ତି ହେବନାହିଁ।

**–ଡ. ମନୋରଞ୍ଜନ ବିଷୋୟୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କର ପରକାଶ ଜୀବନେ ତୋର
ସହଜ ଆଶା
ଶଇଶବ କାଳୁଁ ଶିଖିଛୁ ଯେଉଁ
ସହଜ ଭାଷା।
–(ପ୍ରାଚୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ



# ଜନ୍ମଦିନରେ 'ପଠାନ୍' ଟିଜର ଦେଖାଇଲେ କିଙ୍ଗ୍ ଖାନ୍

**ମୁମ୍ବାଇ:** ବୁଧବାର ବଲିଉଡ୍ ଅଭିନେତା ଶାହାରୁଖ ଖାନ୍‌ଙ୍କ ଜନ୍ମଦିନ ଅବସରରେ ରିଲିଜ ହୋଇଛି ତାଙ୍କ ଆଗାମୀ ଫିଲ୍ମ 'ପଠାନ'ର ଟିଜର। ୪ ବର୍ଷ ପରେ ଶାହରୁଖ ଇଣ୍ଡଷ୍ଟ୍ରିକୁ କମ୍‌ବ୍ୟାକ୍ କରିବାକୁ ଯାଉଛନ୍ତି। ୫୭ତମ ଜନ୍ମଦିନ ଅବସରରେ ଶାହରୁଖଙ୍କ ଅପ୍ କମିଙ୍ଗ ଫିଲ୍ମ ପଠାନର ଟିଜର ରିଲିଜ୍ ହୋଇଛି। ୨୦୨୩ ରେ ପଠାନ୍ ମୁକ୍ତିଲାଭ କରିବ। ତେବେ 'ପଠାନ'ର ଟିଜର୍ ଫ୍ୟାନ୍ସଙ୍କୁ ପସନ୍ଦ ଆସିଥିବା କୁହାଯାଉଛି। ଯଶରାଜ ବ୍ୟାନରରେ ଏହି ଫିଲ୍ମରେ ଭରପୁର ଆକ୍ସନ, ସସ୍‌ପେନ୍ସ ଓ ଶାହାରୁଖଙ୍କ ଦମଦାର ଆକ୍ଟିଂ ଦେଖିବାକୁ ମିଳିବ। ଫିଲ୍ମରେ ଶାହରୁଖଙ୍କ ବ୍ୟତିତ ଅଭିନେତ୍ରୀ ଦୀପିକା ପାଦୁକୋନ ଓ ଅଭିନେତା ଜନ ଆବ୍ରାହମ ମଧ୍ୟ ଦେଖାଯିବେ। ଫିଲ୍ମର ଟିଜରକୁ ଶାହାରୁଖ ନିଜ ଟ୍ୱିଟର ପେଜ୍‌ରେ ଶେୟାର କରି ଲେଖିଛନ୍ତି, ଆପଣମାନେ ନିଜ ନିଜର ସିଟ ବେଲ୍ଟ ବାନ୍ଧି ନିଅନ୍ତୁ। ପଠାନ୍ ଟିଜର୍ ଏବେ ଆପଣଙ୍କ ସାମ୍ନାରେ! ଆପଣମାନେ ୨୫ ଜାନୁଆରୀରେ ନିଜର ନିକଟତର ଫିଲ୍ମ ହଲ୍‌ରେ ଫିଲ୍ମକୁ ଦେଖିପାରିବେ'। ଫିଲ୍ମଟି ହିନ୍ଦୀ ଭାଷା ଛଡ଼ା ତାମିଲ ଓ ତେଲୁଗୁ ଭାଷାରେ ମଧ୍ୟ ରିଲିଜ ହେବ। ଟିଜର୍ ରିଲିଜ ହେବା ପରେ ଫ୍ୟାନ୍ସଙ୍କ ମନରେ ବେଶ ଉତ୍ସାହ। ଫିଲ୍ମଟି ସୁପରହିଟ ହେବ ବୋଲି ଆଶା କରାଯାଉଛି। ପୂର୍ବରୁ ମଧ୍ୟ ବହୁବାର ଶାହାରୁଖ ଦୀପିକା ଏକାଠି ସ୍କ୍ରିନ ସେୟାର କରିସାରିଛନ୍ତି ଏବଂ ଦର୍ଶକ ମଧ୍ୟ ଏହି ଯୋଡ଼ିକୁ ବେଶ ଭଲ ପାଇବା ଦେଇଛନ୍ତି। ସୁପରଷ୍ଟାର ସଲମାନ ଖାନ୍‌ଙ୍କୁ ମଧ୍ୟ ଫିଲ୍ମରେ ଦେଖିବାକୁ ମିଳିବ। ତେବେ ଜନ୍ମ ଦିବ ଅବସରରେ ମଙ୍ଗଳବାର ମଧ୍ୟ ରାତ୍ରୀରୁ କିଙ୍ଗ୍ ଖାନ୍‌ଙ୍କ ଫ୍ୟାନ୍ସମାନେ ତାଙ୍କୁ ବଧେଇ ଦେବା ଆରମ୍ଭ କରିଥିଲେ।

# ୮୮ତମ ବାହାଘର ପାଇଁ ପ୍ରସ୍ତୁତ 'ପ୍ଲେବଏ କିଙ୍ଗ୍'

## ୮୭ ସ୍ତ୍ରୀ ହାତ ଛାଡ଼ିସାରିଲେଣି

ଜାକର୍ତ୍ତା

ଇଣ୍ଡୋନେସିଆ ମାଜାଲେଙ୍ଗାକାର ୬୧ବର୍ଷୀୟ ପ୍ଲେବଏ କିଙ୍ଗ୍ ଭାବେ ଜଣାଯାଉଥିବା କାନ୍ ୮୮ଥର ପାଇଁ ବାହାହେବାକୁ ଯାଉଛନ୍ତି। ସେ ତାଙ୍କ ୮୬ତମ ସ୍ତ୍ରୀଙ୍କୁ ଆଉଥରେ ବାହାହେବେ। ଏକାଧିକ ଥର ବାହା ହୋଇସାରିଥିବା କାନ୍ ପେସାରେ ଜଣେ କୃଷକ। ତାଙ୍କୁ ଯେତେବେଳେ ୪୧ ବର୍ଷ ବୟସ ହୋଇଥିଲା, ସେ ପ୍ରଥମ ବିବାହ କରିଥିଲେ। ତାଙ୍କ ପ୍ରଥମ ସ୍ତ୍ରୀ କାନ୍‌ଙ୍କଠାରୁ ସେ ୨ ବର୍ଷ ବଡ଼ ହୋଇଥିବା ସେ କହିଛନ୍ତି। କାନ୍ ଗରିବ ହେବା କାରଣରୁ ସ୍ତ୍ରୀମାନେ ତାଙ୍କ ସହ ଅଧିକ ଦିନ ରହିବାକୁ ପସନ୍ଦ କରୁ ନ ଥିବା ସେ କହିଛନ୍ତି। ତାଙ୍କ ବୈବାହିକ ଜୀବନ ମାସେରୁ ଅଧିକ ଦିନ ଯାଉ ନ ଥିବା ସେ ପ୍ରକାଶ କରିଛନ୍ତି। ସ୍ତ୍ରୀମାନେ ଛାଡ଼ି ଚାଲିଯାଉଥିବା କାରଣରୁ ସେ ଗୁଣି ଗାରେଡି ସହାୟତାରେ ମହିଳାଙ୍କୁ ନିଜ କାବୁକୁ ଆଣବା ପାଇଁ ବହୁବାର ଭାବିଥିଲେ ହେଁ,



ଏହାଦ୍ୱାରା ସେ କୌଣସି ମହିଳାଙ୍କ ଭାବନା ସହ ଖେଳିବାକୁ ଚାହୁଁ ନଥିବା କହିଛନ୍ତି। ବର୍ତ୍ତମାନ କାନ୍‌ଙ୍କର କେତେଜଣ ପିଲା ସେ ବିଷୟରେ କୌଣସି ସୂଚନା ନାହିଁ। ନିଜ ୮୮ତମ ବାହାଘର ପାଇଁ ସେ ବେଶ୍ ଉତ୍ସାହିତ ଥିବା କହିଛନ୍ତି। ୮୬ତମ ସ୍ତ୍ରୀଙ୍କଠାରୁ ବିବାହ ବିଚ୍ଛେଦ ପରେ ଦୁହେଁ ଅଧିକ ନିକଟତର ହୋଇଥିଲେ ଓ ପୁଣିଥରେ ଦୁହେଁ ପ୍ରେମରେ ପଡ଼ିବା ପରେ ଏବେ ବିବାହ ଲାଗି ନିଷ୍ପତ୍ତି ନେଇଥିବା ଖବର ପ୍ରକାଶ ପାଇଛି।

# ବିବାହ କଲେ ମାରିଏନା, ଫୋବିଓଲା

## ସୁନ୍ଦରୀ ଜଗତରେ ଚର୍ଚ୍ଚା

**ୱାଶିଂଟନ୍:** ସମଲିଙ୍ଗୀ ସମ୍ପର୍କକୁ ଅନେକ ଦେଶ ସ୍ୱୀକୃତି ଦେବା ପରେ ଅନେକେ ଏବେ ନିଜ ରିଲେଶନ୍‌ଶିପ୍ ଷ୍ଟାଟସ୍‌କୁ ସର୍ବସମ୍ମୁଖରେ ପ୍ରକାଶ କରିବା ଆରମ୍ଭ କରିଛନ୍ତି। ତେବେ ସୁନ୍ଦରୀଙ୍କ ଜଗତରେ ଏବେ ଏହି ସମ୍ପର୍କକୁ ନେଇ ଜୋର୍ ଚର୍ଚ୍ଚା ଆରମ୍ଭ ହୋଇଛି। ବର୍ଷ ୨୦୨୦ର ମିସ୍ ଗ୍ରାଣ୍ଡ ଆର୍ଜେଣ୍ଟିନା ମାରିଆନା ଭରେଲା ଏବଂ ମିସ୍ ଗ୍ରାଣ୍ଡ ପୁଏରତୋ ରିକୋ ଫାବିଓଲା ଖୁବ୍ ଶୀଘ୍ର ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ବାହାଘରକୁ ନେଇ ଏହି ଦୁଇ ସୁନ୍ଦରୀ ସୋସିଆଲ ମିଡିଆରେ ଏକ ଭିଡିଓ ଶେୟାର କରିଛନ୍ତି। ଦୁହେଁ ପରସ୍ପରକୁ ମୁଦି ପିନ୍ଧାଉଥିବା ଜାରି ଭିଡିଓରେ ଦେଖିବାକୁ ମିଳିଛି। ଦୁହେଁ ପୁରତୋ ରିକୋର ଏକ ମ୍ୟାରେଜ୍ ଭେନ୍ୟୁ ସମ୍ମୁଖରେ ଛିଡ଼ା ହୋଇଥିବା ବେଳେ ହ୍ୱାଇଟ୍ ଡ୍ରେସ୍ ପିନ୍ଧିଥିବା ଫଟୋରେ ନଜରକୁ ଆସିଛନ୍ତି।



ଏକାଧିକ ବର୍ଷ ନିଜ ସମ୍ପର୍କକୁ ଗୋପନ ରଖିବା ପରେ ଆମେ ଏହାକୁ ସର୍ବସମ୍ମୁଖକୁ ଆଣିଛୁ। ମିସ୍ ଗ୍ରାଣ୍ଡ ଇଣ୍ଟରନ୍ୟାଶନାଲ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଦୁହେଁ ପ୍ରଥମ ଥର ପାଇଁ ପରସ୍ପରକୁ ଭେଟିଥିଲେ। ଦିନ ବିତିବା ସାଙ୍ଗକୁ ଦୁହେଁ ପରସ୍ପରର ନିକଟତର ହୋଇଥିଲେ, ଯାହାପରେ ମୋରିଓନା ଓ ଫୋବିଓଲା ପରସ୍ପର ପ୍ରେମରେ ପଡ଼ିଥିବା କୁହାଯାଉଛି। ଉକ୍ତ ଫଟୋରେ ବହୁ ସେଲିବ୍ରିଟି କମେଣ୍ଟ ଜରିଆରେ ଦୁହିଁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ୨୦୧୯ର ମିସ୍ ଗ୍ରାଣ୍ଡ ଇଣ୍ଟରନ୍ୟାଶନାଲ ମଧ୍ୟ ଦୁଇ ସୁନ୍ଦରୀଙ୍କୁ ସେମାନଙ୍କ ବାହାଘର ପାଇଁ ଶୁଭକାମନା ଜଣାଇଛନ୍ତି।

ଭୁବନେଶ୍ୱର ମୁକାମ,
ସିଭିଲ ଜଜ୍ ସିନିୟର ଡିଭିଜନ ଅଦାଲତ-୨,
ଭୁବନେଶ୍ୱର
ସି.ଏସ୍.ନଂ.-୭୯୩୦/୨୦୧୪
ପ୍ରେମଲତା ସାହୁ ଓଗେର......................
.................ବାଦୀମାନେ/ଦରଖାସ୍ତକାରୀମାନେ
ବନାମ
ଏମ୍/ଏସ୍ ଗ୍ରୀନ୍ ଇନ୍‌ଫ୍ରା ପ୍ରୋଜେକ୍ଟସ ଲିମିଟେଡ.......
....................ପ୍ରତିବାଦୀ/ଅପରପକ୍ଷ

ନୋଟିସ୍

ଦେୱାନୀ କାର୍ଯ୍ୟବିଧି ଅର୍ଡର-୫, ରୁଲ୍-୨୦ ମତେ
୧.ଏମ୍/ଏସ୍. ଗ୍ରୀନ ଇନ୍‌ଫ୍ରା ପ୍ରୋଜେକ୍ଟସ ଲି.
ଏହାର ନିର୍ଦ୍ଦେଶକ ଦେବାଶିଷ ପାଢ଼ୀ, ବୟସ ୪୨ ବର୍ଷ
ପିତା-ବିଜୟ ଚନ୍ଦ୍ର ପାଢ଼ୀ
ସା- MIG- ୫୪, ପୋଖରୀପୁଟ
ଥାନା-ଏୟାରଫିଲ୍ଡ,ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା
କାର୍ଯ୍ୟାଳୟ ଘର-ମେନ୍ ରୋଡ, ଗାନ୍ଧୀନଗର
ପରମଜ୍ୟୋତି ସିନେମା ହଲ୍ ପାଖ, ବରହମ୍ପୁର
ଜିଲ୍ଲା-ଗଞ୍ଜାମ
ଉପରୋକ୍ତ ବାଦୀମାନେ ଆପଣଙ୍କ ବିରୁଦ୍ଧରେ ରେଜିଷ୍ଟ୍ରି ଦଲିଲ ଏବଂ କ୍ଷମତା ପତ୍ରକୁ ରଦ୍ଦକରଣ ପାଇଁ ମକଦ୍ଦମା ଆଗତ କରିଛନ୍ତି । ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଧାର୍ଯ୍ୟ ତା.୩୦.୧୧.୨୨ରେ ଦିବା ୧୦.୩୦ ସମୟେ ଆପଣ ସ୍ୱୟଂ କିମ୍ବା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଜରିଆରେ ହାଜର ହୋଇ ଜବାବ ଦାଖଲ କରିବେ । ନଚେତ୍ ମକଦ୍ଦମା ଏକତରଫା ବିଚାର କରାଯିବ ।
ଅଦାଲତଙ୍କ ସହି ମୋହର କ୍ରମେ
ଅଦ୍ୟ ତା.୨୦.୧୦.୨୦୨୨
ସ୍ୱା. /-ବରିଷ୍ଠ ସିଭିଲ ଜଜ୍ ଅଦାଲତ-୨
ଭୁବନେଶ୍ୱର
ତଫସିଲ ବୃତ୍ତି-ଜିଲ୍ଲା-ଖୋର୍ଦ୍ଧା, ତହସିଲ-ଜଟଣୀ,
ସବ୍‌ରେଜିଷ୍ଟର-ଜଟଣୀ, ମୌଜା-ଓରକଲ,
ଖାତା ନଂ.-୩୦, ପ୍ଲଟ ନଂ.୩୦, ଚକ ନଂ.-୩୦,
ଏରିଆ- ଏ ୦.୬୧୮ ଡି.

# ୬ ମାସ ବିଳମ୍ବରେ ଆସିବ 'ଆଦିପୁରୁଷ'



**ମୁମ୍ବାଇ:** ପ୍ରଭାସ ଏବଂ କୃତି ସାନନ୍‌ଙ୍କ ଅଭିନୀତ ଚଳଚ୍ଚିତ୍ର 'ଆଦିପୁରୁଷ'ର ଟିଜର ରିଲିଜ ହେବା ପରେ ଏହା ବିବାଦ ଘେରକୁ ଆସିଥିଲା। ଶ୍ରୀରାମଙ୍କ କାହାଣୀ ଉପରେ ଆଧାରିତ ଏହି ଫିଲ୍ମରେ ରାବଣ ଓ ହନୁମାନଙ୍କ ଲୁକ ଲୋକଙ୍କୁ ପସନ୍ଦ ଆସି ନ ଥିବା କୁହାଯାଉଛି। ତେବେ ଲୋକଙ୍କ ନକାରାତ୍ମକ ପ୍ରତିକ୍ରିୟା ଯୋଗୁଁ ନିର୍ମାତା ଫିଲ୍ମର ରିଲିଜ ତାରିଖ ଘୁଞ୍ଚାଇବାକୁ ନିଷ୍ପତ୍ତି ନେଇଛନ୍ତି। ଆଦିପୁରୁଷ ଜାନୁଆରୀ ୧୨ ରେ ରିଲିଜ ହେବାର ଥିଲା। କିନ୍ତୁ ଫିଲ୍ମ ନିର୍ମାତା ରିଲିଜ୍ ତାରିଖ ଆହୁରି ୬ ଘୁଞ୍ଚାଇ ଦେଇଥିବା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଛି। ଫିଲ୍ମ ରିଲିଜ୍ ଘୁଞ୍ଚିବା ନେଇ ଉଠିଥିବା ଗୁଜବ ଉପରେ ନିର୍ମାତାଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ରାମାୟଣ କଥାବସ୍ତୁ ଉପରେ ଏହାର କାହାଣୀ ଅଧାରିତ। ଫିଲ୍ମରେ ସୈଫ ଅଲି ଖାନ୍ ରାବଣ ଚରିତ୍ରରେ ଅଭିନୟ କରିଥିବାବେଳେ କ୍ରିତି ସାଜିଛନ୍ତି ସୀତା। ୪୦୦ କୋଟି ବଜେଟ୍‌ରେ ନିର୍ମାଣ ହୋଇଥିବା ଏହି ଚଳଚ୍ଚିତ୍ର ଉଭୟ ହିନ୍ଦୀ ଓ ତେଲୁଗୁ ଭାଷାରେ ମୁକ୍ତିଲାଭ କରିବ। ଓମ୍ ରାଉତ ଆଦିପୁରୁଷର ନିର୍ଦ୍ଦେଶନା ଦେଇଛନ୍ତି।

**BHUBANESWAR DEVELOPMENT AUTHORITY**
Akash Shova Building, Sachivalaya Marg, Bhubaneswsar - 751001, Visit us at: http://www.bdabbsr.in
No. CAD-2389

**INVITATIONS FOR BIDS (IFB)**

**Bid Identification No. 1322** **Dated: 01.11.2022**

1. Executive Engineer, Division-IV, BDA, Bhubaneswar on behalf of Bhubaneswar Development Authority invites percentage rate bids in Double Cover System conforming to the Detailed Tender Call Notice (DTCN) from Electrical Contractors having valid H.T. Licence registered under Government of Odisha, having PAN and valid EPF & ESI registration No., GST Certificate for the item of works as indicated in the table below.

| Sl. No. | Name of Work | Estimated Cost (In Rs.) | EMD | Cost of Tender Paper | Period of Completion |
|---|---|---|---|---|---|
| (1) | (2) | (3) | (4) | (5) | (6) |
| 1. | Providing power supply to the new pathway at Madhusudhan Park, Bhubaneswar | 23,59,153.00 | Bid Security Declaration | 6000.00 + 18% GST | 30 (Thirty Days) |

2. The Bid documents will be available in the website: **https://tendersodisha.gov.in** from **07.11.2022 at 10.30 hours**. Any addendum/Corrigendum/Cancellation of tender can also be seen in the said website.
3. Bids shall be received only "Online" on or before **21.11.2022 upto 17.00 hours.** The bidder must possess compatible Digital Signature Certificate (DSC) of Class-II or Class-III.
4. Other details can be seen in the bidding documents.
5. The authority reserves the right to cancel any or all bids without assigning any reason.
6. Any addendum/corrigendum/cancellation shall only be uploaded in the website: **https://tendersodisha.gov.in**.

**OIPR-13033/11/0327/2223** **Sd./- Executive Engineer, Division-IV, BDA, BBSR**

**WATER CORPORATION OF ODISHA**
**OFFICE OF THE CHIEF EXECUTIVE OFFICER**
GROUND FLOOR, UNNATI BHAWAN, HOUSING BOARD COLONY,
SATYANAGAR, BHUBANESWAR, ODISHA - 751007 Telefax: +91-674-2391444
e-mail: mail@watcoodisha.in / ceowatcoodisha@gmail.com

**NOTICE INVITING BID**
**NATIONAL COMPETITIVE BIDDING THROUGH e-PROCUREMENT**
Bid Identification No. WATCO (W)- 31/2022-23 Date .10.2022
WATCO No.4968 / Date:28.09.2022
[File No.WAT-1222/2022-23]
REQUEST FOR PROPOSAL (RFP) FOR
**"Implementation of 24 x 7 Water Supply in Hinjilicut Municipality including Operation & Maintenance for a Period of Five Years" on Engineering, Procurement & Construction (EPC) Contract**

**No.C-1487:** The Chief Executive Officer, WATCO, Bhubaneswar under the administrative control of Housing & Urban Development Department, Government of Odisha (the "Client/Authority") is engaged in the Execution, Operation & Maintenance of Water Supply Projects for different ULBs in the State of Odisha and as part of this endeavour, Govt. of Odisha has decided to undertake "Implementation of 24 x 7 Water Supply in Hinjilicut Municipality including Operation & Maintenance for a Period of Five Years" (the "Project") under EPC Contract (Engineering, Procurement and Construction) basis, and has decided to carry out the bid process for selection of the eligible contractor to whom the Project may be awarded eventually for Construction as well as for Operation & Maintenance.

| Sl. No. | Name of the Water Supply Project | Bid Identification No. | Indicative Total Project Cost including O&M Cost (Rs. in Lakh) | Construction Period | Operation & Maintenance Period |
|---|---|---|---|---|---|
| 1 | "Implementation of 24 x 7 Water Supply in Hinjilicut Municipality including Operation & Maintenance for a Period of Five Years" on Engineering, Procurement & Construction (EPC) Contract | WATCO (W)-31/ 2022-23 | 6220.00 | 24 (Twenty Four) Months | 60 (Sixty) Months |

The complete Bid document can be viewed/downloaded from e-procurement portal of the State Government https://tendersodisha.gov.in from 7.11.2022 (11.00 hrs. IST) to 07.12.2022 (17.00 hrs. IST). Bid must be submitted online only. Bid through any other mode shall not be entertained. However, Bid Security/Declaration, Document Fee, Power of Attorney and Joint Bidding Agreement shall be submitted physically by the Bidder before the schedule date & time indicated in the RFP.
Please note that the Authority reserves the right to accept or reject all or any Bid without assigning any reason whatsoever.
**Availability of RFP Document for Online Bidding : From 7.11.2022 (11.00 hrs. IST) to 07.12.2022 (17.00 hrs. IST)**
**Name & Address of the Officer Inviting RFP : The Chief Executive Officer, WATCO, Ground Floor, Unnati Bhawan, Satyanagar, Bhubaneswar- 751007, Dist Khordha, Odisha, India. Phone # +91-674-2391444, email:ceowatcoodisha@gmail.com**
Interested bidders may download the Request for Proposal Documents (the "RFP" document) from the State Government website www.tendersodisha.gov.in / http://www.watcoodisha.in to see further details for participation in the online bidding.
**All amendments, time extension, clarifications etc. will be uploaded in the website only.**
**Bidders should regularly visit the above website to keep themselves updated.**
**OIPR-13194/11/0059/2223** **Sd./- Chief Executive Officer, (WATCO)**

**ଓଡ଼ିଶା ସରକାର**
**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ**
**ନବମ ଏବଂ ଦଶମ ଶ୍ରେଣୀ ପାଇଁ ପ୍ରାକ୍ ମାଟ୍ରିକ ଛାତ୍ରବୃତ୍ତି ଯୋଜନା**

No. V-66: ନବମ ଏବଂ ଦଶମ ଶ୍ରେଣୀରେ ଅଧ୍ୟୟନରତ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ଅନ୍ୟାନ୍ୟ ପଛୁଆ ବର୍ଗ/ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ, ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ସରକାରଙ୍କ ସ୍ୱତନ୍ତ୍ର ଛାତ୍ରବୃତ୍ତି ବ୍ୟବସ୍ଥା ରହିଛି।

**ନବମ ଏବଂ ଦଶମ ଶ୍ରେଣୀ ଛାତ୍ରବୃତ୍ତି ପାଇବା ପାଇଁ ଯୋଗ୍ୟତା:**
(୧) ଆବେଦନକାରୀ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ଅନ୍ୟାନ୍ୟ ପଛୁଆ ବର୍ଗ/ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ କିମ୍ବା ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ (ସାଧାରଣ ବର୍ଗ)ରେ ଅନ୍ତର୍ଭୁକ୍ତ ଥିବେ।
(୨) ଆବେଦନକାରୀ ଓଡ଼ିଶାର ସ୍ଥାୟୀ ଅଧିବାସୀ ହୋଇଥିବେ।
(୩) ଆବେଦନକାରୀଙ୍କ ପାରିବାରିକ ବାର୍ଷିକ ଆୟ ସମସ୍ତ ସୂତ୍ରରୁ ଟ୨,୫୦,୦୦୦/-ଙ୍କା (ଦୁଇ ଲକ୍ଷ ପଚାଶ ହଜାର)ରୁ ଅଧିକ ହୋଇନଥିବ।
(୪) ଆବେଦନକାରୀମାନେ ବୈଧ UDISE Code ପ୍ରାପ୍ତ ସରକାରୀ କିମ୍ବା ମାନ୍ୟତା ପ୍ରାପ୍ତ ବେସରକାରୀ ବିଦ୍ୟାଳୟରେ ପୂର୍ଣ୍ଣ କାଳୀନ ଭିତ୍ତିରେ ଅଧ୍ୟୟନରତ ଥିବେ।
(୫) ଅନ୍ୟାନ୍ୟ ପଛୁଆ ବର୍ଗ/ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ ଏବଂ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ (ସାଧାରଣ ବର୍ଗ) ଛାତ୍ରଛାତ୍ରୀମାନେ କେବଳ ସରକାରୀ ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ ହିଁ ଏହି ଛାତ୍ରବୃତ୍ତି ପାଇଁ ଯୋଗ୍ୟ ବିବେଚିତ ହେବେ।

**ବୃତ୍ତିରାଶି ହାର (ଟଙ୍କାରେ)**

| ବର୍ଗ | ଦିବାଧାୟୀ (ବାର୍ଷିକ) | ଅନ୍ତେବାସୀ (ବାର୍ଷିକ) |
|---|---|---|
| ଅନୁସୂଚିତ ଜନଜାତି | ୩୦୦୦ | ୬୨୫୦ |
| ଅନୁସୂଚିତ ଜାତି | ୩୫୦୦ | ୭୦୦୦ |
| ଅନ୍ୟାନ୍ୟ ପଛୁଆ ବର୍ଗ/ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ | ୪୦୦୦ | ୪୦୦୦ |
| ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ (ସାଧାରଣ ବର୍ଗ) | ୪୦୦୦ | ୪୦୦୦ |

**ଆବେଦନ କିପରି କରିବେ**
ଶିକ୍ଷାବର୍ଷ ୨୦୨୨-୨୩ ପାଇଁ ଆବେଦନ ପ୍ରକ୍ରିୟା ୩ ନଭେମ୍ବର ୨୦୨୨ରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ମାଧ୍ୟମରେ ଆରମ୍ଭ ହେବ। ତେଣୁ ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀମାନେ ନିଜର ଜାତି ଏବଂ ଆୟ ପ୍ରମାଣ ପତ୍ର, ଆଧାର, ବ୍ୟାଙ୍କ ପାସ୍‌ବୁକର ଅବିକଳ ନକଲ ନିଜ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ନିକଟରେ ଯଥା ଶୀଘ୍ର ଦାଖଲ କରନ୍ତୁ।

**ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ:**
- ଏହି ଛାତ୍ରବୃତ୍ତି ଆବେଦନ ନିମନ୍ତେ ଆବେଦନକାରୀଙ୍କ "ଆଧାର" ନମ୍ବର ପ୍ରଦାନ କରିବା ଅନିବାର୍ଯ୍ୟ ଅଟେ। ତେଣୁ ଯେଉଁ ଛାତ୍ରଛାତ୍ରୀମାନଙ୍କ ଆଧାର ନାହିଁ ସେମାନଙ୍କୁ ଅନୁରୋଧ ଯେ ସେମାନେ ଯଥା ଶୀଘ୍ର ଆଧାର ପଞ୍ଜୀକରଣ କରିବେ।
- ଆଧାରରେ ଥିବା ନିଜର ନାମ (ନାମ ଏବଂ ଉପନାବ ବନାନ), ଲିଙ୍ଗ, ଜନ୍ମ ତାରିଖ (DOB) ସଠିକ୍ ଅଛି କି ନାହିଁ ନିଶ୍ଚିତ କରନ୍ତୁ। ଯଦି ଆଧାରରେ କିଛି ତ୍ରୁଟି ଥାଏ, ତେବେ ଆଧାରରେ ସଂଶୋଧନ କରି ସଂଶୋଧିତ ଆଧାରର ନକଲ ନିଜ ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ନିକଟରେ ଦାଖଲ କରନ୍ତୁ।
- ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ଛାତ୍ରବୃତ୍ତି କେବଳ ଆଧାର-ଲିଙ୍କ ବ୍ୟାଙ୍କ ଆକାଉଣ୍ଟରେ ପ୍ରଦାନ କରାଯିବ। ତେଣୁ ନିଜର ଆଧାର ସହିତ ବ୍ୟାଙ୍କ-ଆକାଉଣ୍ଟକୁ ଲିଙ୍କ୍ କରନ୍ତୁ। ସେଥିପାଇଁ ଆପଣମାନେ ନିଜର ବ୍ୟାଙ୍କ ଶାଖା ପରିଦର୍ଶନ କରନ୍ତୁ ଏବଂ DBT ଗ୍ରହଣ କରିବା ପାଇଁ ଏକ ବ୍ୟାଙ୍କ ସମ୍ମତି ଫର୍ମ ଦାଖଲ କରନ୍ତୁ।
- ଯେଉଁ ଛାତ୍ରଛାତ୍ରୀମାନଙ୍କ ପାଖରେ ଜାତି ଏବଂ ଆୟ ପ୍ରମାଣପତ୍ର ନାହିଁ ସେମାନଙ୍କୁ ଅନୁରୋଧ ଯେ ସେମାନେ ଓଡ଼ିଶାର ଇ-ଜିଲ୍ଲା ପୋର୍ଟାଲ **(https://edistrict.odisha.gov.in/)** ମାଧ୍ୟମରେ ପ୍ରମାଣପତ୍ର ପ୍ରାପ୍ତ କରି ଯଥା ଶୀଘ୍ର ନିଜ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ନିକଟରେ ଦାଖଲ କରନ୍ତୁ।
- ଯେଉଁ ଛାତ୍ରଛାତ୍ରୀମାନେ ନବମ ଶ୍ରେଣୀ ପାଇଁ ଏହି ଛାତ୍ରବୃତ୍ତି ପାଇଛନ୍ତି ସେମାନଙ୍କୁ ପୁନର୍ବାର ଜାତି କିମ୍ବା ଆୟ ପ୍ରମାଣ ପତ୍ର ଦାଖଲ କରିବା ଆବଶ୍ୟକ ନାହିଁ।
- ଏହି ଛାତ୍ରବୃତ୍ତି ସହିତ ଅନ୍ୟ କୌଣସି ପ୍ରାକ୍-ମାଟ୍ରିକ ଛାତ୍ରବୃତ୍ତି ପାଇପାରିବେ ନାହିଁ।

ସ୍ୱା./- ସ୍ୱତନ୍ତ୍ର ସଚିବ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ
ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ
OIPR-26001/11/0018/2223

**ୱାର୍ଡସ୍ତରରେ ସଫେଇକୁ ବିଏମ୍‌ସିର ଗୁରୁତ୍ୱ**

ଭୁବନେଶ୍ୱର,(ବ୍ୟୁରୋ): ବିଏମସି କାର୍ଯ୍ୟାଳୟରେ ପରିମଳ ରକ୍ଷା ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ସଫେଇ ଏଜେନ୍ସି, ସୁପରଭାଇଜର ଓ ଇନ୍ସପେକ୍ଟର ଉପସ୍ଥିତ ରହିଥିଲେ। ସହରକୁ ସ୍ୱଚ୍ଛ କରିବା ପାଇଁ ୱାର୍ଡସ୍ତରରେ ଉଦ୍ୟମ ହେବା ଆବଶ୍ୟକ ବୋଲି କମିଶନର କୁଲାଙ୍ଗେ କହିଥିଲେ। ସହରବାସୀଙ୍କ ଘରୁ ସଂଗ୍ରହ କରାଯାଉଥିବା ଆବର୍ଜନା ଯେପରି ପୃଥକ ଭାବେ ସଂଗୃହିତ ହୋଇପାରିବ ତାହା ଉପରେ ଗୁରୁତ୍ୱ ଦେବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ କମିଶନର। ସେହିପରି ଲୋକେ ଓ ବ୍ୟବସାୟୀ ଘର ହେଉ ବା ବ୍ୟବସାୟିକ ପ୍ରତିଷ୍ଠାନର ୫ ଗଜ ଦୂରତା ପର୍ଯ୍ୟନ୍ତ କିପରି ସ୍ୱଚ୍ଛ ରଖିବେ ତାହା ଉପରେ ମଧ ବୈଠକରେ ଆଲୋଚନା ହୋଇଥିଲା।



## ସଂକ୍ଷେପରେ

### ଓଡିଆଣୀ ବେଶରେ ଦର୍ଶନ ଦେଲେ ରାଧାରାଣୀ



ବାଲିଅନ୍ତା,୨।୧୧(ଡି.ଏନ୍.ଏ.): ଅଁଳା ନବମୀ ଅବସରରେ ରାଜଧାନୀ ଉପକଣ୍ଠ ବାଲିଅନ୍ତାର ଆରାଧ ପ୍ରଭୁ ନିକୁଞ୍ଜ ବିହାରୀ ଦେବଙ୍କ ମନ୍ଦିରରେ ଶ୍ରୀରାଧାଙ୍କ ପାଦଦର୍ଶନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମନ୍ଦିରରେ ଶ୍ରଦ୍ଧାଳୁ ଶ୍ରୀରାଧାଙ୍କୁ ଓଡିଆଣୀ ବେଶରେ ଦର୍ଶନ କରିଥିଲେ। ଏହି ଅବସରରେ ମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି କରାଯାଇଥିଲା। ଭୋର ୪ଟାରୁ ଦ୍ୱାର ଫିଟାଯାଇ ଶ୍ରୀରାଧାଙ୍କୁ ହଳଦୀ ପାଣିରେ ସ୍ନାନ କରାଯାଇ ଓଡିଆଣୀ ବେଶରେ ସଜ୍ଜିତ କରାଯାଇଥିଲା। ମଙ୍ଗଳଆଳତୀ ପରେ ସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁମାନେ ଶୃଙ୍ଖଳିତ ଭାବେ ଧାଡିରେ ଯାଇ ଶ୍ରୀରାଧାଙ୍କ ପାଦଦର୍ଶନ କରିଥିଲେ। ହେଲେ ରାଧାଙ୍କ ପାଦ ଛୁଇଁବାକୁ ଶ୍ରଦ୍ଧାଳୁଙ୍କୁ ବାରଣ କରାଯାଇଥିଲା। ପ୍ରଭୁ ଶ୍ରୀକୃଷ୍ଣଙ୍କୁ ନଟବର ବେଶରେ ଦର୍ଶନ ଦେଇଥିଲେ। ସକାଳ ଧୂପରେ ଲଡୁ, ରସଗୋଲା, ସର ଓ ଲବଣୀ ଲାଗି କରାଯାଇଥିଲା। ମଧାହ୍ନରେ ଖିରି, ଖେଚୁଡି, ଖଟା, ଶାଗମୁଗ ଓ ସନ୍ଧ୍ୟାରେ ଶୁଖିଲା ଭୋଗ କରାଯାଇଥିଲା। ଭୋର ୫ରୁ ରାତି ୧୧ ଯାଏଁ ଶ୍ରୀରାଧାଙ୍କ ପାଦଦର୍ଶନ ଚାଲିଥିଲା। ସନ୍ଧ୍ୟାରେ ଭଜନର ଆୟୋଜନ କରାଯାଇଥିଲା। ମନ୍ଦିର ଟ୍ରଷ୍ଟ ବୋର୍ଡର ସଭ୍ୟମାନେ ଉପସ୍ଥିତ ରହି ଭିଡ ନିୟନ୍ତ୍ରଣ କରିଥିଲେ।

### ବିଏମସି ପକ୍ଷରୁ ଅଗ୍ନି ନିରାପତ୍ତା ସମ୍ପର୍କିତ କର୍ମଶାଳା

ଭୁବନେଶ୍ୱର,୨।୧୧(ବ୍ୟୁରୋ): ଭୁବନେଶ୍ୱର ମହାନଗର ନିଗମ(ବିଏମସି) ପକ୍ଷରୁ ଦକ୍ଷିଣ-ପଶ୍ଚିମ ଜୋନ୍‌ରେ ଅଗ୍ନି ନିରାପତ୍ତା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ୟୁନିଟ୍-୮ସ୍ଥିତ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶେଷକରି ବସ୍ତିବାସିନ୍ଦାଙ୍କୁ ଅଗ୍ନି ନିରାପତ୍ତା ସମ୍ପର୍କିତ ତାଲିମ ପ୍ରଦାନ କରାଯାଇଥିଲା। ବସ୍ତି ଅଞ୍ଚଳର ଅନେକ ମହିଳା ଘରୋଇ ସହାୟିକା ଭାବେ କାର୍ଯ୍ୟ କରୁଥିବାବେଳେ ରୋଷେଇ ସମୟରେ ଅଗ୍ନି ଜନିତ ଦୁର୍ଘଟଣାରୁ ବର୍ତ୍ତିବା ଦିଗରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଡେପୁଟି କମିଶନର ରମେଶ ଚନ୍ଦ୍ର ଜେନା(ଆପାତକାଳ) ଓ ଆସିଷ୍ଟାଣ୍ଟ ଫାୟାର ଅଫିସର ଓ ସତ୍ୟବ୍ରତ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ରୋଷେଇ ସମୟରେ ସତର୍କ ରହିବା ପିଲାମାନଙ୍କୁ ସର୍ବଦା ନିଆଁଠାରୁ ଦୂରେଇ ରଖିବା, ବିଭିନ୍ନ ପର୍ବପର୍ବାଣିରେ ବାଣ ଫୁଟାଇବା ସମୟରେ ବିଶେଷ ଧାନ ରଖିବା ପାଇଁ ପରାମର୍ଶ ଦେଇଥିଲେ। ମହିଳାମାନେ ଅଗ୍ନିକାଣ୍ଡର କିଭଳି ମୁକାବିଲା କରିବେ ସେନେଇ ଆଲୋଚନା କରାଯାଇଥିଲା। ଅଗ୍ନି ନିବାରଣ ଯନ୍ତ୍ରର ବ୍ୟବହାର ସମ୍ପର୍କରେ ସୂଚନା ଦିଆଯିବା ସହ ଜରୁରୀକାଳୀନ ପରିସ୍ଥିତିରେ ଟୋଲ ଫ୍ରି ନଂ.୧୧୨ରେ ଯୋଗାଯୋଗ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ମଙ୍ଗଳବାର ଦିନ ଉତ୍ତର ଜୋନରେ ଏହି ଅଗ୍ନି ନରପତ୍ତା ସମ୍ପର୍କିତ କର୍ମଶାଳା ଆୟୋଜିତ ହୋଇଥିବାବେଳେ ଗୁରୁବାର ଦକ୍ଷିଣ ପୂର୍ବ ଜୋନରେ କର୍ମଶାଳା ଆୟୋଜିତ ହେବ ବୋଲି ବିଏମସି ପକ୍ଷରୁ ସୂଚନା ଦିଆଯାଇଛି।

### ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ପରଲୋକ

ଭୁବନେଶ୍ୱର,୧।୧୧(ବ୍ୟୁରୋ): ବରମୁଣ୍ଡା ହାଉସିଂବୋର୍ଡ କଲୋନୀ ନିକଟ ଶାନ୍ତିବିହାରରେ ରହୁଥିବା ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ପ୍ରଦୀପ୍ତ କିଶୋର ଶତପଥୀଙ୍କ ପରଲୋକ ଘଟିଛି। ତାଙ୍କୁ ୭୧ବର୍ଷ ବୟସ ହୋଇଥିଲା। ସେ କିଛିଦିନ ହେବ ବାର୍ଦ୍ଧକ୍ୟଜନିତ କାରଣରୁ ଅସୁସ୍ଥ ଥିଲେ। ଭରପୁତପୁର ଅଞ୍ଚଳରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ବନ୍ଧୁ ଓ ପରିବାର ଲୋକଙ୍କ ଉପସ୍ଥିତିରେ ସତ୍ୟନଗର ଶ୍ମଶାନରେ ପ୍ରଦୀପ୍ତଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ସେ କାର୍ଯ୍ୟ କରିଥିଲେ। ସେ ଏକାଧାରାରେ ଜଣେ ପରୋପକାରୀ, ସମାଜସେବୀ, ମେଳାପି ଏବଂ ଅମାୟିକ ବ୍ୟକ୍ତିତ୍ୱ ଥିଲେ। ପ୍ରଦୀପ୍ତଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ବାଲିଯାତ୍ରା: ଆଜିଠୁ ବ୍ୟବସାୟୀଙ୍କୁ ମିଳିବ ଜାଗା

କଟକ ଅଫିସ,୨।୧୧

**■ଆସିଲେଣି ବ୍ୟବସାୟୀ, ଜମିବ ବେପାର**

**■ପ୍ରସ୍ତୁତି କାର୍ଯ୍ୟ ଜୋର୍‌ଦାର**

ଆସନ୍ତା ୮ ତାରିଖରେ କଟକ ବାଲିଯାତ୍ରା। ଏଥିପାଇଁ ଉଭୟ ତଳ ଓ ଉପର ପଡିଆ ଚଳଚଞ୍ଚଳ ହୋଇପଡିଛି। କରୋନା ମହାମାରୀ ଯୋଗୁ ୨ ବର୍ଷ ଧରି ବନ୍ଦ ରହିଥିବାବେଳେ ଚଳିତବର୍ଷ ବାଲିଯାତ୍ରାରେ ବହୁସଂଖ୍ୟକ ଲୋକଙ୍କ ସମାଗମ ହେବା ଆଶା କରାଯାଉଛି। ତେଣୁ ବାଲିଯାତ୍ରାରେ ଏଥର ଅନେକ କିଛି ନୂତନତା ଦେଖିବାକୁ ମିଳିଛି। ବାଲିଯାତ୍ରା ପଡିଆରେ ଲାଇଟ୍ ଆଣ୍ଡ୍ ସାଉଣ୍ଡ ବ୍ୟବସ୍ଥା ସାଙ୍ଗକୁ ବାଲୁକାକଳା ପ୍ରଦର୍ଶନ କରାଯିବ। ସେହିପରି ମହାନଦୀ ଜଳରାଶିରେ ଲୋକମାନେ ବୋଟିଂର ମଜା ନେଇପାରିବେ। ଲାଇଟ୍ ଆଣ୍ଡ୍ ସାଉଣ୍ଡ୍ ଶୋ'କୁ ପରୀକ୍ଷାମୂଳକ ଭାବେ ପ୍ରଦର୍ଶନ କରାଯାଉଛି। ଏହାକୁ ଦେଖିବା ପାଇଁ ବାଲିଯାତ୍ରା ପଡିଆରେ ଲୋକଙ୍କ ଭିଡ ଜମୁଛି। ସେହିପରି ଚଳିତବର୍ଷ ଧବଳେଶ୍ୱର ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ, ଗୁରୁଦ୍ୱାରର ପ୍ରତିକୃତି ନିର୍ମାଣ କରାଯାଉଛି। ଏଥିସହ ଭିନ୍ନକ୍ଷମ ତଥା ବୟସ୍କ ଲୋକମାନେ ବାଲିଯାତ୍ରା ବୁଲିବା ପାଇଁ ବିଶେଷ ବ୍ୟବସ୍ଥା କରାଯାଇଛି। ଚଳିତବର୍ଷ ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ନାମରେ ଏକ ପ୍ରବେଶ ପଥର ନାମକରଣ ସହ ତୋରଣ ନିର୍ମାଣ ହେବାକୁ ଯାଉଛି। ବାଲିଯାତ୍ରା ପାଇଁ ବୁଧବାର ବଳକା ପ୍ଲଟ୍ ବଣ୍ଟନ କାର୍ଯ୍ୟ ପ୍ରାୟ ଶେଷ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ବଳକା ରହିଥିବା ପ୍ରାୟ ୨୫୦ଟି ପ୍ଲଟ୍‌କୁ ବୁଧବାର ସୁଦ୍ଧା ଆବଣ୍ଟନ କରାଯିବା ପାଇଁ ସ୍ଥିର ହୋଇଥିଲା। ପ୍ରାୟ ୧୩୫ ପ୍ଲଟ୍ ଆବଣ୍ଟନ ହୋଇସାରିଛି। ଯେଉଁ ଉଠାଦୋକାନୀମାନେ ପଞ୍ଜୀକରଣ କରିଛନ୍ତି, ସେମାନଙ୍କୁ ଗୁରୁବାରଠାରୁ ଜାଗା ପ୍ରଦାନ କରାଯିବ।

## ସହରର ପ୍ରବେଶ ପଥରେ ସ୍ୱାଗତ ତୋରଣ



ସହରର ବିଭିନ୍ନ ପ୍ରବେଶ ପଥରେ ବାଲିଯାତ୍ରା ସ୍ୱାଗତ ତୋରଣ ରହିବ। କଟକ ସଦର ନିକଟ କାଠଯୋଡି ବ୍ରିଜ ପାଖରେ ଗୋଟିଏ ତୋରଣ କରିବାକୁ ନିଷ୍ପତ୍ତି ନିଆଯାଇଥିବାବେଳେ ନେତାଜୀ ସେତୁ ନିକଟରେ ଅନ୍ୟ ଏକ ତୋରଣ ନିର୍ମାଣ ହେବ। ସେହିପରି ଯୋବ୍ରା ବ୍ୟାରେଜରେ ଆଉ ଏକ ତୋରଣ ତିଆରି କରିବାକୁ ସିଏମ୍‌ସି ପକ୍ଷରୁ ଯୋଜନା କରାଯାଇଛି।

## ୧୦୦ ବୃକ୍ଷକୁ ପୋଷ୍ୟ ଗ୍ରହଣ



ବାଲିଯାତ୍ରାରେ 'କଟକ ଇନ୍ କଟକ' ନାମରେ ଥିମ୍ ରହିଛି। ଏଠାରେ ଜିଲାର ଅନେକ ଐତିହ୍ୟକୁ ସ୍ଥାନ ଦିଆଯାଇଛି। ବାଲିଯାତ୍ରା ପଡିଆରେ ଥିବା ବହୁ ବୃକ୍ଷ ମଧ୍ୟରୁ ୧୦୦ଟିକୁ ପୋଷ୍ୟ ଭାବେ ଗ୍ରହଣ କରାଯାଇଛି। ବିଭିନ୍ନ ସରକାରୀ ଓ ଘରୋଇ ସଂସ୍ଥା ବୃକ୍ଷଗୁଡ଼ିକୁ ପୋଷ୍ୟ ଭାବେ ବାଣ୍ଟି ନେଇଛନ୍ତି। ବୃକ୍ଷଗୁଡିକୁ ଅତ୍ୟାଧୁନିକ ଆଲୋକ ଓ କପଡ଼ାରେ ସଜ୍ଜିତ କରାଯାଇଛି। ଏପରି କି ସେଥିରେ ବିଭିନ୍ନ ପରିବେଶ ସଚେତନତା ସ୍ୱରୂପ ଛବି ଅଙ୍କାଯାଇଛି । ଅମ୍ବ୍ରେଲା ଟ୍ରି, ଏଲ୍‌ଇଡି ଟ୍ରି, ବାମ୍ବୋ ଲାଇଟ୍, ପେଣ୍ଟିଂ ଟ୍ରି ଓ କ୍ଲଥ ଟ୍ରି ଭାବେ ସେଗୁଡିକୁ ନାମିତ କରାଯାଇଛି।

## ପ୍ରସ୍ତୁତି ଚଳାଇଛନ୍ତି ଦୋଳି ବ୍ୟବସାୟୀ



ରାଜ୍ୟ ତଥା ରାଜ୍ୟ ବାହାରର କ୍ଷୁଦ୍ର ବ୍ୟବସାୟୀମାନେ ବାଲିଯାତ୍ରାକୁ ସାମଗ୍ରୀ ପ୍ରସ୍ତୁତିରେ ଲାଗିପଡିଛନ୍ତି। ଅନ୍ୟବର୍ଷ ଅପେକ୍ଷା ଚଳିତବର୍ଷ ଦୋଳି ବ୍ୟବସାୟ ପାଇଁ ଅଧିକ ଆବେଦନକାରୀ ଆସିଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଉପର ଓ ତଳ ବାଲିଯାତ୍ରା ପଡିଆରେ ଜାଗା ପାଇଁ ୨୨ଟି ସଂସ୍ଥା ଆବେଦନ କରିଥିଲେ। ଦୋଳି ବ୍ୟବସାୟୀଙ୍କ ପାଇଁ ବର୍ଗଫୁଟ ପିଛା ୩୦ ଟଙ୍କା ଦର ଧାର୍ଯ୍ୟ କରାଯାଇଛି। କଲିକତାରୁ ପ୍ରାୟ ୮ଟି ବଡ ଦୋଳି ବ୍ୟବସାୟୀ ମଙ୍ଗଳବାର ବାଲିଯାତ୍ରା ପଡିଆରେ ପହଞ୍ଚି ପ୍ରସ୍ତୁତି ଆରମ୍ଭ କରିଛନ୍ତି। ପୂର୍ବବର୍ଷ ଅପେକ୍ଷା ଏବର୍ଷ ବାଲିଯାତ୍ରାରେ ଦୋଳି ଟିକେଟର ମୂଲ୍ୟ ୩୦ ଟଙ୍କା ବୃଦ୍ଧି ପାଇଛି। ପୂର୍ବରୁ ଗୋଟିଏ ଟିକଟ ପିଛା ୫୦ ଟଙ୍କା ଥିବାବେଳେ ଚଳିତବର୍ଷ ୮୦ ଟଙ୍କା ରଖାଯାଇଥିବା ଜଣାପଡିଛି। ବାଲିଯାତ୍ରା ପଡିଆରେ ରାମ ଦୋଳି, ବ୍ରେକ୍ ଡ୍ୟାନ୍ସ ଦୋଳି, ପିଲାମାନଙ୍କ ପାଇଁ ଡ୍ରାଗନ ଟ୍ରେନ୍, ଅକ୍ଟୋପସ, ଚାନ୍ଦ ତାରା ଦୋଳି ରହିଛି। ପ୍ରତି ଦୋଳି ବ୍ୟବସାୟୀଙ୍କୁ ୧୫ ହଜାର ସ୍କୋୟାର ଫୁଟ୍‌ର ଜାଗା ଯୋଗାଇ ଦିଆଯାଇଛି।

# ଏକାମ୍ର, ଜୟଦେବରେ ଜନସମ୍ପର୍କ ପଦଯାତ୍ରା




ପୁରୁଣା ଭୁବନେଶ୍ୱର/ ବାଲିପାଟଣା,୨।୧୧(ଡି.ଏନ୍.ଏ.)

ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୱାର୍ଡ ନଂ ୬୫, ୬୪, ୬୬ ରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରା ଢୁମୁଢୁମା ହାଉସିଂ ବୋର୍ଡ ଜଗନ୍ନାଥ ମନ୍ଦିରଠାରୁ ବାହାରି ରଘୁନାଥ ନଗର, ଯଦୁପୁରରେ ଶେଷ କରିଥିଲେ। ଏହି ପଦଯାତ୍ରାରେ ସରକାରଙ୍କ ବିଭିନ୍ନ ଜନମଙ୍ଗଳ କାରୀ ଯୋଜନାକୁ ସ୍ଲୋଗାନ ଦେଇ ଘରେ ଘରେ ପହଞ୍ଚାଇ ଥିଲେ। କାର୍ଯ୍ୟକ୍ରମରେ କର୍ପୋରେଟର ଛବି ଦାସ, ସକିବା ମୁସାର, ସଂଯୁକ୍ତା ସୁନ୍ଦରାୟ, ପୂର୍ବତନ କର୍ପୋରେଟର ମୁଜାହିଦ ହୁସେନ, ରୁନୁ ଜେନା, ଅଶ୍ୱିନୀ ସୁନ୍ଦରାୟ, ରାଜେଶ ପାତ୍ର, ସେଖ ଅମିର ମହମ୍ମଦ, ୱାର୍ଡ ସଭାପତି ବର୍କତ ତୁଲ୍ଲା, ପ୍ରତାପ ଜେନା, ସୁଶୀଲ ବିଶାଳ, ସବିର ଅଲ୍ଲୀ, ସୁଧୀର ଲେଙ୍କା, ଜ୍ୟୋତି ରଞ୍ଜନ ପ୍ରଧାନ, ଲତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ସେହିଭଳି ଜୟଦେବ ବିଧାନସଭା ନିର୍ବାଚନମଣ୍ଡଳୀର ତ୍ରିବେଣୀ ଅନ୍ତର୍ବେଦୀ ପୀଠଠାରୁ ପଦଯାତ୍ରା ଆରମ୍ଭ ହୋଇ ଭାପୁର,ଭାକର ସାହି ପ୍ରଭୃତି ପଞ୍ଚାୟତ ପରିକ୍ରମା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଦଳର ରାଜ୍ୟ ସଭା ସଦସ୍ୟ ମୁନ୍ନା ଖାଁ, ଜିଲା ସଭାପତି ବିଭୂତି ବଳବନ୍ତରାୟ, ଦଳୀୟ ପର୍ଯ୍ୟବେକ୍ଷକ କୈଳାସ ପାତ୍ର, ବ୍ଲକ ସଭାପତି କିଶୋର ଜେନା, ଚେୟାରମ୍ୟାନ ହରପ୍ରିୟା ଦାସ, ଭାଇସ ଚେୟାରମ୍ୟାନ ରାଜଲକ୍ଷ୍ମୀ ଜେନା, ଜିଲା ପରିଷଦ ସଭ୍ୟ ପବିତ୍ର ପଟେଲ, ଗଙ୍ଗାଧର ମଲ୍ଲିକ, ସୁକନ୍ୟା ସେଠୀ, କୃଷ୍ଣଚନ୍ଦ୍ର ପୃଷ୍ଟି, ପ୍ରତାପ ନାୟକ, ପ୍ରଦ୍ୟୁମ୍ନ ସେନାପତି ପ୍ରମୁଖ ସାମିଲ ଥିଲେ। ବିଭିନ୍ନ ସରପଞ୍ଚ, ସମିତି ସଭ୍ୟ, ଦଳୀୟ କର୍ମକର୍ତ୍ତା ଓ ମହିଳା ସଂଗଠନର ସଦସ୍ୟାମାନେ ଯୋଗଦେଇଥିଲେ।

## ମାସକରେ ୯୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟିନେଲେ ସାଇବର ଠକ

ଭୁବନେଶ୍ୱର,୦୨।୧୧ (ବ୍ୟୁରୋ)

ରାଜଧାନୀରେ ସାଇବର ଠକେଇ ଚିନ୍ତା ବଢ଼ାଉଛି। କେବଳ ଅକ୍ଟୋବରରେ ଲୋକଙ୍କଠାରୁ ୯୪ ଲକ୍ଷ ୧ ହଜାର ୫୫୪ ଟଙ୍କା ଲୁଟିନେଇଛନ୍ତି ସାଇବର ଠକ। ମାତ୍ର ୯ ଲକ୍ଷ ୯୧ ହାଜର ୯୯୫ ଟଙ୍କା ଫେରସ୍ତ ଅଣାଯାଇପାରିଥିବାବେଳେ ୧୩ ଲକ୍ଷ ୫ହଜାର ୮୦୧ ଟଙ୍କା ବ୍ଲକ୍/ଫ୍ରିଜ୍ କରାଯାଇଛି। ସେହିଭଳି ଭୁବନେଶ୍ୱର ସହରାଞ୍ଚଳ ପୋଲିସର ସାଇବରକ୍ରାଇମ୍ ହେଲ୍ପ ଡେସ୍କକୁ ଅକ୍ଟୋବରରେ ମୋଟ ୩୦୨ଟି ଅଭିଯୋଗ ଆସିଛି। ସେଥିରୁ ଭୁବନେଶ୍ୱରରୁ ୨୭୨ଟି ଅଭିଯୋଗ ଆସିଥିବାବେଳେ ରାଜ୍ୟର ଅନ୍ୟାନ୍ୟ ଜିଲାରୁ ମାତ୍ର ୩୦ଟି ଅଭିଯୋଗ ଆସିଛି। ସେହିଭଳି ଭୁବନେଶ୍ୱରରୁ ୧୦୦ଟି ୟୁପିଆଇ , ୮୯ଟି କ୍ରେଡିଟ୍ /ଡେବିଟ କାର୍ଡ ଠକେଇଜନିତ ଅଭିଯୋଗ ଆସିଥିବାବେଳେ ୨୬ଟି ସାମାଜିକ ଗଣମାଧମଜନିତ ଠକେଇ ଅଭିଯୋଗ ଗ୍ରହଣ କରାଯାଇଛି। ୫୭ଟି ଅନ୍ୟାନ୍ୟ ଅନ୍‌ଲାଇନଜନିତ ଠକେଇ ଅଭିଯୋଗ ହୋଇଥିବା ସୂଚନା ଦିଆଯାଇଛି। ଅନ୍ୟପଟେ ଏତେ ପରିମାଣରେ ଠକେଇ ହୋଇଥିବା ସତ୍ତ୍ୱେ ଭୁବନେଶ୍ୱରର ସାଇବର କ୍ରାଇମ୍ ଓ ଅର୍ଥନୈତିକ ଅପରାଧ ଥାନାରେ ମାତ୍ର ୩ଟି ମାମଲା ପଞ୍ଜୀକୃତ କରାଯାଇଥିବା ଜଣାପଡିଛି ।

# ପରିବାର ଅଦାଲତରେ ବର୍ଷାଙ୍କ ସାକ୍ଷ୍ୟ ଗ୍ରହଣ

କଟକ ଅଫିସ,୨।୧୧

**ବର୍ଷା-ଅନୁଭବ ପାରିବାରିକ ବିବାଦ ମାମଲା**

**■ଏସ୍‌ଡିଜେଏମ୍ କୋର୍ଟରେ ଅନୁଭବଙ୍କ ଘରର ଚାବି ଦାଖଲ**

କେନ୍ଦ୍ରାପଡା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ଓ ତାଙ୍କ ସ୍ତ୍ରୀ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ପାରିବାରିକ ବିବାଦ ମାମଲାର ଶୁଣାଣି କଟକ ପରିବାର ଅଦାଲତରେ ବୁଧବାର ହୋଇଛି। ଅନୁଭବଙ୍କ ପକ୍ଷରୁ ଓକିଲ ବର୍ଷାଙ୍କୁ ପ୍ରାୟ ଅଢ଼େଇ ଘଣ୍ଟା ଧରି ଜେରା କରିଥିଲେ। ବର୍ଷା ଜେରାର ସାମ୍ନା କରି ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ବର୍ଷାଙ୍କ ସାକ୍ଷ୍ୟ ଗ୍ରହଣ ଅସମାପ୍ତ ଥିବା ଜଣାପଡିଛି।

ସୂଚନାଯୋଗ୍ୟ, ପରିବାର ଅଦାଲତରେ ସୋମବାର ଅନୁଭବ ଓ ବର୍ଷା ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ। ପ୍ରାୟ ୨ ଘଣ୍ଟା ଧରି ବର୍ଷାଙ୍କ ସାକ୍ଷ୍ୟ ଗ୍ରହଣ ଚାଲିଥିଲା। ହେଲେ ଏହା ଅସମ୍ପୂର୍ଣ୍ଣ ରହିବାରୁ ବୁଧବାର ପୁଣି ବର୍ଷାଙ୍କ ସାକ୍ଷ୍ୟ ଗ୍ରହଣ ହେବ ବୋଲି ସ୍ଥିର ହୋଇଥିଲା। ତେବେ ସାକ୍ଷ୍ୟ ସତ୍ୟପାଠ ସହିତ ବର୍ଷା ଦାଖଲ କରିଥିବା କେତେକ ନଥିପତ୍ରକୁ ଅଦାଲତ ଗ୍ରହଣ ନ କରିବାକୁ ଅନୁଭବଙ୍କ ତରଫରୁ ଏକ ପିଟିଶନ ଦାଖଲ କରି ପ୍ରାର୍ଥନା କରାଯାଇଥିଲା। ଅନୁଭବଙ୍କ ସାକ୍ଷ୍ୟ ଗ୍ରହଣ ପୂର୍ବରୁ ଶେଷ ହୋଇଥିବାବେଳେ ବର୍ଷାଙ୍କ ସାକ୍ଷ୍ୟ ଗ୍ରହଣ ଚାଲିଛି। ଉଲ୍ଲେଖଯୋଗ୍ୟ, ଅନୁଭବ ଓ ବର୍ଷାଙ୍କ ମଧ୍ୟରେ ଆପୋସ ସମାଧାନ ପାଇଁ ପରିବାର ଅଦାଲତରେ ହୋଇଥିବା ଉଦ୍ୟମ ବିଫଳ ହୋଇଥିଲା। ପରେ ଅଦାଲତ ମାମଲାକୁ ଯଥାରୀତି ଆଗକୁ ବଢ଼ାଇଛନ୍ତି।

ସେହିପରି କଟକ ଏସ୍‌ଡିଜେଏମ୍ କୋର୍ଟରେ ବର୍ଷା ବୁଧବାର ଅନୁଭବଙ୍କ ଘରର ଚାବି ଫେରାଇଛନ୍ତି। ବର୍ଷା ଅନୁଭବଙ୍କ ଘର ଛାଡ଼ିବା ପରେ ଚାବି ଫେରାଉ ନ ଥିବା ନେଇ ଅନୁଭବଙ୍କ ପକ୍ଷରୁ ଏସ୍‌ଡିଜେଏମ୍ କୋର୍ଟରେ ପିଟିଶନ ଦାଖଲ କରାଯାଇଥିଲା। ଏସ୍‌ଡିଜେଏମ୍ କୋର୍ଟରେ ମାମଲାର ଶୁଣାଣି ହୋଇ ବର୍ଷା ଅନୁଭବଙ୍କ ଘର ଚାବି ତାଙ୍କୁ କିମ୍ବା ତାଙ୍କ ଓକିଲଙ୍କୁ ଫେରାଇବା ପାଇଁ ନିର୍ଦ୍ଦେଶ ଥିଲା। ଯଦି ଅନୁଭବ ଏହି ଚାବିକୁ ଗ୍ରହଣ ନ କରନ୍ତି ତା'ହେଲେ ବର୍ଷା କୋର୍ଟରେ ଦାଖଲ କରିବା ପାଇଁ ଏସ୍‌ଡିଜେଏମ୍ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ଅଦାଲତ ବର୍ଷାଙ୍କୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ସମୟ ଦେଇଥିଲେ।

# ଅକ୍ଟୋବରରେ ୧୪୨ ଗିରଫ

ଭୁବନେଶ୍ୱର,୦୨।୧୧ (ବ୍ୟୁରୋ)

**୧ କେଜି ଅଳଙ୍କାର ସହ ୯୦ ମୋବାଇଲ ଫୋନ୍, ୭ ଲାପ୍‌ଟପ୍ ଜବତ**

ରାଜଧାନୀରେ ଦିନକୁ ଦିନ ଲୁଟ, ଛିନତାଇ, ଚୋରି ଓ ନିଶା କାରବାର ଆଦି ମାମଲା ବଢିବାରେ ଲାଗିଛି। ଏଥିରେ ରୋକ୍ ଲଗାଇବାକୁ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାରେ ଥିବା ଥାନାଗୁଡ଼ିକରେ ଗଠିତ ପିଓପିଡି ଏବଂ ଟିମ୍-୬୦ର ମିଳିତ ଚଢାଉ ଜାରି ରହିଛି। କେବଳ ଅକ୍ଟୋବରରେ ବିଭିନ୍ନ ସମ୍ପତ୍ତିଗତ ଚୋରି ଓ ଛିନତାଇ ଘଟଣାରେ ସଂପୃକ୍ତ ୧୪୨ ଜଣଙ୍କୁ ଗିରଫ କରାଯାଇଛି। ଏମାନଙ୍କଠାରୁ ୫୫୩ ଗ୍ରାମ ସୁନା ଓ ୫୦୦ ଗ୍ରାମ ରୁପା ଅଳଙ୍କାର, ୧ ଲକ୍ଷ ୩୧ ହଜାର ୪୧୫ ଟଙ୍କା ସହ ବିଭିନ୍ନ କମ୍ପାନୀର ୯୦ଟି ଦାମୀ ମୋବାଇଲ ଫୋନ, ୭ଟି ଲାପ୍‌ଟପ୍, ୩ଟି ବ୍ୟାଟେରୀ ଜବତ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ୧୬ଜଣ ଜେଲରୁ ରିମାଣ୍ଡ ଆସିଥିବାବେଳେ ୧୮ଜଣ ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ ସିଆର୍‌ପିସି-୧୧୦ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେହିଭଳି ଗାଡି ଚୋରି ମାମଲାର ତଦନ୍ତ କରାଯାଇ ଦୁଇଚକିଆ, ତିନିଚକିଆ ଓ ଚାରି ଚକିଆ ଗାଡି ମିଶି ମୋଟ ୨୯ଟି ଚୋରା ଗାଡି ଜବତ କରାଯାଇପାରିଛି। ଅନ୍ୟପଟେ ଜୁଲାଇ ମଧ୍ୟରେ ବିଭିନ୍ନ ଥାନାରେ ମୋଟ ୪ଟି ନିଶା କାରବାରଜନିତ ମାମଲା ରୁଜୁ ହୋଇଥିବାବେଳେ ୮ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ୪୨ ଗ୍ରାମ ଓଜନର ବ୍ରାଉନସୁଗାର ଏବଂ ୧୭୦୦ ଟଙ୍କା ଜବତ କରିବାରେ ସଫଳ ହୋଇଛି ସ୍ୱତନ୍ତ୍ର ଟିମ୍। ଏଥିସହ ମୋବାଇଲ, ଗାଡି, ସୁନା/ରୁପା ଗହଣା ଚୋରି, ଛିନତାଇ କିମ୍ବା ନିଶା କାରବାର ବିଷୟରେ ସୂଚନା ଦେବା ନିମନ୍ତେ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ତରଫରୁ ଜନସାଧାରଣଙ୍କୁ ଏକ ହ୍ୱାଟସ୍‌ଆପ ନଂ. ୭୦୭୭୭୯୮୧୧୧ ଜାରି କରାଯାଇଛି।

# ଜଣକୁ ଧରି ଅନ୍ୟକୁ ଗିରଫ ଦର୍ଶାଇଲା ପୋଲିସ

ବାଳକାଟୀ,୨।୧୧(ଡି.ଏନ୍.ଏ.)



**ଟଙ୍କା, ବ୍ରାଉନସୁଗାର ଜବତ ଘଟଣା**

ରାଜଧାନୀ ଉପକଣ୍ଠ ବାଳକାଟୀ ଫାଣ୍ଡି ପରିସରଭୁକ୍ତ ଭାର୍ଗବୀ ସେତୁ ନିକଟରୁ ମଙ୍ଗଳବାର ୨ଜଣ ବ୍ରାଉନ ସୁଗାର ବେପାରୀଙ୍କୁ ବାଲିଅନ୍ତା ପୋଲିସ ଧରିଥିଲା। ଏମାନଙ୍କଠାରୁ ଟଙ୍କା ଓ ଲକ୍ଷାଧିକ ଟଙ୍କାର ବ୍ରାଉନସୁଗାର ଜବତ କରିଥିଲା। ବୁଧବାର ସେହି ୨ ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ନେଇ ପୋଲିସ ଗଣମାଧ୍ୟମକୁ ସୂଚନା ଦେଇଛି। ଏ ନେଇ ଏକ ମାମଲା(ନଂ.୩୯୪/୨୨) ରୁଜୁ କରିଛି। ହେଲେ ବଡ଼ ଆଶ୍ଚର୍ଯ୍ୟର କଥା ଯେ, ଧରାପଡ଼ିଥିବା ୨ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ଅଭିଯୁକ୍ତଙ୍କ ଜାଗାରେ ଅନ୍ୟ ଜଣକୁ ଗିରଫ କରାଯାଇଥିବା ଦେଖିବାକୁ ମିଳିଛି। ଗିରଫଦ୍ୱୟ ହେଲେ ନୂଆପାଟଣା ଗ୍ରାମର କୁନା ସାହୁ ଓ ପୁରୀ ଜିଲା ନିମାପଡା ଖେଳାର ଅଞ୍ଚଳର ତପନ ପ୍ରଧାନ(୪୩)। କିନ୍ତୁ ମଙ୍ଗଳବାର ପୋଲିସ ଧରିଥିବା ୨ ବ୍ରାଉନସୁଗାର ବେପାରୀଙ୍କ ମଧ୍ୟରୁ ଜଣେ କୁନା ଥିବାବେଳେ ଅନ୍ୟ ଜଣେ ନନ୍ଦୀ ଗ୍ରାମର ଯୁବକ ଥିଲେ। ଅନ୍ୟପଟେ ବୁଧବାର ବାଳକାଟୀ ବଜାରରେ ନନ୍ଦୀ ଗ୍ରାମର ଉକ୍ତ ଯୁବକ ବୁଲୁଥିବା ଦେଖି ସମସ୍ତେ ତାଜୁବ ହୋଇଥିଲେ। ସମସ୍ତଙ୍କ ସମ୍ମୁଖରେ ବଜାରରୁ ପୋଲିସ ଯେଉଁ ୨ଜଣଙ୍କୁ ପୋଲିସ ଉଠାଇଥିଲା, ଗିରଫ ବେଳେ କିଭଳି ଜଣେ ବଦଳିଗଲା ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଏପରିକି ପୋଲିସର ଏଭଳି କାର୍ଯ୍ୟକୁ ନେଇ ନାନା ସନ୍ଦେହ ସୃଷ୍ଟି କରୁଛି।

ପ୍ରକାଶଥାଉକି, ବାଳକାଟୀ ଅଞ୍ଚଳରେ ନିଶା କାରବାର ଜୋରଦାର ଚାଲୁଥିବାର ଅଭିଯୋଗ ହେଉଥିବା ବେଳେ ମଙ୍ଗଳବାର ଉକ୍ତ ୨ ବ୍ରାଉନସୁଗାର ବେପାରୀ ବାଳକାଟୀ ଫାଣ୍ଡି ଅଞ୍ଚଳକୁ ବିକ୍ରି ପାଇଁ ଆସୁଥିଲେ। ବିଶେଷ ସୂତ୍ରରୁ ଖବରପାଇ ବାଲିଅନ୍ତା ଥାନା ପୋଲିସ ଟିମ୍ ମଙ୍ଗଳବାର ସାଦା ପୋଷାକରେ ଯାଇ ଭାର୍ଗବୀ ସେତୁ ନିକଟରେ ୨ଜଣଙ୍କୁ ଉଠାଇ ଆଣିଥିଲେ। ଏପରିକି ବେପାରୀଦ୍ୱୟ ବ୍ରାଉନସୁଗାର ପ୍ୟାକେଟକୁ ସେତୁ ତଳକୁ ଫୋପାଡ଼ି ଦେଇଥିବା ବେଳେ ପୋଲିସ ତଳକୁ ଯାଇ ତାହା ଜବତ କରିଥିଲା। ସେତେବେଳେ ବାଲିଅନ୍ତା ଆଇଆଇସି ଯୁବରାଜ ସ୍ୱାଇଁଙ୍କୁ ପଚାରିବାରେ ବାଳକାଟୀ ନନ୍ଦୀ ସାହିର ଜଣେ ଓ ନୂଆପାଟଣା ଗ୍ରାମର ଯୁବକଙ୍କୁ ଅଟକ ରଖାଯାଇଥିବା କହିବା ସହ ଅନ୍ୟ କିଛି ସୂଚନା ଦେଇ ନ ଥିଲେ। ହେଲେ ବୁଧବାର ସେମାନଙ୍କୁ ଗିରଫ କରିବା ବେଳେ ନୂଆପାଟଣା ଗ୍ରାମର ଯୁବକଙ୍କ ବଦଳରେ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଦର୍ଶାଇଥିଲେ। ଏ ସମ୍ପର୍କରେ ଥାନା ଆଇଆଇସି ସ୍ୱାଇଁଙ୍କୁ ପଚାରିବାରେ ଛଡା ଯାଇଥିବା ବାଳକାଟୀ ନନ୍ଦୀ ସାହିର ଯୁବକ ଆମର ସୂଚନାଦାତା ଥିଲା। ତାହା ସୂଚନା ଆଧାରରେ ନିମାପଡାର ତପନଙ୍କୁ ଗିରଫ କରିଛୁ। ଆଉ ଯଦି ଛଡ଼ାଯାଇଥିବା ଯୁବକ ଯଦି ବ୍ରାଉନସୁଗାର କାରବାର କରୁଥିବ, ତେବେ ତାକୁ ମଧ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି କହିଥିଲେ। ଥାନା ଅଧିକାରୀଙ୍କ ଏଭଳି ବୟାନକୁ ସାଧାରଣରେ ଅଡୁଆ ଲାଗୁଥିବା ବେଳେ ଏହି ଘଟଣାକୁ ଉଚ୍ଚସ୍ତରୀୟ ତଦନ୍ତ ଦାବି ହେଉଛି। ଏଥିସହ କାହା ଚାପରେ ବାଲିଅନ୍ତା ପୋଲିସ ମୁଖ୍ୟ କାର୍ପାଟ ବେପାରୀକୁ ଛାଡି ଅଜଣା ଲୋକଙ୍କୁ ଗିରଫ ଦର୍ଶାଇଛି ତାହା ଜନତାଙ୍କୁ ଚକିତ କରିବା ଶହ ତଦନ୍ତ ସାପେକ୍ଷ ବୋଲି ବୁଦ୍ଧିଜୀବୀ ଦାବି କରିଛନ୍ତି।

**ମୁଖ୍ୟମନ୍ତ୍ରୀଙ୍କୁ ଅଲ୍ ଓଡ଼ିଶା ସ୍ୱତନ୍ତ୍ର ବିଦ୍ୟାଳୟ କର୍ମଚାରୀ ସଂଘର ଦାବିପତ୍ର**

ଭୁବନେଶ୍ୱର,(ବ୍ୟୁରୋ)- ଅଲ୍ ଓଡ଼ିଶା ସ୍ୱତନ୍ତ୍ର ବିଦ୍ୟାଳୟ କର୍ମଚାରୀ ସଂଘର ଏକ ବୈଠକ ସାଧାରଣ ସମ୍ପାଦକ ସୁଧୀର କୁମାର ସେଠୀଙ୍କ ଆହ୍ୱାନକ୍ରମେ ଭୁବନେଶ୍ୱର ଆଇଜି ପାର୍କଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ୫୨ଟି ସ୍ୱତନ୍ତ୍ର ବିଦ୍ୟାଳୟର କର୍ମଚାରୀ ଯୋଗ ଦେଇଥିଲେ। ବୈଠକରେ ଠିକା ନିଯୁକ୍ତି ପ୍ରଥା ଉଚ୍ଛେଦ କରି ନିୟମିତ ଭାବେ ଦରମା ପ୍ରଦାନ କରିବା ଏବଂ କର୍ମଚାରୀଙ୍କ ଚାକିରି ନିୟମିତ କରି ସରକାରୀ ମାନ୍ୟତା ଦେବା ଆଦି ନେଇ ଆଲୋଚନା ହୋଇଥିଲା। ନିଷ୍ପତ୍ତିକ୍ରମେ ପରେ ୨ ଦଫା ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ, ବିଭାଗୀୟ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ବିଭାଗୀୟ ସଚିବ ଭାସ୍କର ଜ୍ୟୋତି ଶର୍ମାଙ୍କୁ ପ୍ରଦାନ କରାଯାଇଛି।

## ସଂକ୍ଷେପରେ

### 'ଏଡିୟୁ ଗୋଦାର' ଶ୍ରେଷ୍ଠ ଫିଚର ଫିଲ୍ମ

ଭୁବନେଶ୍ୱର,୨।୧୧(ବ୍ୟୁରୋ)- ଓଡ଼ିଆ ଚଳଚ୍ଚିତ୍ର 'ଏଡିୟୁ ଗୋଦାର' ପୁଣିଥରେ ଆନ୍ତର୍ଜାତିକ ଫିଲ୍ମ ଫେଷ୍ଟିଭାଲରେ ଶ୍ରେଷ୍ଠ ଫିଚର ଫିଲ୍ମ ଭାବେ ପୁରସ୍କୃତ ହୋଇଛି। ୱେଲ୍ସ ଆସେମ୍ବ୍ଲି ଓ କାର୍ଡିଫ୍ କାଉନସିଲ୍ (ୟୁକେ) ପକ୍ଷରୁ କାର୍ଡିଫ୍ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲରେ ୧୦୦ ଚଳଚ୍ଚିତ୍ର ମଧ୍ୟରେ ଏହା ସ୍ଥାନ ପାଇଛି। ସ୍ୱସ୍ତିକ୍ ଚୌଧୁରୀଙ୍କ ପ୍ରଯୋଜିତ ଏହି ଫିଲ୍ମ ବିଭିନ୍ନ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପୁରସ୍କୃତ ହେଉଛି। ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ। ଅଭିଷେକ ଗିରି, ଦ୍ୱୀପାନ୍ୱିତ ଦାଶମହାପାତ୍ର, ସୁମିତ ପଣ୍ଡା, ଚୌଧୁରୀ ବିକାଶ ଦାସ, ସୁଧାରଶ୍ରୀ ମଧୁସ୍ମିତା ପ୍ରମୁଖ ଅଭିନୟ କରିଛନ୍ତି।

### ୨ ଟନ୍ ଗଞ୍ଜେଇ ନଷ୍ଟକଲା ପୋଲିସ

ଭୁବନେଶ୍ୱର,୨।୧୧ (ବ୍ୟୁରୋ): କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଓ ଓଡିଶା ପୋଲିସ ରାଜ୍ୟରେ ଜବତ ହୋଇଥିବା ନିଶାଦ୍ରବ୍ୟ ନଷ୍ଟ ଅଭିଯାନ ଜାରି ରଖିଛି। ଏହିକ୍ରମରେ ଗଜପତି ଜିଲା ଆର୍.ଉଦୟଗିରି ଥାନା ପୋଲିସ ଅଭିଯୁକ୍ତଙ୍କଠାରୁ ଜବତ କରିଥିବା ୨୨ କୁଇଣ୍ଟାଲ ୪୨ କେଜି ଗଞ୍ଜେଇକୁ ନିଷ୍କ୍ରିୟକାରୀ କମିଟିଙ୍କ ନିଷ୍ପତ୍ତିକ୍ରମେ ଗଞ୍ଜାମର ଏକ ସରକାରୀ ସ୍ୱୀକୃତିପ୍ରାପ୍ତ ବର୍ଜ୍ୟବସ୍ତୁ ପରିଚାଳନା ସଂସ୍ଥାରେ କୋର୍ଟଙ୍କ ଏସ୍‌ଓପି ଅନୁଯାୟୀ ଜାଳି ନଷ୍ଟ କରାଯାଇଛି। ଏହି ସମୟରେ ଦକ୍ଷିଣାଞ୍ଚଳ ଆଇଜିପିଙ୍କ ନେତୃତ୍ୱରେ ବ୍ରହ୍ମପୁର ଏସ୍‌ପିଙ୍କ ସହ ଏସ୍‌ଟିଏଫ୍ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହାସହ ରାଜ୍ୟ ଫୋରେନ୍‌ସିକ୍ ଲାବରେଟୋରିର ଅଧିକାରୀ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ଉପସ୍ଥିତ ଥିଲେ। ତେବେ ଏହାକୁ ମିଶାଇ ରାଜ୍ୟରେ ଏଯାବତ ମୋଟ ୭୯ଟି ମାମଲାରେ ଜବତ ହୋଇଥିବା ମୋଟ ୨୪୦ କୁଇଣ୍ଟାଲ ୮୧ କେଜି ୩୩୩ ଗ୍ରାମ ଗଞ୍ଜେଇ ଓ ୧୦ଟି ମାମଲାରେ ଜବତ ୧୨ କେଜି ୯୨୨ ଗ୍ରାମ ବ୍ରାଉନସୁଗାର ପୋଡ଼ି ନଷ୍ଟ କରାଗଲାଣି।

### ଅନ୍ତର୍ଜାତୀୟ ଗଣିତ ଅଲିମ୍ପିଆଡ୍‌ରେ ଆର୍ଯ୍ୟନଙ୍କୁ ସ୍ୱର୍ଣ୍ଣ



ଭୁବନେଶ୍ୱର,୨।୧୧(ବ୍ୟୁରୋ)- ଇଣ୍ଟରନ୍ୟାଶନାଲ ମ୍ୟାଥ୍‌ମେଟିକ୍ସ ଅଲିମ୍ପିଆଡ୍‌ରେ ବିଦ୍ୟାଳୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ଆର୍ଯ୍ୟାନ୍ ଆଲେକ୍‌ଜାଣ୍ଡର ଦାଶ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେ ନାରାୟଣ ୟୁନିଟ୍-୮ ସ୍ଥିତ ଇ ଟେକ୍ନୋ ସ୍କୁଲରେ ଷ୍ଟାଣ୍ଡାର୍ଡ଼-୨ର ଛାତ୍ର। ବିଦ୍ୟାଳୟର ପ୍ରିନ୍ସିପାଲ ଟି. ଶ୍ରୀଦେବୀ ସାର୍ଟିଫିକେଟ ଓ ସ୍ୱର୍ଣ୍ଣ ପଦକ ପ୍ରଦାନ କରିଥିଲେ। କେବଳ ପାଠ ନୁହେଁ, ବିଭିନ୍ନ କ୍ରୀଡ଼ା, ସଙ୍ଗୀତ, ଚିତ୍ରାଙ୍କନ ଆଦିରେ ସେ ନିଜର କୃତିତ୍ୱ ପ୍ରଦର୍ଶନ କରି ପ୍ରମାଣପତ୍ର ଲାଭ କରିଛନ୍ତି। ଆର୍ଯ୍ୟାନ କଳିଙ୍ଗନଗର କେ-୮ରେ ରହୁଥିବା ଦେବବ୍ରତ ଦାଶ ଓ ମାତା ଖୁସି ଦାଶଙ୍କ ଜ୍ୟେଷ୍ଠ ପୁତ୍ର ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଡ. ଗଙ୍ଗୋତ୍ରୀ ଦେବୀ ଓ ନିରଞ୍ଜନ ଦାଶଙ୍କ ନାତି।

# ଅର୍ଚ୍ଚନାଙ୍କ ସମେତ ୪ଜଣଙ୍କ ନାଁରେ ଇଡିର ମାମଲା

ଭୁବନେଶ୍ୱର,୨।୧୧(ବ୍ୟୁରୋ):



ଅର୍ଚ୍ଚନା ଓ ତାଙ୍କ ସ୍ୱାମୀ ଜଗବନ୍ଧୁ ।

**ଆର୍ଥିକ କାରବାରର ଗୁମର ଖୋଲିବ ବଡ଼ବଡ଼ିଆ ଛାନିଆ**

ରାଜନେତା, ଚଳଚ୍ଚିତ୍ର ପ୍ରଯୋଜକ, ବ୍ୟବସାୟୀ, ପ୍ରଶାସନିକ ଓ ପୋଲିସ ଅଧିକାରୀଙ୍କୁ ମାୟାଜାଲରେ ଫସାଇ ଟଙ୍କା ହଡ଼ପ କରିଥିବା ବହୁଚର୍ଚ୍ଚିତ ମହିଳା ବ୍ଲାକ୍‌ମେଲର ଅର୍ଚ୍ଚନା ନାଗ ଓ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦ ଏବେ ଝାରପଡ଼ା ଜେଲରେ ଥିବାବେଳେ ଏହି ମାମଲାକୁ ନେଇ ରାଜନୈତିକ ଆରୋପ ପ୍ରତ୍ୟାରୋପ ଲାଗି ରହିଛି। ଏପରି ସ୍ଥିତିରେ ଅର୍ଚ୍ଚନାଙ୍କ ସମେତ ୪ଜଣଙ୍କ ନାମରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମାମଲା ରୁଜୁ କରିବା ସହ ଆର୍ଥିକ କାରବାରର ବିଧିବଦ୍ଧ ତଦନ୍ତ ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ତେବେ ଇଡି ପକ୍ଷରୁ ମାମଲା ସଂକ୍ରାନ୍ତରେ ସ୍ପଷ୍ଟ କରାଯାଇ ନ ଥିଲେ ମଧ୍ୟ ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନାନୁସାରେ, ଏହି ମାମଲାରେ ଅର୍ଚ୍ଚନା, ଜଗବନ୍ଧୁଙ୍କ ସହ ସହଯୋଗୀ ଖଗେଶ୍ୱର ଏବଂ ଖଣ୍ଡଗିରି ମାମଲାରେ ପୀଡ଼ିତା ଥିବା ଶ୍ରଦ୍ଧାଞ୍ଜଳିଙ୍କ ନାଁ ଥିବା ଜଣାପଡ଼ିଛି। ବ୍ଲାକ୍‌ମେଲିଂ ମାଧ୍ୟମରେ ଅର୍ଚ୍ଚନା ଓ ଜଗବନ୍ଧୁ ଗତ ୫ବର୍ଷ ମଧ୍ୟରେ ୩୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରିଥିବା କୁହାଯାଉଛି। ଇଡି ଏନେଇ ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟର ଆର୍ଥିକ ନେଣଦେଣ ସଂକ୍ରାନ୍ତରେ ମଧ୍ୟ ଅଧିକ ଯାଞ୍ଚ ଜାରି ରଖିଛି। ଅର୍ଚ୍ଚନାଙ୍କ ଆକାଉଣ୍ଟକୁ କିଏ ଟଙ୍କା ପଠାଉଥିଲେ, କେତେ ଟଙ୍କା ବ୍ୟାଙ୍କ ଆକାଉଣ୍ଟକୁ ଆସିଥିଲା, ନଗଦ ଅର୍ଥର କାରବାର କିଭଳି କରାଯାଉଥିଲା ଏସବୁ ଉତ୍ସ ସଂକ୍ରାନ୍ତରେ ଇଡି ଜାଣିବାକୁ ପାଇଛି। ତେବେ ଇଡି ପକ୍ଷରୁ ଜେଲରେ ଥିବା ଅର୍ଚ୍ଚନା ଓ ତାଙ୍କ ସ୍ୱାମୀ ଖୁବ୍‌ଶୀଘ୍ର ଜେରା ହୋଇପାରନ୍ତି ବୋଲି ସୂଚନା ମିଳିଛି। ବହୁ ବଡ଼ବଡ଼ିଆ ଲୋକ ଅର୍ଚ୍ଚନାଙ୍କୁ ସାହାଯ୍ୟ କରୁଥିଲେ। ଏପରି କି ତାଙ୍କୁ ମଧ୍ୟ ବହୁ ସମୟରେ ଆର୍ଥିକ ସହଯୋଗ କରୁଥିଲେ। ତେଣୁ ସେମାନଙ୍କୁ ମଧ୍ୟ ପଚରାଉଚରା କରିବାକୁ ଇଡି ନୋଟିସ କରିବ। ଇଡି ମାମଲା ପରେ ଅର୍ଚ୍ଚନା ଓ ଅନ୍ୟ ଅଭିଯୁକ୍ତଙ୍କ ସମ୍ପର୍କରେ ଥିବା ବଡ଼ବଡ଼ିଆଙ୍କ ମଧ୍ୟରେ ଛନକା ପଶିଥିବା ଚର୍ଚ୍ଚା ହେଉଛି।

ସୂଚନା ଅନୁଯାୟୀ, ଅର୍ଚ୍ଚନା, ଜଗବନ୍ଧୁ ଓ ସହଯୋଗୀ ଖଗେଶ୍ୱରଙ୍କ ନାମରେ ଡରାଇବା, ବ୍ଲାକ୍‌ମେଲିଂ, ଦାଦାବଟି ଆଦାୟ ଆଦି ନେଇ ଖଣ୍ଡଗିରି ଥାନାରେ ଅଭିଯୋଗ ରହିଥିବାବେଳେ ପୋଲିସ ୧୬ଟି ଦଫାରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅପରପକ୍ଷରେ ଅର୍ଚ୍ଚନା ଓ ଶ୍ରଦ୍ଧାଞ୍ଜଳିଙ୍କ ନାମରେ ନୟାପଲ୍ଲୀ ଥାନାରେ ୬ଟି ଦଫାରେ ମାମଲା ରୁଜୁ ହୋଇଛି। ତେବେ ଅର୍ଚ୍ଚନା ଓ ଜଗବନ୍ଧୁ ଜେଲ୍‌ରେ ଥିବାବେଳେ ପୋଲିସ ଏଯାଏ ଖଗେଶ୍ୱର ଓ ଶ୍ରଦ୍ଧାଞ୍ଜଳିଙ୍କୁ ଏଯାବତ ଗିରଫ କରିନାହିଁ।

# ମ୍ୟୁଜିକ୍ ଭିଡିଓ 'ଘର'ର ଶୁଭମୁକ୍ତି

ଭୁବନେଶ୍ୱର, ୨।୧୧(ବ୍ୟୁରୋ)




ସାଧାରଣ ଜୀବନର କଥା ସହ ଘର ସବୁବେଳେ ସଂଶ୍ଳିଷ୍ଟ ହୋଇ ରହିଥାଏ। ଘର ଜୀବନର ବିଭିନ୍ନ ସ୍ତର ଯଥା ବାହାଘର, ବାପା ମା' ହେବା, ବୃଦ୍ଧାବସ୍ଥା ଭିତରେ ଏକ ସାଧାରଣ ଦମ୍ପତିଙ୍କର ମୂକସାକ୍ଷୀ ହୋଇ ରହିଥାଏ। ସବୁ ଦେଖି ଜାଣିଶୁଣି ସେ ଯେମିତି କିଛି କହିବାକୁ ବ୍ୟାକୁଳ ହେଉଥାଏ। ଘରର ସେହି ଅକୁହା କଥାକୁ ସଙ୍ଗୀତ ମାଧ୍ୟମରେ ଅରୋମିରା ପ୍ରଡକ୍ସନ ପକ୍ଷରୁ ବୁଧବାର ଏକ ମ୍ୟୁଜିକ ଭିଡିଓ ଶୁଭମୁକ୍ତି ହୋଇଯାଇଛି। ଏହି ଗୀତର ନାମ 'ଘର' ରହିଛି। କଣ୍ଠଶିଳ୍ପୀ ସୁସ୍ମିତା ଦାସଙ୍କ ସ୍ୱରରେ ଅଭିନେତ୍ରୀ ବୈଶାଳୀ ଓ ଅଭିନେତା ପାର୍ଥ ସାରଥୀ ଅଭିନୟ କରିଛନ୍ତି। ତେବେ ମେହେରଙ୍କ ନିର୍ଦ୍ଦେଶନାରେ ନିର୍ମିତ ହୋଇଥିବା ବେଳେ ସୋମେଶ ଶତପଥୀ ମ୍ୟୁଜିକ କମ୍ପୋଜ କରିଛନ୍ତି। ଗୀତିକାର ଅଛନ୍ତି ଦେବଦାସ ଛୋଟରାୟ।



ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ବୁଧବାର ପରିବେଷିତ ନାଟକ 'ମାଙ୍କଡ଼ ହାତରେ ଶାଳଗ୍ରାମ'ର ଏକ ଦୃଶ୍ୟ ।

# ଶାସକ, ଶାସିତଙ୍କୁ ନେଇ 'ମାଙ୍କଡ଼ ହାତରେ ଶାଳଗ୍ରାମ'

ଭୁବନେଶ୍ୱର,୨।୧୧(ବ୍ୟୁରୋ)

ବହୁ ଆଗରୁ ରାଜାର ପୁଅ ରାଜା, ନେତାର ପୁଅ ନେତା, ଅଭିନେତାର ପୁଅ ଅଭିନେତା ହେବାର ପ୍ରଥା ରହି ଆସିଛି। କିନ୍ତୁ ରାଜାର ପୁଅ ଯେ ରାଜା ହେଲେ ଠିକ୍ ଭାବେ ରାଜ୍ୟ ସମ୍ଭାଳି ପାରିବ ତାହା ଭାବିବା ଭୁଲ୍। ରାଜା ପୁଅ ଯଦି ଅଯୋଗ୍ୟ ହୋଇଥାଏ ତେବେ ରାଜ୍ୟ ଓ ପ୍ରଜାମାନଙ୍କ ଅବସ୍ଥା ଯେ କ'ଣ ହେବ ତାହା ଅନୁମେୟ। ରାଜା କିଛି ବୁଝନ୍ତି ନାହିଁ। ପୁଅ ରାଜା ହେବା ପରେ ପରେ ରାଜ୍ୟରେ ଅସନ୍ତୋଷ ବଢ଼ିବାକୁ ଲାଗେ। ଏହି ସମୟରେ ରାଜ ପରିବାରର ଜଣେ ପୁଅ ବିଦେଶରୁ ଆସି ରାଜ୍ୟର ଅବସ୍ଥା ଦେଖି ରାଜ୍ୟକୁ କିପରି ସୁଧାରି ହେବ ସେ ନେଇ ଚିନ୍ତା କରନ୍ତି। ରାଜ୍ୟକୁ ସୁଧାରିବାକୁ ହେଲେ ପ୍ରଥମେ ରାଜାଙ୍କୁ ସୁଧାରିବାକୁ ପଡ଼ିବ ବୋଲି ସମସ୍ତେ ମତ ଦେଲେ। ରାଜା ଯଦି ବିଲେଇ ହୁଅନ୍ତି ପ୍ରଜା ମୂଷା ସଦୃଶ। ତେଣୁ ବିଲେଇ ବେକରେ କିଏ ଘଣ୍ଟି ବାନ୍ଧିବ କି ମୂଷା ବିଲେଇ ମଧ୍ୟରେ ଛକାପଞ୍ଝା ଖେଳ ଚାଲିବ, ଯେମିତି ଆମ ସମାଜରେ ଶାସକ ଓ ଶାସିତଙ୍କ ମଧ୍ୟରେ ଚାଲିଛି, ତାହାକୁ ନେଇ ବୁଧବାର ସ୍ଥାନୀୟ ଭଞ୍ଜକଳା ମଣ୍ଡପରେ ନାଟକ 'ମାଙ୍କଡ଼ ହାତରେ ଶାଳଗ୍ରାମ' ପ୍ରଦର୍ଶିତ ହୋଇଯାଇଛି। ଏହି ଅବସରରେ ଅତିଥି ଭାବେ ଲେଖକ ରଜନୀ ରଞ୍ଜନ ଦାଶ, ନାଟ୍ୟକାର ପ୍ରକାଶ ମହାରଣା, ଜିତେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ନାଟକର ନିର୍ଦ୍ଦେଶନା ବିପ୍ଲବ କେଶରୀ ଶତରଥୀ ଦେଇଥିବାବେଳେ ଶୁଭକାନ୍ତ ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ।

## ଗଣ୍ଡଗୋଳ: ଆପାର୍ଟମେଣ୍ଟ ସୋସାଇଟିର ୧୧ ଗିରଫ

ଭୁବନେଶ୍ୱର,୨।୧୧ (ବ୍ୟୁରୋ):

ଇନ୍‌ଫୋସିଟି ଥାନା ଅନ୍ତର୍ଗତ ନନ୍ଦନକାନନ ରୋଡ଼ରେ ଥିବା ଏକ ଆପାର୍ଟମେଣ୍ଟରେ ମଙ୍ଗଳବାର ଘଟିଥିବା ଗଣ୍ଡଗୋଳ ମାମଲାରେ ପୋଲିସ ସୋସାଇଟିର ୧୧ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବିଭୁଭୂଷଣ ନାୟକ, ମଳୟ ପାଣିଗ୍ରାହୀ, ସଞ୍ଜୟ ପାତ୍ର ଓ ଅନ୍ୟ ୭ଜଣ ସହଯୋଗୀ। ସମସ୍ତ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ସୂଚନାନୁଯାୟୀ, ଉକ୍ତ ଆପାର୍ଟମେଣ୍ଟରେ କିଛିବର୍ଷ ହେବ କାମ ଚାଲିଥିଲା। କାମ ଶେଷ ହୋଇଥିବାରୁ ଠିକାଦାରଙ୍କ ଅନୁମତିରେ ଶ୍ରମିକମାନେ ନିଜ ଉପକରଣ ଓ ଅନ୍ୟାନ୍ୟ ଜିନିଷକୁ ଗାଡିରେ ସ୍ଥାନାନ୍ତର କରୁଥିଲେ। ଏହି ସମୟରେ ଆପାର୍ଟମେଣ୍ଟର ଓନର୍ସ ସୋସାଇଟିର କେତେଜଣ ବ୍ୟକ୍ତି ଶ୍ରମିକଙ୍କୁ ଛାଡ଼ିନଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହି ସମୟରେ ସୋସାଇଟିର କେତେଜଣ ବ୍ୟକ୍ତି ଶ୍ରମିକମାନଙ୍କୁ କାଠଫାଳିଆରେ ଆକ୍ରମଣ କରିଥିଲେ। ଏଥିରେ ୩ଜଣ ଶ୍ରମିକ ଗୁରୁତର ଆହତ ହୋଇଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ହେବା ପରେ ପୋଲିସ ସୋସାଇଟିର ୧୧ଜଣ ବ୍ୟକ୍ତିଙ୍କୁ ଗିରଫ କରିଥିଲା। ଅପରପକ୍ଷରେ ସୋସାଇଟି ପକ୍ଷରୁ ମଧ୍ୟ ଥାନାରେ ପାଲଟା ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିଛି।

# ଜୟୀ ରାଜଗୁରୁ ପ୍ରଥମ ସଂଗ୍ରାମୀ ଯୋଦ୍ଧା

ଭୁବନେଶ୍ୱର,୨।୧୧(ବ୍ୟୁରୋ)

ଦେଶ ସ୍ୱାଧୀନତାର ପ୍ରଥମ ସଂଗ୍ରାମୀ ଯୋଦ୍ଧା ବିପ୍ଳବୀ ଜୟୀ ରାଜଗୁରୁ ମାଟିମାଆର ସମ୍ମାନ ରକ୍ଷା ପାଇଁ ନିଜର ଜୀବନ ଉତ୍ସର୍ଗ କରିଥିଲେ। ବହୁବିଧ ବିଦ୍ୟାର ଅଧିକାରୀ ତଥା କାଳଜୟୀ ପୁରୁଷ। ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ ପକ୍ଷରୁ ବୁଧବାର ସୂଚନାଭବନଠାରେ ବିପ୍ଳବୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହା କହିଛନ୍ତି।

ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା କହିଲେ, ଜୟୀ ରାଜଗୁରୁଙ୍କ ସାଂଗଠନିକ ଦକ୍ଷତା ଯୋଗୁ ମାଟିମାଆକୁ ଭଲ ପାଉଥିବା ବହୁ ବୀରସନ୍ତାନ ଦେଶପ୍ରେମରେ ଉଜ୍ଜୀବିତ ହୋଇ ବ୍ରିଟିଶଙ୍କ ବିରୋଧରେ ଲଢ଼ିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମ ଅଧ୍ୟକ୍ଷ ଡ. ଲେଲିନ୍ ମହାନ୍ତି ଓ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ପ୍ରାଧ୍ୟାପିକା ପ୍ରଫେସର ବିନୋଦିନୀ ଦାସ ବିପ୍ଳବୀ ଜୟୀ ରାଜଗୁରୁଙ୍କୁ ପ୍ରଥମ ମୁକ୍ତିସଂଗ୍ରାମର ଯୋଦ୍ଧା ଭାବେ ଅଭିହିତ କରିବା ସହ ଓଡ଼ିଶାର ବୀର ସନ୍ତାନଙ୍କର ସେ ପ୍ରେରଣାର ଉତ୍ସ ଥିଲେ ବୋଲି ପ୍ରକାଶ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ ଜୟୀ ରାଜଗୁରୁଙ୍କ ଜୀବନୀ ଓ ଅବଦାନ ଉପରେ ଆଧାରିତ ଏକ ଗବେଷଣାତ୍ମକ ସଂକଳନ ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ପୌରୋହିତ୍ୟ କରିଥିବାବେଳେ ବିଭାଗୀୟ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା ଉପସ୍ଥିତ ଥିଲେ। ସୂଚନା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ସଞ୍ଚାଳନ କରିଥିବାବେଳେ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ ସମ୍ପାଦକ ଜଟାଧାରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳେ ଏ.ଜି. ଛକସ୍ଥିତ ଶହୀଦ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ବିଜ୍ଞାନ ଓ କାରିଗରୀ, ସରକାରୀ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ସମେତ ଅନ୍ୟମାନେ ମାଲ୍ୟାର୍ପଣ କରିଥିଲେ। ପରେ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ ପୁରୀ ଆନୁକୂଲ୍ୟରେ ସୂଚନା ଭବନଠାରେ 'ଓଡ଼ିଶା ତଥା ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ପଦଧ୍ୱନି– ଜୟୀ ରାଜଗୁରୁଙ୍କ ଜୀବନୀ ଓ ଅବଦାନ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ।



ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଶହୀଦ ଜୟୀ ରାଜଗୁରୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ବୁଧବାର ଭୁବନେଶ୍ୱର ଏଜି ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଉପସ୍ଥିତ ଅତିଥିମାନେ।

# ଅନ୍ତେବାସୀ, କର୍ମଚାରୀଙ୍କୁ ଜେରା

ଭୁବନେଶ୍ୱର,୨।୧୧ (ବ୍ୟୁରୋ):

**ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କ ମୃତ୍ୟୁ ଘଟଣା**

**ସିସିଟିଭି ଯାଞ୍ଚ କରୁଛି ପୋଲିସ**

ଖଣ୍ଡଗିରି ଥାନା ଅନ୍ତର୍ଗତ କୋଳଥିଆରେ ଥିବା ନିଶା ନିବାରଣ କେନ୍ଦ୍ର 'ନିଷ୍ଠା'ରେ ରାଜୀବ ଶ୍ରୀଚନ୍ଦନଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି । ତେବେ ଏନେଇ ତାଙ୍କୁ ହତ୍ୟା କରାଯାଇଥିବା ସମ୍ପର୍କୀୟ ଓ ସାଙ୍ଗମାନେ ଅଭିଯୋଗ କରିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରିବା ସହ ଘଟଣାକୁ ଗୁରୁତର ସହ ନେଇଛି। ଖଣ୍ଡଗିରି ପୋଲିସ ନିଶା ନିବାରଣ କେନ୍ଦ୍ରକୁ ଯାଇ ସିସିଟିଭି ହାର୍ଡ ଡିସ୍କକୁ ଜବତ କରିବା ସହ ଅନ୍ତେବାସୀଙ୍କୁ ପଚରାଉଚରା କରିଛି। ଅନ୍ୟପଟେ ନିଶା ନିବାରଣ କେନ୍ଦ୍ରର ଅଧିକାରୀ କହିଛନ୍ତି ରାଜୀବଙ୍କୁ ମାରପିଟ୍ କରାଯାଇନାହିଁ । ସତ ସିସିଟିଭି ଫୁଟେଜରେ ଅଛି ଏବଂ ତଦନ୍ତକୁ ଆମେ ସହଯୋଗ କରୁଛୁ। ଅପରପକ୍ଷରେ ଏକମାତ୍ର ରୋଜଗାରିଆ ପୁଅକୁ ହରାଇ ପୂରା ଭାଙ୍ଗିପଡିଛନ୍ତି ମା' ଓ ଜେଜେମା। ଉଭୟ ଶଯ୍ୟାଶାୟୀ ଥିବାବେଳେ ଘରର ଏକମାତ୍ର ପୁଅର ମୃତ୍ୟୁରେ ବାହୁନି ବାହୁନି କାନ୍ଦୁଛନ୍ତି ।

ସୂଚନା ଅନୁଯାୟୀ, ରାଜୀବଙ୍କ ବାପା ସୁରେନ୍ଦ୍ରନାଥ ଟ୍ରେଜେରି ଅଫିସରେ ସରକାରୀ ଚାକିରି କରିଥିଲେ। ହେଲେ ଅତ୍ୟଧିକ ମଦ୍ୟପାନ କରିବାରୁ ପରିବାର ଲୋକ ଓ ସାଙ୍ଗସାଥୀମାନେ ଚିନ୍ତାରେ ଥିଲେ। ବିଭିନ୍ନ ଚିକିତ୍ସା କରାଗଲେ ମଧ୍ୟ ସେ ନିଶା ଛାଡ଼ି ନ ଥିଲେ। ତେଣୁ ତାଙ୍କୁ ଦୁଇ ମାସ ତଳେ ନିଶା ନିବାରଣ କେନ୍ଦ୍ରରେ ଛଡ଼ାଯାଇଥିଲା। ହେଲେ ୧୫ ଦିନ ରହିବା ପରେ ସେ ସେଠାରୁ ଚାଲିଆସିଥିଲେ। ଦୀପାବଳି ଦିନ ତାଙ୍କୁ ନିଶା ନିବାରଣ କେନ୍ଦ୍ରରେ ପୁଣି ଭର୍ତ୍ତି କରାଯାଇଥିଲା। ତେବେ ମଙ୍ଗଳବାର ଅପରାହ୍ନରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ରାଜୀବଙ୍କୁ କ୍ୟାପିଟାଲ ହସ୍ପିଟାଲ ଅଣାଯାଇଥିବା ନିଶା ନିବାରଣ କେନ୍ଦ୍ରର କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ଖବର ଦେଇଥିଲେ। ହସ୍ପିଟାଲରେ ଭର୍ତ୍ତି ହେବାର କିଛି ସମୟ ମଧ୍ୟରେ ଡାକ୍ତର ରାଜୀବଙ୍କୁ ମୃତ ଘୋଷଣା କରିଥିଲେ।

# ମେମୁ କାର୍‌ଶେଡ୍‌ଠାରେ ନୂତନ ଇନ୍ସପେକ୍ସନ ୱେ ଉଦ୍‌ଘାଟିତ

ଭୁବନେଶ୍ୱର,୨।୧୧ (ବ୍ୟୁରୋ) :

ମେମୁ ଟ୍ରେନର ଯାନ୍ତ୍ରିକ ଅସୁବିଧା ସୁଧାରିବାକୁ ଖୋର୍ଦ୍ଧାରୋଡ଼ ମଣ୍ଡଳ ପକ୍ଷରୁ ଖୋର୍ଦ୍ଧାରୋଡ ମେମୁ କାର ଶେଡଠାରେ ଏକ ଅତିରିକ୍ତ ଭିତ୍ତିଭୂମି ପ୍ରତିଷ୍ଠା କରାଯାଇଛି । ୨ ଫୁଟ୍ ଓସାରର ୩୨୦ ମିଟର ଲମ୍ବା ଏହି ଇନ୍ସପେକ୍ସନ ୱେକୁ ମଣ୍ଡଳ ରେଳ ପ୍ରବନ୍ଧକ ରିଙ୍କେଶ ରାୟ ଉଦ୍‌ଘାଟନ କରିଥିଲେ। ଏକ ସାଙ୍ଗରେ ଦୁଇଟି ୧୬ କାର ବିଶିଷ୍ଟ ମେମୁ ଟ୍ରେନ୍‌ର ରକ୍ଷଣାବେକ୍ଷଣ କରାଯାଇପାରିବ। ପୂର୍ବରୁ ୧୦୦ ମିଟର ଲମ୍ବା ଇନ୍ସପେକ୍ସନ ୱେ କାର୍ଯ୍ୟକ୍ଷମ ଅଛି। ସେଠାରେ ୧୦ ରେକ୍ ବିଶିଷ୍ଟ ମେମୁ ଟ୍ରେନଗୁଡ଼ିକର ରକ୍ଷଣାବେକ୍ଷଣ କରାଯାଉଛି। ତେଣୁ ନୂତନ ଇନ୍ସପେକ୍ସନ ୱେରେ ଆସନ୍ତା ଦିନରେ ଅତିରିକ୍ତ ଟ୍ରେନଗୁଡ଼ିକର ରକ୍ଷଣାବେକ୍ଷଣ ହୋଇପାରିବ। ଏହାସହ ଏହି ନୂତନ ଇନ୍ସପେକ୍ସନ ୱେରେ ତ୍ରିସ୍ତରୀୟ ଯାଞ୍ଚ ସୁବିଧା ଉପଲବ୍ଧ ଅଛି । ମେମୁ ଟ୍ରେନଗୁଡ଼ିକୁ ଗ୍ରାଉଣ୍ଡ ଲେଭଲ, ଗ୍ରାଉଣ୍ଡ ଲେଭଲ୍ ଉପରେ ଏବଂ ଟପ ଲେଭଲ୍‌ରେ ଯାଞ୍ଚ କରାଯାଇପାରିବ। ଏହି ଅବସରରେ ମଣ୍ଡଳ ରେଳ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ଼ଙ୍କ ଦ୍ୱାରା ଟ୍ରବୁଲ୍ ସଟ୍ ଡାଇରେକ୍ଟୋରୀ (ଟିଡିଏସ୍) ନାମକ ଏକ ମାନୁଆଲ୍ ଏବଂ ଡିଜିଟାଲ୍ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ମେମୁ ଟ୍ରେନ ଚଳାଚଳ ସମୟରେ ସମ୍ମୁଖୀନ ହେଉଥିବା ବୈଷୟିକ ସମସ୍ୟାର ସମାଧାନ ପାଇଁ ମୋଟରମ୍ୟାନମାନଙ୍କ ପାଇଁ ଟିଡିଏସ ହେଉଛି ଏକ ଗାଇଡ୍ ପୁସ୍ତକ। ପାଣ୍ଡି ଟମ୍, ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ମେମୁ) ନେତୃତ୍ୱରେ ମେମୁ କାର ଶେଡ୍‌ର ବୈଷୟିକ ଟିମ୍‌ଙ୍କ ଦ୍ୱାରା ଏହି ପୁସ୍ତକଟି ଡିଜାଇନ୍ ଏବଂ ପ୍ରସ୍ତୁତ କରାଯାଇଛି।




ନୂତନ ଇନ୍ସପେକ୍ସନ ୱେକୁ ମଣ୍ଡଳ ରେଳ ପ୍ରବନ୍ଧକ ରିଙ୍କେଶ ରାୟ ଉଦ୍‌ଘାଟନ କରୁଛନ୍ତି ।

# ଭାଷାର ଉନ୍ନତୀକରଣକୁ ଗୁରୁତ୍ୱ

ଭୁବନେଶ୍ୱର,୨।୧୧(ବ୍ୟୁରୋ)

**ସଂସ୍କୃତି ବିଭାଗର ସମସ୍ତ କାର୍ଯ୍ୟ ଓଡ଼ିଆରେ ହେବ**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ସମସ୍ତେ ଭଲ ପାଇବା ଆବଶ୍ୟକ। ଓଡ଼ିଶାର ଉନ୍ନତି ପାଇଁ ନିଷ୍ଠାର ସହିତ କାର୍ଯ୍ୟ କରିବା ସହ ବିଭାଗର ସମସ୍ତ କାର୍ଯ୍ୟ ଓଡ଼ିଆ ଭାଷାରେ କରାଯିବା ପାଇଁ ସର୍ବାଧିକ ଗୁରୁତ୍ୱ ଦିଆଯିବ ବୋଲି ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ପ୍ରକାଶ କରିଛନ୍ତି। ସେ ନିକଟରେ ନୂଆକରି ଯୋଗଦେଇଥିବାରୁ ବୁଧବାର ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିବା ଅବସରରେ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଏଥିପାଇଁ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ଏଥିସହ ବୈଷୟିକ ଜ୍ଞାନକୌଶଳର ଉପଯୋଗ କରି ସମ୍ମିଳିତ ପ୍ରୟାସରେ ବିଭାଗର ଉନ୍ନତିକୁ ଆହୁରି ଆଗକୁ ନେବାକୁ ସେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଏହି ଅବସରରେ ସେ ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ କୁମାର ଦାଶଙ୍କ ସହ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଧାର୍ଯ୍ୟ ଲକ୍ଷ୍ୟ ୫୦ ହଜାର ହିତାଧିକାରୀଙ୍କ ମଧ୍ୟରୁ ଏବେ ୩୪ ହଜାର ହିତାଧିକାରୀ ସହାୟତା ପାଉଛନ୍ତି। ଚୟନ ହୋଇଥିବା ଅବଶିଷ୍ଟ ପ୍ରାୟ ୧୬ ହଜାର ହିତାଧିକାରୀଙ୍କୁ ସହାୟତା ପ୍ରଦାନ ପାଇଁ ତ୍ୱରିତ ବ୍ୟବସ୍ଥା କରାଯିବାକୁ ସେ କହିଥିଲେ। ବିଭାଗରେ ଲାଗୁ କରାଯାଇଥିବା ସାଂସ୍କୃତିକ ଦଳ ପରିଚାଳନା ବ୍ୟବସ୍ଥା ସଂପର୍କରେ ଅବଗତ ହୋଇଥିଲେ। ବିଭାଗର ବିଭିନ୍ନ ଶାଖା ଯଥା–ଓଡ଼ିଶା ସଂଗୀତ ନାଟକ ଏକାଡେମୀ, ଲଳିତ କଳା ଏକାଡେମୀ, ଉର୍ଦ୍ଦୁ ଏକାଡେମୀ, ରାଜ୍ୟ ସଂଗ୍ରହାଳୟ, ଉତ୍କଳ ସଂଗୀତ ମହାବିଦ୍ୟାଳୟ, ଓଡ଼ିଶା ସାହିତ୍ୟ ଏକାଡେମୀ, ଓଡ଼ିଆ ଭାଷା ପ୍ରତିଷ୍ଠାନ, କଳିଙ୍ଗ ଆର୍ଟ ଗ୍ୟାଲେରୀ, ଖଲିକୋଟସ୍ଥିତ ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟ, ଭୁବନେଶ୍ୱରସ୍ଥିତ ବିଭୁତି କାନୁନ୍‌ଗୋ କଳା ଓ ଶିଳ୍ପ ମହାବିଦ୍ୟାଳୟ, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ଆଦିର କାର୍ଯ୍ୟାବଳୀ ଓ ଉନ୍ନତୀକରଣ ସହ ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱ ଜରିଆରେ ପୁରାତନ କୀର୍ତ୍ତିରାଜିର ସଂରକ୍ଷଣକୁ ସେ ଗୁରୁତ୍ୱ ଦେଇଥିଲେ। ୨୦୧୭ରୁ ବଣ୍ଟନ କରାଯାଇପାରି ନ ଥିବା ବିଭିନ୍ନ ଲେଖିକାଲେଖକଙ୍କ ପ୍ରକାଶିତ ପୁସ୍ତକଗୁଡିକୁ ପଞ୍ଜୀକୃତ ପାଠାଗାରଗୁଡିକୁ ଶୀଘ୍ର ବଣ୍ଟନ କରାଯିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସାହୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବିଭାଗର ଅତିରିକ୍ତ ଶାସନ ସଚିବ ମନସ୍ୱିନୀ ସାହୁ, ଯୁଗ୍ମ ନିର୍ଦ୍ଦେଶକ ସୁବୋଧ କୁମାର ଆଚାର୍ଯ୍ୟଙ୍କ ସମେତ ବିଭାଗ ଅନ୍ତର୍ଗତ ବିଭିନ୍ନ ଶାଖାର ମୁଖ୍ୟମାନେ ଉପସ୍ଥିତ ଥିଲେ।



ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କର୍ମଚାରୀଙ୍କ ସହ ଆଲୋଚନା କରୁଛନ୍ତି ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଶ୍ରୀଶ୍ରୀ କାର୍ତ୍ତିକେଶ୍ୱର ପୂଜା ମହୋତ୍ସବ, ୟୁନିଟ୍-୯ସ୍ଥିତ ପାଠାଗାର, ଅପରାହ୍ନ ୧ଟା ୫୩।
- ପରିଚୟ- ଜାତୀୟ ଜନଜାତି ଉତ୍ସବ, ସ୍ୱାବଲମ୍ବନ ଆଦିବାସୀ ମେଳା, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ସନ୍ଧ୍ୟା ୬ଟା।
- ସ୍ୱର୍ଗତ ଭିକାରୀ ବଳଙ୍କ ୧୨ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଭଜନ ସନ୍ଧ୍ୟା, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା
- ଅନନ୍ତ ମହାବୀରଙ୍କ ବାର୍ଷିକ ଉତ୍ସବ, ଅଣ୍ଡିଲୋସ୍ଥିତ ମନ୍ଦିର ପରିସର, ପୂର୍ବାହ୍ନ ୧୦ଟା।
- ଶ୍ରୀରାମଚରିତମାନସ ଓ ପାରାୟଣ ପ୍ରବଚନ 'ରାବଣ ବଧ ଓ ଅଯୋଧା ପ୍ରତ୍ୟାବର୍ତ୍ତନ, ନିକୁଞ୍ଜବିହାରୀ ମନ୍ଦିର ପରିସର, ରାତି ୭ଟା।

କଟକ
- ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ସମୂହ ରାଲି, ମାଛୁଆ ବଜାର ସ୍କୋୟାର, ସକାଳ ୮ଟା ୩୦।

# ଓଡ଼ିଆଣୀ ବେଶରେ ଦର୍ଶନ ଦେଲେ ଶ୍ରୀରାଧା

- ସାକ୍ଷୀଗୋପାଳ ମନ୍ଦିରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ
- ୩ ଘଣ୍ଟା ପୂର୍ବରୁ ଆରମ୍ଭ ହେଲା ସାହାଣମେଲା ଦର୍ଶନ

ସାକ୍ଷୀଗୋପାଳ, ୨।୧୧(ଡି.ଏନ୍.ଏ/ସ୍ୱ.ପ୍ର.)



ପବିତ୍ର ଅଁଳାନବମୀରେ ବୁଧବାର ସାକ୍ଷୀଗୋପାଳ ମନ୍ଦିରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଛି। ବର୍ଷରେ ଏହି ଗୋଟିଏ ଦିନ ସାକ୍ଷୀଗୋପାଳ ମନ୍ଦିରରେ ଶ୍ରୀରାଧା ଓଡ଼ିଆଣୀ ବେଶରେ ଦୁର୍ଲଭ ଦର୍ଶନ ଦେଇଥିବାବେଳେ ସାକ୍ଷୀଗୋପାଳ ଠାକୁର ନୃତ୍ୟରତ ଭଙ୍ଗୀରେ ନଟବର ବେଶରେ ଶୋଭା ପାଇଥିଲେ। ମନ୍ଦିରକୁ ରଙ୍ଗିନ ଆଲୋକ ଓ ଫୁଲମାଳାରେ ସଜାଯାଇଥିବାବେଳେ ଶୃଙ୍ଖଳିତ ଦର୍ଶନ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

ମଙ୍ଗଳବାର ରାତି ୧୧ଟାରୁ ମନ୍ଦିର ଦେବନୀତି ଆରମ୍ଭ ହୋଇ ୨ଟା ୧୫ରେ ସରିଥିଲା। ନିର୍ଦ୍ଧାରିତ ସମୟର ୩ଘଣ୍ଟା ପୂର୍ବରୁ ଅର୍ଥାତ୍ ୨ଟା ୨୦ରୁ ସାହାଣମେଲା ଦର୍ଶନ ଆରମ୍ଭ ହୋଇଥିଲା। ମନ୍ଦିର ସମ୍ମୁଖରେ ନିର୍ମିତ ଛାୟାପ୍ରଦ ବ୍ୟାରିକେଡ୍‌ରେ ଶ୍ରଦ୍ଧାଳୁମାନେ ଧାଡ଼ିବାନ୍ଧି ସିଂହଦ୍ୱାର ଦେଇ ପ୍ରବେଶ କରି ପ୍ରଭୁ ସାକ୍ଷୀଗୋପାଳଙ୍କ ନଟବର ବେଶ ଏବଂ ଶ୍ରୀରାଧାଙ୍କ ଓଡ଼ିଆଣୀ ବେଶ ସହ ପାଦ ଦର୍ଶନ କରିଥିଲେ। ଓଡ଼ିଆଣୀ ବେଶରେ ଶ୍ରୀରାଧା ମସ୍ତକରେ ସୁବର୍ଣ୍ଣ କିରୀଟ, ମଥାମଣି, ଦ୍ରାବିଡ଼ ଚନ୍ଦ୍ର ହାର, ଚାପସରି, ସେବତୀ ହାର, ତାବିଜ, ନୋଥ, ଗୁଣା, ପାଦପଦ୍ମ, ବାଘନଖ, ଅଁଳା, ପୋହଳା, ହରିଡ଼ା ଆଦିରେ ଅଳଙ୍କୃତ ହେବା ସହ ପାଟଶାଢ଼ିରେ ସଜ୍ଜିତ ହୋଇଥିଲେ। ସେହିପରି ପ୍ରଭୁ ସାକ୍ଷୀଗୋପାଳ ପଣସ କଣ୍ଠା, ଖଡୁ, ବେଙ୍ଗପାଟିଆ ପ୍ରଭୃତି ବିଭିନ୍ନ ଅଳଙ୍କାରରେ ଭୂଷିତ ହୋଇଥିଲେ। ଶ୍ରଦ୍ଧାଳୁମାନେ ଦର୍ଶନ ସହ ଦୀପଦାନ, ଅଁଳାବୃକ୍ଷ ପରିକ୍ରମା ଓ ପୂଜାର୍ଚ୍ଚନା ସାରି ଉତ୍ତରଦ୍ୱାର ଦେଇ ପ୍ରସ୍ଥାନ କରିଥିଲେ। କାର୍ ପାର୍କିଂସ୍ଥଳରୁ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କୁ ବ୍ୟାଟେରିଚାଳିତ ଗାଡ଼ିରେ ମନ୍ଦିର ନିକଟରେ ପହଞ୍ଚାଇବା ସୁବିଧା କରାଯାଇଥିଲା। ଘଣ୍ଟା ଘଣ୍ଟା ଧରି ଲମ୍ବାଧାଡ଼ିରେ ଠିଆ ହୋଇଥିବା ଶ୍ରଦ୍ଧାଳୁଙ୍କ ଉପରେ ଅଗ୍ନିଶମ କର୍ମଚାରୀ ଓ ସ୍ୱେଚ୍ଛାସେବୀମାନେ ଜଳ ସିଞ୍ଚନ କରିବା ସହ ପାନୀୟଜଳ ଯୋଗାଇ ଦେଇଥିଲେ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଖାଦ୍ୟ ଓ ଜଳ ବିତରଣ କରାଯାଇଥିଲା। ୩ଦିନ ବ୍ୟାପୀ ଶ୍ରୀରାଧା ଉତ୍ସବ ପଞ୍ଚସଖା ମୁକ୍ତାକାଶ ରଙ୍ଗମଞ୍ଚରେ ଆରମ୍ଭ ହୋଇଥିବାବେଳେ ପଲ୍ଲିଶ୍ରୀ ମେଳାରେ ପ୍ରଦର୍ଶନ ମଣ୍ଡପ ଖୋଲାଯାଇଛି। ଭିଡ଼ରେ ଅପରାଧ ରୋକିବା ନିମନ୍ତେ ମନ୍ଦିର ପରିସର ଓ ବାହାରେ ସିସିଟିଭି କ୍ୟାମେରା ଲଗାଯାଇଛି। ପୁରୀ ଜିଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଉପଜିଲାପାଳ ଭବତାରଣ ସାହୁ, ଏସ୍‌ପି କନୱର ବିଶାଲ ସିଂ, ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଏସ୍‌ଡିପିଓ ଦେବଦତ୍ତ ବରାଳ, ଥାନା ଆଇଆଇସି ଜୟକେତନ ବେହେରା, ତହସିଲଦାର ଜୟନ୍ତ ଜୟସିଂ ଏବଂ ବିଡିଓ ଲୋଚନ ଦାସ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରିଥିଲେ। ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ବ୍ଲକ ଚେୟାରମ୍ୟାନ ସୁନିଲ ପଣ୍ଡା, ମନ୍ଦିର କାର୍ଯ୍ୟନିର୍ବାହୀ ବସନ୍ତ ପ୍ରଧାନ, ସେବାୟତ ସଂଘ ସଭାପତି ଶ୍ରୀବତ୍ସ ମହାପାତ୍ର, ସମ୍ପାଦକ ବିଜୟ ନନ୍ଦ ଏବଂ କର୍ମକର୍ତ୍ତାବୃନ୍ଦ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ। ରାଜ୍ୟ ଦେବୋତ୍ତର କମିଶନର, ବିଚାରପତି ଓ ପଦସ୍ଥ ଅଧିକାରୀମାନେ ଠାକୁରଙ୍କ ଦର୍ଶନ କରିଥିଲେ।

# ନନ୍ଦନକାନନ

## ଗୟଲଛୁଆ, ଆନାକୋଣ୍ଡାର ମୃତ୍ୟୁ

ବାରଙ୍ଗ,୨।୧୧(ଡି.ଏନ୍.ଏ.): ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଏକ ଗୟଲଛୁଆ ଓ ଏକ ଆନାକୋଣ୍ଡାର ମୃତ୍ୟୁ ଘଟିଛି। ୪୨ନଂ. ଏନ୍‌କ୍ଲୋଜରରେ ରହୁଥିବା ଗୟଲ ସୋମବାର ଏକ ଶାବକକୁ ଜନ୍ମ ଦେଇଥିଲା। ଜନ୍ମ ଦେବା ପରେ ଶାବକକୁ ମା' ଗୟଲ ଦୀର୍ଘ ସମୟ ଧରି କ୍ଷୀର ନ ଦେବାରୁ ନନ୍ଦନକାନନ ଡାକ୍ତର ତା'ର ଚିକିତ୍ସା କରିଥିଲେ। ଛୁଆଟିକୁ ଡାକ୍ତର ୪ଟି ଇଞ୍ଜେକ୍ସନ ଦେଇଥିଲେ। ଦାୟିତ୍ୱରେ ଥିବା କର୍ମଚାରୀ ମଙ୍ଗଳବାର ସକାଳେ ଏନ୍‌କ୍ଲୋଜର ସଫା କରିବାକୁ ଯାଇଥିବାବେଳେ ଛୁଆଟି ତଳେ ପଡିଥିବା ଦେଖିଥିଲେ। ଖବରପାଇ ରେଞ୍ଜର ଓ ଡାକ୍ତର ସେଠାକୁ ଯିବା ବେଳକୁ ଛୁଆଟି ମରି ଯାଇଥିଲା। ସେହିପରି କିଛି ଦିନ ହେବ ଅସୁସ୍ଥ ଥିବା ହଳଦିଆ ରଙ୍ଗର ଆନାକୋଣ୍ଡାର ବୁଧବାର ସକାଳେ ମୃତ୍ୟୁ ଘଟିଛି। ୪ ମାସର ଲିଙ୍ଗଚିହ୍ନଟ ହୋଇ ନ ଥିବା ଏହି ଆନାକୋଣ୍ଡାକୁ ୪୫ନଂ. ଏନ୍‌କ୍ଲୋଜରରେ ରଖାଯାଇଥିଲା। ସେ ସପ୍ତାହ ହେବ ଅସୁସ୍ଥ ଥିଲା। ନନ୍ଦନକାନନ ଡାକ୍ତର ତା'ର ଚିକିତ୍ସା କରୁଥିଲେ ମଧ ତାକୁ ବଞ୍ଚାଇ ପାରି ନ ଥିଲେ।

## ଆସିବେ ୮ ପ୍ରଜାତିର ୩୮ ନୂଆ ପ୍ରାଣୀ

ବାରଙ୍ଗ,୨।୧୧(ଡି.ଏନ୍.ଏ.): ନନ୍ଦନକାନନକୁ ନୂଆ ପ୍ରାଣୀ ଆସିବେ। ଏଥିପାଇଁ ପ୍ରାଣୀଙ୍କ ଅଦଳବଦଳ ପ୍ରକ୍ରିୟା କରାଯିବ। ଏ ସମ୍ପର୍କରେ ନିଷ୍ପତ୍ତି ସରିଥିବାବେଳେ କେନ୍ଦ୍ରୀୟ ଚିଡିଆଖାନା କର୍ତ୍ତୃପକ୍ଷଙ୍କ ଅନୁମତିକୁ ଅପେକ୍ଷା କରାଯାଇଛି। ଖୁବ୍‌ଶୀଘ୍ର ଦୁବାଇ ସଫାରୀ ପାର୍କ ସହ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ମଧରେ ହୋଇଥିବା ଆଲୋଚନା ଓ ନିଷ୍ପତ୍ତି ମୁତାବକ ସେଠାରୁ ୨ ଅଣ୍ଡିରା ସିମ୍ପାଜି, ହଳେ ଚିତାବାଘ, ୩ ହଳ ଆଫ୍ରିକୀୟ ସିଂହ, ୫ଟି ମାଈଅଣ୍ଡିରା ରିଙ୍ଗ୍‌ଟେଲ ଲେମୁର, ୩ଟି ମାଈଅଣ୍ଡିରା କଙ୍ଗାରୁ ଜାତୀୟ ୱାଲ୍‌ବି, ୪ ହଳ ବବୁନ ମାଙ୍କଡ, ୭ଟି ମାଈଅଣ୍ଡିରା ଆଫ୍ରିକୀୟ ପାଉଁଶିଆ ଶୁଆ, ୫ଟି ମାଈଅଣ୍ଡିରା ମାକା ନନ୍ଦନକାନନକୁ ଆସିବେ। ଏହା ବଦଳରେ ନନ୍ଦନକାକନନରୁ ଗୋଟିଏ ମାଈ ହିମାଳୟ କଳାଭାଲୁ, ୩ ହଳ ମଣିପୁରୀ ହରିଣ, ୫ଟି ମାଈ ଅଣ୍ଡିରା କୃଷ୍ଣସାର ମୃଗ, ୨ ହଳ ହଗ୍ ଡିଅର, ହଳେ ଭାରତୀୟ ଗୟଳ, ୩ଟି ମାଈଅଣ୍ଡିରା ଜଙ୍ଗଲୀ କୁକୁଡା, ୩ ହଳ ଘଡିଆଲ କୁମ୍ଭୀର ଦେବାକୁ ପଡିବ ବୋଲି ଜଣାପଡିଛି।

# ଏଲ୍‌ଇଡି ପରଦାରେ ଧବଳେଶ୍ୱରଙ୍କୁ ଦର୍ଶନ କରିବେ ଭକ୍ତ



ବିରୋଧ ସମୟରେ ଜିଲାପାଳ ଭବାନୀ ଶଙ୍କର ଚୟନି ପୂଜକମାନଙ୍କ ସହ ଆଲୋଚନା କରୁଛନ୍ତି।

ଖୁଣ୍ଟୁଣୀ, ୨।୧୧(ଡି.ଏନ୍.ଏ)

ଧବଳେଶ୍ୱର ପୀଠକୁ ସଂଯୋଗ କରୁଥିବା ଝୁଲାପୋଲ ବିପଦସଙ୍କୁଳ ଥିବାରୁ ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି। ପୀଠରେ ୧୪୪ ଧାରା ଜାରି କରାଯାଇଥିବାରୁ ତିନିଦିନ ହେଲା ପରିବେଶ ପୂରା ଜନଶୂନ୍ୟ ରହିଛି। ପୀଠକୁ ଭକ୍ତଙ୍କ ପ୍ରବେଶ ଉପରେ ସମ୍ପୂର୍ଣ୍ଣ ରୋକ ଲଗାଯାଇଛି। ଆସନ୍ତା ଶୁକ୍ରବାରଠାରୁ ପଞ୍ଚକ ପଡୁଥିବାରୁ ୮ ତାରିଖ ପୂର୍ଣ୍ଣିମା ପର୍ଯ୍ୟନ୍ତ ଧବଳେଶ୍ୱରଙ୍କୁ ଦର୍ଶନ ନିମନ୍ତେ ରାଜ୍ୟ ଓ ରାଜ୍ୟ ବାହାରୁ ଆସୁଥିବା ଭକ୍ତଙ୍କ ପାଇଁ ଝୁଲା ପୋଲ ନିକଟରେ ଏକ ବଡ଼ ଏଲ୍‌ଇଡି ପରଦା ଲଗାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଭକ୍ତମାନେ ଭର୍ଚୁଆଲ ମାଧ୍ୟମରେ ବାବାଙ୍କୁ ଦର୍ଶନ କରିପାରିବେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେହିଠାରେ ୭ ତାରିଖ ଭୋରୁ ଗଜଭୋଗ ବଣ୍ଟାଯିବ ବୋଲି ଜିଲାପାଳ ଭବାନୀ ଶଙ୍କର ଚୟନି ସୂଚନା ଦେଇଛନ୍ତି। ବୁଧବାର ପୂର୍ବାହ୍ନରେ ଜିଲାପାଳ ଚୟନି ଧବଳେଶ୍ୱର ଆସି ଝୁଲାପୋଲର ଅବସ୍ଥା ବୁଲି ଦେଖିଥିଲେ। ପରେ ପୀଠରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ସୂଚନା ଦେଇ କହିଲେ ଯେ, ଝୁଲାପୋଲ ମରାମତି ଦୀର୍ଘ ସମୟ ଲାଗିବ। ଭକ୍ତଙ୍କ ଆବେଗକୁ ଦୃଷ୍ଟିରେ ରଖି ଧବଳେଶ୍ୱରଙ୍କ ଏକ ପ୍ରତିମା ଆଣି ଝୁଲାପୋଲ ତଳେ ସ୍ଥାପନା କରାଯିବ। ସେହିଠାରେ ଭକ୍ତ ଏଲ୍‌ଇଡି ପରଦା ଜରିଆରେ ଠାକୁରଙ୍କୁ ଦର୍ଶନ କରି ପୂଜା ଓ ଭୋଗ କରିପାରିବେ।

### ନିଷ୍ପତ୍ତିକୁ ପୂଜକଙ୍କ ବିରୋଧ

ତେବେ ଏହି ନିଷ୍ପତ୍ତିକୁ ବିରୋଧ କରିଛନ୍ତି ପୂଜକସମାଜ। ବରିଷ୍ଠ ପୂଜକ ବିଷ୍ଣୁଚରଣ ପତ୍ରି କହିଛନ୍ତି, ଧବଳେଶ୍ୱର ଏକ କାଠ କଣ୍ଢେଇ ନୁହନ୍ତି। ତାଙ୍କ ମୂର୍ତ୍ତିତିଆରି କରି ପଡ଼ିଆ ପାଖରେ ରଖିଲେ ଆମେ ଯାଇ ପୂଜା କରିବୁ। ସେହିପରି ଧବଳେଶ୍ୱର ସେବା ସଂସ୍ଥାର ସଭାପତି କିରଣ ବିହାରୀ ଖଟୁଆ କହିଛନ୍ତି, ଲୋକେ ଟିଭି ମାଧ୍ୟମରେ ପ୍ରସାରଣ ହେଲେ ଘରେ ବସି ପ୍ରଭୁଙ୍କୁ ଦର୍ଶନ କରିବା ଯାହା, ଝୁଲା ପୋଲ ତଳେ ରହି ଏଲ୍‌ଇଡି ଜରିଆରେ ଦେଖିବା ସମାନ। ଏଣୁ ଏଭଳି ପରମ୍ପରାକୁ ଆମେ ନିନ୍ଦା କରୁଛୁ।

## ଅଷ୍ଟିଓପାଥିକ୍ ଟ୍ରିଟ୍‌ମେଣ୍ଟ ପାଇଁ ୧୦ ସ୍ୱାସ୍ଥ୍ୟକେନ୍ଦ୍ର ମନୋନୀତ

ଭୁବନେଶ୍ୱର, ୨।୧୧(ବ୍ୟୁରୋ)

ସମସ୍ତଙ୍କୁ ସୁସ୍ଥ ରଖିବା ନିମନ୍ତେ ରାଜ୍ୟ ସରକାର ଓଡ଼ିଶାରେ ଏକ ନୂଆ ଚିକିତ୍ସା ସେବା ଆରମ୍ଭ କରିବାକୁ ଯାଉଛନ୍ତି। ଏହାର ନାମ ଅସ୍ଥିରୋଗ ଚିକିତ୍ସା ବା ଅଷ୍ଟିଓପାଥିକ୍ ଟ୍ରିଟ୍‌ମେଣ୍ଟ। ଖୋର୍ଦ୍ଧା, କଟକ ଏବଂ ଝାରସୁଗୁଡ଼ା ଆଦି ୩ ଜିଲାର ୧୦ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ପାଇଲଟ୍ ପ୍ରକଳ୍ପ ଭାବେ ଏହି ଚିକିତ୍ସା ସେବା ପ୍ରଦାନ କରାଯିବ। ଖୋର୍ଦ୍ଧା ଜିଲାର ପାହାଳ ପିଏଚ୍‌ସି, ଚନ୍ଦକା ପିଏଚ୍‌ସି, ପଟିଆ ୟୁପିଏଚ୍‌ସି ଏବଂ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ, କଟକ ଜିଲାର ବରହମପୁର ସିଏଚ୍‌ସି, ଗୁରୁଡ଼ିଝାଟିଆ ପିଏଚ୍‌ସି, ବିଦ୍ୟାଧରପୁର ୟୁପିଏଚ୍‌ସି ଓ ସିଡିଏ ବିଡ଼ାନାସୀ ୟୁପିଏଚ୍‌ସି ଏବଂ ଝାରସୁଗୁଡ଼ା ଜିଲାର କିର୍ମିରା ସିଏଚ୍‌ସି ଏବଂ ବ୍ରଜରାଜନଗର ୟୁଜିପିଏଚ୍‌ସିରେ ଏହି ଚିକିତ୍ସା ଆରମ୍ଭ କରାଯିବ। ଇଣ୍ଟର୍ନଶିପ କାର୍ଯ୍ୟକ୍ରମ ଭାବେ ଆସନ୍ତା ୬ମାସ ପର୍ଯ୍ୟନ୍ତ ଏସବୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ଚିକିତ୍ସା ସେବା ମିଳିବ। ଏଥିରେ କଟକ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଫାକଲ୍‌ଟି ଏବଂ ଇଣ୍ଟର୍ନମାନେ ରହିବେ। ଏ ନେଇ ବୁଧବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ନିମ୍ନ ଅଦାଲତର ୨୨ ବିଚାରପତିଙ୍କ ବଦଳି

କଟକ ଅଫିସ,୨।୧୧

ଓଡ଼ିଶା ହାଇକୋର୍ଟଙ୍କ ବୁଧବାର ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ବିଭିନ୍ନ ନିମ୍ନ ଅଦାଲତରୁ ୨୨ ଜଣ ବିଚାରପତିଙ୍କୁ ବଦଳି କରାଯାଇ ନୂତନ ସ୍ଥାନରେ ନିଯୁକ୍ତ କରାଯାଇଛି। ବାରିପଦା ପରିବାର ଅଦାଲତକୁ ବିଚାରପତି ବିରଞ୍ଚି ନାରାୟଣ ମହାନ୍ତିଙ୍କ ବଦଳି ହୋଇଥିବାବେଳେ ବାଲେଶ୍ୱର ଡେଜିଗନେଟେଡ୍ କୋର୍ଟକୁ ବିଶ୍ୱଜିତ୍ ଦାସ, ଭୁବନେଶ୍ୱର ସ୍ୱତନ୍ତ୍ର ସିବିଆଇ କୋର୍ଟ-୧କୁ ସନ୍ତୋଷ କୁମାର ଜେନା, ଭୁବନେଶ୍ୱର ସ୍ୱତନ୍ତ୍ର କୋର୍ଟକୁ ପ୍ରଦୀପ କୁମାର ମହାନ୍ତ, ଝାରସୁଗୁଡ଼ା ଏଡିଜେ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟକୁ ନୀଳଗିରି ଜେନା, ବାଲେଶ୍ୱର ପରିବାର ଅଦାଲତକୁ ପ୍ରଶାନ୍ତ କୁମାର ନାୟକ, ଫୁଲବାଣୀ ଏଡିଜେ ତଥା ସ୍ୱତନ୍ତ୍ର ଜଜ୍ (ଭିଜିଲାନ୍ସ) କୋର୍ଟକୁ ସମର ବିଳାସ ବେହେରା, ଜୟପୁର ଅତିରିକ୍ତ ଜିଲା ଓ ସେସନ୍ସ ଜଜ୍ କୋର୍ଟକୁ ଇନୁମୁଲୁ ବିଘ୍ନେଶ୍ୱର ରାଓ ବଦଳି ହୋଇଯାଇଛନ୍ତି।

ସେହିପରି ଉମରକୋଟ ଅତିରିକ୍ତ ଜିଲା ଓ ସେସନ୍ସ ଜଜ୍ କୋର୍ଟକୁ ଗିରିଜା ପ୍ରସାଦ ମହାପାତ୍ର, ବାରିପଦା ପ୍ରଥମ ଅତିରିକ୍ତ ଜିଲା ଓ ସେସନ୍ସ ଜଜ୍ କୋର୍ଟକୁ ସୁରେଶ ଚନ୍ଦ୍ର ପ୍ରଧାନ, ଭୁବନେଶ୍ୱର ପରିବାର ଅଦାଲତକୁ ମଦନଲାଲ ଖେଡ଼ିଆ, ଖୋର୍ଦ୍ଧା ପରିବାର ଅଦାଲତକୁ ରାଜେଶ କୁମାର ନାୟାର ଭି.ଜି., କଟକ ଏଡିଜେ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତକୁ ଅଶୋକ କୁମାର ପହି, ଖୋର୍ଦ୍ଧା ପ୍ରଥମ ଅତିରିକ୍ତ ଜିଲା ଓ ସେସନ୍ସ ଜଜ୍ କୋର୍ଟକୁ ଅଜୟ କୁମାର ପ୍ରଧାନ, କଟକ ପ୍ରଥମ ଜିଲା ଓ ସେସନ୍ସ ଜଜ୍ କୋର୍ଟକୁ ଜ୍ଞାନେନ୍ଦ୍ର କୁମାର ବାରିକଙ୍କୁ ବଦଳି କରାଯାଇଛି। ଆସ୍କା ଅତିରିକ୍ତ ଜିଲା ଓ ସେସନ୍ସ ଜଜ୍ କୋର୍ଟକୁ ଚୌଧୁରୀ ପ୍ରବୀର କୁମାର, ନୟାଗଡ଼ ପରିବାର ଅଦାଲତକୁ ସୁବ୍ରତ କୁମାର ପଟ୍ଟନାୟକ, ଯାଜପୁର ଅତିରିକ୍ତ ଜିଲା ଓ ସେସନ୍ସ ଜଜ୍ କୋର୍ଟକୁ ସୁନୀଲ କୁମାର ଦାସ, ବାଲେଶ୍ୱର ଏସ୍‌ସି ଆଣ୍ଡ ଏସ୍‌ଟି ସ୍ୱତନ୍ତ୍ର ଅଦାଲତକୁ ଲିଲିପ୍ତା ପଶାୟତ, ବ୍ରହ୍ମପୁର ତୃତୀୟ ଅତିରିକ୍ତ ଜିଲା ଓ ସେସନ୍ସ ଜଜ୍ କୋର୍ଟକୁ ଡ. ଇନ୍ଦୁ ଶର୍ମା, ଭବାନୀପାଟଣା ଏଡିଜେ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟକୁ ଶୁଭଞ୍ଜନ ମହାନ୍ତି ଓ ବଲାଙ୍ଗୀର ଏଡିଜେ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟକୁ ଗୋପବନ୍ଧୁ ଗଡ଼ନାୟକଙ୍କୁ ବିଚାରପତି ଭାବେ ବଦଳି କରାଯାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ମିନତି



@ ସତ୍ୟବାନ୍



@ ସୁରେଶ୍ୱର



@ ପଦ୍ମଲୋଚନ



@ ତପନ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।




ପୂର୍ଣ୍ଣ ଶିକ୍ଷକତା ଦାବିରେ ମହାଆନ୍ଦୋଳନ ଚଳାଇଥିବା ଧନ୍ଦାମୂଳକ ପ୍ରଶିକ୍ଷକ ସଂଘ ପକ୍ଷରୁ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜି ରାସ୍ତାରେ ଧାରଣା ଦିଆଯିବାସହ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।




ବି.ଏଡ୍. ନାମଲେଖା ପ୍ରକ୍ରିୟା ଆରମ୍ଭ କରିବା ଓ ଅନ୍ୟ କେତେକ ଦାବି ନେଇ ଏଆଇଡିଏସ୍‌ଓ ପକ୍ଷରୁ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ।




ଭଏସ୍ ଅଫ୍ ବାଲିକୁଦା ପକ୍ଷରୁ ଉପକୂଳ ରାଜପଥ ସ୍ଥାନାନ୍ତର କରିବା ପ୍ରତିବାଦରେ ସଂଗ୍ରାମୀ ଯୁବକ ଓ ଛାତ୍ରଙ୍କୁ ନେଇ ଜଗତସିଂହପୁର ଜିଲା ବାଲିକୁଦା ବ୍ଲକ୍‌ର ମରିଚପୁରଠାରୁ ନବୀନ ନିବାସ ଅଭିମୁଖେ ପଦଯାତ୍ରା।

## ସଞ୍ଜୀବ ଚୋପ୍ରା କେନ୍ଦ୍ର ଖାଉଟି ବ୍ୟାପାର ସଚିବ ନିଯୁକ୍ତ

ଭୁବନେଶ୍ୱର,୨।୧୧(ବ୍ୟୁରୋ)- ୧୯୯୦ ବ୍ୟାଚ ଓଡ଼ିଶା କ୍ୟାଡର ଆଇଏଏସ୍ ଅଫିସର ସଞ୍ଜୀବ ଚୋପ୍ରା କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ଅଧୀନରେ ଥିବା ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗର ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଚୋପ୍ରା କେନ୍ଦ୍ରୀୟ ଡେପୁଟେଶନରେ ଯିବା ପୂର୍ବରୁ ରାଜ୍ୟ ସରକାରଙ୍କ ଶିକ୍ଷା, ସାଧାରଣ ପ୍ରଶାସନ, କୃଷି ଓ ଗୃହ ବିଭାଗ ଦାୟିତ୍ୱ ତୁଲାଇଥିଲେ।



## ବସ୍ ଓଲଟି ୪୦ ଆହତ



ପାଣିକୋଇଲି,୨।୧୧(ଡି.ଏନ.ଏ.): ଯାଜପୁର ଜିଲା ୧୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଥାନା ଅନ୍ତର୍ଗତ ମସୁଦପୁର(ସାହାପୁର) ନିକଟରେ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଭାରସାମ୍ୟ ହରାଇ ଏକ ଘରୋଇ ଯାତ୍ରୀବାହୀ ବସ୍ ରାସ୍ତା କଡ଼କୁ ଓଲଟି ପଡ଼ିଛି। ଫଳରେ ୪୦ ଯାତ୍ରୀ ଆହତ ହୋଇଛନ୍ତି। ଶାନ୍ତିଲତା ନାମକ ଏହି ବସ୍(ଓଡି-୦୪-ଜେ-୧୧୨୫) ମୟୂରଭଞ୍ଜ ବେନିସାଗରରୁ ୪୦ଜଣ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱର ଯାଉଥିଲା। ମସୁଦପୁର ନିକଟରେ ଭାରସାମ୍ୟ ହରାଇ ରାସ୍ତା ଡିଭାଇଡରରେ ପିଟିହୋଇ ପ୍ରାୟ ୨୦ ଫୁଟ ତଳକୁ ଓଲଟି ପଡିଥିଲା। ପୋଲିସ, ପାଟ୍ରୋଲିଂ ପୋଲିସ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପର ସଦସ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ୬ ଗୁରୁତରଙ୍କୁ ରାଜପଥ ଆମ୍ବୁଲାନ୍ସ ଯୋଗେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଅନ୍ୟମାନଙ୍କୁ ବସ ଯୋଗେ ସେମାନଙ୍କ ଗନ୍ତବ୍ୟସ୍ଥଳ ଭୁବନେଶ୍ୱରକୁ ପଠାଯାଇଥିଲା।

## ଜିଲା ମାନ୍ୟତା ଦାବିରେ ପଦ୍ମପୁର ବନ୍ଦ

ପଦ୍ମପୁର,୨।୧୧(ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡକୁ ଜିଲା ମାନ୍ୟତା ଦାବି ଜୋର୍ ଧରିଛି। ଏହି ଦାବି ନେଇ ଆନ୍ଦୋଳନ ତେଜି ଉଠିଛି। ଏହି କ୍ରମରେ ବୁଧବାରଠାରୁ ୨ଦିନିଆ ଅର୍ଥାତ୍ ୪୮ଘଣ୍ଟିଆ ପଦ୍ମପୁର ବନ୍ଦ ଆରମ୍ଭ ହୋଇଛି। ପଦ୍ମପୁର ନାଗରିକ କମିଟିର ଆହ୍ୱାନକ୍ରମେ ଚାଲିଥିବା ବନ୍ଦ ଆନ୍ଦୋଳନକୁ ସ୍ୱତଃସ୍ଫୂର୍ତ୍ତ ସମର୍ଥନ ମିଳିଛି। ସକାଳ ୬ଟାରୁ ପଦ୍ମପୁରର ସମସ୍ତ ଦୋକାନ, ବଜାର, ସରକାରୀ, ବେସରକାରୀ ପ୍ରତିଷ୍ଠାନ, ସ୍କୁଲ କଲେଜ, କାର୍ଯ୍ୟାଳୟ ବନ୍ଦ ରହିଛି। ପ୍ରକାଶ ଯେ, ପଦ୍ମପୁର ଏନ୍ଏସି, ପଦ୍ମପୁର, ଝାରବନ୍ଧ, ପାଇକମାଳ, ସୋହେଲା, ଗାଇସିଲେଟ, ବିଜେପୁର ବ୍ଲକ ଓ ଏନ୍ଏସିକୁ ନେଇ ପଦ୍ମପୁର ଉପଖଣ୍ଡ ଗଠିତ। ୧୯୯୩ରେ ଜିଲା ପୁନର୍ଗଠନ ସମୟରେ ଭୌଗୋଳିକ ସ୍ଥିତି, ଅବସ୍ଥିତି ଯୋଗୁ ପଦ୍ମପୁରକୁ ଜିଲା ଘୋଷଣା ପ୍ରସ୍ତାବ ରହିଥିଲା। ମାତ୍ର ସେତେବେଳେ ପଦ୍ମପୁରକୁ ବାଦ୍ ଦେଇ ନୂଆପଡ଼ା ଜିଲା ଗଠନ କରାଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ୨୦୧୯ରେ ପଦ୍ମପୁରକୁ ଜିଲା ମାନ୍ୟତା ଦାବି ପୁଣି ଉଠିଥିଲା। ଏହି ଦାବି ନେଇ ପଦ୍ମପୁର ନାଗରିକ କମିଟିର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଆଲୋଚନାକୁ ସମ୍ମାନ ଜଣାଇ ସେତେବେଳେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ପଦ୍ମପୁରକୁ ଜିଲା ମାନ୍ୟତା ମିଳିପାରିନାହିଁ। ଫଳରେ ଅସନ୍ତୋଷ ବଢ଼ି ଚାଲିଛି। ଜିଲା ଗଠନ ସମନ୍ୱୟ କମିଟିର ଆବାହକ ଅଜିତ ଶତପଥୀଙ୍କ ସମେତ ବିଭିନ୍ନ ସଙ୍ଗଠନର ପ୍ରତିନିଧିବୃନ୍ଦ ଆନ୍ଦୋଳନର ନେତୃତ୍ୱ ନେଇଛନ୍ତି।

# ଉଦ୍ଧାର ଭିତରେ ଲୁଟ୍ ଖେଳ

## ପୋଲିସ ସବ୍ଇନ୍ସପେକ୍ଟର ଦାଦନ ସର୍ଦ୍ଦାରଙ୍କଠାରୁ ଟଙ୍କା ନେବା ଭିଡିଓ ଭାଇରାଲ

**■ କଣ୍ଟାବାଞ୍ଜି ଏସ୍ଡିପିଓ ପୂର୍ବରୁ ନିଲମ୍ବିତ ହୋଇଛନ୍ତି**

**■ ଜବତ ମଦ ବିକ୍ରି ମାମଲାରେ ବି ନିଲମ୍ବିତ ହୋଇଛନ୍ତି ୩ କନ୍ଷ୍ଟେବଲ**

ବଲାଙ୍ଗୀର ଅଫିସ, ୨।୧୧

ତେଲଙ୍ଗାନାର ଇଟାଭାଟି ମାଲିକ ଓ ଦାଦନ ସର୍ଦ୍ଦାରଙ୍କୁ ଜୁଆଡି ଦର୍ଶାଇ ଲକ୍ଷାଧିକ ଟଙ୍କା ଲୁଟ୍ ଘଟଣାରେ ବଲାଙ୍ଗୀର ପୋଲିସ ବଦ୍ନାମ ହୋଇଥିଲା। ଏହି ଘଟଣାରେ ତତ୍କାଳୀନ କଣ୍ଟାବାଞ୍ଜି ଏସ୍ଡିପିଓ ନିଲମ୍ବିତ ହୋଇଥିଲେ। ଏହି ଘଟଣା ମନରୁ ଲିଭି ନ ଥିବାବେଳେ ତୁରେକେଲା ଥାନାର ସବ୍ଇନ୍ସପେକ୍ଟର ଦୀପକ ଡୁଙ୍ଗଡୁଙ୍ଗ ଦାଦନ ସର୍ଦ୍ଦାର ନରେନ୍ଦ୍ର ବଛାଙ୍କଠାରୁ ୧୨ହଜାର ଟଙ୍କା ନେବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି ଭିଡିଓ ଭାଇରାଲ ହେବା ପରେ ଏସ୍ପି ନୀତିନ କୁଶଲକର ସମ୍ପୃକ୍ତ ସବ୍ଇନ୍ସପେକ୍ଟର ଡୁଙ୍ଗଡୁଙ୍ଗଙ୍କୁ ତୁରେକେଲା ଥାନାରୁ ଜିଲା ପୋଲିସ କାର୍ଯ୍ୟାଳୟକୁ ବଦଳି କରିଛନ୍ତି। ଏହି ଘଟଣାର ତଦନ୍ତ ହେବ ଏବଂ ରିପୋର୍ଟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। କିଛିଦିନ ତଳେ ବଲାଙ୍ଗୀର ଟାଉନ୍ ଥାନାର ୩ ଜଣ ପୋଲିସ କନ୍ଷ୍ଟେବଲ ଜବତ ମଦକୁ ବିକ୍ରି କରିଦେଇଥିବା ଜଣାପଡିଥିଲା। ଏହି ଖବର ଜାଣିବା ପରେ ଏସ୍ପି କୁଶଲକର ସମ୍ପୃକ୍ତ କନ୍ଷ୍ଟେବଲଙ୍କୁ ଚାକିରିରୁ ନିଲମ୍ବିତ କରିଥିଲେ। ମାତ୍ର ଅଳ୍ପଦିନ ଭିତରେ ଏହି ତିନି ଘଟଣା ବଲାଙ୍ଗୀର ଜିଲା ପୋଲିସର ଛବିକୁ ବିଗାଡ଼ି ଦେଲାଣି।

ଏସ୍ପି କୁଶଲକରଙ୍କ ନେତୃତ୍ୱରେ ଜିଲାରେ ଦାଦନ ଶ୍ରମିକ ଚାଲାଣକୁ ନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମିଶନ ଉଦ୍ଧାର ଚାଲିଛି। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ପୋଲିସ ଜିଲାରୁ ବେଆଇନ ଭାବେ ରାଜ୍ୟ ବାହାରକୁ ଚାଲାଣ ହେଉଥିବା ଦାଦନ ଶ୍ରମିକଙ୍କୁ ଉଦ୍ଧାର କରି ସେମାନଙ୍କୁ ପଞ୍ଜୀକୃତ କରୁଥିବା ଏବଂ ଜିଲା ଭିତରେ ବିଭିନ୍ନ ଯୋଜନାରେ କାମ କରିବାକୁ ସଚେତନ କରୁଥିବା କୁହାଯାଇଛି। ଏସ୍ପିଙ୍କ ଏହି ମହତ୍ୱାକାଂକ୍ଷୀ କାର୍ଯ୍ୟକ୍ରମରେ ପୋଲିସ ଟିମ୍ ସାମିଲ ହୋଇଥିଲେ ମଧ୍ୟ କେତେକ ପୋଲିସ ଅଧିକାରୀ ଓ କର୍ମଚାରୀ ସେମାନଙ୍କ ଭିତିରି ସ୍ୱାର୍ଥ ଛାଡ଼ିପାରୁ ନ ଥିବା ସଦ୍ୟତମ ଘଟଣାରୁ ସ୍ପଷ୍ଟ ହୋଇଛି।

ଜିଲାରୁ କାମ ଅନ୍ୱେଷଣରେ ଲକ୍ଷାଧିକ ଦାଦନ ଶ୍ରମିକ ରାଜ୍ୟ ବାହାରକୁ ପ୍ରତିବର୍ଷ ଚାଲାଣ ହୋଇଥାନ୍ତି। ଶ୍ରମିକ ଚାଲାଣ ଘଟଣାରେ ଦାଦନ ସର୍ଦ୍ଦାରଙ୍କ ସହ ସ୍ଥାନୀୟ ପୋଲିସର ଏକ ବଡ଼ ଭୂମିକା ରହିଥିବା ଆଲୋଚନାର ବିଷୟ ହୋଇଛି। ଦାଦନ ସର୍ଦ୍ଦାର ଓ ଇଟାଭାଟି ମାଲିକଙ୍କଠାରୁ ଲକ୍ଷାଧିକ ଟଙ୍କା ଜବତ ଘଟଣାରେ କଣ୍ଟାବାଞ୍ଜି ଏସ୍ଡିପିଓ ହୃଷୀକେଶ ମେହେର ନିଲମ୍ବିତ ହେବା ଏବଂ ଦାଦନ ସର୍ଦ୍ଦାରଙ୍କଠାରୁ ସବ୍ଇନ୍ସପେକ୍ଟର ଡୁଙ୍ଗଡୁଙ୍ଗ ଟଙ୍କା ନେବା ଘଟଣା ଦାଦନ ଚାଲାଣରେ ପୋଲିସର ଭୂମିକାକୁ ପ୍ରମାଣିତ କରିଦେଇଛି। ଏହି ଘଟଣା ପରେ ପୋଲିସର ମିଶନ ଉଦ୍ଧାର ଘଟଣା ଏକ ପ୍ରହସନ ବୋଲି ଚର୍ଚ୍ଚା ହେଉଛି। ଏନେଇ ଏସ୍ପି କୁଶଲକରଙ୍କୁ ପଚରାଯିବାରୁ ତୁରେକେଲା ପୋଲିସ ସବ୍ଇନ୍ସପେକ୍ଟର ଭିଡିଓ ଭାଇରାଲ ଘଟଣାର ତଦନ୍ତ ଆରମ୍ଭ କରାଯାଇଛି। ତଦନ୍ତ ରିପୋର୍ଟ ଆସିବା ପରେ ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଜଳବାୟୁ ସଙ୍କଟକୁ ପ୍ରାଥମିକତା ଦିଆଯାଉନାହିଁ

ଲଣ୍ଡନ, ୨।୧୧

ନଭେମ୍ବର ୬ରୁ ୧୮ ପର୍ଯ୍ୟନ୍ତ ଇଜିପ୍ଟରେ ଜାତିସଂଘ ଜଳବାୟୁ ସମ୍ମିଳନୀ କପ୍୨୭ ଅନୁଷ୍ଠିତ ହେବ। ଉକ୍ତ ସମ୍ମିଳନୀ ପୂର୍ବରୁ



ଗ୍ରେଟା ଥନବର୍ଗ

ପ୍ରଖ୍ୟାତ ଜଳବାୟୁ କର୍ମୀ ଗ୍ରେଟା ଥନବର୍ଗଙ୍କ ମନ୍ତବ୍ୟ ଏକ ଭିନ୍ନ ବାର୍ତ୍ତା ଦେଇଛି। ଗ୍ରେଟା ଉକ୍ତ ସମ୍ମିଳନୀରେ ଉପସ୍ଥିତ ରହିବେ ନାହିଁ ବୋଲି କହିଛନ୍ତି। କପ୍୨୭ରେ ବିଶ୍ୱର ବହୁ ଦେଶର ପ୍ରତିନିଧି ଅଂଶଗ୍ରହଣ କରି ବିଶ୍ୱ ତାପନ ହ୍ରାସ କରିବା ଲଗି ସହମତି ପ୍ରକାଶ କରୁଛନ୍ତି ଓ ଏଭଳି କାର୍ଯ୍ୟକ୍ରମକୁ ଗ୍ରେଟା 'ଗ୍ରୀନ୍ୱାଶିଂ' ଭାବେ ସୂଚିତ କରିଛନ୍ତି। ଗ୍ରେଟାଙ୍କ ମତରେ, ପରିବେଶଗତ ପ୍ରଭାବକୁ କମ୍ କରିବା ଲାଗି ବାସ୍ତବ ପଦକ୍ଷେପ ଗ୍ରହଣ ନ କରି ସବୁଜକରଣ ସକାଶେ ଅର୍ଥ ଓ ସମୟ ଉପଯୋଗ କରିବା କଥା ଯାହା କୁହାଯାଉଛି ତାହା ଏକ ମିଥ୍ୟା ଓ ଠକାମୀକୁ ସୂଚାଉଛି। ୧୯ ବର୍ଷୀୟା ଗ୍ରେଟା କହିଛନ୍ତି ଯେ, କ୍ଷମତାରେ ଥିବା ବ୍ୟକ୍ତିମାନେ ଜଳବାୟୁ ସଙ୍କଟକୁ ଗୁରୁତ୍ୱର ସହ ଗ୍ରହଣ କରୁନାହାନ୍ତି ଏବଂ ବାରମ୍ବାର ଏହା ମଧ୍ୟ ପ୍ରମାଣିତ ଯେ, ସେମାନେ ଅନ୍ୟ ବିଷୟକୁ ଅଧିକ ପ୍ରାଥମିକତା ଦେଉଛନ୍ତି। କ୍ଷମତାଧିକାରୀ ବ୍ୟକ୍ତିମାନେ ଜଳବାୟୁ ସଙ୍କଟ ଟାଳିବା ଲାଗି ଉଚିତ ପଦକ୍ଷେପ ନ ନେଇ କେବଳ କ୍ଷମତାରେ ରହିବାକୁ ଚାହୁଁଛନ୍ତି ଏବଂ ଲୋଭନୀୟ ସଂସ୍ଥା ପ୍ରତି ଯତ୍ନଶୀଳ ହେଉଛନ୍ତି।

# ସରକାରୀ ଅଫିସ ବନ୍ଦ କଲା ଓକିଲ ସଂଘ



କଚେରି ଛକରେ ଆଇନଜୀବୀମାନେ ।

## ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରସଙ୍ଗ

ସମ୍ବଲପୁର,୨।୧୧(ବ୍ୟୁରୋ)

ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ଆନ୍ଦୋଳନ ତେଜିଛି। ଏଥର ସିଧାସଳଖ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛି ସମ୍ବଲପୁର ଜିଲା ଓକିଲ ସଂଘ। ପୂର୍ବ ଘୋଷଣା ମୁତାବକ ସଂଘ କର୍ମକର୍ତ୍ତା ବୁଧବାର ରାଜ୍ୟ ସରକାରଙ୍କ ଅଫିସ ଓ କୋର୍ଟ ସମ୍ମୁଖରେ ପିକେଟିଂ କରି ପ୍ରତିବାଦ କରିଥିଲେ। ଫଳରେ ଜିଲାରେ ଆର୍ଡିସି ଅଫିସ, ଜିଲାପାଳଙ୍କ ଅଫିସ ସମେତ ସମସ୍ତ ସରକାରୀ ଅଫିସ ଓ କୋର୍ଟ ବନ୍ଦ ରହିଥିଲା। ପରେ ସେମାନେ କଚେରି ଛକରେ ରାସ୍ତା ଉପରେ ଧାରଣାରେ ବସିଥିଲେ। ବିଚାରପତିମାନେ କୋର୍ଟ କାର୍ଯ୍ୟରେ ଯୋଗଦାନ କରିବାକୁ ଆସିଥିଲେ ମଧ୍ୟ ରାସ୍ତା ଅବରୋଧ ଯୋଗୁ ଯାଇପାରି ନ ଥିଲେ। ଜିଲାପାଳଙ୍କ ଅଫିସ ସମ୍ମୁଖରେ ମହିଳା ଓକିଲମାନେ ପିକେଟିଂ କରିଥିଲେ। ଫଳରେ ଜିଲାପାଳଙ୍କ ଅଫିସ ବନ୍ଦ ରହିଥିଲା। ଆନ୍ଦୋଳନରେ ଜିଲା ଓକିଲ ସଂଘ ସଭାପତି ସୁରେଶ୍ୱର ମିଶ୍ର, ସାଧାରଣ ସମ୍ପାଦକ ସରୋଜ କୁମାର ସାହୁ, ସତ୍ୟନାରାୟଣ ପଣ୍ଡା, ପ୍ରଦୀପ ବହିଦାର, ଅତନୁ ଘୋଷ, ବିଜିତେନ୍ଦ୍ରିୟ ପ୍ରଧାନ, ଡ. ପ୍ରମୋଦ ରଥ, ଚନ୍ଦ୍ରକୁମାର ପୁରୋହିତ, ମନବୋଧ ପଣ୍ଡା, ରବିରଞ୍ଜନ ପୂଜାରୀ, ପ୍ରବିଣ ସିଂଦେଓ, ଅନୁପ ତରିଆ, ଆସଫ ଅଲ୍ଲିଖାନ ପ୍ରମୁଖ ଆଇନଜୀବୀ ସାମିଲ ଥିଲେ। କର୍ମକର୍ତ୍ତାଙ୍କ କହିବା କଥା ରାଜ୍ୟ ସରକାର ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ପୂର୍ଣ୍ଣାଙ୍ଗ ପ୍ରସ୍ତାବ କେନ୍ଦ୍ର ସରକାରଙ୍କୁ ପଠାଉ ନାହାନ୍ତି। ସରକାରଙ୍କ ଉଦାସୀନତାକୁ ନେଇ ଭୁବନେଶ୍ୱରରେ କିଛିଦିନ ତଳେ ଆନ୍ଦୋଳନ ହୋଇଥିଲା। ଏହି ସମୟରେ ରାଜ୍ୟ ସରକାରଙ୍କ ୩ଜଣ ମନ୍ତ୍ରୀ ଓ ଉଚ୍ଚ ପଦାଧିକାରୀଙ୍କ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇଥିଲା। ହେଲେ ରାଜ୍ୟ ସରକାର ପରବର୍ତ୍ତି କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଜିଲା ଓକିଲ ସଂଘ ଓ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ମିଳିତ ନିଷ୍ପତ୍ତି ଅନୁସାରେ ବୁଧବାର ଜିଲା ଓକିଲ ସଂଘ ଆନ୍ଦୋଳନକୁ ଓହ୍ଲାଇଥିଲା।

## ଡାକ ପାର୍ଶଲ ଗାଡିରେ ଗୋଚାଲାଣ

**୧ ଗୋରୁ ମୃତ, ୭ ଆହତ**

**ଲୋକଙ୍କ ଆକ୍ରମଣରେ ପୋଲିସ ଇନ୍ସପେକ୍ଟରଙ୍କ ମୁଣ୍ଡ ଫାଟିଲା**

ସିମୁଳିଆ, ୨।୧୧(ଡି.ଏନ.ଏ.)

ବୁଧବାର ଅପରାହ୍ନରେ ଖୋର୍ଦ୍ଧା ଜିଲା ବେଗୁନିଆ ଅଞ୍ଚଳରୁ ୮୯ଟି ଗୋରୁ ବୋଝେଇ କରି କୋଲକାତା ଅଭିମୁଖେ ଯାଉଥିବା ଏକ କଣ୍ଟେନର(ଓଡି ୦୧ କ୍ୟୁ ୬୪୪୧)କୁ ଭଦ୍ରକ ପୋଲିସ ଜବତ କରିଛି। ଡାକ ପାର୍ଶଲ ଲେଖାଥିବା ଏହି କଣ୍ଟେନର ମଧ୍ୟରେ ଗୋରୁଗୁଡିକ ଚାଲାଣ ହେଉଥିଲା। ରାତି ୧୦ଟାରେ କଣ୍ଟେନର ମଧ୍ୟରୁ ଗୋରୁଗୁଡିକୁ ଉଦ୍ଧାର କରାଯାଇଛି। ଗୋରୁଗୁଡିକ ମଧ୍ୟରୁ ଗୋଟିଏ ଗୋରୁର ମୃତ୍ୟୁ ହୋଇଥିବା ବେଳେ ୭ ଗୋରୁ ଗୁରୁତର ଆହତ ହୋଇଛନ୍ତି। ଗୋରୁ ଗାଡି ମଧ୍ୟରେ ଲୁଚି ରହିଥିବା ୩ଜଣ ଚାଲାଣକାରୀ ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲେ। ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଆସିଥିବା ଭଦ୍ରକ ଟାଉନ ଥାନା ଇନ୍ସପେକ୍ଟର ଦେବରାଜ ଜେନାଙ୍କ ଲୋକଙ୍କ ଆକ୍ରମଣରେ ମୁଣ୍ଡ ଫାଟିଯାଇଥିଲା। ତାଙ୍କୁ ଭଦ୍ରକ ମେଡିକାଲରେ ଭର୍ତ୍ତି କରାଯାଇଛି। ପରେ ଗୋରୁଗୁଡିକୁ ସିମୁଳିଆର ମଇତାପୁର ଅଞ୍ଚଳରେ ଥିବା ରୁଦ୍ରାଶ୍ରମ ଗୋଶାଳାକୁ ହସ୍ତାନ୍ତର କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଛି।

## କାର୍ ଦୁର୍ଘଟଣାରେ ୭ ଆହତ



ସାରସକଣା,୨।୧୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥର ସଂକୁଚା ନିକଟରେ ବୁଧବାର ରାତିରେ ଏକ ଦୁର୍ଘଟଣାରେ ୭ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଜଣେ ଶିଶୁଙ୍କ ସହ ଅନ୍ୟ ଦୁଇଜଣ ଗୁରୁତର ହୋଇଛନ୍ତି। ଝାରପୋଖରିଆ ପଟୁ ଯାଉଥିବା ଏକ କାର୍ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଅନ୍ୟ ଏକ କାର୍ ଉପରେ ଚଢ଼ି ଯିବାରୁ ଏହି ଦୁର୍ଘଟଣା ଘଟିଥିଲା। ଆହତମାନଙ୍କୁ ଚିକିତ୍ସା ଲାଗି ବାରିପଦାସ୍ଥିତ ପିଆରଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଆହତମାନଙ୍କ ପରିଚୟ ମିଳି ନ ଥିବା ବେଳେ ଝାରପୋଖରିଆ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

## ଗେହଲଟ୍, ପାଇଲଟ୍ ପୁଣି ମୁହାଁମୁହିଁ

ଜୟପୁର, ୨।୧୧

ଏଆଇସିସି ଅଧ୍ୟକ୍ଷ ନିର୍ବାଚନ ଶେଷ ହେବାପରେ ରାଜସ୍ଥାନ କଂଗ୍ରେସରେ କ୍ଷମତା ପାଇଁ ପୁଣି ମୁହାଁମୁହିଁ ହୋଇଛନ୍ତି ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ଓ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ୍। ପୂର୍ବରୁ କଂଗ୍ରେସ ଅଧ୍ୟକ୍ଷ ପଦ ଦୌଡ଼ରେ ଥିବା ଗେହଲଟଙ୍କୁ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ପଡ଼ିବ ବୋଲି ଦଳର ନେତା ରାହୁଲ ଗାନ୍ଧୀ ସ୍ପଷ୍ଟ କରିଥିଲେ। ଏହାପରେ ଗେହଲଟଙ୍କ ଅନୁଗାମୀ ବିଧାୟକମାନେ ଦଳରେ ବିଦ୍ରୋହ କରିଥିଲେ। ଫଳରେ ପାଇଲଟ ଆଉଥରେ ମୁଖ୍ୟମନ୍ତ୍ରୀ ହେଉ ହେଉ ରହିଯାଇଥିଲେ। ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗେହଲଟ ରାଜସ୍ଥାନର ଏକ କାର୍ଯ୍ୟକ୍ରମରେ ମଞ୍ଚାସୀନ ହୋଇଥିଲେ। ଏହି ଅବସରରେ ଉଭୟେ ପରସ୍ପରକୁ ପ୍ରଶଂସା କରିଥିଲେ। ଏ



ସଚିନ ପାଇଲଟ୍ ଓ ଅଶୋକ ଗେହଲଟ୍

ନେଇ ପାଇଲଟ କହିଛନ୍ତି, ପ୍ରଧାନମନ୍ତ୍ରୀ ପୂର୍ବରୁ ପାର୍ଲାମେଣ୍ଟରେ ଗୁଲାମନବୀ ଆଜାଦଙ୍କୁ ପ୍ରଶଂସା କରିଥିଲେ। ଆଜାଦ କ'ଣ କଲେ ତାହା ସମସ୍ତଙ୍କୁ ଜଣା। ଗେହଲଟ ଆଗକୁ କ'ଣ କରିପାରନ୍ତି, ଏବେ ଅନୁମାନ କରାଯାଉ। ଏଥିସହ କଂଗ୍ରେସର ବିଦ୍ରୋହୀ ବିଧାୟକମାନଙ୍କ ବିରୋଧରେ ଦଳ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଏହା ଉପରେ ଗେହଲଟ କହିଛନ୍ତି, ପାଇଲଟ ଏପରି ମନ୍ତବ୍ୟ ଦେବା ଅନୁଚିତ୍। ସମସ୍ତେ ଦଳୀୟ ଶୃଙ୍ଖଳା ମାନି ଚଳନ୍ତୁ।

## ଓକିଲଙ୍କ ଆନ୍ଦୋଳନ ଉପରେ ୧୪ରେ ଶୁଣାଣି

ନୂଆଦିଲ୍ଲୀ, ୨।୧୧

ଓଡ଼ିଶାର ବିଭିନ୍ନ ଜିଲାରେ ଆନ୍ଦୋଳନରତ ଆଇନଜୀବୀମାନେ କୋର୍ଟକୁ ଯାଉନାହାନ୍ତି। ସେମାନଙ୍କ କୋର୍ଟ ବର୍ଜନକୁ ବିରୋଧକରି ଓଡ଼ିଶା ହାଇକୋର୍ଟ ରେଜିଷ୍ଟ୍ରାରଙ୍କ ପକ୍ଷରୁ ଆଗତ ଏକ ଆବେଦନର ଶୁଣାଣି ଆସନ୍ତା ୧୪ ତାରିଖରେ କରିବାକୁ ବୁଧବାର ସୁପ୍ରିମକୋର୍ଟ ସହମତି ପ୍ରକାଶ କରିଛନ୍ତି। ହାଇକୋର୍ଟଙ୍କ ପକ୍ଷରୁ ମାମଲା ପରିଚାଳନା



କରୁଥିବା ଆଇନଜୀବୀ ଶିବଶଙ୍କର ମିଶ୍ର ଉକ୍ତ ପିଟିଶନର ତ୍ୱରିତ ଶୁଣାଣି ପାଇଁ ସିଜେଆଇ ୟୁ.ୟୁ. ଲଳିତଙ୍କ ଖଣ୍ଡପୀଠରେ ନିବେଦନ କରିଛନ୍ତି। ରେଜିଷ୍ଟ୍ରାରଙ୍କ କହିବା ହେଲା, କେବଳ ପଶ୍ଚିମ ଓଡ଼ିଶା ନୁହେଁ, ରାଜ୍ୟର ଅନ୍ୟ ଭାଗଗୁଡ଼ିକରେ ମଧ୍ୟ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ଦାବିରେ ଅନ୍ଦୋଳନ ଚଳାଇଥିବା ଓକିଲମାନେ ଅଦାଲତକୁ ଯାଉନାହାନ୍ତି। ଫଳରେ ନିମ୍ନ ଅଦାଲତଗୁଡ଼ିକରେ ବିଚାର ପ୍ରକ୍ରିୟା ବାଧିତ ହୋଇଛି। ତେଣୁ ସୁପ୍ରିମକୋର୍ଟ ଏଥିରେ ହସ୍ତକ୍ଷେପ କରନ୍ତୁ ବୋଲି ହାଇକୋର୍ଟ ରେଜିଷ୍ଟ୍ରାର ଅନୁରୋଧ କରିଛନ୍ତି।

## ସବ୍ୟସାଚୀ ପଣ୍ଡାଙ୍କ ଆବେଦନ ଖାରଜ

**୬୪ ମାମଲାର ତ୍ୱରିତ ଶୁଣାଣି ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ**

ନୂଆଦିଲ୍ଲୀ,୨।୧୧

ଓଡ଼ିଶାର ବିଭିନ୍ନ କୋର୍ଟରେ ବିଚାରାଧୀନ ୬୪ ମାମଲାର ତ୍ୱରିତ ଶୁଣାଣି ସକାଶେ ନିର୍ଦ୍ଦେଶ ଦେବା ପାଇଁ ମାଓବାଦୀ ନେତା ସବ୍ୟସାଚୀ ପଣ୍ଡାଙ୍କ ଆବେଦନକୁ ବୁଧବାର ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଜଷ୍ଟିସ୍ କେ.ଏମ୍. ଜୋସେଫ୍ ଏବଂ ହୃଷୀକେଶ ରାୟଙ୍କ ଖଣ୍ଡପୀଠ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ସମ୍ବିଧାନର ଅନୁଚ୍ଛେଦ ୩୨ ଅନୁସାରେ ଏହା ଉପରେ ଆମେ ହସ୍ତକ୍ଷେପ କରିବା ଅନୁଚିତ୍। ତେଣୁ ସବ୍ୟସାଚୀଙ୍କ ରିଟ୍ ପିଟିସନ୍ର ଶୁଣାଣି ହୋଇ ପାରିବ ନାହିଁ। ତେବେ ତାଙ୍କ ବିରୋଧରେ ଗଡୁଥିବା ମାମଲାଗୁଡ଼ିକର ତ୍ୱରିତ ଶୁଣାଣି ବିନାପକ୍ଷପାତରେ କରାଯିବ। ଆବେଦନକାରୀ ଏଥିପାଇଁ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୁଅନ୍ତୁ ବୋଲି ଖଣ୍ଡପୀଠ କହିଥିଲେ। ପ୍ରକାଶ ଯେ, ବିଶ୍ୱହିନ୍ଦୁ ପରିଷଦ ନେତା ସ୍ୱାମୀ ଲକ୍ଷଣାନନ୍ଦ ସରସ୍ୱତୀଙ୍କ ସମେତ ତାଙ୍କ ୪ ସହଯୋଗୀଙ୍କୁ ହତ୍ୟା, ନୟାଗଡ଼ ବସ୍ତ୍ରାଗାର ଲୁଟ୍ ଏବଂ ଏକାଧିକ ମାଓବଦୀ ଆକ୍ରମଣରେ ସମ୍ପୃକ୍ତ ଥିବା ସବ୍ୟସାଚୀଙ୍କୁ ୨୦୧୪ ଜୁଲାଇରେ ବ୍ରହ୍ମପୁର ବଡ଼ବଜାର ପୋଲିସ ଏକ ଘରୁ ଗିରଫ କରିଥିଲା। ୨୦୧୯ ମେ' ବ୍ରହ୍ମପୁର ଆଡିଶନାଲ ଡିଷ୍ଟ୍ରିକ୍ ଜଜ୍ଙ୍କ ଅଦାଲତ ସବ୍ୟସଚୀଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଥିଲା।

OFFICE OF THE
MUNICIPAL COUNCIL, SUNDARGARH
No. 8750 Date: 31.10.2022
QUOTATION CALL NOTICE
No. C-1493: Sealed quotations are invited from the Intending Quotationers for **"Supply and Installation of MS Door, Window, MS Grill & Rolling Shutter in different areas of Sundargarh Municipality"**. The detail quotation documents will be available in the district website of Sundargarh i.e. **www.sundargarh.nic.in** from Dt.02.11.2022 to Dt.11.11.2022. The quotation document must be submitted to the Office of the Executive Officer, Sundargarh Municipality, Sundargarh through Regd. Post/Speed Post/By Hand only. The bidder should subscribe **"Supply and Installation of MS Door, Window, MS Grill Rolling Shutter & Collapsible Shutter in different areas of Sundargarh Municipality"** on the top of the envelope.
Last date of receipt of Quotation: 11.11.2022 upto 04.00 P.M.
Date of Opening of Quotation: 14.11.2022 at 11.30 A.M.
The authority reserves the right to accept or reject any proposals without assigning any reason thereof.
OIPR-13130/11/0020/2223 Sd./- Executive Officer, Sundargarh Municipality

HOUSING AND URBAN DEVELOPMENT DEPARTMENT
OFFICE OF THE MUNICIPAL COUNCIL:BARGARH
AT/PO/DIST.: BARGARH,PIN-768028
Ph.:06646:234347,Fax:06646:234347, Website:www.bargarhmunicipality.in, e-mail:bargarhmunicipality.eo@gmail.com
Letter No.2712/BMC Date:08.06.2022
No.C-1491: INVITATION FOR BIDS
BID IDENTIFICATION No. 3/BGH-MUN/2022-23

| | | |
|---|---|---|
| 1 | Nature of Work | Electrical Work |
| 2 | No. of Work | 4 Nos. |
| 3 | Amount put to tender (in lakh) | As per DTCN |
| 4 | Bid Cost | As per DTCN |
| 5 | Class of Contractor | HT & LT |
| 6 | Availability of Bids documents in website | From 11.00 Hrs. Dt.09.06.2022 to 17.30 Hrs. Dt.18.06.2022 |
| 7 | Date of Opening of Bid | Dt.20.06.2022 11.00 Hrs. |

The bidder have to participate in ONLINE bidding only. Further details can be seen from the website i.e., http://tenderodisha.gov.in and Bargarh Municipality Website i.e., http://www.bargarhmunicipality.in. Any addendum/corrigendum/cancellation of tender can also be seen only in the said website.
OIPR-13103/11/0017/2223 Sd./-Executive Officer, Bargarh Municipality

OFFICE OF THE EXECUTIVE ENGINEER
MINOR IRRIGATION DIVISION, JASHIPUR
GOVERNMENT OF ODISHA
No.A-678: "e"-PROCUREMENT NOTICE
BID IDENTIFICATION No: 06 MID (JSP/2022-23)
1. Name of the Inviting Officer :- Executive Engineer, Minor Irrigation Division, Jashipur
2. Name of the Work :- Construction of Check Dams in different Blocks of Mayurbhanj District.
3. No. of Works :- 2 (Two) Nos.
4. Tender Amount Varies From :- 37.73 lakh to 49.53 lakh
5. Date and Time of Availability of BID Document in the Portal for online Bidding from :- 10.00 Hrs. Dt.04.11.2022 to 17.00 hrs Dt.14.11.2022
6. Last Date and Time of receipt of Bids in the Portal :- 17.00hrs Dt.14.11.2022
7. Last Date and Time for clarification up to :- 17.00 hrs Dt.10.11.2022
8. Date of opening of Bid :- 11.00 hrs onwards Dt.15.11.2022
**The detail tender call notice can also be seen in the DOWR website: http://dowrorissa.gov.in**
Name & Address of the OIT : Executive Engineer, M.I. Division, Jashipur, At/PO-Khairi /Dist: Mayurbhanj, PIN-757091, E-Mail:- eemijashipur@yahoo.com
Further details can be seen from the : **http://tenderorissa.gov.in** e-Procurement market place.
• Subsequent corrigendum/addendum if required shall be available in the above portal.
• The tender inviting authority reserves the right to reject/cancel any or all tenders without assigning any reason thereof.
Sd./- 28.10.2022
OIPR-32282/11/0004/2223 Executive Engineer, M.I Division, Jashipur

ODISHA PVTG EMPOWERMENT & LIVELIHOODS IMPROVEMENT PROGRAMME
ST & SC DEVELOPMENT DEPARTMENT
2nd Floor, TDCCOL Building, Rupali Square, Bhubaneswar- 751022
Notice No.3590/Date:02.11.2022
ENGAGEMENT OF PROGRAMME OFFICER (LIVELIHOODS & CONVERGENCE)
**No.CAD-2400:**Programme Director, OPELIP invites applications from eligible candidates for engagement of "Programme Officer- Livelihoods & Convergence" in PMU, OPELIP on short term basis to be positioned at PMU, OPELIP, 2nd floor, TDCCOL Building, Rupali Square, Bhubaneswar - 751022. Application form along with the detailed ToR can be downloaded from our official website i.e. www.opelip.org. Last date of receipt of applications by post/courier only **14th November, 2022 at 05.00 PM.** Application beyond the dateline will not be considered.
Only shortlisted candidates will be called for Interview for empanelment Programme Director, OPELIP reserves the right of accepting or rejecting the applications without assigning any reason thereof.
OIPR-26024/11/0008/2223 Sd/-Programme Director

**ଆଇଡିବିଆଇର ଅମୃତ ମହୋତ୍ସବ ଜମା ଅଫର**

**ନୂଆଦିଲ୍ଲୀ:** ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ଅମୃତ ମହୋତ୍ସବ ଜମାର ଆଉ ଏକ ଭାରିଆଣ୍ଟକୁ ନିକଟରେ ଉନ୍ମୋଚନ କରାଯାଇଛି। ଏକ ସୀମିତ ସମୟ ପାଇଁ ଉକ୍ତ ଜମା ଉପରେ ଆକର୍ଷଣୀୟ ଅଫର ଗ୍ରାହକଙ୍କୁ ଦିଆଯାଉଛି। ଏପରିକି ମାତ୍ର ୭୦୦ଦିନରେ ୭.୫୦% ସୁଧ ହାରରେ ସର୍ବାଧିକ ସୁବିଧା ପ୍ରଦାନ କରାଯାଉଛି। ଏହା ସହ ୫୫୫ ଦିନିଆ ଅମୃତ ମହୋତ୍ସବ ଜମାରେ ମଧ୍ୟ ସୁଧ ହାରକୁ ୬.୫୦%ରୁ ବଢ଼ାଇ ସର୍ବାଧିକ ୭% କୁ ବୃଦ୍ଧି କରାଯାଇଛି।

# ୫% ବୃଦ୍ଧି ପାଇଛି ଓଡ଼ିଶାରେ ଜିଏସ୍‌ଟି ସଂଗ୍ରହ

**କଟକ,୨।୧୧**




ଚଳିତ ବର୍ଷ ଅକ୍ଟୋବରରେ ରେକର୍ଡ ପରିମାଣର ଟିକସ ଆଦାୟ ହୋଇଥିବା ଜଣାପଡ଼ିଛି। ଏପରିକି ୨୦୨୨ ଅକ୍ଟୋବରରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ସଂଗ୍ରହ ପ୍ରାୟ ୧.୫୨ ଲକ୍ଷ କୋଟି ଟଙ୍କା ହୋଇଥିବା କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ବର୍ଷ ଅକ୍ଟୋବରରେ ମୋଟ ୧,୫୧,୭୧୮କୋଟି ଟଙ୍କାର ଟିକସ (ଜିଏସ୍‌ଟି) ସଂଗ୍ରହ ହୋଇଥିବା ବେଳେ ଓଡ଼ିଶାରୁ ମଧ୍ୟ ଅକ୍ଟୋବରରେ ୩,୭୬୯ କୋଟି ଟଙ୍କାର ଅଧିକ ଜିଏସ୍‌ଟି ଆକାରରେ ସଂଗୃହୀତ ହୋଇଛି। ସେହିଭଳି ଗତବର୍ଷ ସମାନ ମାସ ତୁଳନାରେ ରାଜ୍ୟରେ ଜିଏସ୍‌ଟି ସଂଗ୍ରହ ୫% ପ୍ରତିଶତ ବୃଦ୍ଧି ପାଇଥିବା ଜଣାପଡ଼ିଛି। କାରଣ ୨୦୨୧ ଅକ୍ଟୋବରରେ ଓଡ଼ିଶାରୁ ୩,୫୯୩ କୋଟି ଟଙ୍କାର ଜିଏସ୍‌ଟି ଆଦାୟ ହୋଇଥିଲା। ଅପରପକ୍ଷରେ ଅକ୍ଟୋବରରେ ଜିଏସ୍‌ଟି ବାବଦକୁ ଓଡ଼ିଶା ମୋଟ ୩୭୬୯.୪୪ କୋଟି ଟଙ୍କା ସଂଗ୍ରହ କରିବାରେ ସଫଳ ହୋଇଛି। ଗତ ବର୍ଷ ସମାନ ସମୟ ମଧ୍ୟରେ ୩୫୯୩.୩୪ କୋଟି ଟଙ୍କା ସଂଗ୍ରହ ହୋଇଥିଲା। ସେହିପରି ଚଳିତ ଆର୍ଥିକ ବର୍ଷର ଅକ୍ଟୋବର ପର୍ଯ୍ୟନ୍ତ ସାମଗ୍ରିକ ମୋଟ ଜିଏସ୍‌ଟି ସଂଗ୍ରହ ୨୭,୯୦୧.୩୮ କୋଟି ଟଙ୍କା ରହିଥିବା ବେଳେ ଗତ ଆର୍ଥିକ ବର୍ଷର ଅକ୍ଟୋବର ପର୍ଯ୍ୟନ୍ତ ଏହାର ପରିମାଣ ୨୩,୮୯୭.୨୦ କୋଟି ଟଙ୍କା ରହିଥିଲା। ଫଳରେ ଏ କ୍ଷେତ୍ରରେ ମଧ୍ୟ ୧୬.୭୬% ଅଭିବୃଦ୍ଧି ଘଟିଛି। ତେବେ ସାମଗ୍ରିକ ରାଜ୍ୟ ଜିଏସ୍‌ଟି ସଂଗ୍ରହ କ୍ଷେତ୍ରରେ ଚଳିତ ଆର୍ଥିକ ବର୍ଷ ଅକ୍ଟୋବର ପର୍ଯ୍ୟନ୍ତ ୮,୨୬୪.୫୯ କୋଟି ଟଙ୍କା ସଂଗୃହୀତ ହୋଇଥିବା ବେଳେ ଗତ ଆର୍ଥିକ ବର୍ଷର ଏହି ଅବଧି ମଧ୍ୟରେ ୬,୮୧୯.୯୧ କୋଟି ଟଙ୍କା ସଂଗ୍ରହ ହୋଇଥିଲା। ଏ କ୍ଷେତ୍ରରେ ୨୧.୧୮% ଅଭିବୃଦ୍ଧି ଘଟିଛି। ଗତ ବର୍ଷ ତୁଳନାରେ ଚଳିତ ଆର୍ଥିକ ବର୍ଷର ଅକ୍ଟୋବର ପର୍ଯ୍ୟନ୍ତ କେନ୍ଦ୍ରୀୟ ଜିଏସ୍‌ଟି (ସିଜିଏସ୍‌ଟି), ସମନ୍ୱିତ ଜିଏସ୍‌ଟି (ଆଇଜିଏସ୍‌ଟି) ଏବଂ ଅତିରିକ୍ତ ଟିକସ କ୍ଷେତ୍ରରେ ସାମଗ୍ରିକ ବୃଦ୍ଧି ହାର ଯଥାକ୍ରମେ ୧୮.୯୧%, ୮.୧୩% ଏବଂ ୨୧.୧୦% ରହିଛି। ତେବେ ୨୦୨୨ ଅକ୍ଟୋବରରେ ଓଡ଼ିଶା ପାଖରେ ଥିବା ଜିଏସ୍‌ଟି ରାଜସ୍ୱ ସଂଗ୍ରହ ୧,୯୩୪.୭୦ କୋଟି ଟଙ୍କା ହୋଇଥିବା ବେଳେ ଗତ ବର୍ଷ ଅକ୍ଟୋବରରେ ଉକ୍ତ ପରିମାଣ ୧,୩୭୧.୦୯ କୋଟି ଟଙ୍କା ଥିଲା। ଏ କ୍ଷେତ୍ରରେ ମଧ୍ୟ ୪୧.୧୦% ଅଭିବୃଦ୍ଧି ଘଟିଛି। ସେହିପରି ଚଳିତ ଆର୍ଥିକ ବର୍ଷର ଅକ୍ଟୋବର ପର୍ଯ୍ୟନ୍ତ ରାଜ୍ୟ ପାଖରେ ଥିବା ସାମଗ୍ରିକ ଜିଏସ୍‌ଟି ରାଜସ୍ୱ ସଂଗ୍ରହ ପରିମାଣ ୧୦,୪୪୪.୫୮ କୋଟି ଟଙ୍କା ହୋଇଥିବା ବେଳେ ୨୦୨୧ ଅକ୍ଟୋବର ପର୍ଯ୍ୟନ୍ତ ଏହି ପରିମାଣ ୯,୦୫୨.୬୧ କୋଟି ଟଙ୍କା ହୋଇଥିଲା। ଏ କ୍ଷେତ୍ରରେ ମଧ୍ୟ ୧୫.୩୮% ଅଭିବୃଦ୍ଧି ଘଟିଛି। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ଅକ୍ଟୋବରରେ ପେଟ୍ରୋଲ ଓ ମଦରୁ ୮୭୭.୩୮ କୋଟି ଟଙ୍କାର ଭାଟ୍ ରାଜସ୍ୱ ଆଦାୟ କରାଯାଇଥିବା ବେଳେ ଗତ ବର୍ଷ ଅକ୍ଟୋବରରେ ଏହି ପରିମାଣ ୭୨୬.୭୪ କୋଟି ଟଙ୍କା ଥିଲା। ଫଳରେ ଭାଟ୍ ରାଜସ୍ୱ ଆଦାୟ କ୍ଷେତ୍ରରେ ଗତ ବର୍ଷ ତୁଳନାରେ ୨୦.୭୧% ବୃଦ୍ଧି ହୋଇଛି। ଏଥିମଧ୍ୟରୁ ପେଟ୍ରୋଲଜାତ ସାମଗ୍ରୀ କ୍ଷେତ୍ରରେ ୧୭.୯୪% ଅଭିବୃଦ୍ଧି ଘଟିଥିବା ବେଳେ ମଦ କ୍ଷେତ୍ରରେ ୩୦.୪୧% ଅଭିବୃଦ୍ଧି ଘଟିଛି। ସୂଚନାଯୋଗ୍ୟ, ଚଳିତ ଆର୍ଥିକ ବର୍ଷର ଅକ୍ଟୋବର ପର୍ଯ୍ୟନ୍ତ ମୋଟ ୨୮.୨୩୪ ଜଣ ଟିକସଦାତାଙ୍କୁ ଜିଏସ୍‌ଟି ପରିସରଭୁକ୍ତ କରାଯାଇଥିବାବେଳେ ଗତ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ୨୭.୯୨୦ ଜଣ ଟିକସଦାତାଙ୍କୁ ଜିଏସ୍‌ଟି ପରିସରଭୁକ୍ତ କରାଯାଇଥିଲା ବୋଲି ବାଣିଜ୍ୟ କର ଏବଂ ଜିଏସ୍‌ଟି କମିଶନରଙ୍କ କଟକ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ୟୁକୋ ବ୍ୟାଙ୍କ ପକ୍ଷରୁ ସତର୍କତା ସଚେତନତା ସପ୍ତାହ




**ଭୁବନେଶ୍ୱର,୨।୧୧**

ୟୁକୋ ବ୍ୟାଙ୍କର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ 'ସତର୍କତା ସଚେତନତା ସପ୍ତାହ' ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ଆଞ୍ଚଳିକ କାର୍ଯ୍ୟାଳୟ ଓ ଶାଖା କାର୍ଯ୍ୟାଳୟର କର୍ମଚାରୀମାନେ ମଧ୍ୟ ଶପଥ ଗ୍ରହଣ କରିଥିଲେ। ଏପରିକି ବ୍ୟାଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଛି। ସେହିଭଳି ସତର୍କତା ସପ୍ତାହ ଉପଲକ୍ଷେ ସ୍ଥାନୀୟ ପୋଖରୀପୁଟସ୍ଥିତ ଡିଏଭି ସ୍କୁଲର ପିଲାମାନଙ୍କ ମଧ୍ୟରେ 'ପ୍ରିଭେଣ୍ଟିଭ ଭିଜିଲାନ୍ସ' ବିଷୟବସ୍ତୁ ଉପରେ ଏକ ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଯାଇଛି। ବିଶେଷ କରି ଆଞ୍ଚଳିକ କାର୍ଯ୍ୟାଳୟରେ ମଧ୍ୟ ଏକ କୁଇଜ୍ ଓ ସ୍ଲୋଗାନ ଲିଖନ ପ୍ରତିଯୋଗିତା ସହ ଏକ ୱାକାଥନର ମଧ୍ୟ ଆୟୋଜନ କରାଯାଇଥିଲା। ଉକ୍ତ ୱାକାଥନ ବ୍ୟାଙ୍କର ଆଞ୍ଚଳିକ କାର୍ଯ୍ୟାଳୟରୁ ସ୍ଥାନୀୟ ରାଜମହଲ ସ୍କୋୟାର ଦେଇ ମାଷ୍ଟର କ୍ୟାଣ୍ଟିନ ରେଲ୍‌ୱେ ଷ୍ଟେଶନ ପର୍ଯ୍ୟନ୍ତ ଯାଇ ପୁନର୍ବାର ଆଞ୍ଚଳିକ କାର୍ଯ୍ୟାଳୟକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଏହି ଅବସରରେ ବ୍ୟାଙ୍କର ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ଗୌତମ ପାତ୍ର, ଉପ ମହାପ୍ରବନ୍ଧକ ରମେଶ ଚନ୍ଦ୍ର ସାହୁ, ଉପ ମହାପ୍ରବନ୍ଧକ ସୁଭାଷ ଚନ୍ଦ୍ର ମହାପାତ୍ର, ସହାୟକ ମହାପ୍ରବନ୍ଧକ ଲିଙ୍ଗରାଜ ନାୟକ, ସହାୟକ ମହାପ୍ରବନ୍ଧକ ଦୀପ୍ତି ସେନାପତିଙ୍କ ସମେତ ବ୍ୟାଙ୍କର ଆଞ୍ଚଳିକ କାର୍ଯ୍ୟାଳୟ ବିଲ୍ଡିଂର ସମସ୍ତ କର୍ମଚାରୀ ତଥା ଭୁବନେଶ୍ୱରର ପ୍ରମୁଖ ଶାଖାର ସବୁ ବର୍ଗର କର୍ମଚାରୀ ମଧ୍ୟ ଉକ୍ତ ୱାକାଥନ୍‌ରେ ଯୋଗ ଦେଇଥିଲେ।

## ଶୁଭ୍ରକାନ୍ତ ଫିକିର ପରବର୍ତ୍ତୀ ସଭାପତି



ଶୁଭ୍ରକାନ୍ତ ପଣ୍ଡା

**ମୁମ୍ବାଇ,୨।୧୧**

ଫେଡେରେଶନ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ(ଫିକି)ର ପରବର୍ତ୍ତୀ ସଭାପତି ଭାବେ ଇମ୍ଫାର ଏମ୍‌ଡି ଶୁଭ୍ରକାନ୍ତ ପଣ୍ଡା ମନୋନୀତ ହୋଇଥିବା ଜଣାପଡ଼ିଛି। ଏପରିକି ବୁଧବାର ମୁମ୍ବାଇଠାରେ ଆୟୋଜିତ ଫିକିର ଜାତୀୟ କାର୍ଯ୍ୟନିର୍ବାହୀ ବୈଠକରେ ଏ ନେଇ ନିଷ୍ପତ୍ତି ହୋଇଥିବା ସହ ଏ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ସେହିଭଳି ଆସନ୍ତା ଡିସେମ୍ବର ୧୬ ଓ ୧୭ ତାରିଖରେ ହେବାକୁ ଥିବା ଫିକିର ୯୫ତମ ବାର୍ଷିକ ସାଧାରଣ ବୈଠକରେ ପଣ୍ଡା ସଭାପତି ଭାବେ ବର୍ତ୍ତମାନର ସଭାପତି ସଞ୍ଜୀବ ମେହେଟ୍ଟାଙ୍କଠାରୁ ଦାୟିତ୍ୱ ଗ୍ରହଣ କରିବେ ବୋଲି ଫିକି ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଶୁଭ୍ରକାନ୍ତ ବର୍ତ୍ତମାନ ଫିକିର ବରିଷ୍ଠ ଉପସଭାପତି ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି।

ଏ ସମ୍ପର୍କରେ ଶୁଭ୍ରକାନ୍ତ କହିଛନ୍ତି, ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଫିକି ଭଳି ଏକ ଅନୁଷ୍ଠାନକୁ ପରିଚାଳନା କରିବା ମୋ ପାଇଁ ଗୌରବର ବିଷୟ ଏବଂ ଭାରତର ଅର୍ଥନୈତିକ ଅଭିବୃଦ୍ଧି ଓ ସରକାରଙ୍କ ପକ୍ଷରୁ ଅର୍ଥନୈତିକ ସଂସ୍କାରମୂଳକ ଏଜେଣ୍ଡାକୁ ନେଇ ଆଗକୁ ବଢ଼ିବା ମୋର ପ୍ରାଥମିକ ଲକ୍ଷ୍ୟ ବୋଲି ସେ ମତବ୍ୟକ୍ତ କରିଥିଲେ। ସେହିପରି ପ୍ରଥମ ଓଡ଼ିଆ ଭାବେ ସେ ଫିକିର ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିବେ ବୋଲି ସୂଚନା ମିଳିଛି। ଗତ ୨୦ ବର୍ଷ ଧରି ସେ ଭାରତର ବିଭିନ୍ନ ଶିଳ୍ପସଂସ୍ଥା ସହ ଜଡ଼ିତ ରହିଛନ୍ତି।

## ଓଡ଼ିଶାରେ ଟିଭିଏସ୍ ଆଇକ୍ୟୁବ୍ ଇ-ସ୍କୁଟର ଉନ୍ମୋଚିତ




**ଭୁବନେଶ୍ୱର,୨।୧୧:** ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ଟିଭିଏସ୍ ମୋଟରର ନୂଆ ଟିଭିଏସ୍ ଆଇକ୍ୟୁବ୍ ଇଲେକ୍ଟ୍ରିକ୍ ସ୍କୁଟର ସିରିଜକୁ ଓଡ଼ିଶା ବଜାରରେ ଉନ୍ମୋଚନ କରାଯାଇଛି। ବୁଧବାର ସ୍ଥାନୀୟ ଡୁମ୍‌ଡୁମାଠାରେ ଅବସ୍ଥିତ ଏକ ହୋଟେଲ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କମ୍ପାନୀ ୩ଟି ଭାରିଆଣ୍ଟ 'ଟିଭିଏସ୍ ଆଇକ୍ୟୁବ୍, ଟିଭିଏସ୍ ଆଇକ୍ୟୁବ୍ ଏସ୍‌ଟି ଏବଂ ଟିଭିଏସ୍ ଆଇକ୍ୟୁବ୍ ଏସ୍‌ର ଅନାବରଣ ମଧ୍ୟ କରାଯାଇଛି। ଓଡ଼ିଶା ବଜାରରେ ଉକ୍ତ ଇ-ସ୍କୁଟରକୁ ବ୍ୟାପକ ଗ୍ରାହକ ସମର୍ଥନ ମିଳିବା ପରେ କମ୍ପାନୀ ତା'ର ବଜାର ପ୍ରବେଶ କରାଇଛି। ସେହିଭଳି ଉପରୋକ୍ତ ସ୍କୁଟରଗୁଡ଼ିକରେ ବ୍ୟାପକ ଇଣ୍ଟେଲିଜେଣ୍ଟ କନେକ୍ଟେଡ୍ ସୁବିଧା ସୁଯୋଗ ମଧ୍ୟ ରହିଛି। ଏଥିରେ ୭ ଇଞ୍ଚ୍ ଟିଏଫ୍‌ଟି ଟଚ୍‌ସ୍କ୍ରିନ୍ ଏବଂ କ୍ଲିନ୍ ୟୁଆଇ ସହ ଇନ୍‌ଫିନିଟି ଥିମ୍ ପର୍ସନାଲାଇଜେଶନ, ଭଏସ୍ ଆସିଷ୍ଟ ଏବଂ ଟିଭିଏସ୍ ଆଇକ୍ୟୁବ୍ ଆଲେକ୍ସା ସ୍କିଲ୍ ସେଟ୍, ମ୍ୟୁଜିକ୍ ପ୍ଲେୟାର କଣ୍ଟ୍ରୋଲ, ଓଟିଏ ଅପ୍‌ଡେଟ୍, ପ୍ଲଗ୍ ଆଣ୍ଡ ପ୍ଲେ କ୍ୟାରି ସହିତ ଚାର୍ଜିଂ, ଯାନ ସ୍ୱାସ୍ଥ୍ୟ ଓ ସୁରକ୍ଷା ନୋଟିଫିକେଶନ, ବିବିଧ ବ୍ଲୁଟୁଥ୍, କ୍ଲାଉଡ୍ କନେକ୍ଟିଭିଟି ବିକଳ୍ପ, ୩୨ ଲିଟର ଷ୍ଟୋରେଜ୍ ସ୍ଥାନ ଏବଂ ଆହୁରି ବହୁ କିଛି ବୈଶିଷ୍ଟ୍ୟ ସାମିଲ ରହିଛି।

ଏ ସମ୍ପର୍କରେ ଟିଭିଏସ୍ ମୋଟର କମ୍ପାନୀର ବରିଷ୍ଠ ଉପ ସଭାପତି (ଫ୍ୟୁଚର ମୋବିଲିଟି) ମନୁ ସାକ୍‌ସେନା କହିଛନ୍ତି, ସମ୍ପୂର୍ଣ୍ଣ ଆକର୍ଷଣୀୟ ନୂଆ ଟିଭିଏସ୍ ଆଇକ୍ୟୁବ୍ ସିରିଜ ଏକ ବଡ଼ ଗ୍ରାହକବର୍ଗଙ୍କୁ ଅଧିକ ବିକଳ୍ପ ପ୍ରଦାନ କରୁଛି। ନୂଆ ଟିଭିଏସ୍ ଆଇକ୍ୟୁବ୍‌ରେ ଉଚ୍ଚ ରେଞ୍ଜ ସହ ବିବିଧ ଚାର୍ଜିଂ ବିକଳ୍ପ ସୁବିଧା ରହିଛି ଏବଂ ଏହା ଶ୍ରେଣୀର ମଧ୍ୟ ଅଗ୍ରଣୀ ଡିସ୍‌ପ୍ଲେ ଓ ୟୁଆଇ ବିକଳ୍ପ ସହ ଆସିଛି। ସେହିପରି ଟିଭିଏସ୍ ଆଇକ୍ୟୁବ୍ ସିରିଜରେ ୩ଟି ଭାରିଆଣ୍ଟ ଥିବାବେଳେ ୧୧ଟି ରଙ୍ଗ ଏବଂ ୩ଟି ଚାର୍ଜିଂ ବିକଳ୍ପରେ ମଧ୍ୟ ଉପଲବ୍ଧ ହେଉଛି।

## ଓଜିବି ପକ୍ଷରୁ ସତର୍କତା ଜାଗରଣ ସପ୍ତାହ




**ଭୁବନେଶ୍ୱର,୨।୧୧**

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ (ଓଜିବି) ପକ୍ଷରୁ 'ସତର୍କତା ଜାଗରଣ ସପ୍ତାହ' ନିକଟରେ ପାଳିତ ହୋଇଯାଇଛି। ଏପରିକି ଓଜିବିର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ(କର୍ମଶାଳା)ରେ ଯୋଗଦେଇ ବ୍ୟାଙ୍କର ଅଧ୍ୟକ୍ଷ ମୋହନ.ଏମ୍ ବ୍ୟାଙ୍କର ସମସ୍ତ କର୍ମଚାରୀଙ୍କୁ ସଚ୍ଚୋଟତାର ସଂକଳ୍ପ ପାଠ କରାଇଥିଲେ। ବିଶେଷକରି 'ଭ୍ରଷ୍ଟାଚାର ମୁକ୍ତ ଭାରତ-ବିକଶିତ ଭାରତ'ର ବାର୍ତ୍ତା ନେଇ ଆୟୋଜିତ ଉକ୍ତ କର୍ମଶାଳାରେ ମୋହନ ଉପସ୍ଥିତ ସମସ୍ତ ଅଧିକାରୀ ତଥା କର୍ମଚାରୀଙ୍କୁ ଭ୍ରଷ୍ଟାଚାର ବିରୋଧରେ ଅଙ୍କୁଶ ଲଗାଇବା ସହ ବ୍ୟାଙ୍କ, ରାଷ୍ଟ୍ର ତଥା ସମାଜର ବିକାଶରେ ଭାଗୀଦାର ହେବାକୁ ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନଙ୍କୁ ସେ ପରାମର୍ଶ ଦେଇଥିଲେ। ସେହିଭଳି ଓଜିବିର ମହାପ୍ରବନ୍ଧକ ବ୍ରଜମୋହନ ଦାଶ ଉକ୍ତ ସଭାରେ ସଭାପତିତ୍ୱକରି ଭ୍ରଷ୍ଟାଚାର ନିବାରଣ ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ସତର୍କତା ବିଭାଗର ବରିଷ୍ଠ ପ୍ରବନ୍ଧକ ଅଲେଖ ପ୍ରସାଦ ବେହେରା ସଭା ପରିଚାଳନା କରିଥିଲେ।

## ଭୁବନେଶ୍ୱରରେ ଇନୋଭୋଏର ମୁଖ୍ୟାଳୟ ଉଦ୍‌ଘାଟିତ




**ଭୁବନେଶ୍ୱର,୨।୧୧**

ଅନ୍ତଃରାଷ୍ଟ୍ରୀୟ ହେଲ୍‌ଥ ଷ୍ଟାର୍ଟଅପ୍ ସଂସ୍ଥା (ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଅଗ୍ରଣୀ ଉତ୍ପାଦ ବିକାଶ କମ୍ପାନୀ) ଇନୋଭୋଏର କର୍ପୋରେଶନ ତା'ର ଭାରତ ମୁଖ୍ୟାଳୟକୁ ଭୁବନେଶ୍ୱରସ୍ଥିତ ଡିଏଲ୍‌ଏଫ୍ ସାଇବର ସିଟିଠାରେ ଶୁଭାରମ୍ଭ କରିଛି। ଏହି ଅବସରରେ ମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ସଚିବ ମନୋଜ କୁମାର ମିଶ୍ର, ସଫ୍ଟୱେର ଟେକ୍ନୋଲୋଜି ପାର୍କ ଭୁବନେଶ୍ୱରର ନିର୍ଦ୍ଦେଶକ ମାନସ ରଞ୍ଜନ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ଏ ସମ୍ପର୍କରେ ଇନୋଭୋଏର ସିଇଓ ପ୍ରଭାତ ରାଉତ କହିଛନ୍ତି, ଭୁବନେଶ୍ୱରରେ ଆମର ଭାରତ ମୁଖ୍ୟାଳୟ କରିଥିବାରୁ ଆମେ ଅତ୍ୟନ୍ତ ଆନନ୍ଦିତ। ଉକ୍ତ ସହରଟି ଅତ୍ୟନ୍ତ ବିକଶିତ ଏବଂ ବାସ୍ତବରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ମଧ୍ୟ ପ୍ରଦାନ କରୁଛି। ଆମେ ଲୋକଙ୍କୁ ସର୍ବୋତ୍ତମ ସୁବିଧା ଯୋଗାଇବା ପାଇଁ ପ୍ରତିଶ୍ରୁତିବଦ୍ଧ। ଏପରିକି ମୁଁ ନିଶ୍ଚିତ ଯେ ଭୁବନେଶ୍ୱରର ଆମର ସୁବିଧା ଆମ କର୍ମଚାରୀଙ୍କ ପାଇଁ ଏକ ଆଦର୍ଶ ପରିବେଶ ହେବ। ଉଲ୍ଲେଖଯୋଗ୍ୟ, ପ୍ରଭାତ ରାଉତ, ଲକ୍ଷ୍ମୀନରସିଂହ ଏବଂ ମୋହର ମନୋହର ମିଶ୍ର ଉକ୍ତ କମ୍ପାନୀର ସହ ପ୍ରତିଷ୍ଠାତା। ୨୦୦୯ରୁ କାର୍ଯ୍ୟାରମ୍ଭ କରି ନିଜର ସ୍ଥିତିକୁ ମଜଭୁତ କରିଥିବା ଏହି କମ୍ପାନୀ ଭୁବନେଶ୍ୱରରେ କିଛି ବର୍ଷ ମଧ୍ୟରେ ପ୍ରାୟ ୧୦୦୦ ଲୋକଙ୍କୁ ରୋଜଗାରକ୍ଷମ କରିବା ପାଇଁ ଲକ୍ଷ୍ୟ ରଖିଛି।

## ଖସିଲା ଶେୟାର ବଜାର

**ନୂଆଦିଲ୍ଲୀ,୨।୧୧**

ଲଗାତର ୪ ଦିନ ହେବ ଦଲାଲ ଷ୍ଟ୍ରିଟ୍‌ର କାରବାର ବୃଦ୍ଧି ପାଉଥିବା ବେଳେ ୫ମ ଦିନ ଅର୍ଥାତ୍ ବୁଧବାର ବଜାରର କାରବାର ହ୍ରାସ ପାଇଥିଲା। ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଏବଂ ଫେଡେରାଲର ରିଜର୍ଭର ସୁଧ ହାର ବୃଦ୍ଧି ଆଶଙ୍କା ମଧ୍ୟରେ ଭାରତୀୟ ଶେୟାର ବଜାରର କାରବାର ହ୍ରାସ ଘଟିଥିଲା। ଫଳରେ ଷ୍ଟକ୍ ବଜାରରେ ଏକ ପ୍ରକାର ନିରାଶା ବାତାବରଣ ସୃଷ୍ଟି ହୋଇଥିଲା। କାରଣ କ୍ରମାଗତ ୪ର୍ଥ ଦିନ ଲାଗି ଶେୟାର ବଜାରର ଫଳାଫଳ ଭଲ ରହିଥିଲା। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟଦିବସର ଫଳାଫଳ (ଶେୟାର ମାର୍କେଟ) ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ର ସେନ୍‌ସେକ୍ସ ୨୧୫ (୨୧୫.୨୬) ପଏଣ୍ଟ ଖସି ୬୦,୯୦୬ (୬୦,୯୦୬.୦୯) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୬୩ (୬୨.୫୫)ପଏଣ୍ଟ ହ୍ରାସ ଘଟି ୧୮,୦୮୩ (୧୮,୦୮୨.୮୫) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

## 'ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଆସିବା ଆବଶ୍ୟକ'

**ଭୁବନେଶ୍ୱର,୨।୧୧**



ପୂର୍ବତଟ ରେଳପଥ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବୁଧବାର ସ୍ଥାନୀୟ ରେଳ ସଦନଠାରେ ଏକ କର୍ମଶାଳା 'ବିକଶିତ ରାଷ୍ଟ୍ର ପାଇଁ ଦୁର୍ନୀତିମୁକ୍ତ ଭାରତ' ଶୀର୍ଷକ ବିଷୟବସ୍ତୁ ଉପରେ କର୍ମଶାଳାର ଆୟୋଜନ କରାଯାଇଥିଲା। ଏହି ଅବସରରେ ଓଡ଼ିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଆମର ଦୈନନ୍ଦିନ ଜୀବନରେ ଅଖଣ୍ଡତା ଏବଂ ସଚ୍ଚୋଟତା ଗୁରୁତ୍ୱପୂର୍ଣ୍ଣ। ସେହିଭଳି ପୂର୍ବତଟ ରେଳପଥର କାର୍ଯ୍ୟକାରୀ ମହାପ୍ରବନ୍ଧକ ଶରଦ କୁମାର ଶ୍ରୀବାସ୍ତବ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ, କାର୍ଯ୍ୟ ପରିବେଶରେ ଅଖଣ୍ଡତା ସହ ଆତ୍ମନିର୍ଭରଶୀଳ ହେବା ଏବଂ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସେହିଭଳି ବିଭିନ୍ନ ବିଭାଗର ପ୍ରମୁଖ ବିଭାଗୀୟ ଅଧିକାରୀ ମାନଙ୍କ ସହ ରେଳପଥର ବରିଷ୍ଠ ଉପମହାପ୍ରବନ୍ଧକ ତଥା ମୁଖ୍ୟ ସତର୍କତା ଅଧିକାରୀ ସଞ୍ଜୟ କୁମାର ମହାପାତ୍ର ମଧ୍ୟ ଉକ୍ତ ବିଷୟରେ ସେମାନଙ୍କର ବକ୍ତୃତା ରଖି କହିଥିଲେ , ଜଣେ କିପରି ଇଚ୍ଛାଠାରୁ ଊର୍ଦ୍ଧ୍ୱକୁ ଯାଇ ଆତ୍ମନିର୍ଭରଶୀଳ ହୋଇପାରିବ ସେଥିପ୍ରତି ଗୁରୁତ୍ୱାରୋପ କରିବା ଆବଶ୍ୟକ। ଏହାଦ୍ୱାରା ଏକ ବିକଶିତ ରାଷ୍ଟ୍ର ପାଇଁ ଏକ ଦୁର୍ନୀତି ମୁକ୍ତ ଭାରତ ଅପରିହାର୍ଯ୍ୟ ହୋଇପାରିବ। ପୂର୍ବରୁ ପୂର୍ବତଟ ରେଳପଥ ପକ୍ଷରୁ ଏହାର ସମସ୍ତ ଭାଗୀଦାରି, ହିତାଧିକାରୀ ଏବଂ ଯୋଗାଣକାରୀଙ୍କ ସହିତ ଏକ କଥୋପକଥନ ଅଧିବେଶନ ଆୟୋଜନ ହୋଇଯାଇଛି। ଏହାଦ୍ୱାରା ଗ୍ରାହକମାନଙ୍କ ସହିତ ଉତ୍ତମ ସମ୍ପର୍କ ଆଣିବା ସହ ଉଭୟ ରେଳବାଇ ଏବଂ ଶିଳ୍ପର ପ୍ରଗତିରେ ତଥା ଅଭିବୃଦ୍ଧିରେ ସାହାଯ୍ୟ କରିବା ସହିତ ସେମାନଙ୍କର ମତାମତ, ଅଭିଯୋଗର ସମାଧାନ ଇତ୍ୟାଦି ସମ୍ବନ୍ଧରେ ଆଲୋକପାତ କରାଯାଇଥିଲା। ବିଭିନ୍ନ ଶିଳ୍ପ ସଂସ୍ଥା ପ୍ରତିନିଧିମାନଙ୍କ ସହିତ ହିତାଧିକାରୀ ଏବଂ ରେଳ ଉପଭୋକ୍ତା ଯଥା ଇସ୍ପାତ କାରଖାନା, ବନ୍ଦର, ଯୋଗାଣକାରୀ, ବ୍ୟାଙ୍କ ଏବଂ କଣ୍ଟ୍ରାକ୍ଟରଙ୍କ ପ୍ରତିନିଧିମାନେ ଏହି ଇଣ୍ଟରାକ୍ଟିଭ୍ ଅଧିବେଶନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ଏବଂ ସେମାନଙ୍କର ମୂଲ୍ୟବାନ୍ ମତ ଏବଂ ପରାମର୍ଶ ଉପସ୍ଥାପନ କରିଥିଲେ। ପୂର୍ବତଟ ରେଳପଥ ମୁଖ୍ୟ ସତର୍କତା ଅଧିକାରୀ ତଥା ବରିଷ୍ଠ ଉପ ମହାପ୍ରବନ୍ଧକ ସଞ୍ଜୟ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ସଭା ପରିଚାଳନା ହୋଇଥିଲା।

## ଖିମ୍‌ଜୀ ରାଉରକେଲା ଷ୍ଟୋରର ୯ମ ବାର୍ଷିକ ଉତ୍ସବ

**ବାର୍ଷିକ ଉତ୍ସବରେ ଆକର୍ଷଣୀୟ ରିହାତି ଅଫର**

KHIMJI®
Jewellers since 1936

ଭୁବନେଶ୍ୱର,୨।୧୧

ରାଜ୍ୟର ସର୍ବପୁରାତନ ଅଳଙ୍କାର ପ୍ରତିଷ୍ଠାନ ଖିମ୍‌ଜୀ ଜୁଏଲର୍ସର ରାଉରକେଲା ଷ୍ଟୋରର ୯ମ ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଷ୍ଟୋର ପକ୍ଷରୁ ଆକର୍ଷଣୀୟ ରିହାତି ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ଖିମ୍‌ଜୀ ଜୁଏଲର୍ସର ମୂଲ୍ୟବାନ୍ ଗ୍ରାହକଙ୍କ ପାଇଁ ସୁନା ଅଳଙ୍କାରର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ୍ ୩୦% ରିହାତି ଦିଆଯାଉଛି। ସେହିଭଳି ହୀରା ଅଳଙ୍କାର ଉପରେ ଫ୍ଲାଟ୍ ୨୦%ର ମନଲୋଭା ଅଫର ମଧ୍ୟ ଗ୍ରାହକଙ୍କୁ ପ୍ରଦାନ କରାଯାଉଛି। ଏହି ଅଫର ଚଳିତ ବର୍ଷ ନଭେମ୍ବର ୬ ପର୍ଯ୍ୟନ୍ତ କେବଳ ରାଉରକେଲା ଷ୍ଟୋର ପାଇଁ ବୈଧ ରହିଛି।

ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ଇସ୍ପାତ ନଗରରେ ସଫଳତାର ୯ମ ବର୍ଷ ପାଳନ କରି ଆମେ ବେଶ୍ ଆନନ୍ଦିତ। ଏହି ବର୍ଷଗୁଡ଼ିକରେ କ୍ରମାଗତ ଭାବେ ଆମକୁ ବିଶ୍ୱାସକରି ଏବଂ ଏହାକୁ ସମଗ୍ର ରାଉରକେଲାରେ ସବୁଠାରୁ ଅଧିକ ଆଦୃତ ଅଳଙ୍କାର ବ୍ରାଣ୍ଡ ଭାବେ ପରିଣତ କରିଥିବାରୁ ଆମର ମୂଲ୍ୟବାନ୍ ଗ୍ରାହକଙ୍କ ନିକଟରେ ଆମେ କୃତଜ୍ଞ ବୋଲି ସେ ମତପ୍ରକାଶ କରିଛନ୍ତି। ସେହିପରି ଏହି ଅଫର ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଭଲ ପାଇବାର ଏକ ପ୍ରତୀକ ଏବଂ ମୁଁ ଆଶା କରୁଛି ଆମ ଗ୍ରାହକମାନେ ନିଶ୍ଚୟ ଏହାର ଲାଭ ଉଠାଇବେ। ଆଗାମୀ ଦିନରେ ଖିମ୍‌ଜୀ ଜୁଏଲର୍ସ ଅଧିକରୁ ଅଧିକ ଗ୍ରାହକମାନଙ୍କୁ ସେବା ଯୋଗାଇ ସେମାନଙ୍କ ସହ ନିଜର ଅଭିବୃଦ୍ଧି ଯାତ୍ରା ଜାରି ରଖିବ। ଉଲ୍ଲେଖଯୋଗ୍ୟ, ୬,୦୦୦ ବର୍ଗଫୁଟ ପରିମିତ ସ୍ଥାନରେ ପ୍ରତିଷ୍ଠିତ ଏହି ଷ୍ଟୋରରେ ଗ୍ରାହକଙ୍କ ପାଇଁ ସୁନା, ହୀରା, ରୁପା ଓ ପ୍ଲାଟିନମ୍ ଅଳଙ୍କାର ସହ ଫ୍ୟାଶନ ସାମଗ୍ରୀର ଏକ ବୃହତ୍ ସମ୍ଭାର ଉପଲବ୍ଧ। ଏହା ସହ ଷ୍ଟୋରରେ ସାର୍ଟିଫାଏଡ ହୀରା ଏବଂ ୧୦୦% ବିଆଇଏସ୍ ହଲ୍‌ମାର୍କ ସୁନା ଅଳଙ୍କାର ସହ ରତ୍ନ, ଉଚ୍ଚମାନର ଘଣ୍ଟା, ଆସେସୋରିଜ୍ ଏବଂ ଅନ୍ୟାନ୍ୟ ସାମଗ୍ରୀର ସଂଗ୍ରହ ମଧ୍ୟ ରହିଛି।

## ୧୬ ରୁ ୪ ଦିନିଆ ଶିଳ୍ପ ପ୍ରଦର୍ଶନୀ

**ଭୁବନେଶ୍ୱର,୨।୧୧**

ଦେଶର ପ୍ରମୁଖ ଶିଳ୍ପସଂସ୍ଥା କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ସିଆଇଆଇ) ପକ୍ଷରୁ ୪ ଦିନିଆ ଶିଳ୍ପ ପ୍ରଦର୍ଶନୀ ନଭେମ୍ବର ୧୬ରୁ ୧୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ସଂସ୍ଥା ପକ୍ଷରୁ ଘୋଷଣା କରାଯାଇଛି। ଏପରିକି ସଂସ୍ଥାର ଦ୍ୱିବାର୍ଷିକ ଅଭିଯାନ ଅନୁଯାୟୀ ଗ୍ଲୋବାଲ ମାଇନିଂ ସମିଟ୍ (ଜିଏମ୍‌ଏସ୍) ସମେତ ଇଣ୍ଟରନ୍ୟାଶନାଲ ମାଇନିଂ ଆଣ୍ଡ ମେଶିନେରି ଏଗ୍‌ଜିବିଶନ (ଆଇଏମ୍‌ଏମ୍‌ଇ) ର ଆୟୋଜନ ମଧ୍ୟ କୋଲକାତାର ରାଜରହାଟ୍‌ସ୍ଥିତ ଇକୋ ପାର୍କଠାରେ କରାଯିବ। ଉକ୍ତ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବା ଲାଗି ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱରର ଏକ ହୋଟେଲ ପରିସରରେ ମଧ୍ୟ ରୋଡ୍ ଶୋ'ର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟର ପ୍ରମୁଖ ଶିଳ୍ପସଂସ୍ଥା, ଶିଳ୍ପପତି ତଥା ଖଣି ଏବଂ ଖଣିଜ ବିଭାଗର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ।




ଏ ସମ୍ପର୍କରେ ସିଆଇଆଇ ଓଡ଼ିଶା ଷ୍ଟେଟ କାଉନସିଲ ଉପାଧ୍ୟକ୍ଷ ଶଶୀ ଶେଖର ମହାନ୍ତି କହିଛନ୍ତି, ଆଇଏମ୍‌ଏମ୍‌ଇ ଏବଂ ଜିଏମ୍‌ଏସ୍ ହେଉଛି ଖଣିଜ କ୍ଷେତ୍ରର ସର୍ବବୃହତ୍ କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟରୁ ଅନ୍ୟତମ। ସାରା ବିଶ୍ୱର ପାଖାପାଖି ୫୦୦ରୁ ଅଧିକ ପ୍ରଦର୍ଶନକାରୀ ଏଥିରେ ଅଂଶଗ୍ରହଣ କରିବା ସହ ସେମାନଙ୍କର ଉତ୍ପାଦ ଏବଂ ସମାଧାନଗୁଡ଼ିକୁ ପ୍ରଦର୍ଶିତ କରିବେ ବୋଲି ଆଶା କରାଯାଉଛି। ଏକ ଖଣି ସମୃଦ୍ଧ ରାଜ୍ୟ ଭାବେ ଉକ୍ତ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବା ଲାଗି ଆମେ ଭୁବନେଶ୍ୱରଠାରେ ଏହି ରୋଡ୍ ଶୋ'ର ଆୟୋଜନ କରିବାକୁ ନିଷ୍ପତ୍ତି ନେଇଥିଲି। ଫଳରେ ଏହା ମାଧ୍ୟମରେ ରାଜ୍ୟର ଖଣି ବ୍ୟବସାୟମାନେ ମଧ୍ୟ ଲାଭାନ୍ୱିତ ହୋଇପାରିବେ। ଏହି ପରିପ୍ରେକ୍ଷୀରେ ସିଆଇଆଇ ଓଡ଼ିଶା ଷ୍ଟେଟ କାଉନସିଲ ଉପାଧ୍ୟକ୍ଷ ଶଶୀ ଶେଖର ମହାନ୍ତି, ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ଲିମିଟେଡ୍, ବୈଦେଶିକ ବ୍ୟାପାର ମୁଖ୍ୟ ସୁନୀଲ ପାଣ୍ଡେ, ସିଆଇଆଇ ଇଆର୍ ଏମ୍‌ଏସ୍‌ଏମ୍‌ଇ ସବ୍ କମିଟି ଅଧ୍ୟକ୍ଷ ରବି ତୋଡି, ନାଲ୍‌କୋ ପ୍ରଡକ୍ସନ ନିର୍ଦ୍ଦେଶକ ବିଜୟ କୁମାର ଦାସ, ଓଡ଼ିଶା ସରକାରଙ୍କ ଡାଇରେକ୍ଟୋରେଟ ଅଫ୍ ମାଇନ୍ସ ଏବଂ ଜିଓଲୋଜି, ମାଇନ୍ସର ଯୁଗ୍ମ ନିର୍ଦ୍ଦେଶକ ସଲିଳ କୁମାର ବେହେରା ଏବଂ ଟାଟା ଷ୍ଟିଲ୍ ମାଇନିଂ ଏମ୍‌ଡି ପଙ୍କଜ ସତିଜା, ଖଣିଜ ଉତ୍ତୋଳନ ଏବଂ ଖଣିଜ ଦ୍ରବ୍ୟ ବିଭାଗର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଛନ୍ତି। ଚଳିତ ବର୍ଷର ଗ୍ଲୋବାଲ ମାଇନିଂ ସମ୍ମିଳନୀ ୨୦୨୨ର ବିଷୟବସ୍ତୁ ହେଉଛି 'ଏକ ସ୍ଥାୟୀ ଭବିଷ୍ୟତ ଗଠନ ଦିଗରେ ଖଣିଜର ଭୂମିକା'। ଉକ୍ତ ସମ୍ମିଳନୀରେ ଭାରତର ଖଣିଜ କ୍ଷେତ୍ରରେ ଅଭିବୃଦ୍ଧି ଏବଂ ଉଦୀୟମାନଧାରାକୁ ଆଲୋକିତ କରିବାକୁ ଲକ୍ଷ୍ୟ ରଖାଯାଇଛି।

# କ୍ୱାର୍ଟର ଫାଇନାଲରେ ପ୍ରମୋଦ

ଭୁବନେଶ୍ୱର, ୨।୧୧
(କ୍ରୀଡ଼ା ପ୍ରତିନିଧି)



ଜାପାନର ଟୋକିଓରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡମିଣ୍ଟନ୍ ବିଶ୍ୱ ଚାମ୍ପିୟନଶିପ୍‌ର ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ବୁଧବାର ଅନୁଷ୍ଠିତ ମ୍ୟାଚରେ ସେ ଇଂଲଣ୍ଡର ୱିଲିୟମ ସ୍ମିଥଙ୍କୁ ୨୧-୫, ୨୧-୩ରେ ହରାଇ ଦେଇଛନ୍ତି। ନିଜ

**ଟୋକିଓ ପାରା ବ୍ୟାଡ୍‌ମିଣ୍ଟନ**

ଗ୍ରୁପ୍‌ର ଶ୍ରେଷ୍ଠ ଖେଳାଳିଭାବେ ନକ୍‌ଆଉଟରେ ପ୍ରବେଶ କରିଥିବା ପ୍ରମୋଦ ପ୍ରି- କ୍ୱାର୍ଟରରେ ବାଇପାଇ ସିଧାସଳଖ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ଡବଲ୍ସରେ ପ୍ରମୋଦ ଓ ମନୋଜ ସରକାର ଯୋଡ଼ି ପ୍ରଥମ ମ୍ୟାଚ୍‌ରେ ଭିଏଟନାମର ଭାନ ଥୁଓଙ୍ଗ ଏନ୍‌ଗୁଏନ ଓ ଡୁକ୍ ଟ୍ରୁଙ୍ଗ ଫାମ୍‌ଙ୍କୁ ୨୧-୯, ୨୧-୬ରେ ପରାସ୍ତ କରିଛନ୍ତି। ତେବେ ଅନ୍ୟତମ ଓଡ଼ିଆ ଖେଳାଳି ଦୀପ ରଞ୍ଜନ ବିଷୋୟୀ ବିଶ୍ୱ ଚାମ୍ପିୟନଶିପ୍‌ରୁ ବିଦାୟ ନେଇଛନ୍ତି। ଦୀପ୍ ରଞ୍ଜନ ଓ ଅର୍ବାଜ ଅନ୍‌ସାରୀ ଯୋଡ଼ି ଡବଲ୍ସର ପ୍ରଥମ ରାଉଣ୍ଡରେ ଥାଇଲାଣ୍ଡ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ହାରି ଯାଇଥିବାବେଳେ ବୁଧବାର ଇଣ୍ଡୋନେସିଆର ହିକମତ ରାମଦାନି ଓ ଉକୁନ ରୁକେଣ୍ଡିଙ୍କଠାରୁ ୧୪-୨୧,୧୨-୨୧ରେ ହାରି ଯାଇଛନ୍ତି। ୩ଟି ମ୍ୟାଚରୁ ଦ୍ୱିତୀୟ ପରାଜୟ ଯୋଗୁ ଦୀପ୍-ଅର୍ବାଜ ଯୋଡ଼ି ବିଦାୟ ନେବାକୁ ବାଧ ହୋଇଛନ୍ତି।

# ରାଜ୍ୟ ଫୁଟ୍‌ବଲ ଆସୋସିଏଶନକୁ ମିଳିବ ୨୪ ଲକ୍ଷ

ନୂଆଦିଲ୍ଲୀ, ୨।୧୧ (ପି.ଟି.)

ଦେଶରେ ରହିଥିବା ସମସ୍ତ ରାଜ୍ୟ ଫୁଟବଲ ଆସୋସିଏଶନଗୁଡ଼ିକୁ ବାର୍ଷିକ ୨୪ ଲକ୍ଷ ଟଙ୍କା ପ୍ରଦାନ କରିବ ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍ଏଫ୍)। ବୁଧବାର ସ୍ଥାନୀୟ ଫୁଟବଲ ହାଉସରେ ଅଭିଜିତ୍ ପଲଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକ ପରେ ଏଆଇଏଫଏଫ୍‌ର ଉନ୍ନୟନ କମିଟି ପକ୍ଷରୁ ଏହି ପ୍ରସ୍ତାବ ଦିଆଯାଇଛି। ଏହି ଗ୍ରାଣ୍ଟକୁ ପୁରୁଷ ଓ ମହିଳା ଲିଗ୍, ୟୁଥ୍ ଲିଗ୍, ଅଫିସ୍, ଆସବାବପତ୍ର ଏବଂ ତୃଣମୂଳ ସ୍ତରରେ ବିକାଶ ପାଇଁ ବିନିଯୋଗ କରାଯିବ ବୋଲି ଏଆଇଏଫଏଫ୍ ପକ୍ଷରୁ ଜାରି ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି। ଏଆଇଏଫ୍ଏଫ୍ ପକ୍ଷରୁ ସମସ୍ତ ରାଜ୍ୟ ଆସୋସିଏଶନ୍‌ଗୁଡ଼ିକୁ ଏ ସମ୍ପର୍କିତ ପରିଚାଳନା ବୋର୍ଡ ଗଠନ ଏବଂ ଟେକ୍ନିକାଲ କୋ-ଅର୍ଡିନେଟର ନିଯୁକ୍ତି ନେଇ ମଧ୍ୟ ସହଯୋଗ କରାଯିବ। ଯଦି ପୂର୍ବରୁ ଏହି ପଦ ପାଇଁ ନିଯୁକ୍ତି ହୋଇଥାଏ ତେବେ ରାଜ୍ୟ ଆସୋସିଏଶନ୍ ଏହି ଗ୍ରାଣ୍ଟରୁ ଉକ୍ତ ଦୁଇ ନିଯୁକ୍ତି ପାଇଁ ମଧ୍ୟ ଅର୍ଥ ବ୍ୟୟ କରିପାରିବ।



ଏଆଇଏଫ୍ଏଫ୍ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ଏହି ଗ୍ରାଣ୍ଟ ପ୍ରଦାନ କରାଯିବା ପାଇଁ କ'ଣ ମାପଦଣ୍ଡ ରହିବ ତାହା ନିର୍ଦ୍ଧାରଣ କରିବା ଲାଗି ଏକ ୩ ଜଣିଆ କମିଟି ଗଠନ କରାଯାଇଛି। ମୁଲରାଜ ସିଂ ଚୁଡାସମା, ବିଜୟ ବାଲି ଓ ରତନ କୁମାର ସିଂ ମୋଇରେଙ୍ଗଥାମଙ୍କୁ ନେଇ ଗଠିତ କମିଟି ଗ୍ରାଣ୍ଟ ଆବଣ୍ଟନକୁ ନେଇ ଏହାର ଫାଇନାଲ ରିପୋର୍ଟ ନଭେମ୍ବର ୧୫ ସୁଦ୍ଧା ପ୍ରଦାନ କରିବ। ଏଆଇଏଫ୍ଏଫ୍‌ର ଭବିଷ୍ୟତ ଯୋଜନା ନିର୍ଦ୍ଧାରଣ ହେବା ପରେ ବିଭିନ୍ନ ରାଜ୍ୟ ଆସୋସିଏଶନ୍‌ଗୁଡ଼ିକ ପାଇଁ ରୋଡମ୍ୟାପ ପ୍ରସ୍ତୁତ ସହଜ ରହିବ। ଏହା ସହିତ 'ବ୍ରଦର ଷ୍ଟେଟ୍ ପ୍ରୋଗ୍ରାମ' ନାମକ ଏକ କାର୍ଯ୍ୟକ୍ରମ ଲଞ୍ଚ କରାଯାଉଛି, ଯେଉଁଥିରେ ଫୁଟବଲରେ ଭଲ ପ୍ରଦର୍ଶନ କରୁଥିବା ରାଜ୍ୟଗୁଡ଼ିକ ଏକ ବା ଏକାଧିକ ରାଜ୍ୟକୁ ଫୁଟବଲ ପରିଚାଳନା, ବିକାଶ, ଲିଗ୍ ଆୟୋଜନ ଓ ତୃଣମୂଳ ସ୍ତରରେ ବିକାଶ ପରି ବିଷୟରେ ସହଯୋଗ କରିପାରିବେ। ବିଭିନ୍ନ ରାଜ୍ୟର ଲିଗ୍ ଓ ୟୁଥ୍ ଲିଗକୁ ଲୋକପ୍ରିୟ କରିବା ପାଇଁ ଏହାକୁ ଫିଫା ପ୍ଲସ୍ ପ୍ଲାଟଫର୍ମରେ ଲାଇଭ୍ ଷ୍ଟ୍ରିମ୍ କରାଯିବ। ଏପରି କରିବା ଦ୍ୱାରା ରାଜ୍ୟ ଆସୋସିଏଶନଗୁଡ଼ିକୁ ଆର୍ଥିକ ସହାୟତା ମିଳିବା ସହିତ ଅଧିକ ଦର୍ଶକୀୟ ସପୋର୍ଟ ମଧ୍ୟ ମିଳିବ ବୋଲି କୁହାଯାଇଛି।

# ଜାତୀୟ ରାଇଫଲ ଶୁଟରଙ୍କ ପାଇଁ ତାଲିମ ଶିବିର

ଭୁବନେଶ୍ୱର, ୨।୧୧
(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରାଇଫଲ ଆସୋସିଏଶନ ଆନୁକୂଲ୍ୟରେ ଏକ ୮ ଦିନିଆ ଶୁଟିଂ ପ୍ରଶିକ୍ଷଣ ଶିବିର ଏଠାରେ ଆୟୋଜନ କରାଯିବ। ଜାତୀୟ ବନ୍ଧୁକ ଚାଳନା ପ୍ରତିଯୋଗିତା ପାଇଁ ମନୋନୀତ ରାଇଫଲ ଶୁଟରମାନେ ଏହି ଶିବିରରେ ପ୍ରଶିକ୍ଷଣ ନେବେ। ଅନ୍ତର୍ଜାତୀୟ ପଦକ ପ୍ରାପ୍ତ ଅଲମ୍ପିକ ଶୁଟର ତଥା ଅର୍ଜୁନ ପୁରସ୍କାର ପାଇଥିବା ମହାରାଷ୍ଟ୍ରର ଜାତୀୟ ଶୁଟିଂ କୋଚ୍ ଦୀପାଲି ଦେଶପାଣ୍ଡେ ଏହି ଶିବିରରେ ପ୍ରଶିକ୍ଷଣ ଦେବେ ବୋଲି ଓଡ଼ିଶା ରାଇଫଲ ସଂଘ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି। କୋଚ୍ ଦେଶପାଣ୍ଡେଙ୍କ ପ୍ରଶିକ୍ଷଣରେ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗୀ ସୃଷ୍ଟି ହୋଇଛନ୍ତି। ଓଡ଼ିଶାର ପ୍ରତିଷ୍ଠିତ ଶୁଟର ତଥା ଜାତୀୟ ଚାମ୍ପିୟନ ଶ୍ରୀୟଙ୍କା ଷଡଙ୍ଗୀଙ୍କୁ ମଧ୍ୟ କୋଚିଂ ଦେଉଛନ୍ତି ଦୀପାଲି। ତାଙ୍କ ପ୍ରଶିକ୍ଷଣରେ ଓଡ଼ିଶା ରାଇଫଲ ଶୁଟରମାନେ ଆସନ୍ତା ଜାତୀୟ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିବେ ବୋଲି ରାଜ୍ୟ ରାଇଫଲ ସଂଘର ପୃଷ୍ଠପୋଷକ ତଥା ଏନ୍ଆର୍ଏଆଇ (ଜାତୀୟ ରାଇଫଲ ସଂଘ)ର ବରିଷ୍ଠ ଉପସଭାପତି କଳିକେଶ ନାରାୟଣ ସିଂହଦେଓ ଆଶାବ୍ୟକ୍ତ କରିଛନ୍ତି। ଭବିଷ୍ୟତରେ ଏଭଳି ପଦକ୍ଷେପମାନ ଗ୍ରହଣ କରାଯାଇ ଓଡ଼ିଶା ଶୁଟରଙ୍କ ଦକ୍ଷତା ବୃଦ୍ଧି କରାଯିବ ବୋଲି ସେ କହିଛନ୍ତି।

**ପ୍ରଶିକ୍ଷଣ ଦେବେ ଅର୍ଜୁନ ପୁରସ୍କାରପ୍ରାପ୍ତ ଦୀପାଲି**



# ଧାୱନ ପଞ୍ଜାବ କିଙ୍ଗ୍ସ ଅଧିନାୟକ

**ନୂଆଦିଲ୍ଲୀ, ୨।୧୧ (ପି.ଟି.):** ଭାରତୀୟ ଦଳର ଭେଟେରାନ ଓପନର ଶିଖର ଧାୱନ ପଞ୍ଜାବ କିଙ୍ଗ୍ସର ଅଧିନାୟକ ଦାୟିତ୍ୱ ନେବେ। ଆସନ୍ତା ସିଜନରେ ମୟଙ୍କ ଅଗ୍ରୱାଲଙ୍କ ସ୍ଥାନରେ ଧାୱନ ଦଳର ନେତୃତ୍ୱ ନେବେ। ବୁଧବାର ଫ୍ରାଞ୍ଚାଇଜିର ବୋର୍ଡ ମିଟିଂରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ୩୧ ବର୍ଷୀୟ ମୟଙ୍କ ଗତ ସିଜନରେ ଦଳକୁ ପ୍ଲେ ଅଫ୍ ପହଞ୍ଚାଇବାରେ ବିଫଳ ହୋଇଥିଲେ। ଏହା ସହିତ ତାଙ୍କର ବ୍ୟାଟିଂ ମଧ୍ୟ ଆଶାନୁରୂପ ରହିନଥିଲା। ୧୬ ହାରରେ ସେ ମାତ୍ର ୧୯୬ ରନ୍ କରିଥିଲେ। ଅନ୍ୟପକ୍ଷରେ ଧାୱନଙ୍କ ନିକଟରେ ଉଭୟ ଆଇପିଏଲ୍ ଖେଳିବାର ଓ ଅଧିନାୟକ ରହିବାର ଅଭିଜ୍ଞତା ରହିଛି। ଏହ ସହ ବିଗତ ସିଜିନରେ ପଞ୍ଜାବ କିଙ୍ଗ୍ସ ପକ୍ଷରୁ ଧାୱନ ଏକମାତ୍ର ସଫଳ ଖେଳାଳି ରହିଥିଲେ। ୮.୨୫ କୋଟି ଟଙ୍କାରେ ତାଙ୍କୁ କିଣାଯାଇଥିବା ବେଳେ ୧୪ ମ୍ୟାଚରୁ ୩୮ ହାରରେ ସେ ୪୬୦ ରନ୍ କରିଥିଲେ। ତେବେ ଧାୱନଙ୍କୁ ଅଧିନାୟକତ୍ୱ ପ୍ରଦାନ କରାଯାଇଥିଲେ ହେଁ ମୟଙ୍କ ଅଗ୍ରୱାଲଙ୍କୁ ଦଳ ରିଟେନ୍ କରିବାକୁ ନିଷ୍ପତ୍ତି ନେଇଛି। ଧାୱନ ଆଇପିଏଲରେ ନିୟମିତ ଭଲ ପ୍ରଦର୍ଶନ କରୁଥିଲେ ହେଁ ତାଙ୍କୁ କେବଳ ଭାରତୀୟ ଦିନିକିଆ ଦଳରେ ସାମିଲ କରାଯାଉଛି।

# ଅଭିଷେକ ଅଧିନାୟକ, ଅମିନ୍, ମୁସ୍ତାକ ନୂଆ ମୁହଁ

**ଭୁବନେଶ୍ୱର, ୨।୧୧ (ସ୍ପୋର୍ଟ୍ସ ବ୍ୟୁରୋ):** ବିଜୟ ହଜାରେ ଟ୍ରଫି ୨୦୨୨-୨୩ ପାଇଁ ୧୬ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ବୁଧବାର ସିନିୟର ଚୟନ କମିଟି ବୈଠକ ପରେ ଘୋଷିତ ଦଳରେ ଅଭିଷେକ ରାଉତଙ୍କୁ ଅଧିନାୟକ ଘୋଷଣା କରାଯାଇଛି। ପ୍ରଥମ ଥର ପାଇଁ ଦିନିକିଆ ଦଳକୁ ଡାକରା ପାଇଛନ୍ତି ଅମିନ୍ ଖାନ୍ ଓ ମୁସ୍ତାକ ବେଗ୍। ମୁସ୍ତାକ ଏହା ପୂର୍ବରୁ ସୟଦ ମୁସ୍ତାକ ଅଲୀ ଟି୨୦ ଟୁର୍ନାମେଣ୍ଟ ଦଳରେ ଓଡ଼ିଶାର ସଦସ୍ୟ ରହିଥିଲେ। ଏହି ଟୁର୍ନାମେଣ୍ଟ ପାଇଁ ଓଡ଼ିଶା ଦଳ ମୁମ୍ବାଇ ଗସ୍ତ କରିବ। ଏହା ପୂର୍ବରୁ ଭ୍ରମଣକାରୀ ଝାଡଖଣ୍ଡ ଦଳ ସହିତ ନଭେମ୍ବର ୩ ଓ ୪ ତାରିଖରେ ଦୁଇଟି ଅଭ୍ୟାସ ମ୍ୟାଚ ଖେଳିବ ଓଡ଼ିଶା ଦଳ। ଓସିଏ ସଭାପତି ପ୍ରଣବ ପ୍ରକାଶ ଦାସ ଓ ସମ୍ପାଦକ ସଞ୍ଜୟ ବେହେରା ଏହି ଟୁର୍ନାମେଣ୍ଟ ପାଇଁ ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। **ଓଡ଼ିଶା ଦଳ:** କାର୍ତ୍ତିକ ବିଶ୍ୱାଳ, ଅଂଶୁମାନ ରଥ, ଶାନ୍ତନୁ ମିଶ୍ର, ଶୁଭ୍ରାଂସୁ ସେନାପତି, ଅଭିଷେକ ରାଉତ (ଅଧିନାୟକ), ରାକେଶ ପଟ୍ଟନାୟକ, ରାଜେଶ ଧୂପର, ଜୟନ୍ତ ବେହେରା, ରାଜେଶ ମହାନ୍ତି, ଅମିନ୍ ଖାନ୍, ତରଣୀ ସ, ସୌରଭ କନୋଜିଆ, ମୁସ୍ତାକ ବେଗ୍, ପ୍ରୟାଶ ସିଂ ଠାକୁର, ଦେବବ୍ରତ ପ୍ରଧାନ, ପ୍ରବୀଣ କୁମାର ଲୁହା।

# 'ବିଶ୍ୱକପ୍ ପାଇଁ ଉତ୍ସାହିତ ଥିଲି'

**ଆଡିଲେଡ୍, ୨।୧୧ (ପି.ଟି.):** ଅଷ୍ଟ୍ରେଲିଆରେ ଚଳିତ ବିଶ୍ୱକପ୍ ଆୟୋଜିତ ହେବାର ଖବର ପ୍ରକାଶ ହେବା ଦିନ ଠାରୁ ହିଁ ସେ ଖୁସି ଥିଲେ ବୋଲି କହିଛନ୍ତି ଭାରତୀୟ ଷ୍ଟାର ବ୍ୟାଟର ବିରାଟ କୋହଲି। ଚଳିତ ବିଶ୍ୱକପ୍‌ର ବାଂଲାଦେଶ ବିପକ୍ଷ ମ୍ୟାଚରେ ଅପରାଜିତ ୬୪ ରନର ଇନିଂସ ଖେଳି ପ୍ଲେୟର ଅଫ୍ ଦ ମ୍ୟାଚ ହେବା ପରେ କୋହଲି ନିଜ ପ୍ରତିକ୍ରିୟାରେ ଏମିତି କହିଛନ୍ତି। ଅଦ୍ୟାବଧି ବିଶ୍ୱକପ୍‌ର ୪ଟି ମ୍ୟାଚରୁ ୨୨୦ ଆଭରେଜ ସହିତ ସେ ୨୨୦ ରନ୍ କରି ରନସଂଗ୍ରହକାରୀଙ୍କ ତାଲିକାରେ ପ୍ରଥମ ସ୍ଥାନରେ ରହିଛନ୍ତି।

# ସୂର୍ଯ୍ୟକୁମାର ନମ୍ବର ୱାନ୍

ଦୁବାଇ, ୨।୧୧ (ପି.ଟି.)



କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ଥିବା ସୂର୍ଯ୍ୟକୁମାର ଯାଦବ ଆଇସିସି ଟି୨୦ ର୍‌ୟାଙ୍କିଙ୍ଗରେ ୧ ନମ୍ବର ସ୍ଥାନ ହାସଲ କରିଛନ୍ତି। ବୁଧବାର ପ୍ରକାଶିତ ଟି୨୦ ର୍‌ୟାଙ୍କିଙ୍ଗରେ ପାକିସ୍ତାନର ମହମ୍ମଦ ରିଜୱାନଙ୍କୁ ପଛରେ ପକାଇ ସେ ଏହି ସ୍ଥାନ ହାସଲ କରିଛନ୍ତି। ବିରାଟ କୋହଲିଙ୍କ ପରେ ଦ୍ୱିତୀୟ ଭାରତୀୟ ଖେଳାଳି ଭାବରେ ସୂର୍ଯ୍ୟକୁମାର ଟି୨୦ରେ ଏକ ନମ୍ବର ସ୍ଥାନ ହାସଲ କରିଛନ୍ତି। ସେପ୍ଟେମ୍ବର ୨୦୧୪ରୁ ଡିସେମ୍ବର ୨୦୧୭ ଯାଏ ଦୀର୍ଘ ୧୦୧୩ ଦିନ ଧରି କୋହଲି ଏକ ନମ୍ବର ସ୍ଥାନରେ ରହିଥିଲେ। ନେଦରଲାଣ୍ଡ୍ସ ବିପକ୍ଷରେ ୨୫ ବଲରୁ ୫୧ ରନର ଇନିଂସ ଖେଳିବା ସହିତ ରିଜୱାନଙ୍କୁ ପଛରେ ପକାଇଛନ୍ତି ସୂର୍ଯ୍ୟକୁମାର। ୨୦୨୧ ମାର୍ଚ୍ଚରେ ପଦାର୍ପଣ କରିବା ପରଠାରୁ ଭାରତ ପାଇଁ ୩୮ ଟି୨୦ ମ୍ୟାଚରୁ ୧ ଶତକ ଓ ୧୧ ଅର୍ଦ୍ଧଶତକ ସହିତ ୧୨୦୯ ରନ୍ କରିଛନ୍ତି। ସୂର୍ଯ୍ୟକୁମାର ୮୬୩ ରେଟିଂ ପଏଣ୍ଟ ସହିତ ପ୍ରଥମ ସ୍ଥାନରେ ଥିବା ବେଳେ ରିଜୱାନ (୮୪୨) ଓ ଡେଭନ୍ କନ୍‌ୱେ (୭୯୨) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ନ୍ୟୁଜିଲାଣ୍ଡର ଗ୍ଲେନ୍ ଫିଲିପ୍ସ ଶ୍ରୀଲଙ୍କା ବିପକ୍ଷରେ ୧୦୪ ଓ ଇଂଲଣ୍ଡ ବିପକ୍ଷରେ ୬୨ ରନ୍ ସହିତ ୫ଟି ସ୍ଥାନ ଉପରକୁ ଉଠି ସପ୍ତମ ସ୍ଥାନରେ ରହିଛନ୍ତି। ସେହିପରି ବାଂଲାଦେଶ ବିପକ୍ଷରେ ଶତକ ହାସଲକାରୀ ରାଇଲି ରୋଷୋ ୧୭ସ୍ଥାନ ଉପରକୁ ଉଠି କ୍ୟାରିୟର ଶ୍ରେଷ୍ଠ ଅଷ୍ଟମ ସ୍ଥାନରେ ରହିଛନ୍ତି।

ବୋଲରଙ୍କ ମଧ୍ୟରେ ଶ୍ରୀଲଙ୍କା ସ୍ପିନର ୱାନିନ୍ଦୁ ହସରଙ୍ଗା ୪ ସ୍ଥାନ ଉପରକୁ ଉଠି ପ୍ରଥମ ସ୍ଥାନରେ ପହଞ୍ଚିଛନ୍ତି। ତେବେ ଦ୍ୱିତୀୟ ସ୍ଥାନରେ ରହିଥିବା ରଶିଦ୍ ଖାନ୍ ମାତ୍ର ୩ ପଏଣ୍ଟ ପଛରେ ରହିଥିବାରୁ ଏହି ତାଲିକାରେ ବଡ ପରିବର୍ତ୍ତନ ଦେଖାଦେଇପାରେ। ଚଳିତ ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରୁଥିବା ଇଂଲଣ୍ଡର ସାମ୍ କୁରାନ ଦୁଇ ସ୍ଥାନ ଉପରକୁ ଉଠି ଷଷ୍ଠ ସ୍ଥାନରେ ପହଞ୍ଚିଛନ୍ତି। ଦକ୍ଷିଣ ଆଫ୍ରିକାର ଆନରିଚ୍ ନର୍ଜେ ୧୧ ସ୍ଥାନ ଉପରକୁ ଉଠି ୮ମ ସ୍ଥାନରେ ରହିଛନ୍ତି। ଭାରତୀୟ ବୋଲରଙ୍କ ମଧ୍ୟରେ ଅଶ୍ୱିନ୍ (୨୧ରୁ ୧୮) ଓ ଅର୍ଶଦୀପ ସିଂ (୨୭ରୁ ୧୬)ଙ୍କ ର୍‌ୟାଙ୍କିଙ୍ଗରେ ଉନ୍ନତି ଘଟିଛି।

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SAMBALPUR**
**TENDER CALL NOTICE**
**No. 372** **Date: 02.11.2022**
No. E-591: Sealed tenders are invited from registered Firms/ Suppliers/Manufacturers/Authorized Distributors for supply of **1. Refreshment Items** for Odisha Blood Centre, DHH, Sambalpur to CDM & PHO, Sambalpur. Details regarding items and terms and conditions may be downloaded from **www.sambalpur.nic.in**. The tenders should reach the office of the undersigned by **Dt.16.11.2022 upto 5 P.M. through Speed Post/Registered Post/Courier/By Hand only**. The tender will be opened on the **Dt.17.11.2022 at 12 Noon**. The undersigned reserves the right to reject any or all the tenders without assigning any reason thereof.
**Sd./- Chief District Medical & Public Health Officer, Sambalpur**
**OIPR-10049/11/0018/2223**

**GOVERNMENT OF ODISHA** **No. B-772**
**"e" PROCUREMENT NOTICE**
**WORKS DEPARTMENT**
**E-mail: ceroads.bbsr@gmail.com**
**Bid Identification No. CE-DPI&R-24/2022-23**
1. The Chief Engineer (DPI & Roads), Odisha on behalf of Governor of Odisha invites percentage rate bids in double cover system in ONLINE MODE from eligible contractors for Road work as mentioned below:
2. Nature of Work : Road works
3. No. of Work : 2 Nos.
4. Tender Paper Cost : Rs.10,000.00
5. Class of Contractor : Special Class/Super Class
6. Available of bid document in the website : From 10.00 A.M. of 04.11.2022 to 5.30 P.M. of 19.11.2022
7. Date of opening of Bid : Dt.21.11.2022 at 11.30 A.M.
8. The bidders have to participate in ONLINE bidding only. Further details can be seen from the website: **https://tenderodisha.gov.in**. Any addendum/corrigendum/cancellation of tender can also be seen in the said website.
**Sd./- Chief Engineer (DPI & Roads), Odisha**
**OIPR-34111/11/0054/2223**

**SAMBALPUR MUNICIPAL CORPORATION**
**NOTICE INVITING REQUEST FOR PROPOSAL (RFP)**
**No.C-1497:**Sealed Applications are invited for **"Selection of Registered Agency/ Registered Firm/Manpower provider Contractors/Manpower Providing Agency for Providing of Manpower on Outsourced Basis to Sambalpur Municipal Corporation"** in conformity with the Terms & Conditions of the detailed RFP notice in a two-cover system i.e. Technical and Financial proposal from intending applicants fulfilling the terms of eligibility laid down in the RFP document. Please refer to Website www.smcsambalpur.nic.in & www.sambalpur.nic.in for complete details and downloading the document. The document shall be available on the website from 01.11.2022. The Last date & time of submission of proposal is 16.11.2022 till 5:00 PM. For any queries please contact sambalpurm.hud@nic.in.
**Sd./- Municipal Commissioner**
**Sambalpur Municipal Corporation**
**OIPR-13122/11/0064/2223**

**The Odisha Small Industries Corporation Ltd.**
**(A Government of Odisha Undertaking)**
***(An ISO:9001:2008 certified Govt. Company)***
**Industrial Estate, Madhupatna, CUTTACK – 753 010. Odisha.**
**Tel No. : 0671-2341204 ,2342816 Fax : 0671-2341875/2342561**
e-mail: osicltd@gmail.com, osicmd@gmail.com, website: osicltd.in
**No. CAD-2391** OSIC GST No. 21AAACO2101M1Z1
**TENDER CALL NOTICE**
**Tender Notice No.4660/RE/OSIC** **Dt.02.11.2022**
The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for the works **"Supply and fixing of Solar, LED, High Max light and Solar Dual Pump under Biju KBK Plan 2021-22 (State Sector) in the District of Koraput"**. Tender details can be downloaded from the OSIC website **www.osicltd.in** Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/modifications will appear in OSIC Ltd. website **www.osicltd.in** only.
Sd/-
**GENERAL MANAGER(O)**
**OIPR-14073/11/0115/2223**

**ODISHA HYDRO POWER CORPORATION LIMITED**
**BALIMELA HYDRO ELECTRIC PROJECT:POST:BALIMELA:DIST:MALKANGIRI(ODISHA), PIN:764051**
Phones:06861-232581 (O)/232641 (R): Fax:06861-232541, E-mail:unit.head_balimela@yahoo.com
REGD. OFFICE: ODISHA HYDRO POWER CORPORATION LIMITED
(A Govt. of Odisha Undertaking)
ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK,JANPATH, BHUBANESWAR-751022
Tel:91-0674-2542983, 2542802, 2545526, Fax:2542102, GRAM HYDROPOWER, E-mail:ohpc_co@gmail.com/md@ohpcltd.com, Web:www.ohpcltd.com, CIN:U40101OR1995SGC003963, GSTIN: 21AAACO2575PIZ9
**TENDER CALL NOTICE No. BHEP/TECH/41/2022-23, Dtd.01.11.2022**
**No.CAD-2386:** Sealed tenders are invited in single part bid basis from the Electrical Contractors/ Firms/ Agencies fulfilling the eligibility criteria as per the tender specification as detailed below.

| Sl. No. | Description of Items | Cost of Tender Paper (In Rs.) | Period of Availability of Tender Paper | Last Date & Time for receipt of Tenders | Date & Time for Opening of Techno-commercial Bids |
|---|---|---|---|---|---|
| 1 | Supply, Installation, Testing & Commissioning of LED Street Lighting Project of BHEP, Balimela | Rs.2360/- inclusive of GST @ 18% | 09.11.2022 to 13.00 Hrs. of 23.11.2022 | 23.11.2022 upto 16.00 Hrs. | 23.11.2022 at 16.30 Hrs. |

For details of tender documents, Terms & Conditions, Eligibility Criteria and downloading, please visit our website at **www.ohpcltd.com.**
**OIPR-04019/11/0053/2223** **Sd./- C & P Head, BHEP, Balimela**

**PANCHAYAT SAMITI, MALKANGIRI**
**Dist. : Malkangiri. PIN- 764048 (ODISHA)**
**Ph No: 06861-231219, Fax: 06861-231219 E-mail-ori-bmalkangiri@nic.in**
**No.4060/2022** **TENDER CALL NOTICE NO.05/2022-23** **Date:01.11.2022**
**No.i-119:**The Block Development Officer, Malkangiri invites sealed tenders on behalf of Governor of Odisha from registered and eligible Contractors of the State P.W.D (R&B) / Water Resources / Rural Works / M.I. / C.P.W.D for the following works eventually to be drawn up in the P.W.D. F-2 forms in conformity with the Detailed Tender Call Notice.

| Sl. No. | Name of the G.P. | Name of the Work | Amount put to tender in rupees | Cost of tender paper in Rs. | E.M.D. in Rupees (1%) | Time for completion of the work in months | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Pedawada | Construction of Art / Craft Room at Pedawada UGHS | 923229/- | 4000/- | N.A | 04 (Four) Months | "D" & "C" |
| 2 | Pedawada | Construction of Additional Class Room (2 Nos) at Pedawada UGHS | 1852093/- | 6000/- | N.A | 06 (Six) Months | "D" & "C" |
| 3 | Pedawada | Construction of Library Room at Pedawada UGHS | 1159707/- | 6000/- | N.A | 06 (Six) Months | "D" & "C" |
| 4 | Pedawada | Construction of Science Lab at Pedawada UGHS | 987082/- | 4000/- | N.A | 04 (Four) Months | "D" & "C" |
| 5 | Pedakonda | Construction of Additional Class Room at Pedakonda UGHS | 919681/- | 4000/- | N.A | 04 (Four) Months | "D" & "C" |

**Sale of tender paper:** The tender documents can be seen from the Govt. website www.malkangiri.nic.in only from **3.11.2022 to 11.11.2022.** No Tender paper will be sold by the Block Office, Malkangiri or any other offices. Interested bidders will download the bid documents from the same website only i.e www.malkangiri.nic.in. **Place and date of receipt of tender Paper :**Panchayat Samiti, Malkangiri, **3.11.2022 to 14.11.2022** through Registered/Speed post only (office hour from 10.00 AM to 5.30 PM, Except Sunday and public holidays). **Place and date of opening of tender paper :**Panchayat Samiti, Malkangiri on **dt. 15.11.2022 at 3.00 PM. Mode of receipt of tender paper :**Registered/Speed post only.The authority reserves the right to reject any or all of the tenders without assigning any reasons thereof. The detailed information/corrigendum on tender call notice can be available in the District website http//www.malkangiri.nic.in only. **N.B: All Should go through the terms and conditions of Tender Call Notice and Detail Tender Call Notice before submission of Tender papers**.
**OIPR-19024/11/0001/2223** **Sd./- Block Development Officer, Malkangiri**

**RAMA DEVI WOMEN UNIVERSITY**
**VIDYA VIHAR, BHUBANESWAR-751022**
**ADMISSION NOTICE**
**No.CAD-2393:**Rama Devi Women's University, Bhubaneswar is inviting CPET- 2022 appeared candidates for admission in P.G. Programmes for the session 2022-23 against the Vacant seats following the guidelines of Department of Higher Education, Govt. of Odisha, vide its letter no.45064/HE, dt. 29.10.2022. For details visit www.rdwuniversity.nic.in
**OIPR-11031/11/0026/2223** **Sd./- Registrar**

**OFFICE OF THE SUPERINTENDENT, MAHARAJA KRISHNA CHANDRA GAJAPATI MEDICAL COLLEGE HOSPITAL, BRAHMAPUR-760004, GANJAM, ODISHA**
**Tel:0680-2292624, Fax:0680-2292752/E-mail:supdtmkcg@gmail.com, mkcgmchberhampur@gmail.com, Website:www.mkcgmch.org**
**No.15455 MCH/SK/2022** **Dt/Brahmapur the 2.11.22**
**2nd CORRIGENDUM TO THIS OFFICE TENDER CALL NOTICE No. 13339, DT. 22.09.2022**
**No.E-592:**The last date of receipt of tender is hereby extended up to 10.11.2022 (5.30 PM) and will be opened on 11.11.2022 (12.00 Noon). The tenderer should furnish the annual turnover certificate of last 3 years issued by the Chartered Accountant and minimum annual turnover should be Rs.1 Crore instead of Rs.3 Crores (each year).
The other terms and conditions remain unaltered.
**Sd./- Superintendent**
**OIPR-10028/11/0017/2223** **MKCG Medical College Hospital, Berhampur**

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER KEONJHAR (R&B) CIRCLE, KEONJHAR**
**No.4866/Date:31.10.2022**
**INVITATIONS FOR BIDS (IFB)**
**1st Corrigendum to Bid Identification No C.C.E.K.C.. Keonjhar No. 25/2022-23**
**No.B-773:The following changes are made to the works** invited vide Bid Identification No C.C.E.K.C., Keonjhar No. 25/2022-23 vide Letter No. 4798 dt. 27.10.2022.
1. The Period of Completion for the work "Widening road from Danga Chowk to Reserve Police end (Jail Road at Rourkela for the year 2022-23" at Sl No. 1 may be read as **6 (Six) Calendar months instead of 2 (Two) Calendar months.**
2. The Period of Completion for the work "Construction of Drain and Footpath of Industrial road at Rourkela for the year 2022-23" at Sl No. 2 may be read as **3 (Three) Calendar months instead of 2 (Two) Calendar months.**
**All other terms & conditions remained unchanged.**
**Sd./- Chief Construction Engineer Keonjhar (R&B) Circle, Keonjhar**
**OIPR-34033/11/0036/2223**

**OFFICE OF PANCHAYAT SAMITI, CHAMPUA**
**BID IDENTIFICATION No.: TCN No. 01/2022-23**
**No. 4346/DEV** No. i-120 **Dtd.31.10.2022**
1. The **Block Development Officer, Champua** invites sealed Percentage Rate tenders in Single Cover System and Double Cover System on behalf of Govt. of Odisha for the construction of works as detailed as cited in the Notice Board, from registered and eligible class of civil contractor of the State PWD/(R&B)/Water Resources/ Rural Works/MI/CPWD for the following works eventually to be drawn up in the P.W.D. P-1 Agreement form in conformity with the Detailed Tender Call Notice.
a) As per **Codal Provision works more than Rs.50.00 lakhs should be in Double Cover Mode** i.e. Cover-I contains (Technical Bid) Cover - II contains (Financial Bid) to be fill up separately indicating therein as "Cover - I and Cover - II" respectively and finally put together in one cover. After due scrutiny the Cover-II will be opened. **For Sl. No. 10, 17, 27 & 28 work experience certificate last 02 years to be produce (minimum upto Rs.40.00 lakhs)**. Those bidders have no experience certificate which the tender will be rejected.
**Technical Bid contains experience certificate with Tools like (Shuttering Plate, Mixture Machine, Water Tanker) either Own or Lease Basis**.
2. The tender papers (including tender call notice, approved tender schedule & DTCN) will be available in the office from **Dt.05.11.2022 to 14.11.2022 upto 1.00 P.M.**
3. Bids shall be received by this agency upto **4.00 P.M. on Date 17.11.2022** through Registered Post/Speed Post only. The authority will not be held responsible for any postal delay in delivering of the Bid documents or non-receipt of the same.
4. The bid will be opened on **Dt.18.11.2022 at 11.00 A.M.** in the office of the undersigned in the presence of the members of the District Level Tender/Purchase Committee and the bidders or their authorised representative. If the office happens to be closed on the date of receipt/opening of the bids as specified, above will be received/opened on the next working day at the same time and venue.
**Sd./- Block Development Officer, Champua**
**OIPR-19121/11/0002/2223**

## ବିଏମ୍‌ଡି ଇଣ୍ଟରସେପ୍ଟର ପର୍ଯ୍ୟାୟ-୨ର ପରୀକ୍ଷଣ



**ବାଲେଶ୍ୱର ଅଫିସ, ୨।୧୧:** ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ(ଡିଆରଡିଓ) ପକ୍ଷରୁ ପର୍ଯ୍ୟାୟ-୨ ବାଲିଷ୍ଟିକ ମିଶାଇଲ ଡିଫେନ୍ସ (ବିଏମ୍‌ଡି) ଇଣ୍ଟରସେପ୍ଟର ଏଡି-୧ର ପରୀକ୍ଷଣ ହୋଇଛି। ଭଦ୍ରକ ଜିଲା ଏପିଜେ ଅବଦୁଲ କଲାମ ଦ୍ୱୀପରୁ ବୁଧବାର ଏହି କ୍ଷେପଣାସ୍ତ୍ରର ପରୀକ୍ଷଣ କରାଯାଇଥିଲା। ଏଥିରେ ବିଭିନ୍ନ ସ୍ଥାନରେ ଥିବା ସମସ୍ତ ବିଏମ୍‌ଡି ଅସ୍ତ୍ର ପ୍ରଣାଳୀ ଉପକରଣକୁ ସାମିଲ କରାଯାଇଥିବା ବେଳେ ଏହା ସଫଳ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏଡି-୧ ହେଉଛି ଏକ ଦୀର୍ଘ ଦୂରଗାମୀ ଇଣ୍ଟରସେପ୍ଟର ବା ପ୍ରତିରୋଧୀ କ୍ଷେପଣାସ୍ତ୍ର। ପରୀକ୍ଷଣ ସମୟରେ ମୁତୟନ ରାଡାର, ଟେଲିମେଟ୍ରି ଓ ଇଲେକ୍ଟ୍ରୋ ଅପ୍ଟିକାଲ ଟ୍ରାକିଂ ଷ୍ଟେସନ ସମେତ ସଂଖ୍ୟାଧିକ ରେଞ୍ଜ ସେନ୍ସର ଦ୍ୱାରା ସଂଗୃହୀତ ତଥ୍ୟ, କ୍ଷେପଣାସ୍ତ୍ର ପ୍ରଣାଳୀର ପ୍ରଦର୍ଶନକୁ ପ୍ରମାଣିତ କରିଥିଲା। ଏଡି-୧ର ସଫଳ ପରୀକ୍ଷଣ ସହ ଜଡ଼ିତ ସମସ୍ତ ସହଯୋଗୀଙ୍କୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଅଭିନନ୍ଦନ ଜଣାଇଛନ୍ତି। ସେ ଏହାକୁ ଏକ ଅଭିନବ ଇଣ୍ଟରସେପ୍ଟର ଭାବେ ଅଭିହିତ କରିବା ସହ ବିଶ୍ୱର ମାତ୍ର କେତୋଟି ରାଷ୍ଟ୍ର ନିକଟରେ ଏହି କ୍ଷେପଣାସ୍ତ୍ର ଉପଲବ୍ଧ ଥିବା କହିଛନ୍ତି। ଏହା ଦେଶର ବାଲିଷ୍ଟିକ କ୍ଷେପଣାସ୍ତ୍ର ପ୍ରତିରକ୍ଷା କ୍ଷମତାକୁ ଆହୁରି ସୁଦୃଢ଼ କରିବ ବୋଲି ପ୍ରତିରକ୍ଷା ମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି। ଅପରପକ୍ଷେ ଏହି ସଫଳ ପରୀକ୍ଷଣ ପାଇଁ ପ୍ରତିରକ୍ଷା ଗବେଷଣା ଓ ବିକାଶ ବିଭାଗର ସଚିବ ଏବଂ ଡିଆରଡିଓର ଅଧ୍ୟକ୍ଷ ଡ. ସମୀର ଭି. କାମାତ୍ ନିଜର ସହଯୋଗୀଙ୍କୁ ଅଭିନନ୍ଦନ ଜଣାଇବା ସହ କହିଛନ୍ତି ଯେ, ବିଭିନ୍ନ ପ୍ରକାର ଟାର୍ଗେଟକୁ ଧ୍ୱଂସ କରିବାର କ୍ଷମତା ଏହି କ୍ଷେପଣାସ୍ତ୍ର ପ୍ରଣାଳୀ ନିକଟରେ ରହିଛି।

# ମାସକୁ ୭୩ ହଜାର ରୋଗୀ ସୁବିଧା ପାଉଛନ୍ତି

**ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସମୀକ୍ଷା**

- ସରକାର ଖର୍ଚ୍ଚ କରୁଛନ୍ତି ୧୬୫ କୋଟି
- ୫୦୦ ଘରୋଇ ହସ୍ପିଟାଲ ବିଏସ୍‌କେୱାଇ ଅନୁବନ୍ଧିତ

ଭୁବନେଶ୍ୱର,୨।୧୧(ବ୍ୟୁରୋ)

ବିଜୁସ୍ୱାସ୍ଥ୍ୟକଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ମାସକୁ ପ୍ରାୟ ୭୩ ହଜାର ରୋଗୀ ତାଲିକାଭୁକ୍ତ ହସ୍ପିଟାଲଗୁଡ଼ିକରେ ଚିକିତ୍ସା ପାଉଥିବା ବେଳେ ଏଥିପାଇଁ ରାଜ୍ୟ ସରକାର ମାସକୁ ୧୬୫ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସମୀକ୍ଷା କରିଛନ୍ତି। ସମୀକ୍ଷାରୁ ଜଣାଯାଇଛି, ରାଜ୍ୟର ୯୬.୫ ଲକ୍ଷ ପରିବାରକୁ ଏହି ଯୋଜନାରେ ସ୍ମାର୍ଟ ହେଲ୍‌ଥ କାର୍ଡ ଯୋଗାଇ ଦିଆଯାଇଛି। ଏହାଦ୍ୱାରା ରାଜ୍ୟର ୩.୩୦ କୋଟି ଲୋକ ଉପକୃତ ହେଉଛନ୍ତି। ହିତାଧିକାରୀମାନଙ୍କ ଚିକିତ୍ସା ପାଇଁ ଘରୋଇ ହସ୍ପିଟାଲଗୁଡ଼ିକୁ ତାଲିକାଭୁକ୍ତ କରାଯାଇଛି। ଏଥିରେ ପ୍ରତି ପରିବାରକୁ ବାର୍ଷିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ଦିଆଯାଉଛି। ମହିଳା ହିତାଧିକାରୀଙ୍କ କ୍ଷେତ୍ରରେ ଏହି ସୁବିଧା ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମିଳିପାରୁଛି।

ବର୍ତ୍ତମାନ ସୁଦ୍ଧା ୫୦୦ ଘରୋଇ ହସ୍‌ପିଟାଲକୁ ତାଲିକାଭୁକ୍ତ କରାଯାଇଛି। ସେଥିମଧ୍ୟରୁ ୯୮ଟି ବାହାର ରାଜ୍ୟର। ରାଜ୍ୟ ବାହାରେ ଥିବା ହସ୍ପିଟାଲଗୁଡ଼ିକ ମଧ୍ୟରେ ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ଟାଟା ମେମୋରିଆଲ ହସ୍ପିଟାଲ, ସିଏମ୍‌ସି ଭେଲୋର, ଶଙ୍କର କ୍ୟାନ୍‌ସର ହସ୍ପିଟାଲ ବାଙ୍ଗାଲୋର, ନାରାୟଣ ହୃଦୟାଳୟ ହସ୍ପିଟାଲ, ଫର୍ଟିସ ହସ୍ପିଟାଲ, ଆପୋଲ ହସ୍ପିଟାଲ ଇତ୍ୟାଦି ରହିଛନ୍ତି। ୧୭ଟି ରାଜ୍ୟରେ ଏହି ହସ୍ପିଟାଲଗୁଡ଼ିକ ବିଏସ୍‌କେୱାଇ ଯୋଜନାରେ ସେବା ଯୋଗାଇ ଦେଉଛନ୍ତି। ବିଭିନ୍ନ ତାଲିକାଭୁକ୍ତ ଡାକ୍ତରଖାନାରେ ଚିକିତ୍ସାଧୀନ ହିତାଧିକାରୀମାନଙ୍କ ସହିତ ବିଏସ୍‌କେୱାଇ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ଯୋଗାଯୋଗରେ ଅଛନ୍ତି। ରୋଗୀଙ୍କ ସନ୍ତୋଷ ହାର ୯୭ ପ୍ରତିଶତ ରହିଛି ବୋଲି ସମୀକ୍ଷାରୁ ଜଣାଯାଇଛି। ଏଥିସହିତ ରୋଗୀମାନଙ୍କ ଆଡ୍‌ମିଶନ ତଥା ଅନ୍ୟାନ୍ୟ ସହାୟତା ପାଇଁ ଏହି ଘରୋଇ ହସ୍ପିଟାଲଗୁଡ଼ିକରେ ସ୍ୱାସ୍ଥ୍ୟମିତ୍ରମାନଙ୍କୁ ରଖାଯାଇଛି।

## କୂଅରେ ପଡ଼ି ଗର୍ଭିଣୀ ହାତୀ ମୃତ



ମୃତ ହାତୀ।

ବିଶୋଇ,୨।୧୧(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ବନଖଣ୍ଡ ଅଧୀନ ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳ ସୀମାବର୍ତ୍ତୀ ଦଳେଇଡିହି ଗ୍ରାମ୍ୟ ଜଙ୍ଗଲ ନିକଟରେ ଥିବା ପରିତ୍ୟକ୍ତ କୂଅରେ ପଡ଼ି ଏକ ଗର୍ଭିଣୀ ହାତୀର ମୃତ୍ୟୁ ହୋଇଛି। ବନ କର୍ମଚାରୀଙ୍କ ଦ୍ୱାରା ମୃତଦେହ ଉଦ୍ଧାର ପରେ ବ୍ୟବଚ୍ଛେଦ କରାଯାଇଛି। ମୃତ ହାତୀର ବୟସ ୮ରୁ ୯ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ମଙ୍ଗଳବାର ରାତିରେ ୬ଟି ହାତୀ ଧାନ ଖାଇବା ଲାଗି ପାହାଡ଼ରୁ ଓହ୍ଲାଇବା ସମୟରେ ସେଥିମଧ୍ୟରୁ ଉକ୍ତ ଗର୍ଭିଣୀ ହାତୀଟି କୂଅରେ ପଡ଼ି ଯାଇଥିବା ବନବିଭାଗ କହିଛି।

ସୂଚନା ଅନୁଯାୟୀ, ବୁଧବାର ସ୍ଥାନୀୟ ଅଞ୍ଚଳର ଜଣେ ଚାଷୀ ଉକ୍ତ ପରିତ୍ୟକ୍ତ କୂଅ ମଧ୍ୟରେ ହାତୀ ପଡ଼ିଥିବା ଦେଖି ସରଗଡ଼ା ବନାଞ୍ଚଳ କାର୍ଯ୍ୟାଳୟକୁ ଖବର ଦେଇଥିଲେ। ବନପାଳ ଜୀବନବଲ୍ଲଭ ପାତ୍ର, ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ନଳିନୀକାନ୍ତ ବେହେରାଙ୍କ ସମେତ ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ସେଠୀ, ଏସିଏଫ୍ ନବୀନ ଚନ୍ଦ୍ର ନାଏକ, ବୈଦ୍ୟନାଥ ମାଝୀ, ରାଇରଙ୍ଗପୁର ରେଞ୍ଜ ଅଧିକାରୀ ସତ୍ୟବ୍ରତ ପଟ୍ଟନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି କୂଅ ମଧ୍ୟରୁ ହାତୀକୁ ଉଦ୍ଧାର କରିଥିଲେ। ପରେ ବିଜାତଳା ବ୍ଲକ ପ୍ରାଣୀ ଚିକିତ୍ସାଳୟ ଅଧିକାରିଣୀ ହାତୀକୁ ମୃତ ଘୋଷଣା କରିଥିଲେ।

# ଦାଦନ ଶ୍ରମିକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

- ମୃତଦେହ ନେଇ ଆସିଥିବା ଆମ୍ବୁଲାନ୍ସ, କର୍ମଚାରୀ ଅଟକ
- ନ୍ୟାୟ ଭିକ୍ଷା କଲେ ପରିବାର ଲୋକେ

ଚାନ୍ଦବାଲି,୨।୧୧(ଡି.ଏନ୍.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଭାଟପଡ଼ା ପଞ୍ଚାୟତ ଅନ୍ତର୍ଗତ ରାଉତପଡ଼ା ଗ୍ରାମର ଜଣେ ଯୁବକ ରାଜସ୍ଥାନକୁ ଦାଦନ ଖଟିବାକୁ ଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ମୃତଦେହ ଗାଁରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରିବାର ଲୋକେ ମୃତଦେହ ରଖି ନ୍ୟାୟ ଭିକ୍ଷା କରିଛନ୍ତି।

ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ମାଧବାନନ୍ଦ ଦାସଙ୍କ ପୁଅ ଅକ୍ଷୟ (୩୫) ପରିବାର ପ୍ରତିପୋଷଣ ପାଇଁ ଦାଦନ ଖଟିବାକୁ ରାଜସ୍ଥାନ ଯାଇଥିଲେ। ରାଜସ୍ଥାନର ଉଦୟପୁରଠାରେ ଠିକାଦାରି କରୁଥିବା ଘଣ୍ଟେଶ୍ୱର ଗୋପୀନାଥପୁର ଗ୍ରାମର ବୁଲୁ ସାହୁଙ୍କ ପାଖରେ କାର୍ଯ୍ୟ କରୁଥିଲେ। ୧୦ ଦିନ ଧରି ସେଠାରେ ଅକ୍ଷୟ ଜ୍ୱରରେ ପୀଡ଼ିତ ହୋଇଥିବା ବେଳେ ତାଙ୍କର ଠିକ୍ ଭାବେ ଚିକିତ୍ସା ହୋଇ ପାରି ନ ଥିଲା। ଚିକିତ୍ସା ଅଭାବରୁ ରବିବାର ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି। ଠିକାଦାର ବୁଲୁ ମୃତଦେହକୁ ଆମ୍ବୁଲାନ୍ସ ଯୋଗେ ଗାଁକୁ ପଠାଇଥିବା ବେଳେ ମଙ୍ଗଳବାର ରାତି ପ୍ରାୟ ୨ଟା ବେଳେ ମୃତଦେହ ଗାଁରେ ପହଞ୍ଚିଥିଲା। ଅକ୍ଷୟଙ୍କ ମୃତ୍ୟୁ ପାଇଁ ପରିବାର ଲୋକେ ଠିକାଦାର ବୁଲୁ ସାହୁଙ୍କୁ ଦାୟୀ କରିଥିବା ବେଳେ ଉକ୍ତ ପରିବାରକୁ ନ୍ୟାୟ ଦାବିରେ ମୃତଦେହ ନେଇ ଆସିଥିବା ଆମ୍ବୁଲାନ୍ସ ସହ ୪ଜଣ କର୍ମଚାରୀଙ୍କୁ ଗ୍ରାମବାସୀ ଅଟକ ରଖିଥିବା ସୂଚନା ମିଳିଛି।



ଆମ୍ବୁଲାନ୍ସକୁ ଅଟକ ରଖିଥିବା ଗ୍ରାମବାସୀ।

## ପ୍ରଧାନ ଶିକ୍ଷକ, ଶିକ୍ଷକ ନିଲମ୍ବିତ

**ମଧ୍ୟାହ୍ନଭୋଜନ ଚାଉଳ ଦୋକାନରେ ବିକ୍ରି**

ତେନ୍ତୁଳିଖୁଣ୍ଟି,୨।୧୧(ଡି.ଏନ୍.ଏ.)

ପିଲାଙ୍କ ମଧ୍ୟାହ୍ନଭୋଜନ ପାଇଁ ଆସିଥିବା ଚାଉଳ ବାହାରେ ବିକ୍ରି କରି ଦିଆଯାଉଛି। ଏଭଳି ଅଭିଯୋଗ ହେବାପରେ ତଦନ୍ତକରି ବିଇଓ ଜଣେ ପ୍ରଧାନ ଶିକ୍ଷକ ଏବଂ ଶିକ୍ଷକଙ୍କୁ ନିଲମ୍ବନ କରିଛନ୍ତି। ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକରୁ ଏଭଳି ଖବର ଆସିଛି।

ଟଭାପଦର ୟୁପି ସ୍କୁଲ ପରିଚାଳନା କମିଟି ସଭାପତି ହରେଶ ବାଘ ମଧ୍ୟାହ୍ନଭୋଜନ ପାଇଁ ଆସିଥିବା ୬ ପ୍ୟାକେଟ ଚାଉଳ ତେନ୍ତୁଳିଖୁଣ୍ଟିର ଏକ ଦୋକାନକୁ ବିକ୍ରି କରିବାକୁ ନେଇଥିଲେ। ଗାଁର ତ୍ରିନାଥ ବାଘ ଏହା ଦେଖି ‘ଜୟ ତେନ୍ତୁଳିଖୁଣ୍ଟି ମାନବ ସେବା’ ଗ୍ରୁପ୍‌ର ସହଯୋଗରେ ହରେଶଙ୍କୁ ଧରିଥିଲେ। ପରେ ତ୍ରିନାଥ ଏ ନେଇ ତେନ୍ତୁଳିଖୁଣ୍ଟି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ଚାଉଳକୁ ଜବତ କରାଯାଇଥିଲା। ଘଟଣାର ତଦନ୍ତ ପରେ ତେନ୍ତୁଳିଖୁଣ୍ଟି ବିଇଓ ସମରେନ୍ଦ୍ର ଭୌମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ବନ୍ଧୁ ଜାନି ଏବଂ ଶିକ୍ଷକ ଜଗନ୍ନାଥ ନାୟକଙ୍କୁ ନିଲମ୍ବନ କରିଛନ୍ତି। ଅନ୍ୟପକ୍ଷରେ ସ୍କୁଲ ପରିଚାଳନା କମିଟିର ସଭାପତିଙ୍କ ବିରୋଧରେ ଗ୍ରାମବାସୀ ଥାନାରେ ଅଭିଯୋଗ କରିଥିବା ବେଳେ ଏ ନେଇ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି। ସେହିପରି ଏହି ସ୍କୁଲରେ ମଧ୍ୟାହ୍ନଭୋଜନ ଚାଉଳ ବିକ୍ରି ଘଟଣା ପ୍ରଥମ। ପୂର୍ବରୁ ମଧ୍ୟ ଏଭଳି ଚାଲିଥିଲା। ତାହାର ତଦନ୍ତ ହେବା ଆବଶ୍ୟକ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

# କଣ୍ଟା ଓଜନଠାରୁ ଅଧିକ ଲୁହାପଥର ପରିବହନ, ୧୨ ଟ୍ରକ୍ ଅଟକ

ଯୋଡ଼ା,୨।୧୧(ଡି.ଏନ୍.ଏ)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳରେ ଚୋରା ଖଣିଜ କାରବାରକୁ ରୋକି ହେଉନି। ବିଭିନ୍ନ ଉପାୟରେ ଲୁହାପଥର ଚୋରି ହେଉଛି। ମଙ୍ଗଳବାର ଏବଂ ବୁଧବାର ୨ଦିନରେ ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ଭଦ୍ରାସାହିସ୍ଥିତ ଓଡ଼ିଶା ମିନେରାଲ ଡେଭଲପ୍‌ମେଣ୍ଟ କମ୍ପାନୀ ଲିମିଟେଡ୍ (ଓଏମ୍‌ଡିସି) ଲୁହାପଥର ଖଣିରୁ ନିର୍ଦ୍ଧାରିତ ପରିମାଣଠାରୁ ଅଧିକ ଲୁହାପଥର ପରିବହନ ଅଭିଯୋଗରେ ଖଣି ବିଭାଗ ୧୨ ଟ୍ରକ୍‌କୁ ଅଟକ ରଖିଛି। ସମସ୍ତ ଟ୍ରକ୍‌ର କାଗଜପତ୍ର ଯାଞ୍ଚ କରାଯାଉଛି। ତଦନ୍ତ ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଯୋଡ଼ା ଖଣି ଉପ ନିର୍ଦ୍ଦେଶକ ଦିନେଶ ଅଗ୍ରୱାଲ ସୂଚନା ଦେଇଛନ୍ତି।

ଓଏମ୍‌ଡିସି ଖଣିରୁ ସମ୍ବଲପୁରସ୍ଥିତ ଶ୍ୟାମ ମେଟାଲ ନାମକ କାରଖାନାକୁ ମଙ୍ଗଳବାର ଲୁହାପଥର ପରିବହନ ହେଉଥିଲା। ୯ଟି ଟ୍ରକ୍ ଲୁହାପଥର ବୋଝେଇ କରି ଗନ୍ତବ୍ୟସ୍ଥଳ ଅଭିମୁଖେ ଯାଉଥିବାବେଳେ ସନ୍ଦେହ ଉପୁଜିବାରୁ ଗନ୍ଧାଲପଦା ସରକାରୀ ଓଜନ କଣ୍ଟାରେ ଲୁହାପଥରକୁ ପୁନର୍ବାର ଓଜନ କରାଯାଇଥିଲା। ଯାଞ୍ଚ ପରେ ୯ଟି ଟ୍ରକ୍‌ରେ ଅଧିକ ଲୁହାପଥର ବୋଝେଇ ହୋଇଥିବା ଖଣି ବିଭାଗ ଜାଣିବାକୁ ପାଇଥିଲା। ସେହିପରି ବୁଧବାର ମଧ୍ୟ ୩ଟି ଟ୍ରକ୍‌ରେ ଅନୁରୂପ ଲୁହାପଥର ଅଧିକ ବୋଝେଇ ହୋଇଥିବା ବିଭାଗ ଜାଣିବା ପରେ ଟ୍ରକକୁ ଅଟକ ରଖିଛି। ଏହି ସବୁ ଟ୍ରକ୍‌ରେ ଉନ୍ନତମାନର ଲୁହାପଥର ବୋଝେଇ ହୋଇଥିଲା। ପ୍ରତି ଟ୍ରକ୍‌ରେ ଖଣିର ନିଜସ୍ୱ ଓଜନ କଣ୍ଟାରେ ଓଜନ ହୋଇଥିବା ପରିମାଣରୁ ପ୍ରାୟ ୨ଟନ୍ ଅଧିକ ଲୁହାପଥର ବୋଝେଇ ହୋଇଥିବା ଜଣାପଡ଼ିଛି। ଯାଞ୍ଚ ପ୍ରକ୍ରିୟା ଚାଲିଛି। ଏହା ପରେ ଉକ୍ତ ଖଣିରୁ ପରିବହନ କରୁଥିବା ଠିକା ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହ ଉକ୍ତ ଟ୍ରକ୍‌ରୁ ଅଧିକ ବୋଝେଇ ଲୁହାପଥରକୁ ଖଲାସ କରାଯାଇ ଜରିମାନା କରାଯିବ ବୋଲି ଅଗ୍ରୱାଲ ପ୍ରକାଶ କରିଛନ୍ତି। ଖଣି ବିଷାରଦଙ୍କ ମତରେ ନିୟମ ଅନୁସାରେ ଖଣିର ନିଜସ୍ୱ କଣ୍ଟାରେ ଓଜନ କରାଯିବା ପରେ ସେହି ଅନୁସାରେ ଖଣିର ଅଧିକାରୀ ପରିବହନ ନିମନ୍ତେ ଟ୍ରାନ୍‌ଜିଟ ପାସ୍ ପ୍ରଦାନ କରିଥାନ୍ତି। ଏହାକୁ ବ୍ୟବସ୍ଥିତ କରିବା ପାଇଁ ଇଣ୍ଟିଗ୍ରେଟେଡ୍ ମାଇନିଂ ମିନେରାଲ୍ ମ୍ୟାନେଜମେଣ୍ଟ ସିଷ୍ଟମ(ଆଇ ଥ୍ରି-ଏମ୍‌ଏସ୍) ପ୍ରଯୁକ୍ତି ବିଦ୍ୟା ରହିଛି। ଏହସତ୍ତ୍ୱେ ମଧ୍ୟ ଏଖଣିରୁ ଚୋରିକୁ ରୋକି ହେଉନି, ଯାହକି ଗତ ୨ଦିନ ମଧ୍ୟରେ ୧୨ ଟ୍ରକ୍ ଅଟକ ଘଟଣାରୁ ସ୍ପଷ୍ଟ ହେଉଛି। ଲୁହାପଥର ଚୋରି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ହେବା ଆବଶ୍ୟକ ବୋଲି ଖଣି ବିଶେଷଜ୍ଞ ମତ ଦେଉଛନ୍ତି।

# ସହର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବିକାଶ କରାଯିବ

ଭୁବନେଶ୍ୱର, ୨।୧୧(ବ୍ୟୁରୋ)

ରାଜ୍ୟର ପ୍ରମୁଖ ସହରଗୁଡ଼ିକର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଗମନାଗମନ ସହ ମୌଳିକ ସେବା ଭିତ୍ତିଭୂମି ବିକାଶ ନିମନ୍ତେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଲୋକସେବା ଭବନ ସଭାଗୃହରେ ରାଜଧାନୀ ସମେତ ବଡ଼ ବଡ଼ ମହାନଗର ନିଗମ ଅଞ୍ଚଳର ବିକାଶ ସମ୍ବନ୍ଧିତ ଏକ ଉଚ୍ଚସ୍ତରୀୟ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ମୁଖ୍ୟ ଶାସନ ସଚିବ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଏହି ବୈଠକରେ ଗୃହ ଓ ନଗର ଉନ୍ନୟନ ପ୍ରମୁଖ ଶାସନ ସଚିବ ଜି. ମାଥିଭାଥାନନ୍ ସହରାଞ୍ଚଳ ବିକାଶ ପାଇଁ ଆନ୍ତଃ ବିଭାଗୀୟ ସମନ୍ୱୟ ବିଷୟ ଆଲୋଚନା ନିମନ୍ତେ ତଥ୍ୟ ଉପସ୍ଥାପନ କରିଛନ୍ତି। ରାଜ୍ୟର ଦ୍ରୁତ ବର୍ଦ୍ଧିଷ୍ଣୁ ପ୍ରମୁଖ ସହର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳଗୁଡ଼ିକରେ ସୁଗମ ଯୋଗାଯୋଗ ଉପରେ ଗୁରୁତ୍ୱାରୋପ କରି ମୁଖ୍ୟ ଶାସନ ସଚିବ କହିଛନ୍ତି, ବଡ଼ ବଡ଼ ସହରରେ ବିଭିନ୍ନ ପ୍ରକାର ନିଯୁକ୍ତି ଓ ଜୀବିକା ସୁଯୋଗ ସୃଷ୍ଟି ହୋଇଥାଏ। ବିଭିନ୍ନ ଆର୍ଥିକ ବର୍ଗର ଲୋକ ଏହାର ସୁଯୋଗ ନେଇଥାଆନ୍ତି। ଏହାଛଡ଼ା ନିଜର ବୃତ୍ତି, ଶିକ୍ଷା, ଚିକିତ୍ସା ଜମିଜମା ଖର୍ଦ୍ଦି-ବିକ୍ରି, ନ୍ୟାୟାଳୟ କାର୍ଯ୍ୟ, ଉତ୍ପାଦ ଦ୍ରବ୍ୟ ବିକ୍ରିବଟା ଓ ବାଣିଜ୍ୟ ଆଦିପାଇଁ ଅନେକ ଲୋକ ଦୈନିକ ସହରକୁ ଯିବା ଆସିବା କରିଥାଆନ୍ତି।

ତେଣୁ ପ୍ରମୁଖ ସହରର ପାର୍ଶ୍ୱବର୍ତ୍ତୀ ଅଞ୍ଚଳଗୁଡ଼ିକରେ ରାସ୍ତା ପ୍ରଶସ୍ତୀକରଣ ସହ ବିଭିନ୍ନ ମୌଳିକ ସେବାର ଉନ୍ନତି ପାଇଁ ଏକ ୫ ବର୍ଷିଆ କାର୍ଯ୍ୟ ଯୋଜନା ଚିଠା ପ୍ରସ୍ତୁତ କରିବା ନିମନ୍ତେ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ଏବଂ ଜଳ ସମ୍ପଦ ବିଭାଗକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ସହରକୁ ବିଭିନ୍ନ ଦିଗରୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକର ଚିହ୍ନଟକରି ସେସବୁର ତାଲିକା ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଚିହ୍ନିତ ରାସ୍ତାଗୁଡ଼ିକ ମଧ୍ୟରେ ଆନ୍ତଃ ସଂଯୋଗୀକରଣ ମାଧ୍ୟମରେ ଏକ ରୋଡ୍ ନେଟ୍ ୱର୍କ ସୃଷ୍ଟି କରାଯିବ। ମାସକ ମଧ୍ୟରେ ଏହି କାର୍ଯ୍ୟ ଯୋଜନା ତିଆରି କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ପାନୀୟ ଜଳ ଓ ନର୍ଦ୍ଦମା ପାଇପ, ବିଭିନ୍ନ ପ୍ରକାର କେବୁଲ ଆଦି ନିମନ୍ତେ ସହର ମଧ୍ୟସ୍ଥ ରାସ୍ତାକୁ କାଟିବା, ପ୍ରଶସ୍ତୀକରଣ ନିମନ୍ତେ ଚିହ୍ନିତ ରାସ୍ତା, ଛକ ସ୍ଥାନରୁ ବିଦ୍ୟୁତ୍ ଓ ଟେଲିଫୋନ୍ ଆଦି ଖୁଣ୍ଟ ସ୍ଥାନାନ୍ତର କରିବା ଆଦି ବିଷୟରେ ବୈଠକରେ ସବିଶେଷ ଆଲୋଚନା ହୋଇଛି। ଭୁବନେଶ୍ୱରର ରସୁଲଗଡ଼ ଜଙ୍କସନ୍, କଳ୍ପନା ଛକ, ରବି ଟକିଜ୍ ଛକ ଓ ବେହେରାସାହି ଛକ ଆଦିର ପ୍ରଶସ୍ତୀକରଣ ନିମନ୍ତେ କ୍ଷେତ୍ରସ୍ତରୀୟ ସମସ୍ୟାର ସମାଧାନ ପନ୍ଥା ନିର୍ଣ୍ଣୟ କରାଯାଇଛି। ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା କହିଛନ୍ତି, ତଳେ ପାଇପ ଓ କେବୁଲ ନେବା ପାଇଁ ରାସ୍ତା କାଟିବା ଅନୁମତି ରାସ୍ତା ନିର୍ମାଣ ଏବଂ ରକ୍ଷଣାବେକ୍ଷଣ କରୁଥିବା ବିଭାଗ ଦେବେ। ରାସ୍ତାର ଏକ ନିର୍ଦ୍ଦିଷ୍ଟ ଅଂଶରେ ପାଇପ ବିଛା କାମ ସାରି ତୁରନ୍ତ ରାସ୍ତାକୁ ପୂର୍ବାବସ୍ଥାକୁ ଆଣିବା ପାଇଁ କାମ କରୁଥିବା ସଂସ୍ଥା ବା ବିଭାଗ ଦାୟୀ ରହିବେ ବୋଲି ସେ କହିଛନ୍ତି।

# ଓଏସ୍‌ଏସ୍‌ସି ଦ୍ୱାରା ପୂରଣ ହେବ ୨,୧୬୯ ପଦବୀ

ଭୁବନେଶ୍ୱର, ୨।୧୧(ବ୍ୟୁରୋ)

ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ ବା ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ(ଓଏସ୍‌ଏସ୍‌ସି) ଦ୍ୱାରା ରାଜ୍ୟ ସରକାରଙ୍କ ଅଧୀନରେ ଖାଲିଥିବା ୨,୧୬୯ଟି ପଦବୀ ପୂରଣ କରାଯିବ। ଏନେଇ ଆୟୋଗ ପକ୍ଷରୁ ମିଳିତ ସ୍ନାତକ ସ୍ତରୀୟ ନିଯୁକ୍ତି ପରୀକ୍ଷା ଏବଂ ମିଳିତ ବୈଷୟିକ ସେବା ନିଯୁକ୍ତି ପରୀକ୍ଷା ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁସାରେ, ଅଣବୈଷୟିକ ନିଯୁକ୍ତି ପରୀକ୍ଷା ଜରିଆରେ ୬୯୯ଟି ଗ୍ରୁପ୍ ‘ବି’ ପଦବୀ ଓ ୨୪୪ଟି ଗ୍ରୁପ୍ ‘ସି’ ପଦବୀ ପୂରଣ କରାଯିବ। ସେହିପରି ବୈଷୟିକ ସେବା ପରୀକ୍ଷା ମାଧ୍ୟମରେ ଗ୍ରୁପ୍ ‘ବି’ର ୧,୨୨୬ଟି ପଦବୀ ପୂରଣ କରାଯିବ। ପୂରଣ ହେବାକୁ ଥିବା ମୋଟ ୨,୧୬୯ଟି ପଦବୀ ମଧ୍ୟରେ ୧,୯୨୫ଟି ଗ୍ରୁପ୍ ‘ବି’ ପଦବୀ ରହିଛି। ଏଥିନିମନ୍ତେ ଆୟୋଗ ପକ୍ଷରୁ ଆସନ୍ତା ୧୧ ତାରିଖରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ଅନ୍‌ଲାଇନ୍‌ରେ ଦରଖାସ୍ତ ଗ୍ରହଣ କରାଯିବ। ଏହାର ସବିଶେଷ ତଥ୍ୟ ଓଏସ୍‌ଏସ୍‌ସିର ୱେବ୍‌ସାଇଟ୍ www.ossc.gov.inରେ ଉପଲବ୍ଧ ହେବ ବୋଲି ଆୟୋଗ ପକ୍ଷରୁ ସୂଚନା ଦିଆଯାଇଛି।

CLASSIFIED DISPLAY
MORE SPACE • SAME PRICE
TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
ALL EDITION - B/W (Everyday)
for Booking Contact: 0674-2580385, 8637280816, 7894447167, 9338226625

ମୁଦ୍ରା ଯୋଜନା
ଅଧୀନରେ ଘରେ ବସି
50000ରୁ 5000000
ପର୍ଯ୍ୟନ୍ତ ଋଣ ପାଆନ୍ତୁ
ସୁଧ 2% ଛାଡ଼ 40%
ସମ୍ପର୍କ କରନ୍ତୁ
ଠିକଣା: ମ.ନଂ. 675, ଗ୍ରାମ ଲୋହାରି ଜାଟୁ
ତହସିଲ- ବୱାନି ଖେଡ଼ା, ଜିଲା- ଭିୱାନି
8950329763

NATIONAL FINANCE
ଭାରତର ନଂ-୧ କମ୍ପାନୀ
ନ୍ୟାସନାଲ ଫାଇନାନ୍ସ
(Govt. Registered)
ପର୍ସନାଲ, ମାର୍କଶିଟ୍, ଆଧାରକାର୍ଡ, ପ୍ରପର୍ଟି, ଏଜୁକେଶନ୍, ସବୁପ୍ରକାର ଋଣ।
48 hours ଲୋନ୍ ପାଇଁ Agent ଆମନ୍ତ୍ରିତ।
2% interest 40% discount under all Government schemes
9499474088

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



୰ଗୋପୀନାଥ ପଣ୍ଡା
ଟେଲି କମ୍ୟୁନିକେଶନ ଇଞ୍ଜିନିୟର
N6-505, ଜୟଦେବ ବିହାର, ଭୁବନେଶ୍ୱର
ତିରୋଧାନ- କାର୍ତ୍ତିକ ବଡ଼ ଦଶମୀ
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିବା ସଙ୍ଗେ ସଙ୍ଗେ ଅଜସ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
ପଣ୍ଡା ପରିବାର
ଧ-୧୯୧୧

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ବିନମ୍ର ଶ୍ରଦ୍ଧାଞ୍ଜଳି



୰ମହେଶ୍ୱର ମିଶ୍ର
୧୨୧, ଶହୀଦନଗର, ଭୁବନେଶ୍ୱର
ଆବିର୍ଭାବ- ୦୩।୦୧।୧୯୩୩
ତିରୋଧାନ- ୨୪।୧୧।୨୦୨୦
କାର୍ତ୍ତିକ ମାସ ଶୁକ୍ଳପକ୍ଷ ଦଶମୀ
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ବିନମ୍ର ଶ୍ରଦ୍ଧାଞ୍ଜଳି ସହ-
ମିଶ୍ର ପରିବାର ଏବଂ ଆତ୍ମୀୟସ୍ୱଜନ
ଧ-୧୮୯୫

## ବିଦ୍ୟୁତ୍ ଆଘାତରେ ଚାଷୀ ମୃତ

**ନିରାକାରପୁର,୨।୧୧(ଡି.ଏନ୍.ଏ.):** ନିଜ ଚାଷକ୍ଷେତକୁ ପାଣି ମଡ଼ାଇବା ଲାଗି ମୋଟର ତିଆରି କରୁଥିବାବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଜଙ୍କିଆ ନୂଆଗାଁ ଗ୍ରାମର ଲୋକନାଥ ବେହେରା (୫୫)। ଲୋକନାଥ ନିଜବାରି ପଛପଟ ଥିବା ଜମିରେ ଫସଲ ଚାଷ କରିଛନ୍ତି। ସବୁଦିନ ପରି ବୁଧବାର ସେ ଜମିରେ ପାଣି ମଡାଇବାକୁ ଯାଇଥିଲେ। ହେଲେ ପାଣି ମଡ଼ାଇବାବେଳେ ମୋଟର ଖରାପ ହୋଇଯାଇଥିଲା। ସେ ମୋଟର ତିଆରି କରୁଥିବାବେଳେ ହଠାତ୍ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯାଇଥିଲେ। ବିଦ୍ୟୁତ୍ ଆଘାତରେ ଲୋକନାଥଙ୍କ ଛାତି, ପେଟ ସହ ଦେହର ବିଭିନ୍ନ ଅଂଶ ପୋଡ଼ି ଗୁରୁତର ହୋଇଥିଲେ। ପରିବାର ଲୋକ ପହଞ୍ଚି ତାଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ସରକାରୀ ମେଡିକାଲ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଅଳିଆ ଗଦାରେ ସରକାରୀ ଔଷଧ

**ରୋଗୀ ନ ପାଇ ହେଉଛନ୍ତି ହନ୍ତସନ୍ତ**

ଲାଞ୍ଜିଗଡ଼,୨।୧୧(ଡି.ଏନ.ଏ.)

ରୋଗୀଙ୍କୁ ସରକାରୀ ଔଷଧ ଦେବା ପରିବର୍ତ୍ତେ ଅଳିଆ ଗଦାରେ ପକାଇଦେଇ ପୋଡ଼ିଦିଆଯାଇଛି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ। ସରକାର ଗରିବ ରୋଗୀଙ୍କ ପାଇଁ ନିରାମୟ ଯୋଜନା ଦ୍ୱାରା ବିଭିନ୍ନ ରୋଗର ନିରାକରଣ ଲାଗି ସରକାରୀ ଡାକ୍ତରଖାନାଙ୍କୁ ଔଷଧ ଯୋଗାଇ ଦେଉଛନ୍ତି। ହେଲେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଯୋଗୁ ଏହି ଯୋଜନା ବାଟବଣା ହୋଇଛି। ସରକାରକା ମାଲ ଦରିଆମେ ଡାଲ ନୀତିରେ ନଷ୍ଟ କରିବାକୁ ପଛାଉନାହାନ୍ତି ଡାକ୍ତରଖାନା କର୍ମଚାରୀ।

ସୂଚନା ଅନୁସାରେ ଲାଞ୍ଜିଗଡ଼ ବ୍ଲକର ୧୫ରୁ ଊର୍ଦ୍ଧ୍ୱ ପଞ୍ଚାୟତ ଲୋକେ ଏହି ଡାକ୍ତରଖାନା ଉପରେ ନିର୍ଭର କରିଥାନ୍ତି। ରୋଗ ହେଲେ ଡାକ୍ତରଖାନାକୁ ଆସି ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପରେ ଔଷଧ ଦୋକାନରୁ କମିଶନ ପାଇବା ଆଶାରେ ଦାମୀ ଔଷଧ ଲେଖି ଔଷଧ ଦୋକାନରୁ ନେବାକୁ ଲେଖି ଦିଅନ୍ତି। ନିରାମୟ ଯୋଜନାରେ ଆସିଥିବା ଔଷଧ ପଡ଼ିରହି ଏକ୍ସପାୟାରି ହୋଇଥାଏ। ସେହି ଔଷଧ ସବୁକୁ ଡାକ୍ତରଖାନା କର୍ମଚାରୀ ମେଡିକାଲ କାଟର ପଛପଟେ ଥିବା ଖତଗଦାରେ ଫିଙ୍ଗି ଦେଇ ପୋଡ଼ି ଦେଇଛନ୍ତି। ଏହି ଘଟଣା ଚର୍ଚ୍ଚା ହେବା ପରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଗ୍ରାମବାସୀ ଓ ରୋଗୀ କଲ୍ୟାଣ ସମିତି ସଦସ୍ୟ ରଘୁବୀର ନାଗ ଓ ବ୍ଲକ କଂଗ୍ରେସ ସଭାପତି ହରିହର କୁମାର ପ୍ରମୁଖ ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ନୀହାର ରଞ୍ଜନ ସାହୁଙ୍କୁ ଔଷଧ ଫିଙ୍ଗା ଯାଇଥିବା ସ୍ଥାନ ନେଇ ଦେଖାଇଥିଲେ। ଏହି ଘଟଣା ଲାଞ୍ଜିଗଡ଼ ବ୍ଲକରେ ପ୍ରଥମ ଥର ନୁହେଁ ପୂର୍ବରୁ ମଧ୍ୟ ଅନେକ ଥର ଔଷଧଗୁଡ଼ିକ ଜଙ୍ଗଲରେ ଫିଙ୍ଗି ଦେଇଥିବା ନଜିର ରହିଛି। ଏ ସମ୍ପର୍କରେ ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ନୀହାର ରଞ୍ଜନ ସାହୁଙ୍କୁ ପଚାରିବାରୁ ଏଭଳି ହୀନ କାର୍ଯ୍ୟ ଯେଉଁ କର୍ମଚାରୀମାନେ କରିଛନ୍ତି, ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।





ଖତଗଦାରେ ପକାଇଦେଇ ଔଷଧ ସବୁ ପୋଡି ଦିଆଯାଇଛି।

# କ୍ୟାମେରା ସହାୟିକାରୁ ନାୟିକା


ସାନା ଫତିମା ଶେଖ

ସୁପରହିଟ୍ ଫିଲ୍ମ 'ଦଙ୍ଗଲ'ରୁ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ ସାନା ଫତିମା ଶେଖ। ଭୂମିକାଟି ଥିଲା ବବିତା କୁମାରୀ। ହେଲେ ଫିଲ୍ମଟି ସତେଯେମିତି ତାଙ୍କୁ ମାଇଲେଜ ଦେବାକୁ ଅପେକ୍ଷା କରିଥିଲା। ପ୍ରଥମ ଫିଲ୍ମର ସଫଳତା ପରେ ସେ ଆଉ ପଛକୁ ଫେରି ଚାହିଁନାହାନ୍ତି। ଇତିମଧ୍ୟରେ ସେ ବେଶ୍ କେତୋଟି ହିନ୍ଦୀ ସିନେମାରେ ଅଭିନୟ କରିସାରିଲେଣି। ହେଲେ ବଡ଼ ପରଦାରେ ମୁହଁ ଦେଖାଇବାକୁ ତାଙ୍କୁ କମ୍ ପରିଶ୍ରମ କରିବାକୁ ପଡ଼ି ନ ଥିଲା। ପାଠପଢ଼ା ଶେଷ ହେବା ପରେ ସେ ବିଜ୍ଞାପନ ଶୁଟିଂ ସମୟରେ କ୍ୟାମେରା ସହାୟିକା ଭାବରେ କାମ କରିଥିଲେ। ଏହି ସମୟରେ ତାଙ୍କର କାଷ୍ଟିଂ ଡାଇରେକ୍ଟର ମୁକେଶ ଛାବ୍ରାଙ୍କ ସହ ଭେଟ ହୋଇଥିଲା। ପରବର୍ତ୍ତୀ ସମୟରେ ସେ ପାଦ ଥାପିଥିଲେ ଅଭିନୟ ଜଗତରେ। ଏ ପର୍ଯ୍ୟନ୍ତ ସେ ଅଭିନୟ କରିଥିବା ସିନେମାଗୁଡ଼ିକ ହେଉଛି– 'ଦଙ୍ଗଲ', 'ସିକ୍ରେଟ ସୁପରଷ୍ଟାର', 'ପଟାକା', 'ବଧାଇ ହୋ', 'ଫଟୋଗ୍ରାଫ', 'ଶକୁନ୍ତଳା ଦେବୀ', 'ଲୁଡୁ', 'ପାଗଲିୟତ', 'ମୀନାକ୍ଷୀ ସୁନ୍ଦରେଶ୍ୱର', 'ଲଭ ହଷ୍ଟେଲ', 'ହିଟ୍ ଦ ଫାଷ୍ଟ କେସ୍' ଏବଂ ନିର୍ମାଣାଧୀନ 'ଜୱାନ୍'।

ନୂଆ ସିନେମା

# ମାନସୀ

ମାନସୀ ନାମ୍ନୀ ଝିଅର ଆଖିରେ ଆଖିଏ ସ୍ୱପ୍ନ। ହେଲେ ଜୀବନର ଚଲାପଥରେ ସେ ସାମନା କରିଛି ଅନେକ ସମସ୍ୟା। ଆଉ ସେଗୁଡ଼ିକୁ ସେ କିପରି ସମାଧାନ କରି ଆଗକୁ ଆଗଉଛି ତାହାକୁ ଆଧାର କରି ଗତି କରିଛି କାହାଣୀ। ଆଉ ଏଭଳି ଏକ ନାରୀକେନ୍ଦ୍ରିକ ସିନେମାର ମହୁରତ ନିକଟରେ ଶେଷ ହେବା ସହ ଶୁଟିଂ ଆରମ୍ଭ ହୋଇଯାଇଛି। ଏହାର ଟାଇଟଲ ରହିଛି 'ମାନସୀ'। ଉକ୍ତ ଚଳଚ୍ଚିତ୍ରର ଶୀର୍ଷକ ଭୂମିକାରେ ଅଭିନୟ କରୁଛନ୍ତି ଆଗଧାଡ଼ିର ଉପସ୍ଥାପିକା ଗୁଞ୍ଜି। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ପୂର୍ବରୁ ବେଶ୍ କେତୋଟି ଧାରାବାହିକ ଏବଂ ସିନେମାର ନିର୍ଦ୍ଦେଶନା ଦେଇସାରିଥିବା ଅଶୋକ ମଲ୍ଲିକ। ଶାରଳା ସିନେ ପ୍ରଡକ୍ସନ ବ୍ୟାନରରେ ଏହାର କାହାଣୀ, ଚିତ୍ରନାଟ୍ୟ ସହ ସଂଳାପ ରଚନା କରିଛନ୍ତି ଚର୍ଚ୍ଚିତ ଥିଏଟର ନାଟକ 'ନୀଳଶୈଳୀର ନାଟ୍ୟକାର ଶଙ୍କର ତ୍ରିପାଠୀ। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ପଣ୍ଡିତ ନାରାୟଣ ରଥ। ଫିଲ୍ମର ବିଭିନ୍ନ ଭୂମିକାରେ ଗୁଞ୍ଜିଙ୍କ ବ୍ୟତୀତ ଉପସ୍ଥାପକ ତଥା ଅଭିନେତା କେପି, ଦୁଷ୍ମନ୍ତ ପଣ୍ଡା, ଅଶୋକ ମଲ୍ଲିକ ଏବଂ କୈଳାସ ପାଣିଗ୍ରାହୀ ପ୍ରମୁଖ କଳାକାର ଅଭିନୟ କରିଛନ୍ତି।


(ବାମରୁ) କେପି, ଗୁଞ୍ଜି, ଦୁଷ୍ମନ୍ତ

# ତର୍ଜମା କରୁଛନ୍ତି ଅକ୍ଷୟ

ଗତ କିଛିବର୍ଷ ଧରି ବଲିଉଡ୍‌ରେ ଅକ୍ଷୟ କୁମାର ରାଜ୍ କରୁଥିଲେ। ହେଲେ ଚଳିତ ବର୍ଷ ତାଙ୍କ ଅଭିନୀତ କେତୋଟି ସିନେମା ଫ୍ଲପ୍ ହେବା ପରେ ଏବେ ସେ ନିଜ କ୍ୟାରିୟରକୁ ନେଇ ସିରିୟସ ଅଛନ୍ତି। ଏପରି ନିକଟରେ ରିଲିଜ ହୋଇଥିବା 'ରାମସେତୁ' ମଧ୍ୟ ଆଶାନୁରୂପ ବିଜ୍‌ନେସ କରିପାରିନାହିଁ। ଏହାପୂର୍ବରୁ 'ରକ୍ଷାବନ୍ଧନ' ମଧ୍ୟ ତାଙ୍କୁ ନିରାଶ କରିଥିଲା। ହେଲେ ନିକଟରେ ସେ ପୁଣି ଚର୍ଚ୍ଚାର ଶିରୋନାମା ପାଲଟିଛନ୍ତି। ଶୁଣିବାକୁ ମିଳୁଛି ଯେ 'ହେରାଫେରି–୩' ପାଇଁ ସେ କୁଆଡ଼େ ୧୨୫ କୋଟି ପାରିଶ୍ରମିକ ଡିମାଣ୍ଡ କରିଛନ୍ତି। ଏପରି କି ଏଥିରେ ଆଦୌ କମ୍ପ୍ରୋମାଇଜ କରାଯିବ ନାହିଁ ବୋଲି ମଧ୍ୟ ଶୁଣାଇଦେଇଛନ୍ତି।


ଅକ୍ଷୟ କୁମାର

# ମା କର୍ଣ୍ଣିତ ଦୁଃଖ ଭାଗଭବେତ

କୁମ୍ଭୀର ଏକ ଜଳଚର ପ୍ରାଣୀ। ହେଲେ ତା'ଠାରେ ଅନେକ ରୋଚକ କଥା ଲୁଚି ରହିଛି। ସେପରି ଏକ କୁମ୍ଭୀରକୁ ନେଇ ପ୍ରସ୍ତୁତ ହୋଇଛି ଏକ ସିନେମା 'ମା କର୍ଣ୍ଣିତ ଦୁଃଖଭାଗଭବେତ'। ଉକ୍ତ ଚିତ୍ରଟି ସଂସ୍କୃତ ଭାଷାରେ ନିର୍ମାଣ କରାଯାଇଛି। ସିନେମାଟିର ନିର୍ଦ୍ଦେଶନା ଦେଇଛନ୍ତି ଡ.ମାନସ ରଞ୍ଜନ ସାହୁ। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଶାରଦା ସାଗର ମହାନ୍ତି, ଅଜିତ ରଣା ଏବଂ ତପନ କୁମାର ପ୍ରଧାନ। ସୁବର୍ଣ୍ଣପୁର ଜିଲାର କୁହିବାହାଲ ଓ ଦିଗଶିରା ଗ୍ରାମରେ ଏହି ଚଳଚ୍ଚିତ୍ରଟିର ଶୁଟିଂ କରାଯାଇଛି। ଏ ସମ୍ପର୍କରେ ନିର୍ଦ୍ଦେଶକ ମାନସ କହନ୍ତି, 'କୁମ୍ଭୀରର ଜୀବନୀକୁ ନେଇ ଏକଘଣ୍ଟା ଅବଧି ବିଶିଷ୍ଟ ଏପରି ଏକ ସିନେମାଟିଏ ନିର୍ମାଣ କରିଛି, ପୁଣି ସଂସ୍କୃତ ଭାଷାରେ। ଅବଶ୍ୟ ଏହାପୂର୍ବରୁ ମୁଁ 'ଅସ୍ପୃଶ୍ୟମ୍', 'ବିଦ୍ୟା' ଏବଂ 'ପରିବର୍ତ୍ତନମ୍' ଶୀର୍ଷକ ସଂସ୍କୃତ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇସାରିଛି। ଏହି ଫିଲ୍ମର ଶୁଟିଂ ସମୟରେ କୁହିବାହାଲ ଏବଂ କୁମ୍ଭାରପଡ଼ା ଗ୍ରାମର ଗ୍ରାମବାସୀଙ୍କ ସହଯୋଗ ମୋତେ ଆହୁରି ଉତ୍ସାହିତ କରିଥିଲା। ଆଶା ରଖିଛି ଏହି ଫିଲ୍ମଟିକୁ ଦର୍ଶକ ଗ୍ରହଣ କରିବେ, ଯାହାଦ୍ୱାରା ମୋର ଶ୍ରମ ସାର୍ଥକ ହେବ।' ସୂଚନାଯୋଗ୍ୟ ଡ. ସାହୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଚନ୍ଦ୍ରପୁର, ଦେଓଗାଁ ବ୍ଲକ, ବଲାଙ୍ଗୀର ଜିଲାରେ ସଂସ୍କୃତ ଶିକ୍ଷକ ଭାବେ କାର୍ଯ୍ୟରତ ଥିବା ସହ ସଂସ୍କୃତଭାରତୀ ଓଡ଼ିଶାର ରାଜ୍ୟ ଶିକ୍ଷଣ ପ୍ରମୁଖ ଦାୟିତ୍ୱ ନିର୍ବାହ କରି ସଂସ୍କୃତ ଭାଷାର ପ୍ରଚାର ପ୍ରସାର ଦିଗରେ ନିଜକୁ ନିୟୋଜିତ ରଖିଛନ୍ତି। ଚିତ୍ରଟିର ଏଡିଟିଂ କାମ ଏବେ ଚାଲୁ ରହିଛି।


'ମା କର୍ଣ୍ଣିତ ଦୁଃଖଭାଗଭବେତ' ଚଳଚ୍ଚିତ୍ରରେ ମାନସ (ବାମ)

# ଚ୍ୟାଲେଞ୍ଜିଂ ଭୂମିକାରେ ଚନ୍ଦନ


ଚନ୍ଦନ

ଅଭିନେତା ଚନ୍ଦନ ଏକ ଚ୍ୟାଲେଞ୍ଜିଂ ଭୂମିକାରେ ଦର୍ଶକଙ୍କ ସାମନାକୁ ଆସୁଛନ୍ତି। ଫିଲ୍ମଟିର ଟାଇଟଲ ରହିଛି 'କଳାପାହାଡ଼'। ଏହାର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ସେ। ପୁଣି ଏହି ଭୂମିକା ପାଇଁ ତାଙ୍କୁ ଲଣ୍ଡା ହେବାକୁ ପଡିଛି ଏବଂ ତା'ସହ ଦାଢ଼ି ମଧ୍ୟ ବଢ଼ାଇଛନ୍ତି। ଇତିହାସ ପୃଷ୍ଠା ଲେଉଟାଇଲେ କଳାପାହାଡ଼ର ଛାତିଥରା କାର୍ଯ୍ୟ ଆଖି ସାମନାକୁ ଆସିଥାଏ। କ୍ରୂର ପ୍ରକୃତିର ବଶବର୍ତ୍ତୀ ହୋଇ ସେ କେତେ ମନ୍ଦିରକୁ ଛାରଖାର କରିଦେଇଛି ତା'ର ହିସାବ ନାହିଁ। ଏଭଳି ବ୍ୟକ୍ତିଙ୍କର ଜୀବନୀକୁ ନେଇ ଏହି ଫିଲ୍ମଟି ପ୍ରସ୍ତୁତ ହେଉଛି। ଏସ୍‌ଡିଡି ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହାର ଚିତ୍ରୋତ୍ତଳନ ସହ ପ୍ରଯୋଜନା କରିଛନ୍ତି ପ୍ରଦୀପ ସାହୁ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ବି. ଶ୍ରୀବତ୍ସ। ଫିଲ୍ମର କ୍ରିଏଟିଭ ନିର୍ଦ୍ଦେଶକ ଅଛନ୍ତି ଦେବାଶିଷ ଜେନା। ଗୀତ ସହ ସଂଳାପ ରଚନା କରିଛନ୍ତି ଡା. ନିର୍ମଳ ନାୟକ। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ମଳୟ ମିଶ୍ର। ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ଚନ୍ଦନଙ୍କ ବ୍ୟତୀତ ସ୍ନିଗ୍ଧା ମହାନ୍ତି, ଦେବୀ ବାରିକ, ଜୀବନ ପଣ୍ଡା, ଅଜୟ ପଟେଲ (ଛତିଶଗଡ଼), ଅଭିନବ ସିଂ, ଶ୍ରୀକୁମାର ଜେନା ଏବଂ ପବିତ୍ର ପଣ୍ଡା ପ୍ରମୁଖ କଳାକାର ଅଭିନୟ କରିଛନ୍ତି।

## ଅତୀତରୁ

➤ଅଜିତ୍ ଦାସ ଏବଂ ମହାଶ୍ୱେତା ରାୟଙ୍କୁ ନେଇ ନିର୍ମିତ ହୋଇଥିଲା ଚଳଚ୍ଚିତ୍ର 'ବାଟ ଅବାଟ'। ବୃନ୍ଦାବନ ଜେନା ଏହାର ନିର୍ଦ୍ଦେଶନା ଦେଇଥିଲେ।

➤ଓଡ଼ିଆ ସିନେମା 'ଅକ୍ଷୟ ତୃତୀୟା'ର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ଶରତ ପୂଜାରୀ, ଅନିତା ଦାସ, ଦୀପା ସାହୁ, ପ୍ରସନ୍ନ ମିଶ୍ର ପ୍ରମୁଖ କଳାକାର। ଚିତ୍ରଟିର ନିର୍ଦ୍ଦେଶନା ଦେଇଥିଲେ ସୁଶୀଲ ମୁଖାର୍ଜୀ।

➤ଓଡ଼ିଆ ଚଳଚ୍ଚିତ୍ର 'ବତାସୀ ଝଡ଼'ର ନାୟକ ଭୂମିକାରେ ଦେଖାଦେଇଥିଲେ ଅକ୍ଷୟ ମହାନ୍ତି (କାଶ୍ୟପ)। ଆରତି ଦାସ ପ୍ରଯୋଜିତ ଏହି ଚିତ୍ରର ନିର୍ଦ୍ଦେଶକ ଥିଲେ ରମେଶ ମହାନ୍ତି। ଏଥିରେ କାଶୀ ରଥ, ଜୟାଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା।

➤ଓଡ଼ିଆ ସିନେମା 'କାଚଘର'ର ପ୍ରଯୋଜନା କରିଥିଲେ କାମିନୀ ତ୍ରିପାଠୀ। ଏହାର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଥିଲେ ବ୍ୟୋମକେଶ ତ୍ରିପାଠୀ। ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ କାହ୍ନୁ ଦାସ। ଚିତ୍ରର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ସୁରେଶ, ଜ୍ୟୋତ୍ସ୍ନା, ବିନୋଦ, ବିନି ପ୍ରମୁଖ କଳାକାର।

➤ ଓଡ଼ିଆ ଚଳଚ୍ଚିତ୍ର 'ରକ୍ତ ଗୋଲାପ'ର ମୁଖ୍ୟ ଭୂମିକାରେ ଶ୍ରୀରାମ ପଣ୍ଡା ଏବଂ ବନଜା ମହାନ୍ତିଙ୍କୁ ଦେଖିବାକୁ ମିଳିଥିଲା।

# କାଜଲଙ୍କ ରୋଲ୍ ମଡେଲ୍

ଦକ୍ଷିଣ ଭାରତୀୟ ସିନେମାରେ କାଜଲ ଅଗ୍ରୱାଲ ଏକ ପରିଚିତ ନାମ। ମାତ୍ର ବର୍ଷ କେଇଟା ଭିତରେ ସେ ନିଜର ଅଭିନୟ ଦକ୍ଷତା ଦେଖାଇବା ସହ ଦର୍ଶକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିସାରିଛନ୍ତି। ହେଲେ କାହା ଅଭିନୟରେ ଅନୁପ୍ରାଣିତ ହୋଇ ସେ ଆକ୍ଟିଂକୁ କ୍ୟାରିୟର କରିଛନ୍ତି ଜାଣନ୍ତି ? ଏ ନେଇ କାଜଲ କହନ୍ତି, 'ଐଶ୍ୱର୍ଯ୍ୟା ରାୟଙ୍କ ଅଭିନୟ ମୋତେ ବେଶି ପ୍ରଭାବିତ କରିଛି। ତାଙ୍କ ଅଭିନୀତ ସମସ୍ତ ଫିଲ୍ମ ମୁଁ ଦେଖିଛି। ବିଶେଷଭାବରେ ତାଙ୍କର ନୀଳ ନୀଳ ଆଖି ମୋତେ କେତେ ଭଲ ଲାଗେ ତାହା ମୁଁ ଭାଷାରେ ବର୍ଣ୍ଣନା କରିପାରିବି ନାହିଁ।' ପାଠ ପଢ଼ିବା ସମୟରୁ କାଜଲ ମଡେଲିଂ ସହ ଜଡ଼ିତ ଥିଲେ। ମାସ୍ ମିଡିଆରେ ଡିଗ୍ରୀ ହାସଲ କରିଛନ୍ତି ଏହି ଅଭିନେତ୍ରୀ। କାଜଲଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୦୪ରୁ ଆଉ ଫିଲ୍ମର ଟାଇଟଲ ଥିଲା 'କ୍ୟୁଁ ହୋଗୟା ନା'। ସେ ଜିନ୍‌ସ, ଟି ଶାର୍ଟ ଏବଂ ଶାଢ଼ି ପିନ୍ଧିବାକୁ ପସନ୍ଦ କରିଥାଆନ୍ତି। ତାଙ୍କର ମନ ପସନ୍ଦର ଖାଦ୍ୟ ହେଲା ହାଇଦ୍ରାବାଦୀ ବିରିୟାନୀ।


କାଜଲ ଅଗ୍ରୱାଲ

ପରଦାରେ

# ଡବଲ୍ ଏକ୍ସଏଲ୍

ମିରଟର ରାଜଶ୍ରୀ ଏବଂ ନୂଆଦିଲ୍ଲୀର ସାଇରା ଖାନ୍ନା। ଦୁଇ ସାଙ୍ଗଙ୍କ ବନ୍ଧୁତାକୁ ନେଇ ପ୍ରସ୍ତୁତ ହୋଇଛି ହିନ୍ଦୀ ସିନେମା 'ଡବଲ୍ ଏକ୍ସଏଲ୍'। ଉକ୍ତ ଚଳଚ୍ଚିତ୍ରଟି ଆସନ୍ତାକାଲି ଅର୍ଥାତ୍ ଶୁକ୍ରବାର ମୁକ୍ତିଲାଭ କରିବାକୁ ଯାଉଛି। ଏଥିରେ ଦୁଇ ବାନ୍ଧବୀ ଭୂମିକାରେ ସୋନାକ୍ଷୀ ସିହ୍ନା ଏବଂ ହୁମ୍ମା କ୍ୟୁରେସିଙ୍କୁ ଦେଖିବାକୁ ମିଳିବ। ଏହାର ପ୍ରଯୋଜନା କରିଛନ୍ତି ମୁଦାସର ଅଜିଜ ଏବଂ ଅଶ୍ୱିନୀ ଭର୍ଦ୍ଦେ। ଶାଶା ସିଂଙ୍କ ସହ ମିଶି ସେ ଏହାର କାହାଣୀ ମଧ୍ୟ ରଚନା କରିଛନ୍ତି। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ସତରାମ ରମାନୀ। ସୋନାକ୍ଷୀ–ହୁମ୍ମାଙ୍କ ବ୍ୟତୀତ ଏଥିରେ ଜାହିର ଇକ୍‌ବଲ୍ ଏବଂ ମହତ ରାଘବେନ୍ଦ୍ର ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି। ଏହି ଚିତ୍ର ସମ୍ପର୍କରେ ହୁମ୍ମା କହନ୍ତି, 'ଏଥିରେ ଦୁଇ ଜଣଙ୍କ ବନ୍ଧୁତା କେତେ ନିବିଡ଼ ହୋଇପାରେ ତାହା ଦେଖିବାକୁ ମିଳିବ। ବନ୍ଧୁତାକୁ ନେଇ ଅନେକ ନୂଆ କଥା ଦର୍ଶକ ଏଥିରୁ ଜାଣିବାକୁ ପାଇବେ।' ଅନ୍ୟପକ୍ଷରେ ସୋନାକ୍ଷୀ ମଧ୍ୟ ଏହି ଫିଲ୍ମର ସଫଳତାକୁ ନେଇ ଆଶାବାଦୀ ଅଛନ୍ତି। ତେବେ ୨.୮ ଘଣ୍ଟା ଅବଧିବିଶିଷ୍ଟ ଏହି ଫିଲ୍ମଟି ବକ୍ସ ଅଫିସରେ କେତେ ସଫଳ ହେଉଛି ତାହା ଦେଖିବାକୁ ବାକି ରହିଲା।


ହୁମ୍ମା

# ଭାରତର ରୋମାଞ୍ଚକ ବିଜୟ

**ଟି୨୦ ବିଶ୍ୱକପ୍**

- ରାହୁଲ, ବିରାଟଙ୍କ ପରେ ବର୍ଷାର ଖେଳ
- ବାଂଲାଦେଶକୁ ହରାଇ ସେମିଫାଇନାଲର ନିକଟତର

ଆଡିଲେଡ, ୨।୧୧(ପି.ଟି.)

ଆଡିଲେଡ ଓଭାଲ ଗ୍ରାଉଣ୍ଡରେ ବୁଧବାର ଲୋକେଶ ରାହୁଲ ଓ ବିରାଟ କୋହଲିଙ୍କ ପରେ ଦେଖିବାକୁ ମିଳିଲା ବର୍ଷାର ଖେଳ। ଭାରତ ୨୦ ଓଭରରେ ୬ ଉଇକେଟ ହରାଇ ୧୮୪ ରନ କରିଥିଲା। ୧୮୫ ରନ ବିଜୟ ଲକ୍ଷ୍ୟନେଇ ବାଂଲାଦେଶ ୭ ଓଭରରେ କୌଣସି ଉଇକେଟ ନ ହରାଇ ୬୬ ରନ କରିଥିବାବେଳେ ଆସିଲା ବର୍ଷା। ଖେଳ ବାଧାପ୍ରାପ୍ତ ହେବାରୁ ଡକ୍‌ୱର୍ଥ ଲୁଇସ ନିୟମ ଅନୁସାରେ ମ୍ୟାଚକୁ ୧୬ ଓଭର ବିଶିଷ୍ଟ କରାଯାଇଥିଲା ଏବଂ ବାଂଲାଦେଶ ଆଗରେ ଟାର୍ଗେଟ ରହିଥିଲା ୧୫୧ ରନ। ଫଳରେ ଅବଶିଷ୍ଟ ୫୪ ବଲ୍‌ରୁ ବାଂଲାଦେଶକୁ ୮୫ ରନ କରିବାର ଥିଲା। ମାତ୍ର ବାଂଲାଦେଶ ଆକ୍ରମଣର ମଙ୍ଗ ଧରିଥିବା ଲିଟନ ଦାସଙ୍କ ରନ୍‌ଆଉଟ ମ୍ୟାଚର ମୋଡ଼ ବଦଳାଇ ଦେଇଥିଲା। ଶେଷ ଓଭରରୁ ବିଜୟ ପାଇଁ ଏହି ଦଳ ୨୦ ରନ ଆବଶ୍ୟକ କରୁଥିବାବେଳେ ଭାରତୀୟ ଯୁବ ପେସ୍ ବୋଲର ଅର୍ଶଦୀପ ସିଂ ଚାପ ସ୍ଥିତିକୁ ଭଲଭାବେ ହାତେଇ ମାତ୍ର ୧୪ ରନ ଦେଲେ। ଫଳରେ ଭାରତ ୫ ରନରେ ରୋମାଞ୍ଚକ ବିଜୟ ହାସଲ କଲା। କୋହଲି ପାଇଲେ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର। ଏହି ବିଜୟ ଫଳରେ ଭାରତ ସେମିଫାଇନାଲର ନିକଟତର ହୋଇଛି। ୪ ମ୍ୟାଚରୁ ୬ ପଏଣ୍ଟ ସହିତ ଟିମ୍‌ଇଣ୍ଡିଆ ଗ୍ରୁପ୍-୨ ପଏଣ୍ଟ ଟେବୁଲର ଶୀର୍ଷସ୍ଥାନକୁ ଉନ୍ନୀତ ହୋଇଛି। ୬ ତାରିଖରେ ଜିମ୍ବାୱେ ବିପକ୍ଷରେ ଭାରତ ଏହାର ଶେଷ ଗ୍ରୁପ୍ ମ୍ୟାଚ ଖେଳିବ।

ଟସ୍ ଜିତି ବାଂଲାଦେଶ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଭାରତ ଧିମା ଆରମ୍ଭ କରିଥିବାବେଳେ ମାତ୍ର ୧୧ ରନରେ ଅଧିନାୟକ ରୋହିତ ଶର୍ମା (୨)ଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ମାତ୍ର ଲୋକେଶ ରାହୁଲଙ୍କ ସହ ଫର୍ମରେ ଥିବା ବିରାଟ କୋହଲି କ୍ରିଜ୍‌ରେ ଯୋଗଦେବା ପରେ ସ୍ଥିତି ବଦଳିଥିଲା। ଦୁହେଁ ଦ୍ୱିତୀୟ ଉଇକେଟରେ ୩୭ ବଲ୍‌ରୁ ୬୭ ରନ ଯୋଗକରି ମୋମେଣ୍ଟମ ବଦଳାଇ ଦେଇଥିଲେ। ଅର୍ଦ୍ଧଶତକ ହାସଲ କରିଥିବା ରାହୁଲ ୩୨ ବଲ୍‌ରୁ ୩ ଚୌକା ଓ ୪ ଛକା ସହାୟତାରେ ୫୦ ରନ କରିଥିବାବେଳେ ବାଂଲାଦେଶ ଅଧିନାୟକ ଶକିବ ଅଲ୍ ହାସନଙ୍କ ବଲ୍‌ରେ ଆଉଟ ହୋଇ ଯାଇଥିଲେ। କ୍ରିଜ୍‌କୁ ଆସି ସୂର୍ଯ୍ୟକୁମାର ଯାଦବ ୧୬ ବଲ୍‌ରୁ ଷ୍ଟ୍ରୋକପୂର୍ଣ୍ଣ ୩୦ ରନ କରି ରନ ହାର ବଢ଼ାଇ ଦେଇଥିଲେ। ପରେ ହାର୍ଦ୍ଦିକ ପାଣ୍ଡ୍ୟା ୫ ଓ ଦୀନେଶ କାର୍ତ୍ତିକ ୭ ରନକରି ଆଉଟ ହୋଇଥିଲେ ହେଁ ଶେଷ ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିଥିଲେ ବିରାଟ। ସେ ୪୪ଟି ବଲ୍‌ର ସମ୍ମୁଖୀନ ହୋଇ ୮ ଚୌକା ଓ ୧ ଛକା ସହାୟତାରେ ୬୪ ରନରେ ଅପରାଜିତ ରହି ଦଳର ରନ୍ ସଂଖ୍ୟାକୁ ୧୮୪ରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ରବିଚନ୍ଦ୍ରନ ଅଶ୍ୱିନ ୬ ବଲ୍‌ରୁ ଗୋଟିଏ ଲେଖାଏ ଚୌକା ଓ ଛକା ସହ ମୂଲ୍ୟବାନ ୧୩ ରନ କରିଥିଲେ। ବାଂଲାଦେଶ ପକ୍ଷରୁ ହସନ ମହମୁଦ ୩ଟି ଓ ଶକିବ ୨ଟି ଉଇକେଟ ନେଇଥିଲେ।

ବଡ଼ ଟାର୍ଗେଟ ଥିଲେ ହେଁ ବାଂଲାଦେଶ ଚମତ୍କାର ଆରମ୍ଭ କରିଥିଲା। ଓପନର ଲିଟନ ଦାସ ଆକ୍ରମଣର ନେତୃତ୍ୱ ନେଇଥିଲେ। ଫଳରେ ଏହି ଦଳ ୭ ଓଭରରେ କୌଣସି ଉଇକେଟ ନ ହରାଇ ୬୬ ରନ ସଂଗ୍ରହ କରି ନେଇଥିଲା। ଯଦି ଆଉ ଖେଳ ସମ୍ଭବ ହୋଇ ନ ଥାନ୍ତା ତେବେ ବାଂଲାଦେଶ ଡିଏଲ୍ଏସ୍ ପଦ୍ଧତିରେ ୧୭ ରନରେ ବିଜୟୀ ହୋଇଥାନ୍ତା। ମାତ୍ର ଦଳକୁ ଭାଗ୍ୟ ସାଥ୍ ଦେଇ ନ ଥିଲା। ବର୍ଷା ଛାଡ଼ିବା ପରେ ଖେଳ ଆରମ୍ଭ ହୋଇଥିଲା ଏବଂ ନୂଆ ଟାର୍ଗେଟ ଧାର୍ଯ୍ୟ ହୋଇଥିଲା। ବର୍ଷାଜନିତ ବ୍ରେକ୍ ଯୋଗୁ ବାଂଲାଦେଶର ମୋମେଣ୍ଟମ ପ୍ରଭାବିତ ହୋଇଥିଲା। ବିଶେଷ କରି ଡିପ୍ ମିଡ୍ ଉଇକେଟରେ ଫିଲ୍ଡିଂ କରୁଥିବା ରାହୁଲ ଡାଇରେକ୍ଟ ଥ୍ରୋ କରି ଲିଟନଙ୍କୁ ରନ୍‌ଆଉଟ କରିବା ମ୍ୟାଚର ଟର୍ନିଂପଏଣ୍ଟ ଥିଲା। ୨୭ଟି ବଲ୍ ଖେଳିଥିବା ଲିଟନ ୭ ଚୌକା ଓ ୩ ଛକା ସହାୟତାରେ ୬୦ ରନ କରି ଆଉଟ ହେବା ପରେ ବାଂଲାଦେଶ ଇନିଂସ ଦିଗହରା ହୋଇଥିଲା। ନଜମୁଲ ହୋସେନ ୨୧, ଅଧିନାୟକ ଶକିବ ୧୩, ଅଫିଫ ହୋସେନ ୩ ଓ ୟାସିର ଅଲୀ ମାତ୍ର ୧ ରନକରି ପ୍ୟାଭିଲିୟନ ଫେରିଥିଲେ। ନୁରୁଲ ହାସନ ୧୪ ବଲ୍‌ରୁ ୨୫ ଓ ତସକିନ ଅହମଦ ୭ ବଲ୍‌ରୁ ୧୨ ରନରେ ଅପରାଜିତ ରହିଥିଲେ ହେଁ ଦଳ ପରାଜୟର ସାକ୍ଷୀ ପାଲଟିଥିଲେ। ଭାରତ ପକ୍ଷରୁ ଅର୍ଶଦୀପ ଓ ହାର୍ଦ୍ଦିକ ପାଣ୍ଡ୍ୟା ୨ଟି ଲେଖାଏ ଏବଂ ମହମ୍ମଦ ଶାମି ଗୋଟିଏ ଉଇକେଟ ନେଇଥିଲେ।





ଶଟ୍ ଖେଳିବା ଅବସରରେ ଲୋକେଶ ରାହୁଲ ଓ ବିରାଟ କୋହଲି।

## ସ୍କୋର ବୋର୍ଡ

**ଭାରତ ଇନିଂସ**

ରାହୁଲ-କ-ମୁସ୍ତାଫିଜୁର-ବୋ-ଶକିବ-୫୦
ରୋହିତ-କ-ୟାସିର-ବୋ-ହସନ-୨
କୋହଲି-ନଟ୍‌ଆଉଟ-୬୪
ସୂର୍ଯ୍ୟକୁମାର-ବୋ-ଶକିବ-୩୦
ହାର୍ଦ୍ଦିକ-କ-ୟାସିର-ବୋ-ହସନ-୫
କାର୍ତ୍ତିକ-ରନଆଉଟ-୭
ଅକ୍ଷର-କ-ଶକିବ-ବୋ-ହସନ-୭
ଅଶ୍ୱିନ-ନଟଆଉଟ-୧୩
ଅତିରିକ୍ତ-୬
ମୋଟ(୬ ଉଇକେଟ, ୨୦ ଓଭର) ୧୮୪
ଉଇକେଟ ପତନ:୧/୧୧, ୨/୭୮, ୩/୧୧୬, ୪/୧୩୦, ୫/୧୫୦, ୬/୧୫୭।

**ବୋଲିଂ(ବାଂଲାଦେଶ)**

ତସକିନ ଅହମଦ ୪-୦-୧୫-୦
ଶୋରିଫୁଲ ଇସଲାମ ୪-୦-୫୭-୦
ହସନ ମହମୁଦ ୪-୦-୪୭-୩
ମୁସ୍ତାଫିଜୁର ରହମନ ୪-୦-୩୧-୦
ଶକିବ ଅଲ୍ ହାସନ ୪-୦-୩୩-୨

**ବାଂଲାଦେଶ ଇନିଂସ**

ନଜମୁଲ-କ-ସୂର୍ଯ୍ୟକୁମାର-ବୋ-ଶାମି-୨୧
ଲିଟନ-ରନଆଉଟ-୬୦
ଶକିବ-କ-ହୁଡା(ବ)-ବୋ-ଅର୍ଶଦୀପ-୧୩
ଅଫିଫ-କାସୂର୍ଯ୍ୟକୁମାର-ବୋ-ଅର୍ଶଦୀପ-୩
ୟାସିର-କ-ଅର୍ଶଦୀପ-ବୋ-ହାର୍ଦ୍ଦିକ-୧
ନୁରୁଲ-ନଟଆଉଟ-୨୫
ମୋସାଦେକ-ବୋ-ହାର୍ଦ୍ଦିକ-୬
ତସକିନ-ନଟଆଉଟ-୧୨
ଅତିରିକ୍ତ-୪
ମୋଟ(୬ ଉଇକେଟ, ୧୬ ଓଭର) ୧୪୫
ଉଇକେଟ ପତନ:୧/୬୮, ୨/୮୪, ୩/୯୯, ୪/୧୦୦, ୫/୧୦୨, ୬/୧୦୮।

**ବୋଲିଂ(ଭାରତ)**

ଭୁବନେଶ୍ୱର କୁମାର ୩-୦-୨୭-୦
ଅର୍ଶଦୀପ ସିଂ ୪-୦-୩୮-୨
ମହମ୍ମଦ ଶାମି ୩-୦-୨୫-୧
ଅକ୍ଷର ପଟେଲ ୧-୦-୬-୦
ରବିଚନ୍ଦ୍ରନ ଅଶ୍ୱିନ ୨-୦-୧୯-୦
ହାର୍ଦ୍ଦିକ ପାଣ୍ଡ୍ୟା ୩-୦-୨୮-୨।

**ପ୍ଲେୟର ଅଫ୍ ଦି ମ୍ୟାଚ: ବିରାଟ କୋହଲି**

# ଏକାଧିକ ରେକର୍ଡ ଭାଙ୍ଗିଲେ କୋହଲି

ଆଡିଲେଡ୍, ୨।୧୧(ପି.ଟି.)

ଆଡିଲେଡ ଓଭାଲ କ୍ରିକେଟ ଷ୍ଟାଡିୟମରେ କୋହଲିଙ୍କ ଆଧିପତ୍ୟ ଜାରି। ଏହି ଗ୍ରାଉଣ୍ଡରେ କୋହଲି ପ୍ରଥମ ଥର ପାଇଁ ଟେଷ୍ଟ ଅଧିନାୟକ ଦାୟିତ୍ୱ ଗ୍ରହଣ କରି ଉଭୟ ଇନିଂସରେ ଶତକ ହାସଲ କରିଥିବା ବେଳେ ବୁଧବାର ବାଂଲାଦେଶ ବିପକ୍ଷ ସୁପର-୧୨ ଲିଗ୍ ମ୍ୟାଚରେ ଅପରାଜିତ ୬୪ ରନର ଇନିଂସ ଖେଳିଛନ୍ତି। ଏହି ଇନିଂସ ଅବସରରେ କୋହଲି ଏକାଧିକ ରେକର୍ଡ ଭାଙ୍ଗିଛନ୍ତି। ମାହେଲା ଜୟବର୍ଦ୍ଧନେଙ୍କୁ ଅତିକ୍ରମ କରି ଟି୨୦ କ୍ରିକେଟ ବିଶ୍ୱକପର ହାଇଏଷ୍ଟ ରନ୍ ସ୍କୋରର ପାଲଟିଛନ୍ତି କୋହଲି। ବାଂଲାଦେଶ ବିପକ୍ଷ ମ୍ୟାଚରେ ୧୬ରନ୍ କରିଥିବା ବେଳେ ପୂର୍ବତନ ଶ୍ରୀଲଙ୍କା ଅଧିନାୟକ ଜୟବର୍ଦ୍ଧନେଙ୍କୁ ପଛରେ ପକାଇଥିଲେ କୋହଲି। ନିଜର ପଞ୍ଚମ ବିଶ୍ୱକପ ଖେଳୁଥିବା କୋହଲି ମାତ୍ର ୨୩ ଇନିଂସରେ ଏହି ମାଇଲଖୁଣ୍ଟ ହାସଲ କରିଛନ୍ତି। ଜୟବର୍ଦ୍ଧନେ ୩୧ ମ୍ୟାଚରୁ ୧୦୧୬ ରନ୍ କରିଥିବା ବେଳେ କୋହଲ ୨୩ ମ୍ୟାଚରେ ୧୦୬୫ ରନ୍ କରିଛନ୍ତି। ଜୟବର୍ଦ୍ଧନେ ୬ ଅର୍ଦ୍ଧଶତକ ହାସଲ କରିଥିବା ବେଳେ କୋହଲି ୧୩ ଅର୍ଦ୍ଧଶତକ ହାସଲ କରିଛନ୍ତି। କୋହଲିଙ୍କ ଆଭରେଜ ୮୮.୭୫ ଓ ଷ୍ଟ୍ରାଇକରେଟ୍ ୧୩୨.୪୬ ରହିଛି। ଏହି ଇନିଂସ ସହିତ ବୁଧବାର କୋହଲି ଟି୨୦ରେ ସର୍ବାଧିକ ରନ ସଂଗ୍ରହକାରୀଙ୍କ ମଧ୍ୟରେ ପ୍ରଥମ ସ୍ଥାନରେ ପହଞ୍ଚିଛନ୍ତି। ରୋହିତ ଶର୍ମା(୩୮୧୧) ଓ ମାର୍ଟିନ୍ ଗୁପ୍‌ଟିଲ୍(୩୫୩୧) ଏହି ତାଲିକାର କୋହଲିଙ୍କ ପଛକୁ ରହିଛନ୍ତି। ଅନ୍ୟ ପକ୍ଷରେ ଆଡିଲେଡ୍ ଓଭାଲ ଗ୍ରାଉଣ୍ଡରେ ଆଉ ଏକ ଚମତ୍କାର ପ୍ରଦର୍ଶନ ଦେଇଛନ୍ତି କୋହଲି। ଏହି ଗ୍ରାଉଣ୍ଡରେ ନିଜର ୧୦ମ ଅନ୍ତର୍ଜାତୀୟ ମ୍ୟାଚ ଖେଳୁଥିବା କୋହଲି ସଂଗ୍ରହ କରିଛନ୍ତି ୯୦୭ ରନ୍। ଏହି ଗ୍ରାଉଣ୍ଡରେ କୋହଲି ୪ଟି ଲେଖାଏ ଟେଷ୍ଟ ଓ ଦିନିକିଆ ଖେଳିଛନ୍ତି। ୪ ଟେଷ୍ଟରୁ ୩ ଶତକ ଓ ୧ ଅର୍ଦ୍ଧଶତକ ସହିତ ୬୩.୬୨ ହାରାହାରି ସହିତ ୫୦୯ ରନ୍ କରିଛନ୍ତି। ସେହିପରି ଦିନିକିଆରେ ପାକିସ୍ତାନ ଓ ଅଷ୍ଟ୍ରେଲିଆ ବିପକ୍ଷରେ ଶତକ ସହିତ ୬୧ ହାରରେ ୨୪୪ ରନ୍ କରିଛନ୍ତି କୋହଲି। ୨ଟି ଟି୨୦ରେ ୧୫୪ ରନ୍ କରିଥିବା ବେଳେ ସେ ଥରେ ବି ଆଉଟ ହୋଇ ନାହାନ୍ତି।

**ଟି୨୦ କ୍ରିକେଟ ବିଶ୍ୱକପ୍ ପଏଣ୍ଟ ତାଲିକା (ସୁପର-୧୨)**

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବିନା ଫଳାଫଳ | ପଏଣ୍ଟ | ରନହାର |
|---|---|---|---|---|---|---|
| **ଗ୍ରୁପ୍ 'ଏ'** | | | | | | |
| ନ୍ୟୁଜିଲାଣ୍ଡ | ୪ | ୨ | ୧ | ୧ | ୫ | +୨.୨୩୩ |
| ଇଂଲଣ୍ଡ | ୪ | ୨ | ୧ | ୧ | ୫ | +୦.୫୪୭ |
| ଅଷ୍ଟ୍ରେଲିଆ | ୪ | ୨ | ୧ | ୧ | ୫ | -୦.୩୦୪ |
| ଶ୍ରୀଲଙ୍କା | ୪ | ୨ | ୨ | ୦ | ୪ | -୦.୪୫୭ |
| ଆୟର୍ଲାଣ୍ଡ | ୪ | ୧ | ୨ | ୧ | ୩ | -୧.୫୪୪ |
| ଆଫଗାନିସ୍ତାନ | ୪ | ୦ | ୨ | ୨ | ୨ | -୦.୬୧୮ |
| **ଗ୍ରୁପ୍ 'ବି'** | | | | | | |
| ଭାରତ | ୪ | ୩ | ୧ | ୦ | ୬ | +୦.୭୩୦ |
| ଦ. ଆଫ୍ରିକା | ୩ | ୨ | ୦ | ୧ | ୫ | +୨.୭୭୨ |
| ବାଂଲାଦେଶ | ୪ | ୨ | ୨ | ୦ | ୪ | -୧.୨୭୬ |
| ଜିମ୍ବାୱେ | ୪ | ୧ | ୨ | ୧ | ୩ | -୦.୩୧୩ |
| ପାକିସ୍ତାନ | ୩ | ୧ | ୨ | ୦ | ୨ | +୦.୭୬୫ |
| ନେଦରଲାଣ୍ଡ୍ସ | ୪ | ୧ | ୩ | ୦ | ୨ | -୧.୨୩୩ |



ଭାରତ-ବାଂଲାଦେଶ ମ୍ୟାଚର ଟର୍ନିଂ ପଏଣ୍ଟ: ଲିଟନ ଦାସଙ୍କ ରନ୍‌ଆଉଟରେ ଉଲ୍ଲସିତ ରୋହିତ ଶର୍ମା ଓ ରବିଚନ୍ଦ୍ରନ ଅଶ୍ୱିନ।

# ୟୁ ମୁମ୍ବାର ସଂଘର୍ଷପୂର୍ଣ୍ଣ ବିଜୟ

ପୁନେ, ୨।୧୧(ପି.ଟି.)

ପ୍ରୋ କବାଡି ଲିଗ୍‌ରେ ବୁଧବାର ୟୁ ମୁମ୍ବା ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଥିବା ବେଳେ ପଏଣ୍ଟ ବାଣ୍ଟିଛନ୍ତି ବେଙ୍ଗଲ ୱାରିୟର୍ସ ଓ ତାମିଲ ଥାଲାଇଭାସ୍। ଶିବ୍ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଖେଳା ଯାଇଥିବା ପ୍ରଥମ ମ୍ୟାଚରେ ୟୁ ମୁମ୍ବା ୪୦-୩୭ରେ ତେଲୁଗୁ ଟାଇଟନ୍ସକୁ ପରାସ୍ତ କରିଥିଲା। ୟୁ ମୁମ୍ବା ପକ୍ଷରୁ ରେଡର୍ ଆଶିଷ ସର୍ବାଧିକ ୧୨ ପଏଣ୍ଟ ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଣୟ ରାଣେ ୬ ଓ ଅଧିନାୟକ ସୁରିନ୍ଦର ୪ ପଏଣ୍ଟ ସ୍କୋର କରିଥିଲେ। ତେଲୁଗୁ ଟାଇଟନ୍ସ ପକ୍ଷରୁ ରେଡର ସିଦ୍ଧାର୍ଥ ଦେଶାଇ ଏକାକୀ ୧୮ ପଏଣ୍ଟ ସ୍କୋର କରିଥିବା ବେଳେ ଡିଫେଣ୍ଡର ମାନଙ୍କ ପ୍ରଦର୍ଶନ ଆଶାନୁରୂପ ରହିନଥିଲା। ସନ୍ଧ୍ୟାର ଦ୍ୱିତୀୟ ମ୍ୟାଚରେ ବେଙ୍ଗଲ ୱାରିୟର୍ସ ଓ ତାମିଲ ଥାଲାଇଭାସ୍ କଡା ସଂଘର୍ଷ କରିଥିବା ବେଳେ ପଏଣ୍ଟ ବାଣ୍ଟିଥିଲେ। ୪୨ ସେକେଣ୍ଡ ବାକି ରହିଥିବା ବେଳେ ବେଙ୍ଗଲ ୱାରିୟର୍ସ ୧ ପଏଣ୍ଟରେ ଆଗୁଆ ଥିଲା। ଥାଲାଇଭାସ୍ ପକ୍ଷରୁ ରେଡ୍ କରିଥିବା ନରେନ୍ଦରଙ୍କ ସହିତ ବେଙ୍ଗଲର ଦୁଇ ଡିଫେଣ୍ଡର ଆଉଟ ହୋଇଥିଲେ। ଦୁଇ ପଏଣ୍ଟ ପାଇବା ସହିତ ମ୍ୟାଚ ଟାଇ ରଖିବାରେ ସମର୍ଥ ହୋଇଥିଲା ଥାଲାଇଭାସ୍। ବେଙ୍ଗଲ ପକ୍ଷରୁ ଅଧିନାୟକ ମନିନ୍ଦର ସର୍ବାଧିକ ୧୯ ପଏଣ୍ଟ ସ୍କୋର କରିଥିଲେ। ଥାଲାଇଭାସ୍ ପକ୍ଷରୁ ନରେନ୍ଦର ୧୫ ପଏଣ୍ଟ ସ୍କୋର କରିଥିଲେ।



ପ୍ରୋ କବାଡ଼ି ଲିଗ୍‌ରେ ବୁଧବାର ବେଙ୍ଗଲ ୱାରିୟର୍ସ ଓ ତାମିଲ ଥାଲାଇଭାସ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ଆଡିଲେଡ୍ ମ୍ୟାଚରେ ଟାଗୋର୍ ସଂଯୋଗ

ଆଡିଲେଡ୍, ୨।୧୧(ପି.ଟି.)

ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଟି୨୦ ବିଶ୍ୱକପର ସୁପର ଲିଗ୍ ପର୍ଯ୍ୟାୟରେ ଦୁଇ ପଡୋଶୀ ରାଷ୍ଟ୍ର ଭାରତ ଓ ବାଂଲାଦେଶ ସାମ୍ନାସାମ୍ନି ହୋଇଥିଲେ। ଏହି ମ୍ୟାଚରେ ସାହିତ୍ୟରେ ନୋବେଲ ପୁରସ୍କାର ପ୍ରାପ୍ତ ରବୀନ୍ଦ୍ରନାଥ ଟାଗୋରଙ୍କ ସଂଯୋଗ ରହିବା କଥା ଜାତୀୟ ସଙ୍ଗୀତ ଗାନ ସମୟରେ ସାମ୍ନାକୁ ଆସିଥିଲା। ବୁଧବାରର ମ୍ୟାଚ ପୂର୍ବରୁ ଦୁଇ ଦଳର ଜାତୀୟ ସଙ୍ଗୀତ ବାଜିଥିଲା। ଆଉ ଜାତୀୟ ସଙ୍ଗୀତରେ ମନେ ପଡିଥିଲେ ଉଭୟ ଦେଶର ଜାତୀୟ ସଙ୍ଗୀତର ରଚୟିତା ରବୀନ୍ଦ୍ର ନାଥ ଟାଗୋର। ଭାରତର ଜାତୀୟ ସଙ୍ଗୀତ 'ଜନଗଣ ମନ ଅଧିନାୟକ...' ଓ ବାଂଲାଦେଶର ଜାତୀୟ ସଙ୍ଗୀତ 'ଆମାର ସୋନାର ବାଙ୍ଗଲା...' ଉଭୟ ଟାଗୋରଙ୍କ ଲେଖନୀରୁ ନିସୃତ। ଉଭୟ କବିତାକୁ ଟାଗୋର ୧୯୦୫ ମସିହାରେ ଲେଖିଥିଲେ। ଭାରତର ଜାତୀୟ ସଙ୍ଗୀତକୁ ୨୪ ଜାନୁୟାରୀ ୧୯୫୦ରେ ଗ୍ରହଣ କରାଯାଇଥିବା ବେଳେ ୧୯୭୧ରେ 'ଆମାର ସୋନାର ବାଙ୍ଗଲା...'କୁ ଜାତୀୟ ସଙ୍ଗୀତର ମାନ୍ୟତା ମିଳିଥିଲା।

# ନେଦରଲାଣ୍ଡ୍ସର ସହଜ ବିଜୟ

ଆଡିଲେଡ୍, ୨।୧୧

ଟି୨୦ ବିଶ୍ୱକପରେ ନେଦରଲାଣ୍ଡ୍ସ ଜିମ୍ବାୱେ ବିପକ୍ଷରେ ସହଜ ବିଜୟ ହାସଲ କରିଛି। ପ୍ରଥମେ ବୋଲିଂ କରି ଜିମ୍ବାୱେକୁ ମାତ୍ର ୧୧୭ ରନରେ ସୀମିତ ରଖିବା ପରେ ୫ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା ନେଦରଲାଣ୍ଡ୍ସ। ଟସ୍ ଜିତି ଜିମ୍ବାୱେ ପ୍ରଥମେ ବ୍ୟାଟିଂ କରିଥିବା ବେଳେ ଆରମ୍ଭରୁ ବିପର୍ଯ୍ୟୟର ସାମ୍ନା କରିଥିଲା। ମାତ୍ର ୨୦ ରନରେ ଟପ୍ ୩ ବ୍ୟାଟରଙ୍କୁ ହରାଇଥିଲା ଜିମ୍ବାୱେ। ତେବେ ସନ୍ ୱିଲିୟମ୍ସ(୨୮) ଓ ସିକନ୍ଦର ରାଜା(୪୦) ଇନିଂସ ସଜାଡିବାକୁ ପ୍ରୟାସ କରିଥିଲେ। ରାଜା ୨୪ ବଲ୍ ଖେଳି ୩ଟି ଲେଖାଏ ଛକା ଓ ଚୌକା ମାରିଥିଲେ। ଦଳୀୟ ସ୍କୋର ୯୨ରେ ରାଜା ପ୍ୟାଭିଲିୟନ୍ ଫେରିବା ସହିତ ୧୯.୨ ଓଭରରେ ଜିମ୍ବାୱେ ୧୧୭ ରନରେ ଅଲଆଉଟ ହୋଇଥିଲା। ନେଦରଲାଣ୍ଡ୍ସ ପକ୍ଷରୁ ଭାନ୍ ମିକେରାନ୍ ୩ ଉଇକେଟ ନେଇଥିବା ବେଳେ ବ୍ରାଣ୍ଡନ୍ ଗ୍ଲୋଭର, ଭାନ୍ ବିକ୍ ଓ ବାସ୍ ଡେ ଲିଡ୍ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

୧୧୮ ରନ୍‌ଜବାବରେ ଓପନର ମ୍ୟାକ୍ସ ଓଡଡ୍‌ଙ୍କ ୫୨ ରନ୍ ବଳରେ ୧୮ ଓଭରରେ ୫ ଉଇକେଟ ହରାଇ ମ୍ୟାଚ ଜିତି ନେଇଥିଲା। ଓଡୋଡ୍ ୪୭ ବଲ୍ ଖେଳି ୮ ଚୌକା ଓ ୧ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟମ୍ କୁପର ୩୨ ରନ୍ କରିଥିଲେ। ୧୭ ରନରେ ପ୍ରଥମ ଉଇକେଟ ପଡିବା ପରେ ଉଭୟ ୭୩ ରନର ଭାଗୀଦାରି କରି ଦଳକୁ ବିଜୟର ନିକଟବର୍ତ୍ତୀ କରିଥିଲେ। ବାସ୍ ଡେ ଲିଡ୍ ୧୨ ରନରେ ଅପରାଜିତ ରହି ଦଳକୁ ବିଜୟୀ କରିଥିଲେ। ଜିମ୍ବାୱେ ପକ୍ଷରୁ ରିଚାର୍ଡ ଏନ୍‌ଗାରଭା ଓ ବ୍ଲେସିଙ୍ଗ ମୁଜାରବାନି ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ମ୍ୟାକ୍ସ ଓଡୋଡଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା।



ମ୍ୟାକ୍ସ ଓଡଡ୍

**ସଂକ୍ଷିପ୍ତ ସ୍କୋର**

ଜିମ୍ବାୱେ ୧୯.୨ ଓଭରରେ ୧୧୭/୧୦ (ସିକନ୍ଦର ରାଜା-୪୦, ସନ୍ ୱିଲିୟମ୍ସ-୨୮, ରିଚାର୍ଡ ଏନ୍‌ଗାରଭା-୯, ଭାନ୍ ମିକେରାନ୍-୩/୨୯, ଭାନ୍ ବିକ୍-୨/୧୭, ବାସ୍ ଡେ ଲିଡ୍-୨/୧୪)।

ନେଦରଲାଣ୍ଡ୍ସ ୧୮ ଓଭରରେ ୧୨୦/୫ ( ମ୍ୟାକ୍ସ ଓଡଡ-୫୨, ଟମ୍ କୁପର-୩୨, ବାସ୍ ଡେ ଲିଡ୍-୧୨*, ରିଚାର୍ଡ ଏନ୍‌ଗାରଭା-୨/୧୮, ବ୍ଲେସିଙ୍ଗ ମୁଜାରବାନି-୨/୨୩, ଲୁକ୍ ଜଙ୍ଗୱେ-୧/୨୫)।



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

**ସାରୁଅରେ ଚକ୍ଷୁ ପରୀକ୍ଷା ଶିବିର**

ବେଗୁନିଆ,(ଡି.ଏନ୍.ଏ.)- ବେଗୁନିଆ ବ୍ଲକ ଅନ୍ତର୍ଗତ ସାରୁଅ ଗ୍ରାମସ୍ଥିତ ବିପ୍ଳବୀ ଯୁବ ପରିଷଦ ଓ ରାଷ୍ଟ୍ର ଶକ୍ତି ମିଶନର ମିଳିତ ଆନୁକୂଲ୍ୟରେ ବୁଧବାର ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଜେଡିର ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ଓ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୫୫ଜଣ ରୋଗୀଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୧୭ ଜଣଙ୍କର ମୋତିଆବିନ୍ଦୁ ଚିହ୍ନଟ କରାଯାଇଛି। କର୍ମଚାରୀ ସୁଧାଂଶୁ ଶେଖର ମହାପାତ୍ର, ଦୀପ୍ତି ରଞ୍ଜନ ପଣ୍ଡା ଓ ସତ୍ୟଜିତ ପାଇକରାୟ ଉପସ୍ଥିତ ରହି ଚକ୍ଷୁ ପରୀକ୍ଷା କରିଥିଲେ। ଅନୁଷ୍ଠାନର ଦେବ ଦୁର୍ଲ୍ଲଭ ଦାଶ, ଦିଲୀପ ଗୋଛି, ଲିଙ୍ଗରାଜ ବେହେରା, ସଞ୍ଜୟ ବେହେରା, ରାଜେନ୍ଦ୍ର ପ୍ରଧାନ, ସତ୍ୟ ନାରାୟଣ ପୃଷ୍ଟି ପ୍ରମୁଖ ସହଯୋଗ କରିଥିଲେ।



## ସଂକ୍ଷେପରେ

### ଖୋର୍ଦ୍ଧାରୋଡ ମେମୁ କାର୍‌ସେଡ୍‌ଠାରେ ନୂତନ ଇନ୍ସପେକ୍ସନ ୱେ ଉଦ୍‌ଘାଟିତ

ଭୁବନେଶ୍ୱର,୨।୧୧ (ବ୍ୟୁରୋ) : ଖୋର୍ଦ୍ଧାରୋଡ଼ ମେମୁ କାର ସେଡ୍‌ଠାରେ ଟ୍ରେନର ଯାନ୍ତ୍ରିକ ସୁବିଧାକୁ ନିୟନ୍ତ୍ରଣ କରିବାକୁ ୨ ଫୁଟ୍ ଓସାରର ୩୭୦ ମିଟର ଲମ୍ବା ଇନ୍ସପେକ୍ସନ ୱେ ଉଦ୍‌ଘାଟନ କରାଯାଇଛି। ମଣ୍ଡଳ ରେଳ ପ୍ରବନ୍ଧକ ରିଙ୍କେଶ ରାୟ୍ ଏହି ୱେର ଉଦ୍‌ଘାଟନ କରିଥିଲେ। ଏକ ସାଙ୍ଗରେ ଦୁଇଟି ୧୬ କାର ବିଶିଷ୍ଟ ମେମୁ ଟ୍ରେନ୍‌ର ରକ୍ଷଣାବେକ୍ଷଣ କରାଯାଇପାରିବ। ସେହିଭଳି ପୂର୍ବରୁ ୧୦୦ ମିଟର ଲମ୍ବା ଇନ୍ସପେକ୍ସନ ୱେ କାର୍ଯ୍ୟକ୍ଷମ ଅଛି । ସେଠାରେ ୧୦ ରେକ୍ ବିଶିଷ୍ଟ ମେମୁ ଟ୍ରେନଗୁଡ଼ିକର ରକ୍ଷଣାବେକ୍ଷଣ କରାଯାଉଛି। ତେଣୁ ନୂତନ ଇନ୍ସପେକ୍ସନ ୱେରେ ଆସନ୍ତା ଦିନରେ ଅତିରିକ୍ତ ଟ୍ରେନଗୁଡ଼ିକର ରକ୍ଷଣାବେକ୍ଷଣ ହୋଇପାରିବ। ଏହାସହ ଏହି ନୂତନ ଇନ୍ସପେକ୍ସନ ୱେରେ ତ୍ରିସ୍ତରୀୟ ଯାଞ୍ଚ ସୁବିଧା ଉପଲବ୍ଧ ଅଛି । ମେମୁ ଟ୍ରେନଗୁଡ଼ିକୁ ଗ୍ରାଉଣ୍ଡ ଲେଭଲ୍, ଗ୍ରାଉଣ୍ଡ ଲେଭଲ୍ ଉପରେ ଏବଂ ଟପ ଲେଭଲ୍‌ରେ ଯାଞ୍ଚ କରାଯାଇପାରିବ। ମେମୁ ଟ୍ରେନ୍‌ଗୁଡ଼ିକୁ ନିୟମିତ ଭାବେ ସଫାକରିବା ଏବଂ ପରିଷ୍କାର ରଖିବା ପାଇଁ ଗୋଟିଏ ୱାସିଙ୍ଗ ଲାଇନ୍ ନିର୍ମାଣ କରାଯାଇଛି। ଏହି ଅବସରରେ ମଣ୍ଡଳ ରେଳ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ଼ଙ୍କ ଦ୍ୱାରା ଟ୍ରବୁଲ୍ ସଟ୍ ଡାଇରେକ୍ଟରୀ (ଟିଡିଏସ୍) ନାମକ ଏକ ମାନୁଆଲ୍ ଏବଂ ଡିଜିଟାଲ୍ ବହି ଉନ୍ମୋଚନ କରାଯାଇଥିଲା। ମେମୁ ଟ୍ରେନ ଚଳାଚଳ ସମୟରେ ସମ୍ମୁଖୀନ ହେଉଥିବା ବୈଷୟିକ ସମସ୍ୟାର ସମାଧାନ ପାଇଁ ମୋଟରମ୍ୟାନମାନଙ୍କ ପାଇଁ ଟିଡିଏସ ହେଉଛି ଏକ ଗାଇଡ୍ ପୁସ୍ତକ। ପାଣ୍ଡି ଟମ୍, ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ମେମୁ) ନେତୃତ୍ୱରେ ମେମୁ କାର ସେଡ୍‌ର ବୈଷୟିକ ଟିମ୍‌ଙ୍କ ଦ୍ୱାରା ଏହି ପୁସ୍ତକଟି ଡିଜାଇନ୍ ଏବଂ ପ୍ରସ୍ତୁତ କରାଯାଇଛି।

### ଜୟୀ ରାଜଗୁରୁଙ୍କ ତ୍ୟାଗ ଅତୁଳନୀୟ

ଖୋର୍ଦ୍ଧା ଅଫିସ,୨।୧୧: ସ୍ଥାନୀୟ ଜୟୀ ରାଜଗୁରୁ ଉଚ୍ଚ ବିଦ୍ୟାଳୟରେ ବୁଧବାର ଜୟୀ ରାଜଗୁରୁଙ୍କ ଜୟନ୍ତୀ ଏବଂ ମୂରଲୀଧର ମହାପାତ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତି ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ପ୍ରତାପ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ପୂର୍ବତନ ଏମ୍‌ପି ତଥା ରାଜ୍ୟ ଯୋଜନା ବୋର୍ଡର ସଦସ୍ୟ ପ୍ରସନ୍ନ କୁମାର ପାଟ୍ଟଶାଣୀ ପ୍ରମୁଖ ଜୟୀ ରାଜଗୁରୁଙ୍କ ତ୍ୟାଗମୟ ଜୀବନ ବିଷୟରେ ଆଲୋକପାତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଜଗଦେବ ବାର୍ଷିକ ବିବରଣୀ ପାଠ ଓ ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଗୋପାଳକୃଷ୍ଣ ଦାସ, ବୈକୁଣ୍ଠନାଥ ରାଜଗୁରୁ, ଡ. ଗୌରହରି ମିଶ୍ର, ସତ୍ୟବାନ ଶ୍ରୀଚନ୍ଦନ, ସାରଦା ପ୍ରସାଦ ମହାପାତ୍ର, ସହଦେବ ଜୟସିଂହ, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ରଶ୍ମିରଞ୍ଜନ ମହାପାତ୍ର, ଗତିକୃଷ୍ଣ ଉତ୍ତରକବାଟ, ବୃନ୍ଦାବନ ପଣ୍ଡା, ବିଜୟ ଚନ୍ଦ୍ର ମହାପାତ୍ର, କ୍ଷେତ୍ରବାସୀ ମହାରଣା, ବିନୟ ମହାପାତ୍ର, ବିଭୁପ୍ରସାଦ ହରିଚନ୍ଦନ, ଜବାହରଲାଲ ସୁବୁଦ୍ଧି ଏବଂ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଅନିଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରୀ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଗ୍ରାମର ବରିଷ୍ଠ ନାଗରିକ ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ବ୍ରଜେନ୍ଦ୍ର ପରିଡା, ଅପର୍ତ୍ତି ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ସ୍ୱରୂପ ମହାପାତ୍ର, ସନ୍ଧ୍ୟାରାଣୀ ଦେବୀ, ଦେବାଶିଷ ମହାପାତ୍ର, ତମାଳ ଦେଇ, ଲଳିତ ନାରାୟଣ ମହାପାତ୍ର ସହଯୋଗ କରିଥିବାବେଳେ ସିଆର୍‌ସିସି ଅମୀୟ ପରିଡ଼ା ଓ ପ୍ରସନ୍ନ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିକଶିତ ରାଷ୍ଟ୍ର ପାଇଁ ଦୁର୍ନୀତି ବାଧକ

**ଖୋର୍ଦ୍ଧା ଅଫିସ,୨।୧୧:**



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅଧିକାରୀ, ଛାତ୍ରୀଛାତ୍ର ।

ଦୁର୍ନୀତି ନିବାରଣ ସପ୍ତାହ ଅବସରରେ ବୁଧବାର ଖୋର୍ଦ୍ଧା ଜିଲା ପ୍ରଶାସନ ଏବଂ ଜିଲା ଦୁର୍ନୀତି ନିବାରଣ ସଂସ୍ଥା ମିଳିତ ଆନୁକୂଲ୍ୟରେ 'ଏକ ବିକଶିତ ରାଷ୍ଟ୍ର ପାଇଁ ଦୁର୍ନୀତିମୁକ୍ତ ଭାରତ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିଲେ। ଭିଜିଲାନ୍ସ ଏସ୍‌ପି ଅନୁପମା ଜେମ୍ସ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଏକ ବିକଶିତ ରାଷ୍ଟ୍ର ପାଇଁ ଦୁର୍ନୀତି ବାଧକ। କାର୍ଯ୍ୟକ୍ଷେତ୍ରରେ ସ୍ୱଚ୍ଛତା, ସଚ୍ଚୋଟତା, ସାଧୁତା ରହିବା ଜରୁରୀ। ସରକାରୀ କାର୍ଯ୍ୟରେ ଅବହେଳା, ତୃତୀୟ ବ୍ୟକ୍ତି ଜରିଆରେ କାମ ପାଇଁ ଲାଞ୍ଚ ନେବା ଧର୍ତ୍ତବ୍ୟ ଅପରାଧ। ଜିଲାରେ ପ୍ରତିବର୍ଷ ୩ ଶହରୁ ଊର୍ଦ୍ଧ୍ୱ ଲାଞ୍ଚ ନେବା ଓ ଆୟ ବହିର୍ଭୂତ ମାମଲା ରୁଜୁ କରାଯାଉଛି। ତେବେ ଏତେ ସଂଖ୍ୟକ ଲୋକଙ୍କୁ ଧରିବା ସମ୍ଭବ ନୁହେଁ। ଏଥିପାଇଁ ଜନସଚେତନତା ଜରୁରୀ। ଲୋକେ ସଚେତନ ହେଲେ ଦୁର୍ନୀତିକୁ ରୋକାଯାଇପାରିବ। ଲାଞ୍ଚ ଦେଇ ନିଜ କାର୍ଯ୍ୟ କରାଇବା ଏକପ୍ରକାର ଦୁର୍ନୀତିକୁ ପ୍ରୋତ୍ସାହିତ କରେ ବୋଲି ସେ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଅର୍ଥନୀତି ବିଜ୍ଞାନ ପ୍ରାଧ୍ୟାପକ ଶୁଭେନ୍ଦୁ ମହାନ୍ତି ଯୋଗଦେଇ କହିଥିଲେ, ଅର୍ଥନୈତିକ ଅଭିବୃଦ୍ଧିରେ ଦୁର୍ନୀତି କଣ୍ଟା ସାଜିଥାଏ। ନିଜ ଆବଶ୍ୟକତାଠାରୁ ଅଧିକ ଲାଳସା ଓ ଭୋଗ ବିଳାସ ହିଁ ଦୁର୍ନୀତିକୁ ପ୍ରୋତ୍ସାହିତ କରେ। ପ୍ରତିଦିନ ଗଣମାଧ୍ୟମରୁ ଏଭଳି ଖବର ମିଳୁଛି। ଛାତ୍ରୀଛାତ୍ରମାନେ ନିଜ ଦକ୍ଷତା ବଳରେ ଆଗକୁ ବଢ଼ିବାକୁ ଚେଷ୍ଟା କରିବା ଉଚିତ। ଅତିରିକ୍ତ ଜିଲାପାଳ (ପ୍ରଶାସନ) ମନୋଜ ପାଢ଼ୀ କହିଲେ, ଜାଣିଶୁଣି ଅଥବା ବିନା କୌଣସି କାରଣରେ ସର୍ବସାଧାରଣଙ୍କ ଫାଇଲକୁ ଚାପିରଖି ଦିନ ଗଡ଼ାଇବା ଦୁର୍ନୀତିକୁ ପ୍ରୋତ୍ସାହିତ କରେ। ଏଥିରୁ ନିବୃତ୍ତ ରହି ସେବା ମନୋଭାବ ନେଇ କାମ କରିବାକୁ ସେ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ ଏବଂ ଜିଲା ପରିଷଦ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ କହିଥିଲେ, ଦୁର୍ନୀତି ନେଇ ପ୍ରତ୍ୟେକ ବ୍ୟକ୍ତି ଆତ୍ମଚିନ୍ତନ କରିବା ଜରୁରୀ। ସେହିପରି ଜିଲାପାଳ କହିଥିଲେ, ଦୁର୍ନୀତି ଫାଶରେ ପଡ଼ିଲେ ପତନ ଆରମ୍ଭ ହୋଇଯିବ। ଏଥିପ୍ରତି ସରକାରୀ କର୍ମଚାରୀମାନେ ଯତ୍ନବାନ ହେବା ଜରୁରୀ ବୋଲି ସେ କହିଥିଲେ। ଏହି ଅବସରରେ ବିଦ୍ୟାଳୟ ଓ କଲେଜ ସ୍ତରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ରୀୟ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ବିଭାଗର ଅଧିକାରୀ, ବୁଦ୍ଧିଜୀବୀ, ସାମାଜିକ କର୍ମୀ, ଶିକ୍ଷାବିତ ଉପସ୍ଥିତ ଥିଲେ।

## ପାରିକୁଦରେ ବୋଇତ ବନ୍ଦାଣ ଉତ୍ସବ ପ୍ରସ୍ତୁତି

କୃଷ୍ଣପ୍ରସାଦ,୨।୧୧(ସ୍ୱ.ପ୍ର./ଡି.ଏନ୍.ଏ.)

ଅତୀତର ସାଧବ ପୁଅମାନଙ୍କର ସ୍ମୃତିକୁ ମନେ ପକାଇବା ପାଇଁ ପ୍ରତି ବର୍ଷ ଭଳି ଚଳିତ ମାସ ୮ ତାରିଖ ପ୍ରତ୍ୟୁଷରୁ ୨୦ତମ ବୋଇତ ବନ୍ଦାଣ ଉତ୍ସବ କୃଷ୍ଣପ୍ରସାଦ ଅଞ୍ଚଳରେ ମହାଆଡ଼ମ୍ବରରେ ଅନୁଷ୍ଠିତ ହେବ। ଏ ନେଇ ପାରିକୁଦରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠାନ ପକ୍ଷରୁ ଏକ ବୈଠକ ଅନୁଷ୍ଠାନ ସଭାପତି ବାଉରିବନ୍ଧୁ ଦଳେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୋଇତ ବନ୍ଦାଣ ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ତଥା କନ୍ଦାଖାଇ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ନୀଳକଣ୍ଠ ତ୍ରିପାଠୀ, ଉପସଭାପତି ବରିଷ୍ଠ କ୍ରୀଡ଼ା ଶିକ୍ଷକ ଦୁର୍ଯ୍ୟୋଧନ ନାୟକ,ସମ୍ପାଦକ ଉମେଶ ଚନ୍ଦ୍ର ସିଂହ ସାମନ୍ତ, ନାଲୁ ପାହାଣ, ସୁଶାନ୍ତ କୁମାର ଭାରିମଲ୍ଲ, କୃଷ୍ଣଚନ୍ଦ୍ର ବାହୁବଳେନ୍ଦ୍ର ପ୍ରମୁଖ ଉପସ୍ଥିତ ରହି ଉତ୍ସବ ସରସ ସୁନ୍ଦର କରିବା ଦିଗରେ ଆଲୋଚନା କରିଥିଲେ। ୭ ତାରିଖ ଏବଂ ୮ ତାରିଖ ଦୁଇ ଦିନ ଧରି ମନୋରଞ୍ଜନ କାର୍ଯ୍ୟକ୍ରମ ନିମନ୍ତେ ନିଷ୍ପତ୍ତି ହୋଇଛି।

## ମା' ଭୈରବୀ ଦେବୀଙ୍କ ବାର୍ଷିକୋତ୍ସବ

ବୋଲଗଡ,୨।୧୧(ଡି.ଏନ୍.ଏ.)

– ବୋଲଗଡ଼ ବ୍ଲକ ଅନ୍ତର୍ଗତ ଡାବରଧୁଆ ଗ୍ରାମର ମା' ଭୈରବୀ ଦେବୀଙ୍କ ୧୫ତମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଁଳା ନବମୀ ତିଥିର ଅୟୋଜିତ ବାର୍ଷିକ ଉତ୍ସବ ଅବସରରେ ପ୍ରସିଦ୍ଧ ମା' ଭୈରବୀ ଦେବୀଙ୍କୁ ବିଧି ପୂର୍ବକ ପ୍ରାତଃ ସମୟରେ ସ୍ନାନ, ନୂତନ ବସ୍ତ୍ର ପରିଧାନ, ପୂଜା ପାଠ, ହୋମ ଆଦି କାର୍ଯ୍ୟ କରାଯାଇଥିଲା। ଏହି ପର୍ବରେ ପୀଠରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଡାବରଧୁଆ ଗ୍ରାମର ମା' ଭୈରବୀ ଦେବୀ ଯୁବ ପରିଷଦର ସଭାପତି ବ୍ରଜବନ୍ଧୁ ନାୟକ, ସମ୍ପାଦକ ଭଗବାନ ସାହୁ, ସତ୍ୟସୁନ୍ଦର ସୁବୁଦ୍ଧି, ବେଣୁଧର ପରିଡ଼ା, ଶରତ ସାହୁ, ଜନାର୍ଦ୍ଦନ ସାହୁ ଓ ବିଜୟ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଡାବରଧୁଆ ଗ୍ରାମ ଓ ଚୁଡ଼ା ଗ୍ରାମର ଗ୍ରାମବାସୀ ସହଯୋଗ କରିଥିଲେ। ଏହି ବାର୍ଷିକ ଉତ୍ସବରେ ସରପଞ୍ଚ ବିଜୟ ସେଠୀ, ସାମାଜିକ କର୍ମୀ ପ୍ରକାଶ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ପୌରାଣିକ ଆଖ୍ୟାନ 'କାଳିୟ ଦଳନ' ନାଟକ ପରିବେଷଣ କରାଯାଇଥିଲା।



ଖୋର୍ଦ୍ଧା ଲିଗ୍ ଫୁଟବଲ ଟୁର୍ନାମେଣ୍ଟରେ ବୁଧବାର ଅନୁଷ୍ଠିତ ମ୍ୟାଚର ବିଜୟୀ ଶରଧାପୁର ସ୍ପୋର୍ଟସ୍ ଆସୋସିଏଶନର ଖେଳାଳି ।

## ଶରଧାପୁର ସ୍ପୋର୍ଟସ୍ ଆସୋସିଏଶନ ବିଜୟୀ

ଖୋର୍ଦ୍ଧା ଅଫିସ,୨।୧୧ :

ଖୋର୍ଦ୍ଧା କ୍ରୀଡା ସଂସଦ ଓ ଜୟଦୁର୍ଗା କ୍ଲବ ଆନୁକୂଲ୍ୟରେ ଚାଲିଥିବା ଖୋର୍ଦ୍ଧା ଲିଗ୍ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଶରଧାପୁର ସ୍ପୋର୍ଟସ୍ ଆସୋସିଏଶନ ଓ କୁସପଲ୍ଲା ଆଥେଲେଟିକ୍ ଆସୋସିଏଶନ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଷ୍ଟାଡିୟମରେ ଚାଲିଥିବା ମ୍ୟାଚର ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇପାରି ନଥିଲେ। ଦ୍ୱିତୀୟାର୍ଦ୍ଧରେ ଶରଧାପୁର ମହମ୍ମଦ ନାସିର ଏକମାତ୍ର ଖେଳାଳି ଭାବେ ଗୋଟିଏ ଗୋଲ ଦେଇ ଦଳକୁ ନିର୍ଣ୍ଣାୟକ ଭୂମିକାରେ ପହଞ୍ଚାଇଥିଲେ। ଶେଷ ପର୍ଯ୍ୟନ୍ତ ବିପକ୍ଷ ଦଳ ପକ୍ଷରୁ ଗୋଲ ଦେଇପାରି ନ ଥିଲେ। ଶରଧାପୁର ୧–୦ ବ୍ୟବଧାନରେ ବିଜୟୀ ହୋଇଥିଲେ। ଏହି ମ୍ୟାଚ ମନୋରଞ୍ଜନ ଖୁଣ୍ଟିଆ, ଅରୁଣ ଦାସ, ଯୋଗେନ୍ଦ୍ର ନାୟକ, ପ୍ରଫୁଲ୍ଲ ବେହେରା, ସାଧାରଣ ସମ୍ପାଦକ ଉପେନ୍ଦ୍ର ନାଥ ଦାସ ଉପସ୍ଥିତ ଥିଲେ।

## ସମିତିସଭ୍ୟଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

**ବୋଲଗଡ,୨।୧୧(ଡି.ଏନ୍.ଏ)**

ବୋଲଗଡ ବ୍ଲକ ଅନ୍ତର୍ଗତ ଆରିକମାସ୍ଥିତ ଶଙ୍କରପୁରରେ ରାଜ୍ୟ ପଞ୍ଚାୟତି ରାଜ ବିଭାଗ ଓ ଖୋର୍ଦ୍ଧା ଜିଲା ପରିଷଦଙ୍କ ନିର୍ଦ୍ଦେଶକ୍ରମେ ଏବଂ ଆରିକମ ମହିଳା ଗୋଷ୍ଠୀ ପରିଚାଳନା ସଂଘ ଦ୍ୱାରା ବୋଲଗଡ, ବେଗୁନିଆ ବ୍ଲକର ୪୦ ପଞ୍ଚାୟତର ସମିତି ସଭ୍ୟା ଓ ସଭ୍ୟଙ୍କ ପାଇଁ ପଞ୍ଚାୟତର କାର୍ଯ୍ୟ ସମ୍ପର୍କିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମରେ ବୋଲଗଡ ବ୍ଲକ ସମ୍ପ୍ରସାରଣ ଅଧିକାରୀ ସୌମ୍ୟରଞ୍ଜନ ରାୟ ଯୋଗଦେଇ ଥିବାବେଳେ ପ୍ରଶିକ୍ଷକ ଦୀପ୍ତିରେଖା ବାରିକ ଓ ଭାଗୀରଥି ଦାସ ସମିତି ସଭ୍ୟ ଓ ସଭ୍ୟାମାନଙ୍କୁ ପଞ୍ଚାୟତ ସମିତିର ବିଭିନ୍ନ ଯୋଜନା ଏବଂ ନିଜର ଭୂମିକା ସମ୍ପର୍କରେ ଅବଗତ କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁକ୍ରବାର ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମକୁ ରବୀନ୍ଦ୍ର ନାଥ ମହାପାତ୍ର ଓ ସମ୍ପାଦିକା କିରଣବାଳା ମହାପାତ୍ର ପରିଚାଳନା କରିଥିଲେ।

## 'ଇତିହାସରେ ଜୟୀ ରାଜଗୁରୁଙ୍କୁ ଉପଯୁକ୍ତ ସ୍ଥାନ ମିଳିନାହିଁ'

**ଖୋର୍ଦ୍ଧା ଅଫିସ,୨।୧୧:**

ଭାରତୀୟ ମୁକ୍ତି ସଂଗ୍ରାମର ପ୍ରଥମ ଶହୀଦ ତଥା ମହାନ ବିପ୍ଳବୀ ଜୟୀ ରାଜଗୁରୁଙ୍କ ଜୟନ୍ତୀ ଉତ୍ସବ ବୁଧବାର ବିବେକାନନ୍ଦ ୟୁଥ୍ କ୍ଲବ ପକ୍ଷରୁ ପାଳିତ ହୋଇଯାଇଛି। ଗଡ଼ଖୋର୍ଦ୍ଧାଛକସ୍ଥିତ ପଞ୍ଚପାଇକ ପୀଠ ପରିଷ୍କାର କରାଯିବା ସହ ପୀଠରେ ପୁଷ୍ପ ଅର୍ପଣ କରାଯାଇଥିଲା। 'ପାଇକ ବିଦ୍ରୋହ ସଂଗ୍ରାମରେ ଜୟୀ ରାଜଗୁରୁ' ଶୀର୍ଷକ ଆଲୋଚନା ଚକ୍ରରେ ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ ଯୋଗଦେଇ କହିଥିଲେ, ଜୟୀ ରାଜଗୁରୁଙ୍କ ବୀରତ୍ୱ, ଗରିମା ଓ ଦେଶପ୍ରେମ ଅତୁଳନୀୟ। ପବିତ୍ର ଅଳାଁ ନବମୀରେ ସେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପ୍ରକୃତ ନାମ ଜୟକୃଷ୍ଣ ରାଜଗୁରୁ ମହାପାତ୍ର। ସେ ଖୋର୍ଦ୍ଧା ଗଜପତି ମୁକୁନ୍ଦଦେବ ଦ୍ୱିତୀୟଙ୍କ ରାଜଦରବାରରେ ରାଜଗୁରୁ ସହ ସେନାବାହିନୀ ମୁଖ୍ୟ ଥିଲେ। ପୁରୀ ଜିଲା ବୀରହରେକୃଷ୍ଣପୁର ଗ୍ରାମରେ ଚାନ୍ଦ ରାଜଗୁରୁ ଏବଂ ମାତା ହାରାମଣି ଦେବୀଙ୍କ ଔରସରୁ ଜାତ ଜୟୀ ପିଲାବେଳୁ ସ୍ୱାଧିନ ଚେତା ଓ ନିର୍ଭୀକ ଥିଲେ। ମୁକୁନ୍ଦଦେବ ଦ୍ୱିତୀୟ ନାବାଳକ ରାଜା ଥିବାରୁ ସମସ୍ତ ରାଜକାର୍ଯ୍ୟରେ ଗଜପତିଙ୍କୁ ସେ ସହଯୋଗ କରୁଥିଲେ। ବ୍ରିଟିଶମାନେ ଓଡ଼ିଶାରୁ ମରହଟ୍ଟାମାନଙ୍କୁ ହଟାଇବା ପାଇଁ ଖୋର୍ଦ୍ଧା ରାଜାଙ୍କ ସହାୟତା ଲୋଡ଼ିବା ସହ ଛଡ଼ାଇ ନେଇଥିବା ୪ ପ୍ରଗଣା ଫେରାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ଯୁଦ୍ଧରେ ଜିତିବା ପରେ ଇଂରେଜମାନେ ପ୍ରତିଶ୍ରୁତି ରକ୍ଷା କଲେନାହିଁ। ଫଳରେ ୧୮୦୪ରେ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ପାଇକ ବୀରମାନେ ଇଂରେଜଙ୍କ ବିରୋଧରେ ଯୁଦ୍ଧ କରିଥିଲେ। ଯୁଦ୍ଧରେ ହାରି ନାବାଳାକ ରାଜାଙ୍କୁ ବଞ୍ଚାଇବାକୁ ଯାଇ ସମସ୍ତ ଦୋଷ ନିଜ ଉପରକୁ ନେଇଥିଲେ। ୧୮୦୬ ଡିସେମ୍ବର ୬ରେ ମେଦିନିପୁର ନିକଟବର୍ତ୍ତୀ ବାଘତୋଟାରେ ବରଗଛର ଦୁଇଟି ଡାଳକୁ ଭିଡ଼ିଆଣି ଜୟୀ ରାଜଗୁରୁଙ୍କ ଦୁଇ ଗୋଡ଼ ବାନ୍ଧି ଛାଡ଼ି ଦିଆଗଲା। ଫଳରେ ତାଙ୍କ ଶରୀର ଦୁଇ ଫାଳ ହୋଇଗଲା। ଓଡ଼ିଆ ଜାତି ତାଙ୍କ ନିକଟରେ ସର୍ବଦା ନମସ୍ୟ ବୋଲି ସେ କହିଥିଲେ। ଖୋର୍ଦ୍ଧା ଜିଲା ସିଟିଜେନ ଫୋରମ ସଭାପତି ପ୍ରଭାତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ତମ୍ଭକାର ଉମାଶଙ୍କର ପ୍ରସାଦ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଜୟୀ ରାଜଗୁରୁ ପାଇକ ବିଦ୍ରୋହର ବୀଜ ବୁଣିଥିଲେ। ସେହିପରି ଅନୁଷ୍ଠାନର ସମ୍ପାଦକ ପ୍ରଭାତ ପାଣିଗ୍ରାହୀ କହିଥିଲେ, ଇତିହାସରେ ଜୟୀ ରାଜଗୁରୁଙ୍କୁ ଉପଯୁକ୍ତ ସ୍ଥାନ ଦିଆଯାଇନାହିଁ। ସାମାଜିକ କର୍ମୀ ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ପ୍ରବୀଣ ଭଞ୍ଜ, ଦିଲୀପ ପଟ୍ଟନାୟକ, ଛାତ୍ର ପ୍ରତ୍ୟୁଷ ମହାପାତ୍ର, ତନ୍ମୟ ମାର୍ଥା, ପ୍ରିୟରଞ୍ଜନ ବିଶ୍ୱାଳ, ଓମ୍ ପ୍ରକାଶ ସୁବୁଦ୍ଧି, ବିଷ୍ଣୁ ଗୋଛି ପ୍ରମୁଖ ଉପସ୍ଥିତ ଥିଲେ।

## ସମିତିସଭ୍ୟଙ୍କ ପକ୍ଷରୁ ପଦଯାତ୍ରାକୁ ନେଇ ଚର୍ଚ୍ଚା

ବେଗୁନିଆ,୨।୧୧(ଡି.ଏନ୍.ଏ.)

ବେଗୁନିଆ ସଦର ମହକୁମାରେ ବୁଧବାର ପଞ୍ଚାୟତ ସ୍ତରୀୟ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ପଞ୍ଚାୟତର ସମିତି ସଭ୍ୟ ପ୍ରକାଶ ଚନ୍ଦ୍ର ବଳିୟାର ସିଂହଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପଦଯାତ୍ରାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଚାଲିଛି। ବେଗୁନିଆ ପୋଷ୍ଟ ଅଫିସ ଛକଠାରୁ ପଦଯାତ୍ରା ବାହାରି ସ୍ଥାନୀୟ ବ୍ଲକ ଛକ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ନବୀନ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର କାର୍ଯ୍ୟକାରିତା ସମ୍ବନ୍ଧରେ ଆଲୋକପାତ କରାଯାଇଥିଲା। ଏଥିସହ ତୃଣମୂଳ ସ୍ତରରୁ ଦଳୀୟ ସଂଗଠନକୁ ମଜଭୁତ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ଏ ସମ୍ପର୍କରେ ସମିତି ସଭ୍ୟ ବଳିୟାର ସିଂହ କୁହନ୍ତି ସରକାରଙ୍କ ବ୍ୟବସ୍ଥା ଭିତରେ ପଦଯାତ୍ରା ହୋଇଛି। ଏ ପର୍ଯ୍ୟନ୍ତ ଏହି ଜନ ସମ୍ପର୍କ ପଦଯାତ୍ରା କ'ଣ ବୋଲି ବିଜେଡିର କେତେଜଣ କର୍ମୀ ଅବଗତ ହୋଇପାରିଲେ ନାହିଁ। ଫଳରେ ଦଳୀୟ ଭାବଧାରାକୁ ବଞ୍ଚାଇବାକୁ ଯାଇ ଆମେ ବିଜେଡି କର୍ମୀଙ୍କ ମଧ୍ୟରେ ସମ୍ପର୍କର ସେତୁ ବାନ୍ଧିଛୁ।

## ବାଣପୁରରେ ଜନସମ୍ପର୍କ ପଦଯାତ୍ରା

ବାଣପୁର/ଗମ୍ଭାରୀମୁଣ୍ଡା,୨।୧୧(ଡି.ଏନ୍.ଏ.)

ବାଣପୁରରେ ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ନିର୍ଦ୍ଦେଶ କ୍ରମେ ବିଶାଳ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଖୋର୍ଦ୍ଧା ଜିଲା ପରିଷଦ ଉପସଭାପତି ଗୋପୀନାଥ ମହାରଣାଙ୍କ ନେତୃତ୍ୱରେ ବୁଧବାର ବାଣପୁର ବ୍ଲକର ଶତାଧିକ ବିଜୁ ଜନତା ଦଳର ମହିଳା ଏବଂ ପୁରୁଷ କର୍ମୀ ଏକ ଶୋଭାଯାତ୍ରା କରିଥିଲେ। ପଦଯାତ୍ରାଟି ବାଣପୁରର ଆରାଧ୍ୟ ଦେବୀ ମା' ଭଗବତୀଙ୍କ ପୀଠରୁ ଆରମ୍ଭ ହୋଇ ଐତିହାସିକ ପଲଟଣ ପଡିଆଠାରେ ସମାପ୍ତ ହୋଇଥିଲା। ପଦଯାତ୍ରାରେ ନେତାମାନେ ଯୋଗଦେଇ ଲୋକଙ୍କ ସରକାରଙ୍କ ଜନହିତକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଥିଲେ। ଉକ୍ତ ପଦଯାତ୍ରାରେ ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ସହଧର୍ମିଣୀ ତଥା ଖୋର୍ଦ୍ଧା ଜିଲାର ସୁସଂଗଠିକା ସ୍ୱାଗତିକା ଜଗଦେବ, ଖୋର୍ଦ୍ଧା ଜିଲା ବିଜୁ ଜନତା ଦଳ ମହିଳା ସଭାନେତ୍ରୀ ଗୀତାଞ୍ଜଳି ପାଟଶାଣୀ, ଯୁବ ଛାତ୍ର ଜନତା ଦଳର ସଭାପତି ବିଶ୍ୱଦୀପ ପ୍ରଧାନ, ଏନ୍‌ଏସି ଅଧ୍ୟକ୍ଷ ମିଟୁ ନାୟକ, ଜିଲା ସମ୍ପାଦକ ମନୋଜ ପ୍ରଧାନ, ମାନସ ପ୍ରଧାନ, କଳ୍ପନା ଶେଣ, ଉମାକାନ୍ତ ଲାଠି, ଉପନଗରପାଳ ସ୍ୱାତିପ୍ରଭା ସ୍ୱାଇଁ, ଧର୍ମେନ୍ଦ୍ର ଦାସ, କାମେଶ୍ୱର ବସ୍ତି, ପୁଷ୍ପମିତ୍ର ଖୁଣ୍ଟିଆ, ସମ୍ମିମ ଉଦ୍ଦିନ ଖାନ୍, ଗୋପୀନାଥ ମହାରଣା ଯୋଗଦେଇଥିଲେ।

## କଲେଜ ଆଗରେ ଭେଣ୍ଡିଂଜୋନ ନିର୍ମାଣକୁ ବିରୋଧ

**ଜଟଣୀ,୨।୧୧(ଡି.ଏନ୍.ଏ.)**



ଛାତ୍ରୀଛାତ୍ରଙ୍କୁ ପୋଲିସ ବୁଝାଶୁଝା କରୁଛନ୍ତି ।

**ଛାତ୍ରୀଛାତ୍ରଙ୍କ ରାସ୍ତାରେ ଧାରଣା**

ଜଟଣୀ ପୌରାଞ୍ଚଳ ୱାର୍ଡ ନଂ.୯ ଅଧୀନ ପୂର୍ତ୍ତ ବିଭାଗ ରାସ୍ତାକଡ଼ରେ ନିର୍ମାଣାଧୀନ ଭେଣ୍ଡିଂଜୋନକୁ ସ୍ଥାନୀୟ କଲେଜ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବିରୋଧ କରାଯାଇଛି। ମୁକ୍ତା ଯୋଜନା ମାଧ୍ୟମରେ ପୌରାଞ୍ଚଳର ୬ଟି ତଥା ୱାର୍ଡ ନଂ ୫, ୮, ୯, ୧୧, ୧୩ ଓ ୧୪ଟି ୱାର୍ଡରେ ମୋଟ ୨୦ଟି ଭେଣ୍ଡିଂଜୋନ ନିର୍ମାଣ ହେବ। ପ୍ରଥମ ପର୍ଯ୍ୟାୟରେ ୮ ଓ ୯ ନଂ. ୱାର୍ଡରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ୱାର୍ଡ ନଂ. ୯ ଅଧୀନ ଜଟଣୀ କଲେଜ ସମ୍ମୁଖରେ ନିର୍ମିତ ଭେଣ୍ଡିଂଜୋନକୁ ବିରୋଧ କରାଯାଇଛି। ଜଟଣୀ କଲେଜ ସମ୍ମୁଖରେ ୫ଟି ଭେଣ୍ଡିଂଜୋନ ନିର୍ମାଣ କରିବାଲାଗି ୱାର୍ଡ କାଉନସିଲର ପ୍ରସ୍ତାବକ୍ରମେ ଉକ୍ତ ନିର୍ମାଣ କାର୍ଯ୍ୟ ହୋଇଥିଲା। ତେବେ ଏନେଇ ଜଟଣୀ କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବିରୋଧ କରାଯାଇ ପୌର ପରିଷଦ ଓ ଜିଲାପାଳଙ୍କ ନିକଟରେ ୩ଥର ଲିଖିତ ଅଭିଯୋଗ ହୋଇଥିଲା। ତେବେ ଏହି ଘଟଣାର ଗତ ମାସ ୨୫ ତାରିଖରୁ ବିରୋଧ ହୋଇ ଆସୁଥିବା ବେଳେ କୌଣସି ପଦକ୍ଷେପ ନ ନିଆଯିବାରୁ କଲେଜ ଛାତ୍ରୀଛାତ୍ର ବିରୋଧ ଆରମ୍ଭ କରିଥିଲେ। ଛାତ୍ରଶକ୍ତିର ଚନ୍ଦ୍ରକାନ୍ତ ହରିଚନ୍ଦନଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ବୁଧବାର କଲେଜ ସମ୍ମୁଖ ଜଟଣୀ–ତଳଖେତା ମୁଖ୍ୟରାସ୍ତା ଅବରୋଧ କରିଥିଲେ। କଲେଜ କର୍ତ୍ତୃପକ୍ଷ ଏବଂ ଛାତ୍ରୀଛାତ୍ରଙ୍କ କହିବାନୁଯାୟୀ, ଏହି ଭେଣ୍ଡିଂଜୋନ ନିର୍ମାଣ ହେଲେ ପାଠପଢାରେ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ଭେଣ୍ଡିଂଜୋନରେ ବହୁ ଅସାମାଜିକ ଓ ନିଶାଡିଙ୍କ ଆଡ୍ଡା ଜମିବ। ଅନ୍ୟପଟେ ରାସ୍ତା ସଂକୀର୍ଣ୍ଣ ହେବା ସହ ଯାନବାହନ ଚଳାଚଳରେ ସମସ୍ୟା ଦେଖାଦେବ। ଏହି ସମସ୍ୟାକୁ ନେଇ ଭେଣ୍ଡିଂଜୋନକୁ ବିରୋଧ କରି ଛାତ୍ରୀଛାତ୍ର ଧାରଣା ଦେଇଥିଲେ। ଖବରପାଇ ଜଟଣୀ ଥାନା ଆଇଆଇସି ସୌମ୍ୟକାନ୍ତ ବଳିୟାରସିଂହ ଓ ପୌରାଧ୍ୟକ୍ଷ ଅନନ୍ତ ବେହେରା ପହଞ୍ଚି ଆନ୍ଦୋଳନକାରୀ ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିଥିଲେ। ମାତ୍ର ଛାତ୍ରଶକ୍ତିର ନେତୃତ୍ୱ ନେଇଥିବା ଚନ୍ଦ୍ରକାନ୍ତ ହରିଚନ୍ଦନ, ସୌମ୍ୟ ଶ୍ରୀଚନ୍ଦନ ଓ ସଞ୍ଜିତ ପାଟଶାଣୀ ପ୍ରମୁଖ ଏହି ଭେଣ୍ଡିଂଜୋନକୁ ନେଇ ଦାବି ଉପସ୍ଥାପନ କରିଥିଲେ। ଦାବିରେ ଉକ୍ତ ଭେଣ୍ଡିଂଜୋନ ଗୃହରେ ଏହି କଲେଜ ସମ୍ମୁଖରେ ଅସ୍ଥାୟୀ ଭାବେ ଗୁପଚୁପ, ଚାଟ ଓ ଦହିବରା ଇତ୍ୟାଦି ୩ଟି ବ୍ୟବସାୟ କରିପାରିବେ। ଅନ୍ୟ ୨ଟି ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର କରିବେ। ଏଥିସହିତ ନିର୍ମାଣ ହୋଇଥିବା ଏହି ୩ଟି ଦୋକାନ ଗୃହରେ କବାଟ ଲାଗିବ ନାହିଁ। ଏପରି ଅନ୍ୟ ଦାବି ପୌରାଧ୍ୟକ୍ଷ ଅନନ୍ତ ବେହେରା ଶୁଣିବା ପରେ ମାନିନେଇଥିଲେ। ଏନେଇ ଜଟଣୀ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ କହିବାନୁଯାୟୀ, ଯେଉଁଭଳି ଏହି କଲେଜ ସମ୍ମୁଖରେ ଅନ୍ୟ ଉଠା ଦୋକାନୀମାନେ ବସି ବ୍ୟବସ୍ଥିତ ଢଙ୍ଗରେ ବ୍ୟବସାୟ କରୁଛନ୍ତି, ସେହିଭଳି ଭେଣ୍ଡିଂଜୋନ ଦୋକାନଗୃହରେ କେହି ଅସହାୟ ବ୍ୟବସାୟୀ ବେପାର କରି ନିଜ ପରିବାର ଚଳାଇବାରେ ସହାୟକ ହୋଇପାରିବ ଆଶାରେ ନିର୍ମାଣ କରାଯାଉଛି। ଦୀର୍ଘବର୍ଷ ଧରି କଲେଜ ସ୍ଥାପିତ ହୋଇଥିବା ବେଳେ ଦୂରରୁ ଆସୁଥିବା ବିଦ୍ୟାର୍ଥୀଙ୍କ ପାଇଁ ଆବଶ୍ୟକ ଦୋକାନ କଲେଜ ପରିସର ମଧ୍ୟରେ ହୋଇପାରିନାହିଁ। ଏହି ଭେଣ୍ଡିଂଜୋନ ହେଲେ ଛାତ୍ରଛାତ୍ରୀ ନିଜ ଆବଶ୍ୟକତା ପୂରଣ କରିପାରିବ ବୋଲି କହିଛନ୍ତି।

## କ୍ରଶର ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

**ଖୋର୍ଦ୍ଧା ଅଫିସ,୨।୧୧ :**

କ୍ରସର ୟୁନିଟ ଖୋଲିବାକୁ ଅନୁମତି ଏବଂ ଅନୁମତି ପ୍ରାପ୍ତ କ୍ରଶର ସଂସ୍ଥାକୁ କଞ୍ଚାମାଲ ଯୋଗାଇବା ଦାବିରେ ତାପଙ୍ଗ ଆଞ୍ଚଳିକ କ୍ରସର ମାଲିକ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ସହ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଆଞ୍ଚଳିକ କ୍ରସର ମାଲିକ ସଂଘ ଅଧୀନରେ ୪୨୬ଟି କ୍ରସର ରହିଛି। ପୂର୍ବରୁ ୨୦୦୭ରୁ ୨୦୧୯ ପର୍ଯ୍ୟନ୍ତ କ୍ରସରଗୁଡ଼ିକର ଅପରେଟିଂ ଅନୁମତି ପ୍ରଶାସନ ପକ୍ଷରୁ ଦିଆଯାଇଥିଲା। ପରେ କୋଭିଡ୍ ଯୋଗୁ ଦୁଇ ବର୍ଷ କ୍ରସର ବନ୍ଦ ରହିଥିଲା। ଏବେ କ୍ରସର ଖୋଲିବା ପାଇଁ ସିଟିଂ କ୍ରାଇଟେରିଆକୁ ପ୍ରଶାସନ ପକ୍ଷରୁ ବାଧ୍ୟତାମୂଳକ କରାଯାଇଛି। ସମସ୍ତ କ୍ରସର ମାଲିକ ପ୍ରଶାସନିକ ନିର୍ଦ୍ଦେଶକ୍ରମେ ତହସିଲଦାରଙ୍କ ନିକଟରେ ପୁଣି ଥରେ ଆବେଦନ କରିଛନ୍ତି। ତେବେ ବିଭିନ୍ନ ଆଳ ଦେଖାଇ ଅନୁମତି ପତ୍ର ଦେବାରେ ବିଳମ୍ବ କରାଯାଉଥିବା ବେଳେ ନିକଟରେ ୨୭ଜଣଙ୍କୁ ଅନୁମତି ଦିଆଯାଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୧୪ଟି ପଥର ଖଣି ଉତ୍ତୋଳନ ପାଇଁ ଅନୁମତି ଦିଆଯାଇଛି। ତେବେ ପ୍ରଶାସନ ପକ୍ଷରୁ ବ୍ଲାଷ୍ଟିଙ୍ଗ ଅନୁମତିରେ ବିଳମ୍ବ ଯୋଗୁ କ୍ରସରମାଲିକମାନେ କଞ୍ଚାମାଲ ପାଇବାରୁ ବଞ୍ଚିତ ହେଉଛନ୍ତି। ସପ୍ତାହ ମଧ୍ୟରେ ଏହି ସମସ୍ୟା ସାମଧାନ କରା ନ ଗଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସଂଘ ସଭାପତି ପ୍ରକାଶ ସାମନ୍ତରାୟ ସୂଚନା ଦେଇଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨।୧୧।୨୦୨୨

| | |
|---|---|
| ୫, ୪୨, ୦୯୫ ଟଙ୍କା | |
| ସୁନା | ୫.୪୫୦ ଗ୍ରାମ |
| ରୁପା | ୩୧୪.୩୦୦ ଗ୍ରାମ |

## ସଂକ୍ଷେପରେ

### ୧୫ ଦିନ ମଧ୍ୟରେ ୨ ବିଦ୍ୟାଳୟରୁ ଚୋରି ପୋଲିସକୁ ଚ୍ୟାଲେଞ୍ଜ

କୋଣାର୍କ,୨।୧୧(ଡି.ଏନ୍.ଏ.) କୋଣାର୍କ ଥାନା ଅଧୀନ ଅଚ୍ୟୁତପୁର ଗ୍ରାମ ପଞ୍ଚାୟତର ଅଚ୍ୟୁତପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ମଧ୍ୟାହ୍ନ ଭୋଜନ ସାମଗ୍ରୀ ସହ ଫ୍ୟାନ ଲୁଟି ନେଇଥିବା ବୁଧବାର ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, କୋଣାର୍କ ଥାନା ଅଧୀନ ବନାଖଣ୍ଡି ପଞ୍ଚାୟତର ଏକ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ରରୁ ମଧ୍ୟାହ୍ନ ଭୋଜନ ସାମଗ୍ରୀ ସମେତ ଅନ୍ୟ କେତେକ ଜିନିଷ ଚୋରି ହୋଇଥିଲା। ଏହି ଘଟଣାକୁ ୧୫ ଦିନ ନ ପୁରୁଣୁ ପୁନଃ ଏପରି ଘଟଣା ପୋଲିସ ପ୍ରତି ଚାଲେଞ୍ଜ ଆଣିଦେଇଛି। ତେବେ ପୂର୍ବ ଚୋରିରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କୁ ପୋଲିସ ଏ ପର୍ଯ୍ୟନ୍ତ ଧରିବାରେ ସଫଳ ହୋଇପାରି ନାହିଁ। ଏହି ଘଟଣା ଏବେ ପୋଲିସର କାର୍ଯ୍ୟ ଦକ୍ଷତା ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। କୋଣାର୍କ ପୋଲିସ ପୋଟ୍ରୋଲିଂ କଡାକଡି ନ କରିବାରୁ ଅଞ୍ଚଳରେ ଚୋରି ବୃଦ୍ଧି ପାଇବାରେ ଲାଗିଛି। ଅଞ୍ଚଳରେ ଚୋରି, ରାହାଜାନି ରୋକିବାକୁ ପୋଲିସ ପାଟ୍ରୋଲିଂ ଜୋରଦାର କରିବାକୁ ପୁରୀ ଏସ୍‌ପି ଦୃଷ୍ଟି ଦେବାକୁ ଜନସାଧାରଣ ଦାବି କରିଛନ୍ତି। ଏ ସମ୍ପର୍କରେ କୋଣାର୍କ ଥାନାଧିକାରୀ ରଞ୍ଜନ ମଲ୍ଲିକଙ୍କୁ ପଚାରିବାରେ, କୋଣାର୍କ ଥାନାରେ ଆବଶ୍ୟକ କର୍ମଚାରୀ ନ ଥିବାରୁ ସବୁଆଡେ ପାଟ୍ରୋଲିଂ ହୋଇପାରୁନାହିଁ। କିନ୍ତୁ ସେମାନେ ଚଢ଼ାଉ କରି ଅସାମାଜିକ ବ୍ୟକ୍ତିଙ୍କୁ ଗିରଫ କରିବେ ବୋଲି ସେ କହିଛନ୍ତି।

### ଖୋର୍ଦ୍ଧାରୋଡ ମେମୁ କାର୍‌ସେଡ୍‌ଠାରେ ନୂତନ ଇନ୍ସପେକ୍ସନ ୱେ ଉଦ୍‌ଘାଟିତ

ଭୁବନେଶ୍ୱର,୨।୧୧ (ବ୍ୟୁରୋ) : ଖୋର୍ଦ୍ଧାରୋଡ଼ ମେମୁ କାର ସେଡ୍‌ଠାରେ ଟ୍ରେନର ଯାନ୍ତ୍ରିକ ସୁବିଧାକୁ ନିୟନ୍ତ୍ରଣ କରିବାକୁ ୨ ଫୁଟ୍ ଓସାରର ୩୭୦ ମିଟର ଲମ୍ବା ଇନ୍ସପେକ୍ସନ ୱେ ଉଦ୍‌ଘାଟନ କରାଯାଇଛି। ମଣ୍ଡଳ ରେଳ ପ୍ରବନ୍ଧକ ରିଙ୍କେଶ ରାୟ ଏହି ୱେର ଉଦ୍‌ଘାଟନ କରିଥିଲେ। ଏକ ସାଙ୍ଗରେ ଦୁଇଟି ୧୬ କାର ବିଶିଷ୍ଟ ମେମୁ ଟ୍ରେନ୍‌ର ରକ୍ଷଣାବେକ୍ଷଣ କରାଯାଇପାରିବ। ସେହିଭଳି ପୂର୍ବରୁ ୧୦୦ ମିଟର ଲମ୍ବା ଇନ୍ସପେକ୍ସନ ୱେ କାର୍ଯ୍ୟକ୍ଷମ ଅଛି । ସେଠାରେ ୧୦ ରେକ୍ ବିଶିଷ୍ଟ ମେମୁ ଟ୍ରେନଗୁଡ଼ିକର ରକ୍ଷଣାବେକ୍ଷଣ କରାଯାଉଛି। ତେଣୁ ନୂତନ ଇନ୍ସପେକ୍ସନ ୱେରେ ଆସନ୍ତା ଦିନରେ ଅତିରିକ୍ତ ଟ୍ରେନଗୁଡ଼ିକର ରକ୍ଷଣାବେକ୍ଷଣ ହୋଇପାରିବ। ଏହାସହ ଏହି ନୂତନ ଇନ୍ସପେକ୍ସନ ୱେରେ ତ୍ରିସ୍ତରୀୟ ଯାଞ୍ଚ ସୁବିଧା ଉପଲବ୍ଧ ଅଛି । ମେମୁ ଟ୍ରେନଗୁଡ଼ିକୁ ଗ୍ରାଉଣ୍ଡ ଲେଭଲ୍, ଗ୍ରାଉଣ୍ଡ ଲେଭଲ୍ ଉପରେ ଏବଂ ଟପ ଲେଭଲ୍‌ରେ ଯାଞ୍ଚ କରାଯାଇପାରିବ। ମେମୁ ଟ୍ରେନ୍‌ଗୁଡ଼ିକୁ ନିୟମିତ ଭାବେ ସଫାକରିବା ଏବଂ ପରିଷ୍କାର ରଖିବା ପାଇଁ ଗୋଟିଏ ୱାସିଙ୍ଗ ଲାଇନ୍ ନିର୍ମାଣ କରାଯାଇଛି। ଏହି ଅବସରରେ ମଣ୍ଡଳ ରେଳ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ଼ଙ୍କ ଦ୍ୱାରା ଟ୍ରବୁଲ୍ ସଟ୍ ଡାଇରେକ୍ଟରୀ (ଟିଡିଏସ୍) ନାମକ ଏକ ମାନୁଆଲ୍ ଏବଂ ଡିଜିଟାଲ୍ ବହି ଉନ୍ମୋଚନ କରାଯାଇଥିଲା। ମେମୁ ଟ୍ରେନ ଚଳାଚଳ ସମୟରେ ସମ୍ମୁଖୀନ ହେଉଥିବା ବୈଷୟିକ ସମସ୍ୟାର ସମାଧାନ ପାଇଁ ମୋଟରମ୍ୟାନମାନଙ୍କ ପାଇଁ ଟିଡିଏସ ହେଉଛି ଏକ ଗାଇଡ୍ ପୁସ୍ତକ। ପାଣ୍ଡି ଟମ୍, ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ମେମୁ) ନେତୃତ୍ୱରେ ମେମୁ କାର ସେଡ୍‌ର ବୈଷୟିକ ଟିମ୍‌ଙ୍କ ଦ୍ୱାରା ଏହି ପୁସ୍ତକଟି ଡିଜାଇନ୍ ଏବଂ ପ୍ରସ୍ତୁତ କରାଯାଇଛି।

# ଶ୍ରୀମନ୍ଦିରରେ ରାଧାପାଦ ଦର୍ଶନ

■ଶ୍ରୀମନ୍ଦିର ପରିସର ସାକ୍ଷୀ ଗୋପୀନାଥ ମନ୍ଦିରରେ ପୂଜାର୍ଚ୍ଚନା
■ଦାରୁଦିଅଁଙ୍କ ଦର୍ଶନ ସହ ଅଁଳା ବୃକ୍ଷକୁ ପୂଜା କଲେ ବ୍ରତଧାରୀ



ସିଦ୍ଧ ବକୁଳ ମଠ ପରିସରରେ ଥିବା ଅଁଳା ବୃକ୍ଷକୁ ଶ୍ରଦ୍ଧାଳୁମାନେ ପୂଜା କରୁଛନ୍ତି।

ପୁରୀ ଅଫିସ, ୨।୧୧

ପବିତ୍ର କାର୍ତ୍ତିକ ମାସ ଶୁକ୍ଳପକ୍ଷ ନବମୀକୁ ଅଁଳା ନବମୀ କୁହାଯାଏ। ହିନ୍ଦୁ ଧର୍ମରେ ଉକ୍ତ ଦିବସକୁ ଶୁଭ ବୋଲି ବିବେଚନା କରାଯାଏ। ଏହି ଦିନ ଅଁଳା ବୃକ୍ଷକୁ ପୂଜା କଲେ ପୁଣ୍ୟ ହେବା ସହ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ରହିଛି। ଏହି ପରମ୍ପରା ଓ ବିଶ୍ୱାସକୁ ନେଇ ବୁଧବାର ଅଁଳା ନବମୀରେ କାର୍ତ୍ତିକ ବ୍ରତଧାରୀ ଓ ଶ୍ରଦ୍ଧାଳୁମାନେ ପୁରୀ ସହରର ବିଭିନ୍ନ ସ୍ଥାନରେ ଥିବା ଅଁଳା ବୃକ୍ଷକୁ ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଥିଲା। ସେହିପରି ଅଁଳା ନବମୀରେ ରାଧାପାଦ ଦର୍ଶନ କରିବାର ପରମ୍ପରା ରହିଛି। ଏହି ଗୋଟିଏ ଦିନ ଶ୍ରୀରାଧା ଓଡ଼ିଆଣୀ ବେଶରେ ଦର୍ଶନ ଦେଇଥାନ୍ତି। ତେଣୁ ଶ୍ରୀରାଧାଙ୍କ ପାଦ ଦର୍ଶନ ପାଇଁ ସାକ୍ଷୀଗୋପାଳସ୍ଥିତ ସାକ୍ଷୀଗୋପିନାଥ ମନ୍ଦିର ସହ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ଭକ୍ତମାନେ ସାକ୍ଷୀଗୋପାଳ ଯାଇ ସାକ୍ଷୀଗୋପୀନାଥ ମନ୍ଦିରରେ ରାଧା ପାଦ ଦର୍ଶନ କରି ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ସେହିପରି ଅନେକ ଭକ୍ତ ସାକ୍ଷୀଗୋପାଳ ଯାଇ ନ ପାରିବାରୁ ପୁରୀ ଆସି ଶ୍ରୀମନ୍ଦିର ପରିସରସ୍ଥ ସାକ୍ଷୀଗୋପୀନାଥ ମନ୍ଦିରରେ ରାଧା ପାଦ ଦର୍ଶନ କରି ଆଶିଷ ଲଭିଥିଲେ। ଯାଜପୁରରୁ ଆସିଥିବା ଶ୍ରଦ୍ଧାଳୁ ଜାନକୀ ଶତପଥୀ କହିଥିଲେ, ଅଁଳାନବମୀରେ ମହାପ୍ରଭୁଙ୍କ ସମେତ ରାଧାପାଦ ଦର୍ଶନ କରି ବହୁତ ଖୁସି ଲାଗୁଛି। ପ୍ରଶାସନର ବ୍ୟବସ୍ଥା ଭଲ ରହିଥିଲା। ସେହିପରି ସୁଲୋଚନା ରାଉତ କହିଥିଲେ, ଭାଗ୍ୟରେ ଥିଲେ ଏଭଳି ପବିତ୍ର ଦିନରେ ଦାରୁଦିଅଁଙ୍କ ଦର୍ଶନ ମିଳେ। ତେଣୁ ମହାପ୍ରଭୁଙ୍କୁ ଦର୍ଶନ କରି ଆତ୍ମସନ୍ତୋଷ ଲଭିଛି। ପ୍ରବଳ ଗହଳି କାରଣରୁ ସାକ୍ଷୀଗୋପାଳ ଯିବା ସମ୍ଭବ ହେଲା ନାହିଁ। ତେବେ ଶ୍ରୀମନ୍ଦିରରେ ରାଧାପାଦ ଦର୍ଶନ କଲି। ମହାପ୍ରଭୁଙ୍କ କରୁଣାରୁ ଭଲରେ ମହାପ୍ରଭୁଙ୍କ ଦର୍ଶନ ହୋଇପାରିଲା ବୋଲି ସେ ଭାବ ବିହ୍ୱଳ କଣ୍ଠରେ ପ୍ରକାଶ କରିଥିଲେ। ଗହଳିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଭକ୍ତମାନେ ପ୍ରଶାସନ ପକ୍ଷରୁ ନିର୍ମିତ ଅସ୍ଥାୟୀ ବ୍ୟାରିକେଡ୍ ଦେଇ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ।

ଏହି ପରିପ୍ରେକ୍ଷୀରେ ହାପିନେସ୍ ଫାଉଣ୍ଡେଶନ ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ସର୍ବତ ବଣ୍ଟନ ସହ ଜଳ ସିଞ୍ଚନ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ପ୍ରଦୀପ୍ତ କୁମାର ପ୍ରଧାନଙ୍କ ନେତୃତ୍ୱରେ ଓ ଗଭର୍ଣ୍ଣିଂ ବଡି ମୁଖ୍ୟ ସିଦ୍ଧେଶ୍ୱର ମିଶ୍ରଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ସେହିପରି ଭାରତ ସ୍କାଉଟ୍‌ସ ଆଣ୍ଡ ଗାଇଡ୍‌ସ ପୁରୀ ଶାଖା ଏବଂ ଶ୍ରୀକ୍ଷେତ୍ର ରୋଭର ରେଞ୍ଜରଙ୍କ ପକ୍ଷରୁ ବିଭିନ୍ନ ସେବା ଯୋଗାଇ ଦିଆଯାଇଥିଲା। ମନ୍ଦିର ଭିତରୁ ସାମଗ୍ରୀ ସଫା କରିବା ସହ ଗହଳି ନିୟନ୍ତ୍ରଣରେ ପୋଲିସକୁ ରୋଭରମାନେ ସହଯୋଗ କରିଥିଲେ। ଜିଲା ସ୍କାଉଟ ଆଣ୍ଡ୍ ଗାଇଡ୍‌ର ସ୍କାଉଟ କମିଶନର ରମେଶ ଚନ୍ଦ୍ର ପଣ୍ଡା ଏବଂ ଜିଲା ସ୍କାଉଟ୍‌ସ ଆଣ୍ଡ ଗାଇଡ୍‌ର ସାଙ୍ଗଠନିକ କମିଶନର ଦେବାଶିଷ ମିଶ୍ର ଏବଂ ଶ୍ରୀକ୍ଷେତ୍ର ରୋଭର ଆଣ୍ଡ ରେଞ୍ଜର ଲିଡର ରାଜେନ୍ଦ୍ର ହରିଚନ୍ଦନ ନେତୃତ୍ୱରେ ସେବା ଶିବିର ଅନୁଷ୍ଠିତ ହୋଇଥିଲା। ଆଦିତ୍ୟ ବାହିନୀ, ୟୁଥ୍ ରେଡକ୍ରସ୍ ପ୍ରଭୃତି ବିଭିନ୍ନ ସଙ୍ଗଠନ ପକ୍ଷରୁ ଭକ୍ତଙ୍କୁ ସେବା ଯୋଗାଇ ଦିଆଯାଇଥିଲା।

## ଜୟୀ ରାଜଗୁରୁଙ୍କ ବୀରତ୍ୱ, ଦେଶପ୍ରେମ ଅତୁଳନୀୟ



ଜୟୀରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ପୁରୀ ବିଧାୟକ, ଜିଲାପାଳ ଏବଂ ଅନ୍ୟମାନେ।

ପୁରୀ ଅଫିସ, ୨।୧୧

ପୁରୀ ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବୁଧବାର ଶହୀଦ ଜୟୀ ରାଜଗୁରୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପୁରୀ ଜିଲା ପ୍ରଶାସନ, ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ ଏବଂ ଗୋପୀନାଥ ଦେବସ୍ଥାନ ସମିତିର ମିଳିତ ସହଯୋଗରେ ଜୟୀ ରାଜଗୁରୁଙ୍କ ଜନ୍ମ ସ୍ଥାନ ବୀର ହରେକୃଷ୍ଣପୁର ଗ୍ରାମରେ ତାଙ୍କ ଜୟନ୍ତୀ ପାଳନ କରାଯାଇଛି। ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଜିଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ତାଙ୍କ ବୀରତ୍ୱ ଓ ଦେଶପ୍ରେମ ଅତୁଳନୀୟ ବୋଲି କହିଥିଲେ। ଜୟୀ ରାଜଗୁରୁ ସ୍ମୃତି ପୀଠର ବିକାଶ ସମ୍ପର୍କରେ ପଦକ୍ଷେପ ନେବାକୁ ସମିତି ପକ୍ଷରୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଥିଲା। ପରେ ବୀରହରେକୃଷ୍ଣପୁର ମାର୍କେଟ ଛକସ୍ଥିତ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା, ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ ଓ ଗୋପୀନାଥ ଦେବସ୍ଥାନ ସମିତିର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ୩ ଦିନ ହେଲା ପଡ଼ିରହିଛି ମୃତଷଣ୍ଢ

### ଦୁର୍ଗନ୍ଧରେ ଲୋକେ ଅତିଷ୍ଠ

ଡେଲାଙ୍ଗ,୨।୧୧(ଡି.ଏନ୍.ଏ.)

ରେଳଗାଡ଼ି ଧକ୍କାରେ ସୋମବାର ଏକ ଷଣ୍ଢର ମୃତ୍ୟୁ ହୋଇଥିଲା। ମୃତ ଷଣ୍ଢଟି ୩ ଦିନ ହେବ ସେଠାରେ ପଡି ପଚିଯାଇ ଦୁର୍ଗନ୍ଧ ହେଉଛି। ଏଥିରେ ରେଳ ବିଭାଗ କୌଣସି ତତ୍ପରତା ପ୍ରକାଶ ନ କରିବାରୁ ସ୍ଥାନୀୟ ଅଧିବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସୂଚନା ମୁତାବକ, କଣାସରୋଡ଼ ରେଳ ଷ୍ଟେଶନରେ ରେଳଗାଡ଼ି ଧକ୍କାରେ ଷଣ୍ଢଟିର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ରେଳ ବିଭାଗ କର୍ମଚାରୀ ମୃତ ଷଣ୍ଢକୁ ନ ଉଠାଇବାରୁ ସେଠାରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଫଳରେ ସ୍ଥାନୀୟ ଅଧିବାସୀ ସନ୍ନିକଟ ରେଳ ଲେଭଲ୍ କ୍ରସିଂ ଅତିକ୍ରମ କରୁଥିବା ଯାତ୍ରୀ, ରେଳଯାତ୍ରୀ ଦୁର୍ଗନ୍ଧରେ ଅଣନିଃଶ୍ୱାସୀ ହୋଇ ପଡୁଛନ୍ତି। ବିଡ଼ମ୍ବନା ବିଷୟ, ଷଣ୍ଢଟି ରେଳ ଫାଟକଠାରୁ ମାତ୍ର ୨୦ ମିଟର ଦୂରରେ ପଡ଼ିଥିବା ସତ୍ତ୍ୱେ ଏଥିପ୍ରତି ବିଭାଗ ଦୃଷ୍ଟି ନ ଦେବା ଦୁର୍ଭାଗ୍ୟଜନକ। ଯଥାଶୀଘ୍ର ରେଳ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ କଣାସ ରୋଡ଼ ରେଳ ଉପଭୋକ୍ତା ସଂଘ ପକ୍ଷରୁ ଦୃଷ୍ଟି ଆକର୍ଷଣ କରାଯାଇଛି। ଏନେଇ କଣାସରୋଡ଼ ରେଳ ଫାଟକ ଜଗୁଆଳିଙ୍କୁ ପଚାରିବାରେ, ଖୋର୍ଦ୍ଧା ଡିଭିଜନ୍ ରେଳ ବିଭାଗକୁ ଖବର ଦେଇଥିଲେ ମଧ ସେମାନେ କାର୍ଯ୍ୟାନୁଷ୍ଠାନ ନେଇ ନ ଥିବା କହିଛନ୍ତି।



ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ବୁଧବାର ସିଦ୍ଧମହାବୀର ସଙ୍ଗୀତ ବିଦ୍ୟାଳୟର ବାର୍ଷିକ ଉତ୍ସବରେ କଣ୍ଠଶିଳ୍ପୀମାନେ ଶ୍ରୀଜଗନ୍ନାଥ ସ୍ତୋତ୍ରମ୍ ପରିବେଷଣ କରୁଛନ୍ତି।

## ଓଡ଼ିଶୀ ସଙ୍ଗୀତର ପ୍ରଚାର, ପ୍ରସାର ଉପରେ ଗୁରୁତ୍ୱ

### ସିଦ୍ଧମହାବୀର ସଙ୍ଗୀତ ବିଦ୍ୟାଳୟର ବାର୍ଷିକ ଉତ୍ସବ

ପୁରୀ ଅଫିସ, ୨।୧୧

ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ବୁଧବାର ସିଦ୍ଧମହାବୀର ସଙ୍ଗୀତ ବିଦ୍ୟାଳୟର ବାର୍ଷିକ ଉତ୍ସବ ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା, ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ଚକ୍ରଧର ମହାପାତ୍ର ଯୋଗଦେଇଥିଲେ। ବିଦ୍ୟାଳୟର ସ୍ଥାୟୀ ସଭାପତି ତପନ କୁମାର ଦତ୍ତ, ଉପସଭାପତି ଆର୍ତ୍ତତ୍ରାଣ ଶତପଥୀ, ଅଧ୍ୟକ୍ଷା ସବିତା ମିଶ୍ର, ସାଂସ୍କୃତିକ ସମ୍ପାଦକ ପ୍ରତାପ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ବିଦ୍ୟାଳୟର ସମ୍ପାଦକ ଗୁରୁ ସତ୍ୟନାରାୟଣ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଓଡ଼ିଶୀ ସଙ୍ଗୀତ ହେଉଛି ଉଚ୍ଚକୋଟିର ଶାସ୍ତ୍ରୀୟ ସଙ୍ଗୀତ ଏବଂ ଏହାର ପ୍ରଚାର ପ୍ରସାର ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ସଙ୍ଗୀତ ଗୁରୁ ବିଜୟ କୁମାର ମହାପାତ୍ର, ଅନ୍ନପୂର୍ଣ୍ଣା ଦେବୀ, ବାଣୀଶ୍ରୀ ମହାପାତ୍ର, ସୁଭଦ୍ରା ନାୟକ ଏବଂ ପ୍ରଯୁକ୍ତା ପାରମିତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଗୀତଗୋବିନ୍ଦ, ମଧୁରାଷ୍ଟକ, ମାଳଶ୍ରୀ, ଓଡ଼ିଶୀ, ଛାନ୍ଦ, ଚମ୍ପୁ, ଜଣାଣ, ଭଜନ ଓ ପଲ୍ଲୀ ସଙ୍ଗୀତ ଆଦି ପରିବେଷଣ କରାଯାଇଥିଲା। ଗୁରୁ ସତ୍ୟପ୍ରିୟ ମହାପାତ୍ର ଏବଂ ସବିତା ମିଶ୍ର ସଙ୍ଗୀତ ନିର୍ଦ୍ଦେଶନା ଓ ସଙ୍ଗୀତ ପରିଚାଳନା କରିଥିଲେ। ବାଦ୍ୟଯନ୍ତ୍ରରେ ଜଗନ୍ନାଥ ସାହୁ, ବୃନ୍ଦାବନ ସାହୁ, ଦିଲୀପ କୁମାର ପାଣି, ଶକ୍ତିଭୂଷଣ ମିଶ୍ର, ବଟ ଗୋପାଳ ତ୍ରିପାଠୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ସତ୍ୟପ୍ରିୟ ମହାନ୍ତି ସଂଯୋଜନା ଓ ଅମ୍ଳାନ ଅମୃତାଂଶୁ ସହଯୋଗ କରିଥିଲେ।

## ଟ୍ରକ୍-କାର ମୁହାଁମୁହିଁ ଧକ୍କା, ୩ ମୃତ

ବୋଲଗଡ଼,୨।୧୧(ଡି.ଏନ୍.ଏ.)

ଖୋର୍ଦ୍ଧା ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବୋଲଗଡ଼ ଥାନା ପଞ୍ଚୁକୋଟ ଗ୍ରାମ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଗୋଟିଏକ କାର୍ ଓ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୩ଜଣ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ୩ଜଣଙ୍କ ପରିଚୟ ଜଣାପଡ଼ି ନ ଥିବା ବେଳେ ଗୁଜରାଟ ଗାନ୍ଧୀନଗରର ବୋଲି ସୂଚନା ମିଳିଛି। ଅନ୍ୟପଟେ ଗୁରୁତର ଯୁବକଙ୍କ ନୟାଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଚାଲିଛି। ସୂଚନା ଅନୁସାରେ, ଏକ ହ୍ୟୁଣ୍ଡାଇ କାର(ନଂ. ଜିଜେ ୧୮ ବିକେ ୯୬୭୩) ପୁରୀରୁ ନୟାଗଡ଼ ଅଭିମୁଖେ ଯାଉଥିଲା। ହେଲେ ରାତି ପ୍ରାୟ ୨ଟା ସମୟରେ ପଞ୍ଚୁକୋଟ ଗ୍ରାମ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ୍ (ନଂ.ଓଡି ୦୨ ଏଭି ୧୯୪୯) ସହ ହଠାତ୍ ମୁହାଁମୁହିଁ ଧକ୍କା ହୋଇଥିଲା।

## ମୁଖ୍ୟମନ୍ତ୍ରୀଙ୍କୁ ଅଲ୍ ଓଡ଼ିଶା ସ୍ୱତନ୍ତ୍ର ବିଦ୍ୟାଳୟ କର୍ମଚାରୀ ସଂଘର ୨ଦଫା ଦାବିପତ୍ର

ଭୁବନେଶ୍ୱର,୨।୧୧(ବ୍ୟୁରୋ)

ଅଲ୍ ଓଡ଼ିଶା ସ୍ୱତନ୍ତ୍ର ବିଦ୍ୟାଳୟ କର୍ମଚାରୀ ସଂଘର ଏକ ବୈଠକ ସାଧାରଣ ସମ୍ପାଦକ ସୁଧୀର କୁମାର ସେଠୀଙ୍କ ଆହ୍ୱାନକ୍ରମେ ଭୁବନେଶ୍ୱର ଆଇଜି ପାର୍କଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ୫୨ଟି ସ୍ୱତନ୍ତ୍ର ବିଦ୍ୟାଳୟର କର୍ମଚାରୀ ଯୋଗ ଦେଇଥିଲେ। ବୈଠକରେ ଠିକା ନିଯୁକ୍ତି ପ୍ରଥା ଉଚ୍ଛେଦ କରି ନିୟମିତ ଭାବେ ଦରମା ପ୍ରଦାନ କରିବା ଏବଂ କର୍ମଚାରୀଙ୍କ ଚାକିରି ନିୟମିତ କରି ସରକାରୀ ମାନ୍ୟତା ଦେବା ଆଦି ୨ ଦଫା ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ବିଭାଗୀୟ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ବିଭାଗୀୟ ସଚିବ ଭାସ୍କର ଜ୍ୟୋତି ଶର୍ମାଙ୍କୁ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଂଘ ମୁଖ୍ୟ ପରାମର୍ଶଦାତା ପ୍ରଦ୍ୟୁମ୍ନ କୁମାର ଦାଶ, ସଭାପତି ସୁଶାନ୍ତ କୁମାର ମଲ୍ଲିକ, ରାଜ୍ୟ ସଂଯୋଜକ ବାନାମ୍ବର ନାୟକ, ସଂଘ ସମୀକ୍ଷକ ସଚ୍ଚିଦାନନ୍ଦ ବେହେରାଙ୍କ ସହ ପ୍ରତ୍ୟେକ ଜିଲାର ଜିଲା ସଂଯୋଜକ ଏବଂ ୩୦୦ କର୍ମଚାରୀ ଯୋଗ ଦେଇଥିଲେ।

## ଶିଶୁ ଭବନ ପରିଦର୍ଶନ କଲେ ଜିଲାପାଳ



ଶିଶୁ ଭବନ ପରିଦର୍ଶନ ଅବସରରେ ଅନ୍ତେବାସୀଙ୍କ ସହ ଜିଲାପାଳ ଏବଂ ଅନ୍ୟମାନେ।

ସାକ୍ଷୀଗୋପାଳ, ୨।୧୧(ଡି.ଏନ୍.ଏ.)

ଅଁଳାନବମୀ ଯାତ୍ରା ଅବସରରେ ବୁଧବାର ସାକ୍ଷୀଗୋପାଳ ଗସ୍ତରେ ଆସିଥିବା ପୁରୀ ଜିଲାପାଳ ସମର୍ଥ ବର୍ମା ସ୍ଥାନୀୟ ଆଚାର୍ଯ୍ୟ ହରିହର ଶିଶୁଭବନ ପରିଦର୍ଶନ କରିଛନ୍ତି। ତାଙ୍କ ସହିତ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଉପଜିଲାପାଳ ଭବତାରଣ ସାହୁ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା, ବିଡିଓ ଲୋଚନ ଦାସ, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ମହାବୀର ରୁଦ୍ରନାରାୟଣ ସାହୁ, ସଭ୍ୟ ରମାଶଙ୍କର ପାତ୍ର, ଶିଶୁ ସୁରକ୍ଷା ୟୁନିଟର ଅଧିକାରୀ ଶୁଭନାରାୟଣ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତା ଓ ସଭ୍ୟ ବ୍ରଜବନ୍ଧୁ ନନ୍ଦ ପ୍ରମୁଖ ଜିଲାପାଳଙ୍କ ସମେତ ଅନ୍ୟମାନଙ୍କୁ ସ୍ୱାଗତ ଜଣାଇଥିଲେ। ଜିଲାପାଳ ଆଶ୍ରମ ଓ ଏହାର ପରିସର ବୁଲି ଦେଖିବା ସହିତ ଅନ୍ତେବାସୀଙ୍କ ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ। ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ତ୍ୱରାନ୍ୱିତ ଲାଗି ସେ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଜିଲାପାଳ ବର୍ମା ଅନୁଷ୍ଠାନର ଶିଶୁମାନଙ୍କୁ ସାଙ୍ଗରେ ନେଇ ରାଧାପାଦ ଦର୍ଶନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁପରିଣ୍ଟେଣ୍ଡେଣ୍ଟ ସୁବୋଧ କୁମାର ସ୍ୱାଇଁ, ମିନାକ୍ଷୀ ବାରିକ, ଜ୍ୟୋତିରାଣୀ ମିଶ୍ର, ଶୁଭ୍ରାଜିତା ଶୁଭଦର୍ଶିନୀ, କବିତା ପାତ୍ର, ଶାନ୍ତନୁ କୁମାର ସାହୁ, ଶାନ୍ତିଲତା ଚୌଧୁରୀ, ପ୍ରମୋଦ କୁମାର ଜେନା, ଲକ୍ଷ୍ମୀଧର ସାହୁ, ଚତୁର୍ଭୁଜ ପ୍ରଧାନ ପ୍ରମୁଖ ରାଧାପାଦ ଦର୍ଶନର ସୁଯୋଗ ଲାଭ କରିଥିଲେ।

## ରାଜ୍ୟ ଗଣପରିଷଦର ନିମାପଡ଼ା ବ୍ଲକ କାର୍ଯ୍ୟାଳୟ ଉଦ୍‌ଘାଟିତ

ନିମାପଡ଼ା,୨।୧୧(ଡି.ଏନ୍.ଏ.)

ରାଜ୍ୟ ଗଣପରିଷଦ (ଓଡିଶା)ର ନିମାପଡ଼ାଠାରେ ବ୍ଲକର ନୂତନ ଶାଖା କାର୍ଯ୍ୟାଳୟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଶ୍ରୀରାମ କଲ୍ୟାଣ ମଣ୍ଡପଠାରେ ଏକ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ସମାରୋହ ଓ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଗଣପରିଷଦ ରାଜ୍ୟ ସଭାପତି ଦିନେଶ ତ୍ରିପାଠୀ, ରାଜ୍ୟ ସାଧାରଣ ସମ୍ପାଦକ ମାଧବ ମଲ୍ଲିକ, ସାମାଜିକ କର୍ମୀ କିଶୋର ଚନ୍ଦ୍ର ପ୍ରଧାନ, ରାଜ୍ୟ କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ଚିନେରା, ନିମାପଡ଼ା ବ୍ଲକ ସଭାପତି ପ୍ରମୋଦ ପାଢ଼ଶାଣୀ, ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ଜ୍ୟୋତ୍ସ୍ନାରାଣୀ ତ୍ରିପାଠୀ, ନିମାପଡ଼ା ବ୍ଲକ ମହିଳା ମୋର୍ଚ୍ଚା ସଭାପତି ଜ୍ୟୋତ୍ସ୍ନାମୟୀ ସ୍ୱାଇଁ ପ୍ରମୁଖ ଯୋଗଦେଇ ରାଜନୀତି ଓ ସମାଜସେବା କ୍ଷେତ୍ରରେ ରାଜ୍ୟ ଗଣପରିଷଦର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ଭୂମିକା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏହି ଗଣପରିଷଦ ନିମାପଡ଼ାର ସାମଗ୍ରିକ ବିକାଶ, ବିଭିନ୍ନ ସମସ୍ୟାର ପ୍ରତିକାର, କୃଷକଙ୍କ ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଗଣପରିଷଦ ଅହରହ ସଂଗ୍ରାମ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଗଣପରିଷଦ କର୍ମକର୍ତ୍ତା ସ୍ଥାନୀୟ ଦୋଳବେଦୀ ଛକଠାରେ ସ୍ୱାଧୀନତା ସଂଗ୍ରାମୀ ମୋହନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ସମାରୋହରେ ଗଣପରିଷଦର କର୍ମକର୍ତ୍ତା, ସଦସ୍ୟଙ୍କ ସମେତ ବହୁ ମହିଳା ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ରାଜ୍ୟ ଗଣପରିଷଦର କର୍ମକର୍ତ୍ତାମାନେ।

## କାଗଜ ଡଙ୍ଗା ତିଆରିରେ ପ୍ରକାଶଙ୍କ ପରିବାର

### ଆସୁଛି କାର୍ତ୍ତିକ ପୂର୍ଣ୍ଣିମା

■ପେସାରେ ଡ୍ରାଇଭର, ନିଶା ଡଙ୍ଗା ପ୍ରସ୍ତୁତ କରିବା
■ବଜାରରେ ରହିଛି ବେଶ୍ ଚାହିଦା



ପିପିଲି,୨।୧୧(ସ୍ୱ.ପ୍ର.)

ଆଉ ଦିନ କେଇଟା ପରେ କାର୍ତ୍ତିକ ପୂର୍ଣ୍ଣିମା। ଏହି କାର୍ତ୍ତିକ ପୂର୍ଣ୍ଣିମାରେ ବୋଇତ ବନ୍ଦାଣ ସହ ଲୋକେ ଡଙ୍ଗା ଭସାଇ ପୂଜାର୍ଚ୍ଚନା କରୁଛନ୍ତି। ହେଲେ କରୋନା ପାଇଁ ଗତ ୨ ବର୍ଷ ଲୋକେ କାର୍ତ୍ତିକ ପୂର୍ଣ୍ଣିମା ଉତ୍ସବ ସହ ଡଙ୍ଗା ଭସାଇବାରୁ ବଞ୍ଚିତ ଥିବାବେଳେ ଚଳିତବର୍ଷ କଟକଣା ନ ଥିବାରୁ ଏହାକୁ ନେଇ ଉତ୍ସୁକତାର ସହ ଚାହିଁ ରହିଛନ୍ତି। ତେବେ କାର୍ତ୍ତିକ ପୂର୍ଣ୍ଣିମାରେ ବିଭିନ୍ନ ଡଙ୍ଗାର ଚାହିଦା ରହୁଥିବାରୁ କାରିଗରମାନେ ଡଙ୍ଗା ପ୍ରସ୍ତୁତ କରିବା ଆରମ୍ଭ କରିଦେଇଛନ୍ତି। ଏଭଳି ଡଙ୍ଗା ପ୍ରସ୍ତୁତ କରୁଥିବା ଏକ ପରିବାର ହେଉଛନ୍ତି ପୁରୀ ଜିଲା ପିପିଲି ବ୍ଲକ ଓରକଳ ପଞ୍ଚାୟତ ଗୋବର୍ଦ୍ଧନପୁର ଗ୍ରାମର ପ୍ରକାଶ ସ୍ୱାଇଁ ଓ ତାଙ୍କ ପରିବାର। ପ୍ରକାଶ ଓ ତାଙ୍କ ପରିବାର ବିଭିନ୍ନ ରଙ୍ଗବେରଙ୍ଗ କାଗଜ ଓ ହାତତିଆରି ଡଙ୍ଗା ପ୍ରସ୍ତୁତ କରି ବିକ୍ରି କରନ୍ତି। ଗତ ଦୁଇ ବର୍ଷ ପରେ ଡଙ୍ଗା ଭସାଇବା ଉପରେ କଟକଣା କୋହଳ ହୋଇଥିବା ବେଳେ ଏବର୍ଷ ଡଙ୍ଗା ବିକ୍ରିରେ ଭଲ ରୋଜଗାରର ଆଶା ରଖିଛନ୍ତି ପ୍ରକାଶ।

କାହିଁ କେଉଁକାଳରୁ କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗା ଭସାଇବାର ପରମ୍ପରା ରହି ଆସିଛି। ତେଣୁ ଆଧୁନିକ ଯୁଗରେ ଚାଇନା ପ୍ରସ୍ତୁତ ଡଙ୍ଗା ମାର୍କେଟରେ ବିକ୍ରି କରାଯାଉଥିଲେ ବି ଏବେ ମଧ୍ୟ ହାତତିଆରି କାଗଜ ଡଙ୍ଗାର ଚାହିଦା ରହିଛି। ଏଥିପାଇଁ ବର୍ଷ ବର୍ଷ ଧରି କାର୍ତ୍ତିକ ପୂର୍ଣ୍ଣିମା ପୂର୍ବରୁ କାଗଜ ଡଙ୍ଗା ପ୍ରସ୍ତୁତ କରିଥାନ୍ତି ପ୍ରକାଶ ଓ ତାଙ୍କ ପରିବାର। ପ୍ରକାଶ ପେସାରେ ଜଣେ ଡ୍ରାଇଭର ହୋଇଥିବା ବେଳେ ପ୍ରାୟ ୧୫ବର୍ଷ ଧରି ଡଙ୍ଗା ପ୍ରସ୍ତୁତି କାର୍ଯ୍ୟରେ ନିଜକୁ ଓ ନିଜ ପରିବାରକୁ ଲଗାଇଛନ୍ତି। ଘରର ସମସ୍ତ କାର୍ଯ୍ୟ ସାରିବା ପରେ ଅବଶିଷ୍ଟ ସମୟରେ ଡଙ୍ଗା ନିର୍ମାଣରେ ପରିବାରର ସମସ୍ତ ମହିଳା ଲାଗିପଡନ୍ତି। ଏମାନେ ଡଙ୍ଗା ପାଇଁ ସୋଲ, ପେଟି ଓ ରଙ୍ଗିନ କାଗଜ ବ୍ୟବହାର କରି ବେଶ ଦୁଇ ପଇସା ଉପାର୍ଜନ କରିଥାନ୍ତି। ୫ ଟଙ୍କାରୁ ଆରମ୍ଭ କରି ୧୦୦ଟଙ୍କା ପର୍ଯ୍ୟନ୍ତ କାଗଜ ଡଙ୍ଗାର ମୂଲ୍ୟ ରହିଥିଲା ବେଳେ ସାନଠାରୁ ବଡ଼ ଡଙ୍ଗା ପର୍ଯ୍ୟନ୍ତ ବିଭିନ୍ନ ଡିଜାଇନର ଡଙ୍ଗା ତିଆରି କରନ୍ତି। ଏହି କାଗଜ ଡଙ୍ଗା ପ୍ରସ୍ତୁତରେ ତାଙ୍କ ପରିବାର ଲୋକେ ସହଯୋଗ କରି ଆସୁଥିବା ବେଳେ ଭଲ ଦୁଇପଇସା ରୋଜଗାର କରିପାରୁଥିବା କହିଛନ୍ତି ସମସ୍ତେ। ସେପଟେ ଡଙ୍ଗା ତିଆରି ସରିବା ମାତ୍ରେ ଖବରପାଇ ଏହାକୁ ନେବା ପାଇଁ ପ୍ରକାଶଙ୍କ ଘରକୁ ଛୁଟି ଆସନ୍ତି ବ୍ୟବସାୟୀ। ପ୍ରକାଶଙ୍କ ହାତତିଆରି କାଗଜ ଡଙ୍ଗାର ବେଶ୍ ଚାହିଦା ବଜାରରେ ରହିଥିବା ବେପାରୀ କହିଥିବା ବେଳେ ରାଜ୍ୟ ତଥା ରାଜ୍ୟ ବାହାରକୁ ଏହି ଡଙ୍ଗା ବିକ୍ରି ପାଇଁ ଯାଉଥିବା ମଧ ଡଙ୍ଗା ବ୍ୟବସାୟୀ କହିଛନ୍ତି। ଏହି କୁଟୀର ଶିଳ୍ପ ପାଇଁ ସରକାରୀ ପ୍ରୋତ୍ସାହନ ଯୋଗାଇଦେଲେ ଏହିଭଳି କ୍ଷୁଦ୍ର କୁଟୀର ଶିଳ୍ପର ବିକାଶ ହୋଇପାରିବ ବୋଲି ଆଶା ରଖିଛନ୍ତି ଉଭୟ କାରିଗର ଓ ବ୍ୟବସାୟୀ। ଅନେକ ପର୍ବପର୍ବାଣି ସମୟରେ ଲୋକେ ବିଦେଶୀ ସାମଗ୍ରୀକୁ ଆପଣାଉଥିବା ବେଳେ ବିଶେଷକରି କାର୍ତ୍ତିକ ପୂର୍ଣ୍ଣିମା ସମୟରେ କିନ୍ତୁ ବଜାରରେ ପ୍ରକାଶଙ୍କ ହାତତିଆରି ଦେଶୀ ଡଙ୍ଗାର ବେଶ୍ ଚାହିଦା ରହିଥାଏ । ଯାହାକୁ ନେଇ ପ୍ରକାଶଙ୍କ ପରିବାର ବେଶ ଉତ୍ସାହିତ ହୋଇଥାନ୍ତି।

## ଯୁବତୀଙ୍କୁ ଛୁରି ମାରିଥିବା ଅଭିଯୁକ୍ତଙ୍କୁ ଅଟକ

**ଫୁଲନଖରା (ଡି.ଏନ୍.ଏ.):** କଟକ ସଦର ଥାନା ଅନ୍ତର୍ଗତ ପ୍ରତାପ ନଗରୀରେ ମଙ୍ଗଳବାର ଏକ ତରଫା ପ୍ରେମକରି ଯୁବତୀଙ୍କୁ ଛୁରି ମାରିଥିବା ଅଭିଯୁକ୍ତଙ୍କୁ ଅଟକ ରଖିଛି କଟକ ସଦର ଥାନା ପୋଲିସ। ଅଭିଯୁକ୍ତ ଜଣକ ହେଲେ ଏହି ଥାନା ଅନ୍ତର୍ଗତ ପ୍ରତାପ ନଗରୀ ଗ୍ରାମର ସତ୍ୟରଞ୍ଜନ ବେହେରା। ପ୍ରକାଶଥାଉକି, ସତ୍ୟ ରଞ୍ଜନ ସେହି ଗ୍ରାମର ଏକ ଇଞ୍ଜିନିୟରିଂ ଛାତ୍ରୀଙ୍କୁ ଏକ ତରଫା ଭଲ ପାଉଥିଲେ। ଛାତ୍ରୀ ଜଣଙ୍କ ତାଙ୍କ ଭଲ ପାଇବାକୁ ପ୍ରତ୍ୟାଖ୍ୟାନ କରିବାରୁ ସତ୍ୟରଞ୍ଜନ ତାଙ୍କୁ ଜୀବନରେ ମାରିଦେବା ପାଇଁ ଧମକ ଦେଇଥିଲେ। ଏନେଇ ଗତ ମଙ୍ଗଳବାର ଛାତ୍ରୀ ଜଣକ କଲେଜରୁ ଘରକୁ ଫେରୁଥିବା ସମୟରେ ସତ୍ୟରଞ୍ଜନ ଏକ ଧାରୁଆ ଛୁରିରେ ଛାତ୍ରୀଙ୍କ ଡାହାଣ ହାତ ଓ ବାମ ଜଙ୍ଘରେ ଆଘାତ କରି ଫେରାର ହୋଇଯାଇଥିଲେ।

# ଅର୍ଚ୍ଚନାଙ୍କ ସମେତ ୪ଜଣଙ୍କ ନାଁରେ ଇଡିର ମାମଲା

- ଆର୍ଥିକ କାରବାରର ଗୁମର ଖୋଲିବ
- ବଡ଼ବଡ଼ିଆଙ୍କୁ ହୋଇପାରେ ନୋଟିସ

**ଭୁବନେଶ୍ୱର,୨।୧୧(ବ୍ୟୁରୋ)**

ରାଜନେତା, ଚଳଚ୍ଚିତ୍ର ପ୍ରଯୋଜକ, ବ୍ୟବସାୟୀ, ପ୍ରଶାସନିକ ଓ ପୋଲିସ ଅଧିକାରୀଙ୍କୁ ମାୟାଜାଲରେ ଫସାଇ ଟଙ୍କା ହଡ଼ପ କରିଥିବା ବହୁଚର୍ଚ୍ଚିତ ମହିଳା ବ୍ଲାକ୍‌ମେଲର ଅର୍ଚ୍ଚନା ନାଗ ଓ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦ ଏବେ ଝାରପଡ଼ା ଜେଲରେ ଥିବାବେଳେ ଏହି ମାମଲାକୁ ନେଇ ରାଜନୈତିକ ଆରୋପ ପ୍ରତ୍ୟାରୋପ ଲାଗି ରହିଛି। ଏପରି ସ୍ଥିତିରେ ଅର୍ଚ୍ଚନାଙ୍କ ସମେତ ୪ଜଣଙ୍କ ନାମରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମାମଲା ରୁଜୁ କରିବା ସହ ଆର୍ଥିକ କାରବାରର ବିଧିବଦ୍ଧ ତଦନ୍ତ ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ତେବେ ଇଡି ପକ୍ଷରୁ ମାମଲା ସଂକ୍ରାନ୍ତରେ ସ୍ପଷ୍ଟ କରାଯାଇ ନ ଥିଲେ ମଧ୍ୟ ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନାନୁସାରେ, ଏହି ମାମଲାରେ ଅର୍ଚ୍ଚନା, ଜଗବନ୍ଧୁଙ୍କ ସହ



ସହଯୋଗୀ ଖଗେଶ୍ୱର ଏବଂ ଖଣ୍ଡଗିରି ମାମଲାରେ ପୀଡ଼ିତା ଥିବା ଶ୍ରଦ୍ଧାଞ୍ଜଳିଙ୍କ ନାଁ ଥିବା ଜଣାପଡ଼ିଛି। ବ୍ଲାକ୍‌ମେଲିଂ ମାଧ୍ୟମରେ ଅର୍ଚ୍ଚନା ଓ ଜଗବନ୍ଧୁ ଗତ ୫ବର୍ଷ ମଧ୍ୟରେ ୩୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରିଥିବା କୁହାଯାଉଛି। ଇଡି ଏନେଇ ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟର ଆର୍ଥିକ ନେଣଦେଣ ସଂକ୍ରାନ୍ତରେ ମଧ୍ୟ ଅଧିକ ଯାଞ୍ଚ ଜାରି ରଖିଛି। ଅର୍ଚ୍ଚନାଙ୍କ ଆକାଉଣ୍ଟକୁ କିଏ ଟଙ୍କା ପଠାଉଥିଲେ, କେତେ ଟଙ୍କା ବ୍ୟାଙ୍କ ଆକାଉଣ୍ଟକୁ ଆସିଥିଲା, ନଗଦ ଅର୍ଥର କାରବାର କିଭଳି କରାଯାଉଥିଲା ଏସବୁ ଉତ୍ସ ସଂକ୍ରାନ୍ତରେ ଇଡି ଜାଣିବାକୁ ପାଇଛି। ତେବେ ଇଡି ପକ୍ଷରୁ ଜେଲରେ ଥିବା ଅର୍ଚ୍ଚନା ଓ ତାଙ୍କ ସ୍ୱାମୀ ଖୁବଶୀଘ୍ର ଜେରା ହୋଇପାରନ୍ତି ବୋଲି ସୂଚନା ମିଳିଛି। ବହୁ ବଡ଼ବଡ଼ିଆ ଲୋକ ଅର୍ଚ୍ଚନାଙ୍କୁ ସାହାଯ୍ୟ କରୁଥିଲେ। ଏପରିକି ତାଙ୍କୁ ମଧ୍ୟ ବହୁ ସମୟରେ ଆର୍ଥିକ ସାହଯୋଗ କରୁଥିଲେ। ତେଣୁ ସେମାନଙ୍କୁ ମଧ୍ୟ ପଚରାଉଚରା କରିବାକୁ ଇଡି ନୋଟିସ କରିବ। ଇଡି ମାମଲା ପରେ ଅର୍ଚ୍ଚନା ଓ ଅନ୍ୟ ଅଭିଯୁକ୍ତଙ୍କ ସମ୍ପର୍କରେ ଥିବା ବଡ଼ବଡ଼ିଆଙ୍କ ମଧ୍ୟରେ ଛନକା ପଶିଥିବା ଚର୍ଚ୍ଚା ହେଉଛି।
ସୂଚନା ଅନୁଯାୟୀ, ଅର୍ଚ୍ଚନା, ଜଗବନ୍ଧୁ ଓ ସହଯୋଗୀ ଖଗେଶ୍ୱରଙ୍କ ନାମରେ ଡରାଇବା, ବ୍ଲାକ୍‌ମେଲିଂ, ଦାଦାବଟି ଆଦାୟ ଆଦି ନେଇ ଖଣ୍ଡଗିରି ଥାନାରେ ଅଭିଯୋଗ ରହିଥିବାବେଳେ ପୋଲିସ ୧୬ଟି ଦଫାରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅପରପକ୍ଷରେ ଅର୍ଚ୍ଚନା ଓ ଶ୍ରଦ୍ଧାଞ୍ଜଳୀଙ୍କ ନାମରେ ନୟାପଲ୍ଲୀ ଥାନାରେ ୬ଟି ଦଫାରେ ମାମଲା ରୁଜୁ ହୋଇଛି। ତେବେ ଅର୍ଚ୍ଚନା ଓ ଜଗବନ୍ଧୁ ଜେଲ୍‌ରେ ଥିବାବେଳେ ପୋଲିସ ଏଯାଏ ଖଗେଶ୍ୱର ଓ ଶ୍ରଦ୍ଧାଞ୍ଜଳୀଙ୍କୁ ଏଯାବତ ଗିରଫ କରିନାହିଁ।



କଂଗ୍ରେସ ପକ୍ଷରୁ ଡମପଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ରିଲିଫ୍ ବଣ୍ଟନରେ ଅନିୟମିତତା ଅଭିଯୋଗ ଆଣିଲା ଯୁବ କଂଗ୍ରେସ

## ଡମପଡ଼ା ବ୍ଲକ କାର୍ଯ୍ୟାଳୟ ଘେରାଉ

**ବାଙ୍କୀ ୨।୧୧(ସ୍ୱ.ପ୍ର)**

ରାଜ୍ୟ ଯୁବକଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ବୁଧବାର ଡମପଡ଼ା ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବାଙ୍କୀ ଯୁବ କଂଗ୍ରେସ ପକ୍ଷରୁ ଆୟୋଜିତ ଏହି ବିକ୍ଷୋଭରେ ଲେଙ୍କା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଗତ ପ୍ରଳୟଙ୍କରୀ ବନ୍ୟାରେ ପାଲ ଓ ରିଲିଫ୍ ବଣ୍ଟନରେ ବ୍ୟାପକ ଅନିୟମିତତା ଅଭିଯୋଗରେ ଶତାଧିକ ଯୁବକଂଗ୍ରେସ କର୍ମୀ ଘେରାଉ କରିଥିଲେ। ଲେଙ୍କାଙ୍କ ନେତୃତ୍ୱରେ ଏକ ୧୦ଜଣିଆ ପ୍ରତିନିଧି ମଣ୍ଡଳୀ ଡମପଡ଼ା ବ୍ଲକ ବିଡିଓ ଶ୍ୟାମଳ କୁମାର ରାୟଙ୍କୁ ଭେଟି ଅନିୟମିତତା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରତିନିଧି ମଣ୍ଡଳର ସମସ୍ତ ଦାବିକୁ ବିଚାର କରାଯାଇ ପଦକ୍ଷେପ ନେବାକୁ ବିଡିଓ ରାୟ ପ୍ରତିଶ୍ରୁତି ଦେଇଥିଲେ। ବାଙ୍କୀ ଯୁବକଂଗ୍ରେସ ସଭାପତି ବିଭୂତି ଭୂଷଣ ଦଳସିଂହରାୟଙ୍କ ତତ୍ୱାବଧାନରେ ଆୟୋଜିତ ବିକ୍ଷୋଭ ରାଲିରେ କାର୍ଯ୍ୟକାରୀ ସଭାପତି ସୋମନାଥ ପଣ୍ଡା, ଉପସଭାପତି ଚିନ୍ମୟ ରଞ୍ଜନ ଚୌଧୁରୀ, ଡମପଡ଼ା ବ୍ଲକ ସଭାପତି ସୂର୍ଯ୍ୟନାରାୟଣ ସ୍ୱାଇଁ, ଉପସଭାପତି ନିର୍ମଳ ନାୟକ, ଆକାଶ ବେଉରା, ବାଙ୍କୀ ଯୁବକଂଗ୍ରେସ ଉପସଭାପତି ନିରଞ୍ଜନ ମହାପାତ୍ର, କଟକ ଜିଲା ଯୁବକଂଗ୍ରେସର ରଶ୍ମିରଞ୍ଜନ ପଣ୍ଡା, ସୌମ୍ୟରଞ୍ଜନ ବେଉରା, ସୁମିତ କୁମାର ବିଶ୍ୱାଳ, ବିଶ୍ୱଜିତ ରଣା ପ୍ରମୁଖ ଯୋଗଦେଇଥିଲେ।

# କୋର୍ଟରେ ଚାବି ଦାଖଲ କଲେ ବର୍ଷା

## ବର୍ଷା-ଅନୁଭବ ପାରିବାରିକ ବିବାଦ ମାମଲା

## ପରିବାର ଅଦାଲତରେ ବର୍ଷାଙ୍କ ସାକ୍ଷ୍ୟ ଗ୍ରହଣ

**କଟକ ଅଫିସ,୨।୧୧**

କେନ୍ଦ୍ରାପଡା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ଓ ତାଙ୍କ ସ୍ତ୍ରୀ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ପାରିବାରିକ ବିବାଦ ମାମଲାର ଶୁଣାଣି କଟକ ପରିବାର ଅଦାଲତରେ ବୁଧବାର ହୋଇଛି। ଅନୁଭବଙ୍କ ପକ୍ଷରୁ ଓକିଲ ବର୍ଷାଙ୍କୁ ପ୍ରାୟ ଅଢ଼େଇ ଘଣ୍ଟା ଧରି ଜେରା କରିଥିଲେ। ବର୍ଷା ଜେରାର ସାମ୍ନା କରି ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ବର୍ଷାଙ୍କ ସାକ୍ଷ୍ୟ ଗ୍ରହଣ ଅସମାପ୍ତ ଥିବା ଜଣାପଡିଛି। ସୂଚନାଯୋଗ୍ୟ, ପରିବାର ଅଦାଲତରେ ସୋମବାର ଅନୁଭବ ଓ ବର୍ଷା ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ। ପ୍ରାୟ ୨ ଘଣ୍ଟା ଧରି ବର୍ଷାଙ୍କ ସାକ୍ଷ୍ୟ ଗ୍ରହଣ ଚାଲିଥିଲା। ହେଲେ ଏହା ଅସମ୍ପୂର୍ଣ୍ଣ ରହିବାରୁ ବୁଧବାର ପୁଣି ବର୍ଷାଙ୍କ ସାକ୍ଷ୍ୟ ଗ୍ରହଣ ହେବ ବୋଲି ସ୍ଥିର ହୋଇଥିଲା। ତେବେ ସାକ୍ଷ୍ୟ ସତ୍ୟପାଠ ସହିତ ବର୍ଷା ଦାଖଲ କରିଥିବା କେତେକ ନଥିପତ୍ରକୁ ଅଦାଲତ ଗ୍ରହଣ ନ କରିବାକୁ ଅନୁଭବଙ୍କ ତରଫରୁ ଏକ ପିଟିଶନ ଦାଖଲ କରି ପ୍ରାର୍ଥନା କରାଯାଇଥିଲା। ଅନୁଭବଙ୍କ ସାକ୍ଷ୍ୟ ଗ୍ରହଣ ପୂର୍ବରୁ ଶେଷ ହୋଇଥିବାବେଳେ ବର୍ଷାଙ୍କ ସାକ୍ଷ୍ୟ ଗ୍ରହଣ ଚାଲିଛି। ଉଲ୍ଲେଖଯୋଗ୍ୟ, ଅନୁଭବ ଓ ବର୍ଷାଙ୍କ ମଧ୍ୟରେ ଆପୋସ ସମାଧାନ ପାଇଁ ପରିବାର ଅଦାଲତରେ ହୋଇଥିବା ଉଦ୍ୟମ ବିଫଳ ହୋଇଥିଲା। ପରେ ଅଦାଲତ ମାମଲାକୁ ଯଥାରୀତି ଆଗକୁ ବଢ଼ାଇଛନ୍ତି।
ସେହିପରି କଟକ ଏସ୍‌ଡିଜେଏମ୍ କୋର୍ଟରେ ବର୍ଷା ବୁଧବାର ଅନୁଭବଙ୍କ ଘରର ଚାବି ଫେରାଇଛନ୍ତି। ବର୍ଷା ଅନୁଭବଙ୍କ ଘର ଛାଡ଼ିବା ପରେ ଚାବି ଫେରାଉ ନ ଥିବା ନେଇ ଅନୁଭବଙ୍କ ପକ୍ଷରୁ ଏସ୍‌ଡିଜେଏମ୍ କୋର୍ଟରେ ପିଟିଶନ ଦାଖଲ କରାଯାଇଥିଲା। ଏସ୍‌ଡିଜେଏମ୍ କୋର୍ଟରେ ମାମଲାର ଶୁଣାଣି ହୋଇ ବର୍ଷା ଅନୁଭବଙ୍କ ଘର ଚାବି ତାଙ୍କୁ କିମ୍ବା ତାଙ୍କ ଓକିଲଙ୍କୁ ଫେରାଇବା ପାଇଁ ନିର୍ଦ୍ଦେଶ ଥିଲା। ଯଦି ଅନୁଭବ ଏହି ଚାବିକୁ ଗ୍ରହଣ ନ କରନ୍ତି ତା'ହେଲେ ବର୍ଷା କୋର୍ଟରେ ଦାଖଲ କରିବା ପାଇଁ ଏସ୍‌ଡିଜେଏମ୍ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ଅଦାଲତ ବର୍ଷାଙ୍କୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ସମୟ ଦେଇଥିଲେ।

## ନାବାଳିକା ବଳାତ୍କାର ମାମଲା, ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ୍‌ଦଣ୍ଡ

**କଟକ ଅଫିସ,୨।୧୧**

ନାବାଳିକା ବଳାତ୍କାର ମାମଲାରେ ଆଡ୍‌ହକ୍ ଏଡିଜେ ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ଗୟାଧର ପଣ୍ଡା ଜଣେ ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ୍‌ଦଣ୍ଡ ଓ ୩୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତ ଜଣକ ହେଲେ ମଙ୍ଗଳାବାଗ୍ ଥାନା ଅଧୀନ ରାଣୀହାଟ ଅଞ୍ଚଳର ରାଜୁ ସେଠୀ। ଏଥିସହ ଜିଲା ଆଇନସେବା ପ୍ରାଧିକରଣ କର୍ତ୍ତୃପକ୍ଷ ପୀଡ଼ିତାଙ୍କୁ ଶାରୀରିକ ଓ ମାନସିକ ଆଘାତଜନିତ ୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ବିଚାରପତି ପଣ୍ଡା ନିର୍ଦ୍ଦେଶ ଦେଇଛନ୍ତି। ୨୦୧୭ରେ ରାଜୁ ସ୍ଥାନୀୟ ଅଞ୍ଚଳର ୧୫ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର କରି ୨ ମାସର ଅନ୍ତଃସତ୍ତ୍ୱା କରିଥିଲେ। ନାବାଳିକାଙ୍କ ଦେହ ଅସୁସ୍ଥ ହେବାରୁ ପରିବାର ଲୋକେ ଡାକ୍ତରୀ ପରୀକ୍ଷା କରାଇବା ପରେ ଏହା ଜଣାପଡ଼ିଥିଲା। ପରେ ରାଜୁ ୨୦୧୭ ଡିସେମ୍ବର ୨୪ରେ ନାବାଳିକାଙ୍କୁ ଅପହରଣ କରି ନେଇଥିଲେ। ନାବାଳିକାଙ୍କ ମା'ବାପା ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ନାବାଳିକାଙ୍କ ବାପା କଟକ ମହିଳା ଥାନାରେ ୨।୧।୨୦୧୮ ରେ ଅଭିଯୋଗ କରିବା ପରେ ପୋଲିସଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ଭଙ୍ଗା ନେଇ ଅସନ୍ତୋଷ

**ସାଲେପୁର,୨।୧୧(ଡି.ଏନ୍.ଏ.)**

ସାଲେପୁର ଶିଶୁ ଉଦ୍ୟାନ ନିକଟରେ ଥିବା ଚନ୍ଦ୍ରାଦେଇପୁର ପଞ୍ଚାୟତର ପ୍ରଥମ ସରପଞ୍ଚ ତଥା ସ୍ୱାଧୀନତା ସଂଗ୍ରାମୀ ଦେବେନ୍ଦ୍ର ନାଥ ଜେନାଙ୍କର ପ୍ରତିମୂର୍ତ୍ତିକୁ କେହି ଭାଙ୍ଗି ବିକୃତ କରିଦେଇଥିବା ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ, ସାଲେପୁର ଶିଶୁଉଦ୍ୟାନ ନିକଟରେ ଗତ ୨୦୨୦ ଜାନୁୟାରୀ ୨୬ରେ ଦେବେନ୍ଦ୍ରନାଥଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ବୁଧବାର ସକାଳେ ମୂର୍ତ୍ତିର ନାକ, ଦୁଇ କାନ ଓ ମୁଣ୍ଡକୁ ଭାଙ୍ଗି କେହି ଦୁର୍ବୃତ୍ତ ବିକୃତ କରିଦେଇଥିବା ଦେଖିବାକୁ ମିଳିଥିଲା। ଏହି ଖବର ପ୍ରଚାରିତ ହେବାପରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ବିଜେଡି ସରକାରର ବିକାଶ ବାର୍ତ୍ତା ବାଣ୍ଟିଲେ ବିଧାୟକ


ବହୁଗ୍ରାମଠାରେ ଜନସମ୍ପର୍କ ପଦଯାତ୍ରାରେ ବିଧାୟକ ଓ ଅନ୍ୟମାନେ।

**ସାଲେପୁର,୨।୧୧(ଡି.ଏନ୍.ଏ.)**

ବହୁଗ୍ରାମ ବିଜୁ ଜନତା ଦଳ ପକ୍ଷରୁ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଉଦ୍‌ଘାଟନ ଓ ପଦଯାତ୍ରା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରାରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ବିଭିନ୍ନ ଗ୍ରାମ ବୁଲି ଲୋକମାନଙ୍କୁ ବିଜେଡି ସରକାରର ବିକାଶର ବାର୍ତ୍ତା ବାଣ୍ଟିବା ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ବିଧାୟକ ବହୁଗ୍ରାମ ଗ୍ରାମରେ ଥିବା ରାଧାମାଧବ ଯୁବ ବିକାଶ କେନ୍ଦ୍ର ଓ ଗ୍ରାମାଞ୍ଚଳରେ ପ୍ରଥମ କରି ଖୋଲିଥିବା ବ୍ରିଟିଶ୍ ପବ୍ଲିକ୍ ସ୍କୁଲର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ସଭ୍ୟା ରଞ୍ଜିତା ସେଠୀ, ସରପଞ୍ଚ ରଶ୍ମିତା ମଲ୍ଲିକ, ସମିତିସଭ୍ୟା ଇତିଶ୍ରୀ ମଲ୍ଲିକ, କଟକ ଜିଲା ଯୁବ ବିଜେଡି ଉପସଭାପତି ବିଶ୍ୱରଞ୍ଜନ ଚାଟାର୍ଜୀ, ସଭାପତି ବିଜୟ ରାୟ, ଗୁରୁପ୍ରସାଦ ମୁଖାର୍ଜୀ, ଅଭୟ ସ୍ୱାଇଁ, ଉଚ୍ଛବ ସାହୁ, ଗଗନ ବିହାରୀ ମିଶ୍ର, ନିହାର ରଞ୍ଜନ ମଲ୍ଲିକ, ଅଭୟ ଦାସ, ସୁମନ୍ତ ମାଣିଆ, ସୁକାନ୍ତ ସାହୁ, ବିଜୟ କୁମାର ନାଥଶର୍ମା, ଅଜୟ ଦଲାଲ, ଜ୍ଞାନରଞ୍ଜନ ମାଣିଆ, ନାନ୍ଦୋଳ ସରପଞ୍ଚ ଜ୍ଞାନରଞ୍ଜନ ପଟ୍ଟନାୟକ, ମଧ୍ୟକଚ୍ଛ ସରପଞ୍ଚ ସଞ୍ଜୟ କୁମାର ବେହୁରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପଦଯାତ୍ରା ବହୁଗ୍ରାମ ପଣ୍ଡାସାହିଠାରୁ ଆରମ୍ଭ ହୋଇ ବିଶ୍ୱନାଥପୁର, ସିଙ୍ଗମାପୁର, ବାହାଦୁଲାପାଟଣା ଠାରେ ଶେଷ ହୋଇଥିଲା। ଏଥିରେ ଶତାଧିକ ମହିଳା ଓ ପୁରୁଷମାନେ ଯୋଗଦେଇଥିଲେ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଟିଗିରିଆ, ୨।୧୧(ଡି.ଏନ.ଏ)**

ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ପଞ୍ଚାୟତରେ ବିଜେଡି ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ବିଷୟରେ ଲୋକଙ୍କୁ ବୁଝାଯାଇଥିଲା। ଆୟୋଜିତ ପଦଯାତ୍ରାରେ ମୁଖ୍ୟ ଅତିଥି ଭାବେ ଟିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ ଯୋଗଦେଇଥିବା ବେଳେ ବ୍ଲକ ବିଜେଡି ସଭାପତି ଅଜିତ ଧୀର ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସମିତି ଅଧ୍ୟକ୍ଷ ଭାଗୀରଥି ନନ୍ଦ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ, ସମିତି ଉପାଧ୍ୟକ୍ଷ ମାନସ ସାହୁ, ପୂର୍ବତନ ସମିତି ଉପାଧ୍ୟକ୍ଷ ଗୌରହରି ପରିଡା, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ରୁପା ଦଳେଇ, ମିଶନ ଶକ୍ତି ସଭାନେତ୍ରୀ ସମସୁରା ବେଗମ, ନୂଆପାଟଣା ପଞ୍ଚାୟତ ବିଜେଡି ସଭାପତି ଧ୍ରୁବଚରଣ ଦାସ, ପ୍ରକାଶ ଦାସ, ପ୍ରଦୀପ ବର୍ଦ୍ଧନ, ମହେନ୍ଦ୍ର କୁଣ୍ଡୁ, ସସ୍ମିତା ବେହେରା, କିଶୋର ଦାସ, ଭୋଗଡା ସରପଞ୍ଚ ଶର୍ମିଳା ନାୟକ, ତାପସ ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଭ୍ୟା ରଶ୍ମିତା ମହାଲିକ ପ୍ରମୁଖ ଯୋଗଦେଇଥିଲେ।


ଟିଗିରିଆଠାରେ ଜନସମ୍ପର୍କ ପଦଯାତ୍ରାରେ ହୋଇଥିବା ବିଜେଡି କର୍ମୀମାନେ।

# ରାଜହଂସଠାରେ ବିଜେଡି ଜନସମ୍ପର୍କ ପଦଯାତ୍ରା

**କଟକ ସଦର, ୨।୧୧(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ଓ ଝାରକଟା ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ପରମହଂସ ପଞ୍ଚାୟତର ରାଜହଂସଠାରେ ଅନୁଷ୍ଠିତ ପଦଯାତ୍ରାରେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, ବିଭୂତି ଭୂଷଣ ପରିଡ଼ା, ସମର ବେହେରା, ତ୍ରିଲୋଚନ ପାତ୍ର, ଅକ୍ଷୟ ପରିଡ଼ା, ସୁବୋଧ ବେହେରା, ଶରତ ରାୟ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇଥିଲେ। ସେହିପରି ଝାରକଟାଠାରେ ଅନୁଷ୍ଠିତ ପଦଯାତ୍ରାରେ ବିଧାୟକ ବେହେରାଙ୍କ ସମେତ ବ୍ଲକ ସଭାପତି ପ୍ରମୋଦ ମହାପାତ୍ର, ବୀରବର ଲେଙ୍କା, ବ୍ଲକ ଉପାଧ୍ୟକ୍ଷା ଅମ୍ବିକା ପାତ୍ର, ସୁରେନ୍ଦ୍ର ବେହେରା, ଅଶୋକ ମହାନ୍ତି, ତ୍ରିଲୋଚନ ଦଳାଇ, ଜିଲା ପରିଷଦ ସଭ୍ୟା ସସ୍ମିତା ମହାର୍ଥା ଓ ଅଜୟ ଦଳେଇ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଖରିଫ୍ ଧାନ କିଣା ପାଇଁ ପ୍ରଶିକ୍ଷଣ ଶିବିର

**ଆଠଗଡ଼, ୨।୧୧(ସ୍ୱ.ପ୍ର)**

ଚଳିତ ବର୍ଷ ଖରିଫ ଧାନ କିଣା ପାଇଁ ପ୍ରଶିକ୍ଷଣ ଶିବିର ଆଠଗଡ଼ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ୨୦୨୨-୨୩ ପାଇଁ ପଞ୍ଜିକୃତ ଚାଷୀ ପି ପାସ୍ ଜରିଆରେ ଟୋକନଧାରୀ ଚାଷୀମାନେ କିଭଳି ଉଚିତମାନର ଧାନ ବିକ୍ରି କରିପାରିବେ ସେ ବାବଦରେ ଆଠଗଡ଼ର ୭୩ଟି ସେବା ସମବାୟ ସମିତିର ସମ୍ପାଦକ ଏବଂ ଡାଟା ଏଣ୍ଟ୍ରି ଅପରେଟରମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଧାନ ଚାଷ କରାଯାଇଥିବା ଜମିର ସଠିକ ଆକଳନ, ସର୍ବେକ୍ଷଣ ଏବଂ ଧାନର ମାନ ନିର୍ଦ୍ଧାରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ମାନସ ରଞ୍ଜନ ମହାପାତ୍ର, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ର, ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ଅଶୋକ କୁମାର ପାଣି, କ୍ୱାଲିଟି ଆନାଲିଷ୍ଟ ମନସ୍ୱିନୀ ମହାନ୍ତି, ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ। ନରସିଂହପୁର ନିୟନ୍ତ୍ରିତ ବଜାର କମିଟି ର ସମ୍ପାଦକ ରାମ ନାରାୟଣ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।



ଆଠଗଡ଼ଠାରେ ଧାନକିଣା ଲାଗି ହୋଇଥିବ ଶିବିରରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ।

# ବୁଢ଼ାବୁଢ଼ୀ ଘାଟି ରାସ୍ତା ପାଲଟିଛି ମରଣଯନ୍ତା

**ନରସିଂହପୁର, ୨।୧୧ (ସ୍ୱ.ପ୍ର)**

କଟକ ଜିଲା ନରସିଂହପୁରରୁ ଅନୁଗୋଳ ଜିଲା ହିନ୍ଦୋଳ ବ୍ଲକକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ବୁଢାବୁଢ଼ୀ ଘାଟି ରାସ୍ତା ମରାମତି ଅଭାବରୁ ବିପଦସଙ୍କୁଳ ହୋଇପଡ଼ିଛି। ଅଙ୍କାବଙ୍କା ଘାଟି ରାସ୍ତାର ବିଭିନ୍ନ ସ୍ଥାନରୁ ପିଚୁ ଉଠି ଖାଲଢ଼ିପ ହୋଇପଡ଼ିଥିବା ବେଳେ ସଙ୍କୁଚିତ ୩ୟ ଓ ଶେଷ ବାଙ୍କ ଦୁଇଟି ଖାଲ ହୋଇ ମରଣଜନ୍ତା ପାଲଟିଛି। ଏହି ସ୍ଥାନରେ ଅନେକଥର କାର, ବାଇକ ଓ ବଡ଼ ବଡ଼ ମାଲ ବୋଝେଇ ଟ୍ରକ ଓଲଟି ପଡୁଥିଲେ ହେଁ ବିଭାଗୀୟ ଉଦାସୀନତା କାରଣରୁ ବହୁ ସମୟରେ ଦୁର୍ଘଟଣାମାନ ଘଟିବାରେ ଲାଗିଛି। ବର୍ଷା ଦିନରେ ପାହାଡ଼ ଉପରୁ ପ୍ରବଳ ବେଗରେ ପାଣି ବୋହି ଆସୁଥିବାରୁ ରାସ୍ତା ପାର୍ଶ୍ୱଗୁଡିକୁ ଧୋଇନେଇ ରାସ୍ତା ମଝିରେ ଛୋଟ ବଡ଼ ଗାତ ସୃଷ୍ଟି କରୁଛି। ଏହି ଜଙ୍ଗଲ ଘାଟି ରାସ୍ତାରେ ଦୁର୍ବୃତ୍ତମାନେ ମାରଣାସ୍ତ୍ର ଦେଖାଇ ଅର୍ଥ ଲୁଟି ନେବାରେ ସକ୍ଷମ ହେଉଛନ୍ତି।


ଘାଟି ରାସ୍ତାରେ ବାଲି ଗଦା ହୋଇ ରହିଥିବାରୁ ଲୋକେ ଯିବା ଆସିବାରେ ଅସୁବିଧା ହେଉଛି।

ଏହି ଘାଟି ରାସ୍ତାଟି ନୟାଗଡ଼-କଟକ-ଅନୁଗୋଳ ଜିଲାକୁ ସଂଯୋଗ କରୁଥିବାରୁ ପ୍ରତ୍ୟହ ଶତାଧିକ ଗାଡି ମୋଟର ଏହି ରାସ୍ତା ଦେଇ ଚଳପ୍ରଚଳ କରୁଛି। ଏହି ଘାଟି ରାସ୍ତାର ତୁରନ୍ତ ମରାମତି କରିବା ପାଇଁ ସାଧାରଣରେ ଦୃଢ଼ ଦାବି କରାଯାଇଛି। ବିପଦସଙ୍କୁଳ ଘାଟି ରାସ୍ତାର ମରାମତି ନହେବା ପ୍ରସଙ୍ଗରେ ବିଭାଗୀୟ ପିଡବ୍ଲୁଡ଼ି ସହକାରୀ ଯନ୍ତ୍ରୀ ରାଜକିଶୋର ମୁଦୁଲିଙ୍କୁ ପଚାରିବାରେ ମରାମତି ପାଇଁ ଉଚ୍ଚ ଅଧିକାରୀଙ୍କୁ ଅବଗତି କରାଯାଇଛି, ଅନୁଦାନ ମଞ୍ଜୁର ହେଲେ କାମ କରାଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ମାମଲା

**ବାଙ୍କୀ, ୨।୧୧(ସ୍ୱ.ପ୍ର):** ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ବାଚନରେ ଭୋଟର ନ ହୋଇ ମତଦାନ କେନ୍ଦ୍ରରେ ଅନଧିକାର ପ୍ରବେଶ କରି ମତଦାନ କରିଥିବାରୁ ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲଙ୍କ ନାମରେ ବାଙ୍କୀ ଥାନାରେ ମାମଲା ରୁଜୁ କରାଯାଇଛି। ଗତ ୨୩ ତାରିଖରେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା କମିଟିର ନିର୍ବାଚନ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ବ୍ଲକ ଅଧ୍ୟକ୍ଷ ରହିଥିବା ପଟେଲ କେନ୍ଦ୍ରରେ ଜୋରଜବରଦସ୍ତ ପ୍ରବେଶ କରି ବେଆଇନ୍ ଭାବରେ ମତଦାନ କରିଥିଲେ। ମତଦାନ କେନ୍ଦ୍ରରେ ପ୍ରାର୍ଥୀ ରହିଥିବା ଏଜେଣ୍ଟ ବିକାଶ ମହାପାତ୍ର ଆପତ୍ତି କରିବା ସହ ଅଧ୍ୟକ୍ଷ ମତଦାନ ବେଳର ଭିଡିଓ ନିଜ ମୋବାଇଲରେ ରେକର୍ଡିଂ କରିଥିଲେ। ଏ ନେଇ ଲିଖିତ ଭାବେ ନିର୍ବାଚନ ଅଧିକାରୀ ତଥା ବାଙ୍କୀ ଉପଜିଲାପାଳଙ୍କୁ ଲିଖିତ ଭାବେ ଜଣାଇବା ସହ ବାଙ୍କୀ ଥାନାରେ ମଧ୍ୟ ଲିଖିତ ଅଭିଯୋଗ କରିଥିଲେ। ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିଲା। ସୋମବାର ନଗର କଂଗ୍ରେସ ସଭାପତି କାଶୀନାଥ ମହାପାତ୍ର ଏ ସମ୍ପର୍କରେ ଲିଖିତ ଭାବେ ଉପଜିଲାପାଳଙ୍କୁ ଜଣାଇବା ସହ ଯଦି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ଧାରଣା ଦେବାପାଇଁ ଚେତାବନୀ ଦେଇଥିଲେ। ମଙ୍ଗଳବାର ରାତିରେ ବାଙ୍କୀ ପୋଲିସ୍ ପକ୍ଷରୁ ତରବରିଆ ଭାବେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଥାନାରେ ନଂ. ୩୪୭/୨୨ରେ ମାମଲା ରୁଜୁ ହୋଇଥିବା ଜଣାପଡିଛି।

### ବାପା ହତ୍ୟା କରିଥିବା ଅଭିଯୋଗ କଲେ ମା'

**ନିଶ୍ଚିନ୍ତକୋଇଲି, ୨।୧୧(ସ୍ୱ.ପ୍ର):** ନିଶ୍ଚିନ୍ତକୋଇଲି ଥାନା କଟିକଟା ଗ୍ରାମର ନାବାଳିକା ବର୍ଷା ପ୍ରିୟଦର୍ଶିନୀ ମୃତ୍ୟୁ ରହସ୍ୟ ଦିନକୁ ଦିନ ରୋଚକ ମୋଡ ନେଉଛି। ପ୍ରଥମେ ଝିଅ ଆତ୍ମହତ୍ୟା କରିଥିବା ବର୍ଷାଙ୍କ ବାପା ଥାନାରେ ଅଭିଯୋଗ ଆଣିଥିଲେ। ପୋଲିସ ଅପମୃତ୍ୟୁ ମାମଲା କରି ତଦନ୍ତ ଆରମ୍ଭ କରିଥିବା ବେଳେ ପରେ ନାବାଳିକାଙ୍କ ମା' ବାପାଙ୍କ ସମେତ ୩ ଜଣଙ୍କ ନାମରେ ହତ୍ୟା ଅଭିଯୋଗ ଆଣିଛନ୍ତି। ପୋଲିସ ହତ୍ୟା ମାମଲା ରୁଜୁ କରିଛି। ତେବେ ମା' ବାପାଙ୍କ ବୟାନକୁ ନେଇ ପୋଲିସ ହରଡ଼ଘଣାରେ ପଡ଼ିଛି। ପୋଲିସ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି। ସୂଚନା ଅନୁଯାୟୀ, ସୋମବାର କଟିକଟା ଗ୍ରାମର କାହ୍ନୁଚରଣ ବେହେରାଙ୍କ ନାବାଳିକା କନ୍ୟା ବର୍ଷା ପ୍ରିୟଦର୍ଶିନୀ(୧୭) ରଶି ଲଗାଇ ଦେଇଥିଲେ। ସ୍ଥାନୀୟ ଲୋକେ ଘର କବାଟ ଭାଙ୍ଗି ତାଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ମୃତା ନାବାଳିକାଙ୍କ ପିତା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଥିଲେ। ଥାନାରେ ନଂ. ୯/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା। ତେବେ ନିକଟ ଅତୀତରେ ନାବାଳିକାଙ୍କ ମା' ଅନ୍ୟତ୍ର ବିବାହ କରିଥିଲେ। ମଙ୍ଗଳବାର ମା' ଅନ୍ନପୂର୍ଣ୍ଣା ଝିଅ ବର୍ଷା ପ୍ରିୟଦର୍ଶିନୀକୁ ତାର ବାପା, ବଡ଼ବାପା ଓ ବଡ଼ବୋଉ ପ୍ରମୁଖ ମିଳିମିଶି ଯୋଜନାବଦ୍ଧ ଭାବେ ହତ୍ୟା କରିଥିବା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୧୮୮/୨୨ରେ ଏକ ହତ୍ୟା ମାମଲା ରୁଜୁ କରିଛି।

### ମନ୍ତ୍ରୀ ପୁତୁରାଙ୍କ ଜାମିନ ଆବେଦନ ଖାରଜ

**କଟକ ଅଫିସ,୨।୧୧:** ପ୍ରତାପନଗରୀସ୍ଥିତ ଏକ ଗାଡ଼ି ଶୋ'ରୁମ୍ ଆଗରେ ଜଣେ ଯୁବକଙ୍କୁ ଆଣ୍ଟେଇ ମାଡ଼ ମାରିବା ଘଟଣାର ରାଜ୍ୟର ଜଣେ ମନ୍ତ୍ରୀଙ୍କ ପୁତୁରା ଅଭିଯୁକ୍ତ ଅମରେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଜାମିନ ଆବେଦନ ଜେଏମ୍‌ଏଫ୍‌ସି ଗ୍ରାମାଞ୍ଚଳ ଅଦାଲତରେ ବୁଧବାର ଖାରଜ ହୋଇଛି। ଅମରେନ୍ଦ୍ରଙ୍କ ଜାମିନ ଆବେଦନକୁ ରାଜ୍ୟ ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ବିରୋଧ କରିଥିଲେ। ଏଥିସହ ମାମଲାର ତଦନ୍ତକାରୀ ଅଧିକାରୀ ଅପ-ଟୁ-ଡେଟ କେସ୍ ଡାଏରୀ ଅଦାଲତରେ ଦାଖଲ କରିଥିଲେ। ଫଳରେ ସେ ବିଚାର ବିଭାଗୀୟ ହାଜତକୁ ଫେରିଥିବା ଜଣାଯାଇଛି। ସୂଚନାଯୋଗ୍ୟ, ଗତ ଗୁରୁବାର ଭୁବନେଶ୍ୱରରୁ ପ୍ରାୟ ୧୦ ଜଣ ଯୁବକ କାର୍ ମରାମତି ପାଇଁ ପ୍ରତାପନଗରୀସ୍ଥିତ ଏକ ଶୋ'ରୁମ୍‌କୁ ଆସିଥିଲେ। ସେମାନଙ୍କ କାରକୁ ଭୁବନେଶ୍ୱରରେ ଏକ ଗାଡ଼ି ଧକ୍କା ଦେଇଥିବାରୁ ଉକ୍ତ ଗାଡ଼ି ମାଲିକଙ୍କୁ ଧରି ମରାମତି ପାଇଁ ଆସିଥିଲେ। ମରାମତି ପାଇଁ ଅଧିକ ଟଙ୍କା ଖର୍ଚ୍ଚ ହେବା ଜାଣି ଗାଡ଼ି ମାଲିକ ଅକ୍ଷମତା ପ୍ରକାଶ କରିବାରୁ ଯୁବକମାନେ ଉତ୍ତକ୍ଷିପ୍ତ ହୋଇ ତାଙ୍କୁ ରାସ୍ତାରେ ଆଣ୍ଟେଇ ମାଡ଼ ମାରିଥିଲେ। ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ଫଳରେ ବ୍ୟକ୍ତି ଜଣକ ଉଦ୍ଧାର ହୋଇଥିଲେ। ସଦର ଥାନା ପୋଲିସ ଅମରେନ୍ଦ୍ରଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନେ ଫେରାର ଅଛନ୍ତି।

**ଗୀତିକବିତା ଲିଖନ ପ୍ରତିଯୋଗିତା**

**କଟକ ଅଫିସ:** ଓଡ଼ିଆ ଗୀତିକବି ସମାଜ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗୀତିକବିତା ଲିଖନ ପ୍ରତିଯୋଗିତା ଆୟୋଜନ କରାଯାଉଛି। ପ୍ରତିଯୋଗୀମାନେ ଅନୁମୋଦିତ ପ୍ରମାଣପତ୍ର ସହ ନିଜସ୍ୱ ଲିଖିତ ଗୀତିକବିତା ଆସନ୍ତା ୨୫ ତାରିଖ ସୁଦ୍ଧା ପଠାଇପାରିବେ। କୃତୀ ପ୍ରତିଯୋଗୀଙ୍କୁ ଡିସେମ୍ବର ୧୮ରେ ଅନୁଷ୍ଠାନର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ସମ୍ପାଦକ ସନ୍ଧ୍ୟାରାଣୀ ମିତ୍ର ଓ ସଭାପତି ମନୋଜ ପଟ୍ଟନାୟକ ବୁଧବାର ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।



# ବାଲିଯାତ୍ରା: ଆଜିଠୁ ବ୍ୟବସାୟୀଙ୍କୁ ମିଳିବ ଜାଗା

**କଟକ ଅଫିସ,୨।୧୧**

■ଆସିଲେଣି ବ୍ୟବସାୟୀ, ଜମିବ ବେପାର

■ପ୍ରସ୍ତୁତି କାର୍ଯ୍ୟ ଜୋର୍‌ଦାର

ଆସନ୍ତା ୮ ତାରିଖରେ କଟକ ବାଲିଯାତ୍ରା। ଏଥିପାଇଁ ଉଭୟ ତଳ ଓ ଉପର ପଡିଆ ଚଳଚଞ୍ଚଳ ହୋଇପଡିଛି। କରୋନା ମହାମାରୀ ଯୋଗୁ ୨ ବର୍ଷ ଧରି ବନ୍ଦ ରହିଥିବାବେଳେ ଚଳିତବର୍ଷ ବାଲିଯାତ୍ରାରେ ବହୁସଂଖ୍ୟକ ଲୋକଙ୍କ ସମାଗମ ହେବା ଆଶା କରାଯାଉଛି। ତେଣୁ ବାଲିଯାତ୍ରାରେ ଏଥର ଅନେକ କିଛି ନୂତନତା ଦେଖିବାକୁ ମିଳିଛି। ବାଲିଯାତ୍ରା ପଡିଆରେ ଲାଇଟ୍ ଆଣ୍ଡ୍ ସାଉଣ୍ଡ ବ୍ୟବସ୍ଥା ସାଙ୍ଗକୁ ବାଲୁକାକଳା ପ୍ରଦର୍ଶନ କରାଯିବ। ସେହିପରି ମହାନଦୀ ଜଳରାଶିରେ ଲୋକମାନେ ବୋଟିଂର ମଜା ନେଇପାରିବେ। ଲାଇଟ୍ ଆଣ୍ଡ୍ ସାଉଣ୍ଡ୍ ଶୋ'କୁ ପରୀକ୍ଷାମୂଳକ ଭାବେ ପ୍ରଦର୍ଶନ କରାଯାଉଛି। ଏହାକୁ ଦେଖିବା ପାଇଁ ବାଲିଯାତ୍ରା ପଡିଆରେ ଲୋକଙ୍କ ଭିଡ ଜମୁଛି। ସେହିପରି ଚଳିତବର୍ଷ ଧବଳେଶ୍ୱର ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ, ଗୁରୁଦ୍ୱାରର ପ୍ରତିକୃତି ନିର୍ମାଣ କରାଯାଉଛି। ଏଥିସହ ଭିନ୍ନକ୍ଷମ ତଥା ବୟସ୍କ ଲୋକମାନେ ବାଲିଯାତ୍ରା ବୁଲିବା ପାଇଁ ବିଶେଷ ବ୍ୟବସ୍ଥା କରାଯାଇଛି। ଚଳିତବର୍ଷ ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ନାମରେ ଏକ ପ୍ରବେଶ ପଥର ନାମକରଣ ସହ ତୋରଣ ନିର୍ମାଣ ହେବାକୁ ଯାଉଛି। ବାଲିଯାତ୍ରା ପାଇଁ ବୁଧବାର ବଳକା ପ୍ଲଟ୍ ବଣ୍ଟନ କାର୍ଯ୍ୟ ପ୍ରାୟ ଶେଷ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ବଳକା ରହିଥିବା ପ୍ରାୟ ୨୫୦ଟି ପ୍ଲଟ୍‌କୁ ବୁଧବାର ସୁଦ୍ଧା ଆବଣ୍ଟନ କରାଯିବା ପାଇଁ ସ୍ଥିର ହୋଇଥିଲା। ପ୍ରାୟ ୧୩୫ ପ୍ଲଟ୍ ଆବଣ୍ଟନ ହୋଇସାରିଛି। ଯେଉଁ ଉଠାଦୋକାନୀମାନେ ପଞ୍ଜୀକରଣ କରିଛନ୍ତି, ସେମାନଙ୍କୁ ଗୁରୁବାରଠାରୁ ଜାଗା ପ୍ରଦାନ କରାଯିବ।

## ସହରର ପ୍ରବେଶ ପଥରେ ସ୍ୱାଗତ ତୋରଣ



ସହରର ବିଭିନ୍ନ ପ୍ରବେଶ ପଥରେ ବାଲିଯାତ୍ରା ସ୍ୱାଗତ ତୋରଣ ରହିବ। କଟକ ସଦର ନିକଟ କାଠଯୋଡି ବ୍ରିଜ ପାଖରେ ଗୋଟିଏ ତୋରଣ କରିବାକୁ ନିଷ୍ପତ୍ତି ନିଆଯାଇଥିବାବେଳେ ନେତାଜୀ ସେତୁ ନିକଟରେ ଅନ୍ୟ ଏକ ତୋରଣ ନିର୍ମାଣ ହେବ। ସେହିପରି ଯୋବ୍ରା ବ୍ୟାରେଜରେ ଆଉ ଏକ ତୋରଣ ତିଆରି କରିବାକୁ ସିଏମ୍‌ସି ପକ୍ଷରୁ ଯୋଜନା କରାଯାଇଛି।

## ୧୦୦ ବୃକ୍ଷକୁ ପୋଷ୍ୟ ଗ୍ରହଣ



ବାଲିଯାତ୍ରାରେ 'କଟକ ଇନ୍ କଟକ' ନାମରେ ଥିମ୍ ରହିଛି। ଏଠାରେ ଜିଲାର ଅନେକ ଐତିହ୍ୟକୁ ସ୍ଥାନ ଦିଆଯାଇଛି। ବାଲିଯାତ୍ରା ପଡିଆରେ ଥିବା ବହୁ ବୃକ୍ଷ ମଧ୍ୟରୁ ୧୦୦ଟିକୁ ପୋଷ୍ୟ ଭାବେ ଗ୍ରହଣ କରାଯାଇଛି। ବିଭିନ୍ନ ସରକାରୀ ଓ ଘରୋଇ ସଂସ୍ଥା ବୃକ୍ଷଗୁଡ଼ିକୁ ପୋଷ୍ୟ ଭାବେ ବାଣ୍ଟି ନେଇଛନ୍ତି। ବୃକ୍ଷଗୁଡିକୁ ଅତ୍ୟାଧୁନିକ ଆଲୋକ ଓ କପଡ଼ାରେ ସଜ୍ଜିତ କରାଯାଇଛି। ଏପରି କି ସେଥିରେ ବିଭିନ୍ନ ପରିବେଶ ସଚେତନତା ସ୍ୱରୂପ ଛବି ଅଙ୍କାଯାଇଛି । ଅମ୍ବ୍ରେଲା ଟ୍ରି, ଏଲ୍‌ଇଡି ଟ୍ରି, ବାମ୍ବୋ ଲାଇଟ୍, ପେଣ୍ଟିଂ ଟ୍ରି ଓ କ୍ଲଥ ଟ୍ରି ଭାବେ ସେଗୁଡିକୁ ନାମିତ କରାଯାଇଛି।

## ପ୍ରସ୍ତୁତି ଚଳାଇଛନ୍ତି ଦୋଳି ବ୍ୟବସାୟୀ



ରାଜ୍ୟ ତଥା ରାଜ୍ୟ ବାହାରର କ୍ଷୁଦ୍ର ବ୍ୟବସାୟୀମାନେ ବାଲିଯାତ୍ରାକୁ ସାମଗ୍ରୀ ପ୍ରସ୍ତୁତିରେ ଲାଗିପଡିଛନ୍ତି। ଅନ୍ୟବର୍ଷ ଅପେକ୍ଷା ଚଳିତବର୍ଷ ଦୋଳି ବ୍ୟବସାୟ ପାଇଁ ଅଧିକ ଆବେଦନକାରୀ ଆସିଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଉପର ଓ ତଳ ବାଲିଯାତ୍ରା ପଡିଆରେ ଜାଗା ପାଇଁ ୨୨ଟି ସଂସ୍ଥା ଆବେଦନ କରିଥିଲେ। ଦୋଳି ବ୍ୟବସାୟୀଙ୍କ ପାଇଁ ବର୍ଗଫୁଟ ପିଛା ୩୦ ଟଙ୍କା ଦର ଧାର୍ଯ୍ୟ କରାଯାଇଛି। କଲିକତାରୁ ପ୍ରାୟ ୮ଟି ବଡ ଦୋଳି ବ୍ୟବସାୟୀ ମଙ୍ଗଳବାର ବାଲିଯାତ୍ରା ପଡିଆରେ ପହଞ୍ଚି ପ୍ରସ୍ତୁତି ଆରମ୍ଭ କରିଛନ୍ତି। ପୂର୍ବବର୍ଷ ଅପେକ୍ଷା ଏବର୍ଷ ବାଲିଯାତ୍ରାରେ ଦୋଳି ଟିକେଟର ମୂଲ୍ୟ ୩୦ ଟଙ୍କା ବୃଦ୍ଧି ପାଇଛି। ପୂର୍ବରୁ ଗୋଟିଏ ଟିକଟ ପିଛା ୫୦ ଟଙ୍କା ଥିବାବେଳେ ଚଳିତବର୍ଷ ୮୦ ଟଙ୍କା ରଖାଯାଇଥିବା ଜଣାପଡିଛି। ବାଲିଯାତ୍ରା ପଡିଆରେ ରାମ ଦୋଳି, ବ୍ରେକ୍ ଡ୍ୟାନ୍ସ ଦୋଳି, ପିଲାମାନଙ୍କ ପାଇଁ ଡ୍ରାଗନ ଟ୍ରେନ୍, ଅକ୍ଟୋପସ, ଚାନ୍ଦ ତାରା ଦୋଳି ରହିଛି। ପ୍ରତି ଦୋଳି ବ୍ୟବସାୟୀଙ୍କୁ ୧୫ ହଜାର ସ୍କୋୟାର ଫୁଟ୍‌ର ଜାଗା ଯୋଗାଇ ଦିଆଯାଇଛି।

## ସଂକ୍ଷେପରେ

### ଦାୟିତ୍ୱ ନେଲେ ରାଜସ୍ୱ ପର୍ଷଦ ସଦସ୍ୟ

**କଟକ ଅଫିସ, ୨।୧୧:** ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ



ରାଜକୁମାର ଶର୍ମା ଓଡ଼ିଶା ରାଜସ୍ୱ ପର୍ଷଦର ନୂତନ ସଦସ୍ୟ ଭାବେ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ରାଜସ୍ୱ ପର୍ଷଦ ସଦସ୍ୟଙ୍କ କ୍ୟାମ୍ପ୍ କୋର୍ଟ କାର୍ଯ୍ୟାଳୟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହାପରେ ଶର୍ମା ଉଭୟ କ୍ୟାମ୍ପ୍ କୋର୍ଟ କାର୍ଯ୍ୟାଳୟ ଓ କଟକସ୍ଥିତ ରାଜସ୍ୱ ପର୍ଷଦ ମୁଖ୍ୟ କାର୍ଯ୍ୟାଳୟର ବିଭିନ୍ନ କାର୍ଯ୍ୟ ପରିଚାଳନା ନେଇ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ବିଶେଷକରି ରାଜସ୍ୱ ପର୍ଷଦର ବିଭିନ୍ନ ଡିଭିଜନାଲ କୋର୍ଟଗୁଡ଼ିକ କିପରି ଦକ୍ଷତାର ସହ କାର୍ଯ୍ୟ କରିବ ଏବଂ କେସ୍‌ଗୁଡ଼ିକର ତ୍ୱରିତ ଫଇସଲା କରାଯାଇ ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ କରାଯାଇପାରିବ ତାହା ଉପରେ ଗୁରୁତ୍ୱ ଦେଇଥିଲେ। ଉକ୍ତ ବୈଠକରେ ରାଜସ୍ୱ ପର୍ଷଦ ସଚିବ ଡ. ବିଜୟକେତନ ଉପାଧ୍ୟାୟ, ନିବନ୍ଧନ ମହାନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ଦାସ, ଅର୍ଥ ପରାମର୍ଶଦାତା ସୁବ୍ରତ ଶତପଥୀ, ଅତିରିକ୍ତ ସଚିବ ବିନୋଦିନୀ ପଣ୍ଡା, କୋର୍ଟ ଅଫିସର ସୂର୍ଯ୍ୟକାନ୍ତ ନାୟକ, ବ୍ୟକ୍ତିଗତ ସଚିବ ସନାତନ ସାହୁ, ବରମନ ଟୁଡୁ, ଷ୍ଟାଣ୍ଡିଂ କାଉନସିଲ ଜଗନ୍ନାଥ ରଥ, କିଶୋର କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଶର୍ମା କ୍ୟାମ୍ପ କୋର୍ଟରେ ଉପସ୍ଥାପିତ କେସ୍‌ଗୁଡ଼ିକର ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଶର୍ମା ଭୁବନେଶ୍ୱରସ୍ଥିତ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ମହାନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି।

### ୧୪ ପ୍ରକଳ୍ପ ଉଦ୍‌ଘାଟିତ

**କଟକ ସଦର, ୨।୧୧(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅନ୍ତର୍ଗତ ପରମ୍‌ହଂସ ପଞ୍ଚାୟତର ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ରାଜହଂସରେ ୧୪ଟି ପ୍ରକଳ୍ପ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ ରାଜୀବ ଲୋଚନ ପରିଡ଼ା, ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର, ଅତିରିକ୍ତ ବିଡିଓ ଝାଡ଼େଶ୍ୱର ଦାସ, ସହକାରୀ ଯନ୍ତ୍ରୀ ବିକାଶ ଭୂୟାଁ, ବ୍ଲକ ମଙ୍ଗଳ ଅଧିକାରୀ ମାଙ୍ଗଳିକା ରାଉତ, କନିଷ୍ଠ ଯନ୍ତ୍ରୀ ସୁଜାତା ସିଂହ, ସରପଞ୍ଚ ତ୍ରିଲୋଚନ ପାତ୍ର, ସମିତିସଭ୍ୟା ବବିତା ବେହେରା, ଅକ୍ଷୟ ପରିଡ଼ା, ସମର ବେହେରା, ସୁବୋଧ ବେହେରା, ପ୍ରମୋଦ ମହାପାତ୍ର, ଶରତ ରାୟ ପ୍ରମୁଖ ଯୋଗଦେଇଥିଲେ। ଉପରୋକ୍ତ ପ୍ରକଳ୍ପରେ ୫୪ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଯେଉଁ ଗ୍ରାମରେ ମୋଟ୍ ଜନସଂଖ୍ୟାର ୫୦ ପ୍ରତିଶତରୁ ଅଧିକ ତଫସିଲଭୁକ୍ତ ଜାତିର ଲୋକ ବସବାସ କରନ୍ତି, ସେହି ଗ୍ରାମକୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ସାମିଲ କରାଯାଇଥାଏ।

# 'ଦୁର୍ନୀତି ଏକ ସାମାଜିକ ବ୍ୟାଧି'



ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

**କଟକ ଅଫିସ, ୨।୧୧**

**ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ**

■ପୁରସ୍କୃତ ହେଲେ ହାଇସ୍କୁଲସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ

ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ କଟକ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଏକ ସାଧାରଣ ସଭା ଓ ପୁରସ୍କାର ବିତରଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଶିବ ଟୋପୋଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ ଯୋଗଦେଇ କହିଥିଲେ, ଦୁର୍ନୀତି ଏକ ସାମାଜିକ ବ୍ୟାଧି। ଏଭଳି ଉକ୍ତିକୁ ସମସ୍ତେ ହୃଦୟଙ୍ଗମ କରୁଥିଲେ ମଧ୍ୟ ଏହାର ମୂଳୋତ୍ପାଟନ ଦିଗରେ ଲୋକଙ୍କ ସହଯୋଗ ଓ ସର୍ବୋପରି ନୀତିନିଷ୍ଠ ଜୀବନଶୈଳୀର ଗ୍ରହଣୀୟତା ଅନୁଭୂତ ହେଉଛି। ରାଜ୍ୟ ସରକାରଙ୍କ ଶୂନ ସହନଶୀଳତା ନୀତି ଦୁର୍ନୀତି ମୂଳୋତ୍ପାଟନ କରିବାରେ ସହାୟକ ହୋଇଛି ବୋଲି ସେ କହିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ସଞ୍ଜୟ କୁମାର ନାୟକ ଯୋଗଦେଇ କହିଥିଲେ, ଯେକୌଣସି ବ୍ୟକ୍ତି ଦୁର୍ନୀତି ପ୍ରତି ଆକୃଷ୍ଟ ନ ହୋଇ ସଚେତନ ଓ ନିଷ୍ଠାପର ଭାବେ ନିଜର କର୍ତ୍ତବ୍ୟ ସମ୍ପାଦନ କଲେ ତାହା ଦୁର୍ନୀତିମୁକ୍ତ ଭାରତ ଗଠନ କରିବାରେ ସହାୟକ ହୋଇପାରିବ। ତୃଣମୂଳସ୍ତରରେ ଦୁର୍ନୀତି ବିରୁଦ୍ଧରେ ସଂଗ୍ରାମ କରିବା ପାଇଁ ଜନଜାଗରଣର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଦୁର୍ନୀତି ନିବାରଣ ଅଧୀକ୍ଷକ ପ୍ରକାଶ କୁମାର ନାଏକ ଯୋଗଦେଇ କହିଥିଲେ, ଓଡ଼ିଶା ଦୁର୍ନୀତି ନିବାରଣ ସଂସ୍ଥା ଭିଜିଲାନ୍ସ ମକଦ୍ଦମାଗୁଡିକର ତ୍ୱରିତ ଫଇସଲା ପାଇଁ ପ୍ରତ୍ୟେକ ଜିଲାରେ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଖୋଲିବା ନିମନ୍ତେ ପ୍ରୟାସ ଜାରି ରଖିଛି। ଇତିମଧ୍ୟରେ କଟକ ଭିଜିଲାନ୍ସ ଡିଭିଜନ ଅଧୀନରେ କଟକ ସଦର ମହକୁମା, ଢେଙ୍କାନାଳ ସଦର ମହକୁମା ଓ ଅନୁଗୋଳ ସଦର ମହକୁମାରେ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଖୋଲିସାରିଛି। ଅନ୍ୟ ଜିଲାରେ ମଧ୍ୟ କୋର୍ଟ ଖୋଲିବା ନିମନ୍ତେ ଉଦ୍ୟମ କରାଯାଉଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ସଦର ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ସାମାଜିକ କର୍ମୀ ଡ. ଦ୍ୱୀପାୟନ ପଟ୍ଟନାୟକ, ଜିଲା ସମାଜ ମଙ୍ଗଳ ଅଧିକାରୀ ସବିତା ରାଉତ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଉଚ୍ଚବିଦ୍ୟାଳୟସ୍ତରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ସ୍ୱାଗତ ଭାଷଣ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଧନ୍ୟବାଦ ଦେଇଥିଲେ। ଦୁର୍ନୀତି ନିବାରଣ ବିଭାଗ ଇନ୍ସପେକ୍ଟର ଜ୍ୟୋତିଶଙ୍କର ସାହୁ ସଭା କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ସିଏମ୍‌ସିରେ ୩ ଅଧିକାରୀଙ୍କୁ ନିଯୁକ୍ତି

**କଟକ ଅଫିସ,୨।୧୧**

କଟକ ମହାନଗର ନିଗମ(ସିଏମ୍‌ସି)ରେ ଜଣେ ସିଟି ଇଞ୍ଜିନିୟର ଓ ୨ ଜଣ ଆସିଷ୍ଟାଣ୍ଟ କମିଶନରଙ୍କୁ ନିଯୁକ୍ତି ମିଳିଛି । ଏ ନେଇ ଗୃହ ନଗର ଉନ୍ନୟନ ବିଭାଗ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ତ୍ରିସୁଲ ମାର୍ଡି ପୂର୍ବରୁ ମାଲକାନଗିରି ଜିଲାର ଡୁଡାର ଓଏମ୍‌ଏସ୍‌ରେ କାର୍ଯ୍ୟ କରୁଥିବାବେଳେ ତାଙ୍କୁ ସିଏମ୍‌ସି ଆସିଷ୍ଟାଣ୍ଟ କମିଶନର ଭାବେ ନିଯୁକ୍ତି ମିଳିଛି। ସେହିପରି ପଲ୍ଲବୀ ବେହେରା ପୂର୍ବରୁ ବିଏମ୍‌ସିର ଆସିଷ୍ଟାଣ୍ଟ କମିଶନର ଭାବେ କାର୍ଯ୍ୟ କରୁଥିବାବେଳେ ତାଙ୍କୁ ସିଏମ୍‌ସି ଆସିଷ୍ଟାଣ୍ଟ କମିଶନର ଭାବେ ନିଯୁକ୍ତି ମିଳିଛି। ଢେଙ୍କାନାଳ ମ୍ୟୁନିସିପାଲିଟିରେ କାର୍ଯ୍ୟ କରିଥିବା ଅତନୁ ସାମନ୍ତଙ୍କୁ ସିଏମ୍‌ସି ସିଟି ଇଞ୍ଜିନିୟର ଭାବେ ନିଯୁକ୍ତି ଦିଆଯାଇଛି।

## ଆତ୍ମରକ୍ଷା ତାଲିମ ଶିବିର

**ଚୌଦ୍ୱାର,୨।୧୧(ଡି.ଏନ୍.ଏ.)**

ସ୍ଥାନୀୟ କଳିଙ୍ଗ ପବ୍ଲିକ୍ ହାଇସ୍କୁଲରେ ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ ସୁଶୀଲ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ପରିଚାଳନା କମିଟି ସଭାପତି ଜୟଶ୍ରୀ ମହାନ୍ତି ଉଦ୍‌ଘାଟନ କରିଥିଲେ। ଶିକ୍ଷକ ସରୋଜ ଦୀକ୍ଷିତଙ୍କ ପରିଚାଳନାରେ ଗୀତାଞ୍ଜଳି ଛାଟୋଇ ଓ ସୁମିତ୍ରା ବେହେରା ଅଷ୍ଟମ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ପାଇଁ ତାଲିମ ପ୍ରଦାନ କରିଥିଲେ। ଲିପ୍ସା ଜେନା, ପ୍ରିୟଦର୍ଶିନୀ ପତି, ବୈଜୟନ୍ତୀ ପରିଡ଼ା, ଭାରତୀ ମହାନ୍ତି, ସରୋଜ ପାଣ୍ଡବ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## 'ଭିକାରୀ ବଳଙ୍କ ସ୍ମୃତି ରକ୍ଷା ପାଇଁ ଉଦ୍ୟମ କରାଯିବ'

**କଟକ ଅଫିସ, ୨।୧୧**

**ଭିକାରୀ ବଳଙ୍କ ଦ୍ୱାଦଶ ସ୍ମୃତି ଉତ୍ସବ**

ଭଜନ ସମ୍ରାଟ ଭିକାରୀ ବଳ ସ୍ମୃତି ସଂସଦ ଆନୁକୂଲ୍ୟରେ ଭିକାରୀ ବଳଙ୍କ ଦ୍ୱାଦଶ ସ୍ମୃତି ଉତ୍ସବ କଟକ ଶ୍ରୀରାମଚନ୍ଦ୍ର ଭବନରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ଯୋଗଦେଇ କହିଥିଲେ, ଭଜନ ସମ୍ରାଟ ଭିକାରୀ ବଳ ଥିଲେ ଉତ୍କଳୀୟ ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ଉଜ୍ଜ୍ୱଳ ପ୍ରତିନିଧି। ସଙ୍ଗୀତର ମୂର୍ଚ୍ଛନାରେ ସେ ଓଡ଼ିଆ ପ୍ରାଣକୁ ସ୍ୱର ଝଙ୍କାରରେ ତୋଳି ଧରିଥିଲେ। ସେ ଥିଲେ ଶ୍ରୀଜଗନ୍ନାଥଙ୍କର ପରମ ଉପାସକ। ସେ ସଙ୍ଗୀତ ପରିବେଷଣ କରି ଶ୍ରୋତାଙ୍କୁ ଯେପରି ଅନୁପ୍ରାଣିତ କରିଛନ୍ତି ତାହାର ପଟାନ୍ତର ନାହିଁ। ଏଣୁ ଭିକାରୀ ବଳଙ୍କ ସ୍ମୃତି ରକ୍ଷା ପାଇଁ କଟକ ମହାନଗର ନିଗମ ସବୁ ପ୍ରକାର ଉଦ୍ୟମ କରିବ ବୋଲି ସିଂ କହିଥିଲେ। ସଂସଦର ସଭାପତି ଅରୁଣ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସମ୍ପାଦକ ଡ. ସୁନାମଣି ରାଉତ ଯୋଗଦେଇ କଟକର ଏକ ରାସ୍ତାକୁ ନାମକରଣ କରିବାକୁ ଦାବି କରିଥିଲେ। ଏହି ଉତ୍ସବରେ ଡ. ବୈୟଜନ୍ତି ମିଶ୍ର ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବାବେଳେ ଉପସଭାପତି ପ୍ରଫେସର ବିଜୟାନନ୍ଦ ସିଂ ବକ୍ତବ୍ୟ ଦେଇଥିଲେ। ଭିକାରୀ ବଳ ଭଜନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କଳ୍ପନା ବଳ, ସ୍ୱାଗତ ରାଉତ, ମୋନାଲ ଜେନା ଉତ୍ସବ ପରିଚାଳନା କରିଥିବାବେଳେ ଡା. ଶୁଭମ ଶାଶ୍ୱତ ରାଉତ ଧନ୍ୟବାଦ ଦେଇଥିଲେ।



ଶ୍ରୀରାମଚନ୍ଦ୍ର ଭବନରେ ବୁଧବାର ଅନୁଷ୍ଠିତ ଭିକାରୀ ବଳଙ୍କ ସ୍ମୃତି ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

## ଚାଷଜମିକୁ ଜଳଯୋଗାଣ ଦାବିରେ ଧାରଣା



ଚାଷଜମିକୁ ଜଳ ଯୋଗାଣ ଦାବିରେ ଚାଷୀମାନେ ଧାରଣାରେ ବସିଛନ୍ତି।

**କଣ୍ଟାପଡ଼ା, ୨।୧୧(ଡି.ଏନ୍.ଏ.)**

ପ୍ରତାପନଗରୀ ଜଳସେଚନ ବିଭାଗ ଅଧୀନ ଫୁଲନଖରା ଡିଷ୍ଟ୍ରିବ୍ୟୁଟାରି କେନାଲ ପାର୍ଶ୍ୱରେ ଥିବା କଣ୍ଟାପଡ଼ା ଓ ଶିଶୁଆ ମୌଜାର ଶତାଧିକ ଏକର ଜମି କେନାଲ ଜଳ ଅଭାବରୁ ଫାଟି ଆଁ କରିଛି। ଏପରି କି ଏକପ୍ରକାର ମରୁଡି ପରିସ୍ଥିତି ଉପୁଜିଛି। ଚାଷଜମିକୁ ତୁରନ୍ତ କେନାଲ ଜଳ ଯୋଗାଣ ଦାବିରେ କଣ୍ଟାପଡା ଗ୍ରାମର ନବଘନ ସ୍ୱାଇଁ, ରଘୁନାଥ ସ୍ୱାଇଁ, ଧରଣୀଧର ସ୍ୱାଇଁ, ଦେବେନ୍ଦ୍ର ସାହୁ, ଅନିରୁଦ୍ଧ ସ୍ୱାଇଁ, ବେଣୁଧର ସ୍ୱାଇଁ, ବୃନ୍ଦାବନ ବାରିକ, ପାଣ୍ଡବ ସ୍ୱାଇଁ, ଲୋକନାଥ ସାହୁ, ଶରତ ସ୍ୱାଇଁ ପ୍ରମୁଖ ଚାଷୀ ବୁଧବାର କଣ୍ଟାପଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। କଣ୍ଟାପଡା ବ୍ଲକ ପ୍ରଶାସନ ପକ୍ଷରୁ ଏ ସମ୍ପର୍କରେ ଖବରପାଇ ପ୍ରତାପନଗରୀ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ଅଜୟ ଧାରଣାସ୍ଥଳରେ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ୨ଦିନ ଭିତରେ କେନାଲ ପାଣି ପହଞ୍ଚାଇବା ପାଇଁ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ହଷ୍ଟେଲ ପାଇଁ ଫୋନ୍ କଲେ କଲ୍ ଲାଗୁଛି ପିପିଲିରେ

**କଟକ ଅଫିସ,୨।୧୧**

**ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ୱେବ୍‌ସାଇଟରେ ଭୁଲ୍ ତଥ୍ୟ**




ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ୱେବସାଇଟ୍‌ରେ ହଷ୍ଟେଲ ଚିଫ୍ ୱାର୍ଡେନଙ୍କ କାର୍ଯ୍ୟାଳୟ ନମ୍ବରକୁ ନେଇ ଛାତ୍ରୀଛାତ୍ରମାନେ ବିଭ୍ରାନ୍ତ ହେଉଛନ୍ତି। ଉକ୍ତ ନମ୍ବରରେ ଫୋନ୍ କଲେ ତାହାକୁ ପିପିଲିର ଏକ ଅଜଣା ବ୍ୟକ୍ତି ଉଠାଉଛନ୍ତି। ଯଦ୍ୱାରା ଛାତ୍ରୀଛାତ୍ରମାନେ ତଥ୍ୟ ପାଇବା ନିମନ୍ତେ ନିରାଶ ହେବାକୁ ବାଧ୍ୟ ହେଉଛନ୍ତି। ଏଭଳି ଏକ ପ୍ରାଚୀନ ତଥା ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନର ୱେବ୍‌ସାଇଟ୍‌ରେ ବିଭ୍ରାନ୍ତିକର ମୋବାଇଲ୍ ନମ୍ବର ଦିଆଯିବାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ପ୍ରକାଶ ଯେ, ପ୍ରାଚୀନ ଶିକ୍ଷାନୁଷ୍ଠାନ ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ନାମ ଦେଶବିଦେଶରେ ପରିଚିତି ଲାଭ କରିଛି। ଓଡ଼ିଶା ସମେତ ଦେଶର ବିଭିନ୍ନ ପ୍ରାନ୍ତ ତଥା ବିଦେଶରୁ ଛାତ୍ରୀଛାତ୍ରମାନେ ଏହି ମହାନ୍ ଶିକ୍ଷାନୁଷ୍ଠାନରେ ଶିକ୍ଷା ଗ୍ରହଣ ନିମନ୍ତେ ବିଶେଷ ଆଗ୍ରହ ରଖିଆସିଛନ୍ତି। ଏବେ ବିଭିନ୍ନ ପାଠ୍ୟକ୍ରମରେ ନାମଲେଖା ପରେ ଛାତ୍ରାବାସ ଓ ଛାତ୍ରୀନିବାସରେ ରହିବା ନିମନ୍ତେ ବିଦ୍ୟାର୍ଥୀମାନେ ଆବେଦନ କରି ତାଲିକାରେ ନାମ ଆସିବାକୁ ଅପେକ୍ଷା କରିଛନ୍ତି। ଛାତ୍ରୀଛାତ୍ରମାନେ ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟରେ ଏସମ୍ପର୍କରେ ପଚାରିବାବେଳେ ରେଭେନ୍‌ଶା ୱେବସାଇଟ୍‌ରେ ଥିବା ଫୋନ ନମ୍ବରରେ ଛାତ୍ରାବାସ ସଂକ୍ରାନ୍ତୀୟ ପ୍ରଶ୍ନ ପଚାରିବାକୁ ପରାମର୍ଶ ଦିଆଯାଉଛି। ଏହାବାଦ୍ କଟକ ସହରରୁ ବାହାରେ ଥିବା ଛାତ୍ରୀଛାତ୍ରମାନେ ୱେବସାଇଟ୍ ଉପରେ ଭରସା କରିଥାନ୍ତି। ସେଥିରେ ଥିବା ତଥ୍ୟ ଉପରେ ନିର୍ଭର କରିବା ବ୍ୟତୀତ ଆଉ କୌଣସି ଉପାୟ ନ ଥାଏ। ଏପରିସ୍ଥଳେ ୱେବସାଇଟ୍‌ରେ ଦିଆଯାଇଥିବା ଅଫିସ ଅଫ୍ ଦି ଚିଫ୍ ୱାର୍ଡେନ ଲେଖା ତଳକୁ ଦୀପ୍ତି ରଞ୍ଜନ ବେହେରା, ମୋବାଇଲ- ୯୪୩୮୫୬୭୩୯୫ ଲେଖାଅଛି। ଉକ୍ତ ନମ୍ବରରେ ଜଣେ ଛାତ୍ର ଫୋନ୍ କରିବା ପରେ ସେପଟୁ ଜଣେ ବ୍ୟକ୍ତି ଫୋନ୍ ଉଠାଇଥିଲେ। ଛାତ୍ର ଜଣକ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରୁ କହୁଛନ୍ତି କି ବୋଲି ପଚାରିବାରୁ ସେ ପିପିଲିରୁ କହୁଛନ୍ତି ବୋଲି ଉତ୍ତର ଦେଲେ। ତାଙ୍କ ନାମ ପଚାରିବାରୁ ସେ ନିଜକୁ ଇରଫାନ୍ ଖାନ ବୋଲି କହି ଏପରି ଫୋନ୍ କଲ ତାଙ୍କ ନିକଟକୁ ଗତ ୬ ମାସ ଧରି ଆସୁଛି ଏବଂ କଲ୍ କରୁଥିବା ଲୋକମାନେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ହଷ୍ଟେଲରେ ନାମଲେଖା ବିଷୟ ସମେତ ବିଭିନ୍ନ କଥା ପଚାରୁଛନ୍ତି ବୋଲି କହିଲେ। ଏଭଳି ଦୈନନ୍ଦିନ ଅନେକ ଫୋନ୍ କଲ୍ ଉତ୍ତର ସେ ଗତ ୬ ମାସ ହେବ ଦେଇ ନୟାନ୍ତ ହୋଇ ସାରିଲେଣି। ହେଲେ କାହିଁକି ଏମିତି ହେଉଛି ବୋଲି ସେ କିଛି ବୁଝିପାରୁନାହାନ୍ତି ବୋଲି କହିଲେ। ବିଶ୍ୱବିଦ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି ଯେ, ଦୀପ୍ତି ରଞ୍ଜନ ବେହେରା ଏଠାକାର ଜଣେ କର୍ମଚାରୀ। ସେ ଆଗରୁ ଚିଫ୍ ୱାର୍ଡେନ ଅଫିସ ଦାୟିତ୍ୱରେ ଥିଲେ, ଏବେ ନାହାନ୍ତି। ହେଲେ ମୋବାଇଲ ନମ୍ବରଟି ଯଦି ଭୁଲ ରହିଛି, ତାହାକୁ ଆମେ ୱେବସାଇଟରେ ସଂଶୋଧନ କରିଦେବୁ। ଏନେଇ ବିଶ୍ୱବିଦ୍ୟାଳୟର କୁଳସଚିବ ଭକ୍ତଚରଣ ପ୍ରଧାନଙ୍କୁ ପଚାରିବାରୁ ସେ ଏ ବାବଦରେ ଅବଗତ ନଥିବା କହିଛନ୍ତି।

ସୂଚନାଯୋଗ୍ୟ ଯେ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଛାତ୍ରମାନଙ୍କ ନିମନ୍ତେ ଧର୍ମପଦ, ଇଷ୍ଟ, ଜଗନ୍ନାଥ, ଲଳିତଗିରି, ନିଉ, ନିଉ ପିଜି ଓ ୱେଷ୍ଟ ହଷ୍ଟେଲ ରହିଛି। ସେହିପରି ଛାତ୍ରୀମାନଙ୍କ ନିମନ୍ତେ ଭାର୍ଗବୀ, ଦୟା, ଦେବୀ, କାଠଯୋଡ଼ି, ମହାନଦୀ ଓ ପରିଜା ହଷ୍ଟେଲ ରହିଛି। ସମସ୍ତ ହଷ୍ଟେଲର ମୁଖ୍ୟ ଭାବେ ଜଣେ ଚିଫ୍ ୱାର୍ଡେନ୍ ଓ ତାଙ୍କ ତଳେ ଦୁଇଜଣ ଡେପୁଟି ଚିଫ୍ ୱାର୍ଡେନ ପୃଥକ ଭାବେ ଛାତ୍ରାବାସ ଓ ଛାତ୍ରୀ ନିବାସ ଦାୟିତ୍ୱରେ ଅଛନ୍ତି। ୱେବସାଇଟ୍‌ର ସର୍ବାଗ୍ରେ ଚିଫ୍ ୱାର୍ଡେନ ଡ. ଶିବବ୍ରତ ଦାସ ଫଟୋ ସହ ସ୍ଥାନିତ ହୋଇଛି। ତଳକୁ ବାମ ପାର୍ଶ୍ୱରେ ଡେପୁଟି ଚିଫ ୱାର୍ଡେନ, ଲେଡିଜ ହଷ୍ଟେଲ ଡ. ଉର୍ମିଶ୍ରୀ ବେଦମାତା ଏବଂ ଡେପୁଟି ଚିଫ୍ ୱାର୍ଡେନ, ବୟେଜ ହଷ୍ଟେଲ ଡ. ଚିତ୍ତରଞ୍ଜନ ନାୟକଙ୍କ ନାମ ଉଲ୍ଲେଖ ରହିଛି। ହେଲେ ଏସମସ୍ତ ଅଧିକାରୀମାନଙ୍କ କୌଣସି ଯୋଗାଯୋଗ ନମ୍ବର ୱେବସାଇଟ୍‌ରେ ଦିଆଯାଇନାହିଁ। ତୁରନ୍ତ ଏହାକୁ ସଂଶୋଧନ କରିବା ନିମନ୍ତେ ଛାତ୍ରୀଛାତ୍ର, ଅଭିଭାବକ ତଥା ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

**ମନ୍ଦାକିନୀ ବୋଇତ ବନ୍ଦାଣ ଉତ୍ସବର ଶୁଭଖୁଣ୍ଟି ପଡ଼ିଲା**

ନିରାକାରପୁର,(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତସ୍ଥିତ ମନ୍ଦାକିନୀ ନଦୀକୂଳରେ ଚଳିତବର୍ଷ ମନ୍ଦାକିନୀ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ବୁଧବାର ଏକ ପ୍ରସ୍ତୁତି ବୈଠକ ହେବା ସହିତ ଶୁଭ ଖୁଣ୍ଟି ପଡି ପୂଜାର୍ଚ୍ଚନା କରାଯାଇଛି। ଏଥିରେ କମିଟିର ସଭାପତି ଦିଲୀପ ଶ୍ରୀଚନ୍ଦନ, ଉପସଭାପତି ରଞ୍ଜିତ ଜଗଦେବ, ସମ୍ପାଦକ ରମାକାନ୍ତ ମହାପାତ୍ର, ସଂଯୋଜକ ବିଶ୍ୱଭୂଷଣ ଛୋଟରାୟ, ସହ ସମ୍ପାଦକ କୃଷ୍ଣଚନ୍ଦ୍ର ନରେନ୍ଦ୍ର, କୋଷାଧକ୍ଷ ବିଜୟ କୁମାର ଛୋଟରାୟ, କାର୍ଯ୍ୟକାରୀ ସଦସ୍ୟ ବୀରେନ୍ଦ୍ର ପଟ୍ଟନାୟକ, କୈଳାସ ଚନ୍ଦ୍ର ସାମନ୍ତସିଂହାର ସହିତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

## ସଂକ୍ଷେପରେ

### ଟ୍ରକ୍-କାର୍ ମୁହାଁମୁହିଁ ଧକ୍କା, ୩ ମୃତ

ବୋଲଗଡ଼,୨।୧୧(ଡି.ଏନ୍.ଏ.): ଖୋର୍ଦ୍ଧା ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବୋଲଗଡ଼ ଥାନା ପଞ୍ଚୁକୋଟ ଗ୍ରାମ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଗୋଟିଏ କାର୍ ଓ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୩ଜଣ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ୩ଜଣଙ୍କ ପରିଚୟ ଜଣାପଡ଼ି ନ ଥିବା ବେଳେ ଗୁଜରାଟ ଗାନ୍ଧୀନଗରର ବୋଲି ସୂଚନା ମିଳିଛି। ଅନ୍ୟପଟେ ଗୁରୁତର ଯୁବକଙ୍କ ନୟାଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଚାଲିଛି। ସୂଚନା ଅନୁସାରେ, ଏକ ହ୍ୟୁଣ୍ଡାଇ କାର୍(ନଂ. ଜିଜେ ୧୮ ବିକେ ୯୬୭୩) ପୁରୀରୁ ନୟାଗଡ଼ ଅଭିମୁଖେ ଯାଉଥିଲା। ହେଲେ ରାତି ପ୍ରାୟ ୨ଟା ସମୟରେ ପଞ୍ଚୁକୋଟ ଗ୍ରାମ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ୍ (ନଂ.ଓଡି ୦୨ ଏଭି ୧୯୪୯) ସହ ହଠାତ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଧକ୍କା ଏତେ ଜୋର୍‌ରେ ହୋଇଥିଲା ଯେ, ଘଟଣାସ୍ଥଳରେ ହିଁ କାର୍ ଡ୍ରାଇଭର ସମେତ ୩ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଅବସ୍ଥାରେ ଥିଲେ। ଖବରପାଇ ବୋଲଗଡ଼ ପୋଲିସ ପହଞ୍ଚି ଘଟଣାସ୍ଥଳରୁ ତିନିଜଣଙ୍କୁ କାର୍‌ରୁ ଉଦ୍ଧାର କରି ଖୋର୍ଦ୍ଧା ଜିଲା ହସ୍ପିଟାଲକୁ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଧିକ ତଦନ୍ତ ଆରମ୍ଭ କରିଛି। ଏଥିସହ କାର୍ ମଧ୍ୟରୁ ଭୋଗ ଓ ମୋବାଇଲ ମିଳିଥିବା ବେଳେ ପୋଲିସ ୨ଟି ଗାଡ଼ିକୁ ଜବତ କରିଛି। ଅନ୍ୟପଟେ ଦୁର୍ଘଟଣା ଘଟାଇ ଟ୍ରକ୍ ଚାଳକ ଫେରାର ହୋଇଯାଇଛି।

### ଖଣିରେ ଟ୍ରାକ୍ଟର ଓଲଟି ଚାଳକ ଗୁରୁତର

ନିରାକାରପୁର,୨।୧୧(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ ରାଉଳହଜଠାରେ ଥିବା ଏକ ପରିତ୍ୟକ୍ତ ଖଣି ଭିତରକୁ ବୁଧବାର ଏକ ଟ୍ରାକ୍ଟର ଓଲଟିଯିବାରୁ ଚାଳକ ଗୁରୁତର ଆହତ ହୋଇଛନ୍ତି। ଆହତ ଜଣକ ହେଲେ ଉକ୍ତ ଥାନା ଡିଆ ପଞ୍ଚାୟତ କାଶୀପୁର ଗ୍ରାମର ଶ୍ରୀନିବାସ ସୁବୁଦ୍ଧି। ଶ୍ରୀନିବାସ ହାଟର ଆବର୍ଜନା ଟ୍ରାକ୍ଟରେ ବୋଝେଇ କରି ଚିତ୍ରକୂଟ ପାହାଡ ପାଦଦେଶରେ ଥିବା ଏକ ପରିତ୍ୟକ୍ତ ଖଣିରେ ପକାଇବାକୁ ଯାଇଥିଲେ। ହେଲେ ଆବର୍ଜନା ଖାଲି କରୁଥିବା ସମୟରେ ଭାରସାମ୍ୟ ହରାଇ ଟ୍ରାକ୍ଟରଟି ଖଣି ଭିତରକୁ ଖସିପଡ଼ିଥିଲା। ତେବେ ୨୦ଫୁଟ ପରିତ୍ୟକ୍ତ ଖଣିଭିତରୁ ଚାଳକ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଚାଳକଙ୍କ ପାଟିଶୁଣି ସ୍ଥାନୀୟ ଲୋକ ପହଞ୍ଚି ଏକ ଜେସିବି ମାଧ୍ୟମରେ ଶ୍ରୀନିବାସଙ୍କୁ ଉଦ୍ଧାର କରିଥିଲେ। ୨ଟି ଗୋଡରେ ଆଘାତ ଲାଗିଥିବାରୁ ତାଙ୍କୁ ୧୦୮ ଯୋଗେ ଖୋର୍ଦ୍ଧା ହସ୍ପିଟାଲକୁ ପଠାଇ ଦିଆଯାଇଛି।

### ଓଭରବ୍ରିଜ୍ କାର୍ଯ୍ୟ ଶୀଘ୍ର ସାରିବାକୁ ଦାବିପତ୍ର

ଜଟଣୀ,୨।୧୧(ଡି.ଏନ୍.ଏ.): ଜଟଣୀ ବିକାଶ ପରିଷଦ ପକ୍ଷରୁ ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ ରେଳ ମଣ୍ଡଳ ପ୍ରବନ୍ଧକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜଟଣୀ ସୀତାରାମ ଛକରେ ନିର୍ମାଣାଧୀନ ଫ୍ଲାଏ ଓଭରବ୍ରିଜର ରେଳବାଇ ଅଧୀନରେ ଥିବା ଅଳ୍ପ କାମକୁ ଯଥାଶୀଘ୍ର ସାରିବା ପାଇଁ ପରିଷଦ ତରଫରୁ ଜଟଣୀର ପୂର୍ବତନ ବିଧାୟକ ତଥା ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟଙ୍କ ନେତୃତ୍ୱରେ ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳ ପ୍ରବନ୍ଧକଙ୍କୁ ଭେଟି ସ୍ମାରକ ପତ୍ର ଦିଆଯାଇଥିଲା। ବିକାଶ ପରିଷଦର ଦାବି ଯେ, ଜଟଣୀର ବହୁ ପ୍ରତୀକ୍ଷିତ ସୀତାରାମ ଛକଠାରୁ କୁଦିଆରୀ ବଜାର ଫ୍ଲାଏ ଓଭର ବ୍ରିଜ ଏବଂ କୁଦିଆରୀ ବଜାରରୁ ମାଛ ମାର୍କେଟ ଯାଏ ଫୁଟ ଓଭର ବ୍ରିଜ ନିର୍ମାଣକୁ ଜନସାଧାରଣଙ୍କ ସୁବିଧା ଲାଗି ଡିସେମ୍ବର ଶେଷ ସୁଦ୍ଧା ସମସ୍ତ କାର୍ଯ୍ୟ ସମ୍ପନ୍ନ କରାଯାଉ। ଏଥିସହିତ ଲୋକ କଲୋନୀ, ମାଣିଆ ଛକ ଦେଇ ନୂତନ ରେଳ ଷ୍ଟେଶନ ହରିପୁର ରାସ୍ତା ମଧ ପ୍ରଶସ୍ତି କରାଯିବା ନେଇ ରେଳ ପ୍ରବନ୍ଧକ ପ୍ରତିଶ୍ରୁତି ଦେଇଥିବା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଜଟଣୀ ବିକାଶ ପରିଷଦ ସଭାପତି ବିଜୟ ଛୋଟରାୟ, ସମ୍ପାଦକ ସୁଦର୍ଶନ ସୁନ୍ଦରାୟ, ଅଧ୍ୟାପକ ବିଜୟ ପଣ୍ଡା, କୈଳାସ ଚନ୍ଦ୍ର ମହାପାତ୍ର, ରାଜେନ୍ଦ୍ର ପ୍ରସାଦ ପଟ୍ଟନାୟକ, ସୁଶାନ୍ତ ରାଉତ, ପ୍ରସନ୍ନ ସାହୁ, ପ୍ରସନ୍ନ ପାଟଶାଣୀ, ବାବୁ ହୋତା, ଭାଲୁ ସାମନ୍ତରାୟ, ସୁଧୀର ବାରିକ, ଅମରେଶ ନାୟକ, ଜିତୁ ପଟ୍ଟନାୟକ ଏବଂ ପ୍ରିୟରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ୨୯୧ ବର୍ଷ ପରେ ରାଧାପାଦ ଦର୍ଶନକଲେ ଶ୍ରଦ୍ଧାଳୁ

**ଜଟଣୀ,୨।୧୧(ଡି.ଏନ୍.ଏ.)**

**୧୭୩୧ରେ ମୋଗଲ ଶାସକ ମନ୍ଦିରକୁ ଆକ୍ରମଣ କରିଥିଲେ**

ଜଟଣୀ ବ୍ଲକ ଅଧୀନ ରଥୀପୁରଗଡ଼ସ୍ଥିତ ସାକ୍ଷୀଗୋପୀନାଥ ଦେବଙ୍କ ମନ୍ଦିରରେ ୨୯୧ ବର୍ଷ ପରେ ମା' ରାଧାରାଣୀଙ୍କ ପାଦ ଦର୍ଶନ କରିଛନ୍ତି ଶ୍ରଦ୍ଧାଳୁ। ରାଧାରାଣୀଙ୍କ ଓଡ଼ିଆଣୀ ବେଶ ଦେଖିବା ପାଇଁ ବୁଧବାର ସକାଳୁ ମନ୍ଦିରରେ ଭକ୍ତଙ୍କ ଗହଳି ଲାଗିରହିଥିଲା। ଦୀର୍ଘ ବର୍ଷ ପରେ ରାଧାପାଦ ଦର୍ଶନ କରି ଭକ୍ତ ଧନ୍ୟ ହୋଇଥିଲେ। ଧର୍ମ ମାସ କାର୍ତ୍ତିକ ଅଁଳାନବମୀ ଦିନ ରାଧାପାଦ ଦର୍ଶନ କଲେ କୋଟି ଜନ୍ମର ପୁଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି।

ସୂଚନା ଅନୁସାରେ ୧୬୬୩ ମସିହାରେ ପୁରୀର ଗଜପତି ମହାରାଜ ମୁକୁନ୍ଦ ଦେବ ଜଟଣୀ ଗଡ଼ ରଥୀପୁର ଗ୍ରାମରେ ସାକ୍ଷୀଗୋପୀନାଥ ଦେବଙ୍କ ମନ୍ଦିର ପ୍ରତିଷ୍ଠା କରିଥିଲେ। ୧୭୩୧ ମସିହାରେ ମୋଗଲ ଶାସକ ରଥୀପୁର ଗ୍ରାମ ସହ ମନ୍ଦିର ଉପରେ ଆକ୍ରମଣ କରିଥିଲା। ମୁକୁନ୍ଦ ଦେବ ବିଗ୍ରହଙ୍କୁ ସୁରକ୍ଷା ଦେବା ପାଇଁ ମନ୍ଦିରରୁ ରାଧାକୃଷ୍ଣଙ୍କ ବିଗ୍ରହକୁ ନେଇ କନ୍ତଳବାଇଠାରେ ଲୁଚେଇ



ସାକ୍ଷୀଗୋପୀନାଥ ଦେବଙ୍କ ମନ୍ଦିରରେ ମା' ରାଧାରାଣୀଙ୍କ ଓଡ଼ିଆଣୀ ବେଶ।

ରଖିଥିଲେ। ୧୭୩୨ ମସିହାରେ ତକି ଖାଁଙ୍କ ସେନା ମନ୍ଦିର ଉପରେ ଆକ୍ରମଣ କରି ମନ୍ଦିରକୁ ଭାଙ୍ଗି ଦେଇଥିଲେ। ସେହିଦିନଠାରୁ ମନ୍ଦିର ଭଗ୍ନ ଅବସ୍ଥାରେ ରହିଥିଲା। ଭଗ୍ନ ମନ୍ଦିରକୁ ନୂଆ ରୂପ ଦେବା ପାଇଁ ଗ୍ରାମବାସୀଙ୍କ ପ୍ରଚେଷ୍ଟା ପରେ ମନ୍ଦିରକୁ ପୁନରୁଦ୍ଧାର କରି ଚଳିତବର୍ଷ ମାର୍ଚ୍ଚ ମାସରେ ନୂତନ ବିଗ୍ରହଙ୍କୁ ପ୍ରତିଷ୍ଠା କରାଯାଇଛି। ଗ୍ରାମବାସୀଙ୍କ ନିଷ୍ପତ୍ତିକ୍ରମେ ବୁଧବାର ୨୯୧ବର୍ଷ ପରେ ପୁଣିଥରେ ଭକ୍ତମାନେ ଅଁଳାନବମୀ ଦିନରେ ରାଧା ପାଦ ଦର୍ଶନ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ଏହି ଅବସରରେ ଗ୍ରାମ୍ୟ ଏବଂ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଦୀର୍ଘ ବର୍ଷ ପରେ ପ୍ରଥମ କରି ଉକ୍ତ ମନ୍ଦିରରେ ରାଧାରାଣୀଙ୍କର ପାଦ ଦର୍ଶନ ପାଇଁ ହଜାର ହଜାର ଭକ୍ତଙ୍କ ଗହଳି ଦେଖିବାକୁ ମିଳିଥିଲା। ଶ୍ରୀଶ୍ରୀ ରାଧାକାନ୍ତ ଦେବ ସାଂସ୍କୃତିକ ପରିଷଦ ଏବଂ ଶ୍ରୀ ରାଧାକାନ୍ତ ଦେବ ମନ୍ଦିର ପରିଚାଳନା କମିଟି, କନ୍ତିଆ ପକ୍ଷରୁ ଓଡ଼ିଶୀ, ଛାନ୍ଦ, ଚମ୍ପୁ, ଭଜନ ଏବଂ ପାରମ୍ପରିକ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଗୁରୁ କେଶବ ରାଉତ, ଗୁରୁ ନିମାକାନ୍ତ ରାଉତରାୟ, ଗୁରୁ ସୁକାନ୍ତ କୁମାର କୁଣ୍ଡୁ, ଅନୁଜା ତାରିଣୀ ମିଶ୍ର, ସୁରସରିତା ରାଉତ, ବିଜୟଲକ୍ଷ୍ମୀ ରାଉତରାୟ ଏବଂ ଭାଗ୍ୟଶ୍ରୀ ରାଉତ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ।

# ଲୋକ ସଂସ୍କୃତି, ପରମ୍ପରାକୁ ଉଜ୍ଜୀବିତ ରଖିଛି ପାଲା



ଜଣେ ପାଲା ଗାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଖୋର୍ଦ୍ଧା ଅଫିସ,୨।୧୧**

**୨ ପାଲା ଗାୟକ ସମ୍ବର୍ଦ୍ଧିତ**

କଳା ଓ ସଂସ୍କୃତି ହେଉଛି ଗୋଟିଏ ଜାତିର ପରିଚୟ। ଏଥିରେ ଜାତିର ଐତିହ୍ୟ ପରମ୍ପରାର ଝଲକ ଦେଖିବାକୁ ମିଳିଥାଏ। ସଂସ୍କୃତି ହଜିଲେ, ସେ ଜାତିର ପରମ୍ପରା ମଧ୍ୟ ହଜିଯାଏ। ଆଧୁନିକତାର ସ୍ପର୍ଶରେ ଧୀରେ ଧୀରେ ଆମ କଳା ସଂସ୍କୃତି ଓ ପରମ୍ପରା ଲୋପ ପାଇବାକୁ ବସିଛି। ଏଭଳି ସ୍ଥିତିରେ ପୁରାତନ ଲୋକକଳା ପାଲାକୁ ବଞ୍ଚାଇ ରଖିବା ପାଇଁ ଦୀର୍ଘ କୋଡ଼ିଏ ବର୍ଷ ଧରି ବେଗୁନିଆ ବ୍ଲକ କଣ୍ଟାବାଡ଼ ପଞ୍ଚାୟତର ମଳିପଦର-ବାସୁଦେବପୁର ଗ୍ରାମବାସୀ ଚେଷ୍ଟା ଜାରି ରଖିଛନ୍ତି। ଏହି ଗ୍ରାମର ଗୋପୀନାଥ ଦେବଙ୍କ ପ୍ରାଙ୍ଗଣରେ ଗିରି ଗୋବର୍ଦ୍ଧନ ପୂଜାଠାରୁ ଚାଲିଥିବା ବାଦୀପାଲା ଉଦ୍‌ଯାପିତ ହୋଇଯାଇଛି। ଉଦଯାପିତ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ବିଶ୍ୱଜିତ ମିଶ୍ର ଯୋଗଦେଇ ଦୁଇ ସୁପରିଚିତ ଗାୟକ ପୁରୀର ହିମାଂଶୁ କୁମାର ବରାଳ ଏବଂ ଢ଼େଙ୍କାନାଳର ବିଭୂଷଣ ମାନସ କୁମାର କରଙ୍କୁ ମାନପତ୍ର, ଉପଢୌକନ ଓ ରୌପ୍ୟ ପଦକ ଦେଇ ସମ୍ମାନିତ କରିଥିଲେ। ସେହିପରି ଗ୍ରାମର ଅବସରପ୍ରାପ୍ତ ଡାକ କର୍ମଚାରୀ ନିରଞ୍ଜନ ପଣ୍ଡାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନୁଷ୍ଠାନର ସଭାପତି ପ୍ରଭାତ କୁମାର ପଣ୍ଡା, ସମ୍ପାଦକ ପ୍ରସନ୍ନ କୁମାର ଦାଶ, ପଣ୍ଡିତ କରୁଣାକର ମହାପାତ୍ର, ଅମୀୟ ଭୂଷଣ ପଣ୍ଡା, ମିହିର କୁମାର ଆଚାର୍ଯ୍ୟ, କୁଞ୍ଜବିହାରୀ ମହାପାତ୍ର ଏବଂ ଚିତ୍ତରଞ୍ଜନ ହୋତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପଞ୍ଚକ ମହୋତ୍ସବ ଉଦ୍‌ଘାଟିତ



କୁଞ୍ଜବିହାରୀ ଦେବ ଭକ୍ତି ନାଟ୍ୟ ସଂସଦ ଆନୁକୂଲ୍ୟରେ ଆୟୋଜିତ ୭୫ତମ ପଞ୍ଚକ ମହୋତ୍ସବରେ ଉପସ୍ଥିତ ଅତିଥି।

**ଖୋର୍ଦ୍ଧା ଅଫିସ,୨।୧୧**

**ମନ ମୋହିଲା ଘୋଡ଼ାନାଚ, ସମ୍ବଲପୁରୀ, ଢୋଲମହୁରୀ**

ବେଗୁନିଆ ବ୍ଲକ ସିମୋର କୁଞ୍ଜବିହାରୀ ଦେବ ଭକ୍ତି ନାଟ୍ୟ ସଂସଦ ଆନୁକୂଲ୍ୟରେ ଆୟୋଜିତ ୭୫ତମ ପଞ୍ଚକ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ବୁଧବାର ପୂର୍ବାହ୍ନରେ ଗ୍ରାମଦେବତୀ ମା'ଗହ୍ଣେଇ ଠାକୁରାଣୀଙ୍କ ପୀଠରୁ ସଂକୀର୍ତ୍ତନ, ବାଜା, ବାଣ, ରୋଷଣୀରେ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରି କୁଞ୍ଜବିହାରୀ ଦେବଙ୍କ ପୀଠରେ ପହଞ୍ଚିଥିଲା। ଏହାପରେ ଅପରାହ୍ନରେ ପଞ୍ଚକ ମହୋତ୍ସବ ଉଦ୍‌ଘାଟିତ ହୋଇଥିଲା। ସଂସଦ ସଭାପତି ଡ. ପ୍ରମୋଦ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ବ୍ଲକ ଆମ୍ବା ଅଧ୍ୟକ୍ଷ ଦୀପ୍ତି ରଞ୍ଜନ ସାହୁ, ଜିଲା ପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ଶିକ୍ଷାବିତ ରାଜକିଶୋର ପାଣିଗ୍ରାହୀ ଯୋଗଦେଇ ଥିଲେ। କଳା ଓ ସଂସ୍କୃତି ସମ୍ପର୍କର ସେତୁ ଯୋଡ଼ିଥାଏ ଏବଂ ପ୍ରତିଭାକୁ ମହୋତ୍ସବ ବିକଶିତ କରିଥାଏ ବୋଲି ଅତିଥିମାନେ କହିଥିଲେ। ଶିକ୍ଷକ ଅଖିଳେଶ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସାମାଜିକ କର୍ମୀ ନବ କିଶୋର ଖୁଣ୍ଟିଆ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଆୟୋଜିତ କବିତା ପାଠୋତ୍ସବରେ କବି ଓ କବୟିତ୍ରୀମାନେ ଯୋଗଦେଇ କବିତା ପାଠ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରଥମ ଅର୍ଘ୍ୟରେ କୋଟପଲ୍ଲା ମା' କାଳୀକା ଅନୁଷ୍ଠାନର କଳାକାର ଘୋଡ଼ାନାଚ ପରିବେଷଣ କରିଥିଲେ। ପରେ ଚକ୍ରଧର ଦେବତା ଓ ସାଥୀ ବିପିନ ବିହାରୀ ମିଶ୍ରଙ୍କ ଦ୍ୱାରା ଦାସକାଠିଆ, କୁନି କଳାକାର ଅଙ୍କିତା ଅଧିକାରୀଙ୍କ ସମ୍ବଲପୁରୀ ନୃତ୍ୟ, ଢଣକୋଇଲା ବାଦ୍ୟ ପରେ ନୟାଗଡ଼-ପିଚୁକୁଳି ଢୋଲମହୁରୀ, କଟକ ସଙ୍ଗମ ଡ୍ୟାନ୍ସ ଗ୍ରୁପ ଦ୍ୱାରା ପରିବେଷିତ ନୃତ୍ୟ ଓ ସଙ୍ଗୀତ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। ଅନୁଷ୍ଠାନ ପକ୍ଷରୁ କବି, କଳାକାରମାନଙ୍କୁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମହୋତ୍ସବ ଦୁଇଦିନ ପର୍ଯ୍ୟନ୍ତ ହେବା ସହିତ ଶ୍ରୀକୃଷ୍ଣଙ୍କ ଜନ୍ମଠାରୁ କଂସ ବଧ ପର୍ଯ୍ୟନ୍ତ ନାଟ୍ୟାଭିନୟ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ମିଳିଛି।

# ଓପିଟିଏ ବୈଠକରେ କର୍ମକର୍ତ୍ତା ଚୟନ

**ବେଗୁନିଆ,୨।୧୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ପୋଡାଡିହ ଗ୍ରାମସ୍ଥିତ ମା'ମଙ୍ଗଳାଙ୍କ ପୀଠ ପରିସରରେ ଓଡ଼ିଶା ପ୍ରାଇମେରୀ ଟିଚର୍ସ ଆସୋସିଏଶନ(ଓପିଟିଏ)ପକ୍ଷରୁ ଏକ ସାଧାରଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏୟୁପିଟିଏଫର ଖୋର୍ଦ୍ଧା ଜିଲା ସଂଯୋଜକ ଉମାକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘର ଜିଲା ସଭାପତି ଅକ୍ଷୟ କୁମାର ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ଜିଲା ସଭାପତି ବଟକୃଷ୍ଣ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆଗାମୀ ଦିନରେ ସଂଘକୁ କିଭଳି ସୁଦୃଢ଼ କରାଯାଇପାରିବ ଏବଂ ସଂଘର ବିଧିବଦ୍ଧ ବ୍ୟବସ୍ଥାକୁ ଠିକ୍ କାର୍ଯ୍ୟକାରୀ କରିବା ପାଇଁ ଆଲୋଚନା କରାଯାଇଥିଲା। ସେହିପରି ସଂଘର କାର୍ଯ୍ୟକାଳ ପୂର୍ଣ୍ଣାଙ୍ଗ ହୋଇଯାଇଥିବାରୁ ନୂତନ କର୍ମକର୍ତ୍ତା ଗଠନ କରାଯାଇଥିଲା। ସର୍ବସମ୍ମତିକ୍ରମେ ସଭାପତି ଭାବେ ରବୀନ୍ଦ୍ର କୁମାର ମଲ୍ଲିକ ଏବଂ ସାଧାରଣ ସମ୍ପାଦକ ଭାବେ ନକୁଳ କୁମାର ସିଂହଙ୍କୁ ଚୟନ କରାଯାଇଛି। ସେହିପରି ଉପସଭାପତି ଭାବେ ଧ୍ରୁବଚରଣ ସେଠୀଙ୍କୁ ମନୋନୀତ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏବେ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଥା ଉଚ୍ଛେଦ ପାଇଁ ଯେଉଁଭଳି ଭାବେ ଆଦେଶନାମା ଘୋଷଣା କରାଯାଇଛି ତାହା ପ୍ରାଥମିକ ଶିକ୍ଷକଙ୍କ ନିମନ୍ତେ ପ୍ରଯୁଜ୍ୟ ହେବ ନାହିଁ ବୋଲି କ୍ଷୋଭ ପ୍ରକାଶ ପାଇଥିଲା।

# ସାମୂହିକ ଭାବେ ଆତ୍ମାଙ୍କୁ କଲେ ପ୍ରାର୍ଥନା



**ଜଟଣୀ,୨।୧୧(ଡି.ଏନ୍.ଏ.)**

**ଖ୍ରୀଷ୍ଟିଆନଙ୍କ 'ଅଲ-ସୋଲ ଡେ' ପାଳିତ**

ଜଟଣୀ ସହରରେ ଖ୍ରୀଷ୍ଟିଆନଙ୍କ ଅଲ ସୋଲ ଡେ' ପାଳିତ ହୋଇଛି। ସହରରେ ବାସ କରୁଥିବା ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଲୋକେ ତାଙ୍କର ପୂର୍ବଜ ଏବଂ ଆତ୍ମୀୟସ୍ୱଜନଙ୍କୁ ମନେ ପକାଇ ସହରରେ ଥିବା ଖ୍ରୀଷ୍ଟିଆନ କବରସ୍ଥାନରେ ବୁଧବାର ଏକତ୍ରିତ ହୋଇ ଅଲ -ସୋଲ -ଡେ ପାଳନ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଭାରତୀୟ ତୈଳ ନିଗମର ନିର୍ଦ୍ଦେଶକ ତଥା ଭାଜପା ରାଜ୍ୟ ପ୍ରବକ୍ତା ସୁଦୀପ୍ତ ରାୟ ଯୋଗ ଦେଇ ପବିତ୍ର ଆତ୍ମାଙ୍କ ଶାନ୍ତି ନିମନ୍ତେ ପ୍ରାର୍ଥନା କରିଥିଲେ। ପ୍ରତିବର୍ଷ ନଭେମ୍ବର ୨ ତାରିଖରେ ବିଶ୍ୱର ଖ୍ରୀଷ୍ଟିଆନ ସମ୍ପ୍ରଦାୟ ପକ୍ଷରୁ ଉକ୍ତ ଡେ ପାଳନ କରାଯାଉଥିବା ବେଳେ ଜଟଣୀ ସହରରେ ଖ୍ରୀଷ୍ଟିଆନ ଭଉଣୀ ଭାଇମାନଙ୍କ ପରଲୋକ ହୋଇଥିବା ଆତ୍ମୀୟଙ୍କ ଶାନ୍ତି ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଥିବା ଖ୍ରୀଷ୍ଟିଆନ ସମାଧି ସ୍ଥଳ କମିଟି ସଭାପତି ବି. ଜନ ଏବଂ ସମ୍ପାଦକ ଭି.ଡି. କେ ଜୋସେଫ କହିଛନ୍ତି। ସମାଧିକୁ ରଙ୍ଗ କରି ସେଥିରେ ବିଭିନ୍ନ ପ୍ରକାରର ଫୁଲରେ ସୁସଜ୍ଜିତ କରିବା ସହ ମହମବତି ଜାଳି ଆତ୍ମାର ଶାନ୍ତି ପାଇଁ ପ୍ରାର୍ଥନା କରିଥିଲେ। ଜଟଣୀରେ ୭୦୦ ରୁ ଉର୍ଦ୍ଧ୍ୱ ଖ୍ରୀଷ୍ଟିଆନ ପରିବାର ରହୁଥିବା ବେଳେ ବ୍ରିଟିଶ ଅମଳର କବର ସ୍ଥାନରେ ୧୫୦୦ରୁ ଅଧିକ ସମାଧି ଥିବାବେଳେ ପ୍ରତିବର୍ଷ ଉକ୍ତ ଦିବସ ପାଳନ ପୂର୍ବରୁ ବାରିଆଲ ସୋସାଇଟି ଏବଂ ପ୍ରଶାସନ ପକ୍ଷରୁ ସଫା କରାଯାଇଥିଲା। କାର୍ଯ୍ୟକ୍ରମେରେ ବାରିଆଲ ସୋସାଇଟି ସଦସ୍ୟ ସାମୁଏଲ ପ୍ରଧାନ, ଦୀପକ ନାୟକ, ପ୍ରଦୀପ ମିଶ୍ର, ମୁରଲୀଧର ନାୟକ ଏବଂ ମୁକେଶ ଗାଏନ ପ୍ରମୁଖ ଉପସ୍ଥିତ ଥିଲେ। ଚର୍ଚ୍ଚର ଫାଦର ବାଇବେଲ ପଢ଼ି ସମସ୍ତଙ୍କ ମଙ୍ଗଳ ପାଇଁ ପ୍ରାର୍ଥନା କରି ସମସ୍ତ ସମାଧିରେ ଜଳ ଛିଞ୍ଚନ କରିଥିଲେ।

# ଦଳ, ଘାସରେ ଭର୍ତ୍ତି ଶାଳିଆ ଜଳସେଚନ କେନାଲ

**ଗମ୍ଭାରୀମୁଣ୍ଡା (ବାଣପୁର), ୨।୧୧(ଡି.ଏନ୍.ଏ.)**

ଚାଷୀଙ୍କର ଚାଷଜମିକୁ ସୁବିଧାରେ ଜଳସେଚନ କରିବା ପାଇଁ ସରକାର ପ୍ରତିବର୍ଷ ଜଳସେଚିତ ଜମିରୁ ମୋଟା ଅଙ୍କର କର ଆଦାୟ କରୁଛନ୍ତି। ମାତ୍ର କେନାଲ ମରାମତି କରିବା ସହ ଦଳ ଓ ଅନାବନା ଘାସ ସଫେଇ କରି ଚାଷ ଜମିକୁ ସୁବିଧାରେ ପାଣି ପହଞ୍ଚାଇବା ଲାଗି ତାହାର ସୁବ୍ୟବସ୍ଥା କରିବା ପରିବର୍ତ୍ତେ ଦିନକୁଦିନ ଅବ୍ୟବସ୍ଥାରେ ଗତି କରୁଛି। ଏପରି ଅବ୍ୟବସ୍ଥା ବାଣପୁର ଶାଳିଆ ଜଳସେଚନ ଅଧୀନରେ ଥିବା ମୁଖ୍ୟ କେନାଲରେ ଦେଖାଯାଇଛି। ଏହି କେନାଲରେ ପାଣି ଠିକ୍ ସମୟରେ ଆସୁ ନ ଥିବାବେଳେ ସଫେଇ କି ମରାମତି କରାଯାଉନାହିଁ। ଫଳରେ କେଉଁଠି କେନାଲ ବନ୍ଧ ଭାଙ୍ଗି ବାହାର ନଦୀର ଜଳ କେନାଲରେ ପଶି ବନ୍ୟାର ଭ୍ରମ ସୃଷ୍ଟିକଲାଣି ତ କେଉଁଠି ଉପର ମୁଣ୍ଡରୁ ପାଣି ଆସୁ ନ ଥିବା ସ୍ଥଳେ ତଳ ମୁଣ୍ଡର କେନାଲ ପାଣିରେ ବନ୍ୟା ସୃଷ୍ଟିକରି କେଉଁଠି ରାସ୍ତା ଭାସୁଛି। କେନାଲ ଭିତରେ ଅନାବନା ଗଛ ଉଠିଗଲାଣି। କେନାଲକୁ ସଫା କରିବା, କେନାଲରୁ ପାଣି କିପରି ଠିକ୍ ଭାବେ ଚାଷ ଜମିରେ ପହଞ୍ଚିବ ସେଥିପାଇଁ ଯୋଜନା ହୋଇଥିବା ବେଳେ ଜଳସେଚନ ବିଭାଗ ଠିକ୍ ଭାବେ କାର୍ଯ୍ୟ କରୁ ନ ଥିବାରୁ ଏଭଳି ଅବସ୍ଥା ହୋଇଥିବା ସୂଚାଉଛି। ବର୍ତ୍ତମାନ ଖରିଫ ଫସଲ ଅମଳ ହୋଇ ନ ଥିବାବେଳେ ଆଗକୁ ରବି ଫସଲରେ ଚାଷୀମାନେ କେନାଲ ପାଣିକୁ କିପରି ଚାଷ କାର୍ଯ୍ୟରେ ବ୍ୟବହାର କରିବେ ତାହା ଚିନ୍ତାର କାରଣ ପାଲଟିଛି। ଏ ସମ୍ପର୍କରେ ଶାଳିଆ ଜଳସେଚନ ବିଭାଗର ଯନ୍ତ୍ରୀ ମନୋଜ ସାହୁଙ୍କୁ ପଚାରିବାରେ ଯଥାଶୀଘ୍ର ଏହାର ସମାଧାନ କରାଯିବ ବୋଲି କହିଛନ୍ତି। ତେଣୁ ରବି ଫସଲ ଆଗରୁ କେନାଲ ମରାମତି କରିବା ସହ କେନାଲକୁ ସଫେଇ କରି ଠିକ୍ ସମୟରେ ପାଣି ଛାଡିବା ପାଇଁ ଚାଷୀଙ୍କ ମଧ୍ୟରେ ଦାବି ହେଉଛି।



ଅନାବନା ଗଛରେ ଭର୍ତ୍ତି ହୋଇଥିବା ଶାଳିଆ ଜଳସେଚନ।

# ମରୁଡ଼ି ସମୟରେ କାମରେ ଲାଗୁନି ଜଳସେଚନ

**ବେଗୁନିଆ,୨।୧୧(ଡି.ଏନ୍.ଏ.)**

ଚାଷୀ ଓ ଚାଷର ଉନ୍ନତି ପାଇଁ ସରକାର ବହୁ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ସେଥିମଧ୍ୟରୁ ଜଳସେଚନ ବ୍ୟବସ୍ଥା ଅନ୍ୟତମ। ଜଳସେଚନ ଦ୍ୱାରା ଚାଷୀଙ୍କ ଜମିକୁ ସୁବିଧାରେ ପାଣି ଯୋଗାଇ ଦିଆଯାଏ। ତେବେ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଚାଷୀଙ୍କ ପାଇଁ ଏହି ସୁବିଧା ସାତସପନ ପାଲଟିଛି। ମାତ୍ର କୃଷି ବିଭାଗ କାଗଜ ପତ୍ରରେ ପ୍ରାୟ ୨୦ ପ୍ରତିଶତ ଜମିରେ ଜଳ ମାଡୁଥିବା ଦର୍ଶାଯାଇଛି। ହେଲେ ବେସରକାରୀ ଭାବେ ଅନୁଧ୍ୟାନ କଲେ ଏହି ବ୍ଲକରେ ମାତ୍ର ୭ପ୍ରତିଶତ ବ୍ୟବସ୍ଥା ହୋଇଛି। ସେହିପରି ସରକାରଙ୍କ ପକ୍ଷରୁ ରିଭର ଲିଫ୍ଟ, ବୋର୍ ପଏଣ୍ଟ, ଆଡ଼ିବନ୍ଧ ମାଧ୍ୟମରେ କିଛି ଚାଷ ଜମିକୁ ମରୁଡି ସମୟରେ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି। ମାତ୍ର ଏହି ବ୍ୟବସ୍ଥା ଜଳ ସଙ୍କଟ ସମୟରେ ଚାଷୀଙ୍କ ହିତରେ ଆସିପାରୁ ନାହିଁ। ଖରିଫ ଋତୁରେ ଧାନ ଓ ଅଣଧାନ ଚାଷ ପାଇଁ କେବଳ ବର୍ଷା ଜଳ ସାହା ଭରସା। ବର୍ଷା ନ ହେଲେ ଧାନ ଫସଲ ନଷ୍ଟ ହେଉଛି। ଏହି ବ୍ଲକ ଚାଷୀଙ୍କ ପାଇଁ ଏବେକାର ସ୍ଥିତିରେ ବର୍ଷା ଅଭାବ ରହିଛି। ଫଳରେ ଜମିରେ ଫୁଲ ଉଡା ଧାନ ଫସଲ ଉଜୁଡି ଯିବାକୁ ବସିଛି। ଏଥିପ୍ରତି ସରକାର କୌଣସି ପ୍ରତିକାର ବ୍ୟବସ୍ଥା ନ କରିବାରୁ ଚାଷୀ ଅସନ୍ତୋଷ ପ୍ରକାଶ କରୁଛନ୍ତି।

ପ୍ରକାଶଥାଉ କି, ଚଳିତ ଖରିଫ ଋତୁରେ ଏହି ବ୍ଲକ ଅଞ୍ଚଳରେ ୧୪ହଜାର ହେକ୍ଟର ଜମିରେ ଧାନଚାଷ କରାଯାଇଛି। ୬ହଜାର ହେକ୍ଟର ଖାଲୁଆ ଜମିରେ ୧୪୦ଦିନରୁ



ବର୍ଷା ଅଭାବ ଯୋଗୁଁ ଜମିରେ ଫୁଲ ଉଡ଼ାଉଥିବା ଧାନ ଫସଲ ଉଜୁଡି ଯିବାକୁ ବସିଛି।

୧୫୦ ଦିନରେ ଅମଳ ହେଉଥିବା ଧାନ ଏବଂ ୪ ହଜାର ହେକ୍ଟର ମଧ୍ୟମା ଜମିରେ ୧୧୦ରୁ ୧୩୦ଦିନ ମଧ୍ୟରେ ଅମଳ ହେଉଥିବା ଧାନ ଚାଷ କରାଯାଇଛି। ସେହିପରି ୪ହଜାର ହେକ୍ଟର ଡିପାଳିଆ ଜମିରେ ସଅଳ କିସମର ଧାନ ଚାଷ କରାଯାଇଛି। ଏହି ସଅଳ କିସମର ଧାନ ୯୦ରୁ ୧୦୦ ଦିନ ମଧ୍ୟରେ ଅମଳ ହୋଇଥାଏ। ବର୍ତ୍ତମାନ କେତେକ ଚାଷୀଙ୍କ ଜମିରେ ଫୁଲ ଉଡାଉଛି ତ ଆଉ କେତେକ ଚାଷୀଙ୍କ ଜମିରେ ଜଳ ଅଭାବରୁ ଗଛରେ ଫଳ ସୃଷ୍ଟି ହୋଇପାରୁ ନାହିଁ। ଫଳରେ ପ୍ରାୟ ଦୁଇ ହଜାର ହେକ୍ଟର ଜମିରେ ଫୁଲ ଉଡାଉଥିବା ଧାନ ଫସଲ ଉଜୁଡି ଯିବାକୁ ବସିଛି ବୋଲି ଚାଷୀଙ୍କ ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ବର୍ଷା ଅଭାବ ପରିସ୍ଥିତିରେ ଯଦି ସ୍ଥାୟୀ ଜଳସେଚନ ବ୍ୟବସ୍ଥା ହୁଅନ୍ତା, ତେବେ ଜମିରେ ଫୁଲ ଉଡା ଫସଲ ନଷ୍ଟ ହୋଇ ନ ଥାନ୍ତା ବୋଲି ଚାଷୀ ସଂଗଠନ ଓ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ କୁହାଯାଇଛି। ଏଥି ଲାଗି ମଧ୍ୟ କୃଷି ଓ ଜଳସେଚନ ବିଭାଗକୁ ସମ୍ପୂର୍ଣ୍ଣ ଦାୟୀ କରାଯାଇଛି ବୋଲି ସଂଗଠନର ସଭ୍ୟ ମଦନମୋହନ ସାହୁ, ଅକ୍ଷୟ ରଥ, ଚାଷୀ ପ୍ରସନ୍ନ ମହାପାତ୍ର ପ୍ରମୁଖ କହିଛନ୍ତି।

**ବେଗୁନିଆ ବ୍ଲକ ଚାଷୀଙ୍କୁ ବର୍ଷା ଜଳ ଭରସା**

- ଉଜୁଡ଼ି ଯାଉଛି ଫୁଲ ଉଡ଼ା ଧାନ ଫସଲ
- ସବ୍‌ସିଡିରେ ପମ୍ପସେଟ ଯୋଗାଣ ପ୍ରହସନ

ସୂଚନାଯୋଗ୍ୟ, ଏହି ବ୍ଲକ ଅଧୀନ ସିକୋ, ହଜ ଅଞ୍ଚଳର ଚାଷୀଙ୍କ ୧୦୦ ହେକ୍ଟର ଜମିକୁ ମଲାଗୁଣୀ ନଦୀରୁ ରିଭର ଲିଫ୍ଟ ମାଧ୍ୟମରେ ଜଳ ଯୋଗାଇ ଦିଆଯାଉଛି। ମାତ୍ର ଅନେକ ସମୟରେ ଏହି ଲିଫ୍ଟ ଅଚଳ ହୋଇପଡୁଛି। ପରିଛଳ, ଶଗଡଭଙ୍ଗା, ଗଡମାଣତୀର ରାଧାକାନ୍ତପୁର, ବଡବେରଣା, କଣ୍ଟାବାଡ ଆଦି ପଞ୍ଚାୟତରେ କେତେକ ଚାଷୀଙ୍କ ଜମିରେ ୧୨୦ଟି ଉଠା ଜଳସେଚନ ପଏଣ୍ଟ ରହିଛି। ତେବେ ବିଦ୍ୟୁତ୍ ଯୋଗାଣ ବିଚ୍ଛିନ୍ନ ଓ ମୋଟର ପୋଡ଼ି ଯାଇଥିବାରୁ ବହୁ ପଏଣ୍ଟ ଅଚଳ ହୋଇପଡ଼ିଛି। ସେହିପରି ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ବିଭିନ୍ନ ନାଳରେ ୮୫ଟି ଆଡିବନ୍ଧ ନିର୍ମାଣ କରାଯାଇଥିଲା। ଏହି ଆଡିବନ୍ଧ ଯୋଗୁ ପ୍ରାୟ ୧୧୦୦ ହେକ୍ଟର ଚାଷଜମି ପାଣି ପାଇପାରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା। କିନ୍ତୁ ନିମ୍ନମାନର କାର୍ଯ୍ୟ ଓ ତଦାରଖ ଅଭାବ ଯୋଗୁ ସବୁଠି ଏଗୁଡ଼ିକ ଭାଙ୍ଗିରୁଜି ଗଲାଣି। ଫଳରେ ବର୍ଷା ଅଭାବ ସମୟରେ ଚାଷୀଙ୍କ ହିତରେ ଲାଗିପାରୁନାହିଁ। ଅନ୍ୟପକ୍ଷେ ୫୦ପ୍ରତିଶତ ସବସିଡିରେ ଚାଷୀଙ୍କ ପାଇଁ ପମ୍ପସେଟ ଯୋଗାଣ ବ୍ୟବସ୍ଥା ଚାଷୀକୁଳକୁ ବ୍ୟଥିତ କରିଛି। କରୋନା ଚଡ଼କ ପରେ ଏବେ ମରୁଡି ଚିନ୍ତା ଘାରିଛି। ପମ୍ପସେଟ କିଣିବା ପାଇଁ ୫୦ ପ୍ରତିଶତ ଅର୍ଥ କେଉଁଠୁ ଆଣିବୁ ବୋଲି ଚାଷୀ ମଙ୍ଗୁଳି ବେହେରା, ସନାତନ ଭାରିମଲ୍ଲ ଆଦି ପ୍ରଶ୍ନ କରିଛନ୍ତି। ସେହିପରି ବର୍ଷା ଅଭାବ ଯୋଗୁ ନାଳ ନର୍ଦ୍ଦମା, ପୋଖରୀ, ଗାଡ଼ିଆ, ଜଳାଶୟ ଶୁଖିଲା ପଡ଼ିଛି। କେଉଁଠାରୁ ଜଳ ଆଣି ଜମିକୁ ମଡାଇବୁ ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି। ତେବେ ଏହି ବ୍ଲକ ଚାଷୀଙ୍କ ପାଇଁ ସରକାରଙ୍କ ପକ୍ଷରୁ ନିତିଦିନିଆ ଜଳସେଚନ ବ୍ୟବସ୍ଥା କରିବା ପାଇଁ ଚାଷୀକୂଳ ପକ୍ଷରୁ ନିବେଦନ କରାଯାଉଛି। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ଗଣେଶ୍ୱର ରଥ କୁହନ୍ତି, ସମ୍ପ୍ରତି ବର୍ଷା ଅଭାବ ଯୋଗୁ ଏହି ବ୍ଲକରେ ଚାଷ ହୋଇଥିବା ସଅଳ କିସମର ଧାନ ଫସଲ ଉପରେ ନିଶ୍ଚୟ ପ୍ରଭାବ ପଡିଛି। ଯଦି ଆଗାମୀ ଏକ ସପ୍ତାହ ମଧ୍ୟରେ ବର୍ଷା ନ ହୁଏ, ତେବେ ମଧ୍ୟମ ଧାନ ଫସଲ ଉପରେ ପ୍ରଭାବ ପଡ଼ିବ। ତେଣୁ ଚାଷୀଙ୍କ ପାଇଁ ନିତିଦିନିଆ ଜଳସେଚନ ବ୍ୟବସ୍ଥା କରିବାପାଇଁ ସରକାରଙ୍କୁ ଚିଠି ଲେଖାଯାଇଛି।

## ସଂକ୍ଷେପରେ

### ପାରିକୁଦରେ ବୋଇତ ବନ୍ଦାଣ ଉତ୍ସବ ପ୍ରସ୍ତୁତି

**କୃଷ୍ଣପ୍ରସାଦ,୨।୧୧(ସ୍ୱ.ପ୍ର./ଡି.ଏନ୍.ଏ.):** ଅତୀତର ସାଧବ ପୁଅମାନଙ୍କର ସ୍ମୃତିକୁ ମନେ ପକାଇବା ପାଇଁ ପ୍ରତି ବର୍ଷ ଭଳି ଚଳିତ ମାସ ୮ ତାରିଖ ପ୍ରତ୍ୟୁଷରୁ ୨୦ତମ ବୋଇତ ବନ୍ଦାଣ ଉତ୍ସବ କୃଷ୍ଣପ୍ରସାଦ ଅଞ୍ଚଳରେ ମହାଆଡ଼ମ୍ବରରେ ଅନୁଷ୍ଠିତ ହେବ। ଏ ନେଇ ପାରିକୁଦରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠାନ ପକ୍ଷରୁ ଏକ ବୈଠକ ଅନୁଷ୍ଠାନ ସଭାପତି ବାଉରିବନ୍ଧୁ ଦଳେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୋଇତ ବନ୍ଦାଣ ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ତଥା କନ୍ଦାଖାଇ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ନୀଳକଣ୍ଠ ତ୍ରିପାଠୀ, ଉପସଭାପତି ବରିଷ୍ଠ କ୍ରୀଡ଼ା ଶିକ୍ଷକ ଦୁର୍ଯ୍ୟୋଧନ ନାୟକ,ସମ୍ପାଦକ ଉମେଶ ଚନ୍ଦ୍ର ସିଂହ ସାମନ୍ତ, ନାଲୁ ପାହାଣ, ସୁଶାନ୍ତ କୁମାର ଭାରିମଲ୍ଲ, କୃଷ୍ଣଚନ୍ଦ୍ର ବାହୁବଳେନ୍ଦ୍ର ପ୍ରମୁଖ ଉପସ୍ଥିତ ରହି ଉତ୍ସବ ସରସ ସୁନ୍ଦର କରିବା ଦିଗରେ ଆଲୋଚନା କରିଥିଲେ। ୭ ତାରିଖ ଏବଂ ୮ ତାରିଖ ଦୁଇ ଦିନ ଧରି ମନୋରଞ୍ଜନ କାର୍ଯ୍ୟକ୍ରମ ନିମନ୍ତେ ନିଷ୍ପତ୍ତି ହୋଇଛି।

### ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ସାଧାରଣ ବୈଠକ

**ପୁରୀ ଅଫିସ ୨।୧୧:** ପୁରୀ ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ଏକ ସାଧାରଣ ବୈଠକ ଅବକାଶ ଲେନ୍‌ସ୍ଥିତ ମା' ଭୁବନେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ବୈଠକରେ କାର୍ଯ୍ୟକାରୀ ସଭାପତି ପ୍ରଫେସର ଲକ୍ଷ୍ମୀଧର ମିଶ୍ର ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଂଗଠନର ପୂର୍ବତନ ସମ୍ପାଦକ ଉମାକାନ୍ତ ସାହୁଙ୍କ ବିୟୋଗରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ପେନସନ ଭୋଗୀ ଶିକ୍ଷକ କର୍ମଚାରୀଙ୍କୁ ଆନ୍ଧ୍ରପ୍ରଦେଶ ଓ ହିମାଚଳ ପ୍ରଦେଶ ସରକାର ସରକାରଙ୍କ ପରି ବର୍ଦ୍ଧିତ ପେନସନ ୬୫ବର୍ଷ, ୭୦ ବର୍ଷ ଓ ୭୨ ବର୍ଷରେ ଯଥାକ୍ରମେ ୫ ପ୍ରତିଶତ, ୧୦ ପ୍ରତିଶତ ଓ ୧୫ ପ୍ରତିଶତ ବର୍ଦ୍ଧିତ ନେସନ ପ୍ରଦାନ କରିବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ସାଧାସରଣ ସମ୍ପାଦକ ବିଶ୍ୱନାଥ ବେହେରା ଦାବି ଉପସ୍ଥାନ କରିଥିଲେ। ଦୁର୍ନିତି ନିବାରଣ ସପ୍ତାହରେ ଦୁର୍ନୀତିଗ୍ରସ୍ତ ସରକାରୀକର୍ମଚାରୀମାନେ ଧରାପଡ଼ି ଜେଲ ଯିବା ଦୁର୍ଭାଗ୍ୟଜନକ । ସେମାନଙ୍କୁ ତୁରନ୍ତ କାର୍ଯ୍ୟରୁ ବହିଷ୍କାର କରିବାକୁ ସଂଗଠନ ଦାବି ଉପସ୍ଥାପନ କରିଥିଲା। ଉତ୍କଳମଣି ଗୋପବନ୍ଧୁଙ୍କ ଜନ୍ମଭୂମୀର ଉନ୍ନତି କରଣ ପାଇଁ ରାଜ୍ୟ ସରକାର ଯଥେଷ୍ଟ ଧ୍ୟାନ ଦେଉଥିବାରୁ ସଭାରେ ଆନନ୍ଦ ପ୍ରକାଶ ପାଇଥିଲା। ହେଲେ ଦୀପାବଳିରେ ଜଳିଗଲା ଉତ୍କଳମଣିଙ୍କ ଷଠି ଘର । ଏହି ଷଠି ଘରକୁ ପକ୍କା କରାଯାଉ ବୋଲି ସମ୍ପାଦକ ବେହେରା ଦାବି କରିଥିଲେ। ପେନସନ ଭୋଗୀଙ୍କ ବକେୟା ପ୍ରାପ୍ୟ ଦେବାରେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଟାଳଟୁଳ ନୀତି କରୁଥିବାରୁ ସଭ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ବରିଷ୍ଠ ନାଗରିକଙ୍କୁ ପ୍ରାଥମିକତା ଦେଇ ସ୍ୱାସ୍ଥ୍ୟଜନିତ ଚିକିତ୍ସା କରିବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜିଲାପାଳଙ୍କ ସହ ଆଲୋଚନା କରାଯିବା ନେଇ ବୈଠକରେ ନିଷ୍ପତ୍ତି ହୋଇଥିଲା। ବୈଠକରେ ଅଦ୍ୱୈତ ଚରଣ ଧଳ, ପ୍ୟାରୀମୋହନ ପଟ୍ଟନାୟକ, ବଦ୍ରି ମିଶ୍ର, ଲକ୍ଷ୍ମୀଧର ମିଶ୍ର, ବ୍ରହ୍ମାନନ୍ଦ ଦାସ, ପୂର୍ଣ୍ଣଚନ୍ଦ୍ର ଭଞ୍ଜ, ସନ୍ତୋଷ କୁମାର ମହାନ୍ତି, ପ୍ରଭାସ ଚନ୍ଦ୍ର ମିଶ୍ର, ଅର୍ଜୁନ ପରମଗୁରୁ, ଲକ୍ଷ୍ମୀକାନ୍ତ ମିଶ୍ର, ସଦାଶିବ ମିଶ୍ର, ଆଶାଲତା ପ୍ରଧାନ, ଶିଖର ଚନ୍ଦ୍ର ବେହେରା, ମିନତୀ ଓଝା, ଅଙ୍କୁର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଗଣେଶ୍ୱର ମହାପାତ୍ର, ଅଭିରାମ ଜେନ ଓ ଦାଶରଥୀ ମହାପାତ୍ର ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ରମେଶ ଚନ୍ଦ୍ର ବଳିଆରସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ଅର୍ଚ୍ଚନାଙ୍କ ସମେତ ୪ଜଣଙ୍କ ନାଁରେ ଇଡିର ମାମଲା

**ଭୁବନେଶ୍ୱର,୨।୧୧(ବ୍ୟୁରୋ)**



- ଆର୍ଥିକ କାରବାରର ଗୁମର ଖୋଲିବ
- ବଡ଼ବଡ଼ିଆଙ୍କୁ ହୋଇପାରେ ନୋଟିସ

ରାଜନେତା, ଚଳଚ୍ଚିତ୍ର ପ୍ରଯୋଜକ, ବ୍ୟବସାୟୀ, ପ୍ରଶାସନିକ ଓ ପୋଲିସ ଅଧିକାରୀଙ୍କୁ ମାୟାଜାଲରେ ଫସାଇ ଟଙ୍କା ହଡ଼ପ କରିଥିବା ବହୁଚର୍ଚ୍ଚିତ ମହିଳା ବ୍ଲାକ୍‌ମେଲର ଅର୍ଚ୍ଚନା ନାଗ ଓ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦ ଏବେ ଝାରପଡ଼ା ଜେଲରେ ଥିବାବେଳେ ଏହି ମାମଲାକୁ ନେଇ ରାଜନୈତିକ ଆରୋପ ପ୍ରତ୍ୟାରୋପ ଲାଗି ରହିଛି। ଏପରି ସ୍ଥିତିରେ ଅର୍ଚ୍ଚନାଙ୍କ ସମେତ ୪ଜଣଙ୍କ ନାମରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମାମଲା ରୁଜୁ କରିବା ସହ ଆର୍ଥିକ କାରବାରର ବିଧିବଦ୍ଧ ତଦନ୍ତ ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ତେବେ ଇଡି ପକ୍ଷରୁ ମାମଲା ସଂକ୍ରାନ୍ତରେ ସ୍ପଷ୍ଟ କରାଯାଇ ନ ଥିଲେ ମଧ୍ୟ ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନାନୁସାରେ, ଏହି ମାମଲାରେ ଅର୍ଚ୍ଚନା, ଜଗବନ୍ଧୁଙ୍କ ସହ ସହଯୋଗୀ ଖଗେଶ୍ୱର ଏବଂ ଖଣ୍ଡଗିରି ମାମଲାରେ ପୀଡ଼ିତା ଥିବା ଶ୍ରଦ୍ଧାଞ୍ଜଳିଙ୍କ ନାଁ ଥିବା ଜଣାପଡ଼ିଛି। ବ୍ଲାକ୍‌ମେଲିଂ ମାଧ୍ୟମରେ ଅର୍ଚ୍ଚନା ଓ ଜଗବନ୍ଧୁ ଗତ ୫ବର୍ଷ ମଧ୍ୟରେ ୩୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ରୋଜଗାର କରିଥିବା କୁହାଯାଉଛି। ଇଡି ଏନେଇ ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟର ଆର୍ଥିକ ନେଣଦେଣ ସଂକ୍ରାନ୍ତରେ ମଧ୍ୟ ଅଧିକ ଯାଞ୍ଚ ଜାରି ରଖିଛି। ଅର୍ଚ୍ଚନାଙ୍କ ଆକାଉଣ୍ଟକୁ କିଏ ଟଙ୍କା ପଠାଉଥିଲେ, କେତେ ଟଙ୍କା ବ୍ୟାଙ୍କ ଆକାଉଣ୍ଟକୁ ଆସିଥିଲା, ନଗଦ ଅର୍ଥର କାରବାର କିଭଳି କରାଯାଉଥିଲା ଏସବୁ ଉତ୍ସ ସଂକ୍ରାନ୍ତରେ ଇଡି ଜାଣିବାକୁ ପାଇଛି। ତେବେ ଇଡି ପକ୍ଷରୁ ଜେଲରେ ଥିବା ଅର୍ଚ୍ଚନା ଓ ତାଙ୍କ ସ୍ୱାମୀ ଖୁବଶୀଘ୍ର ଜେରା ହୋଇପାରନ୍ତି ବୋଲି ସୂଚନା ମିଳିଛି। ବହୁ ବଡ଼ବଡ଼ିଆ ଲୋକ ଅର୍ଚ୍ଚନାଙ୍କୁ ସାହାଯ୍ୟ କରୁଥିଲେ। ଏପରିକି ତାଙ୍କୁ ମଧ୍ୟ ବହୁ ସମୟରେ ଆର୍ଥିକ ସାହଯୋଗ କରୁଥିଲେ। ତେଣୁ ସେମାନଙ୍କୁ ମଧ୍ୟ ପଚରାଉଚରା କରିବାକୁ ଇଡି ନୋଟିସ କରିବ। ଇଡି ମାମଲା ପରେ ଅର୍ଚ୍ଚନା ଓ ଅନ୍ୟ ଅଭିଯୁକ୍ତଙ୍କ ସମ୍ପର୍କରେ ଥିବା ବଡ଼ବଡ଼ିଆଙ୍କ ମଧ୍ୟରେ ଛନକା ପଶିଥିବା ଚର୍ଚ୍ଚା ହେଉଛି।

ସୂଚନା ଅନୁଯାୟୀ, ଅର୍ଚ୍ଚନା, ଜଗବନ୍ଧୁ ଓ ସହଯୋଗୀ ଖଗେଶ୍ୱରଙ୍କ ନାମରେ ଡରାଇବା, ବ୍ଲାକ୍‌ମେଲିଂ, ଦାଦାବଟି ଆଦାୟ ଆଦି ନେଇ ଖଣ୍ଡଗିରି ଥାନାରେ ଅଭିଯୋଗ ରହିଥିବାବେଳେ ପୋଲିସ ୧୬ଟି ଦଫାରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅପରପକ୍ଷରେ ଅର୍ଚ୍ଚନା ଓ ଶ୍ରଦ୍ଧାଞ୍ଜଳୀଙ୍କ ନାମରେ ନୟାପଲ୍ଲୀ ଥାନାରେ ୬ଟି ଦଫାରେ ମାମଲା ରୁଜୁ ହୋଇଛି। ତେବେ ଅର୍ଚ୍ଚନା ଓ ଜଗବନ୍ଧୁ ଜେଲ୍‌ରେ ଥିବାବେଳେ ପୋଲିସ ଏଯାଏ ଖଗେଶ୍ୱର ଓ ଶ୍ରଦ୍ଧାଞ୍ଜଳୀଙ୍କୁ ଏଯାବତ ଗିରଫ କରିନାହିଁ।



ପୁରୀ ଅର୍ବାନ ହାଟ ପରିସରରେ ହସ୍ତଶିଳ୍ପ ପ୍ରଦର୍ଶନୀ ମେଳାକୁ ଶିଳ୍ପୀ ଗୁରୁ ବନମାଳୀ ମହାପାତ୍ର ଫିତା କାଟି ଉଦ୍‌ଘାଟନ କରୁଛନ୍ତି।

# ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ

**ପୁରୀ ଅଫିସ, ୨।୧୧**

- ଦଶଦିନ ପର୍ଯ୍ୟନ୍ତ ଚାଲିବ
- ୫୦ ହସ୍ତଶିଳ୍ପ କାରିଗର ଭାଗ ନେଇଛନ୍ତି

ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନସ୍ଥ ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ. (ଉତ୍କଳିକା) ଦ୍ୱାରା ବିକାଶ ଆୟୁକ୍ତ (ହସ୍ତଶିଳ୍ପ), ନୂଆଦିଲ୍ଲୀ ଭାରତ ସରକାର ଓ ହସ୍ତଶିଳ୍ପ ନିର୍ଦ୍ଦେଶାଳୟର ଆର୍ଥିକ ସହାୟତାରେ ୧୦ଦିନ ବ୍ୟାପୀ ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ବୁଧବାରଠାରୁ ନୀଳାଚଳ ହାଟରେ ଆରମ୍ଭ ହୋଇଛି। ଏହି ପ୍ରଦର୍ଶନୀ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ରଘୁରାଜପୁରର ଶିଳ୍ପୀଗୁରୁ ବନମାଳି ମହାପାତ୍ର ଉତ୍ସବକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ନିର୍ଦ୍ଦେଶକ, ହସ୍ତଶିଳ୍ପ, ପୁରୀର ଶ୍ରୀକାନ୍ତ ଶ୍ରୀଚନ୍ଦନ, ହସ୍ତଶିଳ୍ପ ବିକାଶ ଅଧିକାରୀ ଶୁଭଜିତ କର୍ମକାର, ବିକାଶ ଆୟୁକ୍ତ (ହସ୍ତଶିଳ୍ପ) ଭୁବନେଶ୍ୱର, ପରିଚାଳକ, ଉତ୍କଳିକା ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ଓଡ଼ିଶାର ୧୨ଟି ଜିଲାରୁ ୫୦ ଜଣ ଶିଳ୍ପୀ ଓ ହସ୍ତଶିଳ୍ପ କାରିଗର ଭାଗ ନେଇ ସେମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ ପ୍ରଦର୍ଶନୀ କରିବା ସହ ବିକ୍ରୟ କରିବେ। ଯାଜପୁର, କେନ୍ଦୁଝର, ଖୋର୍ଦ୍ଧା, ପୁରୀ, ରାୟଗଡ଼ା, ସମ୍ବଲପୁର, ଗଞ୍ଜାମ, ଜଗତସିଂହପୁର, ବଲାଙ୍ଗୀର, ମୟୂରଭଞ୍ଜ, କଟକ ଓ ବାଲେଶ୍ୱର ଜିଲାରୁ ବିଭିନ୍ନ ପ୍ରକାରର ହସ୍ତଶିଳ୍ପ ଓ ହସ୍ତତନ୍ତ ଯଥା ପଥର ଖୋଦେଇ, କାଠ ଖୋଦେଇ, ସବାଇ ଘାସ, ଗୋଲ୍ଡେନ ଗ୍ରାସ ଶିଳ୍ପ, କଣ୍ଢେଇ, ଚାନ୍ଦୁଆ, ପଟ୍ଟଚିତ୍ର, ରୁପା ତାରକସି, ଆଦିବାସୀ ଜୁଏଲାରି, କତା ଶିଳ୍ପ, ତାଳପତ୍ର ଖୋଦେଇ, ଶାମୁକା, କାର୍ପେଟ, କଂସା ଓ ପିତ୍ତଳ, ଢୋକ୍ରା, ଟେରାକୋଟା ଭଳି ସାମଗ୍ରୀ ପ୍ରଦର୍ଶନ କରାଯିବ। ଏଥିରେ ଆନୁମାନିକ ୨୫ ଲକ୍ଷ ଟଙ୍କାର ବ୍ୟବସାୟ ଆକଳନ କରାଯାଉଛି।

# କୋର୍ଟରେ ଚାବି ଦାଖଲ କଲେ ବର୍ଷା

**କଟକ ଅଫିସ,୨।୧୧**

**ବର୍ଷା-ଅନୁଭବ ପାରିବାରିକ ବିବାଦ ମାମଲା**

- ପରିବାର ଅଦାଲତରେ ବର୍ଷାଙ୍କ ସାକ୍ଷ୍ୟ ଗ୍ରହଣ

କେନ୍ଦ୍ରାପଡା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ଓ ତାଙ୍କ ସ୍ତ୍ରୀ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ପାରିବାରିକ ବିବାଦ ମାମଲାର ଶୁଣାଣି କଟକ ପରିବାର ଅଦାଲତରେ ବୁଧବାର ହୋଇଛି। ଅନୁଭବଙ୍କ ପକ୍ଷରୁ ଓକିଲ ବର୍ଷାଙ୍କୁ ପ୍ରାୟ ଅଢ଼େଇ ଘଣ୍ଟା ଧରି ଜେରା କରିଥିଲେ। ବର୍ଷା ଜେରାର ସାମ୍ନା କରି ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ବର୍ଷାଙ୍କ ସାକ୍ଷ୍ୟ ଗ୍ରହଣ ଅସମାପ୍ତ ଥିବା ଜଣାପଡିଛି।

ସୂଚନାଯୋଗ୍ୟ, ପରିବାର ଅଦାଲତରେ ସୋମବାର ଅନୁଭବ ଓ ବର୍ଷା ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ। ପ୍ରାୟ ୨ ଘଣ୍ଟା ଧରି ବର୍ଷାଙ୍କ ସାକ୍ଷ୍ୟ ଗ୍ରହଣ ଚାଲିଥିଲା। ହେଲେ ଏହା ଅସମ୍ପୂର୍ଣ୍ଣ ରହିବାରୁ ବୁଧବାର ପୁଣି ବର୍ଷାଙ୍କ ସାକ୍ଷ୍ୟ ଗ୍ରହଣ ହେବ ବୋଲି ସ୍ଥିର ହୋଇଥିଲା। ତେବେ ସାକ୍ଷ୍ୟ ସତ୍ୟପାଠ ସହିତ ବର୍ଷା ଦାଖଲ କରିଥିବା କେତେକ ନଥିପତ୍ରକୁ ଅଦାଲତ ଗ୍ରହଣ ନ କରିବାକୁ ଅନୁଭବଙ୍କ ତରଫରୁ ଏକ ପିଟିଶନ ଦାଖଲ କରି ପ୍ରାର୍ଥନା କରାଯାଇଥିଲା। ଅନୁଭବଙ୍କ ସାକ୍ଷ୍ୟ ଗ୍ରହଣ ପୂର୍ବରୁ ଶେଷ ହୋଇଥିବାବେଳେ ବର୍ଷାଙ୍କ ସାକ୍ଷ୍ୟ ଗ୍ରହଣ ଚାଲିଛି। ଉଲ୍ଲେଖଯୋଗ୍ୟ, ଅନୁଭବ ଓ ବର୍ଷାଙ୍କ ମଧ୍ୟରେ ଆପୋସ ସମାଧାନ ପାଇଁ ପରିବାର ଅଦାଲତରେ ହୋଇଥିବା ଉଦ୍ୟମ ବିଫଳ ହୋଇଥିଲା। ପରେ ଅଦାଲତ ମାମଲାକୁ ଯଥାରୀତି ଆଗକୁ ବଢ଼ାଇଛନ୍ତି।

ସେହିପରି କଟକ ଏସ୍‌ଡିଜେଏମ୍ କୋର୍ଟରେ ବର୍ଷା ବୁଧବାର ଅନୁଭବଙ୍କ ଘରର ଚାବି ଫେରାଇଛନ୍ତି। ବର୍ଷା ଅନୁଭବଙ୍କ ଘର ଛାଡ଼ିବା ପରେ ଚାବି ଫେରାଉ ନ ଥିବା ନେଇ ଅନୁଭବଙ୍କ ପକ୍ଷରୁ ଏସ୍‌ଡିଜେଏମ୍ କୋର୍ଟରେ ପିଟିଶନ ଦାଖଲ କରାଯାଇଥିଲା। ଏସ୍‌ଡିଜେଏମ୍ କୋର୍ଟରେ ମାମଲାର ଶୁଣାଣି ହୋଇ ବର୍ଷା ଅନୁଭବଙ୍କ ଘର ଚାବି ତାଙ୍କୁ କିମ୍ବା ତାଙ୍କ ଓକିଲଙ୍କୁ ଫେରାଇବା ପାଇଁ ନିର୍ଦ୍ଦେଶ ଥିଲା। ଯଦି ଅନୁଭବ ଏହି ଚାବିକୁ ଗ୍ରହଣ ନ କରନ୍ତି ତା'ହେଲେ ବର୍ଷା କୋର୍ଟରେ ଦାଖଲ କରିବା ପାଇଁ ଏସ୍‌ଡିଜେଏମ୍ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ଅଦାଲତ ବର୍ଷାଙ୍କୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ସମୟ ଦେଇଥିଲେ।

## ଶ୍ରୀକ୍ଷେତ୍ରରେ ସୁଧୁରିଛି ପର୍ଯ୍ୟଟନ ଶିଳ୍ପ

### ଭଲ ବ୍ୟବସାୟ ନେଇ ହୋଟେଲ ମାଲିକ ଆଶାବାଦୀ

**ପୁରୀ ଅଫିସ ୨।୧୧**

ଦୁଇ ବର୍ଷର କୋଭିଡ କଟକଣା ହଟିବା ପରେ ପୁରୀକୁ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ହୋଟେଲ ବ୍ୟବସାୟ ଆସ୍ତେ ଆସ୍ତେ ସୁଧୁରିବାରେ ଲାଗିଛି । କୋଭିଡ କଟକଣା ହଟିବା ପରେ ଫେବୃୟାରୀ ମାସରୁ ପୁରୀକୁ ପର୍ଯ୍ୟଟକଙ୍କ ଆଗମନ ବଢ଼ିବାରେ ଲାଗିଛି। ତେବେ ଚଳିତ ବର୍ଷ ଶାରଦୀୟ ଦୁର୍ଗା ପୂଜା ପୁରୀକୁ ମାଆ ଦୁର୍ଗାଙ୍କ ଦର୍ଶନ କରିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ପର୍ଯ୍ୟଟକ ଆସିଥିଲେ। ଫଳରେ ପୁରୀରେ ଥିବା ହୋଟେଲ୍ ଗୁଡିକରେ ବୁକିଂ ବେଶ ଭଲ ରହିଥିଲା । ଯାହାକୁ ନେଇ ହୋଟେଲ୍ ବ୍ୟବସାୟୀ ବେଶ୍ ଖୁସି ପ୍ରକଟ କରିଥିଲେ। ସେହିପରି ପର୍ଯ୍ୟଟନ ଶିଳ୍ପ ସହ ଜଡିତ ଥିବା ବିଭିନ୍ନ ଛୋଟ ବଡ ବ୍ୟବସାୟୀମାନେ ଖୁସି ପ୍ରକଟ କରିଥିଲେ। ତେବେ ଆଗକୁ ପର୍ଯ୍ୟଟନ ଋତୁ ଆସୁଥିବାରୁ ହୋଟେଲ ବ୍ୟବସାୟୀଙ୍କଠାରୁ ଆରମ୍ଭ କରି ଅନ୍ୟ ବ୍ୟବସାୟୀମାନେ ଭଲ ରୋଜଗାର କରିବେ ବୋଲି ଆଶା ରଖିଛନ୍ତି। ସୂଚନାଯୋଗ୍ୟ, ଗତ ୨୦୧୯ରେ ପ୍ରଳୟଙ୍କରୀ ଫନି ବାତ୍ୟା ଏବଂ ୨୦୨୦-୨୧ ମସିହାରେ କୋଭିଡ କଟକଣା ହେତୁ ହୋଟେଲ୍ ବ୍ୟବସାୟୀ ବ୍ୟାପକ କ୍ଷତି ସହିଥିଲେ । ଚଳିତ ବର୍ଷ କୋଭିଡ କଟକଣା କୋହଳ ହେତୁ ପର୍ଯ୍ୟଟକଙ୍କ ଆଗମନ ଗତ ଫେବୃୟାରୀ ମାସରୁ ବଢ଼ିବାରେ ଲାଗିଛି। ଫଳରେ ହୋଟେଲ୍ ବ୍ୟବସାୟୀ ଏବେ ବେଶ୍ ଉତ୍ସାହିତ ଅଛନ୍ତି । ପୁରୀରେ ଛୋଟ ବଡ ହୋଟେଲ୍ ଓ ଲଜିଂକୁ ମିଶାଇଲେ ୮ଶହରୁ ଅଧିକ ହେବ । ଏହି କ୍ରମରେ ପୁରୀ ହୋଟେଲ୍ ଆସୋସିଏସନ୍ ଅଧୀନ ୧୬୦ଟି ବଡ଼ବଡ଼ ହୋଟେଲ୍ ରହିଛି । ତେବେ ପୁରୀକୁ ପର୍ଯ୍ୟଟକଙ୍କ ଆଗମନ ହେଲେ ହିଁ ପୁରୀ ସହରର ଅର୍ଥନୀତି ଓ ଲୋକଙ୍କ ଜୀବନ ଜୀବିକା ଗତିଶୀଳ ହୋଇପାରିବ। ସେହିପରି ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ, ବେଳାଭୂମି ସୌନ୍ଦର୍ଯ୍ୟକରଣ, ଶ୍ରୀମନ୍ଦିରରେ ଭକ୍ତଙ୍କୁ ଭଲ ବ୍ୟବହାର ଫଳରେ ଅଧିକରୁ ଅଧିକ ଭକ୍ତ ଓ ପର୍ଯ୍ୟଟକ ପୁରୀ ଆସୁଛନ୍ତି। ପୁରୀକୁ ପରିଷ୍କାର ପରିଚ୍ଛନ୍ନ ରଖିଲେ ଆହୁରି ଅଧିକ ପର୍ଯ୍ୟଟକ ଆସିବେ ଓ ପୁରୀ ସହର ଅର୍ଥନୀତି ସମୃଦ୍ଧ ହେବ ବୋଲି ବୃଦ୍ଧିଜୀବୀମାନେ ମତ ପୋଷଣ କରିଛନ୍ତି।

# ବେନୁପଡ଼ା ମଠରେ ଅଁଳା ନବମୀ, ମାତୃଶ୍ରାଦ୍ଧ



**ଡେଲାଙ୍ଗ,୨।୧୧(ଡି.ଏନ୍.ଏ.)**

ଅଁଳା ନବମୀ ଅବସରରେ ଡେଲାଙ୍ଗ ବ୍ଲକରେ ବେନୁପଡ଼ା ଗାଦିବ୍ରହ୍ମ ମଠରେ ବୁଧବାର ଭବିଷ୍ୟତ ମାଳିକା ରଚୟିତା ମହାପୁରୁଷ ବାଇଦାସଙ୍କ ମାତୃଶ୍ରାଦ୍ଧ ପାରମ୍ପରିକ ନୀତିରେ ଅନୁଷ୍ଠିତ ହୋଇଯାଇଛି। ଏଥିନେଇ ସକାଳ ୬ଟାରୁ ଶ୍ରଦ୍ଧାଳୁଙ୍କ ସମାଗମ ଲାଗିଛି। ମଠରେ ପାରମ୍ପରିକ ନୀତିକାନ୍ତି ସହ ହୋମ ଆଦି କରାଯାଇଥିଲା। ପ୍ରତ୍ୟୁଷରୁ ଦ୍ୱାରଫିଟା, ଆଳତି, ମଇଲମ, ସ୍ନାନ, ବାଳଭୋଗ, ପଖାଳଭୋଗ, ମଧାହ୍ନ ଭୋଗ, ସନ୍ଧ୍ୟା ଆଳତି ହୋଇଥିଲା। ପରେ ବଡ଼ ମହୋତ୍ସବ ନୀତି ମଧ୍ୟରେ ମଠର ଦଶ ଅଧିଷ୍ଠିତ ମହନ୍ତ ଶିଶିର ଦାସ ମହରାଜ ଦିବଂଗତ ବାଇଦାସଙ୍କ ମାତୃଶ୍ରାଦ୍ଧ ସମ୍ପନ୍ନ କରିଥିଲେ। ଓଡ଼ିଶାର ବିଭିନ୍ନ ଜିଲାରେ ବେନୁପଡ଼ା ମଠର ୭୫୨ଟି ଶାଖା ଗାଦି ରହିଛି। ମଠର ବଡ଼ ପର୍ବ ଅଁଳା ନବମୀରେ ଏହି ସବୁ ଗାଦିର ସନ୍ଥଙ୍କ ସହିତ ମାନସିକଧାରୀ ଶ୍ରଦ୍ଧାଳୁ ଆଖପାଖ ଗାଁର ଶତାଧିକ ସଂକୀର୍ତ୍ତନ ମଣ୍ଡଳୀ ପ୍ରମୁଖ ଗାଦି ପରିକ୍ରମା କରିଥିଲେ। ଆଖପାଖ ଗ୍ରାମର ଚାଷୀ ଚାଷଜମିକୁ ରୋଗପୋକରୁ ରକ୍ଷା କରିବା ପାଇଁ ଏହି ମଠର ଗାଦି ପୀଠର ବିଭୂତି ନେଇଥାନ୍ତି। ବିଲରେ ଉତ୍ପାଦିତ ପ୍ରଥମ ଫଳକୁ ଚାଷୀ ଗାଦି ପୀଠକୁ ପଠାଇଥାନ୍ତି।

# ପଦଯାତ୍ରାରେ ବିକାଶକୁ ପ୍ରାଧାନ୍ୟ

**ଅସ୍ତରଙ୍ଗ,୨।୧୧ (ଡି.ଏନ୍.ଏ.)**

ଅସ୍ତରଙ୍ଗ ବ୍ଲକରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ବୁଧବାର ହୋଇଯାଇଛି। ସୁରେନ୍ଦ୍ର ନାୟକଙ୍କ ବାସଭବନରୁ ଏହି ପଦଯାତ୍ରା ବାହାରି କୁହୁଡିସ୍ଥିତ ମହାତ୍ମାଗାନ୍ଧୀଙ୍କ ସ୍ମୃତିପୀଠରେ ପହଞ୍ଚି ଗାନ୍ଧୀ ଓ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିରେ ବହୁ ମହିଳା ସଂଗଠନ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ ଓ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ। ୨୦୨୪ ସାଧାରଣ ନିର୍ବାଚନ ପାଇଁ ବିଜେଡି ଏବେ ସ୍ୱଚ୍ଛତା ଓ ବିକାଶକୁ ପ୍ରାଧାନ୍ୟ ଦେଉଛି। ନବୀନଙ୍କ ଦିଲୀ ଜୀବନବ୍ୟାପୀ ସାଧନା ସମ୍ମାନକୁ ନେଇ କର୍ମୀ ଓ ନେତାମାନେ ଏବେ ବେଶ ଉତ୍ସାହିତ ଅଛନ୍ତି। ଅନେକ ସ୍ଥଳରେ ଦଳ ସୁଦୃଢ ହେଉଥିବାରୁ ତାହା ନବୀନଙ୍କ ନେତୃତ୍ୱ ପ୍ରତି ବଳ ଯୋଗାଉଛି। ମନ୍ତ୍ରୀ ବେହେରା, ଜିଲା ପରିଷଦ ଉପାଦକ୍ଷ ତଥା ବିଜେଡି ସାଧାରଣ ସମ୍ପାଦକ ସ୍ୱାଧୀନ ନାୟକ ପ୍ରମୁଖ ପଞ୍ଚାୟତଗ୍ରସ୍ତ କରି ବିଭିନ୍ନ ସମସ୍ୟାର ସମାଧାନ ନେଇ ଅଗ୍ରସର ହେଉଛନ୍ତି। ସୁର ନାୟକଙ୍କ ଅତୀତ ରାଜନୀତିର ରଣକୌଶଳକୁ ଆପଣେଇ ମନ୍ତ୍ରୀ ବେହେରା ଆଉ ଉପାଧ୍ୟକ୍ଷ ସ୍ୱାଧୀନ ଚତୁରତାର କାର୍ଯ୍ୟ ଜାରି ରଖିଛନ୍ତି। ନବୀନଙ୍କ ସଫଳତାର ଶ୍ରେୟକୁ ପଦଯାତ୍ରା ମାଧ୍ୟମରେ ପଞ୍ଚାୟତସ୍ତରରେ ଜିଲା ପରିଷଦ ସଭ୍ୟା, ସରପଞ୍ଚ, ସମିତି ସଭ୍ୟାସଭ୍ୟ, ୱାର୍ଡ ସଭ୍ୟାସଭ୍ୟଙ୍କ ସହିତ ଯୋଡିହୋଇ ଦଳୀୟ ପରାମର୍ଶ ଦେଉଛନ୍ତି। ଏଥିରେ ମହିଳାଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ପାଇଁ ଦାୟିତ୍ୱ ଦିଆଯାଉଛି। ଜିଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ସମବାୟ ବ୍ୟାଙ୍କ ସଭ୍ୟ କୁଞ୍ଜ ବିହାରୀ ପ୍ରଧାନ, ବିଜେଡି ବ୍ଲକ ସଭାପତି କେଦାରନାଥ ବିଶ୍ୱାଳ, ସମିତି ସଭ୍ୟା ମନ୍ଦାକିନୀ ଛାଟୋଇ, ଆରତୀ କାଣ୍ଡି ପ୍ରମୁଖ ପଦ ଯାତ୍ରାରେ ସାମିଲ ଥିଲେ।




ଜନ ସମ୍ପର୍କ ପଦଯାତ୍ରାରେ ସାମିଲ ହୋଇଥିବା ବିଜେଡି ନେତା ଓ କର୍ମୀ।

# ଯୋଗକ୍ରିୟା ଦ୍ୱାରା ବହୁ ରୋଗ ଉପଶମ ହୋଇପାରିବ

**ପୁରୀ ଅଫିସ ୨।୧୧**

ଆଖଣ୍ଡଳମଣି ଯୋଗଶିକ୍ଷା କେନ୍ଦ୍ର ପକ୍ଷରୁ ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣରେ ବୁଧବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଯୋଗକ୍ରିୟା ଅଭ୍ୟାସ ଦ୍ୱାରା ବହୁ ରୋଗ ଭଲ ହୋଇପାରିବ ବୋଲି ଏଥିରେ ମତ ପ୍ରକାଶ ପାଇଛି। ଡାଇବେଟିସ, ଉଚ୍ଚରକ୍ତଚାପ, ପିଠି ଯନ୍ତ୍ରଣା, ଶ୍ୱାସ ହୃଦଜନିତ ସମସ୍ୟା, ରୋଗ ପ୍ରତିରୋଧକ ଶକ୍ତି, ମେରୁଦଣ୍ଡ ଜନିତ ସମସ୍ୟା, ଆଲର୍ଜି, ଉଦର ଜନିତ ସମସ୍ୟା, କଫ ଅସନ୍ତୁଳିତା ଦୂର, ମୋଟାପଣ ସମ୍ପର୍କ ଏଥିରେ ଯୋଗଗୁରୁ ମନୋଜ କୁମାର ନାୟକ ଯୋଗ ଶିକ୍ଷା ଗ୍ରହଣ କରୁଥିବା ଶିକ୍ଷାର୍ଥୀଙ୍କୁ ଯୋଗର ସଫଳ ପ୍ରକ୍ରିୟା ସମ୍ପର୍କରେ ଅନେକ ତଥ୍ୟ ପ୍ରଦାନ କରିଥିଲେ।




ଶ୍ରୀକ୍ଷେତ୍ର ଓଡ଼ିଶୀ ସଙ୍ଗୀତ ବିକାଶ ପରିଷଦ ପକ୍ଷରୁ ଅନୁଷ୍ଠିତ ଭଜନ ସମ୍ରାଟ ଭିକାରୀ ବଳଙ୍କ ସ୍ମୃତି ସନ୍ଧ୍ୟା ଅବସରରେ ସଙ୍ଗୀତକାରମାନେ ଭଜନ ପରିବେଷଣ କରୁଛନ୍ତି।

# ଫସଲ ବୀମାରୁ ବଞ୍ଚିତ ଶତାଧିକ କୃଷକ

**କୋଣାର୍କ,୨।୧୧(ଡି.ଏନ୍.ଏ.)**

**ସେବା ସମବାୟ ସମିତି କାର୍ଯ୍ୟାଳୟ କାର୍ଯ୍ୟକ୍ଷମ କରାଯାଉ**

କୋଣାର୍କ ଥାନା ଅଧୀନ କାଦୁଆ ନୂଆଗାଁ ପଞ୍ଚାୟତ ସନ୍ତରସ ଗ୍ରାମର ସେବା ସମବାୟ ସମିତି କାର୍ଯ୍ୟାଳୟ ପୂର୍ବପରି ଗ୍ରାମରେ କାର୍ଯ୍ୟକାରୀ କରିବାକୁ ସମିତିର କୃଷକ ଓ ପଞ୍ଚାୟତର କୃଷକ ସମୂହଙ୍କ ପକ୍ଷରୁ ଦାବି ହେଉଛି।

ସୂଚନା ମୁତାବକ, କାଦୁଆ ନୂଆଗାଁ ପଞ୍ଚାୟତ ସନ୍ତରସ, ଉପୁଳା, କୋଟାଙ୍ଗ, ନାଉବାଲି, କଳମ ଓ କଳମପାଟ ସମେତ ଅନ୍ୟ କେତେକ ଗ୍ରାମକୁ ନେଇ ଗଠିତ। ଏହାର ସମବାୟ ସମିତି କାର୍ଯ୍ୟାଳୟ ପ୍ରଥମରୁ ସନ୍ତରସ ଗ୍ରାମଠାରେ କାର୍ଯ୍ୟ କରୁଛି। ବର୍ତ୍ତମାନର ଭାରପ୍ରାପ୍ତ ସମ୍ପାଦକ ଗ୍ରାମ ବଦଳରେ ଇନ୍ଦିରାବଜାରଠାରେ ଅଫିସ କରି କାର୍ଯ୍ୟ କରୁଛନ୍ତି। ଏଥିରେ କୃଷକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସମିତିର ସ୍ଥାୟୀ ଜାଗା ଥିବାବେଳେ ଭାରପ୍ରାପ୍ତ ସମ୍ପାଦକ ଅନ୍ୟତ୍ର ଅଫିସ୍ କରିବା ଫଳରେ ପୂର୍ବ ଅଫିସ ଗୃହ ଏବେ ସେମିତି ପଡିରହିଛି। ସେହି ଜାଗାକୁ ଗ୍ରାମର ଜଣେ ବ୍ୟକ୍ତି ଜବରଦଖଲ କରି ନିଜ କାର୍ଯ୍ୟରେ ବିନିଯୋଗ କରୁଥିବା ଦେଖିବାକୁ ମିଳିଛି। ସମିତିର ଅଧିକାଂଶ କୃଷକଙ୍କୁ ଫସଲ ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ସମିତିର ସମ୍ପାଦକ ଅର୍ଥ ନେଇ ବୀମା ପାଇଁ ଅର୍ଥ ଆଦାୟ କରିଥିଲେ। ତେବେ ସେ ଅର୍ଥକୁ ବୀମା କମ୍ପାନୀରେ ପୈଠ ନ କରିବାରୁ ୨୦୨୧-୨୨ ଫସଲ ବୀମାରେ ମିଳିବାକୁ ଥିବା କ୍ଷୟକ୍ଷତି ବାବଦ ଅର୍ଥ ପାଇବାରେ ଶତାଧିକ କୃଷକ ବଞ୍ଚିତ ହୋଇଥିବା କୃଷକ ନେତା ଚନ୍ଦ୍ରଶେଖର ମହାରଣାଙ୍କ ସହ ଅନେକ ଚାଷୀ ଅଭିଯୋଗ କରିଛନ୍ତି। ସମ୍ପାଦକଙ୍କ ଏପରି ଖାମଖିଆଲ ନୀତି ଯୋଗୁଁ ସେମାନେ ବୀମା ରାଶି ପାଇବାରୁ ବଞ୍ଚିତ ହୋଇଥିବା କୃଷକମାନେ ଏନେଇ ତଦନ୍ତ ଦାବି କରୁଛନ୍ତି। ପୂର୍ବ ସ୍ଥାନରେ ଥିବା ସମିତିର କାର୍ଯ୍ୟାଳୟକୁ ଚଲାଇବା ସହ ସମିତି ଜାଗା ଜବରଦଖଲ ଉଚ୍ଛେଦ କରି ବୀମା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ। ଏଥିପାଇଁ ସମିତିର କୃଷକଙ୍କ ସମେତ କାଦୁଆ ନୂଆଗାଁ ପଞ୍ଚାୟତର କୃଷକଙ୍କ ପକ୍ଷରୁ ରାଜ୍ୟ ମୁଖ୍ୟମନ୍ତ୍ରୀ, ରାଜ୍ୟ ସମବାୟ ମନ୍ତ୍ରୀ, ରାଜ୍ୟ ସମବାୟ ରେଜିଷ୍ଟ୍ରର, ପୁରୀ ଜିଲାପାଳ ଓ ଜିଲା ସମବାୟ ନିବନ୍ଧକ ଦୃଷ୍ଟି ଦେବାକୁ ଦାବି କରିଛନ୍ତି। ସମିତିର କୃଷକ ନରେନ୍ଦ୍ର ସ୍ୱାଇଁଙ୍କୁ ପଚାରିବାରେ, ଗ୍ରାମଠାରେ ଥିବା ସମିତିର ଜାଗା ଜବରଦଖଲ ଉଚ୍ଛେଦ କରିବା ସହ ଉକ୍ତ ଗ୍ରାମରେ ସମବାୟ ବିଭାଗ ପକ୍ଷରୁ ନୂତନ କାର୍ଯ୍ୟାଳୟ ନିର୍ମାଣ ପାଇଁ ପୁରୀ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ କାକଟପୁର ବ୍ଲକ ସମବାୟ ସମ୍ପ୍ରସାରଣ ଅଧିକାରୀ ସୁକାନ୍ତ ଖୁଣ୍ଟିଆଙ୍କୁ ପଚାରିବାରେ, ଚାଷୀଙ୍କ ଅଭିଯୋଗ ଆଧାରରେ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ଜିଲା ସମବାୟ ନିବନ୍ଧକ ଓ ଉପ ନିବନ୍ଧକଙ୍କୁ ଅବଗତ କରାଯିବ ବୋଲି ସେ କହିଛନ୍ତି।